ପ୍ରଥମ ବର୍ଷ ଶରତ୍ ସଂଖ୍ୟା ୧୩୩୪ ସାଲ




ରାୟ ବାହାଦୁର ରାଜକିଶୋର ଦାସ—ସଂପାଦକ

Digitized by srujanika@gmail.com

ଉତ୍କଳର ସୁବିଖ୍ୟାତ ଓ ବିଶ୍ୱାସୀ ସୁନାରୁପା ବ୍ୟବସାୟୀ






# ବାଉରଚାନ୍ଦ ଏଣ୍ଡ କମ୍ପାନୀ ।

ନୟାସଡ଼କ—କଟକ





ସୁନା ରୂପାର ଯାବତୀୟ ଅଳଂକାର, ଜଡ଼ଉ, ପାଲିସ ଓ କଟକର ପ୍ରସିଦ୍ଧ ତାରକସୀ କାମ ସୁଲଭ ମୂଲ୍ୟରେ ଏଠାରେ ସର୍ବଦା ପ୍ରସ୍ତୁତଥାଏ । ମୋଫସଲର ଅର୍ଡର ଅତି ଯତ୍ନରେ ଓ ଶୀଘ୍ର ପ୍ରସ୍ତୁତ କରି ପଠାଯାଏ ।

ଗହଣା ପସନ୍ଦ ନୋହିଲେ ଫେରସ୍ତ ନେଉଁ, ଏହା ଆମ୍ଭ ଦୋକାନର ବିଶେଷତ୍ୱ ।



1 2 3

ଉତ୍କଳର ଅନେକ ରାଜା, ମହାରାଜା, ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ପ୍ରଶଂସାପ୍ରାପ୍ତ ଏବଂ ଭାରତୀୟ ପ୍ରଦର୍ଶନୀମାନଙ୍କରୁ ସୁପାରସ ପ୍ରାପ୍ତ ।

ସଚିତ୍ର ମୂଲ୍ୟ ତାଲିକା ପାଇଁ ଶୀଘ୍ର ପତ୍ର ଲେଖନ୍ତୁ ।

ମୁଦ୍ରାକର—ଶ୍ରୀ ବ୍ରଜକିଶୋର ମହାନ୍ତି
କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ
କଟକ—୧୯୨୭

ପ୍ରକାଶକ—ଶ୍ରୀ ଧନକିଶୋର ମହାପାତ୍ର
ବାରୁଣୀମନ୍ଦିର, ବାଙ୍କାବଜାର
କଟକ—୧୯୨୭

Digitized by srujanika@gmail.com

# ଏ, ସୋମଶେଖରମ୍

ଏଣ୍ଡ ସନ୍ସ

ଚୌଧୁରୀବଜାର—କଟକ

ଦେଶୀଲୁଗା ବିକ୍ରେତା ଓ ପ୍ରସ୍ତୁତକାରକ, ମାନ୍ଦ୍ରାଜ, ସେଲମ, ଓଗାଣ୍ଡୁ, ମଦୁରା, ଗୋଦାବରୀ, ବ୍ରହ୍ମପୁରୀ ଧୋତି, ଶାଢ଼ୀମାନ ଅନ୍ୟ କେଉଁଠି ଏତେ ଶସ୍ତା ଓ ସୁବିଧାରେ ମିଳେନାହିଁ । କାରଣ ଆମର ନିଜର କଳ କାରଖାନା ଅଛି ।

ଉତ୍କଳର ମହାରାଜା, ରାଜା, ଜମିଦାରମାନଙ୍କର ପାଟ ପାଟଣୀ, ବନାତ, ବୃନ୍ଦ ଆଦରରେ ଠିକାନେଇ ଆମ୍ଭେମାନେ ବହୁକାଳରୁ ପ୍ରଶଂସା ପାଇ ଆସୁଛୁ ।

## ଖଦଡ଼ ଶାଢ଼ୀ, ଧୋତି, ଚଦର, ଗାମୁଛା

ଆମ୍ଭ ଦୋକାନ ଭଳି କେଉଁଠି ଶସ୍ତା ମିଳେନାହିଁ । ମଫସଲର ଅର୍ଡରମାନ ଶୀଘ୍ର ଯତ୍ନରେ ପଠାଯାଇଥାଏ । ଥରେ ପରୀକ୍ଷା ପ୍ରାର୍ଥନୀୟ ।

---

କବିରାଜ—ହରେକୃଷ୍ଣ ଦାସଙ୍କର

# ଆତୁର ସହାୟ ଔଷଧାଳୟ

ଚୌଧୁରୀବଜାର—କଟକ

ପ୍ରତ୍ୟକ୍ଷ ଫଳପ୍ରଦ ଶାସ୍ତ୍ରୀୟ ଔଷଧମାନ ଦୃଷ୍ଟିମାନଙ୍କରେ ଏବଂ ସଂଶୋଧ ଭାବରେ ବାରମ୍ବାର ପ୍ରସ୍ତୁତ କରି ଆମ୍ଭ ଔଷଧମାନଙ୍କର ଯେ ପ୍ରକାର ବିଶିଷ୍ଟତା ଜନ୍ମିଅଛି ତାହା ଅନ୍ୟ କୁତ୍ରାପି ସୁଦୁର୍ଲ୍ଲଭ । ଅର୍ଥାତ୍ ଆତୁର ସହାୟ ଔଷଧାଳୟର ଔଷଧ ପ୍ରସ୍ତୁତ ପ୍ରଣାଳୀ, ପାକ ପ୍ରଣାଳୀ, ଆସ୍ୱାଦନ ବିଶିଷ୍ଟତା ଓ ଉପକାରିତା ଅନନ୍ୟ ସାଧାରଣ ।

# ମ୍ୟାଲେରିୟାର ସର୍ବଶ୍ରେଷ୍ଠ ଔଷଧ

ଯକୃତ୍ ଓ ପ୍ଲୀହା ସଂଯୁକ୍ତ ସର୍ବପ୍ରକାର ଜ୍ୱର, ଏ ଛଡ଼ା ଚରକ ଓ ସୁଶ୍ରୁତ ଶାସ୍ତ୍ରାନୁମୋଦିତ ସବୁ ବଟୀ ରସ, ମୋଦକ, ବଟିକା ଅବଲେହ ଓ ଉପାଦ ସର୍ବଦା ଅତି ସୁଲଭ ମୂଲ୍ୟରେ ଆମ୍ଭଠାରେ ବିକ୍ରୟପାଇଁ ବହୁଳ ପରିମାଣରେ ପ୍ରସ୍ତୁତ ଥାଏ ।

ଥରେ ମାତ୍ର ପରୀକ୍ଷା ପ୍ରାର୍ଥନୀୟ ।


Digitized by srujanika@gmail.com

# ବିଷୟ ସୂଚୀ


୧ । ମାୟାପୁରୀ ସୁନାକାଠି ଛୋଇଁଦେଲା କିଏ ରେ—
ଶ୍ରୀ ନିକୁଞ୍ଜକିଶୋର ଦାସ ବି, ଏ, ୪୧୫

୨ । ଋକ୍‌ବେଦରେ ଅର୍ଘ—
ଶ୍ରୀ ଲକ୍ଷ୍ମୀକାନ୍ତ କେଶରୀ ବି, ଏ, ୪୧୭

୩ । ଦରିଆପାରି—
ବିଚିତ୍ର ଜାପାନ—ଶ୍ରୀ ବଂଶୀଧର ଦାସ ବି, ଏ, ୪୨୨

୪ । କବିତାରେ ବିଷୟ ବସ୍ତୁ—
ଶ୍ରୀ ଗୋବିନ୍ଦ ତ୍ରିପାଠୀ ଏମ୍ ଏ ୪୩୧

୫ । ସେ ମଣି ବିନା ଜୀବନ ସିନା ବିଫଳ—
ଶ୍ରୀ ଶରତ୍‌ଚନ୍ଦ୍ର ମୁଖୋପାଧ୍ୟାୟ ବି ଏ ୪୩୪

୬ । ଇତିହାସର ପ୍ରତିଷ୍ଠା—
ଶ୍ରୀ ନୃସିଂହ ମହାନ୍ତି ବି, ଏ

୭ । ମଲଜହ୍ନ ( ଉପନ୍ୟାସ )—
ଉପେନ୍ଦ୍ରକିଶୋର ଦାସ ୪୩୮

୮ । ବିରହେ ( ପଦ୍ୟ )—
କୁମାର ଶ୍ରୀ ନିତ୍ୟାନନ୍ଦ ସାମନ୍ତ ପଟ୍ଟନାୟକ ୪୪୫

୯ । କୃଷିକ୍ଷେତ୍ର—
ପୁଷ୍ପର ବର୍ଣ୍ଣ—ଉତ୍ପାଦକ ୪୪୬

୧୦ । ମିଳନପଥେ ( ପଦ୍ୟ )—
ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ ବି, ଏ ୪୫୧

୧୧ । ମଣି ଆହରଣ—
ଯାଜପୁର—ଶ୍ରୀ କରୁଣାକର କର ଏମ୍ ଏ, ୪୫୨

୧୨ । ବର୍ଷା ସନ୍ଧ୍ୟା—ଶ୍ରୀ — ୪୫୮

୧୩ । ବର୍ଣ୍ଣବୈଚିତ୍ର୍ୟ—
ଲୋକମାନେ କ'ଣ ଶୁଙ୍ଘି ପାରନ୍ତି ? ୪୬୨

୧୪ । ସ୍ନେହଲତା (ପଦ୍ୟ)—ଶ୍ରୀ କୃଷ୍ଣଚନ୍ଦ୍ର କର ୪୬୫

୧୫ । ଧର୍ମସଭା—
ପୁରାଣ ପ୍ରସଙ୍ଗ—ରାମଚନ୍ଦ୍ର ଅଗ୍ରଘି ବି,ଏ ୪୬୭

୧୬ । ସ୍ୱପ୍ନ—ଶ୍ରୀ ଗୋଲୋକନାଥ ମହାପାତ୍ର ୪୭୦

୧୭ । କାଚ ଓ କାଞ୍ଚନ—ସାବୁନ ତିଆରି ୪୭୬

୧୮ । ସହଯୋଗ ବା ସମବାୟ ସମିତିର ଉଦ୍ଦେଶ୍ୟ—
ଶ୍ରୀ ଶରତ୍‌ଚନ୍ଦ୍ର ଘୋଷ ୪୮୦

୧୯ । ଶିଳ୍ପ ସଙ୍କେତ—ଶ୍ରୀ ହାଡ଼ୀବନ୍ଧୁ ବେହେରା ୪୮୩

୨୦ । ପ୍ରତିବିମ୍ବ—
୧—ସାଇକଲ ଷ୍ଟାଣ୍ଡ ୪୮୪
୨—ବୃହତ୍‌ପୁଚ୍ଛ କୁକ୍କୁଟ ୪୮୫
୩—ବିଦ୍ୟୁତ୍‌ଚାଳିତ ଜାହାଜ
୪—ବିହଙ୍ଗଦେହର ବର୍ଣ୍ଣବୈଚିତ୍ର୍ୟ ,,
୫—ପୃଥିବୀରେ ବୃହତ୍ତମ ମୁଦ୍ରାଯନ୍ତ୍ର ୪୮୬
୬—କାଚ ଯୁଗ

୨୧ । ରଙ୍ଗମଞ୍ଚ—
ସିଦ୍ଧାର୍ଥ—ଶ୍ରୀ ନିକୁଞ୍ଜକିଶୋର ଦାସ ବି, ଏ ୪୮୭

୨୨ । ସାପ ଓ ତାହାର ବିଷ—ଶ୍ରୀ କୃଷ୍ଣ ମହାନ୍ତି ୪୯…

୨୩ । ବିନିମୟ—
୧—ଜିଜ୍ଞାସା ୪୯୯
୨—ମୀମାଂସା

୨୪ । ବଡ଼ ସାନ ( ଉପନ୍ୟାସ )
ଶ୍ରୀ ବୈଷ୍ଣବଚରଣ ଦାସ ବି, ଏ ୫୦୦

୨୫ । କଲିକତିଆ ଭାଇ— ୫୦୫

୨୬ । ଶେଷରକ୍ଷା ( ଗଳ୍ପ )—
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ବି, ଏ ୫୦୬

୨୭ । ସପ୍ତସ୍ୱର—
ପକ୍ଷୀସଙ୍ଗୀତ—କୃଷ୍ଣପ୍ରସାଦ ବସୁ ୫୧୧

୨୮ । ରୁଚିଅଣୀ କାଲି—
ପୁସ୍ତକ ପରିଚୟ ୫୧୫

୨୯ । ଚିତ୍ର ପରିଚୟ ୫୧୬


Digitized by srujanika@gmail.com

# ଚିତ୍ର ସୂଚୀ


| | | |
|---|---|---|
| ୧ । | ତ୍ରିବର୍ଣ୍ଣଚିତ୍ର ( ଫୁଲରସ୍ୱପ୍ନ )— ଶିଳ୍ପୀ-ଶ୍ରୀ ଉପେନ୍ଦ୍ରକିଶୋର ଦାସ | |
| ୨ । | ୟାୱାଟା ଲୁହା କାରଖାନାର ବହିଃଚିତ୍ର | ୪୨୨ |
| ୩ । | ଓସାକା ଟେସର ଶିଳ୍ପ | ୪୨୩ |
| ୪ । | ନୂଆବର୍ଷ ଆରମ୍ଭରେ······ସମସ୍ତେ କାଟନ୍ତି | ୪୨୪ |
| ୫ । | ବର୍ଷର ପ୍ରଥମ ଦିନରେ······ମାତିଛନ୍ତି | ୪୨୫ |
| ୬ । | ଯାପାନୀ ତରୁଣୀର ପୁଷ୍ପୋପହାର ସଜ୍ଜା | ୪୨୬ |
| ୭ । | ଇନୋ ଉଦ୍ୟାନର ଦୃଶ୍ୟ | ୪୨୭ |
| ୮ । | ଯାପାନର ବସ୍ତ୍ରକେନ୍ଦ୍ର ଓଶାକାର ଗୋଟିଏ ଲୁଗାକଲର ଆଂଶିକଦୃଶ୍ୟ | ୪୨୮ |
| ୯ । | ଯାପାନର ଡିନାମାଇଟ କାରଖାନାର | ୪୨୮ |
| ୧୦ । | ଟୋକିଓର ବିଶ୍ୱବିଖ୍ୟାତ ଧାନୁଷ୍ଟ ମଣ୍ଡଳ | ୪୨୯ |
| ୧୧ । | 'ଗୃ' ନଗିଗୃରେ କର୍ମବ୍ୟାପୃତ କୁଲି | |
| ୧୨ । | ଜାପାନୀ ମଲ୍ଲଯୁଦ୍ଧ | ୪୩୦ |
| ୧୩ । | ପତଙ୍ଗ ବିଶ୍ରମ୍ଭାଳାପ | ୪୬୩ |
| ୧୪ । | ଏହି ପ୍ରଜାପତିଟି······ନେଉନାହିଁ | ୪୬୪ |
| ୧୫ । | ସେ ଶୁଣିପାରୁଛି······ | ୪୬୫ |
| ୧୬ । | ସାଇକଲ ଷ୍ଟାଣ୍ଡ ରହିବାବେଳର ଅବସ୍ଥା | ୪୮୪ |
| ୧୭ । | ସାଇକଲ ଷ୍ଟାଣ୍ଡ ଚଳିଲବେଳର ଅବସ୍ଥା | |
| ୧୮ । | ଜାପାନର 'କୋଚି' ନାମକ ଦୀର୍ଘପୁଚ୍ଛ କୁକ୍କୁଟ | ୪୮୫ |
| ୧୯ । | ପୃଥିବୀରେ ବୃହତ୍ତମ ମୁଦ୍ରାଯନ୍ତ୍ର | ୪୮୬ |
| ୨୦ । | ସାପର ମୁଣ୍ଡ | ୪୯୫ |
| ୨୧ । | ବିଷଦାନ୍ତ | |
| ୨୨ । | ଭାଇପରିଡ଼ ଜାତୀୟ ସାପର ମୁଣ୍ଡ } ବିଷଧର ସାପର ମୁହଁପାଖ କାତି } | " |
| ୨୩ । | ନାଗ ବା ଗୋଖର ମୁଣ୍ଡକାତି } ନାଗ ଜାତୀୟ ସାପର ଫଣା } | ୪୯୬ |
| ୨୪ । | ବିଷଧର ସର୍ପର ପିଠିଉପର କାତି | |
| ୨୫ । | ବିଷଧର ସାପର କାତି } ନିର୍ବିଷ ସାପର କାତି } ନିର୍ବିଷ ସାପର କାତି } | " |
| ୨୬ । | କଲିକତିଆ ଭାଇ—ବିଦେଶରେ | ୫୦୫ |
| | ସ୍ୱଦେଶରେ | ୫୦୬ |



Digitized by srujanika@gmail.com

# THE SUN OPTICAL Co.

**Opthalmic opticians and Dealers in all sorts of**

**optical and scientfic instruments.**

24/1 CORNWALIS STREET, CALCUTTA.



**All requirements**

In Scientifically fit Smart Style Eyeglasses, Opera glasses, field glasses, microscopes and other Scientific instruments.

**Are promptly supplied**

And we stand guarantee for the Scientific accuracy of Specified qualities of Goods made or supplied by us

**For the right thing at the right price Come to us.**

---

ବିଖ୍ୟାତନାମା **ଶ୍ରୀ ବାଳୁକେଶ୍ୱର ଆଚାର୍ଯ୍ୟ** ଭିଷକ୍‌ରତ୍ନ

ଅଲମଚନ୍ଦ ବଜାର, କଟକ

ବର୍ତ୍ତମାନ ଉତ୍କଳ କଂଗ୍ରେସ କର୍ମ୍ମୀ ଶ୍ରୀ ଗୋପବନ୍ଧୁ ଦାଶ ବି, ଏଲ୍ କହନ୍ତି—ଚିକିତ୍ସା ତାଙ୍କର କେବଳ ଜୀବନୋପାୟ ବ୍ୟବସାୟ ନୁହେ । ଏହାଦ୍ୱାରା ଯେ ମାନବର ଅଶେଷ ହିତ କରାଯାଇପାରେ ଏହି ଜ୍ଞାନରକ୍ଷି ସେ ରୋଗୀମାନଙ୍କର ଚିକିତ୍ସା କରଥାନ୍ତି । ଯେଉଁମାନେ ତାଙ୍କର ଚିକିତ୍ସାର ସୁଯୋଗ ଥରେ ପାଇଛନ୍ତି ତାଙ୍କୁ କେବେ ଛାଡ଼ି ପାରିବେନାହିଁ । ଇତି । ୧୦—୭—୧୯

ଶ୍ରୀଯୁକ୍ତ ରାଜକିଶୋର ଦାସ, ରାଏବାହାଦୂର କହନ୍ତି—ସେ ରୋଗ ନିର୍ଣ୍ଣୟ କରିବା ବିଷୟ, ସାବଧାନ ଓ ଯତ୍ନବାନ ଏବଂ ବାସ୍ତବରେ ଜଣେ ବିଶ୍ୱାସୀ ଲୋକ * ଅନ୍ୟାନ୍ୟ ବହୁ ଚିକିତ୍ସକଙ୍କର ସାଧ୍ୟାତୀତ ଗୋଟିଏ ବହୁଦିନର ଦୁଃସାଧ୍ୟ ରୋଗ ଆରୋଗ୍ୟ କରିଅଛନ୍ତି * * * ।

ରୋଗର ବିବରଣ ଲେଖିଲେ ମଫସଲକୁ ମଧ୍ୟ ଔଷଧ ପଠାଇଥାଉଁ,
ଔଷଧ ତାଲିକା ପାଇଁ ପତ୍ର ଲେଖନ୍ତୁ ।

Digitized by srujanika@gmail.com



ଫୁଲର ସ୍ୱପ୍ନ

ଶିଳ୍ପୀ—ଉପେନ୍ଦ୍ରକିଶୋର ଦାସ

The Indian Photo Engraving Co., Calcutta.

Digitized by srujanika@gmail.com




ଶରତ୍ ସଂଖ୍ୟା ପ୍ରଥମ ବର୍ଷ ୧୩୫୫

ମାୟାପୁରୀ ସୁନାକାଠି ଛୋଇଁଦେଲା କିଏ ରେ
ଘରଦୁଆର ନଦନଈ ନଜାଣିନ ଦେଶେ
ମଙ୍ଗଳ ଅଳତ ଲକ୍ଷ ଦୀପ ଜାଳିଦେଲା ରେ
ନରେନ୍ଦ୍ର ଦେଉଳ ବେଢ଼ା ନବତ ତାମସେ
ଭୋଦୁଅ ନଈର କୁଳୁ କୁଳୁ ତକ
ବରଷା ଫୋଟକା ଫାନୁସେ ଛୁଇଁ
ସତ୍ପାଇଦେଲା କିଏସେ ରେ ସଞ୍ଜି
ମନ ଫୁଲଣିଯ୍ୟା ବାଆରେ ବାନ୍ଧି
ଭୁଲିଦେଇ କିଏ ଅଠକ କଲା ରେ
ପୁନେଇ ଜହ୍ନର ସମ୍ପଦ ତକ
ଖୋଲା ହାତେ ବାଣ୍ଟିଦେଲା ଗ୍ରିଆଡ଼େ
ଫୁଲ ପାଲଟା ଯେ ନୂଆଛଟକ
ବରଷା ସତ୍ପା ବଣ ଗଛ ପଏ
ନଈ ଜୋର ଝର ବିଲ ପୋଖରୀ
ଝଉରି ଅନନ୍ଦ ଭରିଦେଲା କିଏ
ଘାସ ଦେହେ ଏତେ ଉତୁରି କରି
ବରଷା ବନ୍ଧୁରେ ଖସି ପଡ଼ିଥିଲା
ବଜୁଲ ବାଉଲା ମୁକୁତା ଝରି
ସ୍ୱର୍ଗପୁରୀରୁ କିଏ ଠାକୁରାଣୀ
ମୁକୁଳା କବରୀ ଚଉଁରି ଦୋଳା

Digitized by srujanika@gmail.com

ଗୋଟି ମୋଟି ହୋଇ କୋଟି କୋଟି ଥାନେ
ଫୁଟିଲ୍ଲ ମାଡଲ୍ଲ ମହା ଉତ୍ସବେ
ମତାଇଦେଲ୍ଲ ସେ ଧାନକ୍ଷେତେ ଧାନ
ଚହଟ ପରଜାପଢକ ନଭେ

ଫୁଲାଇଦେଲ୍ଲ ସେ ମଣିଷ ଶ୍ରୁତକ
ଶୋଷଦେଲ୍ଲ ଯେତେ ନକଟା ଦୁଃଖ
ଅଖିକୋଣେ କୋଣେ ଏ ଘଟେ ସେ ପଟେ
ଛବକଲ୍ଲ ସୁପ୍ତା–ମୁଖ ମୟୂଖ

ଗଲ୍ଲଦନେ ଯେତେ ସୁଖ ଥିଲ୍ଲ ସବୁ
ଘଷି ମାଜ ନୂଆ ନଟୋଲ କରି
ଅସିଲ୍ଲ ଦନର ଅଜଣା ଭିତରେ
ଥୋଇଦେଲ୍ଲ ଧୂଆ ଅଗୁରୁ ଭରି

ବହୁଦନ ଗୃହା ଚମକ ଚଉଁରୀ
ଅସିଲ୍ଲ ଅଦନେ ଅକୁହା କରି
ଧୂଆଁ ଭୂଆଁ ପରି ରୋଷଯାଏ ଗଲା
ଥିର ଅଖିପଟେ ଝରଇ ବାରି

ତୁତ ସେହ୍ପପରି ଅକଲ କରୁଛୁ
ପାଗ୍ଲେଟା ବ୍ୟାକୁଲ ଉଚ୍ଛନ୍ନ ପ୍ରାଣ
ଥକା ହୋଇ ବକା ପଡି ମୁଁ ଗୃହିଁଛୁ
ଶ୍ରୁତ ଦୁକୁ ଦୁକୁ ଶୁଣୁଛୁ କାନ

କାଶଫୁଲ ତୁତ ଘାସ ଫୁଲଟାଏ
ତୋ'ଠି ଝଞ୍ଜିଲ୍ଲ କେ ଯତନକରି
ସାର୍ ସୃଷ୍ଟି ଛଡ଼ା ଅପାର ଆନନ୍ଦ
କୈବଲ୍ୟ ଅପୂର୍ବ ଅମୂଲ୍ୟ ଶିରୀ

ବୁଦ୍ଧି ଜ୍ଞାନ ସବୁ ହଜାଇ ଦେବୁ କ
ଖୁଅଇ ଦେବୁ କ ବଷମ ବଷ
ଶୁଆଇ ଦେବୁ କ ତୋ ଝଡ଼ାଚଉଁରୀ
ପଢ଼ ଘୋଡ଼ାଇବ ସନ୍ତକ ଶେଷ

ଶ୍ରୀ ନକୁଞ୍ଜକଶୋର ଦାସ

Digitized by srujanika@gmail.com

# ଋକ୍‌ବେଦରେ ଆର୍ଯ୍ୟ

( ପୂର୍ବାନୁବୃତ୍ତି )

ଶ୍ରୀ ଲକ୍ଷ୍ମୀକାନ୍ତ କେଶରୀ

ଋକ୍‌ବେଦ ଏହିପରି ବିରୋଧବର୍ଣ୍ଣନାବିଶିଷ୍ଟ ଦେବଦେବୀମାନଙ୍କର ସ୍ତବରେ ପୂର୍ଣ୍ଣ । ଉକ୍ତ ଦେବଗଣଙ୍କର ସଂଖ୍ୟା ମଧ୍ୟ କମ୍ ନୁହେଁ, ସଧାରଣତଃ ୩୩ ଅନେକଙ୍କ ମତରେ କମ ବେଶୀ ମଧ୍ୟ ହୋଇଥାନ୍ତି । ଋକ୍‌ବେଦ ସଂହିତା ଅନୁସାରେ ଦେବତାମାନଙ୍କର ସଂଖ୍ୟା ସେହି ୩୩ ।

ଯାସ୍କ ଏହି ତେତିଶ ଦେବତାଙ୍କୁ ତିନି ଶ୍ରେଣୀରେ ବିଭକ୍ତ କରି ନେଇ ଅଛନ୍ତି—୧ମ ଭୂଲୋକବାସୀ ଅଗ୍ନି ଆଦି, ୨ୟ ଦ୍ୟୁଲୋକବାସୀ ସୂର୍ଯ୍ୟ ଆଦି, ୩ୟ ଅନ୍ତରୀକ୍ଷବାସୀ ବାୟୁ ଆଦି । ଯାସ୍କ ଏହି ଦେବତାମାନଙ୍କର ରୂପ, ଗୁଣ ବା ଶକ୍ତି ଆଦିର ବର୍ଣ୍ଣନାରେ ବୈଷମ୍ୟ ଲକ୍ଷ୍ୟ କରି କହିଅଛନ୍ତି ଯେ "ତେଷାଂ ମହାଭାଗ୍ୟାଦେକୈକଶୋଽପି ବହୂନି ନାମଧେୟାନି" ଅର୍ଥାତ୍ ସେମାନଙ୍କର ଅନନ୍ତ ଶକ୍ତି ଓ ଅସୀମ ଐଶ୍ୱର୍ଯ୍ୟ ହେତୁ ପ୍ରତ୍ୟେକେ ନିଜ ନିଜର ବିଭିନ୍ନ ରୂପ ବା ଗୁଣ ଅନୁଯାୟୀ ବିଭିନ୍ନ ଆଖ୍ୟା ବା ନାମ ଗ୍ରହଣ କରିଥାନ୍ତି । ପୁଣି "ମାହାତ୍ମ୍ୟାଦ୍ଦେବତାୟାଃ ଏକ ଆତ୍ମା ବହୁଧା ସ୍ତୂୟତେ" ଅର୍ଥାତ୍ ଦେବତାଙ୍କର ମାହାତ୍ମ୍ୟହେତୁ ପ୍ରତ୍ୟେକେ ନାନାଭାବରେ ସ୍ତୁତ ହେଉଥାନ୍ତି, ଦେବତାଙ୍କର ଶକ୍ତି ଓ ସାମର୍ଥ୍ୟ ଅପରିସୀମ ହୋଇଥିବାରୁ ସେମାନେ ବିଭିନ୍ନ ସମୟରେ ବିଭିନ୍ନ ରୂପ ଧାରଣ କରିଥାନ୍ତି ; କିନ୍ତୁ ବାସ୍ତବରେ ସେମାନେ ଏକ । ଖାଲି ଏତିକି ନୁହେଁ; ସେମାନେ ସମସ୍ତେ ଏକ ଆତ୍ମାର ବିଭିନ୍ନ ବିକାଶ ମାତ୍ର । "ଏକସ୍ୟ ଆତ୍ମନୋଽନ୍ୟେ ଦେବାଃ ପ୍ରତ୍ୟଙ୍ଗାନି ଭବନ୍ତି" ଅତଏବ ଯାସ୍କଙ୍କ ମତରେ ଋକ୍‌ବେଦର ଆର୍ଯ୍ୟମାନେ ଯେ ଖାଲି ଦେବତାମାନଙ୍କର ବିଭିନ୍ନ ରୂପ, ଗୁଣ ବା ସାମର୍ଥ୍ୟକୁ ଲକ୍ଷ୍ୟ କରି ବିଭିନ୍ନ ସମୟରେ ବିଭିନ୍ନ ଭାବରେ ସେମାନଙ୍କୁ ଆବାହନ କରିଥିଲେ ତାହା ନୁହେଁ; କେବଳ ଯେ ଦେବତାଙ୍କର ଏକାଧିକତାରେ ଏକାତ୍ମକତା ହୃଦୟଙ୍ଗମ କରିଥିଲେ ତାହା ନୁହେ—ସେମାନେ ତାହାଠାରୁ ଉନ୍ନତ ଆଧାର ପରିଗ୍ରାହକ । ସେମାନଙ୍କୁ ଏକ ଆତ୍ମାର ବିଭିନ୍ନ ରୂପ ବୋଲି ଜାଣିଥିଲେ, ଚିହ୍ନିଥିଲେ । ଏହି ଦେବତାମାନେ ଏକ ସତ୍ୟ, ନିତ୍ୟ ଓ ଅବିକୃତ ଆତ୍ମାର ବିଭିନ୍ନ ବିକାରମାତ୍ର । ଏହା କେତେଦୂର ସତ୍ୟ ଏବଂ ସମ୍ଭବ ହୋଇପାରେ ବିଶଦ ଭାବରେ ପରୀକ୍ଷା କରି ଦେଖିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେ । ତେବେ କେବଳ ଏତିକି କହାଯାଇପାରେ ଯେ ଋକ୍‌ବେଦ ବର୍ଣ୍ଣନାତ୍ମକ ଅଟେ ଦର୍ଶନାତ୍ମକ ନୁହେଁ । ଦର୍ଶନ ମନୁଷ୍ୟର ପରିପକ୍ୱ ଜ୍ଞାନର ଫଳ; ବର୍ଣ୍ଣନ, ଅବଲୋକନ ଓ ପର୍ଯ୍ୟବେକ୍ଷଣର ଫଳ ଅଟେ । ଏହା ମନୁଷ୍ୟର ଅପରିପକ୍ୱ ମନର କାର୍ଯ୍ୟ । ବାଳକମାନେ ବର୍ଣ୍ଣନା କରିବାକୁ ବା ଶୁଣିବାକୁ ଭଲପାଆନ୍ତି, ବୃଦ୍ଧ ବା ପରିପକ୍ୱ ଜ୍ଞାନୀ ମନୁଷ୍ୟମାନେ ଚିନ୍ତାକରିବାକୁ ଭଲ ପାଆନ୍ତି । ପୁଣି ଋକ୍‌ବେଦ ଆର୍ଯ୍ୟ ଜାତିର ଆଦିମ ସାହିତ୍ୟ । ଆଦିମ ଦଶାରେ ମାନବର ଦାର୍ଶନିକ ହେବା ଅସମ୍ଭବ । ସେତେବେଳକୁ ତାହାର ଚିନ୍ତା ଶକ୍ତିର ସମ୍ୟକ୍ ବିକାଶ ହୋଇ ନଥାଏ । ବାଳକପରି ସେ ଦେଖିବାକୁ ଓ ଯାହା ଦେଖେ ତାହା ସରଳ ଭାଷାରେ କହିବାକୁ ଭଲପାଏ । ଉପରେ କହିଅଛୁଁ ଯେ ଋକ୍‌ବେଦ କେବଳ କବିତାମୟ । ଉଜ୍ଜ୍ୱଳ ଆର୍ଯ୍ୟ ହୃଦୟର ମଧୁର ଉଚ୍ଛ୍ୱାସ । ଋକ୍ ବେଦର କବିତା ପ୍ରଶଂସା ବା ନିନ୍ଦାକରିବା ପ୍ରବନ୍ଧର ଉଦ୍ଦେଶ୍ୟ ନୁହେ । ତେବେ ପ୍ରସଙ୍ଗାନୁକ୍ରମେ ଏତିକିମାତ୍ର କହାଯାଇ ପାରେ ଯେ କବିତା ସମସ୍ତଙ୍କ ମତରେ ସାହିତ୍ୟର ସୁକୁମାର ଅବସ୍ଥା ଅଟେ । ବିଶ୍ୱସାହିତ୍ୟର ଇତିହାସ ପର୍ଯ୍ୟାଲୋଚନା କଲେ ଜଣାଯିବ ଯେ ସାହିତ୍ୟର ପ୍ରଥମଯୁଗରେ ବା



Digitized by srujanika@gmail.com

ଆରମ୍ଭରେ କବିତାର ସ୍ଥାନ, କିନ୍ତୁ ଏଥିରୁ ଏପରି ଅନୁମାନ କରିବା ଅନୁଚିତ ଯେ ସାହିତ୍ୟର ପରିପକ୍ୱ ଅବସ୍ଥାରେ ବା ଚରମ ସୀମାରେ ଆଉ କବିତା ଉଦ୍ଭୂତ ହୁଏନାହିଁ । କବିତା ସାହିତ୍ୟର ପ୍ରତ୍ୟେକ ଯୁଗରେ ବିଦ୍ୟମାନ । ତେବେ ଏହା ଦେଖାଯାଇଅଛି ଯେ ପ୍ରତ୍ୟେକ ଜାତିର ଆଦିମ ସାହିତ୍ୟ କବିତାର ଆକାର ଧାରଣ କରିଥାଏ । ଗ୍ରୀକ୍‌ମାନଙ୍କର ପ୍ରଥମ ଜାତୀୟ ସାହିତ୍ୟ ଇଲିୟାଡ୍ ଏବଂ ଅଡ୍‌ସି, ନର୍ଥମେନ୍ (Northman) ମାନଙ୍କର ପ୍ରଥମ ଜାତୀୟ ସାହିତ୍ୟ । ସେ୍ୟଗାସ ( Sagas ) ଛନ୍ଦୋବଦ୍ଧ କବିତା ଅଟେ । ଖାଲି ଏତିକି ନୁହେଁ । ପ୍ରତ୍ୟେକଟି ବର୍ଣ୍ଣନାତ୍ମକ ମଧ୍ୟ ଅଟେ । ବାସ୍ତବିକ୍ ପ୍ରତ୍ୟେକ ବାଳକ ପକ୍ଷରେ ଯେପରି ଗଭୀର ଗବେଷଣା ଖାଲି ଅସମ୍ଭବ ନୁହେଁ, ଅସଙ୍ଗତ ଅଟେ—ସେହିପରି ପ୍ରତ୍ୟେକ ଜାତିର ସାହିତ୍ୟର ପ୍ରଥମଦଶାରେ ଦର୍ଶନାତ୍ମକ ରଚନା ଅସଙ୍ଗତ ଅଟେ ।

ତାହା ଛଡ଼ା ଆଉ ଗୋଟିଏ କଥା ମନେ ରଖିବାକୁ ହେବ । ଯାସ୍କ କହିଅଛନ୍ତି—ଆର୍ଯ୍ୟମାନେ ଦେବତାଙ୍କର ନାନାରୂପ ଗୁଣ ଓ ନାମ ଭିତରେ ଅର୍ଥାତ୍ ସେମାନଙ୍କର ନାନାତ୍ୱ ତଳେ ଏକତ୍ୱ ବା ଏକ ନିତ୍ୟ ସତ୍ୟ ଅସ୍ମାଟିର ଅସ୍ତିତ୍ୱ ଦେଖିପାରିଥିଲେ । ଉଦାହରଣାର୍ଥ ଯେପରି

"ଆବର୍ତ୍ତ ବୁଦ୍‌ବୁଦ ତରଙ୍ଗମୟାନ୍ ବିକାରାନ୍
ଅମ୍ଭୋ ଯଥା ସଲିଲମେବ ତୁ ତତ୍‌ସମଗ୍ରଂ"(ଉବଭୂତ)

ଏହା ମଧ୍ୟ ଆର୍ଯ୍ୟମାନଙ୍କର ସେ ସମୟର ବର୍ଣ୍ଣନାରେ ପ୍ରକାଶ ପାଏ ନାହିଁ । ସବୁଠାରୁ ପ୍ରାଚୀନତମ ମଣ୍ଡଳ ଗୁଡ଼ିକରେ ଏପରି ଭାବର ପ୍ରକାଶ ପାଇବାତ ଦୂରର କଥା, ସମୟ ୨ରେ ଭୌତିକ ପ୍ରକୃତିର ଭୟଙ୍କରତା ଦେଖି ଆର୍ଯ୍ୟମାନେ ଭୀତ ଓ ତ୍ରସ୍ତ ହୋଇ ଯେଉଁ "ବାହି ବାହି" ଶବ୍ଦ କରିଛନ୍ତି ତାହାର ପ୍ରତିଧ୍ୱନି ଏବଂ ବାଲ୍ୟସୁଲଭ ଓ ଅସଂଯତ କିଂକର୍ତ୍ତବ୍ୟ ବିମୂଢ଼ତାର ଭାବ ପ୍ରକାଶ ପାଇଅଛି । ଅସଙ୍ଗତ କଳ୍ପନାର ମଧ୍ୟ ଅଭାବ ନାହିଁ । ଉପରେ ଦେଖିଅଛୁଁ କେଉଁଠି ଇନ୍ଦ୍ର ଦେବୀପୁତ୍ର ଓ କେଉଁଠି ନାରୀର ପୁତ୍ର । ଅତଏବ ଖାଲି ବୃହସ୍ପତି, ବିଶ୍ୱକର୍ମା ବା ପ୍ରଜାପତିଙ୍କ ନାମୋଲ୍ଲେଖରୁ ବୈଦିକ ଆର୍ଯ୍ୟର ଏକେଶ୍ୱରବାଦ ଯୁକ୍ତିଟି ମାନିନେବା ଅବିଧେୟ ଅଟେ । ଅବଶ୍ୟ ଋକ୍‌ବେଦ ରଚନାର ଶେଷ ବେଳକୁ ଆର୍ଯ୍ୟମାନେ ଜଗତର ନାନାତ୍ୱ ଭିତରେ ଏକତ୍ୱର ଆଭାସ ପାଇଥିଲେ; କିନ୍ତୁ ସେ ଆଭାସ, ଆଭାସ ମାତ୍ର । ସେତେବେଳକୁ ଆର୍ଯ୍ୟମାନଙ୍କର ପର୍ଯ୍ୟବେକ୍ଷଣର ପରିବସ୍ଥା, ଅନୁମାନ ବା ସିଦ୍ଧାନ୍ତରେ ଉପନୀତ ହେବାର ଶକ୍ତି ଆସିନାହିଁ । ଏହା ଖାଲି ଭାରତୀୟ ଆର୍ଯ୍ୟମାନଙ୍କ ପକ୍ଷରେ ସ୍ୱାଭାବିକ ନୁହେ । ସମଗ୍ର ଆର୍ଯ୍ୟ ଜାତି ପକ୍ଷରେ ସ୍ୱାଭାବିକ । ସେଥିପାଇଁ ପ୍ରତ୍ୟେକ ଆର୍ଯ୍ୟ ଜାତିର ପ୍ରଥମଧର୍ମ (Religiou) ପ୍ରକୃତିପୂଜା ବା Nature Worsip ପ୍ରକୃତିର ବା ଭୂତ ଜଗତର ମହାଶକ୍ତି ଗୁଡ଼ିକରେ ମନୁଷ୍ୟୋତ୍ତର ଗୁଣ ଆରୋପଣ କରି ସେମାନଙ୍କର ପୂଜା ଗ୍ରୀସ ବା ରୋମର ଇତିହାସରେ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଭରିରହିଛି । ଏହାର ପ୍ରମାଣ ଋକ୍‌ବେଦରେ ମଧ୍ୟ ଅଭାବ ନୁହେ । ଆଉ ଟିକିଏ ଚିନ୍ତାକରି ଦେଖିଲେ ଏ କଥାର ଯଥାର୍ଥତା ଜଣାପଡ଼ିବ ।

ଅସ୍ତୁ! ଋକବେଦର ଦେବତାମାନେ ଆସିଲେ କୁଆଡ଼ୁ? ଦ୍ୟୁ, ପୃଥିବୀ, ମିତ୍ର, ବରୁଣ, ଇନ୍ଦ୍ର, ପର୍ଜନ୍ୟ ବାୟୁ, ମରୁତ୍, ସୂର୍ଯ୍ୟ, ଉଷସ୍, ଅଗ୍ନି, ଆଦି ଦେବତାଙ୍କର ନାମ ଆସିଲା କେଉଁଠୁ? ସମସ୍ତେ ଜାଣନ୍ତି ଏଗୁଡ଼ିକ ଭୌତିକ ପ୍ରକୃତିର ଭିନ୍ନ ୨ ଶକ୍ତି ବା ଅଙ୍ଗମାନଙ୍କର ନାମ ଅଟେ । ଏହି ଗୁଡ଼ିକ ଭୂତ ଜଗତର ପ୍ରତ୍ୟେକ ବିଭାଗର ଅଧିଷ୍ଠାତା ବୋଲି କଳ୍ପିତ ହୋଇଅଛନ୍ତି । ଯେପରି ଦଶାରେ ଅଥବା ଯେଉଁ ସ୍ଥାନରେ ଥାଉ, ମନୁଷ୍ୟ ଅମାନୁଷୀ କଳ୍ପନା କରିପାରିବ ନାହିଁ । ତାହାର କଳ୍ପନାର ଆଧାର ସର୍ବଦା ରହିଥିବ ମନୁଷ୍ୟତ୍ୱ । କହିବାର ଉଦ୍ଦେଶ୍ୟ ଏହି ଯେ—ମନୁଷ୍ୟ ଯେ କୌଣସି ବିଷୟ ନେଉନା କାହିଁକି ସେ ତାକୁ ମାନୁଷିକ ଭାବରେ ଦେଖିବ, ତେବେ ଦେବତାମାନଙ୍କର ଉତ୍ପତ୍ତି ନିଶ୍ଚୟ ମନୁଷ୍ୟର କଳ୍ପନାରେ ହୋଇଥିବ । କିନ୍ତୁ ସମସ୍ତେ ଜାଣନ୍ତି କଳ୍ପନା କଞ୍ଚା ମିଛ ନୁହେ—କେବଳ ଫାଙ୍କି ନହେ । ତହିଁରେ ସତ୍ୟତା ବାସ୍ତବତଃ ଯଥେଷ୍ଟ ପରିମାଣରେ ରହିଥାଏ । ଯଦି ଏହା ସାଧାରଣ କଳ୍ପନା ବିଷୟରେ ସତ୍ୟ ହୁଏ ତେବେ ଏହା ବାଳକର କଳ୍ପନା ବିଷୟରେ ଅତ୍ୟନ୍ତ ସତ୍ୟ । ବାଳକ କଳ୍ପନା କଲାବେଳେ ପ୍ରକୃତିକୁ ଛାଡ଼ି ବେଶୀଦୂରକୁ ଯାଏନାହିଁ । ଆଗରୁ କହି ଆସିଛି ଯେ ଋକ୍‌ବେଦ ଆର୍ଯ୍ୟ ଜାତିର ଶୈଶବାବସ୍ଥାର

Digitized by srujanika@gmail.com

ରଚନା—ଯେତେବେଳେ ଆର୍ଯ୍ୟମନ କଳ୍ପନା କରିବାକୁ ଶିଖିଛି ଏବଂ ବାଳକର କଳ୍ପନାପରି ପ୍ରାକୃତକୁ ଛାଡ଼ ବେଶୀଦୂର ଯିବାକୁ ଶିଖିନାହିଁ । ପୁଣି ଉପରେ ଉଲ୍ଲିଖିତ ହୋଇଅଛି ଯେ ମନୁଷ୍ୟ ମନୁଷ୍ୟ ଦୃଷ୍ଟିରେ ପ୍ରତ୍ୟେକ-ବସ୍ତୁକୁ ଦେଖିବ, ଭାବିବ ଏବଂ କଳ୍ପନା କରିବ । ବର୍ତ୍ତମାନ ଉପରୋକ୍ତ ବିଷୟଗୁଡ଼ିକୁ ସ୍ୱତଃସିଦ୍ଧ ମାନନେଇ ଦେଖାଯାଉ--ଋକ୍‌ବେଦରେ ଦେବତା କେଉଁଠୁ ଆସିଲେ ଏବଂ ସେ ଦେବତାମାନଙ୍କର "ଅନେକତା" ତଳେ ଆର୍ଯ୍ୟମାନେ "ଏକତା" କୁ ଚିହ୍ନି ପାରିଥିଲେ କିନା ?

ଭୟ ହେଉଛି ଅନେକ କଥା ପାଠକଙ୍କୁ କଳ୍ପନା କରିବାକୁ ହେବ । ମନେକରନ୍ତୁ ଆର୍ଯ୍ୟ ଚକ୍ଷୁରେ ଭାର-ତୀୟ ପ୍ରକୃତିର ପ୍ରଥମ ବିକାଶ । ସେତେବେଳେ ସେମା-ନଙ୍କ ଆଗରେ ଗୋଟିଏ ନୂତନ ସୃଷ୍ଟିର ଆବିର୍ଭାବ ହୁଏ । ଏପରି ସୃଷ୍ଟି ବୋଧହୁଏ ଆଗେ ତାଙ୍କ ଆଖିରେ ପଡ଼ିନଥିଲା । ପ୍ରକୃତିର ଏପରି ସୌନ୍ଦର୍ଯ୍ୟ, ଏପରି ବିକାଶ, ଭୂତ ଜଗ-ତର ଏପରି ମନୋହର ଲୀଳା ସେମାନେ ଦେଖିନଥିଲେ । ଦେଖିଲେ—ରାତ୍ରି ପ୍ରଭାତ ହେଲାମାତ୍ରକେ ଆକାଶର ରଙ୍ଗ ଫୁଟିଉଠେ । ପୂର୍ବଦିଗରେ ଉଷାର ଉଦୟ ହୁଏ । ସେ ଉଷା କି ସୁନ୍ଦର ! କି ମଧୁର ! ଅଳ୍ପ ରେଣୁ ରୁଣିରୁଣିକା ନିଦ୍ରିତ ଜଗତକୁ ଉଠାଇଦିଏ, ପଶୁ ପକ୍ଷୀମାନେ ଜାଗି ଯାଅନ୍ତି, ମୁକୁତା ଦେହରୁ ଜ୍ୟୋତି ଝରିପଡୁଥାଏ, "ସଦ୍ୟ ସିନ୍ଧୁସ୍ନାନେ ଦେହ ଦ୍ୱିଗୁଣେ ଝଟକେ", କନକ-ବସନ ଲାବଣ୍ୟ ବକ୍ଷରୁ ଖସି ପଡୁଥାଏ । ଉଷାପରେ ସୂର୍ଯ୍ୟୋ-ଦୟ । ଉଜ୍ଜ୍ୱଳ ଆଲୋକ ରଥରେ ବସି ସୂର୍ଯ୍ୟ ଊର୍ଦ୍ଧ୍ୱରୁ ଊର୍ଦ୍ଧ୍ୱକୁ ଅଗ୍ରସର ହୁଅନ୍ତି । ସେ ସୁନେଲି ଆଲୁଅରେ ଧମନୀ ନାଚିଉଠେ । ପୁଣି ସୌନ୍ଦର୍ଯ୍ୟର ଉତ୍ସ ପଶ୍ଚିମ ଆକାଶରେ ଉଚ୍ଛୁଳିପଡ଼େ । ଧୀରେ ଧୀରେ ସୂର୍ଯ୍ୟ ବୁଡ଼ି ଯାଅନ୍ତି । ସୁନ୍ଦର ନକ୍ଷତ୍ରମାଳା ପିନ୍ଧି ସନ୍ଧ୍ୟା ଆସେ । ନିର୍ମଳ ଅନ୍ଧ-କାରର ଶୀତଳ ଆବରଣ ଭିତରଦେଇ ସ୍ୱଚ୍ଛ ଆକାଶର ନୀଳିମା ଆଡ଼କୁ ଚାହିଁବାକୁ ବଡ଼ ଭଲ ଲାଗେ । ଖାଲି ଏତିକି ନୁହେ—ଫଳ ଓ ଶସ୍ୟର ସମ୍ଭାର ଘେନି ଶରତ୍ ଆସେ । ଘରେ ଘରେ ଆନନ୍ଦର ସୀମା ରହେନାହିଁ । ତାହାପରେ ଗ୍ରୀଷ୍ମ, ଗ୍ରୀଷ୍ମର ପ୍ରଚଣ୍ଡ ଉତ୍ତାପରେ ପ୍ରାଣ ବ୍ୟାକୁଳ ହୋଇପଡ଼େ, ସେତେବେଳେ ସଜଳ ମେଘ-ମାଳା ଯେଉଁ ପର୍ଜନ୍ୟ ବୃଷ୍ଟି ଆରମ୍ଭକରେ । ବର୍ଷାର ଆବିର୍ଭାବ ହୁଏ । ଅଞ୍ଜନକୃଷ୍ଣ ମେଘମାଳା; ଭୟଙ୍କର ବଜ୍ରନାଦ; ବିଦ୍ୟୁତ୍‌ର ହାସ୍ୟ ଏବଂ ମୂଷଳଧାରାରେ ବୃଷ୍ଟି, ଏହି ସବୁ ଦେଖି ଦେଖି ନିର୍ମଳ ଆର୍ଯ୍ୟମନ ଆନନ୍ଦରେ ଉଲ୍ଲସିଉଠେ । ଆନନ୍ଦ ସଙ୍ଗେ ସଙ୍ଗେ ନବଭାବ କଳ୍ପନାର ଧାରା ଉଚ୍ଛ୍ୱସିତ ହୁଏ । ଏକେତ ଆର୍ଯ୍ୟମନ ସରଳ ଓ କୋମଳ । ତହିଁରେ ପ୍ରକୃତିର ବିଚିତ୍ର ଲୀଳା ଦେଖି ଦେଖି ଆଦିମ ଆର୍ଯ୍ୟ ଭାବେ--ଠିକ୍ ବାଳକପରି ଆଶ୍ଚର୍ଯ୍ୟ ହୋଇ ଭାବେ—ଏସବୁ କଅଣ ? ଏତେ ସୁନ୍ଦର ବା ଭୟ-ଙ୍କର କାହିଁକି ? ଏମାନେ କାହିଁକି ଆବିର୍ଭୂତ ଓ ତିରୋ-ହିତ ହୁଅନ୍ତି ? କେଉଁଠି ଏମାନଙ୍କର ସ୍ଥାନ ? ଏମାନଙ୍କର ପ୍ରଭୁ କିଏ ? ଇତ୍ୟାଦି, ଇତ୍ୟାଦି । ଆର୍ଯ୍ୟ ଯେତେବେଳେ ବାଳକପରି ବଡ଼ ଜିଜ୍ଞାସୁ; ପ୍ରତ୍ୟେକ ବସ୍ତୁର କାର୍ଯ୍ୟ କାରଣ ଜାଣିବା ପାଇଁ ବଡ଼ ବ୍ୟଗ୍ର । ଏହିପରି ଆଶ୍ଚର୍ଯ୍ୟ ପ୍ରଶ୍ନରୁ ଋକ୍‌ବେଦର ଆରମ୍ଭ । ଏହିପରି ବାଲ୍ୟସୁଲଭ ଉଦାରତା ଓ ବ୍ୟଗ୍ରତାର ମୂର୍ତ୍ତିମନ୍ତ କବିତା ହେତୁରୁ ଋକ୍‌ବେଦ ଏତେ ମନୋରଞ୍ଜକ, ଏତେ ହୃଦୟଗ୍ରାହୀ । ସଂସାରର ସୃଷ୍ଟି ଯେ ଏତେ ବୈଚିତ୍ର୍ୟମୟ ଏକଥା ସେମାନେ ଆଗରୁ ଜାଣିନଥିଲେ । ଜାଣି ନ ଥିଲେ ବୋଲି ପ୍ରକୃତି ଯେତେବେଳେ ସୌମ୍ୟ ସେତେବେଳେ ଆର୍ଯ୍ୟ ମୁଗ୍ଧହୋଇ ସ୍ତବମାନ କରୁଛି । ପ୍ରକୃତି ଯେତେବେଳେ ରୁଦ୍ର ଓ ଭୟା-ନକ ସେତେବେଳେ ଆର୍ଯ୍ୟ ଭୀତହୋଇ " ବାହି ବାହି " ଡ଼ାକୁଛି ଯେତେବେଳେ ମହିମାମୟ ସେତେବେଳେ ଆଶ୍ଚ-ର୍ଯ୍ୟରେ ଭରି ଯାଉଛି ।

ପୁଣି ଯେତେବେଳେ ଅନାର୍ଯ୍ୟମାନଙ୍କ ସଙ୍ଗେ ଆର୍ଯ୍ୟମାନଙ୍କର ଘୋର ଯୁଦ୍ଧ —ଯୁଦ୍ଧରେ ଅନାର୍ଯ୍ୟମାନେ ପଶ୍ଚାତ୍ପଦ ହେଉଅଛନ୍ତି, କିନ୍ତୁ ତଥାପି ଆର୍ଯ୍ୟମାନଙ୍କୁ ନିଜ ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିବାକୁ ହେଉଅଛି । ପଦେ ଅଗ୍ରସର ହେବାପାଇଁ ଗୋଟିଏ ସ୍ଥାନରୁ ଅନାର୍ଯ୍ୟ-ମାନଙ୍କୁ ବିତାଡ଼ିତ କରିବାପାଇଁ ସେମାନଙ୍କୁ ହୃଦୟ-ରକ୍ତରେ ସେତିକି ଭୂମି ସିଞ୍ଚିବାକୁ ପଡୁଛି । ଏହିସବୁ ଦୁଃଖ, କଷ୍ଟ ଓ ଯନ୍ତ୍ରଣାର ଧାରା ଯାହା ନରଭାଗ୍ୟରେ ସର୍ବଦା ଘଟିଥାଏ ଏବଂ ଯାହା ବିଶେଷତଃ ସେ ସମୟରେ ଅତ୍ୟଧିକ ପରିମାଣରେ ଆର୍ଯ୍ୟଭାଗ୍ୟରେ ଘଟିଥିବ, ତାହା

Digitized by srujanika@gmail.com

ସଙ୍ଗେ ଏହି ବାହ୍ୟ ଜଗତର ମହାଶକ୍ତି ଗୁଡ଼ିକର ଅବାଧଲୀଳା, ଅନନ୍ତଶକ୍ତି ଓ ଅବଚ୍ଛିନ୍ନ କାର୍ଯ୍ୟକଳାପ ତୁଳନା କରିଥିବେ—କରି ଭାବିଥିବେ, ଏମାନେ ମନୁଷ୍ୟ-ମାନଙ୍କଠାରୁ କେତେ ଭିନ୍ନ ! କେତେ ପ୍ରବଳ ! କାହିଁ ଏମାନେ ଅସୀମ ଶକ୍ତିମାନ୍ ! କାହିଁ ମାନବର ତୁଚ୍ଛ ଶକ୍ତି ! ଏହିପରି ଭାବି ସେମାନେ ପ୍ରକୃତିର ପ୍ରତ୍ୟେକ ଅଂଶକୁ ଅମାନୁଷିକ ଶକ୍ତି-ସମ୍ପନ୍ନ ବୋଲି ମନେ କରିଥିବେ, ଭକ୍ତି ଓ ଭୟରେ ସେମାନଙ୍କର ହୃଦୟ ପୂରି ଉଠିଥିବ । ଦେଖିଥିବେ ମନୁଷ୍ୟର ପ୍ରତ୍ୟେକ କାର୍ଯ୍ୟରେ ଅସ୍ଥିରତା, ଅନିଶ୍ଚିତତା, କିନ୍ତୁ ଏମାନଙ୍କରତ ତାହା ନୁହେଁ । ନିଜ୨ କାର୍ଯ୍ୟରେ ବାଧା ନାହିଁ, ପ୍ରତିବନ୍ଧକ ନାହିଁ । ସୂର୍ଯ୍ୟକୁ ଦେଖି ଭାବିଥିବେ "କି ପ୍ରଚଣ୍ଡ ତେଜ ! କି ଅନିଭିଭବନୀୟ ଶକ୍ତି ! ଖରା ନାହିଁ ; ବର୍ଷା ନାହିଁ ; ଶୀତ ନାହିଁ; ବାତ ନାହିଁ ; ସବୁଦିନେ ସେହି ସକାଳେ ଉଦୟ, ସନ୍ଧ୍ୟାରେ ଅସ୍ତ ! ଦିନପରେ ଦିନ, ମାସପରେ ମାସ, ବର୍ଷ, ଯୁଗ ବିତିଯାଏ ! ତେବେ ସୁଦ୍ଧା ଶ୍ରାନ୍ତି ନାହିଁ, କ୍ଳାନ୍ତି ନାହିଁ ! କାହିଁ ମନୁଷ୍ୟରତ ଏପରି ହୁଏନା ! ମନୁଷ୍ୟର ନାନାପ୍ରକାର ରୋଗ, ଜରା ମରଣ ଅଛି ! ଏମାନଙ୍କରତ ସେ ସବୁ ନାହିଁ !" ଏହିପରି ଭାବି୨ ସରଳମତି ଅର୍ଯ୍ୟ ସୂର୍ଯ୍ୟକୁ ଅମାନୁଷ-ଶକ୍ତିଶାଳୀ, ଦେବତା ବୋଲି ଭାବେ । ପରେ ମନୁଷ୍ୟୋ-ତ୍ତର ଆସନ ପ୍ରଦାନକରି ତହିଁରେ ତଦନୁରୂପ ଗୁଣ ଆରୋପଣ କରେ । କିନ୍ତୁ ଗୁଣାରୋପଣ କଲାବେଳେ ଅର୍ଯ୍ୟ ଯେ କେବଳ ନିଜର କଳ୍ପନାରୁ କରିଥାଏ ତାହା ନୁହେଁ । ଯେତେବେଳେ ଯେଉଁ ଭାବରେ ଏହି ଭୌତିକ ପ୍ରକୃତିର ବିଭିନ୍ନ ରୂପ ତା ଆଖିଆଗରେ ପଡ଼େ ତାକୁ ଠିକ୍ ସେହି ଭାବରେ କଳ୍ପନା କରିଥାଏ । ନିର୍ମଳ ନଭୋମଣ୍ଡଳରେ ତେଜୋମୟ ଅଗ୍ନିପିଣ୍ଡ ଦେଖି ଭାବେ ଏ ସୂର୍ଯ୍ୟ, " ଆତ୍ମା ଜଗତଃ " ଜଗତର ଆତ୍ମା । ଏହିପରି ଦିନ ଚାଲିଯାଉଥାଏ । ଦିନେ ଅର୍ଯ୍ୟ ଦେଖେ ଆକାଶ ମେଘାଚ୍ଛନ୍ନ । ପ୍ରଚଣ୍ଡତେଜା ସୂର୍ଯ୍ୟ ମଧ୍ୟ ସେ ମେଘାବରଣ ଭେଦିପାରେନାହିଁ । ତାହା ପରେ ଦେଖେ —ସ୍ତରକୁ ସ୍ତର କଳାମେଘରେ ଆକାଶ ଅନ୍ଧକାର ହୋଇଆସିଲା । ତାହାପରେ ଶୁଣିଲା ଘୋର ବଜ୍ରନାଦ । ଆକାଶ ପାତାଳ କମ୍ପିଉଠିଲା । ତାହା ପରେ କୃଷ୍ଣମେଘର ବକ୍ଷ ବିଦୀର୍ଣ୍ଣ

ହୋଇ ସୂର୍ଯ୍ୟରଶ୍ମି ବିକୀର୍ଣ୍ଣ ହୋଇଗଲା । ଆଖି ଝଲସି ଉଠିଲା । ସେତେବେଳେ ଅର୍ଯ୍ୟ ଭାବେ, ଏ ସବୁ ଯାହାର କାର୍ଯ୍ୟ ସେ ନିଶ୍ଚୟ ସୂର୍ଯ୍ୟଠାରୁ ଅଧିକ ଶକ୍ତିମାନ୍—ଏ ବଜ୍ର-ଗର୍ଜନକାରୀ ଓ ବିଦ୍ୟୁଦ୍ଦମନକାରୀ ଦେବତା ସବିତୃଠାରୁ ଅଧିକ ପ୍ରବଳ ! ଏହାଙ୍କର ନାମ ଇନ୍ଦ୍ର । ପୁଣି ଦିନେ ଦେଖେ— ଯେତେବେଳେ କାଳ ବୈଶାଖୀର ଉତ୍ତପ୍ତଦିନ ଅବସାନ ହୋଇଅସୁଛି, ସୁଦୂର ଦିଗ୍‌ବଳୟ ଉପରେ ଖଣ୍ଡିଏ କୃଷ୍ଣମେଘର ରେଖା ଦେଖାଦେଲା । ଧୀରେ ଧୀରେ ସେହି ମେଘର ରେଖା ବଢ଼ିଲା । ତା'ପରେ ଘୋର ନୈଦାଘ ଝଟିକାର ଆରମ୍ଭ । ମେଘ ପରେ ମେଘ ଜମି ସମସ୍ତ ଆକାଶ ଅନ୍ଧକାର ହୋଇଗଲା । ତା'ପରେ ମୂଷଳ ଧାରାରେ ବୃଷ୍ଟି । ତା'ପରେ ସମସ୍ତ ଜଗତ ଶୀତଳ । ସେତେବେଳେ ଅର୍ଯ୍ୟର ହୃଦୟ କୃତଜ୍ଞ-ତାରେ ଭରିଆସିଲା । ଗଦ୍‌ଗଦହୋଇ ଗାନ କଲା—"ପ୍ରବାତାଃ ବାନ୍ତି ପତୟନ୍ତି ବିଦ୍ୟୁତଃ ଉଦୋଷଧୀର୍ଜିହତେ ପିନ୍ୱତେ ସ୍ୱଃ । ଇରା ବିଶ୍ୱସ୍ମୈ ଭୁବନାୟ ଜାୟତେ ଯତ୍ ପର୍ଜନ୍ୟଃ ପୃଥିବୀଂ ରେତସାବତି ॥୪॥ ଯସ୍ୟ ବ୍ରତେ ପୃଥିବୀ ନମ୍ନମୀତି ଯସ୍ୟ ବ୍ରତେ ଶଫବଜ୍ଜର୍ଭୁରୀତି । ଯସ୍ୟ ବ୍ରତେ ଓଷଧୀର୍ବିଶ୍ୱରୂପା ସ ନଃ ପର୍ଜନ୍ୟଃ ମହି ଶର୍ମ ଯଚ୍ଛ" । (ଋ, ୫ମ, ୮୩ ସୂ:) ଖାଲି ପର୍ଜନ୍ୟ ଉଦ୍ଦେଶ୍ୟରେ ଯେ ଅର୍ଯ୍ୟର ଭକ୍ତି ଉଚ୍ଛୁଳି ପଡ଼ିଲା ତାହା ନୁହେଁ । ସେ ଦେଖିଛି ମେଘ ଏକତ୍ରିତ ହେଲା ବାୟୁ ବହିବାରୁ । ମେଘକୁ ଡ଼ାକି ଆଣିଲା ପ୍ରବଳ ବାୟୁ । ସେଥିପାଇଁ ଭାବିଲା— ଏ ଦୁହେଁ ବୋଧହୁଏ ସଖା, ଜଣେ ଜଣକର ସାହାଯ୍ୟକାରୀ । ସେଥିପାଇଁ ଅର୍ଯ୍ୟ ମରୁତର ସ୍ତବ ଗାନକଲା "ଦିବୋନୋ ବୃଷ୍ଟିଂ ମରୁତୋ ରରୀଧ୍ୱଂ ପ୍ରପିନ୍ୱତ ବୃଷ୍ଣୋ ଅଶ୍ୱସ୍ୟ ଧାରାଃ । ଅର୍ବାନ୍ ତେନ ସ୍ତନୟିତ୍ନୁନା ଆ ଇହି ଅପୋ ନିଷିଞ୍ଚନ୍ନସୁରଃ ପିତା ନଃ " (୯ମ ୮୩ ସୂ ୬ ମନ୍ତ୍ର) ଏହିପରି ଭୌତିକ ପ୍ରକୃତିର ବିଭିନ୍ନ କାର୍ଯ୍ୟକଳାପ ଦେଖି ଏବଂ ତାହା ମନୁଷ୍ୟର ଅୟତ୍ତାଧୀନ ନୁହେଁ ବୋଲି ଅର୍ଯ୍ୟ ସେ ଗୁଡ଼ିକୁ ମହାଶକ୍ତିଶାଳୀ ଦେବତା ବୋଲି ଭାବେ । ପୁଣି ଯେଉଁ ସମୟରେ ଯାହାର ପ୍ରବଳତା ସେ ଅନୁଭବ କରେ ତାକୁ ଅନ୍ୟାନ୍ୟ ଦେବତାଙ୍କଠାରୁ ଉଚ୍ଚ ଆସନ ଦିଏ । ସେଥିପାଇଁ କେତେବେଳେ ଇନ୍ଦ୍ର ସମସ୍ତଙ୍କଠାରୁ ଶ୍ରେଷ୍ଠ, ମହାପରାକ୍ରମୀ, ଚନ୍ଦ୍ର ସୂର୍ଯ୍ୟର

Digitized by srujanika@gmail.com

ପ୍ରଭୁ, ବିଶ୍ୱର ନିର୍ମାତା; କେତେବେଳେ ଅଗ୍ନି ଜଗତର ଏକ ମହାଶକ୍ତି—ତାହାର ଅନ୍ୟ ନାମ ଇନ୍ଦ୍ର, ମିତ୍ର, ବରୁଣ, ଯମ ଏବଂ ମାତରିଶ୍ୱା; କେତେବେଳେ ସବିତୃ ପୁଣି "ଦିବୋ ଧର୍ତ୍ତା, ଭୁବନସ୍ୟ ପ୍ରଜାପତିଃ" ଇତ୍ୟାଦି, ଇତ୍ୟାଦି । ଏଥିରୁ ଆର୍ଯ୍ୟମାନଙ୍କର ଚିତ୍ତର ଅସ୍ଥିରତା ବା "ନାନା ମୁନିଙ୍କର ନାନା ମତ" ଭାବିବା ନ୍ୟାୟସଙ୍ଗତ ନୁହେଁ । ବୋଧହୁଏ ଆର୍ଯ୍ୟମାନେ ଏତେବେଳକୁ ଯଥେଷ୍ଟ ଆଭାସ ପାଇଥିଲେ ଯେ ଏହିସବୁ ଦେବତା ବା ପ୍ରାକୃତିକ ଶକ୍ତିଗୁଡ଼ିକ ମୂଳରେ ଏକ; ଏକ ମହାଶକ୍ତିର ବିଭିନ୍ନ ବିକାଶମାତ୍ର । କିନ୍ତୁ ଏ ଭାବନା ସେମାନଙ୍କ ମନରେ କୌଣସି ଗୋଟାଏ ବିଶିଷ୍ଟ ଆକାର ଧାରଣ କରି ନ ଥିଲା—ଘନୀଭୂତ ହୋଇ ନ ଥିଲା । ସେଥିପାଇଁ ସମସ୍ତ ଋକ୍‌ବେଦ ନାନାପ୍ରକାର ବୈଷମ୍ୟ କଳ୍ପନାର ଆକର କହିଲେ ଚଳେ । ଏ ସମୟରେ ଋକ୍‌ବେଦ ରଚନାର ଶେଷ ସମୟରେ ସୁଦ୍ଧା ଆର୍ଯ୍ୟମାନଙ୍କର ଧାର୍ମିକ ଧାରଣା ଅନେକ ବିଷୟରେ ଅପରିପକ୍ୱ ଥିଲା ଏବଂ ସଂକ୍ଷେପରେ ସେମାନେ ବହୁ ଈଶ୍ୱରବାଦୀ ଥିଲେ । ସେମାନଙ୍କର ସରଳ ହୃଦୟରେ ପ୍ରକୃତିର ଯେଉଁ ରୂପ ଯେପରି ଭାବରେ ପ୍ରତିଫଳିତ ହୋଇଥିବ ତାକୁ ଠିକ୍ ସେହିପରି ଭାବରେ କଳ୍ପନା କରିଅଛନ୍ତି । ସର୍ବତ୍ର ଶୈଶବରେ ସରଳତାର ଛାୟା ବିଦ୍ୟମାନ; ଏବଂ ସେହି ସରଳତାହେତୁ ଋକ୍‌ବେଦରେ କବିତାର ସୌନ୍ଦର୍ଯ୍ୟ ଅଧିକ ପରିସ୍ଫୁଟ ହୋଇଅଛି । ପ୍ରତିଭାର ଶୈଶବାବସ୍ଥା, ସାହିତ୍ୟର ଶୈଶବାବସ୍ଥାକୁ ଆଶ୍ରୟକରି ନିଜକୁ ପ୍ରକାଶ କରିଅଛି ।

ବର୍ତ୍ତମାନ ପାଠକେ ଜାଣିପାରିବେ—ଋକ୍‌ବେଦରେ ଦେବତାଙ୍କର ସୃଷ୍ଟି କିପରି ହେଲା । ଯାହା ଅନ୍ୟାନ୍ୟ ଜାତିମାନଙ୍କ ଜୀବନରେ ଘଟିଅଛି ଠିକ୍ ସେଇଆ ଆର୍ଯ୍ୟ ଜୀବନରେ ମଧ୍ୟ ଘଟିଥିବ । କିନ୍ତୁ ଏହାପରେ ଆଉ ଗୋଟିଏ ପ୍ରଶ୍ନ ସ୍ୱତଃ ଉଦୟ ହୁଏ । ଏ ଦେବତାଗୁଡ଼ିକୁ ଆର୍ଯ୍ୟମାନେ ସଙ୍ଗରେ ନେଇ ଆସିଥିଲେ କି ଭାରତବର୍ଷରେ ପାଇଲେ ? ଯେଉଁ ଦେଶର ନିବାସୀ ସେମାନଙ୍କର ଶତ୍ରୁ, ଦସ୍ୟୁପଦବାଚ୍ୟ ଏବଂ କୃଷ୍ଣକାୟ ଅନାର୍ଯ୍ୟ ସେମାନଙ୍କ ଦେଶର ଦେବତା ଆର୍ଯ୍ୟମାନଙ୍କର ଅନୁକୂଳ ହେଲେ କିପରି ? ବିଭିନ୍ନ ଜାତିର ପ୍ରାଚୀନ ଇତିହାସରୁ ଜଣାଯାଏ ଯେ ଯେତେବେଳେ ଗୋଟିଏ ଜାତି ଅନ୍ୟଜାତିକୁ ଜୟକରି ତାହାଉପରେ ନିଜର ଆଧିପତ୍ୟ ବିସ୍ତାର କରେ ସେତେବେଳେ ଜିତଜାତି ଓ ଦେଶକୁ, ଜେତା ଘୃଣା ଚକ୍ଷୁରେ ଦେଖିଥାଏ । ପୁଣି ଯେଉଁ ଦେଶରେ ଦସ୍ୟୁ ରହୁଥିଲେ ତା କଥାତ କହିବାର ନୁହେ । ଦସ୍ୟୁମାନେ ଘୃଣ୍ୟବୋଲି ଦସ୍ୟୁ ଦେଶର ସମସ୍ତ ଘୃଣ୍ୟ । ଅତିନିକୃଷ୍ଟ ଦୃଷ୍ଟାନ୍ତ—ଆମ ଓଡ଼ିଶାର ଗଡ଼ଜାତକୁ ନିଅନ୍ତୁ । ଗଡ଼ଜାତରେ ସମୟରେ ଅନାର୍ଯ୍ୟମାନେ ରହୁଥିଲେ ବୋଲି ତାକୁ ଆଜିଯାଏ ଜଙ୍ଗଲ ଦେଶବୋଲି କଟକ, ପୁରୀ, ବାଲେଶ୍ୱରର ଲୋକେ ଘୃଣାକରନ୍ତି । ସେହିପରି ଆର୍ଯ୍ୟମାନେ ପ୍ରଥମେ ଦସ୍ୟୁମାନଙ୍କୁ ଓ ସେମାନଙ୍କର ଦେଶକୁ ଘୃଣା କରିଥିବେ । କିନ୍ତୁ ଆର୍ଯ୍ୟମାନେ ଖାଲି ଦେଶ ଜୟକରିବାକୁ ଆସିନଥିଲେ । ରହିବାର ଓ ପଶୁ ପାଳିବାର ସ୍ଥାନ ଖୋଜି ଖୋଜି ଔପନିବେଶିକ ଭାବରେ ଆସିଥିଲେ । ତା ପରେ ଯେତେବେଳେ ଦସ୍ୟୁମାନଙ୍କ ସଙ୍ଗେ ତୁମୁଳ ସଂଗ୍ରାମ ଆରମ୍ଭହେଲା, ସେତେବେଳେ ଆର୍ଯ୍ୟମାନେ ପ୍ରକୃତିର ବିଚିତ୍ର ଲୀଳା ଦେଖି ସୁଦ୍ଧା ଆଶ୍ଚର୍ଯ୍ୟାନ୍ୱିତ ଓ ଆନନ୍ଦିତ ହୋଇ ନଥିବେ । ଯେତେବେଳେ ନିଜର ସ୍ତ୍ରୀ ପରିବାର, ପଶୁ ଓ ପ୍ରାଣର ଆଶଙ୍କା ସେତେବେଳେ ନିଶ୍ଚିନ୍ତ ମନରେ କେହି ଭାବିବାକୁ ଭଲପାଏ ନାହିଁ । ପୁଣି ଋକ୍‌ବେଦରୁ ଗୋଟିଏ ଶାନ୍ତିମୟ ସାମାଜିକ ଜୀବନର ଆଭାସ ମିଳେ । ମଝିରେ ମଝିରେ ଯୁଦ୍ଧର ବର୍ଣ୍ଣନା ମଧ୍ୟ ବିରଳ ନୁହେ ଏବଂ ଋକ୍‌ବେଦ ଯେ ଶତାଧିକ ବର୍ଷର ରଚନାର ଫଳ ଏହା ମଧ୍ୟ ମନେରଖିବାକୁ ହେବ । ଏହି ଶତ ଶତ ବର୍ଷ ଭିତରେ ଯେ ପୂର୍ଣ୍ଣ ଶାନ୍ତି ବିରାଜମାନ କରିଥିବ ଏହା ଅସମ୍ଭବ । ତେବେ ଋକ୍‌ବେଦରେ ଯେପରି ମାନସିକ ଶାନ୍ତି ଓ ଗାର୍ହସ୍ଥ୍ୟ ଜୀବନର ଆଭାସ ମିଳେ, ତହିଁରୁ ଜଣାଯାଏ ଯେ ସେମାନେ ସେତେବେଳକୁ ଅବିରାମ ଯୁଦ୍ଧରୁ ନିବୃତ୍ତି ଲାଭ କରିଥିବେ ସେଥିପାଇଁ ଆର୍ଯ୍ୟମାନେ ଅନେକ ପରିମାଣରେ ପଦାନତ ହୋଇ ସାରିଥିବେ । ସେଥିପାଇଁ ଶାନ୍ତିମୟ ଜୀବନ ଯାତ୍ରା ସଙ୍ଗେ ପ୍ରତ୍ୟେକ ବସ୍ତୁକୁ ସେମାନେ ପ୍ରଫୁଲ୍ଲ ଓ ଉଦାର ଦୃଷ୍ଟିରେ ଦେଖୁଥିଲେ । ସେଥିପାଇଁ ଦେବତାଙ୍କର ସୃଷ୍ଟି । ଏହି ପ୍ରସଙ୍ଗରେ ଆର୍ଯ୍ୟମାନଙ୍କର ଅବସ୍ଥା କିପରି ଥିଲା ଦେଖିବାକୁ ହେବ ।

ଆଜ ବିଦାୟ—ସେ ବିଷୟ ଆଉଦିନେ ଆଲୋଚନା କରିବୁଁ ।

Digitized by srujanika@gmail.com





# ବିଚିତ୍ର ଯାପାନ

[ ପଦଶିକ୍ଷ ]

ଶ୍ରୀ ବଂଶୀଧର ଦାସ

ଛୋଟରାଜ୍ୟ—କେଇଖଣ୍ଡ ଅଗ୍ନେୟ-ପ୍ରସ୍ତର-ଗଢ଼ା ଦ୍ୱୀପ ଏକାଠି ଗୁନ୍ଥା ହୋଇଛି—ସବୁ ସବୁ ତିନିଲକ୍ଷ ମାଇଲ ଭୂଇଁ ହବ କି ନାହିଁ—ସେଥିରେ ପ୍ରାୟ ସାଢ଼େ ପାଞ୍ଚକୋଟିଲୋକ ମୁଣ୍ଡ ଗୁଞ୍ଜାଗୁଞ୍ଜି ହୋଇ ପଶି ଛନ୍ତି — ଏଇ ତ ଯାପାନ ଦେଶ; ପ୍ରଶାନ୍ତ ମହାସାଗରର ଅନନ୍ତ ଗର୍ଭରେ ଧାଡ଼େ ହେବ କି ନାହିଁ । ଅଥଚ ଏଇଦେଶ ପୃଥିବୀର ବଡ଼ ବଡ଼ ଜାତିଙ୍କ ସାଙ୍ଗେ ମୁଣ୍ଡଟେକି କାନ୍ଧମିଳାଇ ଚାଲିଛି । ବିଶ୍ୱାସ ହୁଏ ଯାପାନ ପ୍ରତି ଦେବତା ସୁପ୍ରସନ୍ନ; ନୋହିଲେ ଭାରତ, ମିଶରପରି ଅତୁଳ ଦେଶ ଭାଙ୍ଗିଚୁରି ଧୂଳିରେ ମିଶିଗଲା— ଅଥ ଏଇ ଛୋଟ ଯାପାନ ଦେଶଟି ଖ୍ରୀଷ୍ଟପୂର୍ବ ୬୦୦ ବର୍ଷରୁ ଆଜଯାଏ ସେମିତି ଉନ୍ନତ ଅମ୍ଳାନ ହୋଇ ରହିଛି ।



ୟାବାଟା ଲୁହାକାରଖାନାର ବସ୍ଟ ଫର୍ଣ୍ଣେସ

ଯାପାନୀ ବୋଲିଲେ ସାଧାରଣ ଲୋକେ ବୁଝନ୍ତି ଗୋରା, ବାଙ୍ଗରା, ବାନ୍ଦରମୁହାଁ, ଚେପ୍ଟାନାକା ଅପରିଚ୍ଛନ୍ନ ମଣିଷ । 'ଯାପାନୀ' ଜିନିଷ ବୋଇଲେ ଲୋକେ ଜାଣନ୍ତି 'ଠକାମି' ଜିନିଷ, ସହଜରେ ଭାଙ୍ଗିବା ଅସଜ ହୋଇଯିବ । କିନ୍ତୁ ସତ କଥା, ଯାପାନର ଲୋକେ ଆର୍ଯ୍ୟ ଜାତିର ଗୋଟିଏ ଶାଖା, ଦେଖିବାକୁ ସୁଶ୍ରୀ ଓ ବେଶ୍ ପରିଷ୍କାର ପରିଚ୍ଛନ୍ନ——ତାଙ୍କର ସହରଣ ଚଳଣ ବଚନ ଓ ଚିତ୍ତାକର୍ଷକ । ଯାପାନୀ ଜିନିଷ ମଧ୍ୟ ପୃଥିବୀର ଅନ୍ୟ ଜିନିଷ ତୁଳନାରେ କାରିଗିରି ଓ ଦାମ ହିସାବରେ କିଛି ଊଣା ନୁହେଁ । ଆମ ଦରିଦ୍ରଦେଶକୁ ସେମାନେ ଯାହା ପଠାନ୍ତି ଶସ୍ତା କରିବାକୁ ଯାଇ ଯାହା ଅଦମ୍ଭ କରିଥାନ୍ତି



Digitized by srujanika@gmail.com

ନୋହିଲେ କଳ କବଜା ତିଆରି ବୃଦ୍ଧିରେ ସେମାନେ ଅମେରିକା ବା ଜର୍ମାନୀ ସାଙ୍ଗରେ ସମକକ୍ଷ ।

ବ୍ୟବସାୟ ବୃଦ୍ଧିରେ ଓ ବାଣିଜ୍ୟ ସାହାସରେ ଯାପାନୀମାନେ କେବଳ ତାଙ୍କରି ତୁଳନା—ନୋହିଲେ ଅଳ୍ପ କେଇଟା ବର୍ଷ ମଧ୍ୟରେ, ପୃଥିବୀବ୍ୟାପୀ ଜର୍ମ୍ମାନୀ ଯୁଦ୍ଧ ପରେ ପରେ ଯାପାନ ଦେଶବିଦେଶର ଦୋକାନ ହାଟକୁ କଳ-ତିଆରି ଯାବତୀୟ ଜିନିଷରେ ଭରେଇ ଦିଅନ୍ତା ! ଯାପାନର ଯୁଦ୍ଧ-ସଜ୍ଜା ଦେଖିଲେ ଇଂଲଣ୍ଡ, ଅମେରିକା ମଧ୍ୟ ଚମତ୍କୃତ ହୁଅନ୍ତି ଯାପାନ ସଙ୍ଗରେ ବାଦ କରିବାକୁ ସାହସ ନହିଁଯାଏ ।



ଓସାକା ସହରର ଶିଳ୍ପ କାରଖାନାର ଗୋଟିଏ ଅଂଶ

ଯାପାନ Orient ର ମଧ୍ୟମଣି—ଗର୍ବର ଜିନିଷ । ଯାପାନର ଶାସନପ୍ରଣାଳୀ ଇଂଲଣ୍ଡର ଶାସନପ୍ରଣାଳୀ ଛାଞ୍ଚରେ ଗଢ଼ା । ଇଂଲଣ୍ଡର ପାର୍ଲିଅମେଣ୍ଟପରି ଯାପାନରେ ମଧ୍ୟ ଦୁଇଟି ଶାସନ-ସମ୍ମିଳନୀ ଅଛି । House of Representative ରେ ୪୬୩ ଜଣ ସଭ୍ୟ, ସେମାନେ ଯାପାନର ସାଧାରଣ ଲୋକଙ୍କର ପ୍ରତିନିଧି । House of Peers ରେ ସଭ୍ୟ ସଂଖ୍ୟା ୬୭୩, ସେମାନେ ଯାପାନର ସମ୍ଭ୍ରାନ୍ତ ବଂଶୀମାନଙ୍କର ପ୍ରତିନିଧି । ଯାପାନର ସମ୍ରାଟ ଏହି ଦୁଇଟି ସମ୍ମିଳନୀର ସହଯୋଗରେ ଆଇନ-ସଂକ୍ରାନ୍ତ ଯାବତୀୟ କାର୍ଯ୍ୟ ନିର୍ବାହ କରନ୍ତି । ଏଥି ଉପରେ ସମ୍ରାଟ ନିଜେ ମନୋନୀତ କରି ଗୋଟିଏ Cabinet ଏବଂ ଗୋଟିଏ Privy Council ର ପ୍ରତିଷ୍ଠା କରନ୍ତି; ଏମାନଙ୍କ ସହଯୋଗରେ ଯାପାନର ଶାସନ-ଗତ ସମସ୍ତ କାର୍ଯ୍ୟ ନିର୍ବାହ ହୁଏ । ଅଗରେ ବୋଲା ଯାଇଥିବା ସମ୍ମିଳନୀ ଦୁଇଟିର ସଭାପତି ସମ୍ରାଟଙ୍କ ନିର୍ବାଚିତ । ଯାପାନର ଅର୍ଥ ସମସ୍ୟା ଏହି ଦୁଇଟି ସମ୍ମିଳନୀ ଉପରେ ନିର୍ଭର । ଏହାପରେ ନଗର, ଗ୍ରାମ, ଦେଶ, ପ୍ରଦେଶମାନଙ୍କର ଶାସନ ଓ ତତ୍ତ୍ୱାବଧାନ ନିମନ୍ତେ Mayor, Magistrate, Governor ଏବଂ Sheriff ଯଥାକ୍ରମେ ନିଯୁକ୍ତ ଥାଆନ୍ତି । Governor ମାନେ ଗୋଟିଏ ଲେଖାଏ ସ୍ଥାନୀୟ Council ସହଯୋଗରେ କାର୍ଯ୍ୟ କରନ୍ତି ।


ଯାପାନୀ ପୁରୁଷମାନଙ୍କ ପକ୍ଷରେ ୧୭ ବର୍ଷଠାରୁ ୪୦ ବର୍ଷ ମଧ୍ୟରେ ସୈନ୍ୟ-ଦଳ-ଭୁକ୍ତ ହେବା ବାଧ୍ୟତା-



Digitized by srujanika@gmail.com

ମୂଳକ । ସାଧାରଣତଃ ଲୋକେ ୨୦ ବର୍ଷ ବୟସରେ ସୈନ୍ୟ ବିଭାଗରେ ପଶନ୍ତି ଏବଂ ୩୮ ବର୍ଷ ବୟସ ହେଲରୁ ଦେଶ-ରକ୍ଷକ ବିଶିଷ୍ଟ ସୈନ୍ୟ ବିଭାଗକୁ ଯାଆନ୍ତି । ଯାପାନୀ ସେନାରେ ୨୪ ଗୋଟି ବିଭାଗ; ପ୍ରତ୍ୟେକ ବିଭାଗରେ ୧୮,୨୦୦ ସୈନ୍ୟ, ୪,୮୦୦ ଅଶ୍ୱ, ୩୬ ଟି କମାଣ ଏବଂ ୧,୬୭୪ ଗୋଟି ଯାନ । ସବୁ ଯାପାନର ସୈନ୍ୟ ସଂଖ୍ୟା ସାତ ଲକ୍ଷ । ଏହାଛଡ଼ା ନୌବିଭାଗରେ ଯୁଦ୍ଧ ଯାହାଜ, ଟର୍ପେଡୋ, ସବମେରିନ୍ ଇତ୍ୟାଦିର ସାଜସଜ୍ଜା ପ୍ରଶସ୍ତ ।

ସୁନା, ଗନ୍ଧକ, ଇତ୍ୟାଦିର ଆମଦାନି ଅଛି । ରେଶମ, ସୂତା ଏବଂ ପଶମ ବୁଣିବା, କାଗଜ ତିଆରି, ଦିଆସିଲି, ଚିନାବାସନ, ଲୌହମଡ଼ା ବାଉଁଶ ବୁଣା-କାମ, ସପ, ଚମଡ଼ା ଏବଂ ନାନାପ୍ରକାର ଖେଳନା ତିଆରିରେ ଯାପାନୀ ସିଦ୍ଧ ହସ୍ତ । ଓଶାକା ସହରରେ ସୂତା ଓ ରେଶମ ଲୁଗା ତିଆରିର ବଡ଼ ବଡ଼ କାରଖାନାମାନ ଅଛି—ଏ ସବୁ ମଞ୍ଚେଷ୍ଟରର ବିରାଟ ଲୁଗା କାରଖାନାମାନଙ୍କ ଠାରୁ କୌଣସି ଅଂଶରେ ନ୍ୟୁନ ନୁହେଁ ।



ନୂଆ ବର୍ଷ ଆରମ୍ଭରେ ଉଜ୍ଜ୍ୱଳ ପୋଷାକ ପିନ୍ଧି ଯାପାନୀ ଯୁବତୀଗଣ ଯାପାନୀ ତାସ ଖେଳରେ ସମୟ କାଟନ୍ତି

ଯାପାନର ପ୍ରଧାନ ବ୍ୟବସାୟ କୃଷି । କୃଷିଯୋଗ୍ୟ ଭୂମିର ପ୍ରାୟ ବାରଅଣାରେ ଧାନ, ବାର୍ଲି, ରାଇ, ଗହମ, ଚୀନା ଏବଂ ତମାଖୁର ଚାଷ । ଅଧିକାଂଶ ଭୂମି ମଧ୍ୟ-ସତ୍ତ୍ୱାଧିକାରୀଙ୍କ ଅଧୀନରେ । ସ୍ୱାଧୀନ ଚାଷୀ ସଂଖ୍ୟା ଅଳ୍ପ ।

ଯାପାନର ଖଣିଜ-ସମ୍ପତ୍ତି ପ୍ରଶସ୍ତ ନୋହିଲେ ମଧ୍ୟ ତମ୍ବା, ଲୁହା, ରୁପା, କୋଇଲା, ସିସା, କିରାସିନି,

ଯାପାନରେ ଲୁହା କାରଖାନା ଭିତରେ Yawata ଲୁହା କାରଖାନା ସବୁଠାରୁ ବଡ଼ ଓ ନାମଜାଦା ।

ଆମ ଦେଶରେ ଯାପାନୀ ଦିଆସିଲର ବେଶୀ ଚଳ । ଜାପାନରେ ଏ ବ୍ୟବସାୟ ଆଜଯାଏ ସ୍ଥାନେ ସ୍ଥାନେ Cottage Industry ରୂପେ ବିଦ୍ୟମାନ ଥିଲେ ସୁଦ୍ଧା ଅନେକ ସହରମାନଙ୍କରେ ବଡ଼ . ଦିଆସିଲି-

Digitized by srujanika@gmail.com

କାରଖାନା ପ୍ରତିଷ୍ଠିତ ହେଲଣି । ଆମଦେଶରେ ମଧ୍ୟ ଏଥିରେ ଚେଷ୍ଟା ଖୁବ୍ ଚାଲିଛି—ଯାପାନୀ ଦିଆସିଲିକୁ ହଟାଇବାପାଇଁ ଅନେକ ଅନେକ ଜାଗାରେ କଳ-କାରଖାନା ମଧ୍ୟ ବସିଗଲାଣି; ଆଶାହୁଏ ଆଉ ଦଶବର୍ଷ ମଧ୍ୟରେ ଯାପାନୀ ବା ବିଦେଶୀ ଦିଆସିଲିର ଆମଦାନୀ ଉଠିଯିବ ।

ଦେଶୀୟ ବିଭିନ୍ନ ପ୍ରକାର ବିଦ୍ୟାପୀଠ ଅଛି । ନାରୀଶିକ୍ଷା ନିମନ୍ତେ ମଧ୍ୟ ବିଶେଷ ବନ୍ଦୋବସ୍ତ କରାଯାଇଅଛି । ଯାପାନରେ ପ୍ରାଥମିକ ଶିକ୍ଷା ବାଧ୍ୟତାମୂଳକ—ସବୁଜାତି ଓ ଶ୍ରେଣୀଙ୍କ ପକ୍ଷରେ ।

ଯାପାନୀମାନଙ୍କ ମଧ୍ୟରୁ ଅଧିକାଂଶ ବୌଦ୍ଧ—ଅନ୍ୟ-କେତେକ Shinto ଧର୍ମାବଲମ୍ବୀ ଓ କେତେକ ଖ୍ରୀଷ୍ଟି-



ବର୍ଷର ପ୍ରଥମ ଦିନରେ ଚୌକଣ୍ଡ ସମ୍ମୁଖରେ 'ଘୁଡ଼ି' ଉଡ଼ାଇବାର ସମୟ ଆସେ । ଦୁଇଟି ଯାପାନୀ ବାଳିକା ଘଣ୍ଟା ଉପରେ 'ଘୁ... ଖେଳରେ ମାତିଛନ୍ତି

ଟେଲିଗ୍ରାଫ୍, ଟେଲିଫୋନ୍, ରେଲପଥ, ବୈଦ୍ୟୁତିକ୍ ଟ୍ରାମ୍ ଯାପାନରେ ପ୍ରୟୋଜନ ଅନୁସାରେ ବିସ୍ତାର ଏବଂ ଆଦର ଲାଭ କରିଛି ଏବଂ ଦିନକୁ ଦିନ ସମ୍ବାଦ ପ୍ରେରଣ ଓ ଗମନାଗମନର ବିଶେଷ ଉନ୍ନତି ସାଧିତ ହେଉଅଛି । ଦେଶୀ ଓ ବିଦେଶୀ ଛାଞ୍ଚରେ ତିଆରି ପ୍ରାୟ ୧୭ ହଜାର ବାଣିଜ୍ୟ ଏବଂ ଯାତ୍ରୀବାହୀ ପୋତ ଯାପାନର ଅଛି—ଏ ଛଡ଼ା ଯୁଦ୍ଧ ଯାନସକଳ ଏବଂ ସରକାରୀ ଜାହାଜ ସ୍ୱତନ୍ତ୍ର ।


ଯାପାନୀମାନଙ୍କ ଶିକ୍ଷାପାଇଁ ଦେଶରେ ପ୍ରାୟ ୨୫ ହଜାର ପ୍ରାଥମିକ ସ୍କୁଲ, ପାଞ୍ଚଟି ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ

ଯାନ୍ । କେତେକ ତ୍ରେ ନୂତନ ମନ୍ଦିର ମଧ୍ୟରେ କେତେ ପ୍ରକାର ବୌଦ୍ଧମୂର୍ତ୍ତିର ଯାନ୍ତ୍ରିକ ପୂଜାହୁଏ । ନଗରପଲ୍ଲୀରେ କେତେ ଧ୍ୟାନୀ ବୁଦ୍ଧମୂର୍ତ୍ତି, କେତେ ସ୍ତୂପ ଓ ମଠ କେତେ କାଳରୁ ଅକ୍ଷୁଣ୍ଣ ଭାବରେ ମଥାଟେକି ରହି ଯାପାନୀଙ୍କର ଭୟ ଓ ଭକ୍ତି ଆକର୍ଷଣ କରୁଛି । ଧର୍ମବିଷୟରେ ଯାପାନୀମାନଙ୍କର ସମ୍ପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ରହିଛି । ଯାପାନୀ ରମଣୀ ସାଧାରଣତଃ ଧର୍ମଭୀରୁ ଏବଂ ଭକ୍ତିପରାୟଣା; ଘରର ପବିତ୍ର ସ୍ଥାନରେ ଛୋଟ ବୁଦ୍ଧ ମୂର୍ତ୍ତିଟିଏ କିମ୍ବା ତାଙ୍କର ସ୍ମାରକ ଫଟୋଟିଏ ସିଂହାସନ ଉପରେ ବସାଇ

Digitized by srujanika@gmail.com

ଯାପାନୀ ମହିଳା ପାହାନ୍ତାରେ ଏବଂ ସଙ୍ଗରେ କିଛିକାଳ ନିୟମିତ ଉପାସନା କରନ୍ତି ।

ଅନେକ ବିଦେଶୀ ମଧ୍ୟ ବ୍ୟବସାୟ ଅନୁସରଣରେ କିମ୍ବା ... ଦ୍ୟ ଅନୁରୋଧରେ ଯାପାନରେ ଉପନିବେଶ ସ୍ଥାପନ କରି ଅଛନ୍ତି । ଯାପାନ ବିଦ୍ୟାଳୟମାନଙ୍କରେ ବିଦେଶୀଭାଷା, ବିଶେଷତଃ ଇଂରାଜୀ ଶିକ୍ଷାପ୍ରତି ବିଶେଷ ବଗିଚାମାନଙ୍କରେ ଅନେକ ରଙ୍ଗ ଫୁଲର ରୁଚିସଙ୍ଗତ ସମାବେଶ ଦେଖିଲେ ଅନ୍ତର ମନ ମୋହିଯାଏ । ଘରେ ବାହାରେ ସବୁଆଡ଼େ ଫୁଲର ଆଦର-ସନ୍ଦରକୁ ଗଲା-ବେଳେ, ଦେଉଡ଼ୀରେ ଫୁଲପରି ପବିତ୍ର ଓ ସୁନ୍ଦର ଯାପାନୀ ତରୁଣୀ ଗୁଡ଼ିଏ ଫୁଲ ବିକୁଥିବେ; ଘରକୁ ଗଲେ ବସିବା, ଖାଇବା ମେଜ ଉପରେ ବିଚିତ୍ର ଫୁଲଦାନରେ ଗୃହଲକ୍ଷ୍ମୀଟି-



ଯାପାନୀ ତରୁଣୀର ପୁଷ୍ପସ୍ଥାପନର ସଜ୍ଜା

ଦୃଷ୍ଟି ଦିଆଯାଏ । ନୈତିକ ଶିକ୍ଷାପାଇଁ ମଧ୍ୟ ବିଦ୍ୟାଳୟମାନଙ୍କରେ ଯଥେଷ୍ଟ ବନ୍ଦୋବସ୍ତ କରାଯାଇଅଛି । ଯାପାନୀମାନେ ଫୁଲ ଓ ସୁରଭି ପ୍ରିୟ । ଛୋଟ ଛୋଟ ଗୃହସ୍ଥମାନେ ମଧ୍ୟ ଘରର ପଛପଟେ ଖଣ୍ଡିଏ ଲେଖାଏଁ ଫୁଲ ବଗିଚା କରି ନିଜେ ତହିଁର ଯତ୍ନ ନିଅନ୍ତି । ବଗିଚାଗୁଡ଼ିକ ପରିଷ୍କାର ଏବଂ ବେଶ୍ ପରିପାଟୀ—ଦେଖିଲେ ମନ ପୂରିଯାଏ ।

ଯାପାନୀମାନେ ବର୍ଣ୍ଣ ବୈଚିତ୍ର୍ୟ ପ୍ରିୟ ବୋଲି ଆମରୁ ଜଣାଯାଉଛି । ତାଙ୍କର ଛୋଟଠାରୁ ବଡ଼ ବଡ଼ ସାଧାରଣ ମାନେ କେତେଜାତି ଫୁଲ ସଜାଡ଼ି ରଖିଥିବେ । ଘର ଭିତରଟି ପରିଷ୍କାର ପରିଚ୍ଛନ୍ନ, ମଳ ଧୂଳି ବା ବିଶୃଙ୍ଖଳାର ଚିହ୍ନନାହିଁ । ଯାପାନରେ ସାଧାରଣ ଗୃହସ୍ଥ, ଆମ ଦେଶର ସାଧାରଣ ଗୃହସ୍ଥ ତୁଳନାରେ ଅନେକ ବେଶୀ ଐହିକ ସୁଖ ଉପଭୋଗ କରେ; ମୂଳରେ ହରଲସା ଶିକ୍ଷିତା ରମଣୀ । ଯାପାନୀ ରମଣୀ ଗୃହର ସୌଷ୍ଠବ ସାଧନରେ ତତ୍ପର—ଗୃହସ୍ଥଳୀର ଯାବତୀୟ ପଦାର୍ଥ ପ୍ରତି ସେମାନଙ୍କର ସଯତ୍ନ ତୀକ୍ଷ୍ଣ-ଦୃଷ୍ଟି । ସ୍ୱତନ୍ତ୍ରଭାବରେ ମଧ୍ୟ ସେମାନେ ଅର୍ଜ୍ଜନ କରି ଦୁଃଖୀ

Digitized by srujanika@gmail.com




ଇନୋ ଉଦ୍ୟାନର ଦୃଶ୍ୟ—ଟୋକିଓ ସହରର ଏହି ଉଦ୍ୟାନସ୍ଥିତ ଗୋଟିଏ ବହୁପ୍ରାଚୀନ ଧର୍ମମନ୍ଦିର କଢ଼େଇ. ଫୁଲ ଗହନରେ ଦୂରରୁ ଖଣ୍ଡେ ଜଳା ଭଳି ଦେଖାଯାଉଛି

ଦରିଦ୍ରର ଅଭାବ ମୋଚନ ଏବଂ ଦୁଃସ୍ଥମାନଙ୍କୁ ସର୍ବତୋଭାବରେ ସାହାଯ୍ୟ କରନ୍ତି ।

ଯାପାନୀ ବାଳକ ବାଳିକା-ମାନେ ପାଠ—ଘରରେ ଗୁଡ଼ି ଉଡ଼ାଇ ନେଲେ ସମସ୍ତ ଅଭି-ବାହିତ ନ୍ତ୍ରୀମାନଙ୍କ ପ୍ରାଥ-ମିକ ସ୍କୁଲମାନଙ୍କରେ ପିଲା-ମାନେ ଢ଼ଲଶିକ୍ଷାନ୍ତେ ପିଲାଦିନୁ ବିନା ଦ୍ୱିଧାରେ ହୁକୁମ ମାନିବା ତାଙ୍କର ଅଭ୍ୟାସ ହୋଇଯାଏ ତାଙ୍କର ତରୁଣ ମସ୍ତିଷ୍କରେ ସ୍ୱଦେଶ ପ୍ରେମ ଓ ସ୍ୱଦେଶ ନିମନ୍ତେ ଜୀବନୋତ୍ସର୍ଗ କରିବାର ମନବୃତ୍ତି ଶିକ୍ଷା ଚରଦିନକୁ ଆଙ୍କି ଦିଆଯାଏ

ସଙ୍ଗୀତ ଶିଖିବା, ଫୁଲ ସଜାଇ ଶିଖିବା, ଲେଖିବୁଣି ଶିଖିବା ଓ ସେବା କରି ଶିଖିବା ଯାପାନୀ ତରୁଣୀମାନଙ୍କର ଶିକ୍ଷାର ପ୍ରଧାନ ଅଙ୍ଗ । ଯାପାନୀ ଗୃହିଣୀ ଗୃହକର ଦାସୀ ଉପରେ ନିର୍ଭର କରନ୍ତି-ନାହିଁ । ତାଙ୍କର ମିତ୍ର ବ୍ୟବହାର ସ୍ୱଭାବ ସଂସାର ଧନର ଟାଣଟାଣି କାମକୁ ଲଘୁ କରିଦିଏ । ତରୁଣୀମାନେ ଗୁରୁଜନମାନଙ୍କୁ ଅନୁକରଣ କରି ଘେର ଘରରେ ଗୋଡ଼ି ହୋଇଯାଆନ୍ତି । ସଞ୍ଜ-ବେଳେ ଘରୁ କାମ ଛାଡ଼ିଲାଇ ବାଳିକାମାନେ ଆମ ଦେଶ କୋଲୁଣୀଙ୍କପରି ପିଠିରେ ପଙ୍ଗିବ ବୋଝବାନ୍ଧି କଠଉ ମାଡ଼ି ସାଧା-ରଣ ବଗିଚାକୁ ବୁଲିଯାଆନ୍ତି ନୋହିଲେ ନିଜ ବଗିଚାରେ ପଞ୍ଝାଏ ରୁଣ୍ଡହୋଇ 'ଧାଧବଙ୍କର' ଖେଳନ୍ତି ।

Digitized by srujanika@gmail.com



ଯପାନର ବସ୍ତ୍ର କେନ୍ଦ୍ର, ଓଶାକାର, ଗୋଟିଏ ଲୁଗା କଳର ଆଂଶିକ ଦୃଶ୍ୟ




ଯାପାନର ଚନାମାଟି କାରଖାନାର ଗୋଟିଏ ଅଂଶ

ଯାପାନୀ ଯୁବକ— ଜପାନର ପୁରୁଷଜାତ କୁସ୍ତି କସରତ ପ୍ରିୟ । ତାଙ୍କର ଭାଷାରେ 'ଯୁଜୁତ୍ସୁ' ବୋଲି କହନ୍ତି । ଅନେକ ପରିମାଣରେ ଆମର ପହଲମାନୀ କସରତ ପରି । ଯାପାନୀର ସବୁ ଶ୍ରେଣୀର ଲୋକେ 'ଯୁଯିତ୍ସୁ-ପ୍ରତିଯୋଗିତା' ଦେଖିବାରେ ବିଶେଷ ଅଗ୍ରହୀ । ବର୍ଷକୁ ବର୍ଷ କ୍ରମ୍ବା ବଡ଼ ବଡ଼ ପର୍ବ ପର୍ବାଣୀ ସମୟରେ ସାଧାରଣ ସ୍ଥାନ-ମାନଙ୍କରେ 'ଯୁଯିତ୍ସୁ ପ୍ରତିଯୋଗିତା' ଏବଂ ଧନୁ ଶରରେ ଲକ୍ଷ୍ୟବିନ୍ଧିବା ପ୍ରଦର୍ଶିତ ହୁଏ, ଅନେକ ଲୋକ ଦେଖିବାକୁ ଜମନ୍ତି ।

ଯାପାନୀମାନେ ଚନ୍ଦାବାସନ, ଚନ ଲନ୍ଠନ, କାଗଜ ଫୁଲ ତିଆରି କରିବାରେ ଏବଂ କାଠକାମ ଓ ରଙ୍ଗ-ଦେବାରେ ଆଶ୍ଚର୍ଯ୍ୟ ନୈପୁଣ୍ୟ ଦେଖାନ୍ତି । ଯାପାନୀ ଧୀବର-ମାନେ ମାଛ ଧରିବାରେ କେତେ କୌଶଳ ନିୟୋଗ କରନ୍ତି । ଜୁନ୍‌ମାସରୁ ଅକ୍ଟୋବର ମାସଯାଏ ଅନ୍ଧାର ରାତିରେ ବଡ଼ ବଡ଼ ନଈ ପାଠମାନଙ୍କରେ ଡଙ୍ଗାରେ ହୁଲାଜାଲ, Cormorant ଜାତର ଗୋଟାଏ ମାଛଧରା ବଡ଼ ପକ୍ଷୀ-ଗୋଡ଼ରେ ସୂତାବାନ୍ଧି, ତାଙ୍କରି ସାହାଯ୍ୟରେ ମାଛ ଧରନ୍ତି ।



Digitized by srujanika@gmail.com




ଟୋକିଓର ବଶ୍ୱବିଦ୍ୟାର ଧାନୁକ ମଣ୍ଡଳୀ

ଯାପାନୀ ପଙ୍ଖା. ଜାପାନୀ ଛତା, ତାଙ୍କର ମୁଣ୍ଡ ନ୍ଦା ପୋଷାକ, ଦେଖିବାର ଜିନିଷ ।

ଯାପାନରେ ଆଉ ଗୋଟିଏ ଦେଖିବା ଜିନିଷ ଲାଞ୍ଜ-କୋଟର କୁକ୍କୁଡ଼ା, ସେମାନଙ୍କ ଲାଞ୍ଜର ପକ୍ଷ ୧।୧୨ ଫୁଟ୍ ଲମ୍ବ ହୁଏ। ଯେ ଜାତିର ମୁରଗୀ ପୋଷିଲେ ତାଙ୍କର ଲାଞ୍ଜ ଏତେ ବଡ଼ ନାହିଁ—୫।୬ ଫୁଟରୁ ବେଶି ହୁଏନାହିଁ ।

ତୁଳନା ଯାପାନ ଆଉ ଆମଦେଶରେ ମଣିଷଟଣା ଗାଡ଼ୀ Rickshaw ବ୍ୟବହାର ହେଲେ ସୁଦ୍ଧା ଯାପାନ ସେ ଗାଡ଼ିର ଜନ୍ମସ୍ଥାନ । ଯାପାନର ଘନ ବାଉଁଶ-ଗୁଳ୍ମ ଶୁଦ୍ଧ ଦେଇ ରାସ୍ତା ଦେଇ ଯାପାନୀ ରମଣୀ ଏଇ ଛୋଟ Rickshaw ରେ ବୁଲି ବାହାରିବା ଦୃଶ୍ୟ ଅତି ମନୋହାରୀ । ଯାପାନୀମାନେ ପାଲ୍କୀ ମଧ୍ୟ ବ୍ୟବହାର କରନ୍ତି—ତାଙ୍କଦେଶ ପାଲ୍କୀର ଆକାର ପ୍ରକାର ଆମଦେଶର ପାଲ୍କୀଠାରୁ ଅନେକ ଭିନ୍ନ ।




ଚା-ବାଗନ୍ରେ ଜମବାପୁଛ ଚୁଧ



Digitized by srujanika@gmail.com

ଟୋକିଓ ଯାପାନର ରାଜଧାନୀ । ଏହାଛଡ଼ା ଓସାକା; କୋବ କିଓଟୋ ଏବଂ ଓୟୋକୋହାମା ବଡ଼ ବଡ଼ ସହର ଏବଂ ବାଣିଜ୍ୟକେନ୍ଦ୍ର । ଯାପାନର ସବୁଠାରୁ ବଡ଼ ପର୍ବତ ଫ୍ୟୁଜିୟାମା ୧୨୩୯୦ ଫୁଟ ଉଚ୍ଚ—ଫ୍ୟୁଜସାନ୍ ତାଠାରୁ ଉଚ୍ଚରେ ଶ୍ରେଷ୍ଠ ହେଲେ ମଧ୍ୟ ତା ପାଖରେ ଗୋଟିଏ ହ୍ରଦ ଥିବାରୁ ତହିଁର ପ୍ରାକୃତିକ ଦୃଶ୍ୟ ମନୋମୁଗ୍ଧକର ।



ଯାପାନୀ ମଲ୍ଲଯୁଦ୍ଧ, କ୍ରୀଡ଼ାଭୂମିରେ ଜାପାନୀ ମଲ୍ଲଗଣ ବଳବୀର୍ଯ୍ୟାତ ପ୍ରସିଦ୍ଧ କସରତ୍ ଦେଖାଉଅଛନ୍ତି

ଯାପାନୀଭାଷା ବଡ଼ କଠିନ—ଅକ୍ଷର ଗୁଡ଼ିକ ଅଦ୍ଭୁତ । ଆମ ଦେଶରୁ ଯେଉଁମାନେ ଯାପାନ ଯାଇଛନ୍ତି କିଛି କଳା ଶିଳ୍ପ ଶିଖିବାକୁ, ସେମାନେ କହନ୍ତି ଯାପାନୀ ଭାଷା ଶିଖିବା ବଡ କଷ୍ଟ । ଯାପାନୀମାନେ ଧାଡ଼ି ବନ୍ଧି ଅକ୍ଷର ନ ଲେଖି ତଳକୁ ତଳ ଅକ୍ଷର ଲେଖନ୍ତି । ଆମର ଲେଖିବା ଅଭ୍ୟାସକୁ ଚାହିଁଲା ବେଳକୁ ପ୍ରକୃତରେ ଜାପାନୀ ଲେଖା ବଡ଼ ଅଦ୍ଭୁତ ।

ଜାପାନକୁ 'Land of the Rising sun' ବୋଲି କହନ୍ତି । ପୁରାଣରେ ମଧ୍ୟ ପ୍ରମାଣ ଅଛି ଯେ ସୂର୍ଯ୍ୟଙ୍କର ଅଂଶଜ ଯାପାନ ସାମ୍ରାଜ୍ୟ ପ୍ରତିଷ୍ଠାକରି ତହିଁରେ ରାଜତ୍ୱ କରିଥିଲେ । ପ୍ରକୃତରେ ଦେଖିବାକୁ ଗଲେ ଯାପାନର ଶକ୍ତି-ସୂର୍ଯ୍ୟ ପୂର୍ଣ୍ଣକଳାରେ ଉଦୀୟମାନ—ଯାପାନର ଉଜ୍ଜ୍ୱଳ ତେଜରେ ଦିଗଦିଗନ୍ତ ଉଦ୍ଭାସିତ; ଆମ ଦେଶର ମାଟି ପିଣ୍ଡଉପରେ ସେ ଖର ରଶ୍ମି ପଡ଼ି ସୁଦ୍ଧା କିଛି କାର୍ଯ୍ୟକାରୀ ହେଉନାହିଁ ।

Digitized by srujanika@gmail.com

# କବିତାରେ ବିଷୟ ବିଚାର

## ( ୩ )

### ଶ୍ରୀ ଗୋବିନ୍ଦ ତ୍ରୀପାଠି

'ମାଘ ସଂଖ୍ୟାରେ' କହିଥିଲି କବିତା ରସମୟ । ସାହିତ୍ୟ ଦର୍ପଣକାର ଲେଖିଚନ୍ତି 'ବାକ୍ୟଂ ରସାତ୍ମକଂ କାବ୍ୟଂ' ରସାତ୍ମକ ବାକ୍ୟ ସମଷ୍ଟିର ସମାହାର କାବ୍ୟ । ଏ ରସର ପ୍ରକୃତ କଣ ? ପ୍ରାଚୀନ ସଂସ୍କୃତ ସମାଲୋଚକମାନେ ବୀର, କରୁଣ, ଅଦ୍ଭୁତ, ବିଭତ୍ସ ଇତ୍ୟାଦି ରସର ବହୁବିଭାଗ ସୃଷ୍ଟି କରି, ଏହି ୨ ରସମାନଙ୍କୁ କବିର ଲେଖାରୁ ବିଶ୍ଳେଷଣ କରିବାର ପ୍ରୟାସ କରିଅଛନ୍ତି କିନ୍ତୁ ଅଧୁନିକ ସମାଲୋଚକମାନେ ରସର ଏହି ବିଭାଗ ସୃଷ୍ଟି ଉପରେ ବିଶେଷ ଆସ୍ଥା ସ୍ଥାପନ କରିନାହାନ୍ତି । ବିଶେଷତଃ ଖଣ୍ଡକାବ୍ୟ ଓ କବିତାରେ ଏତେ ରସର ସମବାୟ—ସମାବେଶ ସମ୍ଭବପର ନୁହେଁ । ଖଣ୍ଡକାବ୍ୟ ବା କ୍ଷୁଦ୍ର କବିତା କୌଣସି ଏକ ରସର ଉଦ୍ବୋଧନ କରେ । କବି କୌଣସି ଗୋଟିଏ ଭାବର ବଶବର୍ତ୍ତୀ ହୋଇ ହୃଦୟରେ ଯାହା ଅନୁଭବ କରେ ତାହାକୁ ପ୍ରକାଶକରି ପକାଏ—ଏହି କ୍ଷୁଦ୍ର କବିତାରେ । ତା ହେଲେ ଏହି ରସ କଣ ? ଇଂରେଜ ସମାଲୋଚକମାନେ ଏହାକୁ ବିଭିନ୍ନ ଭାବରେ ଦେଖିଅଛନ୍ତି, କେହି କହନ୍ତି କବିତା ହେଉଚି criticism of life, କେହି ପୁଣି କହନ୍ତି It is the breath and finer spirit of all knowledge. କବିତା ଜୀବନ ସମାଲୋଚନା ଏବଂ କବିତା ସମସ୍ତ ଜ୍ଞାନରେ ଜୀବନ ଏବଂ ସୂକ୍ଷ୍ମ ଆତ୍ମା । ଏହି ଜୀବନ ସମାଲୋଚନା କଥାଟା ଇଂଲଣ୍ଡର ବିଖ୍ୟାତ ମନୀଷି ମାଥିଉ ଆର୍ଣ୍ଣଲ୍ଡ଼ ପ୍ରଥମେ ଅବିଷ୍କାର କରନ୍ତି । ଏହାର ଅର୍ଥ କଣ ? ଜୀବନର ସମାଲୋଚନା । ଆମ୍ଭେମାନେ କୌଣସି ବିଷୟରେ ସମାଲୋଚନା କରୁଁ କାହିଁକି ? ଆଜକାଲି ଓଡ଼ିଆ ସାହିତ୍ୟରେ ସମାଲୋଚନାର ଯେପରି ବିଭତ୍ସ ରୂପ ଦେଖାଯାଏ ସେହି ଦୃଷ୍ଟିରେ ଦେଖିଲେ କବିତାର ସମାଲୋଚନା ଜୀବନ ନିରର୍ଥକ । କାରଣ ସମାଲୋଚକମାନେ ଗୁଣ ପ୍ରତି ଅନ୍ଧ ରହି କେବଳ ଦୋଷ ଗୁଡ଼ିକ ଦେଖାଇବା ବା ରୁଚିର ଅମେଳ ହେଲା ବୋଲି ଗୁଣ ଗୁଡ଼ିକୁ ମଧ୍ୟ ଟାଣି ଓଟାରି ଦୋଷ ସ୍ୱରୂପ ଅବସ୍ଥାପିତ କରିବା ନୁହେଁ । ଏଥିପାଇ ମୁଁ ପାଠକମାନଙ୍କୁ ସାବଧାନ କରି ଦେଉଚି ଯେ ସେମାନେ ଯେପରି ସମାଲୋଚନାର ଏହି ମାୟାବିନୀ ଶକ୍ତି ଦ୍ୱାରା ଆକୃଷ୍ଟହୋଇ ଚରିଗୁଣି ନାଆଁ ପଛରେ 'ଭୂଆଁ' ନ ବୁଲନ୍ତି । ପ୍ରକୃତ ସମାଲୋଚନାର କାର୍ଯ୍ୟ ସମାଲୋଚିତ ବିଷୟକୁ ବୈଜ୍ଞାନିକ ପ୍ରକ୍ରିୟାରେ ବିଶ୍ଳେଷଣ କରି ତହିଁରୁ ସାର ଗୁଣ ଗୁଡ଼ିକ ଗ୍ରହଣ କରିନେବା, ସେହି ବିଷୟର ଆତ୍ମାକୁ ଉଦ୍ବୋଧିତ କରିବା । କାଳିଦାସଙ୍କ କବିତାର ସମାଲୋଚନା କରିବାକୁ ଯାଇ ସମାଲୋଚକ ଯଦି ଏଠାରେ ବ୍ୟାକରଣ ଦୋଷ ଅଛି, ଏଠାରେ ଛନ୍ଦ ନିୟମର ବ୍ୟତିକ୍ରମ ହୋଇଛି, ଏଠାରେ କବି ଆଦିରସର ଅତି ବହୁଳ ସମାବେଶ କରିଅଛନ୍ତି ଇତ୍ୟାଦି ନାନା କଥା କହି ସମାଲୋଚନାର କାର୍ଯ୍ୟ ଶେଷ କରନ୍ତି ତା ହେଲେ ସେ ସମାଲୋଚନାର ବିଶିଷ୍ଟ ନିୟମ ଭଙ୍ଗକରି ଅଛନ୍ତି ବୋଲି କହିବାକୁ ହେବ । ମୋର ମନେ ପଡୁଛି ଜଣେ ବିଶିଷ୍ଟ ସମାଲୋଚକ ଦୁଷ୍ମନ୍ତଙ୍କୁ ସ୍ତ୍ରୈଣ ବୋଲି ପ୍ରମାଣକରି କବିଙ୍କ କାବ୍ୟ କଳାର ଅନୁତ୍କର୍ଷତା ପ୍ରତୀୟମାନ କରିବାର ଚେଷ୍ଟା କରିଥିଲେ । ସେଇ ସ୍ଥାନରେ ସମାଲୋଚକ ସମାଲୋଚନାର ପ୍ରଧାନ ନୀତି ଭଙ୍ଗ କରିଅଛନ୍ତି ବୋଲି ମୋର ବିଶ୍ୱାସ । ଏହି ନୀତିରେ ଜୀବନ-ସମାଲୋଚନାର ଅର୍ଥ କଲେ ଆମ୍ଭେମାନେ ବେଶ୍ ବୁଝି ପାରିବୁଁ ଯେ ତାହାର ଉଦ୍ଦେଶ୍ୟ ମନୁଷ୍ୟ ଜୀବନର ଯେ ମୂଳ ଭିତ୍ତି, ଯେ ଦୃଢ଼ନୀତି ଉପରେ ମନୁଷ୍ୟର ସମୁଦାୟ ଅସ୍ତିତ୍ୱ ଅବସ୍ଥାପିତ, ଯେ ବୃତ୍ତିଦ୍ୱାରା ଚାଳିତହୋଇ ମନୁଷ୍ୟ ମନୁଷ୍ୟପରି କାର୍ଯ୍ୟକରେ ତାହାର ପ୍ରଖ୍ୟାପନ । ଖାଇବା ପିଇବା ପ୍ରଭୃତି ମନୁଷ୍ୟର ପଶୁ ସାଧାରଣ ବୃତ୍ତି ଗୁଡ଼ିକୁ ବାଦଦେଲେ ତାହାର ଯେ ଅବ-





Digitized by srujanika@gmail.com

ଶିଷ୍ଟ ଭାବନା ବା ଚିନ୍ତା ବା କାର୍ଯ୍ୟ ତାହା କୌଣସି ଏକ ବିଶେଷ ଏବଂ ଅନନ୍ୟସାଧାରଣ ଗୁଣଦ୍ୱାରା ପରିଚାଳିତ। କୌଣସି ଜଣେ ଲୋକ ଯେ କୌଣସି ଏକପ୍ରକାରରେ ଭାବେ, କୌଣସି ଏକ କାର୍ଯ୍ୟକରେ ତାର ଜୀବନରେ ନିଜର କାର୍ଯ୍ୟ କଳାପ ହେତୁ ସେ ଯେ ଦୁଃଖିହୁଏ ବା ସୁଖୀହୁଏ—ମୋଟଉପରେ ତା ନିଜ ଜୀବନ ଉପରେ ତା ନିଜ ବ୍ୟକ୍ତିତ୍ୱର ଯେ ପ୍ରଭାବ ଏହାହିଁ ସମାଲୋଚକଙ୍କର ଦର୍ଶନୀୟ। ଶକୁନ୍ତଳାଙ୍କର ଋଷି ସଙ୍ଗ ଓ ତପୋବନାଶ୍ରୟ ହେତୁ ମୁଗ୍ଧ ସରଳତା ସହିତ ସ୍ୱଭାବଜ ରାଜସିକ ଗୁଣ ହେତୁ ତାଙ୍କର ଯେ ଫଳ ନିରପେକ୍ଷ ପ୍ରେମ-ପ୍ରବଣତା ଓ ଶେଷରେ ଉଚ୍ଚକୁଳ ସମ୍ଭବା ଉଚ୍ଚହୃଦୟା ଶକୁନ୍ତଳାଙ୍କର ଦୁଷ୍ମନ୍ତଙ୍କ ପ୍ରତ୍ୟାଖ୍ୟାନରେ ଜୁଗୁପ୍ସା ପ୍ରକାଶ ଏବଂ ଚିର-ବିରହ ବ୍ରତାବଲମ୍ବନ—ଏହି ସମସ୍ତହିଁ କବିର କବିତ୍ୱ ଏବଂ ଏହାର ପ୍ରଖ୍ୟାପନହିଁ ସମାଲୋଚନାର ସମାଲୋଚକତ୍ୱ।

ଆମ୍ଭେମାନେ ମନୁଷ୍ୟ ଜୀବନ ପର୍ଯ୍ୟାଲୋଚନା କଲେ ଦେଖିବୁଁ ତାହା କେବଳ କେତେଗୁଡ଼ିଏ ବିରୁଦ୍ଧ ଭାବର ସମଷ୍ଟି ଏବଂ ସେହିମାନଙ୍କର ପରସ୍ପର ଘାତ ପ୍ରତିଘାତରେ ଜାତହୁଏ—ମନୁଷ୍ୟର କାର୍ଯ୍ୟ। କବିର ଇଚ୍ଛା ଅବାଧ ଜୀବନ ସମ୍ଭୋଗ। ଏହାର ପଥରେ ବହୁବାଧା ବିଘ୍ନ ଯଦି ଆସିପଡ଼େ—ତା' ହେଲେ ସେହିଠାରେ କବିତାର ଉତ୍ପତ୍ତି। କୌଣସି କବିର ନାୟକ ବା ନାୟିକା ନିଜର ଯଥେଷ୍ଟ ଭୋଗ ପାଇ ପାରିନାହିଁ; ଯେତେବେଳେ ଯାହା ଇଚ୍ଛା କରିଛି, ସେତେବେଳେ ତାହା କରିପାରିନାହିଁ। ରାମାୟଣରେ କବିତାର ଉତ୍ପତ୍ତି ରାମଚନ୍ଦ୍ରଙ୍କ ବନବାସରେ; ବୃଦ୍ଧ ଦଶରଥଙ୍କର ରାମଙ୍କୁ ରାଜାକରି ନୟନ ସାର୍ଥକ କରିବାର ଇଚ୍ଛା ସହିତ, କୈକେୟୀ-ଚାଳିତ ଦଶରଥଙ୍କର ପ୍ରତିଜ୍ଞାପାଳନ ନିମନ୍ତେ ଦ୍ୱୈଧାଭାବରେ। ଏନିଡ଼ରେ କବିତାର ଆରମ୍ଭ ଚିର ଯଶ ଓ କର୍ମପିପାସୁ ଏନିଆସଙ୍କର ଡ଼ିଡୋ ରୂପମୁଗ୍ଧ ଏନିଆସଙ୍କ ପ୍ରେମରେ ଏହି ଅବାଧ ଜୀବନ ସମ୍ଭୋଗ ଭିନ୍ନ୨ କବିଠାରେ ଭିନ୍ନ୨ ଆକୃତି ଧାରଣକରେ। ସମସ୍ତଙ୍କର ପ୍ରକୃତି ଏବଂ ରୁଚି ସମାନ ନ ଥାଏ। ଗ୍ରୀକ୍‌ରାଜ ମୀଡ଼ାସଙ୍କର ରୁଚି ଅଜସ୍ର ସ୍ୱର୍ଣ୍ଣ ସଞ୍ଚୟରେ, ପୁଣି ଡ଼ାଓଜେନସଙ୍କର ରୁଚି ପ୍ରାକୃତିକ ଜୀବନ ଚାଳନରେ। କବି ନିଜର ଶିକ୍ଷା ଦୀକ୍ଷା ଅନୁସାରେ ଓ ପ୍ରାକୃତିକ ଅବଗୁଣ୍ଠନର ପ୍ରଭାବ ଅନୁସାରେ ନୀତି ବିଶେଷର ଅବଲମ୍ବନକରି ତାହାର ମଧ୍ୟରେ ଏହି ଅବାଧ ଜୀବନ ସମ୍ଭୋଗ ନିମନ୍ତେ ଚେଷ୍ଟାକରେ। ମନୁଷ୍ୟର ଏହି ସମ୍ଭୋଗେଚ୍ଛା ବିରୁଦ୍ଧରେ ଆମ୍ଭେମାନେ ସାଧାରଣତଃ ଦେଖିବାକୁ ପାଉଁ, ଦୁଇଟି ବିରୁଦ୍ଧଭାବ କାର୍ଯ୍ୟକରେ। ପ୍ରଥମ ନାୟକର ସ୍ୱଭାବଜା ପ୍ରକୃତି, ଦ୍ୱିତୀୟ ପ୍ରକୃତି ବା ଅବଗୁଣ୍ଠନର ଅଦୃଶ୍ୟ ଶକ୍ତି ବା ଅଦୃଷ୍ଟ। ଶକୁନ୍ତଳା ଓ ଦୁଷ୍ମନ୍ତଙ୍କର ପ୍ରେମ ଯେ ସତ୍ୟ ଓ ହାର୍ଦ୍ଦ୍ୟ ସେଥିରେ କୌଣସି ସନ୍ଦେହନାହିଁ। କିନ୍ତୁ ଏହି ପ୍ରେମର ସଫଳତା ବିରୁଦ୍ଧରେ କାର୍ଯ୍ୟ କରୁଥିଲା, ଶକୁନ୍ତଳାଙ୍କର ଅଭିମାନ ଓ ଦୁର୍ବାସାଙ୍କର ଅଭିଶାପ। ରାମଙ୍କର ସୀତାଙ୍କ ପ୍ରତି ପ୍ରେମ ଧ୍ରୁବ ଏବଂ ଚିରନ୍ତନ। କିନ୍ତୁ ସେଥିରେ ପ୍ରତିବନ୍ଧକ ହେଲା ରାମଙ୍କର ପ୍ରଜାରଞ୍ଜନ ଅଭିଳାଷ ଏବଂ ଦୁର୍ମୁଖ ମୂର୍ଖ ପ୍ରଜାଙ୍କର ଅପବାଦ। ସୀତା ଏବଂ ଶକୁନ୍ତଳା ସେକସ୍-ପିୟରଙ୍କ ଇମୋଜେନ ବା ବ୍ରିଟୋମାର୍ଟ ହୋଇଥିଲେ କଣ ହୋଇଥାନ୍ତା କିଏ କହିବ। କିନ୍ତୁ ସେମାନେ ତାହା ନୁହନ୍ତି। ସେମାନେ ଯଦି ତାଦୃଶ ବ୍ୟବହାର କରିଥାନ୍ତେ ତା' ହେଲେ କବି ଲିଖନ ପ୍ରଣାଳୀରେ ଅନଭିଜ୍ଞ ବୋଲି କଥିତ ହୁଅନ୍ତେ। ମୁଁ କବିତାର କଥା ଲେଖିବାକୁ ଯାଇ ନାଟକର ଆଲୋଚନା କରୁଥିବାର ଦେଖି କେହି୨ ମତେ ଗାଳି ଦେଇପାରନ୍ତି କିନ୍ତୁ ମୁଁ କହେ, ନାଟକ କବିତାର ବହିର୍ଭୂତ ନୁହେଁ। ସେକ୍ସପିୟର, ଗେଟେ, ଭବଭୂତି ଓ କାଳିଦାସ ପ୍ରଭୃତି ନାଟକକାରମାନେ ଯାହା ଅଭିନୟ ସାହିତ୍ୟ ଭାବରେ ଲେଖିଯାଇଅଛନ୍ତି, ତାହା ମଧ୍ୟରେ ଯାହା କବିତା ଅଛି ଅନେକ ବଡ଼୨ ପଦ୍ୟ ପୁସ୍ତକରେ ତାହାର ଏକଶତାଂଶ ଅଛି କି ନା ସନ୍ଦେହ। ତା' ପରେ ଏ ସବୁ ବିଷୟର ଅବତାରଣା ଏହି ମୋଟନୀତିର ଉଦାହରଣ ନିମନ୍ତେ। ମୁଁ ଏଥର କେତୋଟି କ୍ଷୁଦ୍ର କବିତାର ଉଦାହରଣ ଦେଇ ଏ ବିଷୟଟି ବୁଝାଇବାର ଚେଷ୍ଟାକରିବି। ଧରନ୍ତୁ ଶେଲିଙ୍କର ଏହି କେତୋଟି ଧାଡ଼ି

"As in the dissolving warmth of early morn
A half-frozen dew glow"

ଏଠାରେ କବି ଶିଶିର ବିନ୍ଦୁର ଏହି ରୂପାନ୍ତର ଲକ୍ଷ୍ୟ କରିଅଛନ୍ତି, ଏହାର ମଧ୍ୟରେ ଜୀବନର ସନ୍ତ୍ର

Digitized by srujanika@gmail.com

ଅନୁଭବ କରି ଉପମାଚ୍ଛଳରେ ମନୁଷ୍ୟ ଜୀବନର ଗୋଟିଏ ସଂକ୍ଷିପ୍ତସାର ଏହି କେତୋଟି ଧାଡ଼ିରେ ଦେଇଯାଇ ଅଛନ୍ତି । ଅଥବା ଧରନ୍ତୁ କାଳିଦାସଙ୍କର –

"ଯାତ୍ୟେକତୋଽସ୍ତ ଶିଖରଂ ପତି ରୋଷଧୀନାମ୍
ଆବିଷ୍କୃତୋଽରୁଣପୁରଃସର ଏକତୋଽର୍କଃ
ତେଜୋ ଦ୍ୱୟସ୍ୟ ଯୁଗପଦ୍ ବ୍ୟସନୋଦୟାଭ୍ୟାମ୍
ଲୋକାଃ ନିୟମ୍ୟତ ଇବାତ୍ମ ଦଶାନ୍ତରେଷୁ"

ଏ ସ୍ଥାନରେ କବି ମ୍ରିୟମାଣ ଚନ୍ଦ୍ର ଓ ଉଦୀୟମାନ ସୂର୍ଯ୍ୟର ଯୁଗପତ୍ ବିକାଶ—ଦିବା ଓ ରାତ୍ରିର ସନ୍ଧିସ୍ଥଳ, ଲକ୍ଷ୍ୟକରି ତହିଁରେ ମନୁଷ୍ୟ ଜୀବନର ଏକ ଅସାଧାରଣ ବିଭବ ଦେଖିଅଛନ୍ତି । ପ୍ରାଚୀନ ଭାରତୀୟ କବିଙ୍କର ଏହି କଳ୍ପନା ଗେଟେ ପ୍ରଭୃତି ଅନେକ ସ୍ୱନାମଧନ୍ୟ ପାଶ୍ଚାତ୍ୟ ମନୀଷିମାନଙ୍କର ଲେଖାରେ ମଧ୍ୟ ଦେଖିବାକୁ ମିଳେ । ଉଭୟତଃ ଜୀବନର ଏହି ବିରୁଦ୍ଧ ଭାବର ଘାତ ପ୍ରତି-ଘାତରେହିଁ କବିତାର ଆରମ୍ଭ । ଶିଶିର ବିନ୍ଦୁର ସୌନ୍ଦର୍ଯ୍ୟ ସୂର୍ଯ୍ୟ କିରଣରେ ବାଷ୍ପୀଭୂତ ନ ହେଲେ ତାହା a flame of fire and an amethyst ହୋଇ ପାରନ୍ତା-ନାହିଁ । ସେହିପରି ରାତ୍ରିର ବିଶ୍ରାମ ସୁଖର ଅନ୍ତ ଦିବା-ଗମରେ ନ ହେଲେ ସନ୍ଧ ସମୟର ଏ ଗମ୍ଭୀର ସୌନ୍ଦର୍ଯ୍ୟ କବି ହୃଦୟରେ ବାଜି ପାରନ୍ତା ନାହିଁ ।

ଏହି ସମ୍ଭୋଗେଚ୍ଛା ଏବଂ ତାହାର ବ୍ୟାଘାତ ଭିନ୍ନ ଭିନ୍ନ ସ୍ଥଳରେ ଓ ଅବସ୍ଥାରେ ଭିନ୍ନ ଭିନ୍ନ ଆକାର ଧାରଣ କରେ । ଓ୍ୱାର୍ଡସଓ୍ୱାର୍ଥଙ୍କର ସମ୍ଭୋଗେଚ୍ଛା ନୀରବ ଗମ୍ଭୀର ପ୍ରକୃତିର ଉପାସନାରେ । ମୁଲିଅଣୀଟିଏ ଏକାକିନୀ କ୍ଷେତ୍ରରେ ବସି ଶସ୍ୟ କାଟୁଚି ଏବଂ ମନକୁମନ କି ଗୀତ ଗାଉଛି । ତାହା ଓ୍ୱାର୍ଡସଓ୍ୱାର୍ଥଙ୍କ ଦୃଷ୍ଟିରେ ବଡ଼ ମନୋହର କାହିଁକି ? ତାର ଜୀବନରେ ଯେ ଗଭୀର ସନ୍ତୋଷ ଯେ ଅନାବିଳ ସରଳ ପ୍ରକୃତି । ଜୀବନଟା ତାହାହିଁ ମନୋରମ। ସେ ଗାଉଚି, କେଉଁ ଦେଶର, କେଉଁ କାଳର, କେଉଁ ଘଟ-ଣାର ଅଜଣା ସଙ୍ଗୀତ । କେତେ ମଧୁର ସେ ଗାନ କେତେ ହୃଦୟ-ସ୍ପର୍ଶୀ ! କବି ତାହାର ଦୃଷ୍ଟିର ଅନ୍ତରାଳ ହେଲେ ମଧ୍ୟ ତାର ଜୀବନ ବୀଣା ତାଙ୍କ ନିଜ ହୃଦୟ ମଧ୍ୟରେ ଥରି ଥରି ବାଜି ଉଠିବାର ଅନୁଭବ କରୁଅଛନ୍ତି । ଏହା କବିର ନିକଟରେ ଏତେ ମନୋରମ କାହିଁକି ? କାରଣ କବି ଜୀବନର ଆଦର୍ଶ ଏବଂ କାମ୍ୟ ଏହି ସରଳତା ଓ ନିରବତା । କବି ତାହା ସମ୍ପୂର୍ଣ୍ଣରୂପେ ପାଇପାରି ନାହାନ୍ତି ବୋଲି ଅନ୍ୟତ୍ର ତାହାର ଦର୍ଶନ ଏତେ ମଧୁର ଲାଗେ ତାଙ୍କୁ । କଲେରିଜ୍‌ଙ୍କର ବୃଦ୍ଧ ନାବିକ ନିରାଶ ଜୀବନ ବିଳାସିର ଏକ ଅନବଚ୍ଛିନ୍ନ ଆକୁଳ କ୍ରନ୍ଦନ ତାହାର water water every where, not a drop to drink କେବଳ ପାଣିର କଥା ନୁହେଁ । ପ୍ରତ୍ୟେକ ମନୁଷ୍ୟ ଯେ କୌଣସି ସମୟରେ ଏହି କଠିନ ଭୀଷଣ ଯନ୍ତ୍ରଣା ଅନୁଭବ କରିଅଛନ୍ତି । ସଂସାରରେ କାମ୍ୟ ଭୋଗ୍ୟ ବସ୍ତୁ ଏତେ ଅଛି । ମନୁଷ୍ୟ ସେ ସମସ୍ତ ନିଜର କରିବାକୁ ଯେତିକି ଯତ୍ନ କରେ ସେ ସବୁ ସେତିକି ପରିମାଣରେ ତା ଠାରୁ ଅପସରି ଯାଏ । ସେ ଯେପରି ଗ୍ରୀକ୍ ରୂପକଥାର ଟାଣ୍ଟାଲସ୍ । ଚିରକାମ୍ୟ କିନ୍ତୁ ଚିର ଅନବଧାରିତ ଜୀବନର ଏ ଗୋଟିଏ ବିଶେଷ ଗୁଣ । ଜୀବନ ମଧୁ ଲୋଭରେ ମନୁଷ୍ୟ ଆଶା ମରୀଚିକାର ପଛରେ ଧାଇଁ ବୁଲୁଥାଏ କିନ୍ତୁ ପାଏ କି ? ସେଲି ତାଙ୍କ ଜୀବନରେ ଆଶା କରିଥିଲେ ଏହି ପୁରାତନ ସୁତରାଂ ଜୀର୍ଣ୍ଣଶୀର୍ଣ୍ଣ ମନୁଷ୍ୟ ଜୀବନର ନୂତନ ସଂସ୍କାର କରିବେ । ସେ ଦେଖିଛନ୍ତି ପଶ୍ଚିମାପବନ ଆସି ଏହି ଜୀର୍ଣ୍ଣଶୀର୍ଣ୍ଣ ପତ୍ର ଗୁଡ଼ିକ, ଏହି ଜଳହୀନ ମେଘ ଖଣ୍ଡ ଧରି ଉଡ଼ାଇ ନେଇଯାଏ । ତାହାର ପ୍ରଭାବରେ ସଂସାରରେ ଏକ ଏକ ମହା ଆତଙ୍କ ପଡ଼ିଯାଏ । ତାଙ୍କ ନିଜର ବିଦ୍ରୋହୀ ଶିକ୍ଷା ପରି ସମୁଦାୟ ଜଗତ ଏହି ପଶ୍ଚିମା ପବନର ଘାତ ପ୍ରତିଘାତରେ ପ୍ରଳୟର ଆଶଙ୍କା ଦିଏ କିନ୍ତୁ If winter comes, can spring be far behind, ହେମନ୍ତ ଆସିଚି ଯେତେବେଳେ ବସନ୍ତ କି ଅଉ ଦୂରରେ ଥାଇ-ପାରେ ? ତାଙ୍କ ଜୀବନସାରା ସେ ଚେଷ୍ଟା କରିଅଛନ୍ତି ଏହି ବସନ୍ତକୁ ଆଣି ପୃଥିବୀର ଜରାଜୀର୍ଣ୍ଣ ହୃଦୟରେ ସ୍ଥାପନ କରିବା ନିମନ୍ତେ; କିନ୍ତୁ ପାରିନାହାନ୍ତି । ସେହିଥିରେହିଁ ତାଙ୍କର କବିତ୍ୱ ।

( କ୍ରମଶଃ )

Digitized by srujanika@gmail.com

# ସେ ମଣି ବିନା ଜୀବନ ସିନା ବିଫଳ

ଶ୍ରୀ ଶରତ୍‌ଚନ୍ଦ୍ର ମୁଖୋପାଧ୍ୟାୟ

ସେଦିନ ଯେବେ ହାତଟି ଧରି କହିଲି,
"ଯାଅନା, ସଖା ଯାଅନା ଦୂର ବିଦେଶେ,
କଜଳ-କଳା ନୟନ ତୋଳି ଚାହିଁଲି
ବିଦାୟ ବେଳ ଅଶ୍ରୁଭରା ଆବେଶେ ।
କହିଲି, "ସଖି, ସଜଳ ଆଖି ପୋଛ ଗୋ
ପୁରୁଷ ମୁଁ ଯେ, କରମ ମୋର ଧର୍ମ ।
କରମ ବିନା ଜୀବନ ମୋର ତୁଚ୍ଛ ଗୋ,
କରମହୀନ ପତି ତୋ ପକ୍ଷେ ସରମ ।
ଯାଉଛି, ସଖି, କରମ-ସ୍ରୋତେ ଭାସିବି
ଆଣିବି ଜିଣି ଜୟ ଗୌରବ ମାଳାଟି,
ସେ କଳା ଆଖି ମର୍ମେ ରଖି ନାଶିବି
ଦିବସ ନିଶି ମୋର ବିରହ ଜାଳାଟି ।"

କରମ ଶେଷେ ବିଜୟୀ ବେଶେ ପୁଣି ଗୋ
ଆସିଛି, ସଖି, ଆସିଛି ଫେରି ସ୍ୱଦେଶେ ।
ଜୀବନ-ଯୁଦ୍ଧେ ସପତ-ରଥୀ ଜିଣି ଗୋ
ବିଜୟ-ମଣି ଲଭିଛି ସଖୀ ବିଦେଶେ ।
ପରାଣ-ମଣି କୁହିଁରେ ମୋର ନାହିଁ ତ
ନାହିଁ ଗୋ ମୋର ବିଜୟୀ-ବାହୁ ବନ୍ଧନେ
ବିଜୟ-ମାଳା ନୀରବେ ରହେ ଚାହିଁ ତ
ବ୍ୟଥିତ ମୋର ହୃଦୟଟିର ସ୍ପନ୍ଦନେ ।
ବିଜୟ-ମଣି ଥାଉ ଗୋ ରାଣୀ ଅଦେଖା,
ବିଜୟ-ମାଳା ଥାଉ ଗୋ ପଡ଼ି ଭୂତଳ,
ସ୍ମୃତିଟି ଯାର ହୃଦୟ-ପଟେ ମୋ' ଲେଖା
ସେ ମଣି ବିନା ଜୀବନ ସିନା ବିଫଳ ।

---

# ଇତିହାସର ପ୍ରତିଷ୍ଠା

ଶ୍ରୀ ନୃସିଂହ ମହାନ୍ତି

ଇତିହାସ ଅପୂର୍ଣ୍ଣର ପୂର୍ଣ୍ଣତା ଲାଭ ନିମିତ୍ତ ବିକାଶୋନ୍ମୁଖୀ ପ୍ରଚେଷ୍ଟାର ଲିପି । ଯାହା ସଂଘଟିତ ତାହା ଐତିହାସିକ । ମାନବୀୟ ପ୍ରତ୍ୟେକ ପ୍ରଜ୍ଞା ଓ ବହୁଦର୍ଶିତା ଇତିହାସ ବଦ୍ଧ । ପ୍ରାଥମିକ ମାନବ ଯେପରି ପାଶବିକ ଜୀବନ ନିର୍ବାହ କରିଥିଲେ ଏବଂ ଆଧୁନିକ ସଭ୍ୟତମ ନାଗରିକ ଯେପରି ଜୀବନ ଯାପନ କରନ୍ତି ତାହା ମଧ୍ୟ ଇତିହାସର । ଦ୍ୱିସହସ୍ରାଧିକ ବର୍ଷ ପୂର୍ବେ ପ୍ଲେଟୋ ବା ବୁଦ୍ଧଦେବ ଯାହା ଚିନ୍ତା କରିଥିଲେ ଏବଂ ଯେଉଁ ନୂତନ ସତ୍ୟ ଦ୍ୱାରା ପୃଥିବୀକୁ ଜ୍ଞାନବାନ୍ କରିଥିଲେ ତାହା ଇତିହାସର । ମାନବର ଚିନ୍ତା ପ୍ରାଚୀନରେ କେଉଁ ୨ ଧାରା ମଧ୍ୟରେ ପ୍ରବାହିତ ହୋଇଥିଲା ବା ହେଉଅଛି ତାହା ଇତିହାସକୁ ଜ୍ଞାତ । ଐତିହାସିକ ତାହାଙ୍କର ପୁସ୍ତକାଗାରର କୋଣରେ ବସି ପ୍ରାଚୀନ ତଥା ଜୀବନ୍ତ ବର୍ତ୍ତମାନର ସ୍ୱରୂପ ନିର୍ଦ୍ଦେଶ କରିପାରନ୍ତି । ବିଶ୍ୱ-ମାନସ-ଯୁକ୍ତ ବ୍ୟକ୍ତିର କଥା ତ ଆହୁରି ମହତ, କାରଣ ସେ ପ୍ରଧାନତମ ଐତିହାସିକ, ଯେହେତୁ ମାନବ ଯାହା କରି ଯାଇଅଛି ବା ଭବିଷ୍ୟତରେ କରିପାରେ, ସେ ସବୁ ଜାଣନ୍ତି । ସେ ପାଣତଃ ବିଶ୍ୱ ସଙ୍ଗେ ସଂପୃକ୍ତ, ସେହି-



Digitized by srujanika@gmail.com

ହେତୁ ନୈସର୍ଗିକ ନିୟମ ଶୃଙ୍ଖଳିତ ବିଶ୍ୱର ସମସ୍ତ ପ୍ରକାର ଗତିବିଧି ବିଷୟରେ ସଜ୍ଞାତ । ଐତିହାସିକ ନିୟମାବଳି ତାହାଙ୍କୁ ଗୋଚର । ମାନବଜାତିର ବହୁଦର୍ଶିତାର ପରିଧି ତାହାଙ୍କ ସମକ୍ଷରେ ସ୍ପଷ୍ଟ । ଯାହା ଇତିହାସରେ ଅଭିବ୍ୟକ୍ତ ତାହା ଏହାଙ୍କ ଜୀବନରେ ଉପଲବ୍ଧ । ମାନବ କେବଳ ତାହାର ଇତିହାସ ଦ୍ୱାରା ବୋଧ୍ୟ—କାରଣ ମାନବୀୟ ପ୍ରକୃତିର ସମସ୍ତ ପ୍ରକାର ଭିନ୍ନ ଭିନ୍ନ ଅବସ୍ଥା ଏହାଦ୍ୱାରା ଲିପିବଦ୍ଧ । ଇତିହାସର ପ୍ରତ୍ୟେକ ଘଟନା ମାନବ-ମାନସରେ ସୂକ୍ଷ୍ମ ୨ ନିୟମାବଳି ରୂପରେ ପୂର୍ବ ନିହିତ । ଘଟନାର ସଂଘଟନ ନିମିତ୍ତ କେବଳ 'ନିମିତ୍ତ' ର ସଂଯୋଗ ଅବଶ୍ୟକ । 'ନିମିତ୍ତ' ର ସଂଯୋଗରେ ଇତିହାସର ଅଧ୍ୟାୟ ସଂପୂର୍ଣ୍ଣ ହୁଏ । ଏହିରୂପେ, ପ୍ରାଥମିକ ମାନବ ଜୀବନରେ ସମୁଦାୟ ଇତିହାସ ପୂର୍ବନିହିତ ଥିଲା,—ସେ ଘଟନାବଳୀ ତଥା ନିୟମାବଳୀର ଆକାର ସ୍ୱରୂପ । ମିଶର କହ, ବାବିଲୋନୀୟା କହ, ଭାରତ କହ, ବା ଆଧୁନିକ ୟୁରୋପ ବା ମାର୍କିନ କହ ଏ ସମସ୍ତ ଦେଶର ସଭ୍ୟତା ଓ ଶିକ୍ଷା ସେହି ଅସଭ୍ୟର ଜୀବନରେ ପୂର୍ବନିହିତ ଥିଲା । ଅବସ୍ଥା ଭେଦରେ ତାହାର ( କେଉଁଠାରେ ବା ) ସାମ୍ରାଜ୍ୟ ଗଠନକଲା ବା ସାଧାରଣ ରାଜ୍ୟ Republic ଗଠନ-କଲା, ପୀରାମିଡ୍ ଗଠନକଲା ବା ସେଣ୍ଟପଲସ୍ କାଥେ-ଡ୍ରାଲ ଗଠନକଲା ବା ଅମେରିକାର ସଭ୍ୟତା ଓ ବିଜ୍ଞାନ ଉଦ୍ଭାବନକଲା ବା ମଧ୍ୟ-ଅଫ୍ରିକୀୟ ବା ପଲିନେସିଅନ ଅସଭ୍ୟତାରେ ଜୀବନ ଯାପନକଲା । ଇତିହାସ ମାନବ ମନ ସୃଷ୍ଟିକରେ ଏବଂ ମାନବ-ମନ ଦ୍ୱାରା ମଧ୍ୟ ଇତିହାସ ସୃଷ୍ଟ ହୁଏ । ମାନବର ମନ ଓ ଚିନ୍ତା ଯେଉଁ ଯେଉଁ ଧାରା ଦେଇ ପ୍ରବାହିତ ଇତିହାସର ଧାରା ମଧ୍ୟ ସେହି, କିନ୍ତୁ ଯେତେବେଳେ ମାନବ ଚିନ୍ତାଧାରା ଶୁଷ୍କ ଉତ୍ପାଦିକାଶକ୍ତି ବିହୀନ ହୁଏ, ସେତେବେଳେ ମାନବ ଇତିହାସ ଦ୍ୱାରା ପରିଚାଳିତ ହୁଏ, ପ୍ରାଚୀନର ସାହାଯ୍ୟରେ ଭବିଷ୍ୟତ୍ ତଥା ବର୍ତ୍ତମାନ ଗଠନ କରିବସେ । ଇତିହାସର ଶତାବ୍ଦୀ ମାନଙ୍କ ସଙ୍ଗେ ଜୀବନର ମୂହୂର୍ତ୍ତ ସବୁର ସଂବନ୍ଧ ବଡ଼ ଗଭୀର । ଶାକ୍ୟ ମୁନି ଏକ ମୂହୂର୍ତ୍ତରେ ଯେଉଁ ଅମୀୟ 'ଅଲୋକ ଦ୍ୱାରା' ନିଜକୁ ବୁଦ୍ଧ ବୋଲି ଜଗତରେ ପରିଚୟ ଦେଇଥିଲେ, ସେହି ମୂହୂର୍ତ୍ତ ସଙ୍ଗେ ବିଶ୍ୱର ଶତ ୨ ଶତାବ୍ଦୀମାନ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ । ମହମ୍ମଦଙ୍କର ଉଜ୍ଜ୍ୱଳ 'କ୍ଷଣକ' ସଙ୍ଗେ ଜଗତ ମଧ୍ୟ ସେହିରୂପେ ଜଡ଼ିତ । ଏହି ମହାତ୍ମାଙ୍କ ଜୀବନରେ ଯେଉଁ ମହତ୍ତ୍ୱ ସତ୍ୟ ଏକମୂହୂର୍ତ୍ତରେ ଲବ୍ଧ, ତାହା ମାନବର ସାଧାରଣଙ୍କ ଦ୍ୱାରା ଶତ ୨ ଶତାବ୍ଦୀରେ ମଧ୍ୟ ଲବ୍ଧ ହୋଇ-ପାରେନାହିଁ । ଏବଂ ଇତିବୃତ୍ତର ଗତି ସତତ ଏହାରି ଧାରାକୁ ଅପେକ୍ଷା କରିଥାଏ । ଇତିହାସ ସମକ୍ଷରେ ପ୍ରତ୍ୟେକ ବ୍ୟକ୍ତି "ନିମିତ୍ତ" ଓ "ଅବସ୍ଥା" ର ନୂତନ ସଂଯୋଗ । ସେଥିପାଇଁ ଇତିହାସ ପ୍ରତ୍ୟେକଙ୍କ ଜୀବନରୁ ନୂତନ ୨ ସତ୍ୟ ଆଶାକରେ । ସେହି ବ୍ୟକ୍ତି ଇତିହାସ ସୃଷ୍ଟି କରନ୍ତି, ସମାଜ ତଥା ସଭ୍ୟତା ସଂସ୍କାର କରନ୍ତି, ଯେ ଇତିହାସକୁ ନୂତନ ୨ ସତ୍ୟ ଦ୍ୱାରା, ନୂତନ ୨ ଉପଲବ୍ଧି ଦ୍ୱାରା ସଂଗଠନ କରନ୍ତି । ଯେ ସ୍ୱୀୟ ଜୀବନର ଉପଲବ୍ଧି ଦ୍ୱାରା ନିଜକୁ ବିଶ୍ୱ-ମାନବ ସଙ୍ଗେ ସଂଯୁକ୍ତ କରିବାକୁ ଅକ୍ଷମ, ସେ ଜଗତକୁ ତଥା ଇତିହାସକୁ ନୂତନ ସତ୍ୟ ଦେଇ ପାରନ୍ତି ନାହିଁ । ବ୍ୟକ୍ତି ଗତ ଜୀବନ ସଙ୍ଗେ ଜାତୀୟ ଜୀବନର ଐକ୍ୟ ଯେଉଁ ପ୍ରାଣ ସମକ୍ଷରେ ଯେତିକି ସ୍ପଷ୍ଟ, ସେ ସେତିକି ପରିମାଣରେ ଜାତି ପରାୟଣ ଏବଂ ତାହାଙ୍କର ଇତିହାସକୁ ଦାନ ସେତିକି ବେଶୀ । ଯେଉଁ ବ୍ୟକ୍ତି ଯେତିକି ପରିମାଣରେ ଜାତୀୟ ଜୀବନ ନିର୍ବାହ କରନ୍ତି, ସେ ସେତିକି ପରିମାଣରେ ଇତିହାସର ବ୍ୟକ୍ତି ଓ ଜାତି ସମକ୍ଷରେ ଜୀବନ୍ତ ।

ତାହାଙ୍କ ବ୍ୟକ୍ତିଗତ ତଥା ଜାତିଗତ ବହୁଦର୍ଶିତା ଦୃଷ୍ଟିରେ ସେ ଜାତୀୟ ଜୀବନର ସନ୍ଦେହ ସମାଧାନକରନ୍ତି ଏହିରୂପେ ଜାତିଗତ ଜୀବନର ସନ୍ଦେହମାନ ବିଶିଷ୍ଟ ଓ ଉପ-ଲବ୍ଧିଶୀଳ ବ୍ୟକ୍ତି ମାନଙ୍କର ଅଭିମତ ଦ୍ୱାରା ସମାହିତ ହୋଇଅଛି ଓ ହେଉଅଛି,—ଅର୍ଥାତ୍ ଅଜ ଯେଉଁ କଥାଟି table talk କାଲି ସେ କଥାଟି ବିପ୍ଳବ-ବାଦର ଭିତ୍ତି ସ୍ଥାପନକରୁଅଛି, ଅଜ ଯେଉଁଟା ବ୍ୟକ୍ତିର ଚିନ୍ତା ବା ଆଦର୍ଶର ସାମଗ୍ରୀ କାଲି ସେ ଜାତିର କାର୍ଯ୍ୟ ଓ ନୂତନତର ଆଦର୍ଶ ଉପଲକ୍ଷେ ଯାବାର ସ୍ଥଳ । ସମାଜରେ ବା ଶାସନ ନୀତିରେ ଯାହା ନୂତନ ନୂତନ ସଂସ୍କାରରେ କାର୍ଯ୍ୟକରେ, ତାହା ସମୟରେ ଏହିପରି କ୍ଷୀଣ ଓ ଦୁର୍ବଳ ବ୍ୟକ୍ତିଗତ Private ଅଭିମତ ରୂପରେ ବିଦ୍ୟମାନ ଥିଲା । ତାହା କେବଳ ଅବସ୍ଥା ଚକ୍ରରେ ପଡ଼ି ଇତିହାସର

Digitized by srujanika@gmail.com

ଘଟନା ସୃଷ୍ଟି କଲା । କେତେ କେତେ ବ୍ୟକ୍ତିଗତ ଅଭିମତ ଏହିପରି ଦୁର୍ବଳରୁ ଦୁର୍ବଳତର ହୋଇ ଲୀନ ହୋଉନାହିଁ, ଯେଉଁମାନଙ୍କୁ ସବୁ ଆମ୍ଭେମାନେ "ଖାମଖିଆଲ" କଥା ବୋଲି କହିଥାଉ, ସେଥିରେ କେବଳ ପ୍ରକୃତିର ସହାୟତାର ଅଭାବ । ପ୍ରକୃତି Nature କେବଳ ଅତ୍ୟାବଶ୍ୟକକୁ ସାହାଯ୍ୟ କରେ ଏବଂ ଅତ୍ୟାବଶ୍ୟକହିଁ ମାନବସମାଜରେ ପ୍ରତିଷ୍ଠାଲାଭ କରେ । ଯାହା ପ୍ରକୃତିର ବିରୋଧ ତାହା କାଳ ଚକ୍ରରେ ଦଳିତ ହୋଇ ଯାଏ, ଅର୍ଥାତ୍, ଯେପରି ଅତ୍ୟାଚାରୀ ଶାସନ ପ୍ରଣାଳୀ ବେଶୀ ଦିନ ତିଷ୍ଠି ପାରେନା । ପୃଥିବୀର ଯେ କୌଣସି ବଡ ଆନ୍ଦୋଳନ ମୂଳରେ ଠିକ୍ ଏହିକଥାଟି ଥାଏ,—ଠିକ ଏହି ଅପ୍ରାକୃତିକ କାର୍ଯ୍ୟଟି ଥାଏ । ଏବଂ ତାହାରି ବିରୁଦ୍ଧରେ ସେ ଆନ୍ଦୋଳନ ପରିଚାଳିତ ହୁଏ । ପୃଥିବୀର ଯେ କୌଣସି ମହା ସମର, କୌଣସି ରାଜନୈତିକ, ଧର୍ମ ବା ଶିକ୍ଷା ସଂବନ୍ଧୀୟ ଆନ୍ଦୋଳନ ବା ବିପ୍ଳବର କାରଣ ଖୋଜିବସିଲାବେଳେ କୌଣସି ଅନ୍ତର୍ଦୃକ୍ ସେ ସବୁର କେବଳ ନିକଟତମ ବା ପାରିପାର୍ଶ୍ୱିକ ଅବସ୍ଥା ବା ଘଟନାଗୁଡ଼ିକୁ କାରଣ ବୋଲି ମନେକରିବେ ନାହିଁ । ଗଭୀର ଭାବରେ ଅନୁସନ୍ଧାନ କରିବା ଆବଶ୍ୟକ,—ଇତିହାସର ଚିନ୍ତା ସ୍ରୋତରେ ପଶ୍ଚାତ୍କୁ ଗତି କରିବାକୁ ହେବ । ଅନୁସନ୍ଧାନ କଲେ ଦେଖାଯିବ, କେଉଁ ଅପ୍ରାକୃତିକ କାରଣଟି ମୂଳରେ ଅଛି ଏବଂ ତାହାର ବିକାଶ କିପରି ହୋଇଅଛି ଏବଂ କେଉଁ କେଉଁ ଅବସ୍ଥା ସଂଯୋଗରେ ଆସି ତାହା ଏହି ମହା ଆନ୍ଦୋଳନର ସୂତ୍ରପାତ କରିପାରିଲା । ଫରାସୀ ମହା ବିପ୍ଳବର ବା ବୌଦ୍ଧ ଧର୍ମର ଶୀଘ୍ର ବିସ୍ତାରର କାରଣ ଏହିରୂପେ ନିର୍ଦ୍ଦେଶ କରିବାକୁ ହେବ । ଭାରତର ଅସହଯୋଗ ଓ ଅନ୍ୟାନ୍ୟ ରାଜନୈତିକ ଆନ୍ଦୋଳନର କାରଣ ମଧ୍ୟ ଏହିପରି,-ଅର୍ଥାତ୍ ଭାରତର ଅର୍ଥନୈତିକ ତଥା ରାଜନୈତିକ ଅଶାନ୍ତିରେ । ଏହି ଅସହଯୋଗ ବା ରାଜନୈତିକ ଆନ୍ଦୋଳନ ଏକ ସମୟରେ Private opinion ଥିଲା ତାହା ବର୍ତ୍ତମାନ ଜାତିର ଅଭିମତ, ଇତିହାସର ଅଭିବ୍ୟକ୍ତି । ତାହା ପୁଣି ଯେତେବେଳେ ଜାତିର ଜୀବନ—ତନ୍ତ୍ର ମଧ୍ୟ ଦେଇ ପ୍ରତ୍ୟେକ ବ୍ୟକ୍ତିର ପ୍ରାଣକୁ ସ୍ପର୍ଶ କରିବ ଯେତେବେଳେହିଁ ଅସହଯୋଗ ଭାରତ ପ୍ରତି ଫଳପ୍ରଦ ହେବ । ଯେ କୌଣସି ଆନ୍ଦୋଳନର ପ୍ରକୃତି ଏହିପରି,—ଅର୍ଥାତ୍ ସମାଜର ଜଣେ ଭାବୁକ ଏକ ନୂତନ ସତ୍ୟରେ ଉପନୀତ ହୋଇ, ସମାଜକୁ ସେ ନୂତନ ସତ୍ୟ ଦାନ କଲେ, ସେ ନୂତନ ସତ୍ୟ ବାସ୍ତବିକ ଅର୍ଥରେ ସମାଜର ହେବ, ଯେତେବେଳେ ସମାଜର ସାଧାରଣମାନେ ସେ ସତ୍ୟକୁ ଜୀବନସଙ୍ଗେ ଜଡ଼ିତ କରିପାରିବେ । ଆଧୁନିକ ଗଣତନ୍ତ୍ର କଥା ହେଉ । ତାହା Marx ଙ୍କର ବ୍ୟକ୍ତିଗତ ଜୀବନରୁ ବର୍ତ୍ତମାନ ପର୍ଯ୍ୟନ୍ତ ପରସରବଦ୍ଧ ଜାତିର କେତେକଙ୍କୁ ମାତ୍ର ସ୍ପର୍ଶ କରିଅଛି । ବ୍ୟକ୍ତିଗତ ଭାବରେ ଜାତିର ପ୍ରତ୍ୟେକେ ଏହାର ସତ୍ୟାସତ୍ୟ ଉପଲବ୍ଧି କରିବା ଉପରେ ଏହାର ଭବିଷ୍ୟତ୍ ନ୍ୟସ୍ତ । ଏପରି ଆନ୍ଦୋଳନ ସବୁର ଭାବ ଓ ଆଦର୍ଶ ସମାଜ ବା ଜାତି ଉପରେ ଯେତେ ଦୃଢ଼, ଇତିହାସ ସେ ଭାବ ଓ ଆଦର୍ଶ ବିଷୟରେ ସେତେ ସ୍ପଷ୍ଟ । ଏଠାରେ ଇତିହାସ ଅର୍ଥ କେବଳ ଲିଖିତ ବା ଲିପିବଦ୍ଧ ଇତିହାସ ବୁଝିବାକୁ ହେବ ନାହିଁ,-- କିମ୍ବଦନ୍ତୀୟ ଇତିହାସ ମଧ୍ୟ ଏହାର ଏକ ଅର୍ଥ । କିମ୍ବଦନ୍ତୀୟ ଇତିହାସ ହେୟ ନୁହେ, କାରଣ, ଜାତିର ଭାବ ଓ ଆଦର୍ଶ, ଧର୍ମ-ଜୀବନ ଓ ସାମାଜିକତା ଉକ୍ତ କିମ୍ବଦନ୍ତୀ ବା ଅଲିଖିତ ଇତିହାସ ଦ୍ୱାରା ସୃଷ୍ଟ ଓ ପରିବର୍ଦ୍ଧିତ । ଦ୍ୱିତୀୟତଃ କିମ୍ବଦନ୍ତୀରେ ଅନେକ ଶିକ୍ଷଣୀୟ ବିଷୟ ମଧ୍ୟ ଥାଏ,-- ମାନବୀୟ ବିକାଶର ପ୍ରାଥମିକ ଓ ଭିନ୍ନ ଭିନ୍ନ ଅବସ୍ଥାମାନ ଓ ସାମାଜିକ ଓ ଧର୍ମ ଜୀବନ ଚିତ୍ର ପରକାଳରେ ବ୍ୟକ୍ତିକୁ ଆଲୋକିତ କରାଏ । ସମୁଦାୟ ସମୟକୁ ଅଖଣ୍ଡିତ ଅସୀମ ମନେ କରି ଭିନ୍ନ ଭିନ୍ନ କାଳ ପ୍ରାଦୁର୍ଭୂତ ସଭ୍ୟତା, ଧର୍ମ-ଜୀବନ ଓ ସମାଜ ସଂଗଠନକୁ ସେହି ସମୁଦାୟର ଭିନ୍ନ ଭିନ୍ନ ପ୍ରକାଶ ବୋଲି ପରିଗଣନ କଲେ, ଆଧୁନିକ ସଭ୍ୟତା ଓ ଆଚାର ପଦ୍ଧତି ବା ଶିକ୍ଷାନୀତି ଦୃଷ୍ଟିରେ ପ୍ରାଚୀନ ସଭ୍ୟତାକୁ ଘୃଣାକରି ହେବନାହିଁ । ଏହି ସରଳ ସତ୍ୟ ଉପଲବ୍ଧି କରିବା ଇତିହାସର ଉଦ୍ଦେଶ୍ୟ, ଏହା ବ୍ୟତୀତ ଇତିହାସ ଅପୂର୍ଣ୍ଣ, ଶୂନ୍ୟ ଓ ନିରର୍ଥକ, ଏବଂ ନେପୋଲିଅନଙ୍କ କଥାରେ ଇତିହାସ କେବଳ a fable agreed upon । ବୁଝିବାକୁ ହେବ ନାହିଁ ଯେ ସମୟର ଦୂରତା ଇତିହାସରେ ଶିକ୍ଷଣୀୟ ବିଷୟକୁ ହରଣ କରେ । ଇତିହାସର ପ୍ରତ୍ୟେକ ସଭ୍ୟତା,

Digitized by srujanika@gmail.com

ପ୍ରତ୍ୟେକ ଧର୍ମ୍ମ ଓ ସମାଜ ସହିତ ବର୍ତ୍ତମାନ ସଭ୍ୟତା, ସମାଜ, ଧର୍ମ୍ମ ତଥା ବ୍ୟଷ୍ଟି ଓ ସମଷ୍ଟିର କୌଣସି ନା କୌଣସି ପ୍ରକାର ସଂପର୍କ ଅଛି, ଶିକ୍ଷଣୀୟ ବିଷୟ ଅଛି । ସେହି ଲକ୍ଷ୍ୟରେ ଇତିହାସ ପାଠକରିବା ଅବଶ୍ୟକ । ଦେଖିବାକୁ ହେବ ଯେପରି ସମୁଦାୟ ମାନବୀୟ ଇତିହାସ ଓ ତାହାର ବହୁଦର୍ଶିତା ଜୀବନରେ ଉପଲବ୍ଧ ହୋଇ ନୂତନତର ସତ୍ୟ ଓ ଉପଲବ୍ଧିର ଭିତ୍ତି ହୃଦୟରେ ସ୍ଥାପନ କରୁଅଛି, ତା ହେଲେ ଇତିହାସ ସାର୍ଥକ ହେବ ଏବଂ ପ୍ରତ୍ୟେକ ହୃଦୟରେ ପ୍ରତିଷ୍ଠିତ ହେବ । ଇତିହାସ ସ୍ୱଭାବତଃ ବିକାଶୋନ୍ମୁଖୀ ଓ ଆଲୋକପ୍ରଦ । ଯେଉଁ ଜାତି ବା ବ୍ୟକ୍ତି ଇତିହାସକୁ ପୂର୍ଣ୍ଣ ଓ ଅର୍ଥମୟ ଓ ବିଶେଷତର ଅର୍ଥରେ ବିକାଶୋନ୍ମୁଖୀ କରିବାକୁ ଅମନୋଯୋଗୀ, ଇତିହାସ ମଧ୍ୟ ସେ ଜାତିର ବା ବ୍ୟକ୍ତିର ନାମ ବା ଉଲ୍ଲେଖ ବହନ କରିବାକୁ ଅସମ୍ମତ ଓ ଅମନୋଯୋଗୀ । ସେ ଜାତି ଶକ୍ତିଶୂନ୍ୟ ଓ ଅର୍ଦ୍ଧମୃତ । ତାହାର ଭବିଷ୍ୟତ୍ ଅନ୍ଧକାରମୟ ।

ମାନବ ଇତିହାସ କାଳକ୍ରମେ ନୂତନ ୨ ସମସ୍ୟାମଧ୍ୟ ଦେଇ ଗତି କରୁଅଛି । ଯେଉଁ ଜାତି ସେ ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ଯେତେ ବଳବାନ୍ ଓ ନ୍ୟାୟବାନ୍, ସେ ଜାତିର ପ୍ରତିଷ୍ଠା ସେତେ ଦୃଢ଼ ଓ ଆୟୁଃ ସେତେ ଦୀର୍ଘ । ପ୍ରତ୍ୟେକ ଜାତିର ଐତିହାସିକ ସମସ୍ୟା ଗୁଡ଼ିକ ଏକଧରଣର ନୁହେ । ସମସ୍ୟା ଗୁଡ଼ିକର ଭିନ୍ନତା ଓ ସେ ଗୁଡ଼ିକୁ ସମାଧାନ କରିବାରେ ଭିନ୍ନତା ଇତିହାସର ଭିନ୍ନତା ଓ ଖଣ୍ଡତା ସୃଷ୍ଟି କରେ । ତାହା ନ ହେଲେ ଇତିହାସ ଏକ ଅଖଣ୍ଡିତ ସମଷ୍ଟି । ମାନବର ଇତିହାସ କେବଳ ଏକ ଇତିହାସ ଏବଂ ଜାତୀୟ ବା ସାମ୍ପ୍ରଦାୟିକ ଇତିହାସ ଗୁଡ଼ିକ ସେଥିରେ ଅଧ୍ୟାୟ ମାତ୍ର । ସେଠାରେହିଁ ଇତିହାସର ଏକତ୍ୱବୋଧ, ଇତିହାସର ପ୍ରତିଷ୍ଠା ଓ ଖ୍ୟାତି । ତାହା ନ ହେଲେ ଇତିହାସ ଅର୍ଥ-ବିହୀନ ଗଳ୍ପ ବ୍ୟତୀତ ଅନ୍ୟ କଣ ହୋଇ ପାରେ? ଆଧୁନିକ ଇତିହାସର ଗତି ଏହି ଦିଗରେ । ଆଧୁନିକ ଇତିହାସ ବିଶିଷ୍ଟ ସ୍ଥାନ, ଜାତି, ଧର୍ମ୍ମ, ବା ସମାଜର-ଇତିହାସ ନୁହେ । ତାହା ସାଧାରଣ ମାନବର—ତାହାରି ସଭ୍ୟତା, ତାହାରି ଧର୍ମ ଓ ସମାଜର—ଇତିହାସ, ତାହାରି ବିକାଶର ଲିପି । ଏ ଇତିହାସ ଦୃଷ୍ଟିରେ ମାନବ ଏକ ଓ ତାହାର ସଭ୍ୟତା ଓ ଶିକ୍ଷା ଏକ, କେବଳ ଅବସ୍ଥା ଭେଦରେ ଅପାତ-ଭିନ୍ନ । ଯେଉଁ ଇତିହାସ ସତ୍ୟର ଅପଲାପ କରେ, ଖଣ୍ଡତା ଓ କ୍ଷୁଦ୍ରତା ବୋଧରେ ମଣ୍ଡିତରହେ ତାହା ଅପ୍ରତିଷ୍ଠିତ । ତାହା ଭିନ୍ନତା ଓ ଅପ୍ରଶସ୍ତତା ସୃଷ୍ଟି କରେ । ଏବଂ ମହତ୍ତ୍ୱର ଏକର ଦୃଷ୍ଟି ହରାଏ । ଜାତୀୟ ତଥା ସାମ୍ପ୍ରଦାୟିକ ଇତିହାସର ପ୍ରକୃତି ଅଧିକାଂଶ ସମୟରେ ଏହି ଧରଣର । ତାହା କେବଳ ଦେଶାଭିମାନତା ଓ ଅହଂକାର ସୃଷ୍ଟିକରେ । ତାହାର ଭ୍ରମ ଦ୍ୱୈଧ--ପ୍ରଥମତଃ ସେ ଅନ୍ୟାନ୍ୟ ସମ୍ପ୍ରଦାୟ ବା ଜାତିକୁ ଘୃଣା କରେ । ଏବଂ ଦ୍ୱିତୀୟତଃ, ତାହାରି ଘୃଣା ଓ ନିନ୍ଦା ଉପରେ ଅତି ପ୍ରଶଂସିତ ସ୍ୱୀୟ ସମ୍ପ୍ରଦାୟ ବା ଜାତିର ପ୍ରତିଷ୍ଠାର ସୂତ୍ରପାତ କରେ । କିନ୍ତୁ ଆଧୁନିକ ଇତିହାସର ଲକ୍ଷଣ ତାହା ନୁହେଁ, ତାହା ଐକ୍ୟବୋଧର ପକ୍ଷପାତି । ଏ ଇତିହାସରେ, ବିଶ୍ୱ-ଶକ୍ତିର ବିକାଶକୁ ଯେଉଁ ଜାତିର ଦାନ ଯେତେ ମହତ୍ତର, ଜାତି—ମହଲରେ ତାହାର ସ୍ଥାନ ସେତେ ଉଚ୍ଚତରବୋଲି ଉଲ୍ଲିଖିତ । ଅସ୍ମାଭିମାନତା ଏବଂ ସାମ୍ପ୍ରଦାୟିକ କଳହର ଏହା ମୂଳ-ଉତ୍ପାଟନ କରି ମାନବର ଏକତ୍ୱ ସ୍ଥାପନ କରିବ । ମାନବର ବିଶ୍ୱ ସଙ୍ଗେ ଏକତ୍ୱ ସ୍ଥାପନରେହିଁ, ଇତିହାସର ପ୍ରତିଷ୍ଠା ।

Digitized by srujanika@gmail.com

# ମଲ୍ଲୀଜହ୍ନ

(ପୂର୍ବାନୁବୃତ୍ତି)

ଉପେନ୍ଦ୍ର କିଶୋର ଦାସ

ଫୁଲରେ ମୋର ସବୁଦିନେ ଶରଧା । ବାଡ଼ ପଟେ ଖଣ୍ଡେ କିଆରିଟିରେ ସେଥିପାଇଁ କେତେ ଫୁଲଗଛ ଯେ ଆଣି ଲଗାଇଥାଏ ତାର ସୀମା ନାହିଁ । ଦିନେ ସଞ୍ଜବେଳେ କାହିଁକି ହଠାତ୍ ମନେହେଲା, ରଙ୍ଗଣୀ ଫୁଲତ ଫୁଟୁଥିବ ଆଜିକାଲି, ଆମ ବାଡ଼ଆଡେ ସେ ଗଛଟାରେ । ବାଡ଼ଆଡ଼କୁ ଯାଇ ଚାହିଁଲି—ବଉଳ କେତେବେଳେ ଆସି ସେଥିରୁ ଅଣ୍ଟିଏ ଫୁଲ ତୋଳି ସାରିଲାଣି । ମତେ ଦେଖି କହିଲା; ଅ ତୋଳିବା ।

କହିଲି, ସେତିକି ହେଇ ଥାଉ, କ'ଣହବ ସେ ଗୁଡ଼ା ଏତେ ?

କଣ ହବ ଏତେ ? ବଉଳ ମୋ ଆଡ଼କୁ ଅଶ୍ଚର୍ଯ୍ୟ ହୋଇ ଚାହିଁଲା । କହିଲା; ତା ଯଦି ଜାଣିଥାନ୍ତୁ ଘରେ ଅଉ ଚୁପହୋଇ ବସନ୍ତୁ ପରା ସଞ୍ଜହେଲେ ?

ତୋର ତ ସବୁକଥାରେ ଥଟ୍ଟା । ଦେ ଆ—ଆ

ଦୁହେଁଯାକ ଆସି ପିଣ୍ଡାରେ ବସିଲୁ । ବଉଳଟା ଏଡ଼େ ଦୁଷ୍ଟ, ଫୁଲ ଗୁଡ଼ାକ ମୋ ମୁଣ୍ଡଉପରେ ଅଜାଡ଼ ଦେଇ ଖିଁ ଖିଁ ହୋଇ ହସିଉଠିଲା । କଅଁଳ ଫୁଲର ପାଖୁଡ଼ା ଲାଗି ଦେହଗୋଟାକ ମୋର କେମିତି ଶିତେଇ ଉଠେଲା ! କହିଲି; ଏ କଣ ହେଲା ?

ମଧୁ ଶଯ୍ୟା ପରା । କହି, ବଉଳ ହସି ହସି ଗଡ଼ିଗଲା ।

କାହା ସାଙ୍ଗରେ ?

କାହା ସାଙ୍ଗରେ ତ । ରହିଥା ମୋର ତ ମନେ ପଡୁନାହିଁ, ତୋ ବର ନା' କଣଟି ?

ବହୁତ ଦିନର ଗୋଟାଏ ପାଶୋର–ଗଲା ସରାଗ ଉପରେ ଚୋଟ ଲାଗିଲାପରି ଜଣାଗଲା ମତେ ସେ କଥା ମନେ ପଡ଼ି । ଛାତିରୁ ସତେକି କଣଟାଏ ଖସି ପଡ଼ିଲା ! କାନ୍ଦୁ ମୁହଁରେ କହିଲି; ଯାଃ ତୋର ଖାଲି ସବୁଥିରେ ଥଟ୍ଟା—

ବଉଳ କହିଲା; ନା ସତରେ ତ ଥଟ୍ଟା କାହିଁକି ହବ । ତୋ ବରଘର ପରା କଣ୍ଢେ ପଠେଇଲେଣି ତୁଅଡ଼େ ତତେ ନବାକୁ, ମାଉସୀ କହୁଥିଲେ । ଇଏ କ'ଣ ତୋ ମୁହଁ କାହିଁକି ସେମିତି ହୋଇଗଲା, ବଉଳ ?–କହୁଁ କହୁଁ ସେ ଦି ହାତରେ ମୋ ଗଳାକୁ ବେଢାଇ ଧରିଲା ।

ବୁଡ଼ିଗଲା ଲୋକ ହାତରୁ ଉଦ୍ଧାରର ଶେଷ ଉପାୟ-ଟିକ ଖସିଗଲେ ତାକୁ ଯିମିତି ଜଣାଯାଏ ଠିକ୍ ବୁଝି ପାରିଲିନାହିଁ ସେହି ଦଣ୍ଡକ ଭିତରେ ମୋର କଣ ହୋଇଗଲା ।

ବଉଳ ମ, ବଉଳ ଡ଼ାକିଲା ।

ଚାହିଁ ଦେଖିଲି ସେ ମୁଣ୍ଡକୁ ମୋର ତା ଛାତି ଉପରେ ଆଉଜାଇ ଧରି ବସିଛି । ମତେ ପଚାରିଲା; ସେମିତି କାହିଁକି ହେଲୁ କି ବଉଳ ? ମୋ' ରାଣ କହ ।

କହିଲି; ନାଁ ମୁଣ୍ଡଟା କାହିଁକି ବୁଲେଇ ଦେଲା ।

କଣ ତମ ବର କଥା ଶୁଣି ?

ମନେଅଛି, ଯେତେବେଳେ ସୁଦ୍ଧା ମତେ ହସ ମାଡ଼ିଥିଲା ତା କଥା ଶୁଣି । କହିଲି; ଅଉ କଣ ? ଯାଃ—

ସେ କଥାଟା ସେଇଠି ବନ୍ଦ ହୋଇଗଲା ।

ବିଲ ପଡ଼ିଆର ଏଇ ଯୋଉ ଅସରନ୍ତି ସାଗୁଆ–ନଈ, ସଞ୍ଜ–ଅନ୍ଧାରରେ ଦିଗବୁଡ଼ା–ମେଘ ମଉଳକି ଲାଗିଗଲା ପରି ଦିଶୁଥିଲା, ଦି'ପହରେ କେତେବେଳେ କେଜାଣି ଖବର ଜରିଗୃଦର ପାରି ବିଲ–ପବନ ନଷ୍ଟହୋଇ ଶୋଇ ପଡ଼ିଥିଲା ତା ଉପରେ । ସଞ୍ଜ ବୁଢ଼ି ଗଲାରୁ ଉଠି ଦେଖିଲା–ଚାଦର ତାର କିଏ ଟେକିଗଲା ନେଲାଣି । ଧାନ–ଗଛ–ଗହଳ ଭିତରେ ସେଥିପେଇଁ ତାର ଖୋଜା ଖୋଜ ପଡ଼ିଯାଇଥିଲା ପାଗଳଙ୍କ ପରି । ଦିହେଁଯାକ ଅମେ ସେଇ ଆଡ଼କୁ ଚାହିଁ ଚୁପ୍‌ହୋଇ ବସି ରହିଲୁ । କେତେବେଳେକେ ବଉଳ ଯିବାକୁ ଉଠିଲା । କହିଲି; ସଞ୍ଜ ହୋଇ ଗଲାଣି, ଆଜ ଯାଉଛୁ ବଉଳ ?



Digitized by srujanika@gmail.com

ଅନ୍ୟମନସ୍କ ହୋଇ କହିଲି; ହଉ ।

ସେ ଚାଲିଗଲା । ମୁଁ ଏକୁଟିଆ ସେଇଠି କାଠପରି ବସିରହିଲି, ଭାବନାର ଅଥଳପାଣିକି ଗୋଡ ଖସାଇ । ଶୀତଦିନର ଭାରି ପବନ ସେତେବେଳେ ଗୁହାଳଘର ମଥାନ ଉପରୁ ଧୂଆଁଯାକ ବୋହିନେଇ ଗୋଟାଏ କନିଅର ଗଛ ଅଗଡ଼ାଳରେ ଧଳା କନାର ଲମ୍ବ ପଗଡ଼ି ବାନ୍ଧି ଦଉଥିଲା; ଆଉ ଘାସ ଭିତରେ କେଉଁଠି ଗୋଟିଏ ଝିଙ୍କାରି ସଞ୍ଜବେଳର ନିଶୂନକୁ କରତ ଲଗାଇ କାଟୁଥିଲା କର୍ କର୍ କର୍—

କେତେବେଳରେ କେଜାଣି, ବୋଉ ଅସି ମତେ ଡାକିଲା । ଚୁପହୋଇ ଘରଭିତରେ ଯାଇ ଶୋଇପଡ଼ିଲି କିନ୍ତୁ ନିଦ ଯେବେ ଏ ନିଆଁଲଗା ଆଖି ଦିଟାକୁ ଥାଆନ୍ତା ତେବେ ଅଉ ଦୁଃଖ କଣ ଥିଲା କି ? ସେଇ ଅନ୍ଧାର ଭିତରେ ଚାରିଅଡର ସବୁ ଚିନ୍ତାଯାକ ଅସି ମତେ ଏକାଠି ଘେରିବସିଲେ । ବଉଳ ଆଜି ଯୋଉକଥା କହିଲା ବୋଧହୁଏ ସତ ! ନଇଲେ ବାପା ସେଦିନ ବୋଉକୁ ମଲୁଦପୁର କଥା କହନ୍ତେ କାହିଁକି ? ଅଜକି ଅନେକ ଦିନ ହୋଇଗଲାଣି; ସେଇ ବାହାଘର ଦିନ ମୋ ସ୍ୱାମିଙ୍କି ଥରେ ଦେଖିଥିଲି ଯାହା ସେତକି । ସେଇଥରକ ଦେଖାରୁ ତାଙ୍କର ଯେ ସ୍ମୃତିଟିକ ଏ ମନଭିତରେ ରହିଯାଇଚି, ଆଜି ଏ ଅନ୍ଧାର ଭିତରେ ସେ ରୂପ ମନେପକାଇ ସତରେ ଚାରିଅଡ ମୋତେ ଅନ୍ଧାର ଦିଶିଲା ! ତାଙ୍କରି ସାଙ୍ଗରେ ମତେ ପୁଣି ସବୁଦିନେ ଘର କରିବାକୁ ହବତ ! ସଂସାରରେ ଅଉ ସବୁ ସ୍ନେହମାୟା କଟେଇବାକୁ ହବ ସେଇ ମୁହଁକୁ ଚାହିଁ ?

କିନ୍ତୁ ଏତେସବୁ ଅନର୍ଥ ପାଇଁ କିଏ ଦାୟୀ ? ସେଇ ନାଁଥନନା । ମୋ ବାହାଘର ସମୟରୁ ଯେବେ କଟକରେ ଏତେ ଦିନ ରହିଲେ ଯିଏ, ଅଉ ଗୋଟାଏ ବର୍ଷ କଣ ରହିପାରିଲେ ନାହିଁ ସିଅତେ ? ଏତେ ଦିନ ନଦେଖି ମୁଁତ ଏକରକମ ତାଙ୍କୁ ଭୁଲି ବସିଥିଲି ମନେ ମନେ ! ପୁଣି କାହିଁକି ସେ ଦେବତାବାଞ୍ଛିତ ରୂପ-ପସରା ମେଲି ଅପୂଜା ଦେଉଳ ଦୁଆରେ ମୋର ଏମିତି ଭାବରେ ଦେଖା ଦେବାକୁ ଅସିଲେ କି ? ସ୍ତ୍ରୀ ଲୋକ ମୁଁ; ପୁଣି ତରୁଣୀ ! ତାଙ୍କ ରୂପ, ତାଙ୍କ ଅଶ୍ରୁ, ସ୍ନେହ, ସୁହାଗ ତାଙ୍କର, ମତେ ଯେସବୁ ଭୁଲାଇଦେଲା, ମୁଁ କଣ କରନ୍ତି ? ମୋର ଆଉ କି ଉପାୟ ଥିଲା ତାଙ୍କ ପାଖେ ଶରଣ ପଶିବା ଛଡା ?

ବୋଉ ଅସି ଡାକିଲା ; ସଗ, ଅ ଖାଇବୁ ।

କହିଲି; ମୁଁ ଖାଇବି ନାହିଁ ବୋଉ, ଭୋକ ନାହିଁ ।

ଅଁ, ଦି'ଟାନାକୁ ଖାଇବୁ । ମା'ଟା ପରା ।

ବ୍ୟଥା ଆଉ ଅଘାତର ଶୂନ୍ୟତା ଭିତରେ ଏଇ ପଦକ କଅଁଳ କଥାରେ ଦିଆଖିରୁ ଝରଝର ହୋଇ ଲୁହ ଗଡ଼ି ପଡ଼ିଲା ! ଏତେ ଅନ୍ଧାର, ଅଥଚ ବୋଉ କେମିତି ଜାଣି ପାରିଲା କେଜାଣି, ମୁଁ କାନ୍ଦୁଚି । ପାଖକୁ ଆସି ପିଠି ଆଉଁସି ଦେଇ ପଚାରିଲା ; ଦିହ କଣ ହଉଚି ମା ? କହିଲି; ମୁଣ୍ଡ ବଥଉଚି ଭାରି !

ଭାତଖିଆ ପଡ଼ିରହିଲା ସେମିତି, ପାଖକୁ ଅସି ସେ ମତେ ବାନ୍ଧି ବସିଲା । ତା ଭିତରେ କେତେବେଳେ ମତେ ନିଦ ହୋଇଗଲା, ମନେ ନାହିଁ ।

ତହିଁ ଆରଦିନ ଘରେ ବସି ଗୁଆ ଭାଙ୍ଗୁଚି ; ବଉଳ— ବୋଉ ବଡମା ଅସିଲେ ଅମ ଘରକୁ ବୁଲି । ଅନେକ ଦିନ ବେମାରି ପରେ ବୋଉ ସେଦିନ ଟିକେ ପିଣ୍ଡାରେ ଅସି ବସିଥିଲା । ବଡ଼ମା ପଚାରିଲେ; କି ଗୋ କଣ ସବୁ ହଉଚି ?

ହବ ଅଉ କଣ ! ଅସ । ବୋଉ କହିଲା; ଅଜି ଅପୂର୍ବ କୁଆଡ଼େ ?

ବଡ଼ମା କହିଲେ; କାହିଁକି, ମୁଁ କ'ଣ ଅସେ ନାହିଁ ଏଠିକି ?

ମୁଁ କଣ ମନା କରୁଚି ଅସନାହିଁ ବୋଲି ? ତେବେ ସବୁଦିନେ ନୁହେଁ । ଗରିବଙ୍କ କଥା କୋଉଦିନ କେମିତି ଥରେ ମନେପଡ଼ିଯାଏ ସିନା ।

କଣ କରିବଲୋ ଭଉଣୀ, ଭୁତ ଘରଟିଏ କରିଚୁ ଜାଣୁନା କଣ କେତେ ଅଉଆ ଜଞ୍ଜାଳ ଆମରି ମୁଣ୍ଡ ଉପରେ ଲଦା । ମରିବାକୁ ହେଲେ ଦଣ୍ଡେ ତର ହୁଏ ନାହିଁ ଏଇ ଜାଲାରେ । ସେଇଥିପେଇ କେତେଥର ବସିଲିଣୀ ପୁଣି ପଳେଇ ଯିବାକୁ, ସବୁ ଛାଡ଼ି ଛୁଡ଼ି ଦେଇ ।



Digitized by srujanika@gmail.com

ବୋଉ କହିଲା ; ତା ତ ତମର ଏଣିକ ଖୋକା । ତେବେ ଘର ଅସ୍ତ କରି ଦେଇ ତ ଫେର ଯୁଅଢ଼େ ଗୋଡ଼ କାଟିବ । ନଣିକ ବାହା କରିବ, ବୋହୂଟିଏ ଆହୁରି ଘରକୁ ଅଣିବ ।

ବଡ଼ମା କହିଲେ; ହଁ ତମମାନଙ୍କ କଲ୍ୟାଣ ଥିଲେ ।

କେତେବେଳଯାଏଁ ଅଉ କିଛି ପାଟି ଶୁଭିଲା ନାହିଁ । ତା ପରେ ବଡ଼ମା ଅଗେ ପଚାରିଲେ; ହଁ ଗୋ ତମ ସଗା ପୁଅଣୀ ହେଇ ଯିବା କଥା କଣ ହେଲା ?

ଘରଭିତରେ ପାନ ଭାଙ୍ଗୁଥିଲି, ହାତ ମୋର ଏକା-ଥରକେ ବନ୍ଦ ହୋଇଗଲା ଏକଥା ଶୁଣି ।

ବୋଉ କହିଲା, କହୁଥିଲେ ତ ଏଇ ମାଘମାସକୁ ପଠେଇବେ ବୋଲି ! କଣ ହଉଚ କେଜାଣି !

ବଡ଼ମା କହିଲେ ; ହଁ ପଠେଇ ଦିଅ ଜଲଦି । ବୁଝିଲ ସଗବୋଉ, କଥାରେ କହନ୍ତି ଝିଅ ଘରେ ରହିଲେ କଡ଼ୁଆ, ଝିଅ ଘରେ ରହିଲେ ଅଡ଼ୁଆ । ଯେତେ ଜଲଦି ଏ ଜଞ୍ଜାଳରୁ ଖଲାସ ହେବ ସେତେ ଭଲ !

ମନ ହେଉଥାଏ ଘରୁ ବାହାରିଅସି ପଚାରିବାକୁ ବଡ଼ମାଙ୍କୁ ; ତମ ଝିଅଟି ତମକୁ ଯେବେ ଏମିତି ଜଞ୍ଜାଳ ହେଇଚ ଅଜଯାଏ ତାକୁ ବାହା କରିନା କାହିଁକି ଶୁଣେ ? ନିଜ ପେଟରୁ ପୁଣି ଅପଣା ରକ୍ତ ମାଂସରୁ ଜନ୍ମ ହୋଇ ଝିଅ ହେଲେ ବୋଲି କଣ ଏତେ ଅଡ଼ୁଆ ସେ ହେଇ-ପଡ଼ନ୍ତି ମା ମାନଙ୍କୁ ? ବୁଢ଼ା ହଉ, ହଡ଼ା ହଉ, ଅସୁନ୍ଦର ଅଗୁଣର ହଉ ପଛକେ ଘରର ଚଳନ୍ତି କନସ ପରି ଏ ଝିଅ ଗୁଡ଼ାଙ୍କୁ ଗୋଟାଏ କାହା ବେକରେ ଛନ୍ଦି ଦେଇ ପାରିଲେ କଣ ମା ମାନଙ୍କର କର୍ତ୍ତବ୍ୟ ସରେ ପରା ! ଖାଲି ଝିଅ ଖାଇ ପିଇ ସୁଖରେ ରହିଲେ ହେଲା । କିନ୍ତୁ ଯାହାପାଇଁ ଏ ସୁଖ ଲୋଡ଼ା ତାକୁ କଣ ଭୂଲରେ ବ କିଏ ପଚାରେ ଏ ବିଷୟରେ କିଛି ?

ଅଉ କିଛି ସମୟ କଥାବାର୍ତ୍ତା ହୋଇ ବଡ଼ମା ଉଠିଲେ । ଦୁଆର ମୁହଁଯାଏ ଯାଇ ପୁଣି ଫେରି କହିଲେ, ମଲା ଯୋଉଥିପାଇଁ ଅସିଥିଲି ନାଆଁ ଲଗା ମୋର ମନେ-ନାହିଁ କହିବାକୁ ।

ବୋଉ ପଚାରିଲା ; କଣ ?

ଅମ ନାଥର ଅଜ ଜନ୍ମଦିନ । ବାଇଶ ବର୍ଷରେ ତାର ଗୋଟାଏ ଘାଟି ଥିଲା ସେଥିପାଇଁ ଠାକୁରଙ୍କ ପାଖରେ ମାନସିକ କରିଥିଲି । ତମେ ଅଉ ସଗ, ସଞ୍ଜ-ବେଳକୁ ଯିବନାହିଁ ଟିକେ ଅମଘରକୁ ଭୋଗ ପାଇବାକୁ ?

ବୋଉ କହିଲା ; ସେ'ତ ଘରେ ନାହାନ୍ତି, ମୁଁ ଅଉ କେମିତି ଯିବି କୁହ ?

ଅଉ ସଗ ?

ହଉ ସେ ଯିବ ପଛେ ।

ସଞ୍ଜବେଳେ ଖୁବ୍ ତୋଫାନ କରି ମେଘ ଉଠିଲା । ଅନ୍ଧାର ଦେଖି ବୋଉ କହିଲା ; ମେଘତ ଏମିତି ଉଠେଇଲାଣି ସଗ, ତୁ କେମିତି ଅଉ ଯିବୁ ତମ ମାଉସିଙ୍କ ଘରକୁ ?

ଘରେ ଯାଇ ଶୋଇଲି । ପବନରେ କବାଟ ଝରକା ଧଡ଼ ଧଡ଼ ହୋଇ ବାଡ଼େଇ ହଉଥାଏ, ଅଉ ସେ ଶବ୍ଦରେ ଘର ଭିତରେ ମୁଁ ଚମକି ପଡ଼ୁଥାଏ ! ତାଙ୍କ ଘରୁ ମତେ ଅଉ କିଏସେ ଡ଼ାକିବାକୁ ଅସିଲା କି ? କେତେବେଳେ କେଜାଣି, ଟିକେ ଗୁଇନିଦ ମାଡ଼ ଆସିଲାଣି, ହଠାତ୍ ମତେ କିଏ ଝୁଲାଇ ଦେଲା ଖୁବ୍ ଜୋରରେ । ନିଦ ଭାଙ୍ଗିଗଲା, ଧଡ଼ପଡ଼ ହୋଇ ଉଠିବସି ଦେଖିଲି ବଉଳ ମୋ ହାତକୁ ଟାଣି କହୁଚ; ମଲା ଶୋଇ ପଡ଼ିଲୁଣିକି ସଞ୍ଜବେଳୁ ।

କହିଲି; ବଉଳ ? ତୁ କେତେବେଳେ ଅସିଲୁମ ?

ଘଡ଼ିଏ ହେଲା ପରା ଏଇଠି ବସି ତତେ ଉଠଉଚ ?

ଆ ଯିବୁ ପରା ?

ମୁହଁ ପୋଛି ପଦାକୁ ଆସିଲି । କହିଲି; ଚାଲିଯିବା । ବୋଉକୁ କହିଚୁ ?

ହଁ ।

ପଡ଼ିଆ ପାରିର ଧାନଫୁଲ ମହକରେ ବର୍ଷା ପବନକୁ ସେ ଦିନ ନିଶାଲଗିଥାଏ । ପାଗଳଙ୍କ ପରି ଦୌଡ଼ ଯାଇ ମେଘଦେହରେ ସେଥିପାଇଁ ବିଜୁଳି ହଉଥାଏ ଚଲେଇ ଦଉଥାଏ ଥରେ ଥରେ; ଅଉ ମୁକୁଳା ଭୂଇଁ ଉପରେ ବଉଦ ଛାତିରୁ ଶୀତଳ ରକ୍ତ ଝରି ପଡ଼ୁଥାଏ ଥପ୍ ଥପ୍ ହୋଇ !

Digitized by srujanika@gmail.com

ନାଥ ନନାଙ୍କ ଘରେ ପହଞ୍ଚିଲି ବେଳକୁ ଭଲକରି ବର୍ଷା ଆରମ୍ଭ ହୋଇଗଲାଣି । ଦାଣ୍ଡ ପରସ୍ତରେ ତାଙ୍କ ଗାଁର କେତେଜଣ ଲୋକବସି କଥାବାର୍ତ୍ତା ହଉଚନ୍ତି ! ତା ଭିତରେ ନାଥନନା ଥାଆନ୍ତି ବୋଧହୁଏ । ବଉଳ ମତେ ଏକା ଥରକେ ଘରଭିତରକୁ ନେଇ ଗଲା । ଭିତର ଘରେ ବଡ଼ମା ବସି ରନ୍ଧାବଢ଼ା କରୁଥିଲେ । ମତେ ଦେଖି ପଚାରିଲେ; ବାଧା ଆଇଲେଣି ଲୋ ତୋର ?

କହିଲି; ନାଁ ।
ବୋଉ କଣ କରୁଥିଲା ?
ବସିଥିଲା ।

ଅନେକ ଗୁଡ଼ାଏ ଅଠା କନ୍ଥାହୋଇ ଥୁଆହେଇଥିଲା ସେଠି । ଆମେ ଦିହେଁ ଯାଇ ପିଠା ଗଢ଼ି ବସିଲୁ । ବଉଳ; ତାର କଣ ଜମା ମନ ଥୟ ହଉଥାଏ କି ଗୋଟିଏ ଜାଗାରେ ବସି ? ଦଣ୍ଡେ ଛଡ଼ା ଦାଣ୍ଡଅଡ଼େ ଘେରାଏ ବୁଲି ଆସୁଥାଏ ଯାଇ । ମୋ ଠଉଁ ଚାରିବର୍ଷ ସାନ ହବ ସିଏ । କିନ୍ତୁ ତା ବୟସରେ ଗାଁରେ ଏତେ ଲୋକଙ୍କ ସାଙ୍ଗେମୋର ବି ଚିହ୍ନା ହୋଇ ନ ଥିବ ! ପିଠା ଗଢ଼ା ସରି ଆସିଥିଲା ପ୍ରାୟ ! ବଡ଼ମା ସେଆଡ଼କୁ ଚାହିଁ ନେଇ ବୋଉ ଖୁଡ଼ୀଙ୍କି କହିଲେ; ଦେଖିଲଣି ଗୋ, ଦଣ୍ଡକରେ କେତେ ପିଠାଗଢ଼ି ଥୋଇ ଦେଲାଣି ଝିଅଟା ? ଯାରି ନାଁ ସିନା କାମ । ଆଉ ଆମ ନଣି ! ହେଇ ପରା ଯାଇ କୋଉଠି ଘୋଡ଼ାପରି ବୁଲୁଚି । ତା ପରେ ମତେ ଚାହିଁ କହିଲେ; ସେଭଳି ଥାଉ ମା, ଠା ପରା । ନିଆଁ ପାଖଠାରେ ବସି ବସି କେତେ ଝାଳ ବୋହିଲାଣି ଯା ଟିକେ ଥଣ୍ଡାରେ ବୁଲି ଯା ମୋ ରାଣଟି ।

ବଉଳ କେତେବେଳୁ ସେଠି ନ ଥିଲା । ଚାରିଆଡ଼ ଖୋଜ ଖୋଜ ବାଡ଼ପଟ ପିଣ୍ଡାକୁ ଗଲି । ଦୁଆର ମୁହଁକୁ ଟିକେ ଛଡ଼ା ସେ ସେଠି ଚୁପ୍ ହୋଇ ବସିଥିଲା ଅନ୍ଧାରରେ । ଥଟ୍ଟା କରି କହିଲି;କାମ କରି କରି ଥକା ପଡ଼ିଲୁ କି ବଉଳ ?

ସେ କିଛି କହିଲା ନାହିଁ ।
ଟିକେ ପାଖକୁ ଯାଇ ପୁଣି କହିଲି; କାମ କଲେ ସବୁ କାଲ ହୋଇ ଯାଆନ୍ତି ନା କଣ ?
ଏଥର ବି ସେ ଚୁପ ।

ଗୋଟାଏ ତପାହସ ଶୁଣିଲୁ ନାଁ କଣ, ଖାଲି ?
ବଉଳ, ହେ ! ପାଖକୁ ଯାଇ ଠେଲିଦେଲି ଜୋରରେ ।
ସେ ଉଠି ଠିଆ ହେଲା !
କିନ୍ତୁ ବଉଳତ ଏ ନୁହେ ! ଛି—ଛି ମୁଁ ନମଲି କାହିଁକି ଏଯେ ନାଥନନାଟା !!

ପଳାଇ ଆସୁଥିଲି, ନାଥନନା ଡାକିଲେ; ସତ ମୋ ରାଣଟି, ଶୁଣିଯା ଟିକେ । ଠିଆ ହେଲି ବାଧ ହୋଇ । ମନ କିନ୍ତୁ ହେଉଥାଏ ପଳାଇ ଯାଇ କୋଉଠି ଲୁଚିବାକୁ ! ସେ ମୋ ପାଖକୁ ଆସିଲେ । ଭୁନ ଭୁନ କହିଲେ; କଣ ଏମିତି ପାପ କରିଚି ତୋ ପାଖରେ ? ମତେ କଥା କହୁନଉ କେତେଦିନ ହେଲା ?

ଚେଷ୍ଟା କରି ସବୁ ଲାଜ ସରମ ପଛକୁ ପକାଇ କହିଲି; କହୁଚିତ କଥା ।

ହୁଁ, ଅକଳରେ ପଡ଼ି ଖାଲି । ଅହୁରି ପାଖକୁ ଘୁଞ୍ଚିଆସି ସେ ମୋ କାନ୍ଧରେ ହାତ ରଖିଲେ । କହିଲେ; ଯାଉଚୁ ତାହେଲେ ଆମକୁ ସବୁ ଛାଡ଼ି ? କିନ୍ତୁ ମୁଁ ଜାଣେ କଣ ଜାଣୁ ? ମୁଁ ଜାଣେ ଏ ଯିବା ବୃଥା ! ଆଗ ହଉ ପଛ ହଉ, ଫେର ଦିନେ ତତେ ଫେରି ଆସିବାକୁ ହବ ଏମିତ ମୋରି ପାଖକୁ, ନୁହେଁ ?

ଆଶ୍ଚର୍ଯ୍ୟ ହୋଇଗଲି କଥା ଶୁଣି ! ଏ କେମିତି ଜାଣିଲେ ମୋ ମନ କଥା ? ସେ ପୁଣି କହିଲେ; ସେକଥା ଜାଣେ ବୋଲି ଆଜଯାଏ ଧର୍ଯ୍ୟଧରି ରହିବା ସମ୍ଭବ ହୋଇ ପାରିଚି ମୋ ପକ୍ଷରେ । ନଇଲେ ତୋର ପୁଆଣୀ କଥା ଶୁଣିବା ଦିନୁ ମୁଁ କୁଆଡ଼େ ପଳାଇ ଯାଆନ୍ତିଣି ।

ତାଙ୍କ ହାତ ଲାଗି କି କଣ, ଦିହ ଗୋଟାକ ମୋର ସେତେବେଳେ ବରଡ଼ା ପତ୍ର ପରି ଥରୁଥାଏ ! ଅନେକ କଷ୍ଟରେ କହିଲି; ବଉଳ ଖୋଜୁଥିବ—

ମୁହଁକୁ ମୋର ଦିହାତରେ ଟେକି ଧରି ସେ ଖୁବ୍ ଆସ୍ତେ କହିଲେ ଖାଲି; "ନା"—ନିଶ୍ୱାସରେ ତାଙ୍କର କେମିତି ଗୋଟାଏ କଡ଼ା ବାସନା ମୁହଁଯାକ ମୋର ବ୍ୟାପ୍ତହୋଇ ଯାଉଥାଏ, କିଆ କେତକୀ ମହକପରି । ମୁଣ୍ଡ ବୁଲାଇ ଦେଲି ସେ ବାହାନାରେ । ତା ପରେ ଦୁଇ ହାତରେ ସେ ମତେ ତାଙ୍କ

Digitized by srujanika@gmail.com

ଛାତି ଉପରେ ଭିଡ଼ି ଧରିଲେ । ମନେ ହେଲା ଏଠା, ଅନ୍ୟାୟ ନୁହଁଇ ଅନ୍ୟାୟ ! କିନ୍ତୁ ଆଜି ଭାବେ, କୋଉ ଲୋଭରେ କେଜାଣି ସେ ଦିନ ପଳେଇ ଯିବାକୁ ମୋର ବଳ ପାଇଲି ନାହିଁ, ଇଚ୍ଛାବି ହେଲା ନାହିଁ, ତାଙ୍କପାଖରୁ ! କୋଉଁଆଡ଼ୁ ବଉଳ ପାଟି ଶୁଭିଲା; ବଉଳ—ବିଉଳ !

ନାଥନନା ମତେ ଘୁଞ୍ଚେଇଦେଇ ଦାଣ୍ଡଆଡ଼େ ଚାଲି-ଗଲେ । କିନ୍ତୁ ଯିବା ଆଗରୁ ଏ ଓଠଦିଟାରେ ମୋର ଯେମିତି ନିଆଁ ଜାଳି ଦେଇଗଲେ ।

କଳା ବଉଦର ଚଳନ୍ତା ଜଳାକବାଟି ବାଟେ ଅଧା-ଜହ୍ନ ହସିଦେଇଁ ଦେଇଗଲା; ଅନ୍ଧାରହଜା ତୋଟାଗହଳର ଫାଙ୍କେ ଫାଙ୍କେ ଛାଇ ପକାଇ; ହଜାରେ ଜୁଳୁଜୁଳିଆ ପୋକ ଏକାଠାଏଁ ରୁଣ୍ଡହୋଇ ଯେଉଁଠି ଜହ୍ନ ରାଇଜର ରୁପିଲି ଫୁଲଝରି ଜାଳୁଥିଲେ ।

ଘରକୁ ଅସିଲି । ଓଠଦିଟା ମୋର ଯେମିତି ପୋଡୁ-ଥାଏ । କିନ୍ତୁ ସେ ପୋଡ଼ା ଲଙ୍କାମରିଚ ରାଗପରି । ଯେତେ ପୋଡୁଥାଏ, ପୋଡ଼ିବା ଲୋଭ ଅହୁରି ବଢ଼ି୨ ଯାଉଥାଏ ସେତିକି ।

ଆଉ ଦଶ୍‌ବାରି ଦିନପରେ ସତକୁ ସତ ମୋର ଶାଶୁ-ଘରକୁ ଯିବା ଅୟୋଜନ ଯୋଉଠୁ ପ୍ରବଳ ଭାବରେ ଚାଲିଲା, ଭୟ ଅଉ ଭାବନାରେ ଦରମରା ହୋଇ ମନେ-କଲି, ଭଗବାନ୍‌ ଏତେ ଦୁଃଖ ଦେବାକୁ ଏ ହୀନକପାଳୀକି ଯଦି ବରାଦଥିଲା; ସେଦିନ ତାଙ୍କଘରେ ମୁହୂର୍ତ୍ତକ ପାଇଁ ସେ ଆନନ୍ଦ ସ୍ୱପ୍ନଟିକ ନଦେଇଥିଲେ କଣ ଚଳିନଥାନ୍ତା ତମର ? ଲାଭଭିତରେ ଖାଲି ଲକ୍ଷକୋଟି ଗୁଣ ବଢ଼ିଗଲା ସିନା ଏ ଦୁଃଖ, ସେଇ ଟିକକ ପାଇଁ ।

ଆଜ, ମତେ ପିଲାଦିନର ପରିଚିତ ଥାନ ଛାଡ଼ି ସବୁ-ଦିନପାଇଁ ଯିବାକୁହେବ; କୋଉ ଅଜଣା ଅଚିହ୍ନା ଲୋକଙ୍କ ମେଳକୁ । ମୋ ଯିବାକଥା ହେଲା ଦିନୁ ବୋଉତ ସବୁ-ଦିନେ ଟିକେଟିକେ କାନ୍ଦୁଥିଲା । ସେଦିନ ତା'ର ଅଉ କାନ୍ଦଣା ବାଧା ମାନିଲାନାହିଁ । ମତେଧରି ସକାଳୁ ସଞ୍ଜ-ଯାଏ ଖାଲି କାନ୍ଦିଲା । ମୁଁ ତା ସାଙ୍ଗେ କାନ୍ଦିଲି, କାନ୍ଦିକାନ୍ଦି କେତେବେଳେ ଅଚେତ ହୋଇ ପଡ଼ିଛି ମୁଁ ଜାଣେନା । ଚେତାହେଲା, ବଡ଼ମା ଯେତେବେଳେ ମତେ ନେଇ ଶବାରିରେ ବସାଇଦେଲେ । ଶବାରି କବାଟ ଫାଙ୍କରେ ନାଥନନାଙ୍କ ଦେହ ଦିଶୁଥିଲା । ମୁଁ ତାଙ୍କ ଲୁଗାକାନିକି ମୁଠେଇଧରି କାନ୍ଦିବାକୁ ଲାଗିଲି । ନାଥନନା ସେତେ-ବେଳଯାଏଁ ଖୁବ୍‌ କାନ୍ଦ ସମ୍ଭାଳିଥିଲେ, ଅଉ ପାରିଲେ ନାହିଁ । ମତେ ବୁଝାଇବେ କଣ; ନିଜେ ପିଲାଙ୍କପରି ଭେ ଭେ ହୋଇ କାନ୍ଦି ଅନେକ ବାଟ ଶବାରୀ ସାଙ୍ଗେ୨ ଗଲେ । ତାପରେ ଫେରିଅସିଲେ । ବାଟ ଭୁଇଁପଟେ ପିଲା-ଦିନ ଚିହ୍ନା ମୋର ଗଛପତର ସବୁ; ଯାହା ଛାଇରେ ବସି କେତେ ନିଶୂନ ଦିପହର ନାଥନନାଙ୍କ ସଙ୍ଗେ ମୋର କଟିଯାଇଚି; ଗୋଟି ଗୋଟି ହୋଇ ମୋଠଉଁ ବିଦାହୋଇ ପଛକୁ ଚାଲିଗଲେ । ଅଉ ଦେଖିପାରିଲି ନାହିଁ । ଶବାରି ଭିତରେ ତକିଅ ରେ ମୁହଁମାଡ଼ି ମଲାଙ୍କପରି ପଡ଼ିହେଲି ।

ଦୂର ଗାଁର କୋଉଠି ଗୋଟାଏ ନଡ଼ିଆ ଗଛର ପତର ପାଲିଙ୍କି ରେ ଚଢ଼ି ସେତେବେଳେ ଅଷ୍ଟମୀଚନ୍ଦ୍ର ଶାଶୁଘରକୁ ଯାଉଥିଲା । ଗଛ ଛାଇ-ଛନ୍ଦିଲା ଗାଁ ଦାଣ୍ଡରେ ତାର ଅନୁକୂଳ ଚିତା ପଡ଼ୁଥିଲା କେତେ ଜାତିରେ ! ରାତିଗୋଟିକ ବାଟରେ କଟିଗଲା । ତହିଁଆରଦିନ ଚଉଠି । ସକାଳେ ମତେ କେତେଜଣ ମାଇପେ ଧରାଧରି କରିନେଇ ଗୋଟିଏ ଘରେ ବସାଇଲେ ।

ଲୋକ ଗହଳ ଅଉ ଗରମରେ ମୋର ନିଶ୍ୱାସ ବନ୍ଦ ହୋଇଗଲାପରି ଜଣାଯାଉଥାଏ । ସ୍ୱାମୀ ଠିକ୍‌ ମୋ ପାଖରେ ବସିଥାନ୍ତି ଦେହକୁ ଦେହ ଲଗାଲଗି ହୋଇ ଗୋଟାଏ ମସିଣା ଉପରେ ! ଏତେ କଷ୍ଟରେ ସୁଦ୍ଧା ଭାରି ମନ ହେଉଥାଏ ତାଙ୍କ ମୁହଁ ଟିକେ ଦେଖିବାକୁ । ଓଢ଼ଣା ଭିତରେ ବହୁକଷ୍ଟରେ ମୁହଁକୁ ଟିକେ ଟେକି ତାଙ୍କୁ ଥରେ ଦେଖିନେଲି ।

ଏତ ସେଇ, ସେ ଦିନ ଗାଧୋଇ ଅସିଲାବେଳେ ବଉଳ ମତେ ଯାହାଙ୍କୁ ଦେଖାଇ ଦେଇଥିଲା ! ପୋଡା ଅଙ୍ଗାରପରି ରଙ୍ଗ, ସେଥିରେ ମୁହଁଯାକ ବସନ୍ତ ଦାଗ ଯେମିତି ସିଙ୍ଗିହୋଇ ଯାଇଚି । ଏହି ମୁହଁ ? ଲାବଣ୍ୟର ଲେଶ ଯାହାକୁ ଛୁଇଁ ଯାଇନାହିଁ, ଏହାକୁ ଚାହିଁ ମତେ ଦୁନିଆର ସବୁ ସୌନ୍ଦର୍ଯ୍ୟ ପାଶୋରିବାକୁ ପଡ଼ିବ ! ତରୁଣ ଜୀବନର ଶତମନ-ପାଞ୍ଚ ଏଇଠି ସାର୍ଥକ ହେବତ ?

Digitized by srujanika@gmail.com

ଆଖି ଆଗରେ ମୋର ସବୁ ଅନ୍ଧାର ଦିଶିଲା ! ତଳକୁ ମୁଣ୍ଡ ପୋତି କୌଣସି ମତେ ବସିରହିଲି ଭଣ୍ଡାରୁଣୀ ହାତ ଉପରେ ଅଉଜି, ନଇଲେ ପଡ଼ିଯାଇଥାନ୍ତି ।

କାମ ସରିଲାପରେ ଜଣେ କିଏ, ବୋଧହୁଏ ଏ ଘରର ପୋଇଲି, ମତେ ଅଣି ଅଉ ଗୋଟିଏ ଘରେ ବସାଇଦେଲା । ତା' ପରେ ଗୋଟି୨ କରି କେତେଗୁଡ଼ାଏ ମାଇପେ ସେ ଘରକୁ ଆସିଲେ ମତେ ଦେଖିବାପାଇଁ । ଦଣ୍ଡକ ଭିତରେ ଲୋକ ଗହଳରେ ସେ ଘରେ ଆଉ ତିଳ ପକାଇବାକୁ ଜାଗା ରହିଲାନାହିଁ—ଶେଷରେ ମତେ ନିଶ୍ୱାସ ମାରିବାକୁ କଷ୍ଟ ହେଲା ।

ମୁହଁଦେଖା ପର୍ବ ସରିଲା । ସମସ୍ତେ ମୋ ରୂପ ବିଷୟରେ ଯେଝାମତ ପ୍ରକାଶକରି ବାହାରକୁ ଗଲେ । ଶେଷକୁ ଦୁଇଚାରିଟି ଟୋକି, ପ୍ରାୟ ମୋରି ବୟସ ହବ ତାଙ୍କୁ । ସେ ଘରୁଅଉ ଗଲେନାହିଁ; ମତେ କଥା କୁହାଇବା ଲାଗି ମାଛି କୁକୁର ପରି ଲାଗିରହିଲେ ମୋ ସାଙ୍ଗେ । ଭାଗ୍ୟକୁ ଅଉ ଜଣେ କିଏ ସେ ଘରକୁ ଅସିଲେ । ତାଙ୍କୁ ସବୁ ଦେଖି ଗାଳିଦେଲେ; ପିଲାଟା କାଲିଠୁଁ କିଛି ନ ଖାଇ ହାଲିଅହୋଇ ପଡ଼ିଚି । ତମେ ସବୁ ତା ସାଙ୍ଗରେ କାହିଁକି ସେମିତି ନଗେଇଚ କଲେ । ଯା, ସେ ଟିକେ ଶୋଉ । ସେମାନେ ସବୁ ମୁହଁ ଚାହାଁଚାହିଁ ହୋଇ ହସିଲେ । ତା ପରେ ଗୋଟି ଗୋଟି ସମସ୍ତେ ଉଠି ଚାଲି-ଗଲେ ସେଠୁ । ସେ ମାଇପିଟି ମୋତେ ଶୋଇବାକୁ କହି ଘର କବାଟ ଅଉଜାଇ ଦେଇ ଚାଲିଗଲେ ।

ହାୟ ମତେ ପୁଣି ନିଦ ମାଡ଼ିବ ! ଏକୁଟିଆ ହେଲାରୁ ମୋ ସ୍ୱାମୀଙ୍କ କଥା ପୁଣି ମନେ ପଡ଼ିଲା । ଅଲ୍ପ ସମୟ ହେଲା ଆମ ଶାସ୍ତ୍ର ଅନୁସାରେ ଯାହାଙ୍କର ମୁଁ ସ୍ତ୍ରୀ ହୋଇ ସାରିଛି । ମୁଁ ପୁଣି ତାଙ୍କ ଦ୍ୱିତୀୟ ସ୍ତ୍ରୀ । ଅଗ ସ୍ତ୍ରୀ ମରିଥିଲା, ବର୍ଷକର ଗୋଟିଏ ପୁଅ ରଖି । ସେହି ଦିନୁ ଆଜଯାଏ ମୋ ପାଇଁ ଏ ଯିମିତି ବାଟଚାହିଁ ବସିଥିଲେ । ବୟସରେ ସେ ମୋ ବାପାଙ୍କ ସାଙ୍ଗର ହେବେ । ଏଇମାନଙ୍କ ସାଙ୍ଗରେ ପୁଣି ମତେ ସବୁଦିନେ ଘର କରିବାକୁ ପଡ଼ିବ ସରିସମ ହୋଇ ! ଏଇ ମୁହଁକୁ ଚାହିଁ ମତେ ପୁଣି ପିଲାଦିନର ସବୁ ସ୍ନେହମାୟା ଭୁଲିବାକୁ ହେବଟି । ସେତିକିବେଳେ ମନେ ପଡ଼ିଗଲା ମୋର ଅଉ ଗୋଟିଏ ଲାବଣ୍ୟସିକ୍ତ ପ୍ରଫୁଲ୍ଲ ଚିର-ପରିଚିତ ମୁହଁ; ବିଧାତାଙ୍କର ସବୁ ସୁନ୍ଦର ସୃଷ୍ଟି ଯାହା ଦେହରେ ସାର୍ଥକ ହୋଇଛି । ସେ ମୁହଁ ଅଉ ମୋ ସ୍ୱାମୀଙ୍କ ମୁହଁ କେତେ ପ୍ରଭେଦ କେତେ ଫରକ ଯ୍ୱାଭିତରେ ! ତୁଳନା କରିବାକୁ ସୁଦ୍ଧା ଲଜମାଡେ । ସେ ପୁଣିତ ମତେ ଅପ୍ରାପ୍ତ ହୋଇ ନ ଥିଲେ ? କାନୁ—କାନୁ—

ମୁଁ ଅଉ ଭାବି ପାରିଲିନାହିଁ । ମନେହେଲା ଇମିତି ଭାବିଲେ ମୁଁ ପାଗଳ ହୋଇଯିବି କାନୁ; ଏଇ ଚିନ୍ତାରେ ପାଗଳ ହୋଇଯିବା ସେତେବେଳେ କେତେ ସୁଖକର ମନେକଲି !

ସୂର୍ଯ୍ୟ ବୁଡ଼ି ଯାଇଥିଲେ ଅନେକ ବେଳୁ ! ଦିନ ଅଲୁଅ କ୍ରମେ ନିଭିଆସିଲା । କୋଠାଘର; କାନୁ କାଳା—କବାଟି ଯମା ନ ଥିଲା ମୁଁ ଯୋଉ ଘରେ ବସିଥିଲି । ଅନ୍ଧାର ଘର ଭିତରେ ଅନେକ ବେଳଯାଏ ଚୁପହୋଇ ବସି-ରହିଲି । କେତେବେଳ ପରେ କେଜାଣି, ଦୁଇ ଚାରିଜଣ ମାଇପେ ଅସି ମତେ ଅଉ ଗୋଟିଏ ଘରକୁ ନେଇଗଲେ । ସେ ଘରଟାବି ଇମିତି ଅନ୍ଧାର । ଖାଲି ଘର କଣରେ ଗୋଟିଏ ଦୀପ ମିଞ୍ଜି୨ହୋଇ ଜଳୁଥିଲା । ଗୋଟାଏ ପାଖରେ ଖୁବ ବଡ଼ ପଲଙ୍କଟାଏ; ତା ଉପରେ ବିଛଣା ପଡ଼ିଛି । ଏ ମାନେ ମତେ ନେଇ ଘର କଣରେ ଖଣ୍ଡେ ସପ ଉପରେ ବସାଇ ଦେଲେ । ତା ପରେ ଗୋଟି୨ ହୋଇ ସମସ୍ତେ ଚାଲିଗଲେ ସେଘରୁ । ବୁଝି ପାରିଲି କାହିଁକି ମୋତେ ଏ ଘରକୁ ଅଣାହୋଇଚି । ବିଜୁଳି ମାରିଲା ପରେ ଘଡ଼ଘଡ଼ ଗର୍ଜନକୁ ଯିମିତି ଲୋକେ ଭାବନାଅନ୍ତି ଗୋଟାଏ ଅଜଣା ଭୟରେ ଦେହ ମୋର ସିମିତି ଥରିଉଠିଲା । ଛାତି ଦାଉ୨ ପଡ଼ିଲା । ଭାବିଲି, କାହିଁକି ମୁଁ ଏତେ ଡରୁଚି ? ସେତ ବାଘ ସାପ ନୁହନ୍ତି; ମତେ ଖାଇଯିବେ ? ବୁଢ଼ାଟାକୁ ଏତେ ଡରିବି କାହିଁକି ? ଘଡ଼ିଏ ଖଣ୍ଡେ ବିତିଗଲା । କେହି ଅସିଲେ ନାହିଁ ସେ ଘରକୁ । ଟିକେ ଦମ୍ଭ ଅସିଲା । ଭାବିଲି; ଯେତେ ଅସୁନ୍ଦର ସେ ହଉନୁ ମୁଁତ ତାଙ୍କୁ ପୁଣି ବାହା ହୋଇଚି ? ତାଙ୍କ ଛଡ଼ା ମୋର ଅଉ ଗତି କଣ-ଅଛି ? ମୋ ମନକୁ ନଅସିଲେ ସଂସାର ଲୋକେତ ମୋ

Digitized by srujanika@gmail.com

ଦୁଃଖ ଶୁଣିବେନାହିଁ । ଅଧିକ ହସିବେ ସମସ୍ତେ । ମୁଁ କଣ ସ୍ୱାମୀଙ୍କୁ ଭଲ ପାଇ ପାରିବିନାହିଁ ? ଦେଖିବି ଚେଷ୍ଟାକରି; ପ୍ରାଣର ସବୁ ବଳ ଖରଚକରି ତାଙ୍କପ୍ରତି ମନର ସବୁ ବିମୁଖତାକୁ ସହି ନେଲେତ ନଷ୍ଟଯିବ ! ନା ! ନା - ମୁଁ ଥରେ ଦେଖିବି ଚେଷ୍ଟାକରି ସ୍ୱାମୀଙ୍କୁ ଭଲ ପାଇବାକୁ । ନିଶ୍ଚୟ—ନିଶ୍ଚୟ—

ସାରା ଦିନର ଅନିଦ୍ରା ଓ ଅବସାଦରେ ଆଖିଦିଟା ନିଦରେ ଭରି ହୋଇ ଆସିଲା । ଆଉ ସିଧାହୋଇ ବସି ପାରିଲି ନାହିଁ । ସେଇଠି ସେମିତି ଶୋଇ ପଡ଼ିଲି । କେତେବେଳେ ମତେ ନିଦ ହୋଇଯାଇଚି ଜାଣେନା ! ହଠାତ୍ କାହା ଥଣ୍ଡାହାତ ଲାଗି ନିଦଟା ମୋର ଭାଙ୍ଗିଗଲା । ଧଡ଼ପଡ଼ ହୋଇ ଉଠିବସି ମୁଣ୍ଡରେ ଲୁଗା-ଦେଇ ଦେଲି । ଛାତିଟା ଦୁମ୍ ଦୁମ୍ ହୋଇ କମ୍ପିଗଲା । ସେଇ ଅଳ୍ପ ଅଳ୍ପଅରେ ମୁଣ୍ଡରେ ଲୁଗାଦେବା ଭିତରେ ଚିହ୍ନି ପାରିଥିଲି; ସେ ମୋ ସ୍ୱାମୀ !

ଦୀପଟା ଅହୁରି ମିଞ୍ଜି କରିଦେଇ ସେ କହିଲେ ଆ ବିଛଣାକୁ ।

କିଛି କହିଲି ନାହିଁ । ସେ ମୋପାଖକୁ ଆସିଲେ । ଦୁଇହାତରେ ମତେ ଏକରକମ ବିଛଣା ପାଖକୁ ଠେଲି ନେଇ ଯାଇ କହିଲେ; ଯା ଉପରକୁ ଯା ।

ଖଟ ପାଖରେ ସେମିତି ଠିଆହବା ଦେଖି ସେ ତଳକୁ ଓହ୍ଲାଇ ଆସିଲେ । ମୁଣ୍ଡରୁ ମୋର ଓଢ଼ଣା ଟେକିଦେଇ ହସି ହସି କହିଲେ; ଏତେ ନାଳ ଗୋଟାଏ କଣ ? ମତେ ଭଲ ଲାଗେନାହିଁ ସେ ସବୁ ।

ଏଇ ପହିଲି ବୋଧହୁଏ ମୁଁ ତାଙ୍କୁ ହସିବାର ଦେଖିଲି । କିନ୍ତୁ ମନେ ହେଲା ନଦେଖିଥିଲେ ବରଂ ଭଲ ହୋଇଥାନ୍ତା । ଭଗବାନ୍ ! ହସ ପୁଣି ମନୁଷ୍ୟଙ୍କର ଏମିତି ବିକୃତ ! ମୋର ଏଧାରଣା ନଥିଲା ।

ମତେ ଚୁପ୍‌ହୋଇ ଠିଆହବାର ଦେଖି ସେ ଅହୁରି ପାଖକୁ ଆସିଲେ । ଦୁଇ ହାତରେ ମୋ ହାତକୁ ଧରି ଖଟ ଉପରକୁ ଟାଣିନେଲେ । ମୁ ତାଙ୍କ ହାତକୁ ହିକେ ଠେଲିଦେଇ ପଛକୁ ଘୁଞ୍ଚି ଆସିଲି । ସେ ପୁଣି ମୋ ହାତକୁ ଧରି କହିଲେ; ଇଏ କ'ଣ, ମୁଁ ଖାଇଯାଉଚି ନାଁ କଣ ତତେ ? କହୁ କହୁ ମତେ ପାଖକୁ ଭିଡ଼ିନେଲେ । ଏତେ ଯୋରରେ ଯେ ମୁଁ ଟାଳ ସମାଳ ନପାରି ଏକରକମ ତାଙ୍କ ଛାତି ଉପରେ ଅଉଜି ପଡ଼ିଲି । ପୁଣି ସିଧାହେବା ଆଗରୁ ସେ ମୋ ମୁହଁକୁ ଟେକିଧରି ଚୁମ୍ବନ କଲେ

ବିଜୁଳିପରି ତାଙ୍କୁ ଦୁଇହାତରେ ଠେଲିଦେଇ ଖଟ ଉପରୁ ଓହ୍ଲାଇ ଆସିଲି । ଛି, ଛି ଏ ମଣିଷ ନା କଣ ? ଦେହ ଗୋଟାକ ଝିମି ଝିମି ହୋଇଗଲା ଘୃଣା ଅଉ ରାଗରେ । କିନ୍ତୁ ମୋ ବ୍ୟବହାର ଦେଖି ସେ ଏଥର ବୋଧହୁଏ ସତରେ ରାଗିଗଲେ ! ଦୁଇହାତରେ ମତେ ପିଲାଙ୍କପରି ଖଟ ଉପରକୁ ଟେକିନେଇ ଜୋରକରି କହିଲେ; ଶୋ ଏଠି ।

ସେଇ ବିଛଣାରେ ସେମିତି କାଠପରି ବସିରହିଲି ମୁ ! ହାୟ, ହାୟ ମୁଁ ପୁଣି ଏଇଅଙ୍କୁ ଭଲ ପାଇବାକୁ ଚେଷ୍ଟା କରିବି ବୋଲି ଅଉ କେତେଦଣ୍ଡ ଅଗରୁ ପ୍ରତିଜ୍ଞା-କରୁଥିଲି !

ବିଛଣାରେ ଅନ୍ୟଅଡ଼କୁ ମୁହଁ ଫେରାଇ ସେ ଶୋଇ-ଥିଲେ । ପ୍ରାୟ ଘଡ଼ିଏ ଖଣ୍ଡେ ବିତିଗଲା । ଭାବିଲି ବୋଧ-ହୁଏ ଶୋଇ ପଡ଼ିଲେଣି । ସେ ବିଛଣାଟାରେ ତାଙ୍କ ସାଙ୍ଗରେ ଏକାଠି ଶୋଇବାକୁ ସୁଦ୍ଧା ମୋର ମନ ହେଲା-ନାହିଁ । ତଳେ ଶୋଇବାକୁ ମନେକରି ଉଠି ଆସୁଚି ସେ ମୋ ଲୁଗାକାନକି ଧରି ପକାଇ ପଚାରିଲେ; କୁଆଡ଼େ ଯାଉଛୁ ?

ମନ ହେଉଥାଏ ବଡ଼ପାଟି କରି କହିବାକୁ । ଯମ-ଘରକୁ— । କଥାର ଯବାବ ନ ପାଇ ସେ ଭାରି ଚିଡ଼ିଗଲେ, କହିଲେ; ଏମିତିହେଲେ ଏକା ଜାଣିଥା ଭାରି ଖରାପହେବ । ମୁଁ କହୁଚି ମୋ କଥାମାନ । ପାଖକୁ ଆ ।

ପୁଣି ସେମିତି ଟଣା ଓଟରା । ସ୍ତ୍ରୀ ହୋଇ ମୋର କେତେ ବଳ ତାଙ୍କ ସଙ୍ଗେ ଲଢ଼ିବାକୁ । ମୁଁ ଆଉ ପାରିଲି-ନାହିଁ । ଦୁଇହାତରେ ମତେ ଛାତି ଉପରେ ଭିଡ଼ିଧରି ସେ ମୋ ମୁହଁପାଖକୁ ମୁହଁ ଆଣିଲେ—ବୋଧହୁଏ ଆଉଥରେ ଚୁମ୍ବନ କରିବାକୁ

ଭାବିଲି ବାଧା ଦେବିନାହିଁ । ଏଥର ତାଙ୍କ କାମରେ କଣ କରୁଚନ୍ତି କରନ୍ତୁ । କିନ୍ତୁ ଘୃଣା ଆସି ମତେ ବାଟ

Digitized by srujanika@gmail.com

କାଢ଼ିଇନେଲା ! ଅପେ ଅପେ କେତେବେଳେ ମୁଁ ତାଙ୍କ ପଛକୁ ଠେଲିଦେଇ ଖଟ ଉପରୁ ଡେ଼ଇଁ ପଡ଼ିଲି । ସେ'ବି ମୋ ପଛେ ପଛେ ମତେ ଧରିବାକୁ ଅସୁଛନ୍ତି ଦେଖି ଦୀପଟା ଲିଭାଇଦେଲି । ଅନ୍ଧାର ଭିତରେ ମୁଁ କୋଉଠି ସେ ଦେଖି ପାରିଲେନାହିଁ । ମତେ ଖୋଜି ଖୋଜି ସେଇ ଅନ୍ଧାରରେ ତାଙ୍କ ମୁଣ୍ଡ ଖଟ ଦାହରେ ଖୁବ୍ ଜୋରରେ ବାଡେଇ ହୋଇଗଲା ମୁଁ ଶୁଣି ପାରିଲି । ଶେଷକୁ ହାରି ରାଗିଯାଇ ସେ କହିଲେ; ହଉ ରଇଥା କାଲି ସକାଳେ ଯାଇଁ ତୋର ମୋର ବୁଝା ବୁଝି । ମତେ ଚିହ୍ନି ନାହୁଁ ଅଜଯାଏ ।

ବନ୍ଧୁ କଷ୍ଟରେ ଦରାଣ୍ଡି ଦରାଣ୍ଡି ସେ ବୋଧହୁଏ ବିଛଣାକୁ ଯାଇ ଶୋଇପଡ଼ିଲେ । ଅନ୍ଧାରରେ କିଛି ଦିଶୁ ନ ଥାଏ, ପଲଙ୍କ କଟ କଟ ହେଲାରୁ ଖାଲି ଅନୁମାନକଲି । ଘଡ଼ିଏ ଗଲା, କିନ୍ତୁ ଘୋର ଶବ୍ଦ ନାହିଁ । ଭୟରେ ଦର-ମରା ହୋଇ ଦୁଆରମୁହଁ ପାଖରେ ଯେମିତି ମେଡିକିବେଲି ଠିଆ ହୋଇଚି, କାଠପରି । ହଲଚଲ ହେବାକୁ ବି ଡର ମାଡୁଥାଏ, କାଲେ ସେ ପୁଣି ମତେ ଧରିବାକୁ ଅସିବେ । କେତେବେଳେ କେଜାଣି ଖଟଉପରୁ ତାଙ୍କର ଘୁଗୁଡ଼ି ଶବ୍ଦ ଶୁଭିଲା । ସାବଧାନରେ କବାଟ ଟିକେ ମେଲାକରି ଗୋଡ ଚପି ଚପି ପଦାକୁ ପଳାଇ ଅସିଲି !

ରାତିପାହି ଅସୁଥାଏ ସେତେବେଳକୁ । ଦୂର ସରଗ ଦେହରେ ଅନ୍ଧାରର ଯେମିତି ଛେନା ଛିଣ୍ଡି ଯାଇଚି ! ଏଠି ସେଠି ଗଛପତ୍ରଯାକ ଅନ୍ଧାର ଭିତରେ କଳା କଳା ହୋଇ ବାରି ହେଉଥାନ୍ତି । ଭଗବାନଙ୍କର ଏହି ମୁକୁଳା ରାଜ୍ୟ ତଳେ ଠିଆ ହୋଇ ମନର ଗୋପନ ଗୁହାରି ଟିକ ତାଙ୍କ ପାଖରେ ପହଞ୍ଚାଇବା ଲାଗି ଶ୍ରୁତିହାର ଯେମିତି ତରଳ ଅଖି ଦିଟାବାଟେ ଝରିପଡ଼ିଲା । ମନହେଲା ଏଇ-ସ୍ୱାମୀ ! ଯାଙ୍କୁ ପୁଣି ଭଲ ପାଇପାରିବ ମୁଁ କୋଉକାଳେ ? ଅସମ୍ଭବ !

( କ୍ରମଶଃ )

# ବିରହେ

କୁମାର ନିତ୍ୟାନନ୍ଦ ସାମନ୍ତ ପଟ୍ଟନାୟକ

ନିମେଷେ ମଜାଇ ଅନ୍ତର ହେଲ ହେ
ନ ଭାବିଲ ବାରେ ଅଧମା ବୋଲି,
ତୃଷିତ ଅନ୍ତରେ ବଢ଼ାଇଲ ତୃଷା
ସରସ-ପୀରତି—ପଦ୍ମ ମେଲି ।
ମରମ ଅବୋରି ପରତେ ପରତେ,
ଜାଳିଅଛ ସଖା ଜ୍ୱାଳା ଅବିରତେ,
ପ୍ରିପାସ୍ତ ପରାଣେ ମରମ ବନ୍ଧନ
ଭାଙ୍ଗିଲାଣି ବୁକୁ ଗଳନ୍ତି ସରି ।
ବିରହ ଅନଳ ଜ୍ୱଳୁଛୁ ପରାଣେ
( ତେଣୁ ) ମରଣ ବାସନା ଜାଗିଲାଣି ମନେ
( ତେଣେ ) ସମୀର ଉଦାସ-ପ୍ରବାହ ପ୍ରବୋଧେ
ଅସିବେ ଜୀବନ ପ୍ରେମ ଲୋ ଫେରି
( ମୁଁ ଗୋ ) ସ୍ୱପନେ ଦେଖଇ ତବ ମୂରତି
ଭାଙ୍ଗିଲେ ସ୍ୱପନ କାନ୍ଦଇ ନିତି
( ଯେବେ ) ଦେଖାହେଲେ ତବ ମରମ ଦହେ ଗୋ
ନ ଅସିଲେ ଶୋକେ ହେବ ନ' ଧାରି
କାନ୍ଦିବ ନୀରବେ ସାରା ଜୀବନ,
ଛୁଟିବ ଅନ୍ତରେ ତପ୍ତ-ପ୍ଲାବନ
ତଟିନୀ କାନ୍ଦିବ, କୁସୁମ ଝରିବ
ଜ୍ୟୋତ୍ସ୍ନା ମଉଳିବ ମୋ ଦୁଃଖେ ଝୁରି ।

Digitized by srujanika@gmail.com




## ପୁଷ୍ପର ବର୍ଣ୍ଣ

ବସନ୍ତକାଳରେ ଉଦ୍ୟାନରେ ଭ୍ରମଣ କଲାବେଳେ ପୁଷ୍ପର ମନୋହାରିଣୀ ଶକ୍ତି ବେଶ୍ ଉପଲବ୍ଧ ହୁଏ । ଆବାଳ ବୃଦ୍ଧ ବନିତା କୌଣସି ନା କୌଣସି ପୁଷ୍ପରେ ସ୍ୱଭାବତଃ ଆକୃଷ୍ଟ । ଯେଉଁ ଅପୂର୍ବରୂପ ଦେଖି କୀଟ ପତଙ୍ଗାଦି ସୁଦ୍ଧା ମୋହିତ ଓ ଆକୃଷ୍ଟ ହୋଇଥାନ୍ତି—ସେ ମୋହନୀ ଶକ୍ତିରେ ମନୁଷ୍ୟ ଭୁଲିଯିବା ବିଚିତ୍ର କଣ ? ପ୍ରକୃତିର କୌଣସି କାର୍ଯ୍ୟ ନିରର୍ଥକ ହୋଇ ପାରେନା । ସୁତରାଂ କି ଉଦ୍ଦେଶ୍ୟସାଧନ ପାଇଁ ଏବଂ କିପରି ପୁଷ୍ପର ଏଭଳି ବିଚିତ୍ର ବର୍ଣ୍ଣ ଉତ୍ପତ୍ତି ହୋଇଥାଏ—ତାହା ଜାଣିବା ପାଇଁ ବୈଜ୍ଞାନିକ ମନରେ କୌତୂହଳ ଜାତହେବା ସ୍ୱାଭାବିକ ।

ସାଧାରଣତଃ ପୁଷ୍ପର ଚାରୋଟି ଅଙ୍ଗ ଅଛି—ପୁଷ୍ପଚ୍ଛଦ (calyx), ପୁଷ୍ପଦଳ (corolli ), ପୁଂ କେଶର (Stamen) ଓ ଗର୍ଭକେଶର (Pistil) । ମାତ୍ର ପୁଂ କେଶର ଓ ସ୍ତ୍ରୀ କେଶର ଦୁଇଟି ପ୍ରଧାନ ଅଙ୍ଗ । ସେମାନଙ୍କୁ ଝଡ଼ ବୃଷ୍ଟି ଓ କୀଟ ପତଙ୍ଗାଦିଙ୍କ ଅତ୍ୟାଚାରରୁ ରକ୍ଷାକରିବା ଦରକାର । କେବଳ ସେଥିପାଇଁ ଏହା ଚାରିଆଡ଼େ ଏକପ୍ରସ୍ଥ ପୁଷ୍ପଦଳ ଓ ଏକପ୍ରସ୍ଥ ପୁଷ୍ପଚ୍ଛଦ ବେଷ୍ଟିତ ହୋଇଥାଏ । ଦେଖାଯାଉଛି--ପୁଷ୍ପଚ୍ଛଦ ଓ ପୁଷ୍ପଦଳ ଏଦୁଇଟି ପ୍ରଧାନ ଅଙ୍ଗକୁ ରକ୍ଷାପାଇଁ ଆବରଣଭଳି । ମନ୍ଦାର, ଧୁତୁରା ପ୍ରଭୃତି ଫୁଲ ଦେଖିଲେ ଏକଥାଟି ବେଶ୍ ବୁଝାଯାଏ । କେଉଁ ୨ ଫୁଲରେ ଟିକିଏ କଠିନ ଆବରଣ ଥାଏ । ତାହାକ Bract କହନ୍ତି । ଦୃଷ୍ଟାନ୍ତସ୍ୱରୂପ ଗୋଟିଏ କଦଳୀ ଗଛର ଫୁଲ (ଭଣ୍ଡା) ଦେଖାଯାଉ ।

ବଂଶରକ୍ଷା ପାଇଁ ସନ୍ତାନ ଲାଭ କରିବା ଜୀବ ଜଗତର ଯେପରି ଆକାଙ୍କ୍ଷା, ଉଦ୍ଭିଦ ସମାଜରେ ମଧ୍ୟ ସେହି ପ୍ରୟୋଜନ । ଏଥିପାଇଁ ଅନେକ ଉଦ୍ଭିଦର କେତେଗୁଡ଼ିଏ ପତ୍ର କ୍ରମେ ପରିବର୍ତ୍ତିତ ହୋଇ କ୍ରମେ ପୁଷ୍ପଚ୍ଛଦ, ପୁଷ୍ପଦଳ, ପୁଂକେଶର ଓ ସ୍ତ୍ରୀ କେଶରରେ ପରିଣତ ହୋଇଥାଏ । ଅନେକେ ଦେଖିଥିବେ କଦଳୀପତ୍ର କିପରି କ୍ରମେ୨ ଛୋଟହୋଇ ଶେଷରେ ରଙ୍ଗ ଭଣ୍ଡା ଆକାର ଧାରଣ କରିଥାଏ । ରଜନୀଗନ୍ଧା ଫୁଲ ପରୀକ୍ଷା କଲେ ଏକଥାଟି ଆହୁରି ସ୍ପଷ୍ଟ ହୋଇପଡ଼େ । ଜୀବ ଜଗତରେ ଦେଖାଯାଏ ଗର୍ଭସ୍ଥ ଭ୍ରୂଣ ଯେତେ ପରିପୁଷ୍ଟ ହେଉଥାଏ, ମାତାର ଦେହ ତେତିକି ଦୁର୍ବଳ ଓ ରୁଗ୍ଣ ହୋଇଯାଏ । ଉଦ୍ଭିଦ ଜଗତରେ ମଧ୍ୟ ସମାନ । ଭଣ୍ଡା'ର ପରିପୁଷ୍ଟି ପାଇଁ ଯେତିକି ଉପାଦାନ ଲୋଡ଼ାହୁଏ, କଦଳୀ ପତ୍ରରେ ସେଇ ପରିମାଣରେ ସାମଗ୍ରୀ ଅଭାବ ହୁଏ । ତେଣୁ ଭଣ୍ଡା ବାହାରିଲା ବେଳକୁ ଦେଖାଯାଏ ଯେ କଦଳୀପତ୍ର ଦିନକୁ ଦିନ କ୍ଷୁଦ୍ରାକାର ହୋଇପଡ଼େ ଅବଶେଷରେ ଭଣ୍ଡା ଖୋଲରେ ପରିଣତ ହୁଏ । କେତେକଙ୍କ ବଗିଚା ବା ଫାଟକ ସଜାଇବା ପାଇଁ ଏକ ପ୍ରକାର ଲତା ବ୍ୟବହାର କରନ୍ତି । ତାକୁ Buegon volae Bract କହନ୍ତି । ଦୂରରୁ ଦେଖିଲେ ତାହାକୁ ଫୁଲର ପାଖୁଡ଼ା ବୋଲି ଭ୍ରମହୁଏ । ପତ୍ର ଭଳି ସେଥିରେ ଶିରା-ଜାଲ ଦେଖାଯାଏ । ସୁତରାଂ ଦେଖାଯାଉଛି Bract କେବଳ ପତ୍ରର ରୂପାନ୍ତର ଛଡ଼ା ଅନ୍ୟ କିଛି ନୁହେଁ ।



Digitized by srujanika@gmail.com

ଅଧିକାଂଶ ବୃତି ( Sepal ) ର ଅକୃତି ଓ ବର୍ଣ୍ଣ ପତ୍ର ସଙ୍ଗରେ ସମାନ । ଦୃଷ୍ଟାନ୍ତସ୍ୱରୂପ ସୂର୍ଯ୍ୟମୁଖୀ ଫୁଲ ଦେଖାଯାଉ । କୌଣସି୨ ଫୁଲର ବୃତି ରଙ୍ଗିନ ମଧ୍ୟ ହୁଏ । ପାଖୁଡ଼ା ( Petal ) ଅବଶ୍ୟ ସାଧାରଣତଃ ଉଜ୍ଜ୍ୱଳ ହୋଇଥାଏ । ତେବେ ତାହାର ଆକାର ସହିତ ପତ୍ରର ଅକୃତିର ବିଶେଷ ସାଦୃଶ୍ୟ ଦେଖାଯାଏ । ବୃତି ଓ ପାଖୁଡ଼ାକୁ ଦେଖିଲେ କ୍ଷୁଦ୍ରାକାର ପତ୍ର ବୋଲି ଜଣାଯାଏ । କିନ୍ତୁ ପୁଂକେଶର ସହିତ ପତ୍ରର ସାଦୃଶ୍ୟ ପ୍ରାୟ ଦେଖାଯାଏ ନାହିଁ । କିନ୍ତୁ ସର୍ବଜୟା ବା ସେହି ଜାତୀୟଫୁଲ ଦେଖିଲେ ଅନେକ ସମୟରେ ପୁଂକେଶରର ( Style ) ଅର୍ଦ୍ଧାଂଶ ପାଖୁଡ଼ା ବୋଲି ସ୍ପଷ୍ଟ ଜଣାପଡ଼େ । ସୁତରାଂ ପୁଂକେଶର ପତ୍ରର ରୂପାନ୍ତର ମାତ୍ର । ଗୋଲାପ ଫୁଲର ଗର୍ଭକେଶର ( Stigma ) ସ୍ଥାନରେ ବେଳେ୨ ବୃତି ଦେଖାଯାଏ । ଏଣୁ ଗର୍ଭକେଶର ମଧ୍ୟ ପତ୍ରର ରୂପାନ୍ତର ଛଡ଼ା ଆଉ କିଛି ନୁହେଁ । ମୋଟରେ ଦେଖାଯାଉଛି ଫୁଲକୁ ରୂପାନ୍ତରିତ ପତ୍ରର ଆଖ୍ୟା ଦିଆଯାଇପାରେ ।

କୌଣସି୨ ଫୁଲର ରଙ୍ଗ ଶୁକ୍ଳ—ଯଥା:—ମଲ୍ଲୀ, ରଜନୀଗନ୍ଧା, ସୁଗନ୍ଧରାଜ ପ୍ରଭୃତି । କୌଣସି ଫୁଲର ରଙ୍ଗ ଲାଲ ହୋଇଥାଏ—ମନ୍ଦାର ଫୁଲ ତା'ର ଦୃଷ୍ଟାନ୍ତ । ଗୋଲାପଫୁଲ ଗୋଲାପିରଙ୍ଗର ହୋଇଥାଏ । ଅପରାଜିତା ଫୁଲ ନୀଳରଙ୍ଗର—ତେବେ ଶ୍ୱେତ ଅପରାଜିତା ମଧ୍ୟ ଦେଖାଯାଏ । ବେଳେ୨ ପର୍ଚ୍ଚ ବା ସବୁଜ ରଙ୍ଗର ଗୋଲାପ ମଧ୍ୟ ଦେଖାଯାଏ । ତାହାର ପାଖୁଡ଼ାଗୁଡ଼ିକ ପର୍ଚ୍ଚ ରଙ୍ଗ ହେବାରୁ ଦର୍ଶକମାନଙ୍କର ବିସ୍ମୟ ଉତ୍ପାଦନ କରିଥାଏ । ମଧୁମାଲତୀଫୁଲର ଗୋଟିଏ ପାଖୁଡ଼ା ନାଲି ଗୋଟିଏ ଶୁକ୍ଳ ଅଉ ଗୋଟିଏ ପୁଣି ମିଶାମିଶି ରଙ୍ଗ—ଏପରି ଅନେକ ପ୍ରକାର ଦେଖାଯାଏ ।

ପୁଂ କେଶର ଓ ସ୍ତ୍ରୀ କେଶରକୁ କେବଳ ରକ୍ଷା କରିବା ଯେବେ ପୁଷ୍ପଦଳ ଓ ପୁଷ୍ପଚ୍ଛଦର ଉଦ୍ଦେଶ୍ୟ ତେବେ ସେମାନଙ୍କର ବେଳେ ବେଳେ (Bract) ର ଏଭଳି ବିଚିତ୍ର ବର୍ଣ୍ଣର କାହିଁକି ହୁଏ ? ପାଶ୍ଚାତ୍ୟ ପଣ୍ଡିତମାନେ ବହୁବିଧ ପରୀକ୍ଷା ଓ ଭୂୟୋଦର୍ଶନ ଦ୍ୱାରା ଏହାର ମୀମାଂସା କରିଅଛନ୍ତି । ସେମାନେ କହନ୍ତି ଯେ ଫଳ ଉତ୍ପାଦନକୁ ସାହାଯ୍ୟ କରିବା ବର୍ଣ୍ଣର ପ୍ରଧାନ ଅଭିପ୍ରାୟ । ସ୍ତ୍ରୀ ପୁରୁଷଙ୍କ ମିଳନରେ ଯେପରି ଜୀବର ଉତ୍ପତ୍ତି ହୋଇଥାଏ ଉଦ୍ଭିଦମାନଙ୍କରେ ମଧ୍ୟ ସେହିଭଳି । ପୁଂକେଶରର ମୁଣ୍ଡ ଉପରେ ଯେଉଁ ଗଣ୍ଠି ଦେଖାଯାଏ ତା'ଭିତରେ ଅତିକ୍ଷୁଦ୍ର ଧୂଳି କଣା ( Pollen dust ) ଭଳି ଅନେକ ରେଣୁଥାଏ । ଦୃଷ୍ଟାନ୍ତ ସ୍ୱରୂପ ଗୋଟିଏ ପରିପୁଷ୍ଟ ଖଜୁରିଫୁଲ ବା ଅନ୍ୟ କୌଣସି ଫୁଲକୁ ଦେଖାଯାଉ । ସ୍ତ୍ରୀକେଶର (Pistil) ତଳେ ଯେଉଁ ଥଳି ବା ଗର୍ଭ (Ovary) ଭିତରେ ଅପୁଷ୍ଟ କ୍ଷୁଦ୍ର୨ ବୀଜ ଦେଖାଯାଏ ସେମାନଙ୍କୁ ବୀଜାଣୁ କୁହାଯାଏ । ଯେତେ କ୍ଷୁଦ୍ର ହେଲେ ସୁଦ୍ଧା ପୁଂକେଶରର ରେଣୁ କଣା ଓ ସ୍ତ୍ରୀକେଶରର ବୀଜକୋଷ (Cell ) ଭିତରେ ପଙ୍କଭଳି ଏକ ପ୍ରକାର ପଦାର୍ଥ ଥାଏ ତାକୁ ( Nucleus ) ? କୋଷସାର କୁହାଯାଏ । ରେଣୁକଣାର କୋଷସାର କୌଣସି ଉପାୟରେ ବୀଜକୋଷର କୋଷସାର ସହିତ ମିଳିତ ହୋଇ ପାରିଲେ କ୍ରମେ ପୁଷ୍ଟ ହୋଇ ଫଳ ବା ବୀଜରେ ପରିଣତ ହୁଏ । ବୀଜାଣୁ ଓ ରେଣୁର ଏଭଳି ମିଳନକୁ ନିଷେକ କ୍ରିୟା (Fertilization ) କୁହାଯାଏ । ନିଜର ଭାଇ ଭଉଣୀ ବା କୁଟୁମ୍ବ ମଧ୍ୟରେ ବିବାହ ଯେପରି ମନୁଷ୍ୟ ସମାଜରେ ହେୟ ଓ କ୍ଷତିକର ବୋଲି ବିବେଚିତ ହୁଏ ଉଦ୍ଭିଦ ସମାଜରେ ସେହିଭଳି ବଂଶଲୋପକର ଓ ଅସ୍ୱାଭାବିକ ପରିଣୟକୁ ଯଥାସାଧ୍ୟ ପରିହାର କରିବା ଚେଷ୍ଟା ହୋଇଥାଏ । ଗୋଟିଏ ଫୁଲର ପୁଂକେଶର ସେହି ଫୁଲର ସ୍ତ୍ରୀକେଶରକୁ ପ୍ରାୟ ନିଷିକ୍ତ କରେନାହିଁ—ତେବେ ନିରୁପାୟ ସ୍ଥଳରେ କଥା ସ୍ୱତନ୍ତ୍ର କିନ୍ତୁ ଗୋଟିଏ ଫୁଲର ରେଣୁ (Pollen) ସେ ଜାତୀୟ (Natural order) ଅଉ ଗୋଟିଏ ଫୁଲର ରେଣୁ ସହିତ ମିଳିତ ହେବାକୁ ଚେଷ୍ଟା କରିଥାଏ । କିନ୍ତୁ ଗତି ଶକ୍ତି ବିହୀନ ରେଣୁ କଣା ପକ୍ଷରେ ପୁଷ୍ପାନ୍ତର ଗମନ ଅତି ଅସମ୍ଭବ କଥା । ସୁତରାଂ ରେଣୁକଣା ଯହିଁରେ ସହଜ ଅଥଚ ନିରାପଦରେ ଅନ୍ୟ ଫୁଲର ସ୍ତ୍ରୀକେଶରର ମୁଣ୍ଡ ବା ପିଠି (Stigma) ର ଅଠାଳିଆ ପଦାର୍ଥ ସହିତ ମିଳିତ ହୋଇପାରେ—ସେଭଳି କୌଣସି ଉପାୟ ଲୋଡ଼ା । ଧୂଳିକଣା ବାୟୁଦ୍ୱାରା ସ୍ଥାନାନ୍ତରିତ ହୋଇଥାଏ; ରେଣୁ–



Digitized by srujanika@gmail.com

କଣା ମଧ୍ୟ ଏହି ଉପାୟରେ ପୁଷ୍ପାନ୍ତରକୁ ଗମନ କରିଥାଏ । କିନ୍ତୁ ଏହା ପ୍ରଶସ୍ତ ଉପାୟ ନୁହେଁ । ବାୟୁଚାଳିତ ରେଣୁ କଣା ସ୍ୱଜାତୀୟ ପୁଷ୍ପ ଉପରେ ନ ପଡ଼ି କର୍ଦ୍ଦମ ଜଳ, ପତ୍ର, ବା ଅନ୍ୟ କୌଣସି ଅନୁପଯୁକ୍ତ ସ୍ଥାନରେ ପଡ଼ିପାରେ; ତାଳ, ଖଜୁରୀ, ଭୁଟ୍ଟା ପ୍ରଭୃତି ଉଦ୍ଭିଦ ମାନଙ୍କର ରେଣୁକଣା ଏଭଳି ଭାବରେ ଅପବ୍ୟୟ ହୁଏ । କୌଣସି୨ ଜଳଜ ଉଦ୍ଭିଦର ରେଣୁ ସ୍ରୋତ ସାହାଯ୍ୟରେ ସ୍ଥାନାନ୍ତରକୁ ଯାଇଥାଏ । ଅନେକ ପିମ୍ପୁଡ଼ି ମଧ୍ୟ ରେଣୁ ଭକ୍ଷଣ କରନ୍ତି, ସେଥିପାଇଁ ଖାଦ୍ୟ ସଂଗ୍ରହ କରିବା ପାଇଁ ସେମାନଙ୍କୁ କେତେ ଫୁଲ ବୁଲିବାକୁ ହୁଏ । ଏମାନଙ୍କ ପାଦରେ ଲାଗିଥିବା ରେଣୁକଣା ମଧ୍ୟ ଅନ୍ୟ ଫୁଲକୁ ଏଭଳି ଭାବରେ ଯାଇଥାଏ । ପ୍ରଜାପତି, ଭ୍ରମର, ମହୁମାଛି ପ୍ରଭୃତି ପତଙ୍ଗମାନେ ଅତ୍ୟନ୍ତ ମଧୁପ୍ରିୟ । ଏମାନଙ୍କ ମଧ୍ୟରୁ କେତେକଙ୍କର ଜୀବନଯାତ୍ରା ମହୁ ଉପରେ ନିର୍ଭରକରେ । ଫୁଲର ପାଖୁଡ଼ାମୂଳେ ମଧୁ ସଞ୍ଚିତ ଥାଏ ବୋଲି କୀଟ ପତଙ୍ଗମାନେ ନାନାଫୁଲରୁ ମଧୁ ସଂଗ୍ରହ କରି ଉଡ଼ି ବୁଲନ୍ତି । ସେ ସୁଯୋଗରୁ ଗୋଟିଏ ଫୁଲର ରେଣୁକଣା କୀଟମାନଙ୍କର ଶୁଣ୍ଢ ବା ଶରୀରର ଅନ୍ୟାନ୍ୟ ଅଙ୍ଗଦ୍ୱାରା ଅନ୍ୟାନ୍ୟ ଫୁଲରେ ଯାଇ ଲାଗିଯାଏ । ଏଣୁ ଫୁଲ ପକ୍ଷରେ ପତଙ୍ଗ ଆସିବା ଯିବା ଏକାନ୍ତ ଲୋଡ଼ା, କୌଣସି କ୍ଷତିନାହିଁ । ଫୁଲର ବେଶୀ ଗରଜ ନା ? ଏଥିପାଇଁ ଅନେକ ପୁଷ୍ପ ମଧୁ ଭଳି ଉତ୍କୃଷ୍ଟ ପଦାର୍ଥ ପତଙ୍ଗଙ୍କୁ ପ୍ରଦାନ କରି ସୁଦ୍ଧା ନାନା ପ୍ରଲୋଭନର ଉପାୟ କରିଥାନ୍ତି । ଏଭଳି ଅବସ୍ଥାରେ ଦୂରରୁ ଯେପରି ପୁଷ୍ପ ଉପରେ ପତଙ୍ଗର ଦୃଷ୍ଟି ପଡ଼ିବ ଏବଂ ସେମାନଙ୍କୁ ମଧୁ ସଞ୍ଚିତ ଥିବା ବିଷୟ ଜଣାଯିବ ପୁଷ୍ପ ପକ୍ଷରେ ଏଭଳି ଗୋଟିଏ ଉପାୟ ଥିବା ଏକାନ୍ତ ପ୍ରୟୋଜନ । ପୁଷ୍ପଦଳର ବିଚିତ୍ର ଓ ଉଜ୍ଜ୍ୱଳବର୍ଣ୍ଣ ଏ କାର୍ଯ୍ୟ ଉତ୍କୃଷ୍ଟ ଭାବରେ ସମ୍ପାଦନ କରିଥାନ୍ତି । ଅନେକ କୀଟ ପତଙ୍ଗ ଏହି କାରଣରୁ ଆଲୋକରେ ଆସି ଆତ୍ମବିସର୍ଜନ କରିଥାନ୍ତି । ଦୀପ ଶିଖାର ଉଜ୍ଜ୍ୱଳବର୍ଣ୍ଣ ଏହି ଆକର୍ଷଣର ପ୍ରଧାନ କାରଣ । ଅତଏବ ଦେଖାଯାଉଛି ଯେ ବୀଜୋତ୍ପାଦନ ପାଇଁ ନିଷେକ କ୍ରିୟାର ସହାୟତା କରିବା ପୁଷ୍ପର ବର୍ଣ୍ଣବୈଚିତ୍ର୍ୟର ପ୍ରଧାନ ଉଦ୍ଦେଶ୍ୟ ।

ବର୍ତ୍ତମାନ କଥା ହେଉଛି ଯେ କିପରି ବର୍ଣ୍ଣର ଉତ୍ପତ୍ତି ଓ ବିଚିତ୍ର ପରିବର୍ତ୍ତନ ହୋଇଥାଏ ? ଏ ବିଷୟ ଭଲରୂପେ ବୁଝିବାକୁ ହେଲେ ଉଦ୍ଭିଦ ବିଷୟକ ରସାୟନ ଶାସ୍ତ୍ର ଅଧ୍ୟୟନ କରିବା ଏକାନ୍ତ ଆବଶ୍ୟକ । ଜୀବଦେହର ପୁଷ୍ଟି ବୃଦ୍ଧି ଓ ରକ୍ଷା ପାଇଁ ଶରୀର ମଧ୍ୟରେ ସର୍ବଦା ନାନାବିଧ ରାସାୟନିକ କ୍ରିୟା ଘଟିଥାଏ ; କେବଳ ମାତ୍ର ଦୁଗ୍ଧରୁ ଶିଶୁ ଦେହର ଅସ୍ଥି, ମାଂସ, ମେଦ, ମଜ୍ଜା ଉତ୍ପନ୍ନ ହୋଇଥାଏ ।

ଯେଉଁ ଉପାୟରେ ଖାଦ୍ୟଦ୍ରବ୍ୟ ପାକନଳୀ ଭିତରେ ରୂପାନ୍ତରିତ ହୋଇ ରକ୍ତ, ମାଂସ, ମେଦ ପ୍ରଭୃତି ପଦାର୍ଥରେ ପରିଣତ ହୁଏ ତାହାକୁ ଶରୀରର କାର୍ଯ୍ୟ Physiological action ବୋଲି କୁହାଯାଇ ପାରେ । ଜୀବ ଦେହଭଳି ଉଦ୍ଭିଦ ଦେହରେ ନାନାବିଧ ରାସାୟନିକ କ୍ରିୟା ଓ ଶରୀରକାର୍ଯ୍ୟ ଚାଲେ । ଏଇଥିପାଇଁ କ୍ଷୁଦ୍ର ବୀଜ ସନେ ବିରାଟ ବିରାଟ ବଟବୃକ୍ଷର ଆକାର ଧାରଣ କରେ ।

ପୂର୍ବେ କୁହାଯାଇଛି ଯେ ପତ୍ର ରୂପାନ୍ତରିତ ହୋଇ ପୁଷ୍ପ ଆକାର ଧାରଣ କରେ । ସୁତରାଂ ପୁଷ୍ପୋତ୍ପାଦନ ଓ ତାହାର ପୁଷ୍ଟି ପାଇଁ ପତ୍ରର କେତେଟା ଶକ୍ତି ବ୍ୟୟ ହୁଏ । କିନ୍ତୁ ଫୁଲର ଉଦ୍ଦେଶ୍ୟ ଫଳୋତ୍ପାଦନରେ ସାହାଯ୍ୟ । ଏଣୁ ଫଳର ପୁଷ୍ଟି ଓ ବୃଦ୍ଧି ପାଇଁ ଫୁଲର ମଧ୍ୟ କେତେଟା ଶକ୍ତି ବ୍ୟୟ ହୋଇଥାଏ ।

ଉଦ୍ଭିଦର ନାନାବିଧ ରାସାୟନିକ ଓ ଶରୀର କ୍ରିୟା ଫଳରେ ପୁଷ୍ପର ଉତ୍ପତ୍ତି ଓ ବୃଦ୍ଧି ହୋଇଥାଏ । ଆମେ ନିଶ୍ୱାସରେ ବାୟୁରୁ ଅମ୍ଳଜାନ ଗ୍ରହଣ କରୁ, ସେହି ଅମ୍ଳଜାନ ଆମ ରକ୍ତ ସହିତ ମିଶି ତାର ବିଶୁଦ୍ଧି ରକ୍ଷା କରିଥାଏ ଏବଂ ଏହି ରାସାୟନିକ ପ୍ରକ୍ରିୟା ଯୋଗେ ଦେହ ଭିତରେ ତାପ ଉତ୍ପନ୍ନ ହୁଏ । ପୁଷ୍ପଦଳରେ ମଧ୍ୟ ଏହିଭଳି ଅମ୍ଳଜାନ ( Oxygen ) ଗ୍ରହଣ କାର୍ଯ୍ୟ ସମ୍ପନ୍ନ ହୁଏ । ଆମ ଦେହରୁ ଜଳୀୟ ବାଷ୍ପ ଝାଳରୂପେ ବାହାରିଥାଏ । ପତ୍ର ଫୁଲରେ ମଧ୍ୟ ଏଭଳି ଜଳନିର୍ଗମ କାର୍ଯ୍ୟ ସମୟ ସମୟରେ ଚଳେ । ରସର ଚଳାଚଳପାଇଁ ପତ୍ର ମଧ୍ୟରେ ଯେପରି ଶିରା ପ୍ରଶିରା ମାନ ଥାଏ ଫୁଲର ପାଖୁଡ଼ାରେ ଏଭଳି ପରିମାଣରେ ନ ଥାଏ । ପୁଷ୍ପଦଳ ବା ପାଖୁଡ଼ାର ପରିପାକ ଶକ୍ତି Assimilation Power ଖୁବ୍ ଅଳ୍ପ ।

Digitized by srujanika@gmail.com

ଏଥି ପାଇଁ Custel ନାମକ ଜଣେ ଫରାସି ପଣ୍ଡିତ ଅନୁମାନ କରିଥିଲେ ଯେ ଯଥୋପଯୁକ୍ତ ପୁଷ୍ଟି ଅଭାବରୁ ପୁଷ୍ପଦଳ ମଧ୍ୟରେ ହରିତ୍ କଣା (Chlorophyll) ଜନ୍ମି-ପାରେ ନାହିଁ କି ବଢିପାରେନାହିଁ । ଅସଂଖ୍ୟ ଲୋହିତ କଣିକା ରକ୍ତରେ ଥିବାରୁ ରକ୍ତ ଯେପରି ଲାଲ ଦେଖାଯାଏ; ସେହିପରି ଅସଂଖ୍ୟ ହରିତ୍‌କଣିକା ପତ୍ରରେ ଥିବାରୁ ସାଧାରଣତଃ ପତ୍ରଗୁଡ଼ିକ ସବୁଜ ବା ସବୁଜ ବୋଲି ମନେ ହୁଏ । ଏଇ କଣା ଅଭାବରୁ ଅଶୋକ, ଅଶ୍ୱତ୍ଥ ପ୍ରଭୃତି ଉଦ୍ଭିଦର କଅଁଳ ପତ୍ର ପ୍ରଥମେ ସବୁଜ ନ ଥାଏ, ପତ୍ର ପରେ ବଡ଼ ହେବା ଓ ହରିତ୍ କଣା ବଢିବା ସଙ୍ଗେ ସଙ୍ଗେ ରଙ୍ଗପତ୍ର ଯାକ ସବୁଜ ହୋଇ ଯାଏ । ପୁଣି ଏଇ କଣା ଅଭାବରୁ ପତ୍ର ଶୁକ୍ଳ ହୋଇଥାଏ ମଧ୍ୟ । କଦଳ, ଅମୃତଭଣ୍ଡା ପ୍ରଭୃତି ଗଛର ପାଚିଲା ପତ୍ର ଝଡ଼ି ପଡ଼ିବା ଆଗରୁ ହଳଦ ରଙ୍ଗ ହୋଇଯାଏ । ହରିତ୍ କଣାର ଅଭାବ ଏହି ବର୍ଣ୍ଣ ପରିବର୍ତ୍ତନର କାରଣ ।

ଫୁଲର ପାଖୁଡ଼ା ନାନା ରଙ୍ଗର ଦେଖାଯାଏ । ସୁତରାଂ ତା ଭିତରେ ନାଲି, ନେଳ ପ୍ରଭୃତି ବର୍ଣ୍ଣ ଉତ୍ପା-ଦକ ମୂଳ ଉପାଦାନ ଅଧିକତର ପରିମାଣରେ ଜନ୍ମ ହେବା ସମ୍ଭବ । ଉଦ୍ଭିଦର ଚେର, କାଣ୍ଡ ବା ପତ୍ରରେ ଯେ ପରିମାଣରେ ମୂଳ ଉପାଦାନ ମିଳେ, ପୁଷ୍ପଦଳର ବର୍ଣ୍ଣ ତୁଳନାରେ ତା' ଅତି ସାମାନ୍ୟ । ପୂର୍ବେ କୁହାଯାଇଛି ଯେ ଉପଯୁକ୍ତ ପୁଷ୍ଟି ଅଭାବରୁ ଫୁଲର ପାଖୁଡ଼ାରେ ହରିତ୍ କଣା ଉତ୍ପନ୍ନ ହୋଇ ପାରେନା ; କିନ୍ତୁ କମଳା ରଙ୍ଗ ଓ ଗାଢ଼ ହଳଦିଆ ରଙ୍ଗର ଉପାଦାନ ମଧ୍ୟରେ Carotin କ୍ୟାରୋଟିନ୍ ନାମକ ପଦାର୍ଥ ଉତ୍ପନ୍ନ ହୋଇଥାଏ । ଅବଶ୍ୟ ମୂଳ ଉପାଦାନ ଅଭାବରୁ ନ୍ୟୂନାଧିକ ବଶତଃ କେତେବେଳେ କମଳା କେତେବେଳେ ବା ହଳଦିଆ ରଙ୍ଗର ଉତ୍ପତ୍ତି ହୋଇଥାଏ ।

ମନ୍ଦାର ଓ ଆଉ କେତେ ଫୁଲର ରଙ୍ଗ ଲାଲ ଏବଂ ଅପରାଜିତା ଫୁଲ ନୀଳ । କିପରି ଏଦୁଇ ରଙ୍ଗର ଉତ୍ପତ୍ତି ହୋଇଥାଏ ? ଏ ପ୍ରଶ୍ନ ଉତ୍ତରରେ ପଣ୍ଡିତମାନେ କହନ୍ତି ଯେ ପୁଷ୍ପଦଳର ପରିପାକ-ଶକ୍ତି ଅପେକ୍ଷାକୃତ ଦୁର୍ବଳ ହେବାରୁ ତାର କୋଷ-ପଙ୍କ (Nucleus) ର କ୍ଷମତା ଅନ୍ୟାନ୍ୟ ଅଙ୍ଗ ଅପେକ୍ଷା ବେଶୀ । ପରିପାକଯନ୍ତ୍ର ଦୁର୍ବଳ ହେଲେ ମଳ ବେଶୀ ଅଂଶରେ ବାହାରିଥାଏ ତ ? ଫୁଲ ସହିତ ପତ୍ର, କାଣ୍ଡ ଓ ମୂଳର ରାସାୟନିକ ଉପାଦାନ ତୁଳନା କଲେ ପୁଷ୍ପର କୋଷ-ପଙ୍କର ଅତ୍ୟଧିକ ବର୍ଜ୍ଜନ ଶକ୍ତି (de-assimilation) ସ୍ପଷ୍ଟ ବୁଝାଯାଏ । ଏହି ବର୍ଜନ ଶକ୍ତିର ଆଧିକ୍ୟ ଲାଲ ନୀଳ ବର୍ଣ୍ଣ ଉତ୍ପାଦନର ମୂଳ କାରଣ ।

ଅନେକ ରକମର ଫୁଲର ରାସାୟନିକ ବିଶ୍ଳେଷଣ ଦ୍ୱାରା ପ୍ରସିଦ୍ଧ ପଣ୍ଡିତ କ୍ରମ୍ୟାନ୍ ଦେଖାଇଛନ୍ତି ଯେ କେତେ ଜାତୀୟ ଫୁଲ ସ୍ୱଭାବତଃ ବିଶୁଦ୍ଧ ଉଜ୍ଜ୍ୱଳ-ବର୍ଣ୍ଣରେ ରଞ୍ଜିତ ହୋଇଥାଏ । କିନ୍ତୁ ପତ୍ର କାଣ୍ଡ ଓ ମୂଳରେ ଲାଲ, ନୀଳ ବର୍ଣ୍ଣର ମୂଳ ଉପାଦାନ (Tannic Chromogen) ର ମାତ୍ରା ଅତି ଅଳ୍ପ ଥାଏ ( କେତେ ଶାଗ ଗଛରେ ଫୁଲ ହେବାର ଢେର୍ ଆଗରୁ ପତ୍ରଗୁଡ଼ିକ ଭିନ୍ନ ରଙ୍ଗ ଦେଖାଯାଏ ) ଏଥିରୁ ମନେ ହୁଏ ଯେ ଲାଲ ଓ ନୀଳବର୍ଣ୍ଣର ଉପାଦାନ ସାଧାରଣତଃ ପାଖୁଡ଼ାରୁ ଉତ୍ପନ୍ନହୁଏ ଓ ସେ ସ୍ଥାନରେ ବୃଦ୍ଧି ପାଏ ମଧ୍ୟ । ବୃକ୍ଷର ଅନ୍ୟାନ୍ୟ ଅଙ୍ଗ ଏ କାମରେ ଫୁଲକୁ ବେଶୀ ସାହାଯ୍ୟ କରନ୍ତିନାହିଁ । ହରିଡ଼ା ଜାତୀୟ ବୃକ୍ଷରେ Tannin ଯଥେଷ୍ଟ ପରିମାଣରେ ଦେଖା-ଯାଏ । ହରିଡ଼ା କଷ ଯେ ଈଷତ୍‌ରକ୍ତ ରଙ୍ଗ ଦେଖାଯାଏ ସେଇଟା Tannin ର ଗୁଣ । Tannin ପଦାର୍ଥଟି ଅତ୍ୟ-ଧିକ ରାସାୟନିକ ବିଶ୍ଳେଷଣରୁ ଉତ୍ପନ୍ନ ହୁଏ । ସୁତରାଂ ବୃକ୍ଷର ଅନ୍ୟାନ୍ୟ ଅଙ୍ଗ ଅପେକ୍ଷା ପୁଷ୍ପଦଳ ମଧ୍ୟରେ ଏ ପ୍ରକ୍ରିୟା ବେଶୀ ଭାବରେ କାର୍ଯ୍ୟ କରେ, ଏଇଭଳି ଅନୁ-ମାନ କରିବାକୁ ହେବ । ବର୍ତ୍ତମାନ ଦେଖିବା କଥା କି ପ୍ରଣାଳୀରେ ଏ କାର୍ଯ୍ୟ ହୁଏ ଏବଂ ଏ ବିଶେଷ ଶକ୍ତିର ପ୍ରକୃତ କାରଣ କଣ ? ପୁଷ୍ପ ଦଳର ପରିପାକ ଶକ୍ତି ଦୁର୍ବଳ ବୋଲି ତାହାର ବର୍ଜନ କ୍ଷମତା ସେଇ ଅନୁପାତରେ ଅଧିକ ସତ, କିନ୍ତୁ ଏଇଟା ଏକମାତ୍ର କାରଣ ନୁହେଁ । କେଉଁକେଉଁ ପାଖୁଡ଼ା କେତୋଟି କୋଷର ବର୍ଜନ କ୍ଷମତା ଖୁବ୍ ବେଶୀ ଦେଖା ଯାଏ, ସେଇମାନେ କେବଳ କାର୍ଯ୍ୟ କରୁଥାନ୍ତି - ଅନ୍ୟ-ମାନେ ସେମାନଙ୍କ ପରିଶ୍ରମର ଫଳଭାଗୀ ହୋଇଥାନ୍ତି । ଜଣେ ପରିଶ୍ରମ କରି କରି ମରେ---ଆଉ ପାଞ୍ଚଜଣ ବସି ବସି

Digitized by srujanika@gmail.com

ଖାଉଥାନ୍ତି । ପିମ୍ପୁଡ଼ି ଓ ମହୁମାଛିମାନଙ୍କ ଭିତରେ ଏଇଭଳି ନିୟମ ଦେଖାଯାଏ । ପାଖୁଡ଼ାର କୋଷ ମଧ୍ୟରୁ ଯେଉଁ ସବୁ Albuminoids ଉତ୍ପନ୍ନ ହୁଏ, ଏହି ଉପାୟରେ ପୁଂ କେଶର ଓ ସ୍ତ୍ରୀ କେଶରର ଅଭାବ ପୂରଣ-ପାଇଁ ସେଥିରୁ କିଛି ବ୍ୟୟ ହୁଏ ମଧ୍ୟ । ହଂସ ପ୍ରଭୃତି ପକ୍ଷୀ-ମାନଙ୍କର ଡିମ୍ବ ଭିତରେ ଥିବା ହଳଦିଆ ରସ ଓ ହରିଡ଼, ମଗୁର ପ୍ରଭୃତି ରବ ରସାଣରେ ଥିବା ପୁଷ୍ଟିକର ସାର ପଦାର୍ଥକୁ Albuminoids କୁହାଯାଏ । ଏ ସବୁ ପଦାର୍ଥରେ Nitrogen ବା ଯବକ୍ଷାରଜାନର ମାତ୍ରା ବେଶୀଭାଗ ଥାଏ । ଡିମ୍ବର କେଶର ବା ଭ୍ରୁଣ ସେହି ହଳଦିଆ ନାଳକୁ ଖାଇ ବଢେ ଓ କ୍ରମେ ଗୋଟିଏ ଶାବକରେ ପରିଣତ ହୁଏ । ଅସହାୟ ଉଦ୍ଭିଦ ଶିଶୁ ଯେପରି ଖାଦ୍ୟାଭାବରୁ ଅକାଳ ମୃତ୍ୟୁ ନ ଲଭେ, ସେଥିପାଇଁ ବୀଜ ମଧ୍ୟରେ ଭ୍ରୁଣ ବା ଅଙ୍କୁରର ଦୁଇ ପାଖରେ ବୀଜଦଳ ବା ଡ଼ାଲ ଆକାରରେ ପୁଷ୍ଟିକର ଯଥେଷ୍ଟ ଖାଦ୍ୟ ସଞ୍ଚିତ ଥାଏ । ବୀଜୋତ୍ପାଦନ କରିବାକୁ ହେଲେ Albuminoids ଖୁବ୍ ବେଶୀ ଲୋଡ଼ା; କାରଣ ରେଣୁ ଓ ବୀଜାଣୁ ପୁଷ୍ଟି ପାଇଁ ଏ ଦ୍ରବ୍ୟର ଯଥେଷ୍ଟ ଅବଶ୍ୟକ । ବେଳେ ବେଳେ ପୁଂ ଓ ସ୍ତ୍ରୀ କେଶରର ବେଶୀ ଅଭାବ ପୂରଣ ପାଇଁ ପୁଷ୍ପଦଳ ଭିତରେ ଥିବା ଏ ଜାତୀୟ ପଦାର୍ଥର ଅତିରିକ୍ତ ବ୍ୟୟ ଏକାନ୍ତ ଲୋଡ଼ା ହୋଇଥାଏ । ତେଣୁ ବାଧ୍ୟ ହୋଇ ଏ ସବୁ ଦ୍ରବ୍ୟର ଉପାଦାନ ଅଲଗା ହୋଇଯାଏ । ଏ ଭଳି ବିଶ୍ଳେଷଣ ହେବାରୁ Nitrogen ଅଂଶ ପୁଂ କେଶର ଓ ସ୍ତ୍ରୀ କେଶରର କୋଷ ଭିତରକୁ ଅବଶ୍ୟକାନୁଯାୟୀ ଚାଲିଯାଏ । ସୁତରାଂ ଅଧିକାଂଶ ଯାହାରେ ଲାଲ ଓ ନୀଳ ବର୍ଣ୍ଣର ମୂଳ ଉପାଦାନ ( Tannin Chromogen ) ପୁଷ୍ପଦଳ ମଧ୍ୟରେ ପଡ଼ି ରହେ । ପରୀକ୍ଷା ଦ୍ୱାରା ଦେଖାଯାଉଛି ଯେ ବିଭିନ୍ନ ଫୁଲରେ Tannin ଅଳ୍ପାଧିକ ପରିମାଣରେ ରୂପାନ୍ତରିତ ହୋଇ ଲାଲ, ନୀଳବର୍ଣ୍ଣ ଉତ୍ପାଦନ କରିଥାଏ । ମଟର ଜାତୀୟ ଫୁଲରେ ଏଭଳି ରୂପାନ୍ତର ମାତ୍ରା ଅଧିକ । କୌଣସି କୌଣସି ଗୋଲାପ ଫୁଲରେ ମଧ୍ୟ ଏଭଳି ଦେଖାଯାଏ । କୌଣସି ଗୋଟିଏ ଜାତି ( Natural order ) ଉଦ୍ଭିଦର କୌଣସି ଗୋଟା ପ୍ରକାର ( Variety ) ଗଛରେ ସ୍ୱଭାବତଃ ଲାଲଫୁଲ ଓ ଅନ୍ୟ ଗୋଟାଏ ଗଛରେ ନୀଳ ବର୍ଣ୍ଣର ଫୁଲ ହୋଇଥାଏ । କିନ୍ତୁ ଉଭୟ ଶ୍ରେଣୀ ଭିତରେ ମୂଳବର୍ଣ୍ଣର ( Chromogen ) ଉପାଦାନ ଗତ କୌଣସି ପଦାର୍ଥ ଦେଖାଯାଏ ନାହିଁ । ସୁତରାଂ ବିଭିନ୍ନ ଫୁଲରେ ବର୍ଣ୍ଣୋତ୍ପାଦନ ଶକ୍ତି ନ୍ୟୂନାଧିକ ମାତ୍ରାରେ ଥାଏ । ଏଇଟା ସ୍ୱୀକାର କରିବାକୁ ହେବ । ନୋହିଲେ ବର୍ଣ୍ଣର ପାର୍ଥକ୍ୟ ଘଟିବାର ଉପାୟ ନାହିଁ ଯେ । ଯେଉଁ ସବୁ ଗଛର ଫୁଲ ସାଧାରଣତଃ ନୀଳ ବା ଇଷତ୍ ରକ୍ତାଭ ନୀଳ, ସେମାନେ ଏ ବିଷୟରେ ଉନ୍ନତ ବୁଝିବାକୁ ହେବ । ଏ ଭଳି ଉଦ୍ଭିଦ-ମାନଙ୍କର ଜନ୍ମ କରିବା ଶକ୍ତି ଖୁବ୍ ଅଧିକ । ତେବେ ଗୋଟାଏ ବେଶୀ ଆଶ୍ଚର୍ଯ୍ୟ କଥା ଯେ, ଯେଉଁ ଉଦ୍ଭିଦର ହଳଦିଆ ଫୁଲ ହୁଏ କୌଣସି ପ୍ରକାର କୃତ୍ରିମ ଉପାୟରେ ସୁଦ୍ଧା ସେ ଜାତୀୟ କୌଣସି ପ୍ରକାର ( Variety ) ଗଛରେ ନେଳିଆ ଫୁଲ କରାଯାଇ ପାରେ ନା; ତେବେ ଲାଲ ବା ଶୁକ୍ଳ ଫୁଲ ଜାତ କରାଯାଇ ପାରେ । ମଧ୍ୟ ନେଳିଆ ଫୁଲର ରଙ୍ଗ କୌଣସି ଉପାୟରେ ପରିବର୍ତ୍ତିତ ହରିଦ୍ରାଭ କରାଯାଇ ପାରେ ନା । କେତେ ବଗିଚାରେ ଗୋଲାପ ଓ କନିଆ ପ୍ରଭୃତି ଏକ ଜାତୀୟ ଉଦ୍ଭିଦରୁ ବିଭିନ୍ନ ରଙ୍ଗର ଫୁଲ ଉତ୍ପାଦନ କରି ଫୁଲ ବ୍ୟବସାୟୀମାନେ କ୍ରେତାମାନଙ୍କର ମନୋରଞ୍ଜନ କରିଥାନ୍ତି । ବୃକ୍ଷର ବର୍ଣ୍ଣ ସୃଷ୍ଟି ନାମକ ଯେଉଁ ପ୍ରବନ୍ଧ ବାରୁଣୀର ପ୍ରଥମ ଓ ଦ୍ୱିତୀୟ ସଂଖ୍ୟାରେ ବାହାରି ଥିଲା, ତାକୁ ଭଲ ରୂପେ ପଢ଼ିଲେ ଏକଜାତୀୟ ଫୁଲରୁ ବିଭିନ୍ନ ରଙ୍ଗ ଉତ୍ପାଦନ ବେଶ ଭଲ ରୂପେ ଜଣା-ପଡ଼ିବ ।

ଶାରୀରିକ କାର୍ଯ୍ୟରେ ସୁବିଧା ପାଇଁ ଅପରାଜିତା ପ୍ରଭୃତି ଅଧିକାଂଶ ଉଦ୍ଭିଦର ପୁଷ୍ପଦଳ ଓ ଚନ୍ଦ ଚମ୍ପା ପ୍ରଭୃତି ଅନେକ ଫୁଲର ବୃନ୍ତ (Calyx) ଏବଂ ମନ୍ଦୁ ଜାତୀୟ ଅନେକ ଫୁଲର (Bract) ପୁଷ୍ପାତ୍ମକ ପତ୍ରର କୋଷ ମଧ୍ୟରେ Nitrogen ସଂଶ୍ଳିଷ୍ଟ ପଦାର୍ଥର ଯେତେ ଅଭାବ ହୁଏ, ଉକ୍ତ ପାଖୁଡ଼ା, ବୃନ୍ତ ପ୍ରଭୃତିର ବର୍ଣ୍ଣ ସେତିକି ଲାଲ ବା ନୀଳ ହେଉଥାଏ । ଏଣୁ ପୂର୍ବୋକ୍ତ ପଦାର୍ଥର Albuminoids ନ୍ୟୂନାଧିକ୍ୟ ଏଭଳି ବୈଚିତ୍ର୍ୟର କାରଣ ବୁଝିବାକୁ ହେବ । ବର୍ତ୍ତମାନ ଦେଖାଗଲା ଯେ ବଂଶରକ୍ଷାପାଇଁ ଉଦ୍ଭିଦ-ପକ୍ଷରେ ଫଳ ବା ବୀଜ ପ୍ରୟୋଜନ ଏବଂ ବୀଜୋତ୍ପାଦନ—

Digitized by srujanika@gmail.com

ପାଇଁ ପୁଂ କେଶର ଓ ସ୍ତ୍ରୀ କେଶର ଲୋଡ଼ା । ଉକ୍ତ ଦୁଇ ଅଙ୍ଗର ଉତ୍ପତ୍ତି ଓ ପୁଷ୍ଟି ପାଇଁ ଯେଉଁ ସବୁ ଉପାଦାନ ଲୋଡ଼ା, ତାହାଁର ଅଧିକାଂଶ ଚଳ ପତ୍ରରୁ ସଂଗୃହୀତ ହୋଇଥାଏ । ସୁତରାଂ ପତ୍ରଭିତରେ ଯେତେ ସାର ପଦାର୍ଥର ଅଭାବ ହେଉଥାଏ, ପତ୍ର କ୍ରମଶଃ ସେତିକି କ୍ଷୁଦ୍ର ଓ ରୂପାନ୍ତରିତ ହୋଇ ବୃତି, ପାଖୁଡ଼ା, ପୁଂ ଓ ସ୍ତ୍ରୀ କେଶରରେ ପରିଣତ ହେଉଥାଏ ଏବଂ ରକ୍ତ, ନୀଳ, ପୀତାଦି ବିବିଧ ବର୍ଣ୍ଣରେ ରଞ୍ଜିତ ହେଉଥାଏ ।

—ସମ୍ପାଦକ—

# ମିଳନ ପଥେ

ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ


ଆଜ　ଖୋଲ ଖୋଲ ଅବରଣ ସନ୍ଧ ଗୋ
ତବ　ଦ୍ୱାରେ ଡ଼ାକେ ବନ୍ଧୁ ବିରହୀ ଗୋ

ଯେ ଗୋ ସ୍ୱପନରେ ଦେଖୁ ଅଜ ଆସିଛୁ
ପୁଣି　ସ୍ୱପନର ଦେଶେ ଯିବ ବହୁ ଗୋ
ଦେଖ ଗୋ ପ୍ରଭାତ ତାରା ଗଗନେ
ଆଜ　ଭେଟହେବ ଏହି ଶୁଭ ଲଗନେ
ଆଜ ଅସ୍ତାଚଳେ ମ୍ଳାନ ଚନ୍ଦ୍ର
ପାହାନ୍ତ ବାରତା ଆସେ ପବନେ
ଏବେ　ଡ଼ାକିଲେଣି କାକ ଶୁକ କୁକୁଟ
ପ୍ରାଚୀ ଭାଲେ କାଞ୍ଚନ ମୁକୁଟ
ତୁମେ　ଜଳଧିରେ ବଦନ ପଖାଳି ଗୋ
ଆଜ　ଉଷାଲୋକେ ହସି ହସି ଉକୁଠ

ତୁମ　ସ୍ୱପନର କ୍ଷୀଣ ଅବଶେଷ ଗୋ
ଏହି　ଶୀତ ବାତେ ରଖନାହିଁ ଲେଶ ଗୋ
ତୁମ　ନୟନରୁ ପୋଛିଦେଇ ଅଳସ
ସଖି　ସଜାଡ଼ ଅସଜ କେଶ ବେଶ ଗୋ
ଏବେ　ଜଳ କୋଳୁଁ ବାଳ-ରବି ଉଠିବ
ତବ　ଗଣ୍ଡେ ଅରୁଣ ଛବି ଫୁଟିବ
ଶିଶିର ଚୁମ୍ବି ଉଷା ଫୁଲେ ଗୋ
ତା'ର　ସଉରଭେ ଜଡ଼ତା ଯେ ତୁଟିବ

ଏହି　ପ୍ରଭାତର ପଥେ ଆସ ସଜନୀ
ଯହିଁ ମିଳେ ସୁଖେ ଦିବସରେ ରଜନୀ
ଦୁଇ ବିରହୀର ଶ୍ୱାସେ ଗିରି ଟଳାଇ
ସେଇ　ମିଳନର ପଥେ ଯିବା ମିଳାଇ

Digitized by srujanika@gmail.com



## ଯାଜପୁର

( ପୂର୍ବପ୍ରକାଶିତ ପରରୁ )

ଶ୍ରୀ କରୁଣାକର କର

ଅନେକଙ୍କ ମତରେ ଓଡ଼ିଶାରେ କେଶରୀ ବଂଶର ସ୍ଥାପୟିତା ରାଜା ଯଯାତିକେଶରୀ ଯାଜପୁରରେ ଦୁର୍ଗ ଏବଂ ପୁର ନିର୍ମାଣ କରି ନିଜର ରାଜଧାନୀ ସ୍ଥାପନ କରିଥିଲେ। ସେହି ରାଜା ଏହି ସ୍ଥାନରେ ଏକ ଚଉଦ୍ୱାର ଦୁର୍ଗ ଉତ୍ତୋଳିତ କରିଥିଲେ ଏବଂ ବ୍ରାହ୍ମଣ୍ୟ ଧର୍ମ ସ୍ଥାପନୋଦ୍ଦେଶ୍ୟରେ ଏକ ଯଜ୍ଞ ଅନୁଷ୍ଠାନ କରିଥିଲେ। ପୁରାଣଲିଖିତ ପୂର୍ବୋକ୍ତ

ଯଯାତିପୁର

ଯଜ୍ଞ ବର୍ଣ୍ଣନାରୁ ବ୍ରହ୍ମାଙ୍କ ବିଷୟ ପରିତ୍ୟାଗ କଲେ, ତାହା କାହାରିକୁ ମତ୍ୟପ୍ରାୟ ପ୍ରତୀତ ହୁଏ। ସେମାନେ କହନ୍ତି—ରାଜା ଯଯାତିକେଶରୀ ଉତ୍କଳରେ ହିନ୍ଦୁଧର୍ମର ପ୍ରଚାର ଉଦ୍ଦେଶ୍ୟରେ ନିଜ ରାଜଧାନୀ ଯାଜପୁର ବା ଯଯାତିନଗରରେ ଏକ ବିରାଟଯଜ୍ଞର ଆୟୋଜନ କରିଥିଲେ। ପୁରାଣମାନଙ୍କରେ ଏହି ରାଜା ଯଯାତିକେଶରୀ ବ୍ରହ୍ମାରୂପରେ ବର୍ଣ୍ଣିତ ହୋଇ ତୀର୍ଥର ମାହାତ୍ମ୍ୟ ବର୍ଦ୍ଧିତ କରିଅଛନ୍ତି। ସେତେବେଳେ ଉତ୍କଳର ପ୍ରତିଗୃହରେ ବୌଦ୍ଧଶବ୍ଦ ଉଦ୍‌ଘୋଷିତ ହେଉଥିଲା; ସମଗ୍ର ଉତ୍କଳ ପ୍ରଦେଶ ବୌଦ୍ଧ ବା ଜୈନଧର୍ମ ଗ୍ରହଣ କରିଥିଲା। ସୁତରାଂ ରାଜା ଯଯାତିକେଶରୀ ଯଜ୍ଞ ସମ୍ପାଦନେ ଉତ୍କଳରେ ହିନ୍ଦୁ ଯାଜ୍ଞିକ ବ୍ରାହ୍ମଣ ନ ପାଇ କାନ୍ୟକୁବ୍ଜରୁ ଏକଦଶସହସ୍ର ବୈଦିକ ବ୍ରାହ୍ମଣ ଅନୟନ କରି ଗୋ, ଭୂମି, ଧନ ଦାନକରି ଯାଜପୁରରେ ସ୍ଥାପିତ କରିଥିଲେ। ସେହି ବ୍ରାହ୍ମଣମାନଙ୍କ ସାହାଯ୍ୟରେ ନିଜର ଯଜ୍ଞ ସମାହିତ କରି ସମଗ୍ର ଉତ୍କଳରୁ ବୌଦ୍ଧ ଏବଂ ଜୈନଧର୍ମର ସତ୍ତା ପର୍ଯ୍ୟନ୍ତ ବିଲୁପ୍ତକରି ହିନ୍ଦୁଧର୍ମର ବିଜୟ ବୈଜୟନ୍ତୀ ଉଡ୍ଡୀନ କରିଥିଲେ। ଉତ୍କଳରେ ଯେ କେବଳ କାନ୍ୟକୁବ୍ଜରୁ ବ୍ରାହ୍ମଣମାନଙ୍କୁ ଅନୟନ କରିବାକୁ ଘଟିଥିଲା ତାହା ନୁହେ—ଉଦାହରଣ ସ୍ୱରୂପ, ବୌଦ୍ଧଧର୍ମ ପ୍ରଭାବରେ ବଙ୍ଗର ମଧ୍ୟ ଏହି ଦଶା ଘଟିଥିଲା। ବଙ୍ଗର ହିନ୍ଦୁ ରାଜା ଅଦିଶୂର ୮ ଖ୍ରୀ:ରେ ବଙ୍ଗରେ ବୈଦିକ ବ୍ରାହ୍ମଣର ଏକାନ୍ତ ଅଭାବ ଅନୁଭବ କରି କାନ୍ୟକୁବ୍ଜରୁ ପାଞ୍ଚଜଣ ବ୍ରାହ୍ମଣ ଅନୟନ କରି ବଙ୍ଗରେ ସ୍ଥାପିତ କରିଥିଲେ। ଅଦ୍ୟାପି ବଙ୍ଗର କୁଳୀନ ବ୍ରାହ୍ମଣମାନେ କାନ୍ୟକୁବ୍ଜ ସହିତ ନିଜର ପୂର୍ବସମ୍ବନ୍ଧ ଘୋଷଣା କରି ଗର୍ବ ଅନୁଭବ କରୁଅଛନ୍ତି ଏବଂ ଅଦିଶୂରଙ୍କର ନାମକୁ ଅମରାକ୍ଷରରେ ଉଦ୍‌ଘୋଷିତ କରୁଅଛନ୍ତି କିନ୍ତୁ ଦୁଃଖର ବିଷୟ ଯେ ଉତ୍କଳର କୌଣସି ବ୍ରାହ୍ମଣ ସମ୍ପ୍ରଦାୟ କାନ୍ୟକୁବ୍ଜ ସହିତ ନିଜର ସମ୍ବନ୍ଧ ସ୍ଥାପନ କରି ଗର୍ବ ଅନୁଭବ କରିବାକୁ ପ୍ରବୃତ୍ତି ହେଉନାହାଁନ୍ତି ଏବଂ କୌଣସି ସମ୍ପ୍ରଦାୟ ବିଶେଷତଃ ଯାଜପୁରର ବ୍ରାହ୍ମଣମାନେ



Digitized by srujanika@gmail.com

ମଧ ବ୍ରାହ୍ମଣ୍ୟ ଧର୍ମର ସ୍ଥାପକ ଏବଂ ରକ୍ଷକ ଯଯାତି- କେଶରୀଙ୍କର ନାମ ବା ଯଶ ଗାନ କରୁନାହାନ୍ତି ତଥାପି ଐତିହାସିକମାନେ ବଙ୍ଗ ସହିତ କଳଙ୍ଗର ସାମଞ୍ଜସ୍ୟ ପ୍ରଦର୍ଶିତ କରିବାକୁ ଯାଇ ସର୍ବଦା ବଙ୍ଗର ଉଦାହରଣ ଅମ୍ଭମାନଙ୍କ ସମ୍ମୁଖରେ ସ୍ଥାପିତ କରିଥାନ୍ତି ! ଉତ୍କଳର ଏକମାତ୍ର ଲିଖିତ ଇତିହାସ ମାଦଳା ପାଞ୍ଜି ଅନୁସାରେ ୪୭୩ ଖ୍ରୀଷ୍ଟାବ୍ଦରେ ଯଯାତିକେଶରୀ ଉତ୍କଳରେ ରାଜତ୍ୱ କରିଥିଲେ । ହଣ୍ଟର ଏବଂ ଷ୍ଟର୍ଲିଙ୍ଗ୍ ସାହେବ ରାଜ- ବଂଶାବଳୀ ଏବଂ ମାଦଳା ପାଞ୍ଜିର ବିବରଣମାନଙ୍କୁ ଅନେକ ପରିବର୍ତ୍ତନ ସହକାରେ ଗ୍ରହଣ କରିଅଛନ୍ତି । ଯାହାହେଉ ସମସ୍ତ ଉତ୍କଳର ଐତିହାସିକମାନଙ୍କ ମତା- ନୁସାରେ ଯଯାତିକେଶରୀ ୫ମ ଶତାବ୍ଦୀର ଶେଷଭାଗ କିମ୍ବା ୬ଷ୍ଠ ଶତାବ୍ଦୀର ପ୍ରାରମ୍ଭରେ ରାଜତ୍ୱ କରିଥିଲେ । ସୁତରାଂ ୫ମ ବା ୬ଷ୍ଠ ଶତାବ୍ଦୀରେ ଉତ୍କଳରେ ବୌଦ୍ଧଧର୍ମ ତିରୋ- ହିତ ହୋଇ ହିନ୍ଦୁଧର୍ମ ସ୍ଥାପିତ ହୋଇଥିଲା ଏବଂ ସେହି ସମୟରେ ଅର୍ଥାତ୍ ପ୍ରାୟ ୪୭୩ ଖ୍ରୀଷ୍ଟାବ୍ଦରେ ଯାଜପୁର ଉତ୍କଳର ପ୍ରଥମ ହିନ୍ଦୁ ରାଜାଙ୍କର ରାଜଧାନୀ ହୋଇଥିଲା ସେହି ଦିନଠାରୁ ଯାଜପୁର ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଉତ୍କଳର ରାଜଧାନୀ ହୋଇଥିଲା । ଅବଶେଷରେ ୧୧ଶ ଶତାବ୍ଦୀରେ ନୃପରାଜ କେଶରୀ ଯାଜପୁରରୁ କଟକକୁ ରାଜଧାନୀ ପରିବର୍ତ୍ତିତ କରିଥିଲେ । ତଥାପି ଯାଜପୁର ହିନ୍ଦୁରାଜତ୍ୱ ଶେଷ ପର୍ଯ୍ୟନ୍ତ ଉତ୍କଳର ଗୋଟିଏ ପ୍ରଧାନ କଟକର କାର୍ଯ୍ୟ ସମ୍ପାଦିତ କରି ନିଜର ଗୌରବ ଅକ୍ଷୁର୍ଣ୍ଣ ରଖିଥିଲା । କିନ୍ତୁ ଦୁଃଖର ବିଷୟ ଯେ ଯଯାତିକେଶରୀଙ୍କର ଯାଜପୁର ରାଜଧାନୀ ବିଷୟ କିଛି ମାଦଳାପାଞ୍ଜିରେ ଲିଖିତ ନାହିଁ, କୌଣସି୨ ପ୍ରତ୍ନତତ୍ତ୍ୱବିଦ୍‌ମାନେ ଉକ୍ତ ଅର୍ଥକୁ ସମର୍ଥନ କରିବାକୁ ଅଉ ଗୋଟିଏ ପଦ ଅଗ୍ରସର ହୋଇଥାନ୍ତି । ସେମାନେ ଯାଜପୁରସହିତ ସମ୍ବନ୍ଧ ପ୍ରତ୍ୟେକ ପୌରାଣିକ ଆଖ୍ୟାୟିକା ମଧ୍ୟରେ ଏକ ଅକାଟ୍ୟ ସତ୍ୟ ଥିବାର ଅନୁମାନ କରିଥାନ୍ତି । ଗୟାସୁର ସହିତ ଯାଜପୁରର କିପରି ସମ୍ବନ୍ଧ ଅଛି ତାହା ପୂର୍ବରେ ନାଭିଗୟା ସ୍ୱରୂପରେ କଥିତ ହୋଇଅଛି । ଏହି ଆଖ୍ୟାୟିକାର ଅନ୍ତରରେ ଏକ ବ୍ୟଙ୍ଗ ଅର୍ଥ ନିହିତଅଛି । ପ୍ରକୃତ ପକ୍ଷରେ ବ୍ୟଙ୍ଗ୍ୟ ଅର୍ଥର ଭାବ ବ୍ୟକ୍ତ କଲେ—ଗୟ କୌଣସି ଅସୁରର ନାମ ନଥିଲା, ଭାରତରେ ହିନ୍ଦୁଧର୍ମର ବ୍ୟାଘାତକ ବୌଦ୍ଧଧର୍ମ, ଏହିପରି ଗୟ ଅସୁର ନାମରେ ପୁରାଣମାନଙ୍କରେ ବର୍ଣ୍ଣିତ ହୋଇଅଛି । ଗୟ ଅସୁରର ବଧ ବୌଦ୍ଧଧର୍ମ ବିଲୋପ ସୂଚିତ କରୁଅଛି ଏବଂ ବିଷ୍ଣୁଙ୍କର ଜୟଲାଭ ଏବଂ ଯାଗାନୁଷ୍ଠାନ କେବଳ ହିନ୍ଦୁଧର୍ମର ପୁନରୁତ୍ଥାନ ପ୍ରକାଶିତ କରୁଅଛି । ଗୟାସୁରର ଯେଉଁ୨ ସ୍ଥାନମାନ ପବିତ୍ର ହିନ୍ଦୁ ତୀର୍ଥ ରୂପରେ ପରିଣତ ହୋଇଅଛି ସେହି ସ୍ଥାନମାନଙ୍କରେ ପ୍ରଥମରେ ବୌଦ୍ଧଧର୍ମ ପ୍ରାଧାନ୍ୟ ଲାଭ କରିଥିଲା । ବୁଦ୍ଧଗୟା ଅଦ୍ୟାପି ଏହି ବିଷୟରେ ଐତିହାସିକ ସାକ୍ଷ୍ୟ ପ୍ରଦାନ କରୁଅଛି । ବୁଦ୍ଧଗୟା ବୌଦ୍ଧଧର୍ମର ପ୍ରଧାନ କେନ୍ଦ୍ର ଥିଲା ବର୍ତ୍ତମାନ ତାହା ହିନ୍ଦୁ ତୀର୍ଥରେ ପରିଗଣିତ ହେଉଅଛି । ସୁତରାଂ ଗୟାସୁର ଉପାଖ୍ୟାନଟି କେବଳ ବୌଦ୍ଧଧର୍ମର ରୂପାନ୍ତରରେ ବର୍ଣ୍ଣିତ ହୋଇଅଛି । ଯାଜପୁରର ମଧ ଗୟାସୁର ସହିତ ଅତି ନିକଟ ସମ୍ପର୍କ ( ନାଭି ) ଥିବାରୁ ରାଜେନ୍ଦ୍ରଲାଲ ବାବୁ ଅନୁମାନ କରନ୍ତି, "ଯାଜପୁର ପ୍ରଥ- ମରେ ବୌଦ୍ଧଧର୍ମର ପ୍ରଧାନ କେନ୍ଦ୍ର ଥିଲା ପରେ ଗୟା- ସୁରର ବଧ ଆଖ୍ୟାୟିକା ସେଠାରେ ହିନ୍ଦୁଧର୍ମର ପୁନରୁ- ତ୍ଥାନ ଘୋଷିତ କରୁଅଛି ।" ସେ Antiquities of Orissa ରେ ଲେଖି ଅଛନ୍ତି—"The story of Gaya is an allegorical representation of the spread of Budhism in India and Jajpur represents its chief city." "ଗୟାସୁରର ପ୍ରାଧାନ୍ୟ ଲାଭ ଭାରତରେ ବୌଦ୍ଧଧର୍ମର ପୂର୍ଣ୍ଣ ପ୍ରାଦୁର୍ଭାବ ଓ ବ୍ୟାପ୍ତି ସୂଚିତ କରୁଅଛି ଏବଂ ଯାଜପୁର ସେହି ବୌଦ୍ଧଧର୍ମର ପ୍ରଧାନ ସ୍ଥଳୀ ଥିଲା ।" ରାଜେନ୍ଦ୍ରଲାଲ ବାବୁ ଅଉ ଗୋଟିଏ ଯୁକ୍ତି ପ୍ରଦର୍ଶନ କରି ନିଜର ପକ୍ଷ ସମର୍ଥନ କରିଅଛନ୍ତି—ହିନ୍ଦୁଧର୍ମ ଉତ୍ତର ଦିଗରୁ କ୍ରମେ୨ ଉତ୍କଳର ଦକ୍ଷିଣକୁ ପ୍ରଧାବିତ ହୋଇଥିଲା । ଯଯାତି ବିହାରର ଲୋକ; ସେ ବିହା- ରରୁ ଆସିଲାବେଳେ ପ୍ରଥମରେ ଯାଜପୁରକୁ ନିଜର ରୁଚି ଅନୁସାରେ ଉପଯୁକ୍ତ ସ୍ଥାନ ବୋଲି ନିର୍ଣ୍ଣିତ କରିଥିଲେ ଏବଂ ଯାଜପୁରକୁ ଉତ୍କଳର ଦକ୍ଷିଣାଞ୍ଚଳ ପ୍ରବେଶର ଦ୍ୱାର- ପ୍ରାୟ ଜ୍ଞାନକରି ସେଠାରେ ରାଜଧାନୀ ସ୍ଥାପିତ କରିଥିଲେ । ଯଯାତି ଯାଜପୁରରେ ନଗର ନିର୍ମାଣ କରି ନଥିଲେ ।

Digitized by srujanika@gmail.com

ବିଶେଷତଃ ଯାଜପୁର ବୁଦ୍ଧଦେବଙ୍କ ଦନ୍ତ ସହିତ ସଂଯୁକ୍ତ ଦନ୍ତପୁର ରାଜଧାନୀର ଅତି ନିକଟବର୍ତ୍ତୀ ଥିଲା ଏବଂ ତାହା ଗୟାସୁର ଉପାଖ୍ୟାନ ସହିତ ଗ୍ରଥିତ ହୋଇଅଛି । ସୁତରାଂ ଯାଜପୁରରେ ଯଯାତି କେଶରୀଙ୍କ ଆଗମନ ପୂର୍ବରୁ ଏକ ପ୍ରଧାନ ବୌଦ୍ଧନଗର ସ୍ଥାପିତ ଥିଲା । ପରକାଳ ବର୍ତ୍ତୀ ମୁସଲମାନଙ୍କ ପ୍ରାୟ ଯଯାତି କେଶରୀ ବିହାରରୁ ଆସି ବୌଦ୍ଧ ରାଜାଙ୍କୁ ଯାଜପୁରରେ ପରାଜିତ କରି ବୌଦ୍ଧ-ମାନଙ୍କୁ ବିତାଡିତ କରିଥିଲେ ଏବଂ ହିନ୍ଦୁଧର୍ମ୍ମର ପ୍ରାଧାନ୍ୟ ସ୍ଥାପନ ଉଦ୍ଦେଶ୍ୟରେ ଯାଜପୁରର ସମସ୍ତ ବୌଦ୍ଧଧର୍ମ୍ମ ମନ୍ଦିର ଓ ସ୍ତୂପ ପ୍ରଭୃତିକୁ ହିନ୍ଦୁର ଧର୍ମ୍ମମନ୍ଦିର ଏବଂ ସ୍ତୂପରେ ପରିଣତ କରିଥିଲେ । "Hinduism commenced from north to south. Jajaty coming from Behar found Jajpur suited to form the base of his operation to the south and made it his capital. He did not build it. It was of importance. Being connected with ଗୟ legend and close Dantapur (the tooth relic) it was in existence when Budhism spread in Orissa. Jajaty a Hindu first assailed it, brought under and converted into a Hindu place of worship so the Mahamadans did expel Hinduism and built their monuments.

(Antiquities of Orissa).

ଯେଉଁ ସମସ୍ତ ଐତିହାସିକମାନେ ଗଡ୍ଡଳିକା ପ୍ରବାହ ନ୍ୟାୟ ଅନୁସରଣ କରି ଯାଜପୁରକୁ ଯଯାତି ନଗର-ରୂପରେ ଗ୍ରହଣ କରିଅଛନ୍ତି ଏବଂ ତାହା ପ୍ରମାଣ କରିବାକୁ

ଅଲୀକ ବିଷୟ

ଯାଇ ଯାଜପୁର ରାଜଧାନୀ ବିଷୟରେ ନାନାବିଧ କପୋଳକଳ୍ପନା ସୃଷ୍ଟି କରିଅଛନ୍ତି ସେହିମାନଙ୍କର ମତ ଏହି-ଠାରେ ପ୍ରଦତ୍ତ ହେଲା । ଯାଜପୁରର ରାଜନୈତିକ ଇତିହାସ ସମଗ୍ର ଉତ୍କଳର ଇତିହାସ ସହିତ ଘନିଷ୍ଠ ଭାବରେ ସମ୍ବନ୍ଧ ରହିଅଛି । ସୁତରାଂ କେଶରୀ ବଂଶର ବିଶେଷତଃ ଯଯାତି କେଶରୀଙ୍କର ରାଜତ୍ୱକାଳ ଏବଂ ରାଜଧାନୀ ବିଷୟ ଓ ପୂର୍ବୋକ୍ତ ମତମାନ ପରେ ଐତିହାସିକ ତତ୍ତ୍ୱ ମଧ୍ୟରେ ସମାଲୋଚିତ ହେବ । ତଥାପି ଏଠାରେ ଯାଜପୁରର ପୁରାତନ ନାମ ସମ୍ବନ୍ଧରେ ଯେଉଁ ବିଷୟ-ମାନଙ୍କର ସମାଲୋଚନା ଏକାନ୍ତ ଆବଶ୍ୟକ ତାହା ସ୍ଥୂଳତଃ ନିମ୍ନରେ ନିର୍ଦ୍ଦିଷ୍ଟ ହେଲା ପରେ ତାହା ବିଶଦ ହେବ ।

ଷ୍ଟର୍ଲିଙ୍ଗ୍, ହଣ୍ଟର ଏବଂ ରାଜେନ୍ଦ୍ର ଲାଲ ପ୍ରଭୃତି ଐତିହାସିକମାନେ ନାନାକାରଣରୁ ପୁରୀମନ୍ଦିର ନିହିତ ମାଦଳାପାଞ୍ଜିକୁ ପୂର୍ଣ୍ଣ ତଥ୍ୟରୂପରେ ଗ୍ରହଣ କରିନାହାନ୍ତି—ତାହାର ପ୍ରକୃତ କାରଣ ମଧ୍ୟ ରହି-ଅଛି । କିନ୍ତୁ ସେମାନେ ସ୍ଥାନେ ସ୍ଥାନେ ନିଜର ପକ୍ଷ ସମର୍ଥନ କରିବାକୁ ଯାଇ ନିଜର ମତାନୁସାରେ ଅର୍ଥର ଅନର୍ଥ ମଧ୍ୟ କରିବାକୁ ଛାଡ଼ି ନାହାନ୍ତି ।

ପ୍ରଥମରେ ଯାଜପୁର ଏବଂ ଯଯାତିପୁରର ନାମ ଗତ ସୌସାଦୃଶ୍ୟ ଲୋକଙ୍କୁ ବିଭ୍ରାନ୍ତ କରି ଉଭୟର ଐକ୍ୟ ସ୍ଥାପନରେ ପ୍ରବର୍ତ୍ତିତ କରିଅଛି । କେହି କେହି ମଧ୍ୟ ଯଯାତିପୁର

ଉକ୍ତ ମତର କାରଣ

ଅପଭ୍ରଂଶ ଭାଷାରେ ଯାଜପୁରରେ ପରି-ବର୍ତ୍ତିତ ହୋଇଥିବାର ମତ ପ୍ରକାଶ କରିଅଛନ୍ତି । ସୁତରାଂ ଆମ୍ଭମାନଙ୍କୁ ପ୍ରଥମରେ ଦେଖିବାକୁ ହେବ ଯେ ଅପଭ୍ରଂଶ ଭାଷାର ନିୟମାନୁସାରେ ( Philology) 'ଯଯାତିପୁର ବା ଯଯାତି ନଗର' ଶବ୍ଦ କୌଣସି ରୂପରେ ଯାଜପୁରରେ ପରିବର୍ତ୍ତିତ ହୋଇପାରେ କି ନାହିଁ । ଯାଜପୁର ଏବଂ

ଭାଷାଗତ ସାମଞ୍ଜସ୍ୟ

ଯଯାତିପୁର ଶବ୍ଦଦ୍ୱୟର ଭାଷାଗତ ସାମ-ଞ୍ଜସ୍ୟ ଥିବା ପରି ସହଜରେ ବାହାରୁ ଜଣା ପଡୁଅଛି—କାରଣ ଏ ଶବ୍ଦରେ 'ପୁର' ଶବ୍ଦଟି ସାଧାରଣ ଭାବରେ ବ୍ୟବହୃତ ହୋଇଅଛି ସୁତରାଂ ପୁର ଶବ୍ଦଟି ପରିତ୍ୟାଗ କଲେ ସଂସ୍କୃତ 'ଯଯାତି' ଶବ୍ଦ ଓଡ଼ିଆ ଭାଷା ବା କୌଣସି ପ୍ରାକୃତ ଭାଷାର ପରିବର୍ତ୍ତନ ନିୟମା-ନୁସାରେ 'ଯାଜ' ହୋଇ ପାରିବ କି ନାହିଁ । ସତ୍ୟର ଅନୁସରଣ କରିଲା ସମୟରେ ମନରୁ ସମସ୍ତ ପୂର୍ବଭାବ ତିରୋହିତ କରିବାକୁ ହେବ । ସୁତରାଂ ମୁଁ ଅନୁରୋଧ କରେ—ଭାଷାବିଦ୍‌ମାନେ କେବଳ 'ଯାଜ' ଶବ୍ଦଟି ନେଇ ପରୀକ୍ଷା କରି ଦେଖନ୍ତୁ—ଏହାର ମୂଳ ଶବ୍ଦ କ'ଣ ହୋଇପାରେ ? ଯଯାତି ନା ଯାଗ ?

Digitized by srujanika@gmail.com

Bengal Royal Asiatic society Journal XI ରେ ଚନ୍ଦ୍ରଶେଖର ବାନର୍ଯି ଲେଖି ଅଛନ୍ତି :—

“The true name of the town I should suppose was Jajatipur or the city of Jajaty, the present corruption being by no means inconsistant with the genious of the Oriya tongue or its hasty pronounciation.”

“ ମୋ ମତରେ ଯାଜପୁର ନଗରର ପ୍ରକୃତ ନାମ ଯଜାତିପୁର ଥିଲା, ତାହାର ଆଧୁନିକ ଅପଭ୍ରଂଶ ଶବ୍ଦ ଯାଜପୁର ଅଟେ । ଏହି ଅପଭ୍ରଂଶ ଓଡ଼ିଆଭାଷା ଦୃଷ୍ଟିରେ କିମ୍ବା ସେମାନଙ୍କର ଶୀଘ୍ରୋଚ୍ଚାରଣ ଦୃଷ୍ଟିରେ କୌଣସିମତେ ଅସଙ୍ଗତ ପ୍ରାୟ ବୋଧ ହେଉନାହିଁ ।” ମୁଁ ଏହିମତ ପରୀକ୍ଷା କରିବାକୁ ଉତ୍କଳର ସମସ୍ତ ଭାଷା–ତତ୍ତ୍ୱବିଦ୍‌ମାନଙ୍କୁ ଅନୁରୋଧ କରୁଅଛି ।

ଅପଭ୍ରଂଶ

ବୋଧହୁଏ ବାନର୍ଯି ମହାଶୟ ଉତ୍କଳରେ କିଛିଦିନ ଥିଲେ ମଧ୍ୟ ଓଡ଼ିଆଭାଷା ଜାଣି ନଥିବେ । ତାହା ନ ହୋଇଥିଲେ ସେ ନିଜର ବଙ୍ଗଳା ଭାଷା ପ୍ରାୟ ଓଡ଼ିଆରେ ଶୀଘ୍ରୋଚ୍ଚାରଣଟା ସହଜରେ ଦେଖି ପାରି ନଥାନ୍ତେ । ଅଥବା ସେ ଭାଷାର ପରିବର୍ତ୍ତନଗତ ନିୟମ ବିସ୍ମୃତ ହୋଇଥିବେ, ତାହା ନହେଲେ ବା କାହିଁକି ସ୍ୱର୍ଗଚ୍ଛିନ୍ନା ଭାଷାପ୍ରାୟ ଓଡ଼ିଆରେ ଭାଷା ପରିବର୍ତ୍ତନଗତ ନିୟମ ଅନୁସରଣ ନକରି ଯେ କୌଣସି ମତରେ ଗୋଟିଏ ଶବ୍ଦର ଅପଭ୍ରଂଶ ଗଠନ କରିଥାନ୍ତେ । ସମସ୍ତ ଅପଭ୍ରଂଶ ଭାଷାମାନ ଏକ ଏକ ନିୟମାନୁସାରରେ ଚଳିତ; ସଂସ୍କୃତରୁ ଜାତ ବଙ୍ଗଳା ହିନ୍ଦୀ ମହାରାଷ୍ଟ୍ରୀ ପ୍ରଭୃତି ସମସ୍ତ ପ୍ରାକୃତ ଭାଷାମାନ ତଦ୍‌ଭବ ( ସଂସ୍କୃତର ଅପଭ୍ରଂଶ ) ଶବ୍ଦ ସମ୍ବନ୍ଧରେ ଏକ ୨ ସ୍ୱତନ୍ତ୍ର ନିୟମର ଅନୁସରଣ କରିଥାନ୍ତି କିନ୍ତୁ ଓଡ଼ିଆଭାଷା ମଧ୍ୟ ତଦ୍‌ଭବ ଶବ୍ଦ ସମ୍ବନ୍ଧରେ ସେହି ନିୟମମାନଙ୍କରୁ ସ୍ଖଳିତ ହେବାର କେଉଁଠାରେ ଦେଖାଯାଏନାହିଁ; ଏହି ସ୍ଥାନରେ ବା କାହିଁକି ତାହାର ବ୍ୟତ୍ୟୟ ଲକ୍ଷିତହେବ ? Hunter ସାହେବ କେବଳ ବାନର୍ଯିଙ୍କର ପଥ ଅନୁସରଣ କରିଅଛନ୍ତି । କିନ୍ତୁ ପ୍ରକୃତ ଭାଷା ତତ୍ତ୍ୱବିଦ୍ ରାଜେନ୍ଦ୍ରଲାଲ ମିତ୍ର କହିଅଛନ୍ତି :—

“It is said that Jajaty in his march south wards first established his capital at Jajpur and named it Jajatipur. Derivation is questionable under phonetic rules of ପ୍ରକୃତି. Jajaty would not change into Jaj whereas ଯଜ the radical of ଯଜ୍ଞ even in sanskrit yeilds the noun ଯାଜ or ଯଜ୍ଞ whence Jajpur is obviously derived” ( Antiquities of Orissa II P 157 )

“ଲୋକେ କହନ୍ତି ଯଯାତି ଦକ୍ଷିଣକୁ ଯାତ୍ରା କଲାବେଳେ ଯାଜପୁରରେ ରାଜଧାନୀ ସ୍ଥାପିତକରି ତାହାର ନାମ ଯଯାତିପୁର ପ୍ରଦାନ କରିଥିଲେ । କିନ୍ତୁ ଏହିପରି ଭାଷାର ପରିବର୍ତ୍ତନ ସନ୍ଦେହଜନକ । ସ୍ୱର ପରିବର୍ତ୍ତନର ନିୟମାନୁସାରେ ଯଯାତି ଶବ୍ଦ ଯାଜରେ ପରିବର୍ତ୍ତିତ ହୋଇନ ଥିବ କିନ୍ତୁ ଯଜ୍ଞର ମୌଳିକ ଧାତୁ ଯଜ ସଂସ୍କୃତରେ ମଧ୍ୟ ବିଶେଷ୍ୟରେ ଯାଜ ବା ଯାଗଶବ୍ଦ ପ୍ରଦାନକରେ । ସାଧାରଣତଃ ସେହି ମୌଳିକ ଯଜଧାତୁରୁ ଯାଜଶବ୍ଦ ଅସିଅଛି” । ପୂର୍ବୋକ୍ତ ମତକୁ ଏହିମତ ସହିତ ତୁଳନାକଲେ ସତ୍ୟାସତ୍ୟ ଉପଲବ୍ଧି ହେବ । ପ୍ରକୃତ ପକ୍ଷରେ ଯଯାତି ଶବ୍ଦ ପ୍ରାକୃତରେ ଯଯାଉ ବା ଯଯାଇ ଆକାର ଧାରଣ କରିବ । ପରେ ଅନ୍ତ୍ୟବର୍ଣ୍ଣର ଲୋପ କଲେ ଯଯା ବା ଯଜା ପ୍ରାକୃତ ଶବ୍ଦରେ ପରିବର୍ତ୍ତିତ ହେବ କିନ୍ତୁ ଯାଯ–ହୋଇ ପାରେନାହିଁ । କ–ବର୍ଗ ସହଜରେ ଚ–ବର୍ଗରେ ପରିଣତ ହୁଏ, ତାହାର ଉଦାହରଣ ସ୍ୱରୂପ ଚଖାଦ ଜଗାଦ ପ୍ରଭୃତି ଏଠାରେ ଖାଦ ଓ ଗଦ ଧାତୁର ଖ ଏବଂ ଗ ଚ–ବର୍ଗରେ ପରିବର୍ତ୍ତିତ ହୋଇଅଛି । ସାଧାରଣତଃ ଚ ଓ କ–ବର୍ଗର ପରସ୍ପର ବିନିମୟ ସଂସ୍କୃତରେ ଦୃଷ୍ଟ ହୁଏ । ସ୍ୱୟଂ ଯଜଧାତୁ ମଧ୍ୟ ଯାଗ, ଯକ୍ଷ୍ୟତି ପ୍ରଭୃତି ପଦ ସମ୍ପାଦନରେ ଉକ୍ତ ନିୟମର ନିଦର୍ଶନ ହୋଇଅଛି । ସୁତରାଂ ଉଚ୍ଚାରଣ ଢଙ୍ଗେ ସଂସ୍କୃତ ଶବ୍ଦର ପରିବର୍ତ୍ତନ ସହିତ ପ୍ରାକୃତରେ ଯଜଧାତୁ ନିଷ୍ପନ୍ନ ଯାଗ ବା ଯାଜୀଶବ୍ଦ ସହଜରେ ଯାଜ ଆକାରରେ ପରିବର୍ତ୍ତିତ ହୋଇପାରିବ । ପୂର୍ବୋକ୍ତ ନିୟମ ଦୃଷ୍ଟିରେ ଯାଗଶବ୍ଦ ନିଜର ପୂର୍ବାକାର ଯାଜ ଧାରଣ କରିପାରେ ଏଥିରେ କୌଣସି ସନ୍ଦେହନାହିଁ । ସମସ୍ତ ସମୟରେ



Digitized by srujanika@gmail.com

ଅନଭିଜ୍ଞ ଲୋକମାନେ ନାମର ଅଧିକାଂଶ ବର୍ଣ୍ଣ ସାଦୃଶ୍ୟରୁ ଯାଜପୁରକୁ ଯଯାତିପୁର ସହିତ ସମ୍ମିଳିତ କରି କିମ୍ଭୂତ କିମାକାର କିମ୍ବଦନ୍ତୀର ସୃଷ୍ଟି କରିଥାନ୍ତି । କିନ୍ତୁ ଭାଷାତତ୍ତ୍ୱର ନିୟମାନୁସାରେ ଯାଜପୁର ଯଯାତିପୁରର ଅପଭ୍ରଂଶ ଶବ୍ଦ ନୁହେଁ ।

ରାଜଧାନୀର ନାମ ସାଧାରଣତଃ ପରିବର୍ତ୍ତନ ଶୀଳ; ଏହା ସ୍ଥାୟୀ ରହେନାହିଁ । ତାହା ( ନାମମାନ ) ଅଳ୍ପକାଳ ମଧ୍ୟରେ ବିଭିନ୍ନ ଆକାରରେ ପରିବର୍ତ୍ତିତ ହୋଇଥାଏ ।

**ଐତିହାସିକ ଉପାଦାନ**

ଅତଏବ ରାଜଧାନୀର ମୌଳିକ ଶବ୍ଦ ଅନୁସରଣ କରିବା ଅତୀବ କଷ୍ଟକର ବ୍ୟାପାର ଏବଂ ଐତିହାସିକ ଉପାଦାନ ବଳରେ କେବଳ ଅନୁମାନର ବିଷୟ ଅଟେ । ପୂର୍ବରେ ଯାଜପୁର ଯଯାତି ନଗର ହୋଇ ଥିବାର ଐତିହାସିକ କାରଣ ଓ ଅନୁମାନମାନ ପ୍ରଦତ୍ତ ହୋଇଅଛି । ବର୍ତ୍ତମାନ ସେହି ପ୍ରମାଣମାନଙ୍କର ତଥ୍ୟାତଥ୍ୟ ବିଚାର କରାଯାଉ ।

୧ମରେ ମାଦଳାପାଞ୍ଜି—ଯାହାକୁ ଅଦ୍ୟାବଧି ଅଧିକାଂଶ ଐତିହାସିକମାନେ ଉତ୍କଳ ଇତିହାସର ଭିତ୍ତିରୂପରେ ଗ୍ରହଣ କରିଅଛନ୍ତି, ସେ ଯଯାତି କେଶରିଙ୍କର ଯାଜପୁର ରାଜଧାନୀ ବିଷୟରେ ନୀରବ ।

**ମାଦଳାପାଞ୍ଜି**

ଯଯାତିଙ୍କର ଯାଜପୁର ଯଜ୍ଞ ଓ କାନ୍ୟକୁବ୍‌ଜରୁ ୧୦ ସହସ୍ର ବ୍ରାହ୍ମଣଙ୍କର ଅନୟନ ଏବଂ ସ୍ଥାପନ ବିଷୟ ମଧ୍ୟ ସେଥିରେ ଲିଖିତ ହୋଇନାହିଁ । ଯଯାତି ବୌଦ୍ଧଧର୍ମ ଲୋପକରି ଉତ୍କଳରେ ହିନ୍ଦୁରାଜ୍ୟ ସ୍ଥାପିତ କରିଥିଲେ, ସୁତରାଂ ଉତ୍କଳରେ ୧ମ ହିନ୍ଦୁରାଜା ଯଯାତିଙ୍କର ନାନାବିଧ ପ୍ରଶଂସାର୍ହ ବିଷୟମାନ ମାଦଳାପାଞ୍ଜିରେ ବର୍ଣ୍ଣିତ ହୋଇଥିବାର ଆଶା କରାଯାଏ । କିନ୍ତୁ ମାଦଳାପାଞ୍ଜି ସେ କାହିଁକି ଯଯାତିଙ୍କର ଯଜ୍ଞ ପ୍ରଭୃତି ବିଶେଷ ବିଶେଷ ଘଟଣାବଳୀର ଉଲ୍ଲେଖ ନ କରି ସେ ସମସ୍ତ ବିଷୟରେ ଏହିପରି ମୂକତା ଅବଲମ୍ବନ କରିଅଛି, ତାହାର କାରଣ କହିହେବନାହିଁ । କିନ୍ତୁ ଏହି ବିଷୟ ମନରେ ସର୍ବଦା ସଂଶୟ ଜାତକରେ । ହୋଇପାରେ ! ପୁରୀତୀର୍ଥର ମାହାତ୍ମ୍ୟ ଅକ୍ଷୁଣ୍ଣ ରଖିବା ଉଦ୍ଦେଶ୍ୟରେ ମାଦଳାପାଞ୍ଜିର ଲେଖକମାନେ ଯାଜପୁରକୁ ପରିତ୍ୟାଗ କରିପାରିଥାନ୍ତି । ଏବଂ ଯାଜପୁରର ମାହାତ୍ମ୍ୟ ପ୍ରଚାର ବର୍ଣ୍ଣନାରେ ମୌନତା ଅବଲମ୍ବନ କରି ପାରିଥାନ୍ତି; ତଥାପି ସେମାନେ ଯଯାତିଙ୍କର ବଦାନ୍ୟତା ଓ ସହୃଦୟତା—ପ୍ରତିପାଦକ ଘଟଣାବଳୀର ସାମାନ୍ୟ ବର୍ଣ୍ଣନାର ସୂଚନା ମଧ୍ୟ ଅନ୍ୟ କୌଣସି ସ୍ଥାନରେ ପ୍ରଦାନ କରିନାହାନ୍ତି । ଏହା ଚତୁର ମାଦଳାପାଞ୍ଜି ଲେଖକଙ୍କର କୌଶଳ ହୋଇପାରେ ସତ୍ୟ, ତଥାପି ସାଧାରଣ ଦୃଷ୍ଟିରେ ଯଯାତି ଯାଜପୁରରେ କୌଣସି ରାଜଧାନୀ ବା ଯଜ୍ଞ କରିଥିବା ବିଷୟ ମାଦଳାପାଞ୍ଜିରେ ଲିଖିତ ହୋଇନାହିଁ । ଫଳତଃ ମାଦଳାପାଞ୍ଜି ଅନୁସାରେ ଯଯାତି ଯାଜପୁରରେ ରାଜଧାନୀ ସ୍ଥାପିତ କରି ନ ଥିଲେ । ଯାଜପୁର କେବଳ ଉତ୍କଳର ଚତୁଷ୍କଟକର ଅନ୍ୟତମ ଥିଲା ।

୨ୟ ରେ ଯଯାତିନଗର:—ଆଜ ପର୍ଯ୍ୟନ୍ତ କେଶରୀ ବଂଶଙ୍କର ଯେ ସମସ୍ତ ଦାନପତ୍ର, ତାମ୍ରଶାସନ ଏବଂ ଶିଳାଲିପି ପ୍ରକାଶିତ ହୋଇଅଛି—ସେ ସମସ୍ତ ପାଠକରି

**ଯଯାତିନଗର**

ପ୍ରତ୍ନତତ୍ତ୍ୱବିଦ୍‌ମାନେ ମହାଶିବ ଗୁପ୍ତଙ୍କୁ, ଯଯାତି କେଶରୀ ବୋଲି ଗ୍ରହଣ କରିଅଛନ୍ତି—ତାହାର ସବିଶେଷ ବର୍ଣ୍ଣନା—ପରେ ପ୍ରଦତ୍ତ ହେବ । ତଥାପି ଏଠାରେ ଏତିକି ମାତ୍ର ବକ୍ତବ୍ୟ ଯେ—କଟକ କଚେରୀରେ ରକ୍ଷିତ ଯଯାତି ବା ମହାଶିବ ଗୁପ୍ତଙ୍କର ଏକ ଦାନପତ୍ରରେ ଯଯାତିନଗରର ବର୍ଣ୍ଣନା ଓ ନାମ ମଧ୍ୟ ପ୍ରଦତ୍ତ ଅଛି । ୧ମରେ ଅନେକେ ଦାନପତ୍ରଟି ପାଠକରି ନ ପାରି ଯଯାତିନଗରକୁ ଯାଜପୁର ବୋଲି ସ୍ଥିର କରିଥିଲେ କିନ୍ତୁ ଦାନପତ୍ର ପାଠକଲେ ସ୍ପଷ୍ଟରୂପରେ ଜଣାଯାଏ—ସେହି ଯଯାତିନଗର ମହାନଦୀକୂଳରେ ଅବସ୍ଥିତ । କିନ୍ତୁ ଆମ୍ଭମାନଙ୍କର ବର୍ଣ୍ଣନୀୟ ଯାଜପୁର ବୈତରଣୀତଟରେ ଅବସ୍ଥିତ । ସୁତରାଂ ବିଭିନ୍ନ ନଦୀକୂଳରେ ସ୍ଥାପିତ ଉଭୟ ନଗର ଏକ ହୋଇ ନ ପାରେ । ସେହି ହେତୁରୁ ଅଧୁନିକ ପଣ୍ଡିତମାନେ ପୂର୍ବ ମତକୁ ଭ୍ରମପୂର୍ଣ୍ଣ ଜ୍ଞାନକରି ଉପେକ୍ଷିତ କରିଅଛନ୍ତି । ଯଯାତି ଉତ୍ତରରୁ ଦକ୍ଷିଣକୁ ଆସିବା ସମୟରେ ଯାଜପୁରକୁ ଦକ୍ଷିଣ ପ୍ରବେଶର ଦ୍ୱାରଦେଶ ପ୍ରାୟ ଜ୍ଞାନକରି ସେଠାରେ ରାଜଧାନୀ ସ୍ଥାପିତ କରିଥିଲେ, ରାଜେନ୍ଦ୍ରଲାଲଙ୍କର ଉକ୍ତ ଅନୁମାନ ମଧ୍ୟ ଭ୍ରମାତ୍ମକ ଅଟେ । ପୂର୍ବୋକ୍ତ ଦାନପତ୍ରମାନଙ୍କର ସାହାଯ୍ୟରୁ ଜଣାଯାଏ—ମହାଶିବ ଗୁପ୍ତ ବା

Digitized by srujanika@gmail.com

ଯଯାତି ଏବଂ ତାହାଙ୍କର ପୂର୍ବପୁରୁଷମାନେ ମଧ୍ୟ ପ୍ରଦେଶରୁ ମହାନଦୀକୂଳରେ ସମ୍ବଲପୁର ଏବଂ ସୁନପୁର ପ୍ରଭୃତି ଗଡ଼ଜାତ ମଧ୍ୟ ଦେଇ ଉତ୍କଳରେ ପଦାର୍ପଣ କରିଥିଲେ ଏବଂ ମହାନଦୀକୂଳରେ ରାଜଧାନୀ ସ୍ଥାପିତ କରିଥିଲେ । ସେହି ରାଜଧାନୀ ଯଯାତିଙ୍କର ନାମାନୁସାରେ ଯଯାତିନଗର ଆଖ୍ୟା ବହନ କରିଥିଲା । ଏହି ଯଯାତିନଗର ଦାନପତ୍ରରେ ମହାନଦୀକୂଳରେ ବର୍ଣ୍ଣିତ ହୋଇଅଛି । ସୁତରାଂ ସେହି ନଗର ନରସିଂହପୁରର ସମୀପବର୍ତ୍ତୀ ଜଟେଶ୍ୱରପୁର ହୋଇଥିବ ବୋଲି ବୋଧ ହେଉଅଛି—ନାମଗତ ସୌସାଦୃଶ୍ୟ ମଧ୍ୟ ରହିଅଛି । ଏ ସମସ୍ତ ଅନୁମାନର ବିଷୟ ଅଟେ, ଏଥିରେ ବିଶେଷ କିଛି ପ୍ରମାଣ ନାହିଁ । ତଥାପି ଯଯାତି ମହାନଦୀକୂଳରେ ଯେ କୌଣସି ସ୍ଥାନରେ ଯଯାତିନଗର ସ୍ଥାପନ କରିଥିଲେ । ଯଯାତି ଯେ ପୁନର୍ବାର ଆଉ ଗୋଟିଏ ଯଯାତି ନାମରେ ନଗର ବୈତରଣୀ ତଟରେ ନିର୍ମିତ କରିଥିଲେ, ତାହା ଏକାନ୍ତ ଅସମ୍ଭବ । ନଗର ନିର୍ମାଣ କରିପାରିଥାନ୍ତି, କିନ୍ତୁ ତାହାର ନାମ କଦାପି ଯଯାତିନଗର ହୋଇ ନ ଥିବ । ସୁତରାଂ ପୂର୍ବୋକ୍ତ ଦାନପତ୍ର ଏବଂ ମାଦଳାପାଞ୍ଜି ସାହାଯ୍ୟରୁ ଜଣାଯାଏ ଯେ ଯାଜପୁରର ଯଯାତିପୁର ବା ନଗର ସହିତ ଏକତା ସମ୍ବନ୍ଧ ନ ଥିଲା ।

ରାଜେନ୍ଦ୍ର ବାବୁ ଭାଷା ଦୃଷ୍ଟିରେ ଯାଜପୁରକୁ ଯଜଧାତୁ ନିଷ୍ପନ୍ନ ବୋଲି ଯେଉଁ ଅନୁମାନ କରିଅଛନ୍ତି, ପୂର୍ବୋକ୍ତ ଦାନପତ୍ର ଏବଂ ମାଦଳାପାଞ୍ଜି ସେହି ଦିଗ ପ୍ରତି ଆମ୍ଭମାନଙ୍କୁ ଚାଳିତ କରୁଅଛି । ଯଯାତିକେଶରୀ ଯାଜପୁରରେ କଟକ ବା ରାଜଧାନୀ ସ୍ଥାପିତ କରି ପାରିଥାନ୍ତି, କିନ୍ତୁ ତାହାର ଯଯାତିନଗର ଆଖ୍ୟା ଥିବାର କୌଣସି ପ୍ରମାଣ ନାହିଁ ବରଂ ବିପକ୍ଷରେ ପୂର୍ବୋକ୍ତ ପ୍ରମାଣମାନ ରହିଅଛି । ସୁତରାଂ ଯାଜପୁର ଯଯାତିପୁରର ଅପଭ୍ରଂଶ ନୁହେ । ଏହା ଯଜଧାତୁ ନିଷ୍ପନ୍ନ ଯାଗ ବା ଯାଜୀପୁରର ଅପଭ୍ରଂଶ ଅଟେ । ମହାଭାରତର ଉଦ୍ଧୃତାଂଶ ଏହି ନାମର ସାର୍ଥକତା ପ୍ରତିପାଦନ କରୁଅଛି । ଯାଜପୁର ପୂର୍ବରେ କୌଣସି ନା କୌଣସି ରାଜାର ଯଜ୍ଞ ସହିତ ସଂପୃକ୍ତ ଥାଇ ନିଜର ଆଖ୍ୟା ଅକ୍ଷୁଣ୍ଣ ରଖିଅଛି । ସେହି ଯଜ୍ଞ ଯେ ଯଯାତି କେଶରୀ ବା ଅନ୍ୟ କୌଣସି ରାଜାଦ୍ୱାରା ସମାହିତ ହୋଇଥିଲା ତାହାର କିଛି ପ୍ରମାଣ ନାହିଁ, ବରଂ ଯଯାତି କେଶରୀଙ୍କ ଦ୍ୱାରା ସମାହିତ ହୋଇ ନ ଥିଲା ବୋଲି ପରେ ସ୍ପଷ୍ଟ ହେବ । ସମସ୍ତ ପୌରାଣିକ ଆଖ୍ୟାୟିକା ମାନ ଯାଜପୁରକୁ ଯଜ୍ଞ ସହିତ ସନ୍ନିବେଶିତ କରିଥିବାରୁ ଯଜ୍ଞପୁର ଯାଗପୁର ବା ଯାଜୀପୁର ବୋଲି ପୂର୍ବରେ ନାମ ଥିଲା । ତାହାର ପ୍ରମାଣସ୍ୱରୂପ ମୁସଲମାନ ଆକ୍ରମଣକାରିମାନେ ଯାଜପୁର କାହିଁକି ସମସ୍ତ ଉତ୍କଳପ୍ରଦେଶକୁ ଯାଜନଗର ନାମରେ ଲିପିବଦ୍ଧ କରିଅଛନ୍ତି । ସେମାନଙ୍କର ଅଧିକାଂଶ ଲିଖିତ ପୁସ୍ତକମାନଙ୍କରେ ଉତ୍କଳ ପରିବର୍ତ୍ତରେ ଯାଜନଗର ଶବ୍ଦ ବ୍ୟବହୃତ ହୋଇଅଛି । ସୁତରାଂ ଅନୁମିତ ହୁଏ—ଯାଜପୁରର ପ୍ରକୃତ ନାମ ଯାଗପୁର ଥିଲା ଏବଂ ଏହା ସେ ସମୟରେ ଏକ ଦୁର୍ଭେଦ୍ୟ କଟକ ଥିଲା । ମୁସଲମାନ ଆକ୍ରମଣକାରିମାନେ ଉତ୍କଳରେ ପ୍ରବେଶ କଲା ପୂର୍ବରୁ ଏହିସ୍ଥାନରେ ଭୀଷଣ ଯୁଦ୍ଧରେ ନିରତ ହେଉଥିଲେ ଏବଂ ପରାଜିତ ହୋଇ ପ୍ରତ୍ୟାବର୍ତ୍ତନ ମଧ୍ୟ କରୁଥିଲେ । ସୁତରାଂ ସେମାନେ ଉତ୍କଳର ପ୍ରକୃତ ରାଜଧାନୀ ସହିତ ପରିଚିତ ହୋଇ ନ ଥିଲେ; କେବଳ ଏହି ଅଭେଦ୍ୟ ଦୃଢ଼ ଦୁର୍ଗର ନାମ ସେମାନଙ୍କର ସ୍ମୃତିପଟରେ କ୍ରୀଡ଼ା କରୁଥିଲା । ସେହି ହେତୁରୁ ସେମାନେ ଉତ୍କଳକୁ ଯାଜନଗର ବୋଲି ଲେଖିଯାଇଅଛନ୍ତି । କାଳକ୍ରମରେ ଏହି ଯାଗପୁର ଶବ୍ଦ ପରିବର୍ତ୍ତିତ ହୋଇ ଯାଜପୁର ହୋଇଅଛି । ସାଧାରଣତଃ ପ୍ରାକୃତ ଭାଷାରେ ସଂସ୍କୃତ ଶବ୍ଦର ଅନ୍ତ୍ୟ ସ୍ୱର ଲୋପ ହୁଏ । ସୁତରାଂ ଯାଜୀପୁର ବା ଯାଗପୁର ଶବ୍ଦ ଯେ ଯାଜପୁରରେ ପରିବର୍ତ୍ତିତ ହୋଇଥିବ ସେଥିରେ କୌଣସି ସନ୍ଦେହ ନାହିଁ । ପୂର୍ବୋକ୍ତ ଆଲୋଚନାମାନଙ୍କରୁ ପ୍ରତୀତ ହେଉଅଛି—ପୂର୍ବରେ ଯାଜପୁରର ନାମ ଥିଲା, ଯାଗପୁର ବା ଯାଜୀପୁର ଏବଂ ତାହା କୌଣସି ଯଜ୍ଞ ସହିତ ସମ୍ବଳିତ ଥାଇ ନାମର ସାର୍ଥକତା ସାଧନ କରିଥିଲା । ଅନେକଙ୍କୁ ଯାଜପୁରର ପୁରାତନ ନାମ ସମ୍ବନ୍ଧୀୟ ଆଲୋଚନା ନିରର୍ଥକ ଏବଂ ଅନାବଶ୍ୟକ ବୋଧ ହୋଇପାରେ, କିନ୍ତୁ ଏହି ନାମରେ ଯାଜପୁରର ପ୍ରାଚୀନତାର ବିଶେଷ ସମ୍ପର୍କ ନିହିତ ଅଛି । ସୁତରାଂ ପରେ ଯାଜପୁରର ପ୍ରାଚୀନତା ଆଲୋଚନା ଏବଂ ସ୍ଥିର କରିବା ଦୃଷ୍ଟିରେ ଏଠାରେ ତାହାର ନାମଗତ ବିଭିନ୍ନ ମତ ଆଲୋଚିତ ହୋଇ ସିଦ୍ଧାନ୍ତିତ ହେଲା । ବର୍ତ୍ତମାନ ଯାଜପୁରର ଐତିହାସିକ ବିଷୟପ୍ରତି ଦୃଷ୍ଟି ପ୍ରଦାନ କରାଯାଉ ।

ପ୍ରକୃତ ନାମ

( କ୍ରମଶଃ )

Digitized by srujanika@gmail.com

# ବର୍ଷା ସନ୍ଧ୍ୟା

ଶ୍ରୀ —

ଆଜି ଧାରା ଶ୍ରାବଣର ଅବଶ୍ରାନ୍ତ ଧାରା ପତନରେ ଜଗତର ଆଉ ଯାହା କିଛି କଥା ସବୁ ବୁଡ଼ିଯାଇଛି ସବୁ ଭାସିଯାଇଛି । ସବୁକଥା ଉପରେ କେବଳ ଶୁଭୁଛି ଅନବରତ ଝର ଝର କଳ କଳ ଶବ୍ଦ । ବାହାରେ ଅନ୍ଧାର ଅତି ଘନ, ନିବଡ଼; ଆଜି ଯେ କେବେ କଥା କହୁନାହିଁ, କହି ବି ଜାଣେନା ସେହି ମୂକ ସେହି ଜଡ଼ା ମୁହଁରେ କଥାର ଖଇ ଫୁଟି ଯାଉଛି ।

ଅନ୍ଧାରକୁ ଯଦି କେହି କଥା କୁହାଇପାରେ ତେବେ ସେ ଏହି ଶ୍ରାବଣର ଅଶ୍ରାନ୍ତ ଧାରା ବର୍ଷଣର ଧ୍ୱନି । ଏହି ହିନା ଅନ୍ଧାରର ଠିକ୍ ଉପଯୁକ୍ତ ଭାଷା । ଅନ୍ଧାରର ନିଃଶବ୍ଦତା ଉପରେ ଧାରା ପତନର ଏ କଳଧ୍ୱନି ପୋଛକୁ ପୋଛ ରଙ୍ଗ ଦେଲାପରି ସେ ନୀରବତାକୁ ଅହୁରି ଗାଢ଼, ଅହୁରି ଗମ୍ଭୀର କରିଦେଉଛି, ବିଶ୍ୱଜଗତର ନିଦ୍ରାକୁ ଅହୁରି ନିବଡ଼ କରୁଛି । ବୃଷ୍ଟି ପତନର ଏ ଅବିରାମ ଶବ୍ଦ ଏ ଯେପରି ଶବ୍ଦର-ଅନ୍ଧାର—

ଆଜି ସନ୍ଧ୍ୟା ଜପାମନ୍ତ୍ରଟି ଜପିଲାପରି ଜପିଯାଉଛି । ଶିଶୁ ବୋଲି ଧଇଲାବେଳେ ଯେପରି କଥା କହିବାର ଆନନ୍ଦରେ ମାତି ଏକକଥା ଫେରେଇ ଫେରେଇ ଅକାରଣ ଥରକୁଥର କହିଯାଏ ସେହିପରି ଏ ସନ୍ଧ୍ୟାର ଶ୍ରାନ୍ତିନାହିଁ, ଶେଷନାହିଁ, କି ବୈଚିତ୍ର୍ୟ ନାହିଁ ।

ଆଜି ଜଡ ସନ୍ଧ୍ୟା ପ୍ରକୃତିର ଯେ ହଠାତ୍ କଣ୍ଠ ଖୋଲିଯାଇଛି ଏବଂ ସେ ନିଜେ ସ୍ତବ୍ଧ ହୋଇ ନିଜର କଥା ନିଜେ ଶୁଣି ମୁଗ୍ଧ ହୋଇଯାଉଛି ଏ ଅଭିନବ ବ୍ୟାପାର ମଧ୍ୟ ଆମଭିତରେ ଗୋଟିଏ ତନ୍ତ୍ରୀ ସ୍ପର୍ଶ କରୁଛି— ଆମ ମନର ଏହାରିପରି ଗୋଟିଏ କିଛି ଅନବରତ କହିବାକୁ ବ୍ୟାକୁଳ ହୋଇ ଉଠୁଛି । ଏହିପରି ଗୋଟାଏ କିଛି ବଡ କରି କହିବାକୁ ଚାହୁଁଛି, ଏହିପରି ଜଳ ସ୍ଥଳ ଆକାଶକୁ ପୂର୍ଣ୍ଣକରି ଦେବାକୁ ଚାହୁଁଛି ନିଜ କଥାରେ । ପିଲା ମା'କୁ ଡାକିବାକୁ କେବଳ ଯେପରି ମା, ମା, ବୋଲି ଚିତ୍କାରକରି ସବୁକଥାକୁ ବୁଡ଼େଇ ଦେବାକୁ ଚାହେଁ ସେପରି ଗୋଟାଏ ଆକୁଳ ଆକାଙ୍କ୍ଷା ସେଠି ଉଠୁଛି । କିନ୍ତୁ ସେତ ସ୍ପଷ୍ଟକଥାରେ ହବାର ଉପାୟନାହିଁ । ମନ ବ୍ୟାକୁଳ ହୋଇ ଗୋଟାଏ ସୁର୍ ଖୋଜୁଛି ନିଜକୁ ବ୍ୟକ୍ତ କରିବାପାଇଁ । ଜଳର କଲ୍ଲୋଳରେ, ବନର ମର୍ମ୍ମରରେ, ଶରତର ନିର୍ମଳ ଆଲୋକରେ, ବସନ୍ତର ଉଚ୍ଛ୍ୱାସରେ ବିଶାଳ ପ୍ରକୃତିର ଯାହା କିଛି କଥା ସେତ ଆଉ ସ୍ପଷ୍ଟନୁହେଁ— ସେ କେବଳ ଆଭାସରେ ଇଙ୍ଗିତରେ । ଏଇଥିପାଇଁ ପ୍ରକୃତି ଯେବେ ଆଳାପ କରୁଥାଏ ତେବେ ସେ ଆମର ମୁହଁର କଥାକୁ ନିରସ୍ତ କରିଦିଏ, ପ୍ରାଣ ଭିତରେ ଅନିର୍ବଚନୀୟ-ଆଭାସ-ପୂର୍ଣ୍ଣ ସୁର୍‌ଟିକୁ ଜାଗରିତ କରିଦିଏ ।

କଥା ପଦାର୍ଥଟି ମଣିଷର, ସଙ୍ଗୀତ ପ୍ରକୃତିର । କଥା ସୁସ୍ପଷ୍ଟ କାର୍ଯ୍ୟ-କାରଣ-ସମ୍ବନ୍ଧୀୟ ସୀମାଦ୍ୱାରା ଅବଦ୍ଧ; ଆଉ ସଙ୍ଗୀତ ଅସ୍ପଷ୍ଟ ଓ ସୀମାହୀନ ବ୍ୟାକୁଳତାରେ ଉତ୍କଣ୍ଠିତ । ସେଥିପାଇଁ ମଣିଷ କଥାଦ୍ୱାରା ମଣିଷଙ୍କ ସହିତ ଓ ଗାନ ଦ୍ୱାରା ବିଶ୍ୱ ପ୍ରକୃତି ସହିତ ମିଳେ । ଏଇଥିପାଇଁ ମଣିଷ ଯେବେ କଥା ସହିତ ସୁର୍‌ଯୋଗ କରିଦିଏ ସେତେବେଳେ ତା ଆପେ ଆପେ ଚାରିଆଡ଼େ ବ୍ୟାପିଯାଏ—ଏହି ସୁର ମଣିଷର ଅନ୍ତରର ସୁଖ ଦୁଃଖକୁ ଆକାଶର ଜିନିଷ କରିଦିଏ; ପ୍ରଦୋଷ ଉଷାର ବର୍ଣ୍ଣ-ବୈଚିତ୍ର୍ୟ ସହିତ ନିଜ ରଙ୍ଗ ମିଳେଇ ଦେଇ, ଜଗତର ମହାନ୍ ଅବ୍ୟକ୍ତ ସହିତ ଯୁକ୍ତହୋଇ ଦିବ୍ୟ ଅପରୂପତା ଲଭିକରେ, ଏ ସଂସାରର ଦୈନନ୍ଦିନ ସମ୍ପୃକ୍ତ ସଂକୀର୍ଣ୍ଣତା ସହିତ ତାର ଆଉ ଐକ୍ୟ ରହେନା—ସେତେ-ବେଳେ ସେ ଅସୀମ ଅବ୍ୟକ୍ତ, ବିରାଟ ରାଜ୍ୟର ବସ୍ତୁ ।

ଅତଏବ ମଣିଷ ତାର ପ୍ରତିଦିନର ଭାଷା ପ୍ରକୃତିର ଚିରଦିନ ଭାଷା ସହିତ ମିଳେଇ ଦେବାକୁ ପ୍ରଥମରୁ ଚେଷ୍ଟା କରୁଛି । ପ୍ରକୃତିରୁ ରଙ୍ଗ ରେଖାଦେଇ ମଣିଷ



Digitized by srujanika@gmail.com

ଚିନ୍ତାକୁ ଛନ୍ଦରେ ପ୍ରକାଶ କରୁଛି, ପ୍ରକୃତିରୁ ସୁରଛନ୍ଦ ନେଇ ମଣିଷ କାବ୍ୟରଚନା କରୁଛି । ଏହି ଉପାୟରେ ମଣିଷର ଚିନ୍ତା ଅଚିନ୍ତ୍ୟଙ୍କ ଆଡ଼କୁ, ଭାବ ଅଭାବନୀୟଙ୍କ ଆଡ଼କୁ ଯାଉଛି ଓ ତନ୍ମଧ୍ୟରେ ପ୍ରବେଶ କରୁଛି । ଏହି ଉପାୟରେ ମଣିଷର ମନର ଜିନିଷ ଗୁଡ଼ିକ ପ୍ରୟୋଜନର ସଙ୍କୋଚକୁ ଅଡ଼େଇଦେଇ ନିତ୍ୟ ବ୍ୟବହାରର ମଳିନତା ପୋଛି ପକେଇ ଚିରନ୍ତନଙ୍କ ସହିତ ଯୁକ୍ତ ହୋଇ ଏପରି ନବୀନ, ସରସ ଏବଂ ମହତ୍ତ୍ୱ ମୂର୍ତ୍ତିରେ ଦେଖାଦେଉଛି ।

ଆଜି ଏହି ଘନବର୍ଷା ସନ୍ଧ୍ୟାର ଶ୍ରାବଣର ଅନ୍ଧକାରର ଭାଷା ଆମଭାଷା ସହିତ ମିଳିବାକୁ ଚାହୁଁଛି । ଅବ୍ୟକ୍ତ ଆଜି ବ୍ୟକ୍ତ ସହିତ ମିଳିବାକୁ ବ୍ୟାକୁଳ ହୋଇ ଆମ ଦ୍ୱାରରେ ଉପସ୍ଥିତ । ଆଜି ଆଉ ଯୁକ୍ତି ତର୍କ ବ୍ୟାଖ୍ୟା ବିଶ୍ଳେଷଣର ସ୍ଥାନନାହିଁ । ଆଜି କେବଳ ଗାନ — ତା ଛଡ଼ା ଯେ ଆଉ କଥାନାହିଁ ।

ଏଥିପାଇଁ କହୁଛି ଆମକଥା ଆଜିଥାଉ । ସଂସାରର କାମ ଦାମର ସୀମାକୁ ମନୁଷ୍ୟ ଲୋକର ବାଧାକୁ ଟିକିଏ ଘୁଞ୍ଚେଇ ଦିଅ, ଆଜି ସମୁଦାୟ ଆକାଶ ପୂର୍ଣ୍ଣକରି ଯେଉଁ ଶ୍ରାବଣର ଧାରା ତାରି ସୁର୍ ଅଗରେ ହୃଦୟର ଦ୍ୱାର ଖୋଲିଦିଅ, ସେ ସୁରର ଧାରା ଅନ୍ତରରେ ଉଜାଡ଼ି ହୋଇପଡୁ ।

ପ୍ରକୃତି ସଙ୍ଗରେ ମଣିଷର ଅନ୍ତରର ବଡ଼ ବିଚିତ୍ର ସମ୍ବନ୍ଧ । ବାହାରରେ ତାର କର୍ମକ୍ଷେତ୍ରରେ ପ୍ରକୃତିର ଏକପ୍ରକାର ସମ୍ବନ୍ଧ ପୁଣି ଆମ ଅନ୍ତରରେ ତାର ଭିନ୍ନରୂପ । ଦେଖାଯାଉ ସେ କିପରି :—ଗଛର ଫୁଲ । ସେ ଦେଖିବାକୁ ଯେତେ ସୁନ୍ଦର ହେଉ ପଛେ କାମ କରିବାକୁ ସେ ଆସିଛି । ତାର ବେଶ ଭୂଷା ସବୁ କାମ "ଇଞ୍ଜାମ" କରିବାକୁ । ଯେ ପ୍ରକାର ହେଉ ତାକୁ ଫଳ ଫଳାଇବାକୁ ହେବ ନ ହେଲେ ତରୁବଂଶଟି ପୃଥିବୀରୁ ଲୋପ ହୋଇଯାଇଁ ମରୁଭୂମି ହୋଇଯିବ । ଏଥିପାଇଁ ରୂପ ତା'ର ଏଥିପାଇଁ ଗନ୍ଧ ତା'ର । ଭ୍ରମର'ର ମଧୁମକ୍ଷିକା'ର ପଦରେଣୁ ପତନରେ ଯେପରି ତାର ପୁଷ୍ପ ଜନ୍ମର ସଫଳତା ଲାଭର ଉପକ୍ରମ ହେବ ସେ ତାର ସେ ରଞ୍ଜିତ ପାଖୁଡ଼ାଗୁଡ଼ିକ ଝସେଇଦେବ । ତାର ରୂପ, ଗନ୍ଧ ବିସର୍ଜ୍ଜନ ଦେବ; ତାର ଆଉ ସମୟ-ନାହିଁ ରୂପ ଗନ୍ଧରଖି ସେ ଆଉ ବେଶିକ୍ଷଣ ସମୟ ନଷ୍ଟ-କରିବାକୁ ଅକ୍ଷମ ସେ ଅତ୍ୟନ୍ତ ବ୍ୟସ୍ତ । ପ୍ରକୃତିର ବାହାରେ କାମଛଡ଼ା ଅନ୍ୟକଥା ନାହିଁ । ସେଠି କଢି ଫୁଲଆଡ଼କୁ, ଫୁଲ ଫଳଆଡ଼କୁ, ଫଳ ବୀଜଆଡ଼କୁ, ବୀଜ ଗଛଆଡକୁ ଅବିରାମ ଗତିରେ ଛୁଟିଛି, ଯେଉଁଠି ଟିକିଏ ବାଧାପାଇଲା ସେଠି ଆଉ ମାଫ୍ ନାହିଁ, ସେଠି କୌଣସି କୈଫିୟତ କେହି ଗ୍ରାହ୍ୟ କରିବନାହିଁ, ସେଇଠି ତାର ହୁକୁମ ହେଲା "ନା-ମଞ୍ଜୁର" ଅବଲମ୍ବରେ ତାର ସବୁ ଶୁଖି ଝଡ଼ି-ପଡ଼ିବ । ପ୍ରକୃତିର ପ୍ରକାଣ୍ଡ କଚେରୀରେ ଅଗଣ୍ୟ ବିଭାଗ, ଅସଂଖ୍ୟ କାମ । ସୁକୁମାର ଫୁଲଟିକୁ ଯେ ଦେଖୁଛି ଅତି ସୌକି ବାବୁଟିଏ ବେଶ୍ ରଙ୍ଗ ରଙ୍ଗିଆ ପୋଷାକ ବେଶ୍ ମନୋହର ଗନ୍ଧ ସେ ମଧ୍ୟ ଖରା କାକରରେ ଖଟିବାପାଇଁ ଆସିଛି, ତାକୁ ମଧ୍ୟ ପ୍ରତି ପଲକପାଇଁ ଜବାବ ଦେବାକୁ--ହେବ, ବିନା କାରଣରେ ପବନ ଖାଇ ଦୋହଲି ଦୋହଲି ଯେ ଦଣ୍ଡେ ସେ ମଉଜ କରିବ ଏପରି ତାର ସମୟ ନାହିଁ ।

କିନ୍ତୁ ଏହି ଫୁଲଟି ଯେତେବେଳେ ମଣିଷର ଅନ୍ତ-ରରେ ପହଞ୍ଚୁଛି ସେତେବେଳେ ତାର କିଛି ହେଙ୍ଗାମ ନାହିଁ—ସେତେବେଳେ ସେ ପରିପୂର୍ଣ୍ଣ ଅବସରର ମୂର୍ତ୍ତି--ମାନ । ସେଇ ଏକା ଜିନିଷ ବାହାରେ କାର୍ଯ୍ୟ ତତ୍ପର-ତାର ଅବତାର, ମଣିଷର ଅନ୍ତରରେ ଶାନ୍ତି ଓ ସୌନ୍ଦ-ର୍ଯ୍ୟର ପରିପୂର୍ଣ୍ଣ ପ୍ରକାଶ ।

ସେତେବେଳେ ବିଜ୍ଞାନ ଆମକୁ କହୁଛି ତମେ ଭୁଲ୍ ବୁଝୁଛ—ବିଶ୍ୱବ୍ରହ୍ମାଣ୍ଡରେ ଫୁଲର ଏକମାତ୍ର ଉଦ୍ଦେଶ୍ୟ କାମ କରି—ତା ସହିତରେ ଯେଉଁ ସୌନ୍ଦର୍ଯ୍ୟ ମାଧୁର୍ଯ୍ୟର ଅହେତୁକ ସମ୍ବନ୍ଧ ତମେ ଠିକକରି ବସିଛ ତା ତମର ନିଜ ମନ-ଗଢ଼ା-କଥା ।

ଆମ ହୃଦୟ ଉତ୍ତରକରେ "ନା ଭୁଲ ବୁଝି ନାହିଁ" ଏହି ଫୁଲଟି କାର୍ଯ୍ୟର ପରିଚୟ ପତ୍ର ନେଇ ପ୍ରକୃତିରେ ପ୍ରବେଶ କରେ ଆଉ ସୌନ୍ଦର୍ଯ୍ୟର ପତ୍ର ପରିଚୟ ନେଇ ଆମ-ଦୁଆରେ ଆସି ଠିଆହୁଏ—ଗୋଟିଏ ଆଡ଼େ ଆସେ ବନ୍ଧି-ପରି, ଅନ୍ୟଆଡେ ଆସେ ସେ ମୁକ୍ତ ସ୍ୱରୂପରେ—ଏହାର ଗୋଟାଏ ପରିଚୟ ଯେ ସତ ଓ ଅନ୍ୟଟା ମିଛ ତା ମାନିବା କିପରି ? ଏହି ଫୁଲଟି ବୃକ୍ଷ ଲତାମଧ୍ୟରେ ଅନବ-ଚ୍ଛିନ୍ନ କାର୍ଯ୍ୟ କାରଣ ସୂତ୍ରଧରି ଫୁଟିଛି—ଏ କଥାଟା ସତ୍ୟ

Digitized by srujanika@gmail.com

କିନ୍ତୁ ସେ ତ ବାହାରର ସତ୍ୟ, ଅଉ ଅନ୍ତରର ସତ୍ୟ ହେଉଛି "ଅନନ୍ଦାଦ୍ଧ୍ୟେବ ଖଲ୍ୱିମାନି ଭୂତାନି ଜାୟନ୍ତେ" ଫୁଲ ମଧୁକରକୁ କହେ ତୋର ମୋର ପ୍ରୟୋଜନ ସ୍ଥାନକୁ ତୋତେ ଟାଣିଆଣିବ ବୋଲି ମୁଁ ତୋ ପାଇଁ ଏ ବେଶଭୂଷା ପିନ୍ଧିଛି—ପୁଣି ମଣିଷକୁ କହେ ଅନନ୍ଦ ରାଜ୍ୟକୁ ତତେ ଆହ୍ୱାନ କରିବାକୁ ମୋର ଏ ସାଜସଜ୍ଜା । ମଧୁକର ଫୁଲ କଥା ସମ୍ପୂର୍ଣ୍ଣ ବିଶ୍ୱାସ କରି ଦେଖେ ଯେ ସେ ଠକିନାହିଁ, ମଣିଷମନ ମଧ୍ୟ ତାକୁ ବିଶ୍ୱାସକରି ତାକୁ ଧରାଦେଇ ଦେଖେ ଯେ ଫୁଲ ତାକୁ ମିଥ୍ୟା ପ୍ରବଞ୍ଚନାରେ ପକେଇ ନାହିଁ—ଫୁଲ ଯେ କେବଳ ବଣରେ କାମ କରୁଛି ତା ନୁହେଁ ସେ ମଧ୍ୟ ମଣିଷ ମନରେ ତାର ଯା କାମ ତା ବରାବର କରି ଅସୁଛି ।

ଫୁଲ ପ୍ରକୃତି ଦୁଅରେ କର୍ତ୍ତବ୍ୟ ସମ୍ପାଦନ-କାରୀ ଭୃତ୍ୟ, ଅମ ଦୁଅରେ ଅନନ୍ଦ ରାଜ୍ୟ ରାଜାଙ୍କର ଦୂତ । ସୀତାଯେବେ ରାବଣଘରେ ଏକା ବସି କାନ୍ଦୁଥିଲେ ସେତେବେଳେ ଦିନେ ଯେଉଁ ଦୂତ ତାଙ୍କପାଖରେ ଉପସ୍ଥିତ ହେଲା ସେ ରାମଚନ୍ଦ୍ରଙ୍କ ସଂକେତ ମୁଦ୍ରିକା ସଙ୍ଗରେ ଅଣିଥିଲା—ସେତେବେଳେ ସୀତା ବୁଝିଲେ ଏ ଦୂତ ତାଙ୍କ ପ୍ରିୟତମଙ୍କ ପାଖରୁ ଅସିଛି—ସେତେବେଳେ ଜାଣିଲେ ଦୟିତ ତାଙ୍କର ତାଙ୍କୁ ଭୁଲି ନାହାନ୍ତି, ତାଙ୍କୁ ଉଦ୍ଧାର କରିନେବେ ବୋଲି ତାଙ୍କପାଖକୁ ଅସିଛନ୍ତି ।

ଫୁଲ ମଧ୍ୟ ଅମ ପାଖକୁ ସେହି ପ୍ରିୟତମଙ୍କ ସେହି ଦୟିତଙ୍କ ଦୂତ ହୋଇଆସେ । ସଂସାର ସ୍ୱରୂପ ସ୍ୱର୍ଣ୍ଣ-ଲଙ୍କାରେ ଆମେ ବନ୍ଦୀ ହୋଇଅଛୁ । ଏରାଜ ଭୋଗରେ ଅମେ ନିର୍ବାସିତ ହୋଇଅଛୁଁ, ରାକ୍ଷସ ଅମକୁ କହୁଛି "ମୁଁ ତୁମର ପତି ମତେ ଭଜନା କର" କିନ୍ତୁ ସ୍ୱର୍ଣ୍ଣଲଂକାକୁ ଏସଂସାରର ବନ୍ଦୀଶାଳାକୁ ମୁକ୍ତି ରାଜ୍ୟର ଖବର ନେଇ-ଅସେ ଫୁଲ । ସେ ଅସି ଚୁପ୍ ଚୁପ୍ ଅମକୁ କହେ ମୁଁ ଅସିଛି ମତେ ସେ ପଠେଇଛନ୍ତି । ମୁଁ ସେହି ସୁନ୍ଦରଙ୍କ ଦୂତ; ମୁଁ ସେହି ଅନନ୍ଦମୟଙ୍କ ଖବର ନେଇ ଆସିଛି । ଏଲଂକା ଦ୍ୱୀପକୁ, ଏବିଚ୍ଛିନ୍ନତାକୁ ତାଙ୍କର ସେତୁ ବନ୍ଧାହୋଇ-ଗଲାଣି, ସେ ତମୁକୁ ମୁହୂର୍ତ୍ତଙ୍କ ପାଇଁ ଭୁଲି ନାହାନ୍ତି, ସେ ତମୁକୁ ନିଶ୍ଚୟ ଉଦ୍ଧାର କରିନେବେ । ସେ ତମୁକୁ ଟାଣି-ନେଇ ଅପଣାର କରିନେବେ । ମୋହ ତମୁକୁ ଏପରି ଚାରଦିନ ବାନ୍ଧିରଖି ପାରିବ ନାହିଁ । ଯଦି ତେତେବେଳେ ଆମେ ଚେଇଁଥାଉଁ ତ ତାକୁ କହୁଁ 'ତୁ ଯେ ତାଙ୍କଦୂତ ତାର ପ୍ରମାଣ କଅଣ ? ସେ କୁହେ "ହେଇ ଦେଖ, ମୁଁ ସେ ସୁନ୍ଦରଙ୍କ ସଂକେତ ମୁଦ୍ରିକା ନେଇ ଆସିଛି । ଏହାର କିପରି ରଙ୍ଗ; କିପରି ଶୋଭା ।"

ହିଁ ସତ ତ ! ଏତ ତାଙ୍କରି ମୁଦି, ଏତ ସେହି ମିଳନ ମୁଦ୍ରିକା । ଅଉ ସମସ୍ତ ଭୁଲେଇ ତତ୍‌କ୍ଷଣାତ୍ ସେହି ଅନନ୍ଦ-ମୟଙ୍କ ଅନନ୍ଦସ୍ପର୍ଶ ଅମ ଚିତ୍ତକୁ ବ୍ୟାକୁଳ କରିଦିଏ । ସେତେବେଳେ ଅମେବୁଝୁଁ ଏସୁନାର ଲଂକାପୁରୀ ଅମର ସବୁନୁହେଁ, ଏହାପରେ ଅମର ମୁକ୍ତି ଅଛି—ସେଇଠିହିଁ ଆମର ପ୍ରେମର ସାଫଲ୍ୟ ଅମର ଜୀବନର ଚରିତାର୍ଥତା । ପ୍ରକୃତି ଭିତରେ ମଧୁକର ପାଇଁ ଯାହା ଖାଲି ରଙ୍ଗ, ଖାଲି-ଗନ୍ଧ; ଖାଲି ଖାଇବା ଯାଗା, ଦେଖେଇବା ଚିହ୍ନ, ମନୁଷ୍ୟ ହୃଦୟ ପାଇଁ ସେ ସୌନ୍ଦର୍ଯ୍ୟ, ସେ ଅହେତୁକ ଅନନ୍ଦ । ମଣିଷ ମନ ନିକଟକୁ ଯେ ସେ ରଙ୍ଗ ସିହାଇରେ ଲେଖା ପ୍ରେମପତ୍ର ନେଇ ଅସୁଛି ।—

ସେଇଥିପାଇଁ ପ୍ରକୃତି ଯେତେ ତତ୍ପର ହେଉ ଯେତେ କାର୍ଯ୍ୟବ୍ୟସ୍ତ ହେଉ ପଛେ ଅମ ହୃଦୟରେ ତାର ବିନା କାରଣରେ ଗମନା ଗମନ ଅଛି । ବାହାରେ ତାର କର୍ମଶାଳାର ଅଗ୍ନି ଅମ ହୃଦୟରେ ଉତ୍ସବର ଦୀପମାଳା; ବାହାରେ ତାର କର୍ମର ଘର୍ଘର ଘୋଷ ଅମ ଅନ୍ତରରେ ସଙ୍ଗୀତ ହୋଇ ଦେଖାଦିଏ । ବାହାରେ କାର୍ଯ୍ୟ କାରଣର ବନ୍ଧନର ଝଣଝାଣ ଅମ ଅନ୍ତରରେ ଅହେତୁକ ଅନନ୍ଦର ଝଙ୍କାର ।

ବଡ ଅଶ୍ଚର୍ଯ୍ୟ ଏଇଟା ଯେ ଏକାବେଳେକେ ପ୍ରକୃତିର ଏଦୁଇ ପ୍ରକାର ରୂପ—ଏକ ବନ୍ଧନର, ଏକ ମୁକ୍ତିର । ଏକ ରୂପ, ରସ, ଗନ୍ଧ ଭିତରେ ଦୁଇସ୍ୱର ଏକ ପ୍ରୟୋ-ଜନର, ଏକ ଅନନ୍ଦର ।

ଏହି ମୁହୂର୍ତ୍ତରେ ଆଜି ସନ୍ଧ୍ୟାରେ ଶ୍ରାବଣର ଧାରା-ପତନରେ ଯେ ଆକାଶ ମୁଖରିତ ହୋଇଛି ଏ ଅମପାଖରେ ତାର ସବୁ କାମର କଥା, ପ୍ରୟୋଜନର କଥା ଲୁଚିଇ-ଦେଇ ଯାଇଛି । ପ୍ରତ୍ୟେକ ଘାସଟି ପାଇଁ ପ୍ରତ୍ୟେକ ଗଛର ପତ୍ରଟିପାଇଁ ଅନ୍ନପାନର ଯେ ବ୍ୟବସ୍ଥା କରିବା ପାଇଁ ସେ ଅତ୍ୟନ୍ତ ବ୍ୟସ୍ତ । ତା ଆଜି ଏ ଅନ୍ଧାର ଗହଣରେ

Digitized by srujanika@gmail.com

ସେ ଅମ ପାଖରେ ଏକାଥରକେ ଗୋପନ କରିଦେଇଛି, ତାର କୌଣସି ଆଭାସ ମାତ୍ର ଅମକୁ ସେ ଦେଉନାହିଁ । ଆମ ଅନ୍ତରର ସନ୍ଧ୍ୟାକାଶରେ ମଧ୍ୟ ଏହି ଶ୍ରାବଣ ଅତ୍ୟନ୍ତ ଘନ ହୋଇ ଦେଖାଦେଇଛି କିନ୍ତୁ ସେଠାରେ ତାର ଏ କର୍ମଶାଳାର ବେଶ ପୋଷାକ ନାହିଁ, ସେଠି କେବଳ ସଙ୍ଗୀତର ମଜ୍‌ଲିସ୍ ଜମେଇବାକୁ ତାର ଅଗମନ, କେବଳ ଲୀଳାର ଅୟୋଜନରେ ସେ ବ୍ୟସ୍ତ । ସେଥିଲାଗି କ୍ଷଣେ କ୍ଷଣେ ମେଘ ମଲ୍ଲାରର କରୁଣ ସୁର ବାଜି ଉଠୁଛି:—

"ତିମିର ଦିଗଭରି ଘୋର ଯାମିନୀ,
ଅଥିର ବିଜୁରିକ ପାଁତିଆ,
ବିଦ୍ୟାପତି କହେ, କୈସେ ଗୋଁଆୟବି,
ହରିବିନେ ଦିନ୍ ରାତିୟାଁ"

ପହରକୁ ପହର ସେ ଏହି ବାର୍ତ୍ତା ଜଣାଉଛି, ଅରେ ତୁ ଯେ ବିରହିଣୀ—ତୁ ବଞ୍ଚିବୁ କିପରି, ତୋର ଦିନ-ରାତି କିପରି କଟିବ ?

ଯେଉଁ ଚିରଦିନ ରାଜୀବର ନରିଙ୍କୁ ଯେ ପ୍ରାଣ ଚାହୁଁଛି, ନହେଲେ ଦିନ-ରାତି ଯେ ଅନାଥ । ସମସ୍ତ ଆକାଶଟା ବାହୁନି ବାହୁନି କାନ୍ଦି, କହୁଛି ଏ କଥାଟା, ଏ ଦୁଃଖ, ଏ ମରମ ବେଦନା ଯେ ଶେଷ ହେଉନାହିଁ ।

ଆମେ ଯେ ତାଙ୍କରି ବିରହରେ ଏପରି ଦିନ କଟେଉଛୁଁ ଏ ଖବରଟା ଅମର ନିତାନ୍ତ ଜାଣିବା ଦରକାର । କାହିଁକି ନା ବିରହ ଯେ ମିଳନର ଅଙ୍ଗ । ଧୂଆଁ ଯେପରି ନିଆଁ ଜାଳିବାର ଆରମ୍ଭ, ବିରହ ମଧ୍ୟ ସେହିପରି ମିଳନର ଆରମ୍ଭୋଚ୍ଛ୍ୱାସ ।

ଖବର ଆମକୁ ଦିଏ କିଏ ? ବିଜ୍ଞାନ ଯାହାଙ୍କୁ ମନେ କରୁଛି ପ୍ରକୃତି କାରାଗାରର ବନ୍ଧିବୋଲି ଯେଉଁମାନେ କେବଳ ହାତ ଗୋଡ଼ ବନ୍ଧାହୋଇ ଦିନ ରାତି ଗୋଲାମ ଭଳି ଖଟୁଛନ୍ତି, କେବଳ ଜଡ଼ାଙ୍କ ଭଳି କାମ-କରି ଯାଉଛନ୍ତି ସେମାନେ ତ ଏ ଖବର ଦିଅନ୍ତି, ଏ-ବନ୍ଧନ ବେଦନାର ସୁର୍ ଅମ ହୃଦୟରେ ବିରହ ବେଦନା ଗାନ ସେତ ମିଳନର ଆହ୍ୱାନ ସଙ୍ଗୀତ । ଯେଉଁ ସବୁ ଖବର କଥାରେ କୁହାଯାଇ ନ ପାରେ ସେ ଖବର ତ ଏମାନେ ଚୁପ୍ ଚୁପ୍ କରି କହିଯାଆନ୍ତି ଏବଂ ମନୁଷ୍ୟ କବି ସେ ଖବର ଗୁଡ଼ିକୁ ଗାନ ମଧ୍ୟରେ କେତେକ କଥାରେ କେତେକ ସ୍ୱରରେ ବାନ୍ଧି ରଖିଥାଏ:—

"ଭରାବାଦର, ମାହଭାଦର
ଶୂନ୍ୟମନ୍ଦିର ମୋର ।"

ଅଜି କେବଳ ମନେହେଉଛି ଏହି ଯେ ବର୍ଷା, ଏଟା ଅଜି ସନ୍ଧ୍ୟାର ନୁହେଁ, ଏ ଯେପରି ଅମର ସମସ୍ତ ଜୀବନଟା ଯାକର ଅବିରଳ ଶ୍ରାବଣଧାରା । ଯେତେଦୂର ଯାଏଁ ଦୃଷ୍ଟି ଯାଉଛି ଦେଖୁଛୁ ଯେ ସମସ୍ତ ଜୀବନ ଉପରେ ସଙ୍ଗୀହୀନ ବିରହ ସନ୍ଧ୍ୟାର ନିବିଡ଼ ଅନ୍ଧକାର—ଏ ଜୀବ-ଜୀବନକୁ କେନ୍ଦ୍ର କରି ଅଶ୍ରାନ୍ତ ଶ୍ରାବଣଧାରା ବର୍ଷୁଛି; ପହରକୁ ପହର ବଢ଼ିଯାଉଛି କେବଳ ଏହି କଥା କହି:—କୈସେ ଗୋଁଅୟବ ହରି ବିନେ ଦିନ ରାତିୟା କିନ୍ତୁ ତଥାପି ଏ ବେଦନା, ଏ ବ୍ୟାକୁଳ ରୋଦନ, ଏ ବିରହ ଶୂନ୍ୟ ନୁହେଁ—ଏ ଅନ୍ଧକାରରେ ଏ ଗଭୀର ବିରହ ଦୁଃଖରେ ଏ ଧାରା ଶ୍ରାବଣର ଅନ୍ତରତମ ସ୍ଥଳରେ ଗୋଟିଏ ନିବିଡ଼ ରସ ଭର୍ତ୍ତି ହୋଇଅଛି । ଗୋଟିଏ ବିକଶିତ କୁଞ୍ଜବନର ସଜଳଗନ୍ଧ ଅସୁଛି । ଏପରି ଗୋଟିଏ ଅନିର୍ବଚନୀୟ ମାଧୁର୍ଯ୍ୟର ସନ୍ଧାନ ମିଳୁଛି ଯେ ଯାହାପାଇଁ ପ୍ରାଣ ଯେତେବେଳେ କାନ୍ଦିଉଠୁଛି ସେତେବେଳେ ଅଶ୍ରୁସିକ୍ତ ଆନନ୍ଦ ସବୁଦୁଃଖ ସବୁ ବେଦନାକୁ ଚାପିଧରି ଉପରକୁ ଠେଲି ଉଠୁଛି, ସେଠି ଯେ କି ରଙ୍ଗ ରସର ସ୍ରୋତ ବହୁଛି ତା ପାଇଁ ମନ ବ୍ୟାକୁଳ ହୋଇ ଉଠୁଛି ।—

ବିରହ ସନ୍ଧ୍ୟାର ଅନ୍ଧକାର ଯଦି ଖାଲି ଏହା କହି କାନ୍ଦନ୍ତା କିପରି ତୋ ଦିନରାତି କଟିବ ତାହାହେଲେ ସବୁ ରସ ଶୁଖିଯାଆନ୍ତା, ଆଶାର ଅଙ୍କୁର ପର୍ଯ୍ୟନ୍ତ ବଞ୍ଚନ୍ତା-ନାହିଁ;—କିନ୍ତୁ ଖାଲି କିପରି ନୁହେଁତ—କିପରି କଟିବ ହରିବିନେ ଦିନ ରାତିୟା, ସେଥିପାଇଁ ହରିବିନେ କଥା-ଟାକୁ ବେଢ଼ି ଏତେ ଅବିରଳ ଅଜସ୍ର ବର୍ଷଣ ! ଚିରଦିନ ରାତି ଯାହାକୁ ନେଇ କଟିଯିବ, ଏପରି ଗୋଟିଏ ଚିର-ଜୀବନର ଧନ କେହି ଅଛି । ତାକୁ ନ ପାଇଲି ତ ନାହିଁ, ତାକୁ ନ ପାଇଲି ପଛେ ତଥାପି ସେ ଅଛିତ ବିରହର ସମସ୍ତ ବକ୍ଷ ଅବୁରି ସେ ଅଛି; ସେହି ହରି ବିନେ କୈସେ ଗୋଁଅୟବ ଦିନ ରାତିୟା ! ଏହି ଜୀବନ ବ୍ୟାପୀ ବିର-ହର ଯେଉଁଠ ଆରମ୍ଭ ସେଠି ଯେ ଯେଉଁଠି ଅବସାନ ଏବଂ ତା ମଧ୍ୟରେ ଗଭୀର ଭାବରେ ପ୍ରଚ୍ଛନ୍ନ ରହି ଯେ କରୁଣକୋମଳ ବଂଶୀ ବାଉଛନ୍ତି ସୋହି' ହରି ବିନେ କୈସେ ଗୋଁଅୟବ ଦିନରାତିୟା ।'

Digitized by srujanika@gmail.com




## ପୋକମାନେ କ'ଣ ଶୁଣିପାରନ୍ତି ?

ପୋକମାନେ କ'ଣ ଶୁଣିପାରନ୍ତି ? ଦୁଇଗୋଟି ଜାତିର ପୋକ ସେମାନଙ୍କର ଯୌନମିଳନ ସଙ୍ଗେ ସଂପୃକ୍ତ କେତେକ ପ୍ରକାର ବିଶେଷ ଶବ୍ଦ ଶୁଣି ପାରୁଥିବାର ପ୍ରମାଣ ମିଳୁଥିଲେ ମଧ୍ୟ ସାଧାରଣରେ ଏ ନିୟମ ପ୍ରଯୋଜ୍ୟ ନୁହେଁ ।

ମେରୁଦଣ୍ଡ ହୀନ ପ୍ରାଣୀମାନଙ୍କ ଶ୍ରବଣେନ୍ଦ୍ରିୟ ବିଷୟରେ ଆମ୍ଭେମାନେ ବେଶୀକଥା ଜାଣିନାହୁଁ, ସ୍ଥୂଳତଃ ମେରୁଦଣ୍ଡୀ ପ୍ରାଣୀମାନଙ୍କ ପରି ସେମାନଙ୍କର ଶବ୍ଦବୋଧ କରିବା ଗୋଟିଏ ବିଶେଷ ଇନ୍ଦ୍ରିୟ ଯେ ନାହିଁ ଏକଥା ଅନେକଙ୍କ ଧାରଣା । ଶ୍ରବଣ ଯନ୍ତ୍ରଟି କେବଳ ମେରୁଦଣ୍ଡୀ ପ୍ରାଣୀମାନଙ୍କର ବିଶେଷ ସମ୍ପତ୍ତି ।

କିନ୍ତୁ ଶ୍ରବଣେନ୍ଦ୍ରିୟ ଅଭାବରେ ଏପରି ପୋକମାନଙ୍କର ତ ବିଶେଷ କିଛି ଅସୁବିଧା ହେବାର ଦେଖାଯାଏନାହିଁ । କାହିଁକି ?

ତାହାର କାରଣ ଅଛି । ପ୍ରାଣିତତ୍ତ୍ୱବିତ୍‌ମାନେ କହନ୍ତି କୀଟ ଦେହର ସ୍ନାୟୁ ମଣ୍ଡଳୀ ମେରୁଦଣ୍ଡୀ ପ୍ରାଣିମାନଙ୍କ ଅପେକ୍ଷା ଅଧିକ ପରିପୁଷ୍ଟ ଓ କାର୍ଯ୍ୟକ୍ଷମ । ଶ୍ରବଣେନ୍ଦ୍ରିୟ ନଥିଲେ ସୁଦ୍ଧା ଏମାନଙ୍କର ଦୃଷ୍ଟି, ଘ୍ରାଣ ଓ ସ୍ପର୍ଶ ଶକ୍ତି ଏତେ ପ୍ରବଳ ଯେ ଶ୍ରବଣ ଇନ୍ଦ୍ରିୟର ଅଭାବ ଏମାନଙ୍କୁ ଜଣାଯାଏନାହିଁ ।

କିନ୍ତୁ ଏ ନିୟମ କଣ ସମସ୍ତ ପ୍ରକାର କୀଟମାନଙ୍କ ପକ୍ଷେ ପ୍ରଯୋଜ୍ୟ ?

କେତେକ ଜାତୀୟ ଝିଞ୍ଜିକା ଓ ପାଣି ପୋକ ସେମାନଙ୍କ ସଙ୍ଗୀମାନଙ୍କୁ ଡାକିଲାବେଳେ ଡେଣା ଓ ଗୋଡ଼ଦ୍ୱାରା ଏକପ୍ରକାର ଶବ୍ଦ କରିବାର ଶୁଣାଯାଏ । ସେହି ଶବ୍ଦଶୁଣି ବହୁଦୂରରୁ ଦୁଇଟି ପୋକ ମଧ୍ୟ ଏକତ୍ର ମିଳିତ ହୁଅନ୍ତି । ଅନ୍ଧାର ରାତିରେ ସୁଦ୍ଧା ଏହି ଶବ୍ଦଦ୍ୱାରା ସେମାନଙ୍କ ମିଳନରେ କୌଣସି ପ୍ରକାର ଅସୁବିଧା ହେବାର ଦେଖାଯାଇନାହିଁ ।

ଅନ୍ଧାରରାତିରେ ଅନେକ ସମୟରେ ଦେଖିଥିବ ଝିଙ୍କାରି ଓ ମୁଣ୍ଡକଟା ପୋକମାନେ ଏ ପ୍ରକାର ଡାକ ଦେଲାବେଳେ ସେମାନଙ୍କ ନଖ (antennæ) ଦୁଇଟା ବରାବର ହଲାଉଥାନ୍ତି ଓ ସେହି ଶବ୍ଦରେ ଆକୃଷ୍ଟ ହୋଇ ସେମାନଙ୍କର ସାଥିମାନେ ବହୁଦୂରରେ ଥାଇ ସୁଦ୍ଧା ସେହିପରି ଅଭିନୟ କରୁଛନ୍ତି । ଏଥିରୁ ଜଣାଯାଏ ଶବ୍ଦ ଗ୍ରହଣ କରିବା ବିଷୟରେ ସେମାନଙ୍କର ନଖ ଦୁଇଟା ବୋଧହୁଏ କିଛି ସାହାଯ୍ୟ କରୁଥିବ ।


କିନ୍ତୁ କେବଳ ଅନୁମାନ ଉପରେ ନିର୍ଭର କରି କିଛି କୁହାଯାଇ ନ ପାରେ । କେବଳ ପୋକ ଶବ୍ଦ କଲାବେଳେ ନଖ ହଲାନ୍ତି ବୋଲି ସବୁ ଜାତି ପୋକଙ୍କ ପକ୍ଷେ ଏହା ସ୍ୱାଭାବିକ ହୋଇ ନ ପାରେ ।

ଥରେ ଦୁଇଟି ଏକଜାତୀୟ ଝିଙ୍କାରିଙ୍କୁ ଆଣି ଏକ ସ୍ଥାନରେ ରଖାଯାଇଥିଲା । ପ୍ରତିଦିନ ଅଣ୍ଡିରା ଝିଙ୍କାରିଟି ଶବ୍ଦ କଲାବେଳେ ଦେଖାଯାଏ ମାଈ ଝିଙ୍କାରି ସେହି ଆଡକୁ ମୁହଁକରି ନଖ ହଲାଉଛି । ପରୀକ୍ଷା କରିବାଲାଗି ଥରେ ଅଣ୍ଡିରା ଝିଙ୍କାରିଟିକୁ ମାଈପାଖରୁ ଅଲଗାକରି ନିଆଗଲା ଓ ମାଈ ନିକଟରେ ଅଣ୍ଡିରା ଝିଙ୍କାରିର ଶବ୍ଦ ଅନୁରୂପ ଦୁଇଟି ଗୋଡ଼ାଘସି ଶବ୍ଦ କରାଗଲା ।



Digitized by srujanika@gmail.com

ହେଲା । ଦେଖାଗଲା ମାଈ ଝିଙ୍କାରି ସେ ଶବ୍ଦପ୍ରତି ଅବୌ ଅବହିତ ନୁହେଁ । ଏପରିକି ସେ ଶବ୍ଦ ସେ ଶୁଣି ପାରୁଥିଲାପରି ସୁଦ୍ଧା ବୋଧ ହେଲାନାହିଁ । ପୁଣି ଅଣ୍ଡିରା ଝିଙ୍କାରିଟି ଶବ୍ଦ କଲାମାତ୍ରେ ମାଈ ସେହି ଆଡ଼କୁ ମୁହଁ ଫେରାଇ ଏକାନ୍ତ ନିବିଷ୍ଟ ଭାବରେ ସେ ଶବ୍ଦ ଶୁଣୁଛି !



ପତଙ୍ଗ-ବିଶ୍ରମ୍ଭାଳାପ
ହଠାତ୍ ଲମ୍ବ ନାହୁଡ଼ବାଲ ନେଳ ଝିଂଝିକା ସୁଦୀର୍ଘ ସମୟ ପର୍ଯ୍ୟନ୍ତ
ପ୍ରେମ-ଚର୍ଚ୍ଚାରେ ନିଯୁକ୍ତ

ଆଉଥରେ ଗୋଟିଏ ଝିଣ୍ଡିକା ପାଖରେ ଗୋଟିଏ ବେହେଲା ଛଡ଼ର ଶବ୍ଦ କରାଯାଇଥିଲା । ଖଣ୍ଡେ ପାତଳ ବାଉଁଶପାତିଆ ଧାରଉପରେ ବେହେଲା ଛଡ଼ ଧୀରେ ଧୀରେ ଚଲାଇଲେ ସେଥିରୁ ଠିକ୍ ଝିଣ୍ଡିକା ଡାକିଲାପରି ଶବ୍ଦ ବାହାରିବ, କିନ୍ତୁ ଏହି ଶବ୍ଦ ପୂର୍ବୋକ୍ତ ଝିଣ୍ଡିକାର ଅତି ନିକଟକୁ ନେଇ ଦେଖାଗଲା ଶବ୍ଦପ୍ରତି ତା'ର ଅବୌ ଲକ୍ଷ୍ୟନାହିଁ । ଏପରିକି ସେ ଶବ୍ଦ ସେ ଶୁଣିପାରୁଥିବା ପରି ସୁଦ୍ଧା ଜଣାଗଲା ନାହିଁ ।

କେତେକ କହନ୍ତି କୀଟ ପତଙ୍ଗମାନଙ୍କର ଶ୍ରବଣେନ୍ଦ୍ରିୟ ସେମାନଙ୍କ ଗୋଡରେ ଥାଏ । ଅଗ ଗୋଡ଼ର ମଧ୍ୟସ୍ଥାନରେ ଗୋଟିଏ ଶ୍ରେଷ୍ଠ ଛିଦ୍ର ଦେଖାଯାଏ; ତାହାରି ଭିତରେ ମାଛମାନଙ୍କ ଶ୍ରବଣେନ୍ଦ୍ରିୟପରି ଅନେକଗୁଡ଼ାଏ ଘନ ସନ୍ନିବିଷ୍ଟ ପର୍ଦ୍ଦା ସମଷ୍ଟିରେ ଏହି ଶ୍ରବଣେନ୍ଦ୍ରିୟଟି ଗଢ଼ା । କିନ୍ତୁ ଅତି ଯାହା ହେଉପଛେ ଶ୍ରବଣବ୍ୟାପାର ସଙ୍ଗେ ଏ ଛିଦ୍ରର ଯେ କୌଣସି ସମ୍ପର୍କନାହିଁ ଏହା ସହଜରେ ପ୍ରମାଣ କରାଯାଇପାରେ ।

ହଠାତ୍ ଧରା ପଡ଼ିଗଲେ ଶତ୍ରୁହାତରୁ ରକ୍ଷା ପାଇବାକୁ ଝିଣ୍ଡିକା ଓ ଗଙ୍ଗେଇ ଜାତୀୟ ପୋକମାନେ ସେମାନଙ୍କ ଅଗଗୋଡ଼ଟି ଛିଣ୍ଡାଇଦେଇ ପଳାଇ ଯାଇଥା'ନ୍ତି ଓ ସେମାନଙ୍କ ଢ଼ଙ୍ଗ ଢ଼ାଙ୍ଗରୁ ଏହି ଗୋଡ଼ କଟିଯିବା ଦ୍ୱାରା ସେମାନଙ୍କର ବିଶେଷ କଷ୍ଟ ହୋଇଥିଲାପରି ଜଣା ପଡ଼େନା । ଥରେ ଗୋଟିଏ ମାଈ ଗଙ୍ଗେଇ ପୋକର ଅଗଗୋଡ଼ ଦୁଇଟିଯାକ ଛିଣ୍ଡାଇ ଦେଇ ଦେଖାଯାଇଛି ସେ ତତ୍‌କ୍ଷଣାତ୍ ଅଳ୍ପ ଦୂରରେ ଶବ୍ଦ କରୁଥିବା ତାର ପୁରୁଷ ସାଥି ଆଡ଼କୁ ମୁହଁକରି ନିଶ ହଲାଇବାକୁ ଲାଗିଲା ଓ ଧୀରେ ଧୀରେ ସେ ଆଡକୁ ଅଗ୍ରସର ହେଲା ।

ପୁଣି କେତେକ ଜାତିର ଝିଙ୍କାରିଙ୍କ ଗୋଡ଼ରେ ଏପ୍ରକାର ଶ୍ରବଣେନ୍ଦ୍ରିୟ (?) ର ଚିହ୍ନ ନଥାଇ ସୁଦ୍ଧା ଶବ୍ଦଦ୍ୱାରା ସେମାନେ ଅନ୍ଧକାରରେ ମଧ୍ୟ ପରସ୍ପର ପ୍ରତି ଆକୃଷ୍ଟ ହେଉଅଛନ୍ତି ।

ଅନେକ ସମୟରେ ଦେଖାଯାଇଛି ପ୍ରଜାପତି ଓ ଅନ୍ୟ କେତେକ ଜାତିର ପୋକ, ଯେଉଁମାନଙ୍କର ନିଶ ବହୁମୁଖୀ ( Branched ) ସାଧାରଣ ପରୀକ୍ଷାରେ ସେମାନଙ୍କୁ ସମ୍ପୂର୍ଣ୍ଣ ବଧୀର ବୋଲି ଜଣାଗଲେ ସୁଦ୍ଧା ଶତ୍ରୁ ଆଗମନର ଅତି କ୍ଷୀଣ ଶବ୍ଦଦ୍ୱାରା ସେମାନଙ୍କର ନିଶ ଆନ୍ଦୋଳିତ ହୁଏ ଓ ସେମାନେ ଉଡ଼ି ପଳାନ୍ତି ।

ଏହି କଥା ପରୀକ୍ଷା କରିବାଲାଗି ଥରେ ଗୋଟିଏ ପ୍ରଜାପତି ପାଖରେ ଅନେକ ପ୍ରକାର ଶବ୍ଦ କରାଯାଇଥିଲା । ଗୋଟିଏ ଟିଣ ପେଁକାଳି, ଗୋଟିଏ ଶୁଶୁରୀ ଓ ଝାଞ୍ଜ ପ୍ରଜାପତିର ୨।୩ ଫିଟଦୂରରେ ରହି ଏହିପରି କେତେକ ପ୍ରକାରର ଖୁବ୍ ଉଚ୍ଚ ଓ ମୃଦୁ ଶବ୍ଦ, ନାନାଭାବରେ କରି ଦେଖାଗଲା ପ୍ରଜାପତିଟି ସେଥିରୁ ଶବ୍ଦ କେଁ ଶୁଣିପାରୁଥିବା-




Digitized by srujanika@gmail.com

ଧରି ବୋଧ ହେଉନାହିଁ । ଅନ୍ୟ ସମୟରେ ସାମାନ୍ୟ ଟିକେ ଗନ୍ଧ, ଟିକେ ସ୍ପର୍ଶ ବା ଶତ୍ରୁ ଆଗମନର କୌଣସି ସାମାନ୍ୟ ଚିହ୍ନରେ ସେ ମୁହୂର୍ତ୍ତକେ ଉଡ଼ି ପଳାନ୍ତି, ଏତେ ଗୁଡ଼ାଏ ଅଦ୍ଭୁତ ଶବ୍ଦ ଏତେ ନିକଟରେ କରି ମୁଦ୍ଧା ସେ ସେ ଆଡ଼କୁ ଆଦୌ ଅବହିତ ହେଲାନାହିଁ । ଏପରିକି ତା'ର ନିଶ-ଦୁଇଟା ମୁଦ୍ଧା ସେ ଆଡ଼କୁ ଟିକେ ଉଦ୍ୟତ କଲାନାହିଁ । ଶେଷରେ ଗୋଟିଏ ଛୋଟ ବନ୍ଧୁକ ଆଣି ପ୍ରଜାପତିଟିର ୩ଫିଟ ଦୂରରେ ତାହା ଫୁଟାଗଲା, କିନ୍ତୁ ସେଥିରେ ମଧ ତାର ଚୈତନ୍ୟ ନାହିଁ । କେବଳ ବନ୍ଧୁକ ଫୁଟାଇବାର ଭୟଙ୍କର ଶବ୍ଦଜନିତ ବାୟୁ ମଣ୍ଡଳର ପ୍ରବଳ ଆନ୍ଦୋଳନରେ ତା'ର ଡେଣା ଦୁଇଟା ଥରକାଲାଗି ଟିକେ ଥରି ଯାଇଥିଲା ।

ସେହିପରି ଆଉ କେତେ ରକମର ମଧୁର ଶବ୍ଦ ମଧ୍ୟ ଆଉ ଗୋଟିଏ ପ୍ରଜାପତି ପାଖରେ କରି ଦେଖାଯାଇଛି ଯେ ସବୁ ଶବ୍ଦ ପ୍ରତି ଯେପରି ତାର ଲକ୍ଷ୍ୟ ନାହିଁ, କିମ୍ବା ଯେପରି ସେ ତାହା ଆଦୌ ଶୁଣି ପାରୁନାହିଁ !

ଆଉଥରେ ଗୋଟିଏ ପ୍ରଜାପତି ପଛଆଡୁ ଅତି ସନ୍ତର୍ପଣରେ ହାତ ବଢ଼ାଇ ଦେଖା ଯାଇଛି, ହାତ ତା'ର ନିକଟବର୍ତ୍ତୀ ହେବା ପୂର୍ବରୁ ସେ ଉଡ଼ି ପଳାଇଛି । ଶତ୍ରୁ ଆଗମନର ଏହି ଅତିକ୍ଷୀଣ ସଙ୍କେତ ତେବେ ସେ କିପରି ଜାଣିପାରିଲା ?

ଅନ୍ଧାର ରାତିରେ, ବଣ ଭିତରେ କେତେଥର ବନ୍ଧୁକ ଫୁଟାଇ ଦେଖିଛୁ; ସେ ଶବ୍ଦଦ୍ୱାରା ଝିଙ୍କାରିମାନଙ୍କର ନୈଶ-ସଙ୍ଗୀତାଳାପରେ ତିଳେମାତ୍ର ବ୍ୟାଘାତ ଘଟିନାହିଁ; ଏପରିକି ଅତି ନିକଟବର୍ତ୍ତୀ ଝିଙ୍କାରିଗୁଡ଼ିକ ମୁଦ୍ଧା ସେ ଶବ୍ଦ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ; ଅଥଚ ସେମାନଙ୍କର ପରସ୍ପର ମଧ୍ୟରେ ଯେଉଁ ( ବନ୍ଧୁକ ଶବ୍ଦ ତୁଳନାରେ ) କ୍ଷୀଣ ଶବ୍ଦ ବ୍ୟବହୃତ ହୁଏ ତାହା ସେମାନଙ୍କର ସ୍ୱଜାତି-ମାନେ ସ୍ପଷ୍ଟ ଶୁଣିପାରିବାର ଯଥେଷ୍ଟ ପ୍ରମାଣ ମଧ୍ୟ ପାଇଛୁ ।




ଏହି ପ୍ରଜାପତିଟି ତା'ର କେତେକ ଫୁଟ ଦୂରରେ ବଜା ହେଉଥିବା ବଂଶୀ ପେଁକାଳିର ଉଚ୍ଚ ଶବ୍ଦ ଶୁଣିପାରୁଥିବାପରି ବୋଧ ହେଉନାହିଁ

କିନ୍ତୁ ପିମ୍ପୁଡ଼ିମାନେ ଏ ନିୟମର ବହିର୍ଭୂତ ଥିବାପରି ଜଣାପଡ଼େ । ଶବ୍ଦ ବ୍ୟାପାର ନେଇ ପିମ୍ପୁଡ଼ିମାନଙ୍କ ଉପରେ ମଧ୍ୟ କେତେପ୍ରକାର ପରୀକ୍ଷା ହୋଇଛି । ସେଥିରୁ ମୋଟାମୋଟି ଜଣାଯାଏ, ପିମ୍ପୁଡ଼ିମାନେ ବଡ଼ ଓ ସ୍ପଷ୍ଟ ଶବ୍ଦ (ଯେପରି ବନ୍ଧୁକ ଶବ୍ଦ, ହାତ ତାଳି, ଇତ୍ୟାଦି) ପ୍ରତି ଅବହିତ ହେଉଥିବାର ଲକ୍ଷଣ ପ୍ରକାଶ କରୁଥିଲେ ମୁଦ୍ଧା ବଂଶୀ ବା ପେଁକାଳି ଶବ୍ଦ ପ୍ରତି ଏକାଥରକେ ବଧୀର ଥିଲାପରି ଜଣାଯାଏ ।

ଏଥିରୁ ଏହି ସିଦ୍ଧାନ୍ତରେ ଉପନୀତ ହେବାକୁ ହେଉଛି ଯେ ପୋକମାନଙ୍କ ଶ୍ରବଣ ବ୍ୟାପାର ସଙ୍ଗେ ସେମାନଙ୍କର ଯୌନମିଳନ ବ୍ୟାପାରର ଘନିଷ୍ଠ ସମ୍ପର୍କ ରହିଛି । ଅର୍ଥାତ୍ ଦୃଷ୍ଟି ଘ୍ରାଣ ଓ ସ୍ପର୍ଶଦ୍ୱାରା ଯେଉଁ ପୋକମାନଙ୍କର ଯୌନମିଳନରେ ପ୍ରାୟ ବାଧା ଘଟେ, ସେହି ଜାତୀୟ ପୋକମାନଙ୍କର ଶବ୍ଦଦ୍ୱାରା ଏକାର୍ଯ୍ୟ ସମ୍ପନ୍ନ ହୁଏ ଏବଂ ସେହିମାନଙ୍କରହିଁ ଶ୍ରବଣେନ୍ଦ୍ରିୟ ଦେଖାଯାଏ କିନ୍ତୁ ମେରୁଦଣ୍ଡୀ ପ୍ରାଣୀମାନଙ୍କପରି ସେମାନଙ୍କର ଏ ଶ୍ରବଣେନ୍ଦ୍ରିୟ ବାୟୁ ମଣ୍ଡଳରେ ଉଦ୍ଭୂତ ଯାବତୀୟ ଶବ୍ଦ

Digitized by srujanika@gmail.com



ସେ ଶୁଣି ପାରୁଛ ? ତରୁଣ ବୟସ୍କ ଏହି ଝିଂକାରିଟି ବେହେଲା ଛଡ଼ିର  କଚ୍ କଚ୍’ ଶବ୍ଦର
ଅସନ୍ତୁଷ୍ଟ ହେଲପରି ବୋଧ ହେଉନାହିଁ

ଶୁଣିନ ପାରି କେବଳ ଅପଣା ଭିତରେ ତାଙ୍କର ନିଜର ଡ଼ାକ-ମାନ ଶୁଣିପାରନ୍ତି ।

ଏ ସିଦ୍ଧାନ୍ତ ଯେ ସମ୍ପୂର୍ଣ୍ଣ ଅଭ୍ରାନ୍ତ ତାହା ମୁଁ କହୁନାହିଁ, କେବଳ ଅନୁମାନ ମାତ୍ର । ବାରୁଣୀର ପାଠକମାନେ ଇଚ୍ଛା-କଲେ କୀଟପତଙ୍ଗମାନଙ୍କର ଏହି ଅପୂର୍ବ ରହସ୍ୟ ତତ୍ତ୍ୱ ଘରେ ବସି ନିଜେ ନିଜେ ଅନୁଧ୍ୟାନକରି ପାରନ୍ତି, ଏବଂ ତାହାଦ୍ୱାରା ସେମାନେ ଯଥେଷ୍ଟ ଅମୋଦ ଓ କୀଟ ପତଙ୍ଗମାନଙ୍କ ବିଷ-ୟରେ ଅନେକ ନୂତନ ତଥ୍ୟ ଅବିଷ୍କାର କରିପାରିବେ— ଏଥିରେ ତିଳମାତ୍ର ସନ୍ଦେହର ଅବକାଶ ନାହିଁ ।

---

## ସ୍ନେହଲତା

କୃଷ୍ଣଚନ୍ଦ୍ର କର

—୧—

ଶୁଣିଅଛୁ ଦେବ !            ଦେବ–କଲ୍ୟାଣି ଗୋ !
    ସ୍ନେହଲତେ ! ତୋର ମଧୁର ନାମ,
ଶୁଣିଛୁ ଲଲତେ !            ତୋ ଯୋଗୁଁ ଧରା ଗୋ !
    ସ୍ୱରଗଭୂମି ଏ ମରତଧାମ ।
କୋଟି ଲୋକମୁଖେ            ଶୁଣିଛୁ ଲଲନେ !
    ଲୀଳାମୟି ! ତୋର ଗୌରବ-ପ୍ରଭା;
ଶୁଣିଛୁ ସରଳେ !            ଦେବ କମଲେ ଗୋ !
    ଶିରେ ତୋର ଜବା--କୁସୁମ-ଶୋଭା ।

ଶୁଣିଛୁ ସିନା ଗୋ,            ତୋରୂପ-ମାଧୁରୀ,
    ନ ଦେଖି କେମନ୍ତେ ଯାଅନ୍ତୁ ପ୍ରତେ ?
କୋମଳ ତୋ ବାଣୀ,            ଗୁରୁ–ସୀମନ୍ତିନ !
    ଶୁଣି ଏବେ ସତ ଯାଉଛୁ ସତେ ।
ଶୈଶବ–ସମୟେ            ହାଶ-ହାସିନ ଗୋ !
    ଅବକାଶ ଥିଲା ଚଉ-କୁସୁମ,
କଳଙ୍କା କେମନ୍ତେ            ଅକଳଙ୍କା ତୋର
    ଗୁଣ-ଜ୍ୟୋତି, ଅହା ! ଅଜ୍ଞାନ-ଧୂମ ?

Digitized by srujanika@gmail.com

ଜାଣିତ ମୁଁ ଜାଣି— ନଥିଲ ସଜନ !
ସଜଫୁଲ-ତୋର ତୋ ସଜମାନ;
ଭାବ ତ ମୁଁ ଭାବ— ନଥିଲ ଭାବନ !
ଭାବର ତୋ ଭାବ-ବିଭବ--ଗାନ !
କୈଶୋରଛ ସରି— ଗଲା ଗୋ ଜଣୋରି !
ଅବସର ତେବେ ପାଇଲନାହିଁ,
ଦେଖିଥିଲେ ସିନା ତୋ ପଦ-ଚିହ୍ନ ଗୋ,
ଉଦ୍‌ବେଗେ ତା ପଛେ ଥାଅନ୍ତ ଧାଇଁ !
ଅସିଲା ଯୌବନ ନବ-ଯଉବନେ !
ତୋ ପାଇଁ ପରାଣ ହେଲା ଅକୁଳ,
ଅକଳ-ପ୍ରଣୟ- ବାରିଧିରେ ସଖି !
ନ ପାଇଲ କାହିଁ ଅଶ୍ରୟ-କୂଳ ।

—୨—

ସେକାଳେ ରୂପସୀ କେଉଁ ଦେଶୁଁ ଅସି
ନିବିଡ଼ ଅଶ୍ଳେଷେ ଧରି ମୋ ପାଣି,
ବକ୍ଷେ ବକ୍ଷ ଦେଇ ଅଲକ୍ଷେ ରଖିଲା
ଗୋଲାପ-ଅଧର ହୃଦୟ ଠାଣି ।
ନବୀନାର ସେହ ପବନ ଅଶ୍ଳେଷେ
ଥର ଥର କମ୍ପି ଉଠିଲା ଅଙ୍ଗ,
ନବୀନ ପୁଲକେ ମାତିଉଠିଲ ଗୋ;
ଲଭି ସେ ମଧୁର ପରଶ-ସଙ୍ଗ ।
ତରୁଣୀର ଭୃରୁ— ଗ୍ଳଲିତ ଗ୍ନହାଣୀ
ହରିଲା ହୃଦର ଯେତେକ ତ୍ରାସ;
ଶିହରି ଉଠିଲା ଅବେଗେ ପରାଣ,
ଖେଳିଲା ଯୌବନେ ଅନନ୍ତ-ରାସ ।
ସଶିତ ନଥିଲି କେବେ ଗୋ ରୂପସି !
ସୁଷମାର ତୋର ସୁପଥ ଦେଶେ,
କେଉଁ ଜ୍ଞାନବଳେ ଜାଣିଥାନ୍ତି କହ,
ଅଦରିଣୀ ବୋଲି ସେ ନବବେଶେ ?

—୩—

ବିସ୍ମୟେ ବୋଇଲି, "ଅପରିଚିତେ ଗୋ;
କେମନ୍ତେ ଯୁବତି ! ଚିହ୍ନିଲ ମୋତେ ?
"କେଉଁ ବିଳାସୀର ଗଳାହାର ଦେବ !
ଭସାଇଲ ପ୍ରାଣ ପୀରତି-ସ୍ରୋତେ ?
"କହ କହ ସଖି ! ଏଡ଼େ ନିରିମାଖି
ମୋ ପରି ଜଣେ ଗୋ, ଜଗତେ ନାହିଁ;
"ଖୋଜ ଖୋଜ ସାରା— ମହୀ, ଅଜଯାଏ
ସ୍ନେହ ଟିଣୀଙ୍କି ନ ଦେଖିଲ କାହିଁ" !
ଗ୍ନହୁଁ ଗ୍ନହୁଁ ବାଳା ପଦତଳେ ଲୋଟି
ପ୍ରୀତିଭରେ ଧୂଳି ହୋଇଲା ବୋଲି,
ଗୋଲି ହୋଇଗଲା ଦେହେ ପୁଣି ଅସି
ଧରନ୍ତେ ଅଞ୍ଚଳ ଭୂମିରୁ ତୋଳି ।
ପ୍ରେମଭୋଳେ ବେନ ନୟନୁ ଗଡ଼ିଲା
ଥପ ଥପ ବେନ ଲୋତକ--ଧାର,
ପରଶମାତ୍ରକେ ଥରିଉଠିଲା ସେ
ଢ଼ଳ ଢ଼ଳ ବେନ ନୟନ--ତାର ।
ଅଚଞ୍ଚଳ କଣ୍ଠେ କହିଲା ଚଞ୍ଚଳା
"ନୁହେଁ ମୁଁ ଦେବ ହେ ! ଅପରିଚିତା,
"ଶ୍ରୀପଦ-କମଳେ ମତି ଦେବାପାଇଁ
କାହିଁ ପାଇଁ ତେବେ ହୁଅନ୍ତ ଭୀତା ?
"ମନେ ତବ ଅଜ ପଡ଼େ କି ଯୁବକ ?
ରୋପିଥିଲ ଯେଉଁ ସ୍ନେହ-ଅଙ୍କୁର,
"ବିଭୁ-ଶୁଭାଶିଷ— ସଲିଳେ ଅଜ ସେ
ଧରିଛୁ ଶିରେ ଏ ନୂତନ ଫୁଲ ।
"ପ୍ରାଣମାତ୍ର ଦେଇ ଗ୍ଳଲିଗଲ କାହ,
[ଅଉ] ଦେଖିଲା ନାହିଁ ସେ ସୌମ୍ୟ ମୂରତି
"ଜନମ କାଳରୁ ଦୁଃଖ-ଶୋକ ଘାତେ
ମଳିନା ହେଲା ସେ ବିଣମାଳତୀ ।
"ଝଡ଼ ବତାସର ଶତ ଅତ୍ୟାଗ୍ନର
ବହିଲା କୋମଳା-ଦୁର୍ବଳ-ବକ୍ଷେ,
"ତଥାପି ସହି ଏ ଦୁଃସହ ଯାତନା
ଗ୍ନହିଁଛୁ ଅଶାର ନଶୂନ୍ୟ ପଥେ" !
ସେହି ଯା କୋମଳ ପରଶ, ଅଧର-
ସ୍ମିତ ପାଇ ଏତେ ବିଷାଦ, ବ୍ୟଥା;
ସମ୍ମୁଖେ ସଖା ହେ ! ପରମ ପୀଡ଼ିତା
ଏହି ସେ "ଅଶ୍ରିତା ସ୍ନେହର ଲତା" ।

Digitized by srujanika@gmail.com




## ପୁରାଣ—ପ୍ରସଙ୍ଗ

ବା

( ପୁରାଣ—ବିଜ୍ଞାନ )

ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ

### ସ୍ମୃତି ଓ ଶ୍ରୁତି

ହିନ୍ଦୁ ଧର୍ମଶାସ୍ତ୍ର ସକଳ ଦୁଇଭାଗରେ ବିଭକ୍ତ— ଶ୍ରୁତି ଓ ସ୍ମୃତି । ଏହି ବିଭାଗୀକରଣରେ ସୁନ୍ଦର, ଯୁକ୍ତିସଙ୍ଗତ କାରଣ ବିଦ୍ୟମାନ । ଅପରିପକ୍ୱ ମସ୍ତିଷ୍କ ଓ ଅଳ୍ପ ଜ୍ଞାନର ଜନସାଧାରଣ ପାଇଁ ସ୍ମୃତି ଉଦ୍ଦିଷ୍ଟ । ଯେଉଁ-ମାନଙ୍କର ଜ୍ଞାନ ମାର୍ଜିତ ଓ ଉନ୍ନତ ଏବଂ ବିଚାରଶକ୍ତି ପରିପକ୍ୱ, ସେମାନଙ୍କ ନିମନ୍ତେହିଁ ଶ୍ରୁତି ପ୍ରଣୀତ । ଏହାର କାରଣ କଣ ?

ଆଧୁନିକ ଯୁଗରେ, ଶ୍ରେଷ୍ଠ ବାଳକ ବାଳିକା-ମାନଙ୍କୁ ଅଗେ ସରଳ ସହଜ ଭାଷାରେ ଲିଖିତ ବହି ସବୁ ପଢ଼ିବାକୁ ଦିଆଯାଏ—ଏ ହେଉଛି ଶିଶୁମାନଙ୍କର ପ୍ରାଥମିକ ଶିକ୍ଷାପୁସ୍ତକ, କିନ୍ତୁ ସେମାନଙ୍କର ବୟସ ଓ ବୋଧଶକ୍ତି କ୍ରମେ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ, ସେମାନଙ୍କ ଶିକ୍ଷାପାଇଁ କିଛି ଉନ୍ନତ ଧରଣର, ଅପେକ୍ଷାକୃତ କଠିନ ଭାଷା ଓ ଭାବର ପୁସ୍ତକମାନ ନିର୍ବାଚିତ କରାଯାଇଥାଏ । ଯେଉଁ ଶିଶୁମାନଙ୍କର ଜ୍ଞାନ ତୀକ୍ଷ୍ଣ ଓ ସତେଜ ନୁହେଁ, ସେମାନେ ସେମାନଙ୍କ ଅପେକ୍ଷା ଉଚ୍ଚତର ଶ୍ରେଣୀର ସୀମା ସ୍ପର୍ଶ କରିବାକୁ ଅକ୍ଷମ ହୋଇ ପଡ଼ନ୍ତି—ଜଟିଳ ବିଷୟ ଆଦୌ ଉପଲବ୍ଧି କରି ପାରନ୍ତିନାହିଁ । ଏହା ଅବଶ୍ୟ ଜଣା ଶୁଣା କଥା । ଅଧିକରେ, ସରଳ ସୁକୁମାରମତି ଶିଶୁ ଅବଧାରିତ ନୀତିସକଳ ହୃଦୟଙ୍ଗମ କରିବାକୁ ଏକାନ୍ତ ଅସମର୍ଥ । ସୁତରାଂ କାହାଣୀ, ସଙ୍କେତ, ଶିକ୍ଷାପ୍ରଦ କ୍ରୀଡ଼ା କୌତୁକ [ Kindergarten lessons ], ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଇତ୍ୟାଦି ଅନବଚ୍ଛିନ୍ନ ବିଶେଷ ପ୍ରଣାଳୀ [ concrete methods ] ସହାୟ୍ୟରେ ତାକୁ ଉଚ୍ଚ ନୀତିଶିକ୍ଷା ଦେବାକୁ ହୁଏ । ମତ ବା ଧର୍ମ ସମ୍ବନ୍ଧରେ ବି ଏହି କଥା ।—ଏହି ପ୍ରଣାଳୀହିଁ ଅନୁସୃତ । ଈଶ୍ୱରତତ୍ତ୍ୱ ଆତ୍ମା ଓ ଉଚ୍ଚ ଜଗତତତ୍ତ୍ୱ—ଏହା ହେଉଛି ପ୍ରତ୍ୟେକ ଧର୍ମର ସାଧାରଣ ବିଷୟ । ଈଶ୍ୱର, ଆତ୍ମା ଇତ୍ୟାଦି ଚକ୍ଷୁରେ ଦେଖିବା କିମ୍ବା ହାତରେ ସ୍ପର୍ଶ କରିବା, କଥା



Digitized by srujanika@gmail.com

ନୁହେ—ଧ୍ୟାନ ଧାରଣା ଓ ଆଧ୍ୟାତ୍ମିକ ଜ୍ଞାନ ବଳରେ ବିଶ୍ୱାସ କରିବାର ବିଷୟ ମାତ୍ର । ଏଭଳି ସମସ୍ତ ଆଧ୍ୟାତ୍ମିକ ତତ୍ତ୍ୱ, ମହାସତ୍ୟ—ମୂର୍ଖ, ଅଶିକ୍ଷିତ ଲୋକେ ବୁଝିପାରିବେ କିପରି ? ପୁରାଣଲେଖକମାନଙ୍କ ଆଗରେ ଏହାହିଁ ପ୍ରଧାନ ସମସ୍ୟା ।

ବିଦ୍ୱାନ୍ ନିକଟରେ ନାନାରକମ ଉଚ୍ଚ ଓ ଜଟିଳ ଆଧ୍ୟାତ୍ମିକ ବିଷୟର ଆଲୋଚନା ଏବଂ ଦାର୍ଶନିକ ବାଦାନୁବାଦ ସୁନ୍ଦର ଚାଲିପାରେ; କିନ୍ତୁ ମୂର୍ଖବ୍ୟକ୍ତି ନିକଟରେ ନୁହେଁ । ମୂର୍ଖଲୋକ ଆଗରେ ଜଟିଳ, ଉଚ୍ଚ ନୀତିସବୁ ବାଢ଼ି ବସିଲେ, ସେ ଏକାବେଳକେ ହତବୁଦ୍ଧି ହୋଇପଡ଼େ ଏବଂ ବ୍ୟସ୍ତ ବିରକ୍ତ ହୋଇ ନିଜ ଧର୍ମ ପର୍ଯ୍ୟନ୍ତ ତ୍ୟାଗ କରି ବସେ । ଅନ୍ଧ-ବିଶ୍ୱାସହିଁ ତାହାର ଏକମାତ୍ର ସମ୍ବଳ । ତାହା ମନରେ ଅନ୍ତତଃ ଅନ୍ଧ ଧର୍ମାନୁରାଗ ଜନ୍ମାଇବା-ପାଇଁ; ତାହାକୁ ପରୋକ୍ଷ ଭାବରେ—ନିତାନ୍ତ ସରଳ ଓ ପ୍ରତ୍ୟକ୍ଷ ଉପଦେଶ ଛଳରେ—ନୀତିଶିକ୍ଷା ଦେବା ଆବଶ୍ୟକ । ପ୍ରାକୃତିକ ମହାସତ୍ୟ ସକଳର ସାଙ୍କେତିକ ଦୃଷ୍ଟାନ୍ତ ଅଶିକ୍ଷିତ ଆଗରେ ଅବଗତ କରିବା ଦରକାର । ଅଧ୍ୟାତ୍ମ-ଜଗତର ସେହି ସତ୍ୟ ସମ୍ବନ୍ଧରେ ତାହାକୁ ପୁନଃ ପୁନଃ ଗଳ୍ପ, କାହାଣୀ ଶୁଣାଇବା ଉଚିତ । ଅପରିଣତ ଜ୍ଞାନର ଲୋକମାନେ ଶିକ୍ଷାପାଇଁ ପୁରାଣଲେଖକଗଣ ଏହି ପ୍ରଣାଳୀହିଁ ଅନୁସରଣ କରିଛନ୍ତି । ପକ୍ଷାନ୍ତରରେ ବେଦ ସକଳ ଉନ୍ନତ-ଜ୍ଞାନ-ସଂପନ୍ନ ବ୍ୟକ୍ତିମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ମନୁଷ୍ୟର ବୁଦ୍ଧି ଓ ଜ୍ଞାନ ଯେତିକି ଉନ୍ନତ ବେଦାନୁଶୀଳନ ଦ୍ୱାରା ତାହାର ସେହି ପରିମାଣରେ ମାନସିକ ଉନ୍ମେଷ ହୋଇଥାଏ ।

ଅତି ପୁରାତନ ଯୁଗରେ ଚତୁର୍ବିଧ ଜାତି ମଧ୍ୟରେ ପରସ୍ପର ପ୍ରଭେଦ ଥିଲା । ଏହି ଜାତିଭେଦ ପ୍ରଥାନୁସାରେ ଶୂଦ୍ର ନିମ୍ନତମ ସ୍ଥାନ ପାଇଥିଲା, ଏବଂ ବ୍ରାହ୍ମଣ ତାହାର ଆଧ୍ୟାତ୍ମିକଜ୍ଞାନ ଓ ସାଧନାବଳରେ ଅଧିକାର କରିପାରିଥିଲା ଉଚ୍ଚତମ ଆସନ । ସେହି ସମୟରେ ଶୂଦ୍ରମାନଙ୍କ ନିମନ୍ତେ ପୁରାଣସକଳ ଏବଂ ଅନ୍ୟ ତିନି ଜାତିପାଇଁ ଚତୁର୍ବେଦ ଉଦ୍ଦିଷ୍ଟ ଥିଲା, କିନ୍ତୁ ଆଜି କାଲି ଯେଉଁ ଜାତିପ୍ରଥା ପ୍ରଚଳିତ, ସେଥିରେ ପୂର୍ବର ସେହି କଠୋର ନିୟମ ନାହିଁ, ସେହି ସୁଦୃଢ଼ ବନ୍ଧନ ନାହିଁ । ଏଣୁ ପ୍ରାଚୀନକାଳର ମୂଳ-ନୀତିଟି ମାତ୍ର ସ୍ପଷ୍ଟ ବୁଝି, ଆବଶ୍ୟକୀୟ ପରିବର୍ତ୍ତନାଦି ସହିତ ତାହା ଆଧୁନିକ ସମାଜରେ ପ୍ରୟୋଗ କରିବା ଶ୍ରେୟସ୍କର । ଏହି କାରଣରୁହିଁ ଅନୁନ୍ନତ ଜ୍ଞାନପ୍ରାପ୍ତ ଲୋକ-ମାନଙ୍କୁ ଶିକ୍ଷା ଦେବା ଉଦ୍ଦେଶ୍ୟରେ, ପୁରାଣରେ ନାନାରକମ ପ୍ରତ୍ୟକ୍ଷ ଉପଦେଶ ବା ଅନୁଶାସନ ବାକ୍ୟ, କାହାଣୀ ଓ ଧର୍ମର ସଂକ୍ଷିପ୍ତ ସାର ଭରତି କରାଯାଇଛି ।

ହିନ୍ଦୁଜାତିର ଅଧ୍ୟୟନ ପାଇଁ କେବଳ ବେଦ ନିର୍ବାଚିତ ହୋଇଥିଲେ ଜନସାଧାରଣ ତାହା ହୃଦୟଙ୍ଗମ କରିବାକୁ ଏକାନ୍ତ ଅସମର୍ଥ ହୋଇ ଆଧ୍ୟାତ୍ମିକ ସାଧନା-ସ୍ପୃହାରୁ ଏକାବେଳକେ ବଞ୍ଚିତ ହୋଇ ପଡ଼ନ୍ତେ । ଆମ୍ଭେମାନେ ଉତ୍ତମରୂପେ ଜାଣୁଁ ଯେ, ଜଗତର ଅଧି-କାଂଶ ଲୋକ ଅଶିକ୍ଷିତ ଏବଂ ଜ୍ଞାନବାନ୍ ବ୍ୟକ୍ତିଙ୍କ ସଂଖ୍ୟା ଅତି କମ୍ । ଅଧିକାଂଶ ହିନ୍ଦୁଙ୍କୁ ଆଧ୍ୟାତ୍ମିକତାରୂପ ଖାଦ୍ୟ ନଦେଇ କ୍ଷୁଧାରେ ପକାଇ ରଖିବା କଦାପି ସମୀଚୀନ ଓ ନ୍ୟାୟସଙ୍ଗତ ନୁହେଁ ।

ଆଜକାଲି ଶିକ୍ଷିତ, ଜ୍ଞାନସଂପନ୍ନ ଲୋକମାନଙ୍କର ସୁଦ୍ଧା ପୁରାଣପାଠ କରିବା ଉଚିତ । ଆବଶ୍ୟକୀୟ ଅବଧା-ରିତ ନୀତି ଏବଂ ଉଚ୍ଚ ଆଧ୍ୟାତ୍ମିକ ସତ୍ୟ ସକଳ ପୁରାଣରେ ଦୃଷ୍ଟାନ୍ତ ସାହାଯ୍ୟରେ ବୁଝାଇ ଦିଆଯାଇଛି । ଏଣୁ ପ୍ରଥମରେ ପୁରାଣ ନପଢ଼ି ଉନ୍ନତ ଜ୍ଞାନଭଣ୍ଡାର ଅର୍ଜ୍ଜନ କରିବାକୁ ଗଲେ, ଆମ୍ଭମାନଙ୍କ ପକ୍ଷରେ ଉଚ୍ଚ ଉନ୍ନତ ନୀତିଶିକ୍ଷା ହୃଦୟଙ୍ଗମ କରିବା ନିତାନ୍ତ କଷ୍ଟକର ହୋଇ-ଉଠିବ । ଦୁଃଖର କଥା—ଆମ୍ଭେମାନେ ଆଜକାଲି ଏହାହିଁ କରିଥାଉଁ—ପ୍ରଥମ ପାହାଚରେ ପାଦ ନଦେଉଣୁ ଏକା-ବେଳକେ ଘରଗ୍ରତ ଉପରକୁ ଉଠିବାକୁ ଚେଷ୍ଟା କରିଥାଉଁ ।

ପୁରାଣସମୂହରେ ଚତୁର୍ଦ୍ଦଶ ଜଗତର ଉଲ୍ଲେଖ ଦେଖାଯାଏ । ସପ୍ତଲୋକ ଓ ସପ୍ତତଳ ହେଉଛି ଚତୁର୍ଦ୍ଦଶ ଜଗତ । ସପ୍ତଲୋକର ନାମ ପ୍ରାଣାୟାମ ଗାୟତ୍ରୀରେ ଦେଖି-ବାକୁ ପାଉଁ । ଭୂଃ, ଭୁବଃ ଓ ସ୍ୱଃ—ଏହି ତିନିନାମ ଗାୟତ୍ରୀ ଏବଂ ବେଦର ଅନ୍ୟାନ୍ୟ ମନ୍ତ୍ରସମୂହରେ ସନ୍ନିବିଷ୍ଟ । ପୁରାଣ ସାହାଯ୍ୟରେ ଏହି ସମସ୍ତ ଜଗତର ଅର୍ଥ ଆମେ ନ

Digitized by srujanika@gmail.com

ବୁଝି ବେଦାଲୋଚନାରେ ପ୍ରବେଶ କଲେ ବେଦର ସାରାଂଶ ଧରିହୁଏ ନାହିଁ—ବେଦବର୍ଣ୍ଣିତ ମହାସତ୍ୟ ସତ୍ ହୃଦୟମଧ୍ୟରେ ସ୍ଥାନ ପାଏନାହିଁ ।

ଅନ୍ୟ ଏକ ଉଦାହରଣସ୍ୱରୂପ, ପଞ୍ଚମ ବେଦ ମହାଭାରତରେ ଦିଆଯାଇଥିବା ଅଗ୍ନି-ଦେବତା ଚରିତ୍ରର ଆଲୋଚନା କରାଯାଉ । ଖାଣ୍ଡବ ବନ ବିବିଧ ଅନିଷ୍ଟକର ପ୍ରାଣିମାନଙ୍କ ଅତ୍ୟାଚାରରେ ଉତ୍ପୀଡ଼ିତ ହେବାରୁ, ଅଗ୍ନି-ଦେବତା ଦିନେ ବ୍ରାହ୍ମଣରୂପ ଧରି ଶ୍ରୀକୃଷ୍ଣଙ୍କ ସହିତ ସାକ୍ଷାତ୍ କଲେ, ଏବଂ ବନଟି ଅତିଶୀଘ୍ର ନଷ୍ଟ କରିଦେବା ପାଇଁ ତାଙ୍କୁ ଅନୁରୋଧ କଲେ । ଅଗ୍ନିଦେବତାଙ୍କର ହେତୁ ବିବୃତ [ Rational ] ନ ବୁଝିଲେ, ଏବଂ ସେ କେଉଁ ସାଧନାବଳରେ ମାନବରୂପ ଧରି ପାରିଥିଲେ ତାହା ନଜାଣିଲେ, ବେଦରେ ଲେଖାଯାଇଥିବା ଅଗ୍ନି-ସମ୍ବୋଧନ-ସୂଚକ ମନ୍ତ୍ରଟିର ପ୍ରକୃତ ଅର୍ଥ ଓ ମହତ୍ତ୍ୱ ସ୍ପଷ୍ଟ ବୁଝିବା ନିତାନ୍ତ କଠିନ ହୋଇ ପଡ଼ିବ । "ଅଗ୍ନି-ମୀଳେ ପୁରୋହିତ"—ମନ୍ତ୍ରଟି ଏଭଳି ଅର୍ଥ କରାଯାଇଛି, ଏଣୁ ଅନେକେ ଭାବନ୍ତି, ଅଗ୍ନିହିଁ ଅନନ୍ତ ମହିମାମୟ ଈଶ୍ୱର । ମନରେ ଏହି ଧାରଣାକୁ ସ୍ଥାନ ଦେଇ ସେମାନେ ବୈଦିକ ମନ୍ତ୍ରଗୁଡ଼ିକୁ ଏକାବେଳେକେ ବିକୃତ କରି-ପକାନ୍ତି । ଅଗ୍ନି ସଙ୍ଗେ, ବାୟୁ ଓ ଅନ୍ୟାନ୍ୟ ମହାଭୂତଙ୍କୁ ମଧ୍ୟ ଈଶ୍ୱର ବୋଲି ନ ମାନିବା କାହିଁକି ? ଏହି କାର-ଣରୁ ମହାଭାରତ ଆଦିପର୍ବରେ କହାଯାଇଛି—"ଇତିହାସ ପୁରାଣାଭ୍ୟାଂ ବେଦଂ ସମୁପବୃଂହୟେତ୍ " । ଇତିହାସ ଓ ପୁରାଣ ଅବଲମ୍ବନରେ ବେଦଶିକ୍ଷା କରିବା ଓ ବେଦ-ଶିକ୍ଷାଦେବା ବିଧେୟ । ଛାନ୍ଦୋଗ୍ୟ ଉପନିଷଦ୍ ଏକ ବିଶେଷ ପ୍ରମାଣ-ସଂପନ୍ନ [ Authoritative ] ଗ୍ରନ୍ଥ । ଏହି ଉପନିଷଦ୍‌ରେ ସନତ୍କୁମାର—ନାରଦ କଥୋପ-କଥନ ପ୍ରଦତ୍ତ ହୋଇଅଛି । ସନତ୍କୁମାର ନାରଦଙ୍କୁ ଉପଦେଶ ଦେବାବେଳେ, ସେ ପ୍ରାଧାନ୍ୟ ଦୃଷ୍ଟିରେ ଚତୁର୍ବେଦ ପରେ ସକଳ ଇତିହାସ ଓ ପୁରାଣକୁ ପଞ୍ଚମ-ସ୍ଥାନ ଦେଇଛନ୍ତି । ଏଥିରୁ ସ୍ପଷ୍ଟ ପ୍ରତିପନ୍ନ ହୁଏ ଯେ, ଆଧୁନିକ ଯୁଗରେ ଏକା ଅଶିକ୍ଷିତ କାହିଁକି, ପୂର୍ଣ୍ଣ ଶିକ୍ଷା-ପ୍ରାପ୍ତ ଲୋକଙ୍କ ପକ୍ଷରେ ସୁଦ୍ଧା ପୁରାଣପାଠ ଅତ୍ୟାବଶ୍ୟକ ଓ ବିଶେଷ ହିତକର ।

ପାଶ୍ଚାତ୍ୟ ଜଗତରେ ଖ୍ରୀଷ୍ଟଧର୍ମର ବର୍ତ୍ତମାନ ଅବସ୍ଥା ପ୍ରତି ଥରେ ଦୃଷ୍ଟି ଦିଆଯାଉ । ଜନସାଧାରଣଙ୍କୁ ଖ୍ରୀଷ୍ଟ ମତର ଘନିଷ୍ଠ ସଂସ୍ରବରେ ଆଣିବା ଅଭିପ୍ରାୟରେ, ଖ୍ରୀଷ୍ଟିଆନ୍‌ମାନେ ସେମାନଙ୍କ ମତକୁ ( Religion ) ଯଥାସମ୍ଭବ ସରଳ ଓ ସୁବୋଧ କରିଛନ୍ତି—ତହିଁରେ ଅଳ୍ପ କେତୋଟିମାତ୍ର ନୀତି, ଉପଦେଶ ଭରତି କରିଛନ୍ତି । ଏହି ଧର୍ମରେ ଚାରୋଟି ପ୍ରଧାନନୀତି ସନ୍ନିବିଷ୍ଟ — ପରମେଶ୍ୱରଙ୍କର ଜନକତ୍ୱ, ମାନବର ଭ୍ରାତୃତ୍ୱ, ଯୀଶୁଖ୍ରୀଷ୍ଟଙ୍କ ଅବତାର ଓ ପ୍ରତିନିହିତ ପ୍ରାୟଶ୍ଚିତ୍ତ ( vicarious atonement ) । ଏହାର ଫଳ କିନ୍ତୁ ହୋଇଛି କଣ ? ଜନସାଧାରଣ ଅତି ସହଜରେ ଅନୁଶାସନ ବାକ୍ୟ ବା ନୀତିସବୁ (Dogmas) ଗଳାଧଃକରଣ କରିପକାଇଲେ; କିନ୍ତୁ ଶିକ୍ଷିତ ସମ୍ପ୍ରଦାୟ ସେଥିରେ ତୃପ୍ତନୁହନ୍ତି । ଶିକ୍ଷିତ ଲୋକେ ନୀତି ସକଳ ଗ୍ରହଣକରିବା ପୂର୍ବେ ପ୍ରବଳଯୁକ୍ତି, ବାଦାନୁବାଦ କରନ୍ତି ଏବଂ ସେହି ସମସ୍ତ କି ହେତୁ ଗ୍ରହଣ କରାଯିବ ତାହାର ଉପଯୁକ୍ତ ଓ ଶକ୍ତିଶାଳୀ କାରଣ ଲୋଡ଼ି ବସନ୍ତି । ଏଣୁ ଶିକ୍ଷିତ ସମ୍ପ୍ରଦାୟ ନାସ୍ତିକ, ସଂଶୟବାଦୀ ଇତ୍ୟାଦି ହୋଇଉଠିଲେ ।

ଆଜିକାଲି Sir Oliver Lodge ଙ୍କ ଭଳି ବିଜ୍ଞାନ ପଣ୍ଡିତଗଣ ଖ୍ରୀଷ୍ଟଧର୍ମକୁ ଗୋଟିଏ ବୈଜ୍ଞାନିକ ଭିତ୍ତିଉପରେ ପ୍ରତିଷ୍ଠିତ କରିବାପାଇଁ ବରାବର ଉଦ୍ୟମ ଲଗାଇଛନ୍ତି । ଏହି ଚେଷ୍ଟା ସଫଳହେଲେ ଉଚ୍ଚଶିକ୍ଷିତ, ଜ୍ଞାନସମ୍ପନ୍ନ ବ୍ୟକ୍ତିମାନେ ସୁଦ୍ଧା ଖ୍ରୀଷ୍ଟଧର୍ମର ଅନୁସରଣ କରିବାକୁ ସମର୍ଥ ହେବେ ବୋଲି ଏମାନଙ୍କର ଦୃଢ଼ ଧାରଣା । ଶିକ୍ଷିତ ସମ୍ପ୍ରଦାୟର ଆଧ୍ୟାତ୍ମିକ ଅଭାବ ଦୂରକରିବା-ସକାଶେ ଏମାନେ ବର୍ତ୍ତମାନ ପ୍ରୟାସୀ । ଏଥିରୁ ସ୍ପଷ୍ଟ ଧରାଯାଏ ଯେ, ଜଟିଳତାହିଁ ଉଚ୍ଚ ଉନ୍ନତ ଆଧ୍ୟାତ୍ମିକ ଅବସ୍ଥାର ପ୍ରଧାନ ଲକ୍ଷଣ ।

ପ୍ରାଚୀନ ଭାରତରେ, ଜନସାଧାରଣ ଓ ଶିକ୍ଷିତ ସମ୍ପ୍ରଦାୟର ଏକମାତ୍ର ଆଶ୍ରୟସ୍ଥଳ ଥିଲା ସନାତନ ଧର୍ମ । ସର୍ବସାଧାରଣ ପାଇଁ ସ୍ମୃତି ଏବଂ ଶିକ୍ଷିତଲୋକମାନଙ୍କ ନିମନ୍ତେ ଶ୍ରୁତି ନିର୍ଦ୍ଦିଷ୍ଟ ହୋଇଥିଲା । କେହି କେହି ଠେସଦେଇ କହନ୍ତି ଯେ, ସ୍ମୃତିପାଠ ଏକାବେଳକେ ଉଠିଯିବା ଦରକାର ଏବଂ ସେଥିରେ କ୍ଷତି ଛଡ଼ା

Digitized by srujanika@gmail.com

ଲଭନାହିଁ । ଅମର ଧାରଣା କିନ୍ତୁ ଅନ୍ୟ ରକମର । ସ୍ମୃତିପାଠ ରହିତ କରାଗଲେ, ଅଶିକ୍ଷିତ ଲୋକେ ଯେ ଅଧାର୍ମିକ ମାତିଶିଯାଲଭରୁ ଏକାବେଳକେ ବଞ୍ଚିତ ହେବେ ଏଥିରେ କୌଣସି ସନ୍ଦେହ ନାହିଁ । ବହୁକାଲଯାଏଁ ପାଶ୍ଚାତ୍ୟ ଶିକ୍ଷିତ ସମ୍ପ୍ରଦାୟ ଏହି ଦଶା ଭୋଗିଥିଲେ, କିନ୍ତୁ ଅନାଦର ବିଷୟ, ଅଳ୍ପ କେତେକବର୍ଷ ହେଲା ସେମାନଙ୍କର ମାନସିକ ଗତି ବଦଳିଛି—ଅଧାର୍ମିକତା ଦିଗରେ ଦୃଷ୍ଟି ଫେରିଛି ।

ଅତଏବ ସ୍ମୃତି ଓ ଶ୍ରୁତି, ଉଭୟର ଅନୁସରଣ ଅନୁଶୀଳନ କରିବା ଏକାନ୍ତ ବାଞ୍ଛନୀୟ । କେବଳ ମୂର୍ଖତାଯୋଗୁଁ ସ୍ମୃତି ଠିକ୍ ବୁଝାଯାଉନାହିଁ ବୋଲି ଯେ ତାହା ଏକାବେଳକେ ଅଗ୍ରାହ୍ୟ, ତ୍ୟାଜ୍ୟ, ଏ ଭଳି ବିବେଚନା କରିବା ବିବେକୀର ଧର୍ମ ନୁହେଁ । ସ୍ମୃତିଶାସ୍ତ୍ର ସମ୍ବନ୍ଧରେ Madame Blavatsky ଯେଉଁ ସମସ୍ତ ଉପାଦେୟ ବିଷୟର ଉଲ୍ଲେଖ କରିଛନ୍ତି, ତାହାର ସାହାଯ୍ୟ ନେଇ ପୁରାଣ—ଅଲୋଚନାରେ ପ୍ରବୃତ୍ତହେଲେ ତାହା ସହଜ ସୁବୋଧ ହୋଇପଡ଼ିବ ଏବଂ ସ୍ମୃତିଗର୍ଭରେ ଯେ କି ଅନନ୍ତ ଅମୂଲ୍ୟ ଜ୍ଞାନଭଣ୍ଡାର ସଞ୍ଚିତ ଅଛି, ତାହା ଅନାୟାସରେ ଧରାଯାଇପାରିବ । ପ୍ରଧାନତଃ ବିଷ୍ଣୁପୁରାଣଟି ସମ୍ପୂର୍ଣ୍ଣ ବୁଝିନେଲେ ଅନ୍ୟାନ୍ୟ ପୁରାଣ ବିଷୟ କ୍ରମେ ଜ୍ଞାନର ଅୟତ୍ତ ହୋଇପାରିବ ।

ମୋଟେ ୩୬ ଖଣ୍ଡ ପୁରାଣ ପ୍ରଚଳିତ । ସେଥିମଧ୍ୟରୁ ପ୍ରକୃତ ଓ ପ୍ରଧାନ ପୁରାଣ ଅଠରଗୋଟି । ଉପପୁରାଣ ଗୁଡ଼ିକର ସଂଖ୍ୟା ମଧ୍ୟ ୩୬ । ଉପପୁରାଣ ଅପେକ୍ଷା ପୁରାଣସବୁ ଅଧିକ ପ୍ରମାଣ-ଇଡ଼ିତ ଓ ଗୁରୁତ୍ୱବିଶିଷ୍ଟ ବିବେଚିତ । ଅଧିକନ୍ତୁ, ସମସ୍ତ ଉପପୁରାଣ ଦେଖିବାକୁ ମିଳେନାହିଁ । 'ଦେବୀ ଭାଗବତ' ନାମକ ପୁରାଣରେ ନିମ୍ନଲିଖିତ ଉପପୁରାଣ ସମୂହର ଉଲ୍ଲେଖ ଅଛି :—

୧ ସନତ୍କୁମାର ୨ ନୃସିଂହ ୩ ନାରଦୀୟ ୪ ଶିବ ୫ ଦୁର୍ବାସା ୬ କପିଳ ୭ ମାନବ ୮ ଔଶନସ ୯ ବରୁଣ ୧୦ କାଳିକା ୧୧ ଶାମ୍ବ ୧୨ ନନ୍ଦୀ ୧୩ ସୌର ୧୪ ପରାଶର ୧୫ ଆଦିତ୍ୟ ୧୬ ମହେଶ୍ୱର ୧୭ ଭାଗବତ ୧୮ ବଶିଷ୍ଠ ।

ବିଷ୍ଣୁପୁରାଣ ଓ ଭାଗବତରେ ନିମ୍ନଲିଖିତ ପୁରାଣ-ସମୂହ ଉଲ୍ଲିଖିତ :—

୧ ବ୍ରହ୍ମା ୨ ପଦ୍ମ ୩ ବିଷ୍ଣୁ ୪ ଶିବ ୫ ଭାଗବତ ୬ ନାରଦ ୭ ମାର୍କଣ୍ଡେୟ ୮ ଅଗ୍ନି ୯ ଭବିଷ୍ୟ ୧୦ ବ୍ରହ୍ମବୈବର୍ତ୍ତ ୧୧ ଲିଙ୍ଗ ୧୨ ବରାହ ୧୩ ସ୍କନ୍ଦ ୧୪ ବାମନ ୧୫ କୂର୍ମ ୧୬ ମତ୍ସ୍ୟ ୧୭ ଗରୁଡ଼ ୧୮ ବ୍ରହ୍ମାଣ୍ଡ ।

କୂର୍ମପୁରାଣରେ ଅଗ୍ନିପୁରାଣର ନାମୋଲ୍ଲେଖ ନାହିଁ ଏବଂ ତାହା ବଦଳରେ ବାୟୁପୁରାଣର ନାମ ଦିଆଯାଇଛି । ବାୟୁ ପୁରାଣରେ ଗରୁଡ଼ ଓ ବ୍ରହ୍ମାଣ୍ଡ ପୁରାଣ ପରିବର୍ତ୍ତରେ ବାୟୁ ଓ ନୃସିଂହପୁରାଣର ନାମ ଲେଖାଅଛି । ଏଭଳି ୧୮ ଗୋଟି ପ୍ରଧାନ ପୁରାଣର ନାମୋଲ୍ଲେଖରେ ସାମାନ୍ୟ କିଛି ପ୍ରଭେଦ ଦେଖାଯାଏ । ଦେବୀ ଭାଗବତ ଅଥବା ଭାଗବତ ଏ ଦୁଇଟିରୁ କେଉଁ ପୁରାଣଟି ପ୍ରଧାନ ପୁରାଣ ତାଲିକାର ଅନ୍ତର୍ଭୁକ୍ତ କରାଯାଇପାରେ, ଏହି ବିଷୟ ନେଇ ମତ-ଭେଦ ଦେଖାଯାଏ । ଏହି ମତଭେଦ ଯୋଗୁଁ ବୋଧ-ହୁଏ Madame Blavatsky କେବଳ ବିଷ୍ଣୁ ପୁରାଣକୁ ପ୍ରାଧାନ୍ୟ ଦେଇ ସେଥିରୁ ଅନେକ ବିଷୟ ଉଦ୍ଧୃତ କରିଛନ୍ତି ।

ଉଇଲ୍‌ସନ [Wilson] ନାମକ ଜନୈକ ପାଶ୍ଚାତ୍ୟ ପଣ୍ଡିତ ବିଷ୍ଣୁପୁରାଣର ଇଂରେଜି ଅନୁବାଦ ଲେଖିଛନ୍ତି । ପ୍ରଧାନପୁରାଣଗୁଡ଼ିକର ଶ୍ଲୋକ ସଂଖ୍ୟା ସମ୍ବନ୍ଧରେ ସେ ଲେଖିଛନ୍ତି ଯେ, ସେଥିରେ ମୋଟେ ୪୦୦, ୦୦୦ ଶ୍ଲୋକ କିମ୍ବା ୧୬୦୦, ୦୦୦ ଧାଡ଼ି ଅଛି । ଅଧିକାଂଶ ପୁରାଣର ଶ୍ଲୋକସଂଖ୍ୟା ପ୍ରାୟ ସମାନ କହିଲେ ଚଳେ ।

ଅଠରଖଣ୍ଡ ପୁରାଣ ସାଧାରଣତଃ ତିନି ଭାଗରେ ବିଭକ୍ତ । କେହି କେହି ସେ ସବୁ ରଜଃ, ସତ୍ତ୍ୱ, ତମଃ ଇତ୍ୟାଦି ଗୁଣ ଭେଦରେ ବିଭକ୍ତ କରିଛନ୍ତି । କେହି କେହି ବା ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଇତ୍ୟାଦି ତ୍ରିମୂର୍ତ୍ତି ଭେଦରେ ବିଭକ୍ତ କରିଛନ୍ତି । ଯାହାହେଉ ଉଭୟ ପକ୍ଷର ବିଭାଗକରଣ ମାତ୍ର ଏକ । କାରଣ ରଜଃ, ସତ୍ତ୍ୱ ଓ ତମଃ, ଏହି ତିନି ଗୁଣରୁହିଁ ତ୍ରିମୂର୍ତ୍ତିର ବିକାଶ ।

Digitized by srujanika@gmail.com

ପୁରାଣସମୂହର ବିଷୟ ଓ ରଚନାକାଳ :—

ପୁରାଣସମୂହର ରଚନାକାଳ ସମ୍ବନ୍ଧରେ ଏଠାରେ କିଛି ଆଲୋଚନା କରାଯାଉ । ଏହି ବିଷୟରେ ବିଭିନ୍ନ ପ୍ରାଚ୍ୟ ଦେଶବାସିଙ୍କର ବିଭିନ୍ନ ମତ । କେହି କେହି କହନ୍ତି ଯେ, ଯିଶୁଖ୍ରୀଷ୍ଟଙ୍କ ବହୁକାଳ ପରେ ପୁରାଣସବୁ ରଚିତ ହୋଇଥିଲା । [ Wilson ] ଙ୍କ ଭଳି ଅନ୍ୟ କେତେଜଣଙ୍କ ମତରେ, ସେହି ସମସ୍ତ ଖ୍ରୀଷ୍ଟଙ୍କ ପୂର୍ବେ ପ୍ରଣୀତ ହୋଇଥିଲା । କାରଣ ଅମରସିଂହ ତାଙ୍କ ପ୍ରଣୀତ 'ଅମରକୋଷ'ରେ 'ପୁରାଣ' ପଦର ବ୍ୟାଖ୍ୟା ଦେଇଛନ୍ତି । ଏବଂ ସେ ଖ୍ରୀଷ୍ଟାବ୍ଦ ପ୍ରାରମ୍ଭର ୫୬ ବର୍ଷ ପୂର୍ବେ ଜୀବିତ ଥିଲେ । ଯାହାହେଉ ବିଷ୍ଣୁପୁରାଣରୁ ସ୍ପଷ୍ଟ ହୁଏ ଯେ, ପୁରାଣସକଳ ଅଜଠାରୁ ପଞ୍ଚସହସ୍ରାଧିକ ବର୍ଷ ପୂର୍ବେ, ଅର୍ଥାତ୍ ଯିଶୁଖ୍ରୀଷ୍ଟଙ୍କ ଜନ୍ମର ପ୍ରାୟ ୩୦୦୦ ବର୍ଷ ଆଗେ ଲେଖା ଯାଇଥିଲା ।

ବିଷ୍ଣୁପୁରାଣର ୩ୟ ଅଧ୍ୟାୟ ୩ୟ ଅଂଶରୁ ପ୍ରକାଶ – କଳିଯୁଗ ମାନବର ଜ୍ଞାନ, କଳ୍ପନାଶକ୍ତି, ପରିଶ୍ରମ, ଅଧ୍ୟବସାୟ ଓ ସ୍ୱାସ୍ଥ୍ୟତା ନିତାନ୍ତ ସୀମାବଦ୍ଧ । ଏଣୁ ସେମାନଙ୍କ ଅଧ୍ୟୟନ ଓ ଅନୁଶୀଳନର ସୁବିଧା କରି ଦେବା ଉଦ୍ଦେଶ୍ୟରେ ଏକ ବେଦକୁ ଅନେକ ବେଦରେ ବିଭକ୍ତ କରିବା ସକାଶେ ପ୍ରତ୍ୟେକ ଦ୍ୱାପର ଯୁଗରେ ଜଣେ ଜଣେ ବେଦବ୍ୟାସ (ବେଦପ୍ରଣେତା) ଅବତୀର୍ଣ୍ଣ ହୁଅନ୍ତି । ଚଳିତ କଳିର ଠିକ୍ ପୂର୍ବବର୍ତ୍ତୀ ଦ୍ୱାପର ଯୁଗରେ ମହାତ୍ମା କୃଷ୍ଣ-ଦ୍ୱୈପାୟନ ବେଦବ୍ୟାସ ବେଦପ୍ରଣୟନ କରିଥିଲେ । ସେ ଋଷି ପରାଶରଙ୍କ ଔରସରେ, ଜଣେ କୈବର୍ତ୍ତ-ଯୁବତୀର ଗର୍ଭରୁ ଜାତ ହୋଇଥିଲେ । ଗୋଟିଏ ଦ୍ୱୀପରେ ତାଙ୍କର ଜନ୍ମ, ଏବଂ ତାଙ୍କ ଦେହର ବର୍ଣ୍ଣ କୃଷ୍ଣ ; ସୁତରାଂ ସେ ଦ୍ୱୀପାୟନ ବା ଦ୍ୱୈପାୟନ ନାମରେ ଖ୍ୟାତ । ତାଙ୍କର ଅନେକ ଶିଷ୍ୟ—ସୂତ, ଲୋମହର୍ଷଣ ସେମାନଙ୍କ ମଧ୍ୟରେ ଥିଲେ ପ୍ରଧାନ । ସକଳ ପୁରାଣ ଓ ଇତିହାସ ଏହି ସୂତଙ୍କ ପ୍ରଣୀତ । ଏହି ବେଦବ୍ୟାସ ଶ୍ରୀକୃଷ୍ଣଙ୍କର ସମସାମୟିକ । ଚଳିତ କଳିଯୁଗ ଆରମ୍ଭର ଅବ୍ୟବହିତ ପୂର୍ବେ ଶ୍ରୀକୃଷ୍ଣ ଏହି ଭୌତିକ ଜଗତ ତ୍ୟାଗ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ପୁରାଣସବୁ ୫୦୦୦ କିମ୍ବା ତତୋଧିକ ବର୍ଷ ପୂର୍ବେ ଲିଖିତ ।

'ପୁରାଣ'ର ଅର୍ଥ ପ୍ରାଚୀନ, ଅତଏବ ପୁରାକାଳର ଗୀତ ଗାଥା ପୁରୁଷ-ପରମ୍ପରାଗତ କିମ୍ବଦନ୍ତୀ; ଇତିହାସ ବୃତ୍ତାନ୍ତ ଇତ୍ୟାଦି ପୁରାଣସମୂହରେ ସ୍ଥାନ ପାଇବା ସ୍ୱାଭାବିକ । 'ପଞ୍ଚଲକ୍ଷଣ'ହିଁ 'ପୁରାଣ'ର ଅର୍ଥ ବୋଲି ଅମର-କୋଷରେ ଲେଖାଅଛି; ଯାହା ପଞ୍ଚଲକ୍ଷଣ ଅଥବା ଯେଉଁ-ଥିରେ ପଞ୍ଚଲକ୍ଷଣ ନିହିତ ତାହା ପୁରାଣ । ବିଷ୍ଣୁ ବାୟୁ ଓ ମତ୍ସ୍ୟ ପୁରାଣରେ 'ପୁରାଣ' ପଦର ଏହି ଅର୍ଥହିଁ ପ୍ରଦତ୍ତ । କିନ୍ତୁ ଭାଗବତ ପୁରାଣ ଅନୁସାରେ ପୁରାଣର ଅର୍ଥ ଦଶ-ଲକ୍ଷଣ:—

୧ ସର୍ଗ ( ଆଦ୍ୟ ବା ପ୍ରଧାନ ସୃଷ୍ଟି )
୨ ବିସର୍ଗ ( ଗୌଣ ବା ପ୍ରତି ସୃଷ୍ଟି )
୩ ସ୍ଥାନ ( ଜୀବ ଜଗତର ରକ୍ଷଣ ବା ପାଳନ )
୪ ପୋଷଣ( ଈଶକୃପା )
୫ ମନ୍ୱନ୍ତର( କାଳ )
୬ ଊତି ( ମାନବର ବାସନା )
୭ ଈଶାନୁକଥା ( ଅବତାର ବିବରଣ )
୮ ନିରୋଧ ( ବିଷ୍ଣୁଙ୍କ ନିଦ୍ରା ଇତ୍ୟାଦି )
୯ ମୁକ୍ତି
୧୦ ଆଶ୍ରୟ ( ଶେଷ ସମ୍ବଳ )

କିନ୍ତୁ ଏହାଛଡ଼ା ଅନ୍ୟାନ୍ୟ ପୁରାଣରେ ପାଞ୍ଚଲକ୍ଷଣ ଦିଆଯାଇଛି ।

"ସର୍ଗଶ୍ଚ ପ୍ରତିସର୍ଗଶ୍ଚ ବଂଶୋ ମନ୍ୱନ୍ତରାଣି ଚ
ବଂଶାନୁଚରିତଂ ଚୈବ ପୁରାଣଂ ପଞ୍ଚଲକ୍ଷଣଂ ।"

୧ ସର୍ଗ ( ମୁଖ୍ୟ ସୃଷ୍ଟି )
୨ ପ୍ରତିସର୍ଗ ( ଗୌଣସୃଷ୍ଟି )
୩ ବଂଶ (ଦେବ ଦାନବ ମାନବ ପ୍ରଭୃତିଙ୍କ ବଂଶାବଳୀ)
୪ ମନ୍ୱନ୍ତର
୫ ବଂଶାନୁଚରିତ ( ସୌର ଓ ସୋମ ବଂଶର ଇତିହାସ )

"ପୁରାପି ନବଂ"—ଅନ୍ୟାନ୍ୟ ହିନ୍ଦୁ ଗ୍ରନ୍ଥରେ ପୁରାଣର ଏହିବର୍ଣ୍ଣନା ଦେଖାଯାଏ । ତାହା ପ୍ରାଚୀନ ହେଲେହେଁ ଚିରନୂତନ—ସତେକି ନୂତନ ବିଷୟରେ ପୂର୍ଣ୍ଣ । ଅତଏବ ଯେତେଦୂର ସମ୍ଭବ, ନବୀନ ଓ ସଜୀବ ଦୃଷ୍ଟିରେ ଏବଂ ବିଶୁଦ୍ଧ ଭାବରେ ପୁରାଣସମୂହର ଆଲୋଚନା କରିବା ଆମର ଧର୍ମ ।



Digitized by srujanika@gmail.com

# ସ୍ୱପ୍ନ

ଶ୍ରୀ ଗୋଲୋକନାଥ ମହାପାତ୍ର

ମୋ ବିବାହର ଏକ ଚଉଠୀ, ପାଠକମାନଙ୍କ ମଧ୍ୟରୁ ଅନେକେ ବିବାହ କରି ସାରିଥିବେ ଓ ଅନେକେ ଅଦୂର ଭବିଷ୍ୟତରେ କରିବେ ; କିନ୍ତୁ ମୋ ବିବାହଟି ଯେପରି ଭାବରେ ଘଟି ଉଠିଲା, ସେପରି କାହାରି କେବେ ହୋଇନାହିଁ କି ହେବନାହିଁ, ଏହା ମୋର ପୂର୍ଣ୍ଣ ବିଶ୍ୱାସ । ଏ କଥାର ସତ ମିଛ ଆପଣମାନେ ମୋ କାହାଣୀଟି ପଢିସାରି ବିଚାର କରିବେ ।

ମୁଁ ଥିଲି ଗୋଟିଏ ମଧ୍ୟବିତ୍ତ କରଣ ଘରର ପୁଅ, ଘର ଯାଜପୁରରେ । ଯେଉଁ ବର୍ଷ ମୁଁ ଯାଜପୁର ଇଂରାଜି ସ୍କୁଲର ପଞ୍ଚମ ଶ୍ରେଣୀରୁ ଚତୁର୍ଥ ଶ୍ରେଣୀକୁ ଉଠିଲି, ସେହି ବର୍ଷ ମଫସଲରୁ ଗୋଟିଏ ପିଲା ମାଇନର୍ ପାସ କରି ଆସି ସେହି ଚତୁର୍ଥ ଶ୍ରେଣୀରେ ନାମ ଲେଖାଇଲା । ତା ନାଁ ସନାତନ । ଆମେ ସହରିଆ ପିଲାଏ—ମଫସଲରୁ ଯେଉଁ ପିଲାମାନେ ଆସନ୍ତି ତାଙ୍କୁ ସହଜରେ ପାସଙ୍ଗରେ ପକାଉନାହୁଁ । କିନ୍ତୁ ସନାତନ ତା ନିଜଗୁଣରେ ଅତିଶୀଘ୍ର ଆମସଙ୍ଗରେ ମିଶିଗଲା । ବେଶ୍ ଗୋଲଗାଲ ସବୁବେଳେ ହସହସ ମୁହଁଟି ତାର । ଦୁଷ୍ଟାମିର ଓ ଫାଜିଲାମିର ଗୋଟିଏ ଅବତାର ସେ, ସବୁରକମ ଖେଳରେ ଧୁରନ୍ଧର । ଆଉ ସବୁଠୁଁ ବଡ଼ ବାହାଦୁରୀ ଥିଲା—ତା'ର ମିଛ ଗପ କହିବା । ପାଟିରେ ବାଟୁଳି ବାଜିବନାହିଁ, ଆକାଶରେ ନିମିଷକେ ସେ ପକାକୋଠା ତିଆରି କରି ଥୋଇ-ଦେବ । ସନ୍ଧ୍ୟାବେଳେ ଖେଳ ପଡ଼ିଆରେ, ଏପରି କି ସ୍କୁଲରେ ମଧ୍ୟ ଟିଫିନ୍ ଛୁଟିବେଳେ ତାକୁ ଘେରି ତାର ଅଲୌକିକ ଗପ ଶୁଣିବା ଆମର ନିତି ନିତି କାମ ହୋଇଗଲା । ମୁଁ ସେତେବେଳେ ଜାଣି ନଥିଲି ଯେ ତାର ଏହି ମନଗଢ଼ା ଗପ ଦିନେ ମୋତେ ଗୋଟିଏ ଜୀବନସଙ୍ଗିନୀ ଆଣି ଯୁଟାଇଦେବ ।

ସବୁ ଗପଠାରୁ ବେଶୀ ପ୍ରିୟ ଥିଲା—ତା'ର ତା ମାମୁଘର ଗପ ; ସେହି ଗପଟି ସେ ଅଧିକାଂଶ ସମୟରେ କହେ । ତା ମାମୁଘରର ବର୍ଣ୍ଣନା ଶୁଣି ଶୁଣି ଆମର ସେ କଥାଗୁଡ଼ାକ ପ୍ରାୟ ମୁଖସ୍ଥ ହୋଇଥିଲା ଏପରିକି ସେ ଘରଟି ଆମେ ନିଜ ଆଖିରେ ଦେଖିଥିଲା ପରି ମାଲୁମ ହେଉଥିଲା । ତା ମାମୁଘର ଥିଲା କୁଆଡ଼େ ପୁରୀଜିଲାର କେଶରପୁର ଗାଁରେ । ତା ମାମୁ ଜଣେ ଭାରି ବଡ଼ଲୋକ । ହଳଦିଆ ରଙ୍ଗର ପ୍ରକାଣ୍ଡ ତେତାଲା ପକ୍କାକୋଠା ସାମନାରେ ଗୋଟିଏ ବଡ଼ ପୋଖରୀ । ଚାରିପାଖରେ ବଗିଚା, ବଗିଚାର ବାଡ଼ କଣ୍ଟେଇ କଣ୍ଟେଇ ଧାଡ଼ି ଧାଡ଼ି ହୋଇ ନଡ଼ିଆଗଛ ଇତ୍ୟାଦି ଇତ୍ୟାଦି । ଘର ଓ ବଗିଚାର ବର୍ଣ୍ଣନା ତାର ଏତେ ପରିଷ୍କାର ହେଉଥିଲା ଯେ ତାହା ଶୁଣି ଆମ ଆଖି ଆଗରେ ଗୋଟିଏ ଠିକ ସେହିପରି ଘର ଓ ବଗିଚା ନାଚି ଯାଉଥିଲା, କିନ୍ତୁ ଏ ସବୁ ବର୍ଣ୍ଣନାରେ ବିଶେଷତ୍ୱ ଏତିକି ଥିଲା ଯେ ସେ ସବୁ ଖାଲି ବାହାରର । ଘରଭିତରର ବର୍ଣ୍ଣନା ସନା-ତନ କେବେ କରୁ ନ ଥିଲା । ପଚାରିଲେ କହେ ସେ ଘରର ସବୁ ସୌନ୍ଦର୍ଯ୍ୟ ବାହାରେ, ଭିତରର ବର୍ଣ୍ଣନା ଦରକାର ନାହିଁ ।

ଆଉ କେହି ବୁଝନ୍ତୁ ନ ବୁଝନ୍ତୁ ମୁଁ ବେଶ୍ ବୁଝି-ଥିଲି ଯେ ଏ ଗପଟା ତୁଚ୍ଛା ମିଛ । ଭୂଗୋଳ ଓ ମାନଚିତ୍ର ଖୋଜି ଖୋଜି ପୃଷ୍ଠାରେ କେଶରପୁର ଗାଁର ନାମ କେଉଁଠି ପାଇଲିନାହିଁ । ଦିନେ ସନାତନର ଖଣ୍ଡିଏ ଓଡ଼ିଆ ଗପ-ବହି ଲେଉଟାଉଁ ଲେଉଟାଉଁ ସେଥିରେ ଏହି ନାଁଟି ଦେଖି ସବୁକଥା ବୁଝିପାରିଲି । କିନ୍ତୁ ଗୋଟିଏ କଥାରେ ବଡ଼ ସନ୍ଦେହ ହେଉଥିଲା ମୋର । ଯେତେଥର ତା ମାମୁଘର ଗପ ସନାତନ କରେ ସବୁଥର ତାର ସେହି ଘର ଓ ବଗିଚା ବର୍ଣ୍ଣନା ଏକଦମ ଠିକଥାଏ, ତିଳ ପ୍ରମାଣେ ବ୍ୟତିକ୍ରମ କାହିଁ ହୁଏନାହିଁ । ନିଜ ଆଖିରେ ସେ ଏପରି ଗୋଟିଏ ଘର ଓ ବଗିଚା ଦେଖି ନ ଥିଲେ, ତାର ବର୍ଣ୍ଣନା ସେ ଏତେ ଠିକକରି ପ୍ରତ୍ୟେକ ଥର କହି-ପାରନ୍ତାନାହିଁ ।



Digitized by srujanika@gmail.com

ଏହିପରି ଚାରିବର୍ଷ କଟିଗଲା । ମେଟ୍ରିକ୍ୟୁଲେଶନ ପାସକରି ପେଟ ପୋଷିବାପାଇଁ ମୁଁ କଲିକତାର ଗୋଟିଏ ମାଛ କମ୍ପାନୀରେ କାମ ନେଇ ଚାଲିଗଲି । ଯିବା ପୂର୍ବରୁ ଶୁଣିଥିଲି ସନାତନ ମଧ୍ୟ ଉଚ୍ଚପଢ଼ାର ଆଶା ଛାଡ଼ି ଚାକିରି ଚେଷ୍ଟାରେ ଅଛି ।

ମନୁଷ୍ୟର ଭାଗ୍ୟ ପରିବର୍ତ୍ତନ ଯେ କେତେବେଳେ କିପରି ଭାବରେ ହୁଏ ତାହା କେହି କହିପାରିବନାହିଁ । ମୋର କାମରେ ଖୁସିହୋଇ କମ୍ପାନୀର ଡ଼ାଇରେକ୍ଟର-ମାନେ ମୋତେ ପ୍ରମୋସନ ଦେଇ ପାଞ୍ଚବର୍ଷ ମଧ୍ୟରେ କ୍ରମେ୨ କମ୍ପାନୀର ହର୍ତ୍ତା କର୍ତ୍ତା କରିଦେଲେ । ମୁଁ ମଧ୍ୟ ଇତିମଧ୍ୟରେ କିଛି ଟଙ୍କା ଜମାଇ ସେହି କମ୍ପାନୀର ଗୋଟିଏ ଅଂଶ କିଣିଲି । ସେ ଅଂଶଟି କ୍ରମେ କ୍ରମେ ବଢ଼ି ଅଳ୍ପ-ଦିନ ଭିତରେ ମୋତେ ଗୋଟିଏ ଖୁବ ବଡ଼ଲୋକ କରି-ଦେଲା ।

ଗୋଟିଏ ନୂଆ ଅଫିସ ଅମର ଖୋଲିଲା—ବାଲେଶ୍ୱର ଜିଲ୍ଲାର ବାସୁଦେବପୁର ଗ୍ରାମରେ । ସେଠାରେ ମାଛର ଅମ-ଦାନୀ ଓ ରପ୍ତାନି କିପରି ଭଲ ଭାବରେ ହେବ, ତାର ବନ୍ଦୋବସ୍ତ କରିବାପାଇଁ ମୋତେ ସେଠାରେ କିଛି ଦିନ ରହିବାକୁ ହେଲା । ବାସୁଦେବପୁର ଥାନାଟି ସମୁଦ୍ର କୂଳରେ, ମାଛ କାରବାରର ସେଠାରେ ବେଶ ସୁବିଧା ଥିଲା ।

କିଛିଦିନ ସେଠାରେ ରହିବାପରେ ମୁଁ ଦିନେ ମୋର ବନ୍ଧୁକ ଖଣ୍ଡିକ ଧରି ଦରିଆ ପନ୍ତାରକୁ ଯାଇଥିଲି ବାଲି-ହରିଣ ଶୀକାର ପାଇଁ । ଗୋଟିଏ ବାଉଟିଆକୁ ଲକ୍ଷ୍ୟକରି ମାରିଲି, ସେ ପଡ଼ିଗଲା; କିନ୍ତୁ ପର ମୁହୂର୍ତ୍ତରେ ଉଠି ଦରିଆ ଅଡ଼କୁ ଦଉଡ଼ିବାକୁ ଲାଗିଲା । ମୁଁ ମଧ୍ୟ ତା ପଛେ ପଛେ ଦଉଡ଼ିଲି । ଅହେତ ଶୀକାର ପଛରେ ଦୌଡ଼ିବା ବେଳେ ଶୀକାରୀର ଜ୍ଞାନ ରହେନାହିଁ । ଗିରିଅ-ପରିପୂର୍ଣ୍ଣ ପନ୍ତା-ରର କେଉଁଠାରୁ ମୁନିଆ ଶୁଖିଲା ଘାସ ଓ କେଉଁଠାରୁ ଦାନ୍ତୁଆ ଗୋରୁ ମଇଁଷିଙ୍କ ଖୁରା ମାଟିରେ ଅକ୍ଲାନ୍ତ ଭାବରେ ଦୁଇ-ଘଣ୍ଟା କାଳ ବୃଥା ଦଉଡ଼ ଦଉଡ଼ ଯେତେବେଳେ ଫେରିଲି, ରାସ୍ତା ଠିକ୍ କରିପାରିବାର ଶକ୍ତି ଅଉ ମୋର ସେତେବେଳେ ନଥିଲା ।

ପନ୍ତାର ପାର ହୋଇ ବନ୍ଧ ଧରିଲି ଯେତେବେଳେ ସେତେବେଳକୁ ବାରଟା ବାଜିଗଲାଣି । ଖରାତେଜରେ ଗଛପତ୍ର ପର୍ଯ୍ୟନ୍ତ ଝାଉଁଳି ପଡ଼ୁଥିଲେ । ଶୋଷରେ ମୋର ଛାତି ଫାଟି ଯାଉଥାଏ । ପାଖରେ ଗୋଟିଏ ଗାଁ ଦେଖି ସେହି ଅଡ଼କୁ ଗଲି । ଗାଁ ସୀମାନାରେ ପହଞ୍ଚି ସେଠାରେ ଗୋଟିଏ ପୋଖରୀ ଦେଖି ପିଣ୍ଡରେ ପ୍ରାଣ ପଶିଲା । ଏକ-ନିଶ୍ୱାସରେ ପେଟେ ପାଣି ପିଇ ଦେଇ ଆସି, କୂଳରେ ଥିବା ଗୋଟିଏ ବରଗଛ ମୂଳରେ ଏକଦମ୍ ଲମ୍ବ ହୋଇ ପଡ଼ିଗଲି । ତତ୍‌କ୍ଷଣାତ୍ ଗଭୀର ନିଦରେ ଆଖି ବୁଜି ହୋଇ-ଗଲା । ଗୁଡ଼ାଏ ଗାଈ ରଖୁଆଳ ଛୁଆଙ୍କ ଗୋଳମାଳରେ ନିଦ ମୋର ଭାଙ୍ଗିଲା ଯେତେବେଳେ, ହାତବନ୍ଧା ଘଡ଼ିକୁ ଅନାଇ ଦେଖିଲି ସେତେବେଳକୁ ପାଞ୍ଚଟା ସମୟ ହେଲାଣି । ପୋଖରୀରେ ମୁହଁହାତ ଧୋଇ ଗୋଟିଏ ରଖୁ-ଆଳ ଛୁଆକୁ ଡ଼ାକି ପଚାରି ବୁଝିଲି ଯେ ଗାଁଟି ନାଁ ରଘୁ-ନାଥପୁର ଓ ସେଠାରୁ ବାସୁଦେବପୁର ତିନିକୋଶ ବାଟ । ଶୁଣି ତ ମୋର ହୋସ ଉଡ଼ିଗଲା ।

ଏହି ସମୟରେ ମୋର ନଜରରେ ପଡ଼ିଲା ପୋଖରୀ-ପାଖରୁ ଅଳ୍ପଦୂରରେ ଥିବା ଗୋଟିଏ ପ୍ରକାଣ୍ଡ ହଳଦିଆ କୋଠା । ଶୋଷରେ କାତର ହୋଇ ଯେତେବେଳେ ମୁଁ ଧାଇଁଆସି ପାଣିପିଇ ପଡ଼ିଯାଇଥିଲି, ସେତେବେଳେ ତ ମୋର ଜ୍ଞାନ ହଜିଯାଇଥିଲା; ଏ କୋଠାଟି ଆଖି ଆଗରେ ପଡ଼ିଥିଲେ ସୁଦ୍ଧା ମୁଁ ଲକ୍ଷ୍ୟ କରିନଥିଲି । ବର୍ତ୍ତ-ମାନ ଦେଖି ଆଶ୍ଚର୍ଯ୍ୟ ଲାଗିଲା । ମୋ ସଙ୍ଗରେ କଥାବାର୍ତ୍ତା କରୁଥିଲା ଯେଉଁ ପିଲାଟି ସେ କହିଲା ଯେ ସେଟା ତାଙ୍କ ଗାଁ ଜମିଦାରଙ୍କ ଉଆସ, ଅଉ ଏହି ପୋଖରୀଟି ତାଙ୍କ ବାଡ଼ୀ ପୋଖରୀ । ଜମିଦାର ଜାତିରେ କରଣ, ସେ ତାଙ୍କ ନାଁ ଜାଣେନାହିଁ । ଉଆସଠାରୁ ପୋଖରୀ ପର୍ଯ୍ୟନ୍ତ ବଗିଚାଟିଏ, ନଡ଼ିଆ ଗଛରେ ଘେରା । ଢଳି ପଡୁଥିବା ସୂର୍ଯ୍ୟଙ୍କ କିରଣରେ ଦୃଶ୍ୟଟି ବଡ଼ ସୁନ୍ଦର ହୋଇଥିଲା ।

ସନ୍ଧ୍ୟା ହୋଇ ଆସିଲା । ଭୋକ ମଧ୍ୟ କେଉଁଠି ଏତେବେଳ ଯାଏ ଲୁଚି ରହିଥିଲା, ଆସି ଦେଖାଦେଲା । ଜମିଦାର ଉଆସର ସୌନ୍ଦର୍ଯ୍ୟ ଉପଭୋଗ ଦ୍ୱାରା ଯେ ଉଦର ଶାନ୍ତ ହେବନାହିଁ, ଏହା ବେଶ୍ ବୁଝି ସେହି ରଖୁଆଳ ଛୁଆଟିକୁ ବାସୁଦେବପୁର ଯିବାର ବାଟ ପଚାରିଲି, ସେ ପୋଖରୀ କଡ଼ରେ ଗୋଟିଏ ଛୋଟବାଟ ଦେଖାଇ ଦେଇ କହିଲା ସେହି ବାଟରେ ଯାଇ ଉଆସ ସାମନାରେ ପହଞ୍ଚ-

Digitized by srujanika@gmail.com

ଝିଲେ ଗୋଟିଏ ବଡ ରାସ୍ତା ମିଳିବ; ସେହି ରାସ୍ତାରେ ସିଧା ଚାଲିଗଲେ ବାସୁଦେବପୁରରେ ପହଞ୍ଚିବ । ଶୀକାର ଝୁଲିଟି କାନ୍ଧରେ ପକାଇ ବନ୍ଧୁକ ଝଣ୍ଡିକ ଧରି ଉଠିପଡ଼ିଲି ।

ନଡ଼ିଆଗଛ ଘେରା ବାଡ଼ କଡ଼େ କଡ଼େ ସେ ବାଟଟି । ଭିତରେ ବଗିଚାଟି ବଡ଼ ସୁନ୍ଦର; ଦେଖି ଦେଖିକା ଯାଇ ଉଆସ ସାମନାର ବଡ଼ ରାସ୍ତାରେ ପହଞ୍ଚିଲି । କାହିକି କେଜାଣି ଟିକିଏ ଠିଆହୋଇ ସେଠାରେ ଉଆସ-ଟିକୁ ଦେଖିବାକୁ ଇଚ୍ଛା ହେଲା । ରାସ୍ତାକଡ଼ରେ ଠିଆହୋଇ ଉଆସ ଆଡ଼କୁ ଅନାଇଲି ।

ହଠାତ୍ ମୋ ମୁଣ୍ଡଭିତରେ କପରି ଓଲଟ ପାଲଟ ହୋଇ ମୋ ଆଖି ଆଗରୁ ଯେପରି ଗୋଟିଏ ପର୍ଦ୍ଦା ଖସିଗଲା । ଏତ ମୋ ବାଲ୍ୟବନ୍ଧୁ ସନାତନର ମାମୁଘର ! ସେହି ହଳଦିଆ ତେମହଲା କୋଠା, ଦାଣ୍ଡରେ ପୋଖରୀ ବାଡ଼ୀରେ ପୋଖରୀ, ନଡ଼ିଆଗଛରେ ଘେରା ବଗିଚା । ସନାତନର ସେ ବର୍ଣ୍ଣନା ତ ଭୁଲିବାର ନୁହେଁ । ଏତେ-ବେଳ ପର୍ଯ୍ୟନ୍ତ ଯେ କପରି ଚିହ୍ନି ପାରିନଥିଲି, ଏହାଅ ମୋତେ 'ଆଶ୍ଚର୍ଯ୍ୟ ଲଗିଲା । ସନାତନର ଏ ମାମୁଘର ହେଉ ବା ନ ହେଉ; ସେ ଯେଉଁ ଘରର ଓ ବଗିଚାର ବର୍ଣ୍ଣନା କରୁଥିଲା; ଏ ଯେ ସେହି ଘର ଓ ବଗିଚା; ଏଥିରେ ତିଳେମାତ୍ର ସନ୍ଦେହ ମୋର ରହିଲାନାହିଁ । ତେବେ ସନାତନ ସଙ୍ଗରେ ଏଘରର କି ସମ୍ବନ୍ଧ ତାହା ଜାଣିବା ପାଇଁ ମୋର କୁତୂହଳ ହେବା ନିତାନ୍ତ ସ୍ୱାଭା-ବିକ । ସେ କହୁଥିଲା ଯେ ତାର ମାମୁଘର ପୁରୀଜିଲ୍ଲାରେ; ଅଉ ଏ ହେଉଛି ବାଲେଶ୍ୱର ଜିଲ୍ଲା;—ମଝିରେ ଗୋଟାଏ ବଡ଼ଜିଲ୍ଲାର ତଫାତ୍ । ଜମିଦାରଙ୍କ ସଙ୍ଗରେ ଆଳାପକରି ସନ୍ଦେହ ମେଣ୍ଟାଇବାପାଇଁ ଫାଟକ ଖୋଲି ଭିତରେ ପ୍ରବେଶକଲି ।

ଖୁବ୍ ସହଜରେ ଜମିଦାରଙ୍କ ସଙ୍ଗରେ ପରିଚୟ ହେଲା । ଇଂରାଜୀ ଶିକ୍ଷିତ ଆଧୁନିକ ଯୁବକଟିଏ ସେ । ଅଳ୍ପଦିନ ହେଲା ଜମିଦାରୀ ତାଙ୍କ ହାତକୁ ଆସିଛି । ନାଁଟି ବ୍ରଜମୋହନ, ବଡ ସହୃଦୟ ବ୍ୟକ୍ତି । ମୋର ସବୁ ହାଲ ଶୁଣି ବାସୁଦେବପୁରରେ ମୋତେ ଛାଡ଼ିଦେଇ ଆସିବାପାଇଁ ତତ୍‌କ୍ଷଣାତ୍ ଲୋକ ଠିକ୍ କରିଦେଲେ ଓ ଜଳଖିଆର ବନ୍ଦୋବସ୍ତ କରି ଖାଇବାକୁ ବାଧ୍ୟ କଲେ ।

କଥାବାର୍ତ୍ତାରେ ବୁଝିଲି ଯେ ସନାତନ ବୋଲି ତାଙ୍କର ଅତିଦୂର ସମ୍ପର୍କରେ ସୁଦ୍ଧା କେହି ଥିବାର ତାଙ୍କୁ ଅଜଣା । ତିତିଲ ଓ ବରାହ ଶିକାର କରିବାପାଇଁ ଶୀଘ୍ର ଆସିବାକୁ ନିମନ୍ତ୍ରଣ ସହିତ ସେଥର ମୁଁ ବିଦାୟ ନେଲି । ସନାତନ ବିଷୟରେ ମୋର ସନ୍ଦେହ କିନ୍ତୁ ସେହିପରି ରହିଲା ।

କହିବା ବାହୁଲ୍ୟ ଯେ ବ୍ରଜମୋହନଙ୍କ ସଙ୍ଗରେ କ୍ରମେ୨ ମୋର ବଡ଼ ଘନିଷ୍ଠତା ହୋଇଗଲା । ଏପରି କି ଆଜ ସେ ମୋର ସବୁଠାରୁ ଶ୍ରେଷ୍ଠବନ୍ଧୁ, ଅର୍ଥାତ୍ ଆଜକୁ ଚାରିଦିନ ହେଲା ସେ ତାଙ୍କ ପ୍ରିୟତମା ଭଉଣୀଟିକୁ ମୋ ବେକରେ ବାନ୍ଧି ଦେଇଛନ୍ତି ।

*

କଥା କଥାରେ ବ୍ରଜମୋହନ ଦିନେ କହିଥିଲେ ଯେ ତାଙ୍କ ଘର ବିଷୟରେ ଗୋଟିଏ ଭାରି ମଜାର ରହସ୍ୟ ଅଛି । ସେ ରହସ୍ୟଟି କ'ଣ ବୋଲି ପଚାରିବାରେ କହିଲେ— ପ୍ରାୟ ୧୯ବର୍ଷ ହେବ ଗୋଟିଏ ଭୂତ ଆସି ତାଙ୍କ ଘର ଚାରିଆଡ଼େ ବୁଲୁଛି । ପ୍ରାୟ ପ୍ରତିଦିନ ସେ ଆସେ ଠିକ୍ ସନ୍ଧ୍ୟା ୯ ଟା କି ୧୦ ଟା ବେଳେ । ଅନେକ ତାକୁ ଦେଖିଛନ୍ତି । ଏଥିରୁ ସବୁଠାରୁ ବେଶୀ ମଜା ଏତିକି ଯେ ସେ ଭୂତଟି ପ୍ରଥମେ ପିଲାଟିଏ ଥିଲା; କ୍ରମେ କ୍ରମେ ବଢ଼ି ଏବେ ଗୋଟିଏ ଯୁବକ ଆକାର ଧାରଣ କଲାଣି । କଥାଟି ଶୁଣି ଭୂତକୁ ଦେଖିବାପାଇଁ ଭାରି କୌତୂହଳ ହେଲା ମୋର । ଦୁଇ ତିନରାତି ଜାଗି ବସିରହି ଶେଷେ ଯେଉଁଦିନ ଭୂତକୁ ଦେଖିଲି ସେ ଦିନ ପରିଷ୍କାର ଜହ୍ନ ରାତି । ମୁଁ ବେଶ୍ ଚିହ୍ନି ପାରିଲି ଯେ ଏ ଭୂତଟି ଆମ ସନାତନ ଛଡ଼ା ଅଉ କେହି ନୁହେଁ । ସେ କଥା କାହାରିକୁ କିଛି ନ କହି ତା'ପର ଦିନ ଆଖ ପାଖ ଗ୍ରାମ ମାନଙ୍କରେ ଖୁବ୍ ଅନୁସନ୍ଧାନ କରାଇଲି ଯେ ସନାତନ ଯଦି କେଉଁଠି ପାଖରେ ଥାଏ, କିନ୍ତୁ ତାର କୌଣସି ପତ୍ତା ମିଳିଲାନାହିଁ ।

*

ଏହି ଘଟଣାର କିଛିଦିନ ପରେ ମୋର ମୋଟରକାର ରେଜେଷ୍ଟ୍ରୀ କରିବାପାଇଁ ମୁଁ ବାଲେଶ୍ୱର କଲେକ୍‌ଟରୀ କଚେରୀକୁ ଯାଇଥିଲି । ଦୈବ ଘଟଣା ଏପରି ଯେ କାମ ସାରି ଫେରିବା ବେଳକୁ ହଠାତ୍ ଗୋଟିଏ ଟେବୁଲ ପାଖରେ ଦେଖିଲି—ବସିଛି ସନାତନ । ସେ ମୋତେ

Digitized by srujanika@gmail.com

ଦେଖିଲା କ୍ଷଣି ଉଠି ଆସିଲା । ଏଣୁ ତେଣୁ ଦୁଇକଥା ପରେ ମୁଁ ତାକୁ ପଚାରିଲି "ତୁ ବାସୁଦେବପୁରର ଜମିଦାର ବ୍ରଜମୋହନଙ୍କୁ ଚିହ୍ନୁ"। ସେ କହିଲା—"ହଁ ସେ ଏଠାକୁ ଅନେକଥର ଆସନ୍ତି, ମୁଁ ତାଙ୍କୁ ଭଲ କରି ଚିହ୍ନେ । ବଡ଼ ସୁନ୍ଦର ଲୋକ ସେ । ଇମିତି ପଇସା ଦେବାବାଲା" ମୁଁ ତାର ପ୍ରଶଂସା ସ୍ରୋତରେ ବାଧା ଦେଇ ପଚାରିଲି ଆଚ୍ଛା ତୁ ତାଙ୍କ ଗାଁକୁ କେବେ ଯାଇଥିଲୁ ? ସେ ମନା-କରି କହିଲା "ନାଁ ମୁଁ ତାଙ୍କ ଗାଁକୁ ଯାଇନାହିଁ ।" ମୁଁ ତାକୁ ଶପଥ କରାଇ ପଚାରିଲେ ସୁଦ୍ଧା ସେ ଗାଁକୁ ଏପରିକି ସେ ଗାଁଠାରୁ ଦଶକୋଶ ଭିତରେ ଥିବା ଅନ୍ୟ କୌଣସି ଗାଁକୁ ସୁଦ୍ଧା ଯାଇଥିବାର ମନା କଲା ।


କଥାକୁ ଟିକିଏ ବଦଳାଇ ଦେଇ ଆମ ପିଲା ଦିନର ସାଙ୍ଗ ସୁଖ କଥା ମନେ ପକାଇଲା ପରି ତାକୁ ପଚାରିଲି । "ଆଜକାଲି ଆଉ ସେହି ରକମ ମିଛ ଗପ କହୁଛୁ ନାରେ ସନାତନ ?" ସେ ଟିକିଏ ସଲଜ୍ଜ ଭାବରେ ହସି ଦେଇ କହିଲା "ନା ଭାଇ ଆଉ ସେ ପିଲାଦିନକଥା ଅଛି ନା ।" ଚାକିରିର ହରଡ଼ଘଣାରେ ପେଷି ହୋଇ ମନରେ ଆଉ ଫୁର୍ତ୍ତି ଅଛି ଯେ ଗପ କହିବ ।

ମୁଁ—ମୁଁ ଗୋଟିଏ କଥା ପଚାରିବି ସତ ଏକା କହିବୁ ସନାତନ ? ତୁ ଯେଉଁ ତୋର ମାମୁଁଘର ଗପ କରୁଥିଲୁ ସେ କଥା ସତ ନା ମିଛ ?

ସନାତନ--ପାଗଳ ହେଲୁ ନା ତୁ । ସେ ରକମ ମାମୁଘର ଥିଲେ ମୋର ମୁଁ ଆଜ ଏ ଅଫିସରେ ପଦପଦକରେ ଗାଳି ଗୋଇଠା ଖାଇ ପଡ଼ି ରହିଥାନ୍ତି ନା । ସତକଥା ତୋ ଆଗରେ ମୁଁ କହୁଛି ଆଜ ଶୁଣ । ମୋର ହେତୁ-ହେଲା ଦିନରୁ ଭାଇ ! ରାତି ନ'ଟା କି ଦଶଟାବେଳେ ଶୋଇବାପାଇଁ ବିଛଣା ଧରିବାମାତ୍ରେ ପ୍ରାୟ ସବୁଦିନେ ମୁଁ ସ୍ୱପ୍ନଟିଏ ଦେଖେଁ । ସେ ସ୍ୱପ୍ନଟିରେ ଥାଏ ମୋ ମାମୁଁ-ଘରବୋଲି ଯେଉଁ ଘରକୁ କହେଁ ସେହି ଘରଟି, ଆଉ ତା ଚାରିପାଖେ ସେହି ବଗିଚା । ଭାଇ ! କହିବି କ'ଣ ? ଆଜ ପର୍ଯ୍ୟନ୍ତ ସୁଦ୍ଧା ମୁଁ ସେହି ସ୍ୱପ୍ନ ଦେଖୁଛି । ସେହି ହଳଦିଆ ତେତାଲା କୋଠା ସେହି ନଡିଆଗଛ ଘେରା ବଗିଚା •••

*

ଏତେଦିନେ ଯାଇଁ ବୁଝିଲି ସନାତନ କାହିଁକି ଏମିତି ଗପକରେ ।



# ସାବୁନ୍-ତିଆରି

ଆମଦେଶରେ ସାବୁନ୍‌ର ଚାଲ୍ ଖୁବ୍ । ସାବୁନ୍ ସାଧାରଣ ମଧ୍ୟବିତ୍ତ ଲୋକଙ୍କଠାରୁ ଆରମ୍ଭ କରି ଡେଣିକ ଉପରକୁ ଗୋଟାଏ ଆବଶ୍ୟକୀୟ ଜିନିଷ ହୋଇପଡ଼ିଲାଣି ଦିଆସିଲିପରି । ଗରିବଲୋକେ—ବିଶେଷତଃ ଯେଉଁମାନେ ସହରରେ ଥାଆନ୍ତି; ନିତ ରୋଜଗାରିଆ, ସେମାନେ ମଧ୍ୟ ଲୁଗା ସଫାକରିବା ଇତ୍ୟାଦି କାମ ପାଇଁ ସାବୁନ ଖଣ୍ଡେ ଅଧେ ପାଖରେ ପକେଇଥାଆନ୍ତି—'କଲିକତିଆ' ଙ୍କ କଥା ତ ଛାଡ଼ !

ଆଜକାଲି ଇଠାଫଲ, ଖାର, ସୋଡ଼ା ଲୋକେ ପସନ୍ଦ କରୁନାହାନ୍ତି । ଧୋବାଏ ମଧ୍ୟ 'କୁକୁର' ସାବୁନ୍ ଓ ସନ୍‌ଲାଇଟ୍‌ର ବ୍ୟବହାର ଶିଖିଲେଣି । ଶସ୍ତା ନୋହି-ପାରେ, କିନ୍ତୁ ସାବୁନ ବ୍ୟବହାର କରିବା ସହଜ, କମ୍ ପରିଶ୍ରମ, ବିଶେଷତଃ ସହର ଜାଗାରେ ଇଠାଫଲ, ଖାର ପାଇବା କଷ୍ଟ ।

ଆମଦେଶରେ ଯେତେ ସାବୁନ ବ୍ୟବହାର ହୁଏ ସେଥିରୁ ପ୍ରାୟ ଅଧାଅଧି ବିଦେଶୀ ଆମଦାନୀ । ସାଧାରଣ 'କୁକୁର' ମୁଣ୍ଡା ସାବୁନ୍ ଛାଡ଼ିଦେଲେ, ଆମଦେଶର ବର୍ଷକୁ ପ୍ରାୟ ୪୦ ହଜାର ଟନ୍ ଅର୍ଥାତ୍ ୧୧୨,୦୦୦୦ ମହଣ ସାବୁନ ଖର୍ଚ୍ଚ ହୁଏ ! ଏଥିରୁ ଦେଶରେ ପ୍ରାୟ ୫୬ ଲକ୍ଷ ମହଣ ସାବୁନ ତିଆରି ହୁଏ ।

ବିଚାର କରିବାର କଥା ଯେ ଆମଦେଶର ଯେତେ ସାବୁନ ଦରକାର ସବୁତକ ଦେଶରେ ତିଆରି ହୋଇ-ପାରିବ କି ନାହିଁ—ସେତକ ଅଭାବ ପୂରାଇ ବିଦେଶକୁ ଆମେ ସାବୁନ୍ ରପ୍ତାନି ଦେଇପାରିବୁ କି ନାହିଁ ।

ଏ କଥା ଦେଖିବାକୁ ଗଲେ ମୂଳରୁ ଆଗେ ଦେଖିବା-କଥା ଯେ ଆମଦେଶରେ ଯେତେ ତେଲ ଓ ଚର୍ବିର ବ୍ୟବସାୟ ଅଛି ତାର ଅବସ୍ଥା କ'ଣ । କଲ କାରଖାନା'ରେ ବା ଗାଁ ଗଣ୍ଡାରେ ତେଲ ପେଡ଼ିବା, ଖାଇବା-ଭଲ ତେଲ ଓ ଚର୍ବି ତିଆରି; ସାବୁନ ତିଆରି ସାଙ୍ଗରେ ହଉ, ବା ଚର୍ବି ଚରିବା ସହରୁ ହଉ Glycerine ତିଆରି, ମହଣ-ବତୀ, ରଙ୍ଗ ଓ ବାର୍‌ନିସ୍ ତିଆରି, ଚର୍ବିକୁ ଶୁଖାଇ ଠାଣ-କରି ଖାଇବା-ଯୋଗ୍ୟ ବା ଅନ୍ୟ ବାଣିଜ୍ୟର ଯୋଗ୍ୟ କରିବା ଇତ୍ୟାଦି ପ୍ରକାର ବ୍ୟବସାୟଅଡ଼କୁ ଆଗେ ନଜର ଦବା ଦରକାର । ସୋରିଷ, ଜଡା, ଇତ୍ୟାଦି ଉଦ୍‌ଭିଦ ସହରୁ ଯୋଉ ତେଲ ବାହାରେ ସେ ତେଲର ଅପରନ୍ତ ଭଣ୍ଡାର ଯୋଗାଇବା ପାଇଁ, ଆଉ ତେଲ ପେଡା-ହୋଇ ସାରିଲାରୁ ଯେତକ ପିଡ଼ିଆ ହୁଏ ତାକୁ କାମରେ-ଲଗାଇବାପାଇଁ କୃଷିର ସାହାଯ୍ୟ ଲୋଡ଼ା । ସାବୁନ୍-ତିଆରିଟାକୁ ଏକୁଟିଆ କରି ନିଆଯାଉ—ଏବଂ Tallow ବା ଚର୍ବିରୁ ଯୋଉ ସାବୁନ୍ ତିଆରିହୁଏ ସେତକ ଆଗେ ଭଲକରି ଆଲୋଚନା କରାଯାଉ ।

ଆମଦେଶରେ ଅନେକଗୁଡ଼ାଏ ସାବୁନ କାରଖାନା ଅଛି—ସେଥିରୁ ବାଜେ ଛୋଟିଆ ମୋଟିଆ ଛାଡ଼ିଦେଇ ବଡ଼ବଡ଼ ତକ ଦେଖି ବସିବାବେଳକୁ ପ୍ରାୟ ୫୬ ଟି



Digitized by srujanika@gmail.com

କାରଖାନା—ସେଥିରୁ ୧୧ ଟି କାରଖାନାରେ ବର୍ଷକୁ ୧୭୮୦୦ ମହଣରୁ ବେଶି ସାବୁନ୍ ତିଆରି ହୁଏ, ଆଉ ୪୭ ଟିରେ ବର୍ଷକୁ ୧୫୦୦୦ ମହଣରୁ କମ୍ । ସବୁ ସବୁ ମୋଟାମୋଟି ଗାଧୁଆ ଓ ଧୁଆ ସାବୁନ ବର୍ଷକୁ ୬୧୭ ଲକ୍ଷ ମହଣ ଆଉ ସୁଗନ୍ଧ [Toilet] ସାବୁନ ପ୍ରାୟ ୬୦ ହଜାର ମହଣ, ତିଆରି ହୁଏ । ଅନ୍ୟାନ୍ୟ ମିତ୍ର ଓ କରଦ ରାଜ୍ୟମାନଙ୍କରେ ଗୋଟାକେତେ ସାବୁନ-କାରଖାନା ଅଛି, ସେଥିର ଅମଦାନ ଅଜଣା ।

ମୋଟରେ ବର୍ଷକୁ ୭ଲକ୍ଷ ମହଣ ସାବୁନର ଅମଦାନ ହୁଏବୋଲି କହିଲେ ବୁଝିବାକୁ ହବନାହିଁ ଯେ ଏତିକ ସାବୁନ ଅମଦେଶରେ ବର୍ଷକୁ ବର୍ଷ ନିୟମିତ ଭାବରେ ତିଆରିହୁଏ—ଏ ଗୋଟାଏ ଦେଶର ସାବୁନ କଳ କାରଖାନାର ଶକ୍ତି ସାମର୍ଥ୍ୟର କଥା ବୋଲାଗଲା । ସବୁ କାରଖାନାରେ ସୀତିମତ କାମ ଚାଲିଲେ, ଅଉ ଅମଦାନି ସାବୁନ ତକ ସୁରଖୁରରେ କଟିଗଲେ ୭ଲକ୍ଷ ମହଣ ସାବୁନ ଅମଦେଶରେ ବର୍ଷକୁ ତିଆରି ହୁଅନ୍ତା ।

ଏହାଛଡ଼ା ଅନୁରି କେତେଗୁଡ଼ାଏ ବଡ଼ ବଡ଼ କଳ-କାରଖାନା ତିଆରି ହେଉଛି ଏବଂ କେତୋଟା ହୋଇ-ସାରିଲାଣି—ସେଥିରୁ ପ୍ରାୟ ବର୍ଷକୁ ୭ଲକ୍ଷ ମହଣ ସାବୁନ ଅମଦାନି ହବାର କଥା । ସବୁ କାରଖାନାଯାକର ଶକ୍ତି ସାମର୍ଥ୍ୟ କଳନାବେଳକୁ ବର୍ଷକୁ ଅମଦେଶରେ ପ୍ରାୟ ୧୦ ଲକ୍ଷ ମହଣ ସାବୁନ ଅମଦାନି ହବାର କଥା ।

ଯେତକ ସାବୁନ ତିଆରିହୁଏ ଅମଦେଶରେ ସେଥିରୁ ଅଧିକାଂଶ ସାଧାରଣ ଲୁଗାଧୁଆ ସାବୁନ କହିଲେ ଚଳେ-- ସୁଗନ୍ଧ ଗାଧୁଆ ଓ Toilet ସାବୁନର ପରିମାଣ କମ୍ । ଦେଶୀ ସାବୁନର ଦାମ ହନ୍ଦର ଟ ୩୫୧ ରୁ ଟ ୮ଙ୍କା ଯାଏ ଅଛି – ୩୫ ଟଙ୍କିଆ ସାବୁନ ବିଦେଶୀ ସାବୁନର ସମାନ ନହେଲେ ମଧ୍ୟ ସେହି ଦାମର ବିଦେଶୀ ସାବୁନର ପାଖଆଖ କହିଲେ ଚଳେ ।

'ସାବୁନ' ବଡ଼ ଅନିର୍ଦ୍ଦିଷ୍ଟ ଶବ୍ଦ—ସାବୁନ ବୋଇଲେ ଅନେକପ୍ରକାର ଖରାପ-ଭାବରେ ମିଶା ହନାତି କରମା 'ବଜାରି' ଜିନିଷ ମଧ୍ୟ ତାରି-ଭିତରେ ଯାଏ ।

ସାବୁନ ବୋଲାଗଲେ ମଧ୍ୟ ତା ଦେହରେ ପ୍ରକୃତ ସାବୁନର ଉପକରଣ କିଛି ନ ଥାଏ । ପ୍ରକୃତ ଭଲ ସାବୁନ ଦେହରେ ୬୨ ଭାଗ ଚର୍ବି-ଜାତ ଏସିଡ୍, ୭ ଭାଗ ସ୍କାଲକାଲି ଓ ୩୧ ଭାଗ ଜଳୀୟାଂଶ ଥାଏ—ତା'ର ବଜାର ଦର ସାଧାରଣତଃ ଟ ୨୮୲ ଠାରୁ ଟ ୩୦୲ ଯାଏ । ବିଦେଶୀ ଓ ଦେଶୀ ସାବୁନରୁ ଅନେକ ସାବୁନରେ ଏତକ ଉପକରଣ ଠିକ୍ ଭାବରେ ନଥାଏ । ଅନେକ ସାବୁନରେ ସଫାକରିବା ଗୁଣ ଥିଲେ ମଧ୍ୟ ଓଜନ ବଢାଇବାପାଇଁ ବାଜେ ଜିନିଷ ଅନେକ ଥାଏ, ତେଣୁ ପାଣି ଅଧିକ ଧରି ସହଜରେ କ୍ଷୟ ହୋଇଯାଏ ।

ଦେଶୀ ସାବୁନରୁ ଅନେକକୁ ପରୀକ୍ଷା କରି ଦେଖା ଯାଇଅଛି ସେଥିରେ ଏସିଡ୍ ୧୫।୬୦ ଭାଗ, ଜଳୀୟାଂଶ ୫୩।୬୭ ଭାଗ ଏବଂ ଚୂନ ୮।୧୮ ଭାଗ ପର୍ଯ୍ୟନ୍ତ ଥାଏ, ଅନେକର ଉପକରଣ ସବୁ ଅସନା ଭାବରେ ମିଶା ହେବାରୁ ସାବୁନ ଉପର ଯାକ ଧଳା ଧଳା ଖଦ୍‌ଖଦଡ଼ିଆ ହୋଇଥାଏ—ଅଉ କେତେକରେ ନଡ଼ିଆତେଲ, ଚୂନ ଓ ପାଣି ଏକାଠି ମିଶାହୋଇ ସିଝାଇ ଦିଅଯାଏ— ଫଳରେ ଦେଶୀ ସାବୁନରୁ ଅନେକ ସାବୁନର କିଛି ଗୁଣ ନଥିବାରୁ ଖୁବ୍ କମ ଦରରେ ବିକ୍ରି ହୁଏ, କମ୍ଭା ବଜାରରେ ଆଦୌ ଚଳେନାହିଁ ।

ବିଦେଶୀ ଅମଦାନି ସାଧାରଣ ଧୋଇବା ସାବୁନର ଉପକରଣ ଦେଶୀ ସାବୁନ୍‌ର ଉପକରଣ ସଙ୍ଗରେ ସମାନ ହେଲେ ସୁଦ୍ଧା ସେ ସାବୁନ୍ ଏଡ଼େ କୌଶଳରେ ତିଆରି ଯେ ତାହାର ବାହାରର ଆକାର ପ୍ରକାର ଓ ରଙ୍ଗରୁ ତାକୁ ହଠାତ୍ ଖରାପ ସାବୁନ୍ ବୋଲି ବାରି ହୁଏ ନାହିଁ ।

ଯୁଦ୍ଧବେଳେ ଯେତେବେଳେ ବିଦେଶୀ ଅମଦାନି ଏକାବେଳେକେ କମି ଯାଇଥିଲା, ସେତେବେଳେ ଅମ ଦେଶରେ ଏଇ ଦରିଆ ଖରପା ସାବୁନ କେତେ ଯେ ତିଆରି ହୋଇ ବିକ୍ରି ହୋଇଯାଇଛି ତା'ର ଇୟତ୍ତା ନାହିଁ । ସେତେବେଳେ ଶସ୍ତା ହିସାବରେ ସବୁ କଟିଗଲା । ଯୁଦ୍ଧ ପରେ ବିଦେଶୀ ସାବୁନ ଅସି ବଜାରରେ ଭର୍ତ୍ତି ହୋଇଗଲା—ଦାମ ମଧ୍ୟ ଊଅସ୍ତ ହୋଇଗଲା, ଫଳରେ ଦେଶର ଖରପ ସାବୁନ୍‌କୁ କେହି ପଚାରିଲେ ନାହିଁ । ଯେତେଗୁଡ଼ାଏ ସାବୁନ୍ କାରଖାନା ଯୁଦ୍ଧଯୋଗେ ମହର୍ଗରୁ ପୋଷି ହୋଇ ଯାଉଥିଲେ ସେତକ 'ଗଣେଶ ଓଲଟାଇବାକୁ' ବାଧ୍ୟ ହେଲେ ।

Digitized by srujanika@gmail.com

ବର୍ତ୍ତମାନ ଅଲୋଚନା କରିବା କଥା ସବୁଦକଅଙ୍କୁ ଅମ ଦେଶୀ ସାବୁନ ବଦେଶୀ ସାବୁନ ସାଙ୍ଗରେ ଠିଆ ହୋଇ ପାରିବ କ ନାହିଁ । ବଦେଶରୁ କେତେ ପ୍ରକାର ସାବୁନ ଅସେ – ପ୍ରକାରେ ପ୍ରକାରେ କାମ ପାଇଁ ପ୍ରକାରେ ପ୍ରକାରେ ସାବୁନ–ଧୁଅ ଧୋଇ, ଗାଧୁଅ ସାଧୁଅ, ଚମଡ଼ା ଇତ୍ୟାଦ ଧୋଇବା ପାଇଁ, ନରମ ସାବୁନ ରେଶମ ଧୋଇବାପାଇଁ-- ଅନେକ ପ୍ରକାର ସାବୁନ ଅସେ । ଅମ ଦେଶରେ ଯେତେ ପ୍ରକାର କାମ ଯୋଗାଇବା ପାଇଁ ହରେକ ରକମ ସାବୁନ ତିଆରି ହୋଇ–ପାରିବ କ ନାହିଁ ଦେଖିବା କଥା । ଅଗରୁ ବୋଲାଯାଇଛି ଯେ ୫ ୧୭୮ ଦରର ସାଧାରଣ ଧୁଅ ଧୋଇ ସାବୁନ ବଦେଶୀ ଦେଶୀ ପ୍ରାୟ ସମାନ---ଦେଶୀ ସାବୁନ ଅଉ ଟିକିଏ ଭଲ କରାଯାଇପାରିଲେ ଏ ପ୍ରକାରର ବଦେଶୀ ସାବୁନ୍ ଅମଦାନୀ ବନ୍ଦ ହୋଇ ଯିବାର ଆଶା । ଦେଶରେ ସାବୁନ ତିଆରି କରିବାରେ ସୁବଧା ଅସୁବଧା ଉଭୟ ଅଛି । ଅସୁବଧାତକ କୌଣସି ପ୍ରକାରେ ସୁଧରେଇ ଦେଲେ ଦେଶର ସାବୁନ ତିଆରି ଗୋଟାଏ ଲାଭଜନକ ବ୍ୟବ–ସାୟ ହୋଇ ପଡ଼ନ୍ତା—ଗରିବ ଦୁଃଖୀ ବଡ ସାନ ଅନେକ–ଙ୍କର ପେଟ ପୋଷା ଚଳନ୍ତା ।

ଅମ ଦେଶରେ କଲକାରଖାନା ମାନଙ୍କରେ ତେଲ ଓ ଚର୍ବିର ବହୁତ ଅମଦାନୀ ହୁଏ ସେ ସବୁ ମଧ୍ୟ ଖୁବ୍ ସଳ ଅବସ୍ଥାରେ ବଜାରକୁ ଅସେ । ଶୁଖିଲା ଚର୍ବି ବା Tallow ଏବଂ Palm ତେଲର ଅଭାବ ହେଲେ ମଧ୍ୟ, ସେ ଅଭାବ ଚର୍ବି ଓ ହବ୍‌ଜୀ ତେଲ ପୁରାଇ ଦଏ । ଏଥିରୁ ଟାଣ ଓ ନରମ ସାବୁନ ଭଲ ତିଆରି ହୋଇ ପାରିବ ।

ଦାମୀ ଭଲ ସାବୁନ ଅପେକ୍ଷା ଅପେକ୍ଷାକୃତ ନୀରସ ସାଧାରଣିଆ ସାବୁନର ଲୋଡ଼ା ଅଧିକ । ନଡ଼ିଅତେଲ ଏପ୍ରକାର ସାବୁନର ପ୍ରଧାନ ଉପକରଣ । ନଡ଼ିଅ–ତେଲରେ ସାବୁନ ତିଆରି ସହଜରେ ଓ ସରଳରେ ହୁଏ ।

ଦେଶରେ ମଜୁରୀ ଅଳ୍ପ, ଜମି ଶସ୍ତା, କାରଖାନା ଉପଯୋଗୀ ଘର ତିଆରି ମଧ୍ୟ ଅଳ୍ପ ଖର୍ଚ୍ଚରେ ହେବ ।

ମ୍ୟୁନସିପାଲଟିର ବସ୍ତୃତ ବାହାରେ କଲକାରଖାନା ମାନଙ୍କରେ ଟିକସ୍ କମି—ସରକାରୀ ଟିକସ ଅନ୍ୟାନ୍ୟ ଦେଶ ମାନଙ୍କ ତୁଳନାରେ ନାମ ମାତ୍ର ।

ତିଅରି ସାବୁନ କଟାଇବା ପାଇଁ ବାରଆଡ଼ ଖୋଜ ବୁଲିବାକୁ ପଡ଼େ ନାହିଁ । କାରଖାନାର ଦୁଆରମୁହଁରେ ସାବୁନ୍ କଟିଯାଏ । ରେଲ ବା ଜାହାଜ ଭଡ଼ା କାଗଜ, ବାକ୍ସରେ ଭରିବା ଖରଚ ଲାଗେନାହିଁ ।

ଦେଶକୁ ଚାହିଁ ସାବୁନ ତିଅରିର ଉପକରଣ ଭିନ୍ନ ଭିନ୍ନ ପ୍ରକାର କରିବାର ସୁବଧା ମଧ୍ୟ ଅଛି । ପାଣି ଗୁଣ ଯେମିତ ସାବୁନ ଯୋଗେଇ ହେବ, ରଙ୍ଗ ଓ ବାସନା ଖରିଦ୍‌ଦାରଙ୍କୁ ଦେଖି ଦବାକୁ ହବ । ସାବୁନ ତିଆରିରେ ଗୋରୁ, ମେଣ୍ଢା ବା ଘୁସୁରିର ଚର୍ବି ନ ଦେଇ ତିଅରି କଲେ ବଦେଶୀ ସାବୁନର ଅଦର ମଧ୍ୟ କମିଯିବା କଥା— ଲୋକଙ୍କର ଧର୍ମ ଧାରଣା ଦୃଷ୍ଟିରେ ।

ଦେଶରେ ମାଛ ତେଲ ପରିଷ୍କାର ଓ ଅପରିଷ୍କାର ଅବସ୍ଥାରେ ବହୁତ ମିଳେ—ଶସ୍ତା ମଧ୍ୟ ।

ସୁବଧାକୁ ଚାହିଁ ଅସୁବଧା ମଧ୍ୟ ଅନେକ ଅଛି । ସାବୁନ ତିଅରି ପାଇଁ Glycerine, Alkali, Tallow ଅନେକ ପରିମାଣରେ ଦରକାର ଏଗୁଡ଼ିକ ବଦେଶରୁ ଅମଦାନୀ କରିବାକୁ ପଡ଼େ—ଦେଶରେ ସେ ଜନିଷ ସବୁ ତିଅରି ହୁଏ ନାହିଁ । ଜାଣି ଶୁଣିକରୁ ତ ମୂଳଧନର ଅଭାବ ସବୁ ବ୍ୟବସାୟରେ ଲାଗି ରହିଛି । ସାବୁନ ତିଅରି କଲ ଦେଶରେ ତିଅରି ହୋଇପାରେ ସତ, କିନ୍ତୁ ବଲାତ କଲରେ ଜନିଷ କମ ନଷ୍ଟ ହୁଏ । ସବୁ ଉପରେ ଅଭାବ ଭଲ ଜାଣିବା ବାଲାଙ୍କର । ସାବୁନ୍ ତିଅରି ଯୋଉମାନେ ୧୦।୩୦ ବର୍ଷ କରି ଖୁବ୍ ନାମ କରିଛନ୍ତି; ସେ ଧରଣିଆ ଲୋକ ଏଠି କାହାନ୍ତି ?

ଅବଶ୍ୟ ଦେଶରେ ସାବୁନ ତିଅରିରେ ଯେତେଗୁଡ଼ାଏ ଅଭାବର କଥା କୁହାଗଲା – ଯତ୍ନ କଲେ ସାହସ କଲେ ଅନେକ ଅଭାବ ମୋଚନ ହୋଇଯିବାର କଥା । ବଲାତ ସାବୁନ ତିଅରିରେ Tallow ବା ଶୁଖିଲା ଚର୍ବି ବହୁତ ଲାଗେ । ବଲାତରେତ ଏପ୍ରକାର ଚର୍ବି ବହୁତ ମିଳେ— ଯାହା ନଅଣ୍ଟ ହୁଏ Australia ଓ Argentine ରୁ ମେଣ୍ଢା ଓ ଗୋରୁ ଚର୍ବି ଅସି ପୁରାଇ ଦଏ । ଅମଦେଶରେ Tallow ପରିବର୍ତ୍ତରେ ନଡ଼ିଅତେଲ ଓ ଉଦ୍‌ଭିଜ୍ଜ fat ବ୍ୟବହାର ହୁଏ । ଏ ଜନିଷର ମଧ୍ୟ କୌଣସ ଅଭାବ

Digitized by srujanika@gmail.com

କେବେ ହେଲେ ହୁଏନାହିଁ । ସୁତରାଂ Tallow ର ଅଭାବ ସାବୁନ ତିଆରିକି ନବାଧିବାର କଥା ।

Alkali ମଧ୍ୟରେ ସୋଡ଼ା କଷ୍ଟିକ୍ ଦରକାର ବେଶି । ସୋଡ଼ାର ଯେ କେବେ ଅଭାବ ହେବ ଏପରି ଆଶା ନୁହେ । ବିଦେଶରୁ ଆମ ଦେଶକୁ ଯୋଉ ସୋଡ଼ା ଆସେ ତାର ଦାମ ଖୁବ୍ ଶସ୍ତା । ଯୁଦ୍ଧ ସମୟରେ ଭାଉ ଟିକିଏ ଚଢ଼ି ଯାଇଥିଲେ ହେଲେ ଅଉ ଯେ ଫେର ଏମିତି ହେବ ଏ ଆଶା ନାହିଁ । ଅଉ ମଧ୍ୟ ଆଜକାଲି ସୋଡ଼ା ପାଇଁ ଏକାବେଳେକେ ବିଦେଶକୁ ଚାହିଁ ବସିବା ଦିନ ଗଲାଣି । ଆମଦେଶରେ ସୋଡ଼ା ଯଥେଷ୍ଟ ପରିମାଣରେ ତିଆରି ହେଲାଣି—ଭବିଷ୍ୟତରେ ମଧ୍ୟ ସେ ଦିଗରେ ବିଶେଷ ଉନ୍ନତି ହେବାର ଆଶା ଦେଖା ଯାଉଛି ।

Glycerine ମଧ୍ୟ ଅଳ୍ପ ବହୁତରେ ତିଆରି ହେଉଛି ଓ ହବାର ଉଦ୍‌ଯୋଗ ମଧ୍ୟ ଚାଲିଛି । ତେବେ Glycerine distill କରିବା ପାଇଁ ଯୋଉ ଯନ୍ତ୍ର ଦରକାର; ସେ ଯନ୍ତ୍ରର ଦାମ ବହୁତ । ଦେଶରେ ଯେ ଅନେକ ଅଡ଼େ ସେପରି Glycrine distill କରିବା କଲକାରଖାନା କରାଯାଇ ପାରିବ ଏ ଆଶା ନୁହେଁ ଯାହା ମଇଳା Glycerine ଦେଶରେ ତିଆରି ହେଉଛି ସେଥିରେ ସାବୁନ ତିଆରି କାମ ଗେଁ ପେଁ ହୋଇ ଚଳେ । କିନ୍ତୁ ଭଲ ସାବୁନ ସେଥିରୁ ତିଆରି ହୋଇ ପାରିବା ର ଆଶା କମ । ବିଦେ-ଶକୁ Glycerine ପାଇଁ ଅନେଇ ବସି ସାବୁନ ତିଆରିରେ ହାତ ଦେବା ନିର୍ବୁଦ୍ଧିତା ।

ଦେଶରେ ଭଲ Glycerine ତିଆରି ନହେବା ଯାଏ ଭଲ Toilet ସାବୁନ ଦେଶରେ ତିଆରି ହବା କଥା ସହଜ ନୁହେ ।

ସାବୁନ ତିଆରିରେ କି କି ଜିନିଷ କି କି ପରିମାଣରେ ଲାଗେ ଏ କଥା ଆଗରୁ କୁହାଯାଇଛି । ବର୍ତ୍ତମାନ ପାଇଁ ଆମଦେଶରେ ବିଶେଷରେ ଧୂଆଧୋଇ ସାବୁନ ତିଆର ପ୍ରତି ନଜର ଦେବା ଉଚିତ । ଏ ସାବୁନ ସହଜରେ ତିଆରି ହୁଏ—ଏହାର ଉପକରଣ ଦେଶରେ ପ୍ରଚୁର ପରିମାଣରେ ମିଳେ ଅଉ ଏଥିରେ କୌଣସି ଦାମିକା କଲ କାରଖାନାର ଲୋଡ଼ା ନାହିଁ । ଏହି ଜାତୀୟ ବିଦେଶୀ ସାବୁନକୁ ହଟାଇ ଦେଇ ପାରିଲେ ସାବୁନ ତିଆରି ଲାଭଜନକ ବ୍ୟବସାୟ ହୋଇପାରନ୍ତା—toilet ସାବୁନ ତିଆରି କରିବା ତ ଦୂରର କଥା । ଆଗେ ଏଇ ପ୍ରକାର ସାଧାରଣ ସାବୁନ ତିଆରିରେ ହାତ ଠିକ୍ ହୋଇଗଲେ ଦେଶିକ ଦେଶରେ Glycerine ତିଆରି କରିବାର ସୁବିଧା ବଢ଼ିବା ସଙ୍ଗେ ସଙ୍ଗେ toilet ସାବୁନ ତିଆରି ଆଡ଼କୁ ହାତ ବଢ଼ାଇବାର କଥା । କାରଣ ଯାହା ହିସାବ କିତାପ ମିଳେ—ଆମ ଦେଶର ସାବୁନ ଆମରି ଦେଶରେ ଅଭାବଟିକ ପୂରଣ କରି-ପାରିଲେ ବହୁତ କାମ ହୁଅନ୍ତା—ଦେଶର ଅନେକ ପଇସା ବିଦେଶକୁ ନ ଯାଇ ଦେଶ, ଲୋକଙ୍କ ପେଟରେ ପଡ଼ନ୍ତା । ଓଡ଼ିଶାରେ ନଡ଼ିଆର ଅଭାବ ନାହିଁ—ପାଖ ପାଖ ଏ ଅଞ୍ଚଳ ଗଞ୍ଜାମ ଓ ମାନ୍ଦ୍ରାଜ ଅଡ଼େ ନଡ଼ିଆ ପ୍ରଚୁର ।

ନଡ଼ିଆତେଲ ମଧ୍ୟ ପ୍ରଚୁର ତିଆରି ହୁଏ । ଅଳ୍ପ ଟିକିଏ ଯତ୍ନରେ ନଡ଼ିଆତେଲ ବେଶ୍ ସଫା କରି ପରିଷ୍କାର ସାବୁନ ତିଆରି ଉପଯୋଗୀ କରିହବ । ସୋଡ଼ା ମଧ୍ୟ ସବୁଅଡ଼େ ଶସ୍ତା ଓ ଯଥେଷ୍ଟ ପରିମାଣରେ ମିଳିବ ।

ଓଡ଼ିଶାରେ ଏଅଡ଼େ କେହି ଯତ୍ନ କରି ନାହାନ୍ତି—କରିଥିଲେ ହେଲେ ବିଶେଷ ଜଣା ଶୁଣା ଭାବରେ କେହି ଗୋଟାଏ କିଛି କରିନାହିଁ । ଯାହା ଯିଏ କରିଛି ସାମାନ୍ୟ ଛୋଟ ଭାବରେ ଘରେ ଘରେ କରିଛି । କିଛିଦିନ କରି ମାଲ ବଜାରରେ ନ କଟିବାରୁ ଶେଷକୁ ବିରକ୍ତ ହୋଇ ଛାଡ଼ି ଦେଇଛି । ଅଥଚ ଏ ବ୍ୟବସାୟ ପାଇଁ ଆମ-ଦେଶରେ ସୁବିଧା ଅନେକ—ବଜାରରେ ଲୋଡ଼ା ମଧ୍ୟ କିଛି ଅଳ୍ପ ନୁହେ । ସତ୍ୟବାଦୀ ଜେଲାଙ୍କ ଇତ୍ୟାଦି ଭଳି ନଡ଼ିଆସମୃଦ୍ଧ ଦେଶରେ, ଯୋଉଠି ମଜୁରି କମ, ଲୋକଙ୍କର ଅଭାବ ବେଶି, ଅଉ ଯୋଉଠି ବେଶି ଲୋକ-ଙ୍କର ପେଟ ପୋଷିବା ଭଳି କିଛି ହେଲେ ସଂସ୍ଥାନ ନାହିଁ, ସେପରି ମଫସଲ ଯାଗାରେ ଟିକିଏ ଅଖିଦୁରୁଶିଆ ଧରଣର ଗୋଟାଏ ପ୍ରଚେଷ୍ଟା କରିବା ଯୁବକମାନର କାର୍ଯ୍ୟ ।

ସାଧାରଣ ଧୂଆଧୋଇ ସାବୁନ ତିଆରି କରିବାରେ ବିଶେଷ Expert ଜ୍ଞାନର ଲୋଡ଼ା ନାହିଁ । ଯାହାର ଅଳ୍ପ ବହୁତରେ ଦେଖିବା ଶୁଣିବା ବା ଜ୍ଞାନ ସଂଗ୍ରହ କରିବା ଦରକାର, ତାହା କଲିକତା ସାବୁନ କାରଖାନାରେ ବା ପାଖ



Digitized by srujanika@gmail.com

ଅଣା ଅନ୍ୟାନ୍ୟ ସାବୁନ କାରଖାନାରେ ଦନାକେତେ ଉହ ସଂଗ୍ରହ କରାଯାଇପାରେ। ଅମ ଦେଶର ଅନେକ ମଧ୍ୟବତ୍ତ ଲୋକେ କଲେଜରେ ପିଲାଙ୍କୁ ପାଠ ପଢ଼ାଇ ଅନେକ ସମୟ ଓ ଅର୍ଥ ନଷ୍ଟ କରନ୍ତି; ଶେଷରେ ପିଲାଟି ଚାକିରୀଟିଏ ନ ପାଇଲେ ମୁଣ୍ଡରେ ହାତଦେଇ ବସନ୍ତି ; ଚାରିଆଡ଼ ଅନ୍ଧାର ଦେଖିଯାଏ ।

ଲୋକେ ଯେବେ ପିଲାଙ୍କୁ କଲେଜରେ ପଢାଇବାରେ ଯେତିକି ଅର୍ଥ ବଅର୍ଥରେ ବ୍ୟୟ କରନ୍ତି ସେତିକି ଟଙ୍କା ସଂଚୟ କରି ପିଲାଙ୍କୁ ଏହି ଭଲଅ ଶ୍ରେଷ୍ଠ ଛୋଟ ବ୍ୟବସାୟ ଶିଖାଇ ଅଳପ ପାଣ୍ଠିରେ କାମରେ ଲଗାଇ ଦଅନ୍ତେ, ତାହାହେଲେ ଛୋଟଠଉଁ ବଡ଼ଯାଏ ସମସ୍ତଙ୍କୁ ଆଉ 'ହା ଅନ୍ନ' କରିବାକୁ ହୁଅନ୍ତାନାହିଁ ।

ଏ ସବୁ କଥା ମୂଳରେ Business training ବେପାର କରିବା ଭେଉଁତକ ହାସଲ କରିବା ଦରକାର । ସାଧାରଣ ଭାବରେ ବୁଦ୍ଧି ସୁଦ୍ଧି ଅଛି ବୋଲି ଇସ୍କୁଲ କଲେଜରେ ସରସ୍ଵତୀରେ ପାଶକରି ଆସିଛି ବୋଲି ଯେ 'ଯେ ନାଇଁ ସେ ଯେ ବ୍ୟବସାୟରେ ଉନ୍ନତିରିଯିବ' ଏମିତି କଥା ନୁହେଁ। ପଇସାଟିକି ଦପଇସା କରିବା ବଡ଼ କଷ୍ଟ । ଦେଖଣାହାରିଙ୍କି ସହଜ ଦିଶେ, କାମକଲା ଲୋକଙ୍କୁ ବ୍ୟବସାୟ ଭଡ଼ ମଣ୍ଡାକୁ ପାଇଯାଏ । ଅମ ଦେଶର ପିଲାଙ୍କୁ ସାଧାରଣ ଭାବରେ ଲେଖାପଢ଼ା ଶିଖାଇ-ଇଂରାଜୀ ଦଅକ୍ଷର ଶୁଦ୍ଧକରି ଲେଖି ପଢ଼ି କହି ପାରିବାଭଳି କରି ପ୍ରବୀଣ ବ୍ୟବସାୟୀ ମାନଙ୍କ ପାଖରେ Apprentice ଭାବରେ ରଖାଇ ବୁଦ୍ଧି ଶିଖାଇବା ଉଚିତ । ତା'ପରେ ତାଙ୍କ ହାତରେ ଅଲ୍ପଅଲ୍ପ ମୂଳ ଧନ ଦେଇ ଗୋଟାଏ ବାଟ ଦେଖାଇଦେଲେ ଦେଶର ଦଶା ଅନେକ ଫେରିଯାଆନ୍ତା । ପିଲା ହାତରେ ଧନ ଦେଇ ଏକାବେଳକେ ନିଶ୍ଚିନ୍ତ ହେବା ମଧ୍ୟ ବୁଦ୍ଧିମାନର କାମ ନୁହେଁ । ଦନାକେତେ ବେଳେ୨ ତାଙ୍କର ହିସାବ କିତାବ ଦେଖିତାଙ୍କୁ ଚେତାଇଦବା ଦରକାର । ଦନାକେତେ ଠିକଏ ଭୟରକ୍ଷି ସାବଧାନରେ କାମକଲେ ତେଣିକି ସେମାନଙ୍କ ନିଜ ବୁଦ୍ଧିରେ କାମ କରିବାକୁ ଛାଡ଼ିଦେଇ ନିଶ୍ଚିନ୍ତ ହେବା ଉଚିତ । ତେଣିକି ସେମାନେ ମାଡ଼ିଯିବେ ।

ଲୋକେ ଚାକିରୀ ଚାକିରୀ ହୋଇ ତଣ୍ଟି ଶୁଖାଉଛନ୍ତି । ନିଦାଘ ଖରାରେ ଟୋପାଏ ହେଲେ ବର୍ଷା ହଉନାହିଁ । କେବେ ଲୋକେ ଏ ମହାଜନ ପନ୍ଥା ଛାଡ଼ି ସାଧାରଣ ବାଟକୁ ଆଖି ମେଲାଇ ଦେଖିବେ—କେବେ ଦେଶର ଏ ଦୁର୍ଦ୍ଦଶା ମୋଚନ ହେବ—ଭଗବାନ ଜାଣନ୍ତି !

---

## ସହଯୋଗ ବା ସମବାୟ ସମିତିର ଉଦ୍ଦେଶ୍ୟ

**ଶ୍ରୀ ଶରତ୍‌ଚନ୍ଦ୍ର ଘୋଷ**

ସାଧାରଣତଃ ମଫସଲର ଲୋକମାନେ ମନେ କରନ୍ତି ଯେ ସମିତି ସ୍ଥାପନ କରିବା ମାନେ 'ଟଙ୍କା କରଜ ଦେଇ ମହାଜନ ଆରମ୍ଭ କରିବା' ମାତ୍ର ଏ ଧାରଣା ସେମାନଙ୍କର ସମ୍ପୂର୍ଣ୍ଣ ଭୁଲ । ଅମ୍ଭମାନଙ୍କ ଦେଶରେ ଏହି movement ଟି ନୂତନ ବୋଲି ଏପରି ଭ୍ରମ କାହାରି୨ ଅଛି, ମାତ୍ର ଏହି ଭ୍ରମଟି ଶୀଘ୍ର ଦୂର ହେବା ଆବଶ୍ୟକ । ଇଂଲଣ୍ଡର, ଜର୍ମାଣୀ, ଅମେରିକା, ଇଟାଲି ପ୍ରଭୃତି ସଭ୍ୟ ଜଗତରେ ସହଯୋଗ ଅନ୍ଦୋଳନ ଦ୍ଵାରା ଶ୍ରମଜୀବୀ ଓ କୃଷିଜୀବୀମାନଙ୍କର ଆର୍ଥିକ ଅବସ୍ଥା ବିଶେଷ ଭାବରେ ଉନ୍ନତ ହୋଇଅଛି । ଏଣୁକରି ଏହି ଦେଶରେ ଉକ୍ତ ପ୍ରକାର ଅନ୍ଦୋଳନର ପ୍ରଚାର ନିମନ୍ତେ ଚେଷ୍ଟା ହେଉଅଛି । ମୁଁ ଏଠାରେ ଗୋଟିଏ ଉଦାହରଣ ନ ଦେଇ ରହି ପାରୁନାହିଁ । ନରୱେ ରାଜ୍ୟର କୃଷିମାନେ ଏହି ସହଯୋଗ ନୀତିର ଅନୁସରଣ କରି ବର୍ତ୍ତମାନ ଉନ୍ନତିର ଚରମ ସୀମାରେ ଉପସ୍ଥିତ

Digitized by srujanika@gmail.com

ହୋଇଅଛନ୍ତି । ସେମାନେ ଅପଣା ୨ ଘରେ Telephone connection ଲଗାଇଅଛନ୍ତି । ଏହା ଶୁଣିଲେ ମନରେ କି ଅନିର୍ବଚନୀୟ ଆନନ୍ଦ ହୁଏ ! ଆମ୍ଭମାନଙ୍କ ଦେଶର କୃଷକ-ମାନଙ୍କର ଅବସ୍ଥା ଏବଂ ସେଠାକାର କୃଷକମାନଙ୍କର ଅବସ୍ଥା ମଧ୍ୟରେ କେତେ ପାର୍ଥକ୍ୟ ଦେଖନ୍ତୁ ।

ସମିତିସ୍ଥାପନ କରିବାର ଅନେକଗୁଡ଼ିଏ ମହତ୍ତ୍ୱ ଉଦ୍ଦେଶ୍ୟ ଅଛି ! ଯେ ଗୁଡ଼ିକ ଏ ଲୋକେ ବୁଝି ପାରୁ ନାହାନ୍ତି, କେହି ୨ ବୁଝିଲେ ମଧ୍ୟ ପାଶୋରି ଯାଉଅଛନ୍ତି । ଗ୍ରାମ-ମାନଙ୍କରେ ସମିତି ସ୍ଥାପନ କରିବାର ଉଦ୍ଦେଶ୍ୟ ଅନେକ ଅଛି, ତନ୍ମଧ୍ୟରେ କେତୋଟି ମାତ୍ର ନିମ୍ନରେ ପ୍ରକାଶ କଲି; ଯଥା—

୧ । ପ୍ରଥମ ଉଦ୍ଦେଶ୍ୟ—ସମିତି ମେମ୍ବରମାନଙ୍କ ମଧ୍ୟରେ ଏକତା ଅର୍ଥାତ୍ ମନର ମେଳ ରଖାଇବା । ସମସ୍ତେ ଭଲରୂପେ ମନେ ରଖିବେ ଯେ ଏକ ପଇସା ଋଣ ନ ନେଇ ମଧ୍ୟ ସମିତିର ମେମ୍ବର ହୋଇ ପାରନ୍ତି, ଅତଏବ ମହାଜନୀ ବ୍ୟବସାୟ ଏହାର ମୂଳ ଉଦ୍ଦେଶ୍ୟ ନୁହେଁ, ଏହା ଭଲରୂପେ ବୁଝିବା ଉଚିତ । ସମିତି ହେବାଦ୍ୱାରା ପାଞ୍ଚଜଣ ମାସରେ ଥରେ ଅନ୍ତତଃ ଏକାଠି ବସିବା, ଭଲ ମନ୍ଦ କଥାବାର୍ତ୍ତା ହେବା, କିପରି ଅପଣା ଅପଣାର ମଙ୍ଗଳ ହେବ ସେ ବିଷୟ ଚିନ୍ତା କରିବା ଇତ୍ୟାଦି ବିଷୟର ଅଭ୍ୟାସ ହେବ । ଥରେ ପାଞ୍ଚଜଣ ଏକାଠି ବସି ସମସ୍ତଙ୍କ ମତ ଯେନ କାର୍ଯ୍ୟ କରିବାର ଅଭ୍ୟାସ ହୋଇଗଲେ ଆଉ ଭାବନା ନାହିଁ ।

୨ । ଦ୍ୱିତୀୟ ଉଦ୍ଦେଶ୍ୟ—ଗ୍ରାମବାସିମାନଙ୍କ ମଧ୍ୟରେ କଳି କଜିଆ ବା ଜମିବାଡ଼ି ଯେବେ ଗୋଳମାଳ ହେଲେ ମେମ୍ବରମାନେ ଏକାଠି ବସି ତାହା ମେଣ୍ଟାଇଦେବେ, କାରଣ ମାମଲା ମୋକଦ୍ଦମା କରି ଲୋକେ ସର୍ବନାଶ ହୋଇଯାଉଅଛନ୍ତି । ମାମଲା ମୋକଦ୍ଦମାର କି ବିଷମୟ ଫଳ ତାହା ସମସ୍ତେ ବୁଝିଅଛନ୍ତି, ମାତ୍ର ଅପଣା ମଧ୍ୟରେ ମେଳ ନ ଥିବାରୁ ନଷ୍ଟ ହୋଇ ଯାଉଅଛନ୍ତି ଏଥିରେ କିଛିମାତ୍ର ସନ୍ଦେହ ନ ଥିବାର ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରିବେ । ଏପରି ଦିନ ଆସିବ ଯେତେବେଳେ କି ଏହି ଗ୍ରାମ୍ୟସମିତି ଗୁଡ଼ିକ ଗ୍ରାମବାସୀମାନଙ୍କ ସମସ୍ତ କଳି କଜିଆ ନିଷ୍ପତ୍ତି କରିଦେବେ ଓ ଲୋକମାନଙ୍କର ଆଉ ଅଦାଲତର ଆଶ୍ରୟ ଗ୍ରହଣର ଆବଶ୍ୟକ ହେବ ନାହିଁ ଓ ସେମାନଙ୍କର ଅନେକ ପଇସା ଘରେ ରହିଯିବ । ଏପରି ଶୁଭ ଧନରେ ମୂଳ ହେଉଅଛି ପ୍ରତି ଗ୍ରାମରେ ସହଯୋଗ ସମିତିମାନ ସ୍ଥାପନ ।

୩ । ତୃତୀୟ ଉଦ୍ଦେଶ୍ୟ—ଗ୍ରାମବାସିମାନଙ୍କର ବିଶେଷ ଅଭାବ ଓ ଅସୁବିଧା ହେଲେ ତାହାର ପ୍ରତିକାର କରିବା । ମନେ କରନ୍ତୁ କେଉଁଠାରେ ବନ୍ଧ ତିଆର କରିବା ଅବଶ୍ୟକ ବା ବନ୍ଧ ଭାଙ୍ଗି ଯାଇଅଛି, ତାହା ମରାମତ ନ କଲେ ବଢ଼ି ସମୟରେ ବିଶେଷ କ୍ଷତିହେବାର ସମ୍ଭବ, ସେପରି ସ୍ଥାନରେ ସମିତି ଓ କେନ୍ଦ୍ର ସମିତି ଉଭୟ ମିଳି ଗ୍ରାମବାସୀମାନଙ୍କର ଉକ୍ତ ଅଭାବ ଯଥାସାଧ୍ୟ ଦୂର କରିବେ ।

୪ । ଚତୁର୍ଥ ଉଦ୍ଦେଶ୍ୟ—କୃଷି ବିଷୟକ ଉନ୍ନତି । ଗ୍ରାମମାନଙ୍କରେ ଉପଯୁକ୍ତ ସ୍ଥାନ ଦେଖି ଅଖୁ, କପା, ଗୋଲଅଳୁ, ଚିନାବାଦାମ ଇତ୍ୟାଦିର ଚାଷ କରିବା; କାରଣ ଏ ଗୁଡ଼ିକ ବିଶେଷ ଲାଭଜନକ ଫସଲ ଅଟେ । ଉକ୍ତ ଚାଷ ନିମନ୍ତେ ଉତ୍କୃଷ୍ଟ ମଞ୍ଜି କେନ୍ଦ୍ର ବ୍ୟାଙ୍କ ସାହାଯ୍ୟରେ ମିଳିପାରିବ ଓ ଚାଷିମାନେ ତାହା ଲଗାଇବାର ଉତ୍କୃଷ୍ଟ ଉପାୟମାନ କଟକ ସରକାରୀ କୃଷି ଉଦ୍ୟାନରୁ ଶିକ୍ଷାକରି ବିଶେଷ ଲାଭବାନ୍ ହୋଇପାରିବେ । କୃଷିହିଁ ଆମ୍ଭମାନଙ୍କ ଦେଶରେ ଉନ୍ନତିର ମୂଳମନ୍ତ୍ର । ଅତଏବ ସମିତି—କେନ୍ଦ୍ର ବ୍ୟାଙ୍କ ସାହାଯ୍ୟରେ ଚାଷ କରିବାର ସୁବିଧା ପାଇଲେ ମେମ୍ବରମାନଙ୍କର ଓ ତହିଁ ସଙ୍ଗେ ସଙ୍ଗେ ଗ୍ରାମବାସୀମାନଙ୍କର ବିଶେଷ ଉନ୍ନତି ମଧ୍ୟ ହେବ ଏହା ନିଶ୍ଚୟ ।

୫ । ପଞ୍ଚମ ଉଦ୍ଦେଶ୍ୟ—ସ୍ୱାସ୍ଥ୍ୟ ପ୍ରତି ଲକ୍ଷ । ଗ୍ରାମ ମଧ୍ୟରେ ମ୍ୟାଲେରିଆ ପ୍ରଭୃତି ରୋଗର ପ୍ରାଦୁର୍ଭାବ ହେଲେ କେନ୍ଦ୍ର ବ୍ୟାଙ୍କ ସାହାଯ୍ୟରେ ଭଲ ଔଷଧ ମେମ୍ବରମାନେ ଅତି ସହଜରେ ପାଇପାରିବେ । ଏତଦ୍ଦ୍ୱାରା ମାରିଭୟ ନିବାରଣ ହୋଇ ସେମାନେ ସୁଖ ସ୍ୱଚ୍ଛନ୍ଦରେ ବାସ କରିପାରିବେ । ଗ୍ରାମ ମାନଙ୍କରେ ଥିବା ପୁରାତନ ଦଳପୂର୍ଣ୍ଣ ପୁଷ୍କରିଣୀମାନଙ୍କର ପଙ୍କୋଦ୍ଧାର କରିବାର ଏକାନ୍ତ ଆବଶ୍ୟକ । ଉକ୍ତ ଜଳ ମ୍ୟାଲେରିୟାର ବୀଜ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହାହିଁ ଗ୍ରାମବାସୀମାନଙ୍କର ସ୍ୱାସ୍ଥ୍ୟହାନିର ପ୍ରଧାନ କାରଣ ଓ ଏହାର ସଂସ୍ପର୍ଶରେ ବାୟୁ ଦୂଷିତ ହୋଇ

Digitized by srujanika@gmail.com

ଅଧିକ ଅନିଷ୍ଟ ହେବାର ସମ୍ଭାବନା । ଗ୍ରାମ୍ୟ ସମିତିମାନେ କେନ୍ଦ୍ର ବ୍ୟାଙ୍କ ସାହାଯ୍ୟରେ ଉକ୍ତ ଦୋଷ ଗୁଡ଼ିକର ପ୍ରତିକାର କରାଇପାରିବେ । ଉକ୍ତ କାର୍ଯ୍ୟ ନିମନ୍ତେ ଡ଼ିଷ୍ଟ୍ରିକ୍ଟ୍‌ବୋର୍ଡର ସାହାଯ୍ୟ ଆବଶ୍ୟକ ହେଲେ ମଧ୍ୟ କେନ୍ଦ୍ର ବ୍ୟାଙ୍କ ତାହାର ବନ୍ଦୋବସ୍ତ କରି ଗ୍ରାମବାସୀମାନଙ୍କ ଯଥାର୍ଥ ଅଭାବ ପୂରଣ କରିବେ । ଅତଏବ ସମିତି ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଲକ୍ଷରଖି କାର୍ଯ୍ୟ କରୁଅଛନ୍ତି ଏହା ସମସ୍ତଙ୍କର ମନେ ରଖିବା ଉଚିତ । ଗତାୟତ ନିମନ୍ତେ ଉପଯୁକ୍ତ ରାସ୍ତାର ଅଭାବ ଥିବାର ଜାଣିପାରିଲେ କେନ୍ଦ୍ର ବ୍ୟାଙ୍କ ଡ଼ିଷ୍ଟ୍ରିକ୍ଟ୍ ବୋର୍ଡ଼କୁ ଜଣାଇ ସେ ଅଭାବ ମଧ୍ୟ ପୂରଣ କରିପାରିବେ । ଅତଏବ ଯାହା କି ଗ୍ରାମବାସିମାନେ କେବେହେଁ କରି ପାରି ନ ଥାନ୍ତେ ତାହା କେନ୍ଦ୍ର ବ୍ୟାଙ୍କ ସାହାଯ୍ୟରେ ସେମାନେ ଅକ୍ଳେଶରେ ପାଇ ପାରିବେ ।

୬ । ଷଷ୍ଠ ଉଦ୍ଦେଶ୍ୟ—ଶିକ୍ଷାବିସ୍ତାର । ଗ୍ରାମରେ ସ୍କୁଲର ଅଭାବ ଥିଲେ ତାହା ସ୍ଥାପନ କରିବାର ଚେଷ୍ଟା କରିବା ସମିତିର ଓ କେନ୍ଦ୍ର ବ୍ୟାଙ୍କର ପ୍ରଧାନ କର୍ତ୍ତବ୍ୟ । ଯଦି କୌଣସିଠାରେ ସ୍କୁଲ ଥାଏ ତାହାର ଉନ୍ନତି ବିଧାନ ମଧ୍ୟ ସମିତିର ଉଦ୍ଦେଶ୍ୟ ଅଟେ । ଶିକ୍ଷା ବିସ୍ତାର ବ୍ୟତୀତ ଅମ୍ଭମାନଙ୍କର ଉନ୍ନତି ଅସମ୍ଭବ । ଉଦାହରଣ ସ୍ୱରୂପ ଲେଖୁଅଛୁ ଯେ ମହାନଦୀ ଅପର ପାର୍ଶ୍ୱସ୍ଥ ବାଣୀପଦା ସମିତିର ମେମ୍ବରମାନେ ସ୍କୁଲ ଗୃହନିମନ୍ତେ କଟକ କେନ୍ଦ୍ର ବ୍ୟାଙ୍କ ଜରିଅରେ ସାହାଯ୍ୟ ଚାହିଁଥିଲେ । ବିହାର ଓଡ଼ିଶା ବିଭାଗର ସହଯୋଗ ସମିତି ଇଲାକାର ରେଜଷ୍ଟ୍ରାର ସାହେବ ମହୋଦୟ ଉକ୍ତ ସ୍କୁଲଗୃହ ନିର୍ମାଣ ନିମନ୍ତେ ଟ ୪୦ ଙ୍କା ମଞ୍ଜୁର କରିଅଛନ୍ତି । ମେମ୍ବରମାନେ ଉତ୍ସାହୀ ହେଲେ ନୂତନ ୨ ସ୍କୁଲ ପ୍ରତି ଗ୍ରାମରେ ସ୍ଥାପିତ ହୋଇ ଗ୍ରାମବାସୀଙ୍କର ବିଶେଷ ଉପକାର ସାଧିତ ହେବ । ବର୍ତ୍ତମାନ କଟକ କେନ୍ଦ୍ର ବ୍ୟାଙ୍କ କଟକ ଡ଼ିଷ୍ଟ୍ରିକ୍ଟବୋର୍ଡ ହାତରୁ କେତେଗୁଡ଼ିଏ ସୁଦୂରବର୍ତ୍ତୀ ସ୍କୁଲର ପରିଚାଳନ ଭାର ସ୍ୱହସ୍ତେ ନେଇଅଛନ୍ତି । ଟାଉନରୁ ନିକଟବର୍ତ୍ତୀ ସ୍କୁଲଗୁଡ଼ିକ ଶିକ୍ଷା ବିଭାଗର କର୍ତ୍ତୃପକ୍ଷମାନଙ୍କ ଚକ୍ଷୁ ନିକଟରେ ଥିବା ଯୋଗେ ତତ୍ତ୍ୱାବଧାରଣର ସୁବିଧାପ୍ରାପ୍ତ ହୋଇଥାଏ, ମାତ୍ର ଦୂରବର୍ତ୍ତୀ ସ୍କୁଲଗୁଡ଼ିକ ଅତିଦୂରରେ ଥିବା ଓ ସେଠାକୁ ଗମନାଗମନ ନିମନ୍ତେ ସୁବିଧାଜନକ ପକ୍କା ରାସ୍ତା ନଥିବା ଯୋଗେ ସରକାରୀ ଓ ବେସରକାରୀ କର୍ତ୍ତୃପକ୍ଷମାନଙ୍କର ବିଶେଷ ଦୃଷ୍ଟି ପ୍ରାପ୍ତ ହୋଇ ପାରେ ନା, ଏଥି ନିମନ୍ତେ ଶେଷୋକ୍ତ ସ୍କୁଲଗୁଡ଼ିକର ଭାର ସର୍ବ ପ୍ରଥମେ ଗ୍ରହଣ କରିବା ଆବଶ୍ୟକ ଜାଣି କଟକ କେନ୍ଦ୍ର ବ୍ୟାଙ୍କ ସ୍ୱହସ୍ତରେ ନେଇ ଅଛନ୍ତି ।

୭ । ସପ୍ତମ ଉଦ୍ଦେଶ୍ୟ—ଶିଳ୍ପର ଉନ୍ନତି । ପୂର୍ବ-କାଳରେ ଶିଳ୍ପୋନ୍ନତି ଦ୍ୱାରା ଅମ୍ଭେମାନେ କି ଉନ୍ନତ ଅବସ୍ଥାପ୍ରାପ୍ତ ହୋଇ ଥିଲୁଁ ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଶ୍ରୀ ଭୁବନେଶ୍ୱର, କୋଣାର୍କ, ଓ ପୁରୀ ବଡଦେଉଳ ମାନ; ମାତ୍ର ଅମ୍ଭେମାନେ ସେହି ଶିଳ୍ପିମାନଙ୍କର ବଂଶଧର ହୋଇ ବର୍ତ୍ତମାନ ପରିଚୟ ଦେବାକୁ-ଲଜ୍ଜିତ ହେଉଅଛୁଁ । ବର୍ତ୍ତମାନ ପ୍ରସ୍ତର ଖୋଦେଇ ଶିଳ୍ପର ଉନ୍ନତିବିଧାନ ଏକାନ୍ତ ଆବଶ୍ୟକ । ଏଥି ନିମନ୍ତେ ସମବେତ ଚେଷ୍ଟା ଆବଶ୍ୟକ । ପଥରିଆ ମାନଙ୍କର ଗୋଟିଏ ସମିତି କରି ସେମାନଙ୍କୁ ଉକ୍ତ ଶିଳ୍ପଶିକ୍ଷା ନିମନ୍ତେ ସାହାଯ୍ୟ ପ୍ରଦାନ କଲେ ବିଶେଷ ଫଳଲାଭର ସମ୍ଭାବନା । ଉକ୍ତ ଶିଳ୍ପୀକୁଳ ପୁନରାୟ ଗଠନ କରିବାକୁ ହେବ । ସହଯୋଗ ବା ସମବେତ ଚେଷ୍ଟା ଦ୍ୱାରା କ'ଣ ନ ହୁଏ ? ଏହି ଦେଖ ? କଟକର ଶ୍ରୀ ରାଧାନାଥ ଛାପାଖାନାଟି ସହଯୋଗ ସମିତି ମେମ୍ବରମାନେ ଚଳାଉ ଅଛନ୍ତି । କଟକ କେନ୍ଦ୍ରବ୍ୟାଙ୍କ ଅଧୀନରେ ଅନେକ ଗୁଡ଼ିଏ Industrial society ଅଛି; ଯଥା:—୫ଟି ତନ୍ତୁବାୟ ସମିତି, ୨ଟି କଂସା ବାସନର ସମିତି, ଗୋଟିଏ ଧୀବରମାନଙ୍କ ସମିତି, ଦୁଇଗୋଟି ମୋଚିମାନଙ୍କ ସମିତି ଇତ୍ୟାଦି । ଏହା ବ୍ୟତୀତ ଅନ୍ୟାନ୍ୟ ରକମର ଶିଳ୍ପ ସମିତି ସ୍ଥାପନ ନିମନ୍ତେ ବିଶେଷ ଚେଷ୍ଟା ମଧ୍ୟ ହେଉଅଛି । ଅତଏବ କେନ୍ଦ୍ର-ବ୍ୟାଙ୍କ ଅର୍ଥ ସାହାଯ୍ୟ ଦ୍ୱାରା ନାନାପ୍ରକାର ନୂତନ ଧରଣର ଜିନିସ ପ୍ରସ୍ତୁତ କରାଇବାର ଉପାୟ ଶିଖାଇ ଶିଳ୍ପୋନ୍ନତିର ବିଶେଷ ଚେଷ୍ଟା କରୁଅଛନ୍ତି ।

ଭାଇମାନେ ! ବର୍ତ୍ତମାନ ବୁଝିଲେ କି ? ସମିତିର ଉଦ୍ଦେଶ୍ୟ କଣ ?

ସୁଦୂର ଗ୍ରାମମାନଙ୍କରେ ସମିତି ସ୍ଥାପନକରି ଗ୍ରାମବାସୀମାନଙ୍କ ମଧ୍ୟରେ ଏକତା ସ୍ଥାପନ କରି ତାଙ୍କର ଆର୍ଥିକ କୃଷି, ବାଣିଜ୍ୟ, ସ୍ୱାସ୍ଥ୍ୟ, ନୈତିକ ଓ ଶିଳ୍ପ ବିଷୟକ ଉନ୍ନତି

Digitized by srujanika@gmail.com

ସଧାନହିଁ ସହଯୋଗ ନୀତିର ଉଦ୍ଦେଶ୍ୟ । ଗୋଟିଏ ଗ୍ରାମ୍ୟ ସମିତି ଗ୍ରାମବାସିମାନଙ୍କର ଉନ୍ନତିର ମୂଳଦୁଆ ବୋଲି ମନେ ରଖିବା ସମସ୍ତଙ୍କର ଉଚିତ । ଅତଏବ ଭାଇମାନେ, ସମସ୍ତେ ମିଳି ଚେଷ୍ଟାକର; ପ୍ରତି ଗ୍ରାମରେ ଯେତେଗୋଟି ପାର ସମିତି ସ୍ଥାପନକର ଓ ଗ୍ରାମବାସୀମାନଙ୍କର ଉନ୍ନତିକର, ନିନ୍ଦାକାରୀମାନେ କିଛି କହିଲେ ସେଥିରେ କାନ ଦିଅ ନା, ନିଜ କାର୍ଯ୍ୟ ମନୋଯୋଗ ଦେଇ କର, ଏହାର ଫଳ ଭଗବାନ ନିଶ୍ଚୟ ଦେବେ । ଭଲ କାର୍ଯ୍ୟ କରିବାକୁ ଗଲେ ମନ୍ଦ ନହିଁ ମହତ ନିଶ୍ଚୟ ଥିବ । ଏମନ୍ତ କି ଶ୍ରୀ ଚୈତନ୍ୟ ଦେବଙ୍କ ପ୍ରଚୁର କାର୍ଯ୍ୟରେ ମଧ୍ୟ ନିନ୍ଦାକାରୀ ମାନେ ବାଧା ଦେଇଥିଲେ । ଅମ୍ଭମାନଙ୍କ କଥା କିଏ ପଚାରେ ? ପରିଶେଷରେ ମୁଁ ବିଶେଷ ଭାବରେ ପ୍ରାର୍ଥନା କରୁଅଛି ଯେ, ଭାଇମାନେ—ମୋହର ଏହି ନିବେଦନଟି ଧରି ମୋର ଆହ୍ୱାନରେ ଅନ୍ତରର ସହିତ ଯୋଗଦାନ-ଦେଇ ସ୍ଥାନେ ସ୍ଥାନେ ସମିତି ସ୍ଥାପନ କରିବାଦ୍ୱାରା ଆପଣା ଆପଣା କର୍ତ୍ତବ୍ୟ ପାଳନ କରିବେ ଓ ମାତୃଭୂମିର ମୁଖୋଜ୍ଜ୍ୱଳ କରିବେ । ମୋହର ଆଶା ମୋହର ପ୍ରାର୍ଥନାଟି କେବେହେଁ ବିଫଳ ହେବନାହିଁ ।

---

# ଶିଳ୍ପ ସଙ୍କେତ

ଶ୍ରୀ ହାଡ଼ୀବନ୍ଧୁ ବେହେରା

### ଦର୍ପଣ

ଦର୍ପଣ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ କାଚଟିକୁ ଭଲରୂପେ ପରିଷ୍କାର କରିବା ଦରକାର । ଯଦି କାଚରେ କୌଣସି ତେଲିଆଂଶ ଲାଗିଥାଏ ତାହାହେଲେ ତାକୁ ଖଣ୍ଡେ କନା ବା ତୁଳାରେ ସ୍ପିରିଟ୍ ନେଇ ପରିଷ୍କାର କରିବାକୁ ହୁଏ । ପରେ ପରିଷ୍କାର ହୋଇଗଲେ ପରିଶ୍ରୁତ (Distilled) ପାଣିରେ ଭଲରୂପେ ଧୋଇ ଯେଉଁଠାରେ ଧୂଳି ନପଡ଼ିବ ଏପରି ସ୍ଥାନରେ ରଖିଦିଆଯାଏ ।

କାଚ ଶୁଖିଗଲେ ତତ୍ପରେ ସେହି କାଚର ପୃଷ୍ଠରେ କୌଣସି ରକମ ମହମ ବା ମହମବତୀରେ ବୁଡ଼ା ହୋଇଥିବା କାଗଜର ବାଡ଼ ଦେବାକୁ ପଡ଼େ—ଯେପରିକି କାଚଉପରେ ପାଣିଢାଳିଲେ ତାହା ଗଡ଼ି ଯିବନାହିଁ । ଏହିକି କଲାପରେ ସେହି କାଚଟିକୁ କୌଣସି ଟେବୁଲ ଉପରେ Level ବା ସମାନ କରି ରଖିବାକୁ ପଡ଼େ—ସମାନ କରି ନରଖିଲେ କାଚଉପରେ ପାଣି ସମଭାବରେ ରହେନାହିଁ ।

ଏସମସ୍ତ କାର୍ଯ୍ୟ କଲାପରେ ନିମ୍ନଲିଖିତ ବିଧି ଅନୁସାରେ ଜିନିଷ ତିଆରି କରି ରଖିବାକୁ ହୁଏ—

ସିଲଭର୍ ନାଇଟ୍ରେଟ ୨ ଗ୍ରାମ୍ କିଛି Distilled ପରିଶ୍ରୁତ ପାଣିରେ ମିଳେଇ ଦବାକୁହୁଏ । ପାଣିରେ ତାହା ମିଳେଇ ଗଲେ ତହିଁରେ ଧୀରେ ଧୀରେ ଆମୋନିଆ ଦବାକୁ ପଡ଼େ; ଆମୋନିଆ ପ୍ରଥମେ ଦେଲେ ପୂର୍ବ ପାଣି ଗୋଳିଆ ହୋଇଯାଏ । ତତ୍ପରେ ବେଶୀଦେଲେ ଧୀରେ ପରିଷ୍କାର ହୋଇଆସେ । ଯେତେବେଳେ ଏହି Solution ପରିଷ୍କାର ହୋଇଯାଏ ସେତେବେଳେ ଆଉ ଆମୋନିଆ ଦବାକୁ ପଡ଼ିନାହିଁ । ତତ୍ପରେ ଏହି ପାଣିରେ ଆଉ ଅଧିକ Distilled water ମିଶାଇ ଉକ୍ତ ୩୦୦ cc. କରିବାକୁ ପଡ଼େ, ପରେ ଏହି ପାଣିକୁ ଫୁଟାଇ ଭଲକରି ଛାଣି—Distilled water ରେ ଧୂଆ ହୋଇଥିବା ବୋତଲରେ ଭଲରୂପେ ଠିପିଦେଇ ରଖିବାକୁ ପଡ଼େ ।

**2nd Sol or (B)—**

300 cc. Distilled water ରେ 3 gms. Rochelle salt ଓ 1 gr silver nitrate ଦେଇ ଫୁଟାଇବାକୁ ହୁଏ । ତାହା ଫୁଟି କଳାହୋଇଗଲେ—ତାକୁ ଛାଣି ଅନ୍ୟ ଗୋଟିଏ Distilled water ରେ ଧୂଆ ହୋଇଥିବା ବୋତଲରେ ଭଲରୂପେ ଠିପି ଦେଇ ରଖିବାକୁ ହୁଏ ।

ଏହି ୨ଗୋଟି Sol ତିଆରି ହୋଇଗଲେ ଅନ୍ୟ-ଗୋଟିଏ ପାତ୍ରରେ (ଯାହାକି Distilled water ରେ ଧୂଆ ହୋଇଥିବ) କାଚର ପରିମାଣ ଦେଖି ଏହି ଦୁଇଗୋଟି Sol କୁ ସମାନ ଭାଗରେ ମିଶାଇ କାଚ ଉପରେ ଢାଳିବାକୁ ହୁଏ । କାଚଉପରେ ପାଣି ଢାଳି ଦେବାର ୪।୫ ମିନିଟ ମଧ୍ୟରେ କାଚଟି ଦର୍ପଣ ହୋଇଯାଏ । କାଚରେ ଦର୍ପଣ ପଡ଼ିଗଲେ ଉପରପାଣି ଢାଳିଦେଇ ଆଉଥରେ କାଚକୁ Distilled ପାଣିରେ ଧୋଇ ଶୁଖାଇ ଦେବାକୁହୁଏ । ଶୁଖିଗଲେ କାଚର ପଛପାଖରେ ସିନ୍ଦୂର ମିଶା Varnish ଦେଇ ଶୁଖାଇ ଦିଆଯାଏ ।


---

Digitized by srujanika@gmail.com




## ସାଇକେଲ ଷ୍ଟାଣ୍ଡ

ଯେଉଁମାନେ ସାଇକେଲ ଚଢନ୍ତି, ବାଟରେ ହଠାତ୍ ଠିଆହେବାକୁ ଓ ଗାଡ଼ିଉପରେ ରହି କିଛିକ୍ଷଣ କଥାବାର୍ତ୍ତା ହେବା ଭଳି ଗୋଟାଏ କଳ ସାଇକେଲରେ ଲଗାଇବା କଥା ସମସ୍ତେ ଅନେକ ବନ୍ଧୁଙ୍କଠାରେ ଶୁଣିଥିବେ।




ଷ୍ଟାଣ୍ଡ ଅବସ୍ଥାରେ ଗାଡ଼ି ଚାଲୁଛି



ଷ୍ଟାଣ୍ଡ ଉପରେ ଠିଆ ହୋଇଛି

ସମ୍ପ୍ରତି ଲଣ୍ଡନର ଜଣେ ଯନ୍ତ୍ରୀ ଏପ୍ରକାର ଗୋଟିଏ ସାଇକେଲ ଆବିଷ୍କାର କରିଅଛନ୍ତି। ସାଇକେଲର ଗଠନ ଦୃଢ଼ତା ଓ ଷ୍ଟାଣ୍ଡ ସାଇକେଲର ନିର୍ଦ୍ଦିଷ୍ଟ ନକ୍ସା ସଂଯୋଗରେ ଏହା ଏକ ଅପୂର୍ବ ଯନ୍ତ୍ର ହୋଇଛି। ବସିବା [Seat] ଓ Bar] ତଳେ ଗୋଟିଏ ଦୃଢ଼ ସ୍ପ୍ରିଙ୍ଗ ଯନ୍ତ୍ର ସୁକୌଶଳରେ ଅବସ୍ଥାପିତ। ବାଟରେ ଯାଉଁ ଯାଉଁ ଚାଳକ ହଠାତ୍ ଠିଆହୋଇ କାହା ସହିତ ଆଳାପ କରିବା ପ୍ରୟୋଜନ ହେଲେ ହାତଧା [Handle] ସଲଗ୍ନ ଗୋଟିଏ ଛିଟ୍‌କିଣି ଟିପିଦେଲେ ଚକ ଦଣ୍ଡଟି ଭୂମି ସ୍ପର୍ଶ କରେ, ଆଉ ଗାଡ଼ିଟି ସଳଖ ଭାବରେ ଠିଆକରାଇଦିଏ। ପ୍ରୟୋଜନ ଅନୁସାରେ ପୁଣି ଏହି ଚକଦଣ୍ଡଟି ଟେକିଦେଇ ଗାଡ଼ି ଚଳାଯାଇପାରେ।

Digitized by srujanika@gmail.com



ଜାପାନର "ଟୋଜା" ନାମକ ଦୀର୍ଘପୁଚ୍ଛ କୁକୁଡ଼ା

## ବୃହଦ୍‌ପୁଚ୍ଛ କୁକ୍କୁଟ

ଜାପାନର 'ଟୋଜା' ନାମକ କୁକୁଡ଼ା ପୁଚ୍ଛର ଦୀର୍ଘତାରେ ପୃଥିବୀର ଅନ୍ୟାନ୍ୟ ସମସ୍ତ ଜାତର କୁକୁଡ଼ାଙ୍କୁ ପରାସ୍ତ କରିଥିବା ପରି ଜଣାପଡେ । ସ୍ୱାଭାବିକ ଅବସ୍ଥାରେ ଏହି କୁକୁଡ଼ାର ଲାଞ୍ଜ ଅବଶ୍ୟ ଏତେ ଲମ୍ବା ହୁଏନା । ଜାପାନର କୁକ୍କୁଟପାଳକମାନେ ଏହି ଜାତୀୟ କୁକୁଡ଼ାମାନଙ୍କୁ ଗୋଟିଏ ଅନ୍ଧକାର ଦୀର୍ଘ ଉଚ୍ଚ କୋଠରୀରେ ଅନେକଦିନ ବନ୍ଦକରି ରଖନ୍ତି ଏବଂ ଅତ୍ୟଧିକ ଅଯତ୍ନରେ ସେମାନଙ୍କର ଲାଞ୍ଜ ଏହି ଅତ୍ୟଧିକ ଦୀର୍ଘତା ପ୍ରାପ୍ତହୁଏ । 'ଉତ୍ପାଦକ' ଗୁଣରେ ସମସ୍ତ ବିଶେଷରେ ଏହି କୁକୁଡ଼ାର ଲାଞ୍ଜର ଦୈର୍ଘ୍ୟ ୧୮ ଫିଟ ପର୍ଯ୍ୟନ୍ତ ହୋଇଥାଏ—ଏ ଜାତୀୟ ଦୃଷ୍ଟାନ୍ତ ସଦିର ଜାପାନରେ ଖୁବ୍ ବିରଳ ।


## ବିଦ୍ୟୁତ୍ ଚାଳିତ ଜାହାଜ

ନଦୀ ପାଣିରେ ଜାହାଜ ଚାଲିବା ବିଷୟ ସମସ୍ତେ ଦେଖିଥିବେ ଏଣିକି ବିଦ୍ୟୁତ୍ ବଳରେ ଜାହାଜ ଚାଲିବା କଥା ଅଜ ହେଉଛି ଶୁଣିବାକୁ ଓ ଦେଖିବାକୁ ମିଳିବ ; ନିଉଇୟର୍କର ହଡ୍‌ସନ୍ ନଦୀରେ ଗ୍ରୀପ୍‌ସୋଲମ୍ ନାମରେ ଯେ ପରିଚିତ ଜଳଯାନଟି ସେତେବେଳେ ମାଧ ଚାଲେ ଚାଲିଥିଲା, ବିଦ୍ୟୁତ୍ ଚାଳିତ ଜାହାଜ ଭିତରେ ତାହା ସର୍ବପ୍ରଥମ । ଜାହାଜରେ ଛଅଟି 'ଡେକ' ବା ମହଲା । ସେଥିରେ ଏକସମୟରେ ୧୬୦୦ ଲୋକଙ୍କର ବସବାସ କରିବାର ସ୍ଥାନ ହୋଇପାରେ । ଜାହାଜ ଚାଳନଠାରୁ ରନ୍ଧାବଢ଼ା ଆଦି ଯାବତୀୟ କାର୍ଯ୍ୟ ଏଥିରେ ବିଦ୍ୟୁତ୍ ସହାୟ୍ୟରେ ହୁଏ । ଏପରିକି ଲଙ୍ଗର ପକାଇବା ପାଇଁ ମଧ୍ୟ ଏଥିରେ ବୈଦ୍ୟୁତିକ କପିକଳ ଅଛି । ଏତେ ବଡ଼ ବ୍ୟାପର ଅଥଚ ଧୂଆଁ ବାଷ୍ପ ମଳର ନାମ ଗନ୍ଧନାହିଁ । ଦୂରରୁ ଦେଖିଲେ ଗୋଟିଏ ବୃହତ୍ କାଯ଼ ଭାସମାନ ତିମି ପରି ଏହା ଦେଖାଯାଉଥିଲା ।

## ବିହଙ୍ଗ ଦେହର ବର୍ଣ୍ଣବୈଚିତ୍ର୍ୟ କାହିଁକି ହୁଏ ?

ଅଦ୍ୟାବଧି ପ୍ରାଣୀତତ୍ତ୍ୱବିତ୍‌ମାନଙ୍କର ଧାରଣା ଥିଲା—ପୁଂ ପକ୍ଷୀମାନଙ୍କର ଦେହରେ ବର୍ଣ୍ଣବୈଚିତ୍ର୍ୟ କେବଳ ସ୍ତ୍ରୀ-ପକ୍ଷୀକୁ ମୋହିତ କରିବା ପାଇଁ ହୋଇଥାଏ କିନ୍ତୁ ଆମେରିକା ନ୍ୟାସନାଲ ମିଉଜିୟମର ଅଧ୍ୟକ୍ଷ ମିଃ ଏଚ କ୍ଲାର୍କଙ୍କ ଏତଦ୍ ସମ୍ବନ୍ଧୀୟ ଗବେଷଣା ପ୍ରାଣୀତାତ୍ତ୍ୱିକମାନଙ୍କର ଏ ଧାରଣାକୁ ଭ୍ରାନ୍ତ ବୋଲି ପ୍ରତିପାଦିତ କରିଅଛି । ମିଃ କ୍ଲାର୍କ କହନ୍ତି—ଦୃଷ୍ଟିଶକ୍ତିର ଅପୂର୍ଣ୍ଣତା ହେତୁରୁ ମନୁଷ୍ୟମାନଙ୍କ ପରି ପକ୍ଷୀମାନେ ପ୍ରତ୍ୟେକ ବସ୍ତୁ 'ଘନ' ଭାବରେ ନ ଦେଖି ଚେପ୍‌ଟାଭାବରେ ଦେଖନ୍ତି । ବିହଙ୍ଗ ଚକ୍ଷୁରେ ନଦୀପର୍ବତ ସମନ୍ୱିତ ଗୋଟିଏ ଦୃଶ୍ୟ କେବଳ କେତେଗୁଡ଼ିଏ ଧଳା କଳା ରଙ୍ଗର ଗାର ପରି ଦେଖାଯାଏ । ପୁଣି ଏ ପ୍ରକାର ଚେପ୍‌ଟା ବା ସମତଳ କ୍ଷେତ୍ରରେ ଉଜ୍ଜ୍ୱଳ ପଦାର୍ଥ ଅତେବୀ ଦୃଷ୍ଟିଗୋଚର ହୁଏନାହିଁ । ପୁଂ ପକ୍ଷୀର ଦେହର ବର୍ଣ୍ଣବିଭବ ଏହିପରି ଭାବରେ ତାହାକୁ ଆତତାୟୀ ପକ୍ଷୀହସ୍ତରୁ ରକ୍ଷା କରିଥାଏ ।

Digitized by srujanika@gmail.com



ପୃଥିବୀର ବୃହତ୍ତମ ମୁଦ୍ରାଯନ୍ତ୍ର

## ପୃଥିବୀର ବୃହତ୍ତମ ମୁଦ୍ରାଯନ୍ତ୍ର

ବିଗତ ୧୫ ବର୍ଷ ଭିତରେ ଛପା କଳ ଓ କଳଛପାର ଅଲୌକିକ ଉନ୍ନତି ହୋଇଛି। ପ୍ରୟୋଜନର ବାହୁଲ୍ୟ ବୃଦ୍ଧି ହେବା ସଙ୍ଗେସଙ୍ଗେ କ୍ରମେ ବିରାଟକାୟ ଛପାକଳମାନଙ୍କର ନିର୍ମାଣ ପ୍ରୟୋଜନ ହୋଇଛି। ସମ୍ପ୍ରତି ନରଓଏର "ଆଫ୍‌ଟେନପୋଷ୍ଟ" ନାମକ ଦୈନିକ ସମ୍ବାଦପତ୍ର ପାଇଁ ଜର୍ମାନୀର କୋନିଗ୍ ଏଣ୍ଡ ବଉର କମ୍ପାନୀ ଯେ ଅତିକାୟ ଛପା କଳଟି ନିର୍ମାଣ କରିଅଛନ୍ତି ପୃଥିବୀର ସମସ୍ତ ଛପାକଳ ଭିତରେ ଏହି ବୃହତ୍ତମ ବୋଲି ଶୁଣାଯାଏ। ଏହା ଘଣ୍ଟାକେ ଗୋଟିଏ ଆଠପେଜି କାଗଜ ୧୧୭,୦୦୦ ଖଣ୍ଡ ଛାପିପାରେ। ଯନ୍ତ୍ରର ଘୂର୍ଣ୍ଣାୟମାନ ଲୌହ ନଳ ଗୁଡ଼ିକ ଘଣ୍ଟାକେ ୧୮,୦୦୦ ଥର ଅର୍ଥାତ୍ ମିନିଟରେ ୩୦୦ ଥର ବୁଲନ୍ତି ଏବଂ ସେଥିରୁ ସମସ୍ତ ଭିତରେ ୭୫,୭୦୦ ଫିଟ ଲମ୍ବର କାଗଜ ଏଥିରେ ଛପା ହୁଏ।

ଯନ୍ତ୍ରଟି କେବଳ ଛପା କାମ କରେନାହିଁ। ପ୍ରତି କାଗଜକୁ ଅଠା ଯୋଡ଼ିବା, କାଟିବା, ବାନ୍ଧିବା ଓ ସର୍ବଶେଷରେ ଡ଼ାକ ଟେବଲ (Despatch Table) ଉପରକୁ ପଠାଇବା କାର୍ଯ୍ୟ ମଧ୍ୟ ଏହା ଅତି ଅଳ୍ପ ସମ୍ପାଦନ କରିଥାଏ।

## କାଚ ଯୁଗ

ଆଉ କେତେକ ବର୍ଷ ପରେ ପୃଥିବୀର ଲୋକମାନେ କେଉଁଠି ରହିବେ ? ଏହି କଥା ଆଲୋଚନା କରି ଓହିଓର ଜି ଏ, ସିଲ୍ଟସ୍ ନାମରେ ଜଣେ ବୈଜ୍ଞାନିକ କହନ୍ତି—ଆଜିଠାରୁ ପଚାଶ ବର୍ଷ ଭିତରେ ଆମେରିକାର ଲୋକେ କାଚରେ ଘର କରି ରହିବାକୁ ଆରମ୍ଭ କରିବେ। ଘର ଧୋଇବା, ରଙ୍ଗ-କାମର ଆବଶ୍ୟକତା ସେତେବେଳେ ଉଠିଯିବ। କାଚ ଘରଗୁଡ଼ିକ ଛଅ ଛଅ ସଫାସୁତୁରା ରହିବ—କମ ଖର୍ଚ୍ଚରେ। ରାସ୍ତା ଉପରୁ ଘର ଭିତରକୁ ଚାହିଁଲେ ବୋତଲରେ ପଡ଼ିଥିବା କାଠ କୁଣ୍ଢାଇଗଲା ମଣିଷ ଭଳି ଗତିବିଧି ବଡ଼ କୌତୁକାବହ ଦେଖାଯିବ। ଆଉ ଯେଉଁଠି ପର୍ଦ୍ଦା ଦରକାର ସେଥିପାଇଁ ମଧ୍ୟ ଏକପ୍ରକାର ଅସ୍ୱଚ୍ଛ କାଚ ବ୍ୟବହାର କଲେ ହେଲା।

ମିଃ ସିଲ୍ଟସ୍ ଏହି ସଂପର୍କରେ ଗୋଟିଏ ଯନ୍ତ୍ର ତିଆରି କରିଛନ୍ତି। ଯନ୍ତ୍ରଟିରେ ୩୦ ଇଞ୍ଚ ଚଉଡ଼ା ୯ ଫିଟ୍ ଲମ୍ବର ୩ ଇଞ୍ଚ ମୋଟରେ କାଚ ଇଟା ତିଆରି ହୋଇପାରିବ। ଏହି ଇଟାଗୁଡ଼ିକୁ ଲୁହାର ଫ୍ରେମ୍‌ରେ ବସାଇ ନେଲେ କାମ ହେଲା। ସେ କହନ୍ତି—ଏପ୍ରକାର କାଚର ଘର ଇଟା ଚୂନର ଘରଠାରୁ ଶହ କଡ଼ା ୨୦ ଟଙ୍କା କମି ପଡ଼ିବା ସମ୍ଭବ।



# ସିଦ୍ଧାର୍ଥ

## ଦ୍ୱିତୀୟ ଅଙ୍କ—ପ୍ରଥମ ଦୃଶ୍ୟ

ଗୋପା, ଗଙ୍ଗା ଓ ଚନ୍ଦା ଚଉନାଠି ଧୂପ ପ୍ରଦୀପ ଧରି ଦେହଳୀରେ ସନ୍ଧ୍ୟାଦେଇ, ତୁଳସୀ ଚଉରା ପାଖରେ ଦଣ୍ଡବତ କଲେ। ସମସ୍ତେ କିଛିକାଳ ସେହି ଆଡ଼କୁ ଚାହିଁ ରହିଲେ

—ଗୋପା—

ଏ ସଞ୍ଜ ଦୀପ ସଖି ଘୋର ଅନ୍ଧାର ତୁଟେଇ ଯେମିତି ଜକ ଜକ ଦିଶୁଛି—ତାଙ୍କର କୀର୍ତ୍ତି ସେମିତି ସଂସାରକୁ ଉଜ୍ଜ୍ୱଳ ଦିଶିବ। ଫୁଲପରି ଶେଯରେ ନିରୋଗ ହୋଇ ଚାନ୍ଦବଦନ ମୋର ଦେବତା ବସିଲୁଥିବେ। ଆଉ ମୁଁ ତାଙ୍କର କାଙ୍କରର କଙ୍କଣୀ ତାଙ୍କର ନିଶ୍ଚିନ୍ତ ବାହୁ ଛାୟାତଳେ ଜୀବନର କେଇଟା ଦିନ ସାରିଦେଇ ଚାଲିଯାଆନ୍ତି ସଖି! ସଖି, ମୋର ଏ ଅନ୍ତରର କାମନା ଅନ୍ତର୍ଯ୍ୟାମୀ କ'ଣ ପୂରାଇବେ ନାହିଁ ?

—ଚନ୍ଦା—

କାହିଁକି ନ ଶୁଣିବେ ସଖି—ସେ ପରା ସବୁଘଟରେ ପୁରିଅଛନ୍ତି, ସବୁ ଦେଖୁଛନ୍ତି, ବୁଝୁଛନ୍ତି। ସଖି, ତାଙ୍କଠାରେ ଯେ ଶରଣ ପଶିବ ତାକୁ ସଂସାରରେ ଅପ୍ରାପ୍ତ କ'ଣ ରହିବ ?

—ଗୋପା—

ସଖି ମୋର ଶରଣ ସ୍ୱାମୀଙ୍କରି ବାହୁ ଛାୟାତଳ। ସଖି ତାଙ୍କୁ ଆନ ମୁଁ ତ ଆଉ କାହାକୁ କଳନା କରିପାରୁ ନାହିଁ। ଦେଖି ଶୁଣି ସଖି ଭଗବାନ ବୋଲି ଡାକେ ସିନା ସଖି—ମୋତେ ଆଉ ସ୍ୱାମୀଙ୍କଠାରୁ ବଡ଼ କିଏ ? ସଖି, ମୋ' ପୂଜାର ପ୍ରତିମା କ'ଣ ମୋର ଶରଣ-ରକ୍ଷା କରିବେ ନାହିଁ। ମୋତେ କ'ଣ ପିଙ୍ଗିଦେବେ ?

—ଗଙ୍ଗା—

ଗୋପା! ତୁ ଏ ବୃଥା ଅଶଙ୍କା କାହିଁକି କରୁଛୁ ବନ୍ଧୁ! ଚନ୍ଦା, ନାହିଁ ଗୋ, ତାଙ୍କର ଆଉ ଏବେ ସେ ଉଦାସ ଭାବ ଅଛି ? ସେ ତମ ଭିତରେ ବୁଡ଼ିଗଲେଣି। ସଖିମ, ଗମ୍ଭୀର ପାଣିର କାଚ ଦହରେ ଯେବେ ଫଗୁଣର ହୋରିଖେଳିଆ ପବନ ଲାଗେ, ସବୁ ମଉନ ଭୁଲି ସେ ପରା ରଙ୍ଗ ଲହରୀରେ ଉଲ୍ଲସି ଉଠେ। ତେମେତ ତାଙ୍କୁ କୁହୁକ ଫାନ୍ଦ ପାଶ ଧରି ପାରିଲଣି— ଏବେ ନିଶ୍ଚିନ୍ତ ହୁଅ।

—ଗୋପା—

ତେବେ ହେଲେ ବେଳେ ବେଳେ ଛାତି ଚମକ ଉଠୁଛି ସଖି—ସତେ କି ତାଙ୍କୁ ମୋ ଠଉଁ କିଏ ଛଡ଼ାଇ ନେଉଛି। ବିଜୁଳି ଯେତେବେଳେ ଚମକି ଯାଏ ସଖି—ମୋ ଛାତିରୁ ଛନକା ଖସିପଡ଼େ; ତାଙ୍କରି ଉଜ୍ଜ୍ୱଳକାନ୍ତି ମେଘ ଦହରେ ମିଶିଗଲା ପରି ଦିଶିଯାଏ।

—ଗଙ୍ଗା—

ନାଇଁ ଗୋ ନାଇ— ଅତନ୍ଦ୍ରାହୋଇ ବସିଥା—



Digitized by srujanika@gmail.com

ଧୀରେ ପଡ଼ନ୍ତି ଗୋ ଦୂର ସାଗର ପାରୁଁ
ସାଗରର ଧାର ଦେଖି ଆସିଛି ଖସି ଗୋ ସଖି
ତାର ଜୀବନର ତୃଷା ମେଣ୍ଟିବ ବସି ॥
ଶୀତଳ ଜଳ ଛୁଇଁ ମୋହ ପଡ଼ନ୍ତି ଶୋଇ
ସିନ୍ଧୁପାରରେ ଘର ମାଡ଼ିଯାଉଛି ଝଡ଼
ଅଭୁଲେ ନ ଯିବ ଗୋ ମୋହପାଶ ଏଡ଼ାଇ
ଶିକୁଳି ଲାଗି ଏବେ କରୁଛି ତୋ ॥

—ଗୋପା—

ସତେ ବନ୍ଧୁ ସତେ । ସପ୍ତସିନ୍ଧୁ ପାରରେ କେଉଁ ଜ୍ୟୋତ୍ସ୍ନା ଉଲ୍ଲସିତ ନିସ୍ତଳ ଅଚଳ ଚୂଳରେ ସେହି ବିଚିତ୍ର ବିହଙ୍ଗର ସମ୍ପୂର୍ଣ୍ଣ ସ୍ମୃତି-ବିଜଡ଼ିତ ଅପୂର୍ବ ଜନ୍ମ ଭୂମି । ଗଙ୍ଗା, ସେ କ'ଣ ଶିଖୁଳି ଲଗାଇ ବାନ୍ଧି ରଖିବାର ବସ୍ତୁ । ଅଖଣ୍ଡ ନୀଳିମାର ଅନନ୍ତ ମୁକ୍ତି ସେ ସଖି, ବାନ୍ଧିବା ତାଙ୍କୁ କାହାର ସାମର୍ଥ୍ୟ ।

ଦେବଦତ୍ତ ଆସି ପହଞ୍ଚିଲେ

—ଦେବଦତ୍ତ—

ନାଃ ! ଏ ଏକାବେଳେକେ ସୀମା ଲଙ୍ଘନ କରିବାକୁ ବସିଲାଣି ।

—ଗଙ୍ଗା—

କୋଉ ସୀମା କିଏ ଲଙ୍ଘନ କଲାମ ଦେବଦତ୍ତ ?

—ଦେବଦତ୍ତ—

ଏଇ ସିଦ୍ଧାର୍ଥଙ୍କର ଅତ୍ୟାଚାର ।

—ଗଙ୍ଗା—

ଅତ୍ୟାଚାର ନା ଅଚାର ?

—ଦେବଦତ୍ତ—

ଅଚାର ! ଅଚ୍ଛା ଗୋପା, ଗଙ୍ଗା, ଚିତ୍ରା,ସିପ୍ରା କାହିଁ ? ସେ ପୁଣି ଆଉ ଗୋଟାଏ ଅଖିବୁଜା ଭକ୍ତ । ଅଚ୍ଛା ତମମାନଙ୍କର ମସ୍ତିଷ୍କ ସବୁ କ'ଣ ଦୈବ ଦୁର୍ବିପାକରୁ ଠିକ୍ ଏ ବିକୃତ ହୋଇପଡ଼ୁଛି ?

—ଗଙ୍ଗା—

ସେଇଟା ତ ମହାସୁକୃତ ବଳରୁ ପାଇଥାଇଁ, ପଥରରୁ ଟାଣ ହାଡ଼ଟା ତାର ଅଉ ବିକୃତି ହବ କୁଆଡ଼ୁ ?

—ଦେବଦତ୍ତ—

ତେବେ ଏ ଅସମ୍ଭବ ଅବତାରଣାର ଅର୍ଥ ? ଗୋଟାଏ ତୁଚ୍ଛାଟାରେ ଅତି ଅଳ୍ପକଥାକୁ ଅବାହୃତ ଗୁରୁତ୍ୱ ଦେଇ ତେମେ ସିଦ୍ଧାର୍ଥଙ୍କୁ ନେଇ ରଖିଲଣି ଯାଇ ଗୋଟାଏ ଅତି ଅସମ୍ଭବ ଶୀର୍ଷରେ । ଦେବତା, ଦେବତା କିଏ ? ଦେବତା ଯେବେ—ତେବେ ସ୍ୱର୍ଣ୍ଣ ମନ୍ଦିରରୁ ସୂର୍ଯ୍ୟ ବିଗ୍ରହ ଫିଙ୍ଗି ଦିଅ, ସେଥିରେ ଆଉ କି ଲୋଡ଼ା--ସେଠି ନେଇ ତାଙ୍କୁ ସ୍ଥାପନ କର । ଫୁଲ ଚନ୍ଦନ ଅର୍ଘ୍ୟ ଅଳତି ସମର୍ପଣ କରି ତେମେ ଥୋକେ ନିଶ୍ଚିନ୍ତରେ ସେବାଦାସୀ ହୋଇ ଷୋଡ଼ଶୋପଚାରରେ ପୂଜା ଆରମ୍ଭ କରିଦିଅ । ଅଳ୍ପ କାଳ ବିଳମ୍ବ କରୁଛ କାହିଁକି ? ଅଚଳ ଦେବତାଙ୍କୁ ସଚଳ ଦେଖି ଜନନେତ୍ର ସାର୍ଥକ ହେଉ ।

—ଗଙ୍ଗା—

ଅଚ୍ଛା ଦେବଦତ୍ତ; ସହସା ତମର ଏ ପାଗଳତା ଉପୁଜିଲା କାହିଁ ? କଥା କଣ ? ଗୌତମ କି ପାପ କଲେ ? ହଂସ ମାରିବାରେ ବାଧା ଦେଲେ ?

—ଦେବଦତ୍ତ—

ଅତଏବ, ଅତ କା ପୁରୁଷ-ନାରୀଠାରୁ ଅଧିକ କୋମଳ ତାଙ୍କ ହୃଦୟ । ପଞ୍ଝାଏ ମୃଗ ରୋହଣୀ କୂଳକୁ ପାଣିଖାଇ ଆସୁଥିଲେ; ମୁଁ ଶରସନ୍ଧାନ କରି ମାରିବା ବେଳକୁ ପଛଆଡ଼ୁ କୁଆଡ଼ୁ ଆସି ଧନୁଶର ଛଡ଼ାଇନେଇ ନଦୀ ଗର୍ଭକୁ ଫିଙ୍ଗିଦେଲେ, କହିଲେ - ଦେବଦତ୍ତ ! ବିଧାତାର ଏ ବିଚିତ୍ର ସୃଷ୍ଟି ଆରାଧନାର ବସ୍ତୁ, ପୈଶାଚିକ ହିଂସାର ବସ୍ତୁ ନୁହେଁ ।

—ଗଙ୍ଗା—

ଓଃ କି ଅନ୍ୟାୟ କଲେ ? ଅକ କେଡ଼େ ବଡ଼ ଜମକଟାଏ ସାରିଦେଲେ ଲୋ !

—ଦେବଦତ୍ତ—

ଗଙ୍ଗା, ତୁ ନାରୀ ହୋଇ ମୃଗୟାର ମହାସୁଖ କାହୁଁ ବୁଝିବୁ ? ଲକ୍ଷ୍ୟ ଯେତେବେଳେ ଅବ୍ୟର୍ଥ ହୋଇ ଜନ୍ତୁକୁ ଭୂଇଁରେ ଶୁଆଇ ଦିଏ, ସେତେବେଳେ ପ୍ରାଣରେ ଯେଉଁ ଉଲ୍ଲାସ ଉପୁଜେ ତେମେମାନେ ତା କାହୁଁ ଉପଲବ୍ଧି କରିପାରିବ ?

Digitized by srujanika@gmail.com

— ଗୋପା —

ତଥାପି ତମର ଦିବ୍ୟ ଚକ୍ଷୁରେ ମୋର ଏ ଚର୍ମଚକ୍ଷୁ ମିଶାଇ ନାହିଁହୋଇ ମଧ୍ୟ ବେଶ୍ ବୁଝି ପାରୁଛି । ଜନ୍ତୁ ଆଘାତ ପାଇ ଭୂଇଁରେ ଯନ୍ତ୍ରଣାରେ ଛଟପଟ କରୁଥିବ । ଉଚ୍ଛନ୍ନ ରକ୍ତ ଧାରା ଝର ଝର ବହିପଡ଼ି ଭୂଇଁକି ବେଶ୍ ରଙ୍ଗାଇ ଦେଇଥିବ । ଅହେତୁର ବିଷମ ଯନ୍ତ୍ରଣାରେ ଆର୍ତ୍ତନାଦ, ତା'ର ବିକଳ ଲୁହଭରା ଚାହାଣୀ—ତାର ଆକୁଳ ଖର ନିଶ୍ୱାସ, ଆଉ ଜୀବନ ରକ୍ଷା କରିବାକୁ ତାର ସେ ପ୍ରାଣଶେଷ ଚେଷ୍ଟା ଏ କ'ଣ କମ ଉତ୍କ୍ଷେପକର ଦୃଶ୍ୟ ! ଠିକ୍ ଯେମିତି ପୂର୍ଣ୍ଣିମାରେ ପୂର୍ଣ୍ଣ ଜହ୍ନ କିରଣ ଲାଗି ସମୁଦ୍ର ପାଣି ଉଚ୍ଛୁଳି ଉଠେ, ପ୍ରାଣ ଭିତରଟା ଖାଲିଟା ସେମିତି ପୁରି ଉତୁରି ପଡୁଥିବ, ନାଇଁ ଦେବଦତ୍ତ ?

— ଗୋପା —

ଈଶ୍ୱରଙ୍କର ଅତି କୃପାର ଦାନ ଏହି ମାନବ ଜୀବନ । କାହିଁକି ଭଲା ବୃଥା ହିଂସା ଦ୍ୱେଷର ନିଆଁ ଲଗାଇ ଜୀବନର ସରସତା ଟିକିକ ନଷ୍ଟ କରିବା !

— ଦେବଦତ୍ତ —

ଏ କ'ଣ ପ୍ରକୃତିର ନିୟମ ନୁହେ ଗୋପା ? ନେତ୍ରରୁ ପ୍ରତି ପଲକରେ ଏ ଅଭିନୟ କ'ଣ ପ୍ରତ୍ୟକ୍ଷ ହେଉନାହିଁ ? କୀଟ ପତଙ୍ଗ ଜୀବ ଜନ୍ତୁ ଠାରୁ ମନୁଷ୍ୟଯାଏ ସମସ୍ତଙ୍କୁ ଦେଖିଆସ ପ୍ରବଳ ସଙ୍ଗରେ ଦୁର୍ବଳର କି ପ୍ରାଣଘାତୀ ଯୁଦ୍ଧ ! ଫଳରେ ନିରୁପାୟ ଦୁର୍ବଳର ଜୀବନ ଯବନିକା । ଆମ୍ଭେମାନେ ଯେବେ ସେହି ପ୍ରକୃତି ନିୟନ୍ତ୍ରିତ ତେବେ କେଉଁ ଯୁକ୍ତିରେ ତା'ର ନିର୍ଦ୍ଦେଶ ଲଙ୍ଘନ କରିବା ?

ସିଦ୍ଧାର୍ଥ ସହସା ଆସି ପହଞ୍ଚିଲେ

— ସିଦ୍ଧାର୍ଥ —

ଯେଉଁ ଯୁକ୍ତିରେ ପ୍ରକୃତିସମ୍ଭୂତ ଅସଂଖ୍ୟ ଜୀବ ମଧ୍ୟରେ ନିଜକୁ ଶୀର୍ଷତମ ସ୍ଥାନଦିଅ ସେହି ଯୁକ୍ତିରେ ଦେବଦତ୍ତ ! ମନୁଷ୍ୟ ଯେ ସମସ୍ତ ପୃଥିବୀ ଉପରେ ନିଜର ଆଧିପତ୍ୟ ବିସ୍ତାର କରିପାରିଛି ତେମେ କ'ଣ ଭାବ କେବଳ ପୈଶାଚିକ ଶାରିରିକ ସାମର୍ଥ୍ୟ ସାହାଯ୍ୟରେ ? ପୃଥିବୀ ପୃଷ୍ଠରେ ତ ଅସଂଖ୍ୟ ଜୀବ ଅଛନ୍ତି ଯେ ମାନବ ସମଷ୍ଟି ଅପେକ୍ଷା ଅଧିକ ଶକ୍ତିଶାଳୀ ଅଧିକ ବଳବାନ୍ ?

ନା ଦେବଦତ୍ତ ! ମାନବ ତା'ର ସୂକ୍ଷ୍ମ ପ୍ରବୃତ୍ତି ବଳରେ ସୃଷ୍ଟିର ସିଂହାସନ ଅଧିକାରି ବସିଛି । ଦୟା, କ୍ଷମା, ତ୍ୟାଗ, ସ୍ନେହ ଅକ୍ଷୟ କବଚ ଗୁଣରେ ସେ ଅଜ ଭୁବନବିଜୟୀ । ଶକ୍ତି ଅଛି ସତ୍ୟ, ସେ ଶକ୍ତି ଶରଣ ରକ୍ଷଣ ନିମିତ୍ତ—ଅସିଧାରଣ କରି ନିର୍ଦ୍ଦୋଷର ପ୍ରାଣସଂହାର କରିବାକୁ ନୁହେ । ସର୍ବଜୀବେ ପ୍ରୀତି ଓ ବିଶ୍ୱହିତେ ତ୍ୟାଗହିଁ ଏ ବିରାଟ ବ୍ୟାପାରର ଅଟଳ ଭିତ୍ତି । ମାନବ ଯେଉଁଦିନ ସେ ଭିତ୍ତିରୁ ବିଚଳିତ ହେବ ସେହିଦିନ ଜ୍ୱଳନ୍ତ ନରକର ଅତଳ ତଳେ ନିକ୍ଷିପ୍ତହେବ ।

— ଦେବଦତ୍ତ —

ମୃଗୟାତ ଗୋଟାଏ ବ୍ୟସନ, ସିଦ୍ଧାର୍ଥ ! କ୍ଷତ୍ରିୟର ଧର୍ମ୍ମ ।

— ସିଦ୍ଧାର୍ଥ —

ସେ ଧର୍ମ୍ମରେ ଅଗ୍ନି ଲଗାଇ ସାଗର ଗର୍ଭକୁ ଫିଙ୍ଗିଦିଅ ଦେବଦତ୍ତ । ସେ ଧର୍ମ୍ମରେ ପୃଥିବୀର କୌଣସି ଇଷ୍ଟ ସାଧିତ ହେବନାହିଁ । କ୍ଷତ୍ରିୟ ବୋଲି ଗର୍ବକର ଦେବଦତ୍ତ, କ୍ଷତ୍ରିୟର ଅସ୍ତ୍ର ଅସି ବ୍ୟତୀତ କ'ଣ ଆଉକିଛି ଗୌରବର ବସ୍ତୁ ନାହିଁ ? ତମ ଧମନୀରେ ଦେବଦତ୍ତ, ସେହି ପବିତ୍ର ରକ୍ତ ପ୍ରବାହିତ ହେଉଛିତ ! ଯେଉଁ ସୂର୍ଯ୍ୟବଂଶର କୀର୍ତ୍ତି ବୈଜୟନ୍ତୀ ପୃଥିବୀର ସୃଷ୍ଟି ଆଦ୍ୟରୁ ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ ଅଖିଳ ଗ୍ରହମଣ୍ଡଳ ସମକ୍ଷରେ ତ୍ୟାଗର ମହାମନ୍ତ୍ର ପ୍ରଚାର କରୁଛି ।

ହେର ଦୂରେ, ପଶ୍ଚିମାଶା ପଟେ—
ତମିସ୍ରା ଗୁଣ୍ଠିତ ସେହି ପ୍ରଶାନ୍ତ ଭୂଖଣ୍ଡ
ଭାସ୍କର ବଂଶର ମହା ପ୍ରଚଣ୍ଡ ମାର୍ତ୍ତଣ୍ଡ
ରାମଚନ୍ଦ୍ର ପଦରେଣୁ ସ୍ପର୍ଶେ ତୀର୍ଥୀଭୂତ ।
ସେ ଶ୍ରୀକ୍ଷେତ୍ର ମୌଳିମଣି
ଜଳୁଛି ଉଜ୍ଜ୍ୱଳେ
ପ୍ରଭାତ ତାରକାଦୀପ୍ତ ତ୍ୟାଗ ମହାଲକ୍ଷ୍ୟ
ତ୍ୟାଗ ବିଶ୍ୱହିତେ—ତ୍ୟାଗ ବିଶ୍ୱପ୍ରୀତେ
ସେହି ସିନା ବସ୍ତୁ ଗୌରବର
ସେହି ସିନା କ୍ଷତ୍ରିୟର ଅତୁଳ ସଂପଦ ।

ଏହି ଅସୀ ଦେବଦତ୍ତ; ଏତ ଗୋଟିଏ ନିର୍ଜୀବ, ନିଷ୍ପଦ, ଜଡ଼ ପଦାର୍ଥ । ଆଜ ଫିଙ୍ଗିଦେଲେ କାଲି ଧୂଳିରେ ମିଶି ତା'ର ସତ୍ତାଲୋପ ହୋଇଯିବ ।

Digitized by srujanika@gmail.com

—ଦେବଦତ୍ତ—

ଓଁ ଯେ ଯାଇଁ ସତ୍ୟଯୁଗର କଥା ତେମେ କହୁଛ । ସତ୍ୟ ଯୁଗତ ଅନେକ ଦିନୁ ଭୂପୃଷ୍ଠରୁ ଲୋପ ପାଇଲାଣି ।

—ସିଦ୍ଧାର୍ଥ—

ଦେବଦତ୍ତ, ଏକ ଅନବଚ୍ଛିନ୍ନ ସମସୂତ୍ରରେ ଗ୍ରଥିତ ଏହି କୋଟିଏ କଲ୍ପ । ଦିନପରେ ଦିନ ବର୍ଷ ମାସ ଯୁଗ କଲ୍ପ ଏ ଯାହା ଗୋଟିକ ପରେ ଗୋଟିଏ ଆସେ ଯାଏ । ପୁଣି ସମୁଦ୍ର ଲହରୀପରି ଅନନ୍ତ ଅସୀମତା କୋଳରେ ମିଶିଯାଏ ସେ କେବଳ ଗୋଟାଏ ଅବଶ୍ୟମ୍ଭାବୀ ପରିଣତି ପୃଥିବୀର ବୈଚିତ୍ର୍ୟ-ବିଧାନ ନିମନ୍ତେ । ପ୍ରୀତି ସୌହାର୍ଦ୍ଦର କୌମୁଦୀ ଜଡ଼ିତ ଏହି ଉତ୍ସବମୟୀ ଧରିତ୍ରୀରେ ଦ୍ୱେଷ, ହିଂସା, ରକ୍ତପାତର ସ୍ଥାନ ନାହିଁ ଦେବଦତ୍ତ ! ଏ ପୃଥିବୀ ନିର୍ମ୍ମଳ, ପବିତ୍ର, ନିଷ୍କଳଙ୍କ ।

— ଦେବଦତ୍ତ —

ଏ କେବଳ ତମର ସ୍ୱପ୍ନ ସିଦ୍ଧାର୍ଥ । ପୃଥିବୀ ପୃଷ୍ଠରେ ନିଯ୍ୟତ ଏହି ଯେଉଁ ମୂକ ଅଭିନୟ ଚାଲିଛି, ହିଂସା ଦ୍ୱେଷ ରକ୍ତପାତର ଏହି ଯେଉଁ ସ୍ଫୁଟ ଛବି ନିତ୍ୟ ପ୍ରତ୍ୟକ୍ଷକୁ ଆସୁଛି : ପୃଥିବୀର ପ୍ରତିଷ୍ଠା ଯେବେ ଦୟା ଧର୍ମ୍ମ ଓ ପ୍ରୀତି ଉପରେ ତେବେ ପ୍ରକୃତିରେ ଏ ବୈଷମ୍ୟ କାହିଁକି ? ପ୍ରକୃତି କି ପୃଥିବୀର ଆଦିମାତା ନୁହେ ? ତାହାଁର ଅନୁସରଣ କ'ଣ କର୍ତ୍ତବ୍ୟ ନୁହେ ?

—ସିଦ୍ଧାର୍ଥ—

ଅବଶ୍ୟ କର୍ତ୍ତବ୍ୟ, କିନ୍ତୁ ସବୁ ବିଷୟରେ ନୁହେ । ପ୍ରକୃତି ଆଦ୍ୟାଶକ୍ତି ସତ୍ୟ । ପ୍ରାକୃତିକ ଜୀବଜନ୍ତୁ ଯନ୍ତ୍ରଚାଳିତ ବିବେକୀ ମାନବ କେଉଁ ଯୁକ୍ତିରେ ତାଙ୍କର ଅନ୍ଧ--ଅନୁସରଣ କରିବ ? ପ୍ରକୃତିରେ ଏ ଯାହା ବୈଷମ୍ୟ ଲକ୍ଷ୍ୟ କରୁଛ ଦେବଦତ୍ତ,'ସେ କେବଳ ଗୋଟାଏ ପ୍ରଚ୍ଛଦପଟପରି ଯାହା ଯୋଗେ ସତ୍ୟ, ନିଷ୍ଠା ଦୟା, କ୍ଷମାର ସୌନ୍ଦର୍ଯ୍ୟ ଫୁଟି ଉଠୁଛି । ଦେବଦତ୍ତ ! ଦେବଦତ୍ତ !! ପ୍ରାଣର ନିଷ୍କଳଙ୍କ ସରସତାକୁ ଆଉ ଦ୍ୱେଷ ହିଂସାର ବିଷଜ୍ୱାଳାରେ ଜର୍ଜର କରନାହିଁ ଭାଇ ! ପ୍ରକୃତିର ପ୍ରଚ୍ଛନ୍ନ ଗାମ୍ଭୀର୍ଯ୍ୟରେ ପ୍ରାଣକୁ ଅଭିଷିକ୍ତ କରିନିଅ—ଦେଖିବ, ଜୀବନ କି ମହୋତ୍ସବମୟ ।

ଆସ ଦେବଦତ୍ତ, ଆସ ଗୋପା, ଅଳ ବିଶ୍ରାମ-ଭବନର ଚନ୍ଦ୍ରଶାଳା କୋଳରୁ ଦେଖାଇବି ପ୍ରଦୋଷର ପୀୟୂଷ ସ୍ପର୍ଶରେ ଏହି ଶସ୍ୟସ୍ନେହ, ପ୍ରୀତି-ନିର୍ଝର-ଝଂକୃତା ଧରଣୀ କି ସୁଷମାମୟୀ, କି ନିର୍ଦ୍ୱନ୍ଦ୍ୱ, ତାରଭମାନ ନିଷ୍କଳଙ୍କ ପ୍ରଶାନ୍ତ ମୂର୍ତ୍ତି ।

ସିଦ୍ଧାର୍ଥ ଦେବଦତ୍ତ ଓ ଗୋପା ହାତ ଧରାଧରି ହୋଇ ଚାଲିଗଲେ

—ଗଙ୍ଗା—

ସଖି ମ ! ସ୍ୱାଙ୍କର ଏ ବିକାରତ ବେଳକୁ ବେଳ ବଢ଼ିଲାଣି । ଅମେ ପାଞ୍ଚୁ ଥିଲୁଁ ବା କମିଯିବ ।

—ଚନ୍ଦ୍ରା—

ଅମେ ଥକାହୋଇ ଦେଖିବା ସିନା ସଖି । ଆମର ଆଉ ଉପାୟ କଣ ? ତାଙ୍କ ନେଖାରେ ଅମେ ଅତି ଛୋଟ ।

—ଗଙ୍ଗା—

କେମିତ ଜାଣୁ ସଖି ! ଯେମିତ ପୂର୍ଣ୍ଣିମାର ମହୋଦଧି ଆଉ ତା କୂଳରେ ଢେଉ-ପିଙ୍ଗା ଛୋଟ ସାମୁକା ।

—ଚନ୍ଦ୍ରା—

ଧନ୍ୟ ତାଙ୍କର ପିତା ମାତା ଗଙ୍ଗା ! ମହାରାଜା ଏ ଅଡ଼େ ବଡେ କରୁଛନ୍ତି । ପିସା ମଧ ତାଙ୍କ ଟଙ୍ଗରେ ଅଛନ୍ତି । ତେମେ ଲକ୍ଷ କରିଛ ନା ଗଙ୍ଗା, ଯେତେପ୍ରକାର ଉପାୟ ଫାନ୍ଦ ସୁଦ୍ଧା ରାଜାଙ୍କ ମନରେ ଅଉ ଶାନ୍ତି କି ସୁଖ ନାହିଁ ।

—ଗଙ୍ଗା—

ଇଏ ଅଉ ବଡ଼କଥା କ'ଣ ସଖି ! ଦିହର ରକ୍ତରେ ଗଢ଼ା ନୟନପିତୁଳା; ତାଙ୍କ କଥା ଦେଖିଲେ କାହା ପିଣ୍ଡରେ ପ୍ରାଣ ରହିବ ?

—ଚନ୍ଦ୍ରା—

ଗଙ୍ଗାମ, ପିସାଙ୍କ ମନ କେଡ଼େ ମଳିନ ପଡ଼ିଗଲାଣି ଦେଖୁନା ? ଅଗେପରି ସେ ସିଦ୍ଧାର୍ଥଙ୍କୁ ଦଣ୍ଡେ ଅଖିର ଅନ୍ତରାଳ କରୁ ନ ଥିଲେ; ଏବେ ଗୋପା ଅସିଲାଦିନୁ ତାଙ୍କର ମନ କେମିତ ଦମିଗଲାଣି—ନାଇଁ ?

—ଗଙ୍ଗା—

ମଲୁ ପୂଜାପ୍ରତିମା ବିମୁଖହେଲେ କାହା ମନ ନୀରସ ନ ହୋଇଯିବ । ଇଏ ଗୋଟାଏ ଆଉ ବଡ଼କଥା କ'ଣ ?

ଶୁଦ୍ଧୋଦନ ଓ ପିସା ଅସି ପହଞ୍ଚିଲେ

Digitized by srujanika@gmail.com

—ଶୁଦ୍ଧୋଦନ—

ବେଶ୍ ସୁଯୋଗରେ ଦେଖାହୋଇଛୁ । ଦେଖ ପିସା ମୋର ସେହି ନବୀନ ସନ୍ୟାସୀର ବୈରାଗ୍ୟ ବିନାଶରେ ତୁମେମାନେ ମୋର ପ୍ରଧାନ ସହାୟ । ତୁମେମାନେତ ସବୁ ଜାଣ ତମକୁ ଅଉ ବେଶି କ'ଣ କହିବ ।

—ଗଙ୍ଗା—

ମହାରାଜ, ସିଦ୍ଧାର୍ଥ କଣ ଲାବଣ୍ୟ-ପ୍ରତିମା ଗୋପା-ଙ୍କର ମୋହ ଶୃଙ୍ଖଳା ଛିନ୍ନ କରି ଯାଇପାରିବେ ?

—ଶୁଦ୍ଧୋଦନ—

ତଥାପି ଗଙ୍ଗା—

—ପିସା—

ତଥାପି ପିତୃବ୍ୟ ! ଯାହାର ଅନ୍ତରତମ ପ୍ରାଣ ଝୁରୁଛି ଉଡ଼ିଯିବାକୁ ଅଖଣ୍ଡ ନୀଳିମାର ସେହି ମୁକ୍ତ ବଣ ଲତା କୋଳକୁ ସେ କ'ଣ ସୁବର୍ଣ୍ଣ ପିଞ୍ଜରାର ମୁକ୍ତା ଝରାରେ ଶୃଙ୍ଖଳିତ କରିରଖିଲେ ହେଲେ ପରିତୁଷ୍ଟ ହେବ ?

—ଶୁଦ୍ଧୋଦନ—

ସତ୍ୟ ପିସା ସତ୍ୟ—ବଡ଼ ନିର୍ମ୍ମମ ହେଲେ ମଧ୍ୟ । ପୁଅ ମୋର ଉନ୍ନତତର ତରତର ରାଜ୍ୟର ପ୍ରୟାସୀ ।

—ଗଙ୍ଗା—

ମହାରାଜ ! ସମସ୍ତେ ମିଶିତ ପ୍ରାଣପଣ କରୁଛୁଁ, ତେଣିକି ଦୈବ ଆୟତ୍ତ ।

—ଶୁଦ୍ଧୋଦନ—

ସତ୍ୟ, ତଥାପି ନିଜର ବୁଦ୍ଧି, ଶକ୍ତିକୁ ଯେନ ଉପାୟ ଉଦ୍ଭାବନ କରିବାକୁ ହେବ ।

ଶୁଣ ପିସା—

ସ୍ୱର୍ଗପୁରୀ ପ୍ରତିରୂପ ଏ ମର୍ତ୍ତ୍ୟପୁରୀରେ
ସିଦ୍ଧାର୍ଥ ରହିବ ନିତ୍ୟ ଦେବ ଉପଭୋଗରେ
ନୃତ୍ୟଗୀତ କଉତୁକେ ସଦା ନିମଜ୍ଜିତ ।
ତୃପ୍ତିହୀନ ଶ୍ରାନ୍ତିହୀନ ଅଳସ ବ୍ୟସନେ
ଉଦାସୀର ପ୍ରାଣ ହେବ ନିୟତ—ବ୍ୟାପୃତ ।
ଏ ସପ୍ତ—ପରିଖା—ବେଢ଼ା ବିଶ୍ରାମ ଭବନେ
ଭ୍ରମେ କଉତୁକେ ଅବା କାହାଣୀ ପ୍ରସଙ୍ଗେ
ଜରା, ବ୍ୟାଧି, ଦୁଃଖ, ଶୋକ, ଯନ୍ତ୍ରଣା, ମରଣ
ଏ ଶବ୍ଦ ସ୍ପର୍ଶିବ ନାହିଁ
ସିଦ୍ଧାର୍ଥର ଶ୍ରୁତି ।
ଶ୍ରାନ୍ତିବଶେ
କେହି ଯେବେ ଚକ୍ଷୁ ଅନ୍ତରାଳେ
ହୁଏ ଭୂମିଶାୟୀ, ଅବା
ଯେବେ କେହି
ଅବିଦିତଭାବେ କରେ ଅଶ୍ରୁ ବରଷଣ
କାହାର କବରୀ ଘନ
କୃଷ୍ଣକାନ୍ତି ହୋଇ
ରେଖାମାତ୍ର ପରିଣତ ଭ୍ରମେ
ହୁଏ ଦେଖା
ନିର୍ବାସିତ ହେବ ଏଥୁଁ
ଅତି ଅବିଳମ୍ବେ ।
ସିଦ୍ଧାର୍ଥର ଅଗୋଚର
ରହିବ ଏବାର୍ତ୍ତା
ପ୍ରତିଦିନ
ନିଶିଶେଷେ ଅତି ସନ୍ତର୍ପଣେ
ଶୁଷ୍କ ପତ୍ର ଯେତେ—ଯେତେ
ମଉଳା କୁସୁମ—
ଲୁଚିଯିବ ପରିଖାପାରେ
ଦେଉଥିବ ଫିଙ୍ଗି ।
ନୃତ୍ୟ ଗୀତ ପୀୟୂଷ ଝଙ୍କାରେ
ମୁଖରିତ ମାୟାପୁରୀ
ହେବ ଅବିରାମ ।
ଗ୍ରୀଷ୍ମ ଶୀତ ନ ପଶିବ
ବିଶ୍ରାମ ଭବନେ—
କାଳ ଜାଣି ହେବ ପ୍ରତିକାର
ଅଶ୍ରାନ୍ତ ବସନ୍ତ ସଙ୍ଗେ ଅମ୍ଳାନ ଜୋଛନା
ଅପୂର୍ବ ସୁରଭି ନିତ୍ୟ ବିରାଜିବ ପୁରେ ।
ଏମନ୍ତ ରୁଚିର
ମର୍ତ୍ତ୍ୟ ଅଳକା ଆବାସ
ଆମୋଦ ପ୍ରମୋଦ ସୁଖ ସଂପଦ ଅର୍ଗଳେ
ବନ୍ଦୀ ହେବ ପୁଅ ମୋର ।
ଗୋପାର ପ୍ରଣୟ ହେବ
ସଜାଗ ପ୍ରହରୀ ।

Digitized by srujanika@gmail.com

ମଳନନ୍ଦା—ପରିଣତ
ନ ହେଉବ ପୁତ୍ରର ନୟନ ।
ଅଗୁରୁ ଧୂପିତ ଗନ୍ଧ ଅମୋଦ ପ୍ଳାବିତ
ନୃତ୍ୟ କ୍ରୀଡ଼ା କଉତୁକ
ରହସ୍ୟ ବେଷ୍ଟନେ
ନଯିବ ସିଦ୍ଧାର୍ଥ ଯେବେ
ତରଲ ଯୌବନ
ବୈରାଗ୍ୟ; ବିତୃଷ୍ଣା, ଚିନ୍ତା
ଯିବ ବା ପାଶୋର--
ପ୍ରାଣର ଅଶଙ୍କା ମୋର
ହେବ ବା ଖଣ୍ଡନ ।
ପିତାର ତୃଷିତ ନେତ୍ର
ହେବ ଗୋ ସାର୍ଥକ
ଶଶିକଳା ସମ ଯେବେ
ବଢ଼ିବ ସିଦ୍ଧାର୍ଥ
ରାଜ ରାଜେଶ୍ୱର ସୁଖ ପୌର୍ଣ୍ଣମୀ ପୀଯାଏ ।
ସପ୍ତସିନ୍ଧୁ ପାରେ
ଅଷ୍ଟ କୁଳାଚଳ ଶୃଙ୍ଗେ, ତାଙ୍କ ଶ୍ରୀ
ଅମର ଗାଥା ରହିବ ଅଙ୍କିତ,
ଶାକ୍ୟବଂଶଗଉରବ ଉଠିବ ଝୁଭସି ।

ପିସା ! ଶାକ୍ୟକୁଳର ଏକମାତ୍ର ସ୍ୱର୍ଣ୍ଣ ପ୍ରଦୀପ ସିଦ୍ଧାର୍ଥ, ସେ ଯେବେ ସନ୍ୟାସୀ ହୋଇ ଗୃହତ୍ୟାଗୀ ହୁଏ ତେବେ ପୂର୍ବପୁରୁଷମାନଙ୍କୁ ଜଳ ଦେବାକୁ ଅଉ କିଏ ରହିବ ?

—ପିସା—

ଅମ୍ଭେମାନେ ସମସ୍ତେ ମିଶି ଅପଣଙ୍କର ଅଜ୍ଞା ଅକ୍ଷରେ ଅକ୍ଷରେ ପାଳନ କରିବୁ ।

— ଶୁଦ୍ଧୋଦନ—

ପିସା, ତୁମ୍ଭେମାନେହିଁ ଭରସା ! ଈଶ୍ୱରଙ୍କୁ ପ୍ରାର୍ଥନା କର ସିଦ୍ଧାର୍ଥ ଯେପରି ଗୃହାଶ୍ରମରେ ରହି ମୋର କୁଳ ଉଜ୍ଜ୍ୱଳ କରୁ । ପ୍ରସ୍ଥାନ କଲେ

—ପିସା—

ଧନ୍ୟରେ ବାତ୍ସଲ୍ୟ-ଭରା ପିତାର ହୃଦୟ । ଗଙ୍ଗା, ମନୁଷ୍ୟ କଳ୍ପନାର ବାଲୁକା ରାଶିରେ କି ବିଚିତ୍ର ପ୍ରାସାଦ ଗଢ଼ି ନ ବସେ ।

—ଗଙ୍ଗା—

ତମର କଣ ଏବେ ସୁଦ୍ଧା ଅଶଙ୍କା ହୁଏ ପିସା, ସିଦ୍ଧାର୍ଥ ଏ ମାୟାପାଶ କାଟି ଗୃହତ୍ୟାଗୀ ହେବେ ?

—ପିସା—

ସିଦ୍ଧାର୍ଥଙ୍କର ଅତି ସୂକ୍ଷ୍ମ ଅନୁଭବ ଶକ୍ତି, ତା ସଙ୍ଗରେ ପୁଣି ଏ ଗମ୍ଭୀର ସମାଧି, ଦେବ ଅଂଶରେ ଜନ୍ମ ଏ ମହା ପୁରୁଷର ସମସ୍ତ । ପ୍ରକଟ ଲକ୍ଷଣ ଦେହରେ ବହି ସିଦ୍ଧାର୍ଥ କଣ' ଗୃହାଶ୍ରମରେ ରହି ପାରିବେ ଚିରଜୀବନ ?

—ଗଙ୍ଗା—

ସଖି, ପିସା ନୃପତିର ଯାହା ଅଭିପ୍ରେତ ତାହା ତ ହେବ । ତା ବୋଲି ଆମର ସାଧମତେ ଯତ୍ନ କରିବାକୁ ଅମେ ତ୍ରୁଟି କରିବା କାହିଁକି ?

—ପିସା—

ତେମେ ଯେବେ ମୋପରି ମିଳା ମିଶା କରିଥାନ୍ତ ତେବେ ଅଉ ଏପରିକଥା କହନ୍ତନାହିଁ । ଗଙ୍ଗା ସିଦ୍ଧାର୍ଥ ଦିନେ ଅତି ତରୁଣ ବୟସରେ ଅଷାଢ଼ର ନବୀନ ମେଘ ଦେହରେ ବକ ପଂକ୍ତିର ବିଚିତ୍ର ତୋରଣ ଦେଖି ଯେ ଅସୀମ ଅନନ୍ଦରେ ଜ୍ଞାନଶୂନ୍ୟ ହୋଇ ପଡ଼େ; କ୍ଷୁଦ୍ରାଦପି କ୍ଷୁଦ୍ର ପତଙ୍ଗର ଗୋଟିଏ ପକ୍ଷ କ୍ଷତ ହେଲେ ଯିଏ ଅଶ୍ରୁ ସମ୍ଭାଳି ପାରେନାହିଁ ସେ କ'ଣ ଅଉ ଦେବତା ନୁହେଁ ?

ଗଙ୍ଗା—

ସଖି, ମୁଁ ତ ତମ ବକ୍ତୃତା କିଛି ବୁଝି ପାରୁନାହିଁ । ଅଚ୍ଛା, ଅମକୁ ସେଥିରୁ କଣ ମିଳିବ ଭଲା କହିଲ । ଅମର ଯେତକ ଅଧିକାର ସେତିକ କରିବା, ଅଧିକ ମଥା ଖରଚ କରିବାର କି ଦରକାର ଭଲା ?

—ପିସା—

ଶୁଣିବ ସଖି; ଦିନେ ଦେବଦତ୍ତ ଅନନ୍ଦଙ୍କ ସଙ୍ଗେ ଘୋଡ଼ା ଝପଟାଇ ଯାଉଥିଲେ । ସହସା ଘୋଡ଼ାର କ୍ଳିଷ୍ଟ ଶ୍ୱାସ ତାଙ୍କ କାନରେ ବାଜିଲା । ସଙ୍ଗେ ସଙ୍ଗେ ଓହ୍ଲାଇପଡ଼ି ନିଜର ମହାର୍ଘ୍ୟ ବସ୍ତ୍ରାଞ୍ଚଳରେ ତା ଦେହରୁ ଝାଳ ପୋଛି ଦେଲେ ଅଖଣ୍ଡ ମୁଖ ମଣ୍ଡଳ ତାର କଣ୍ଠ ସଲଗ୍ନ କରିଥାନ୍ତି । ଅଖିରୁ ଝର ଝର ଲୁହ ଝରି ପଡ଼ୁଥାଏ ।

Digitized by srujanika@gmail.com

—ଗଙ୍ଗା—

ପିଯା ଦେଖିଲଣିନା ଏ ଅଞ୍ଚଳ କିଏସେ ପଂକ୍ତି ଏ ଅସ୍ପ-ଛନ୍ଦ । ଏମାନେ ପ୍ରବାସୀପରି ଦିଶୁଚନ୍ତି । ଶୁଣୁଛିନା—

ଝୁମୁ ଝୁମୁ ଝୁମୁ ଝୁଣ୍ଟିଅ ବାଜୁଛି,
ବାଜୁଛି କଟିରେ ରତ୍ନ କିଙ୍କିଣି
ତାମସୀ ଯାମିନୀ ନମାନ ଅସୁଛି
କୁଞ୍ଜେ ସଖୀ ବୃନ୍ଦ ମୁକୁଟମଣି

—ପିଯା—

ତେମେ ଏତେ ଗୀତ କେମିତି ମନେ ରଖିଚମ ?

—ଗଙ୍ଗା—

ଇଏ କ'ଣ ଅଉ ମନେ ରଖା ଗୀତ । ଇଏ ସଖୀ ହୃଦୟ ଉଛୁଳା କବିତା ! ଏ କଣ ଅଉ ରେଖା ଗଣା ପଦ-ମିଳା ଏଣୁଚେଣୁ ?

ଦୁଇଟି ନର୍ତ୍ତକୀ ଓ ତାଙ୍କ ସଙ୍ଗରେ ଦୁଇଟି ବାଦ୍ୟକ ଅସି ନମସ୍କାର କଲେ ତାଙ୍କ ସଙ୍ଗରେ ନଟଣ ସଖୀ ହାସ

—ବାଦ୍ୟକ—

ମଣିମା ମହାରାଜ ଅପଣଙ୍କ ଗ୍ରମୁକୁ ଅଜ୍ଞା କରିବା ହେଲେ ।

—ଗଙ୍ଗା—

କାହା ପାଖକୁ ? ଅମପାଖକୁ ନା—(ପିଯାଙ୍କୁ ଦେଖାଇ) ଏଇ ଅମର ଯୁବରାଣୀ ଯ୍ୱାଙ୍କରି ପାଖକୁ ଅସିଛତ ?

—ପିଯା—

ଗଙ୍ଗା—ସୌଭାଗ୍ୟ ମୋର—

ଗଙ୍ଗା ତାଙ୍କୁ ହାତଠାର କରସ୍ତ କଲେ

—ବାଦ୍ୟକ—

ଅଜ୍ଞା ମଣିମା—

—ଗଙ୍ଗା—

ତମମାନଙ୍କର ନିବାସ ?

—ବାଦ୍ୟକ—

ଅଜ୍ଞା, ଉତ୍ତରଦେଶ ।

—ଗଙ୍ଗା—

ଉତ୍ତରଦେଶ ? ଅଚ୍ଛା, ଉତ୍ତରଦେଶତ ହେବ୍ରଦନେ ନାଚ ଗୀତପାଇଁ ପ୍ରସିଦ୍ଧ; ସେ ସଂଗୀତରେ ଅଉ ନାଚରେ କୁଅଡ଼େ ଗୋଟାଏ ବଶେଷତ୍ବ ଅଛି ।

ଗଙ୍ଗା ପିଯାଙ୍କ ଅଡ଼କୁ ଗ୍ରହିଁ ଟିକେ ହସିଲ

—ବାଦ୍ୟକ—

ଅଜ୍ଞା, ଉଚ୍ଚଭାବ ହେଲା ସଂଗୀତର ପ୍ରାଣ ଅଉ ଅବଲମ୍ବ ହେଲା ତାର ବିକାଶ ।

—ଗଙ୍ଗା—

ଅଚ୍ଛା ତେମେମାନେ ଯେବେ ପରିଶ୍ରାନ୍ତ ନ ହୋଇଥାଅ ତେବେ ପରୀକ୍ଷା ସ୍ୱରୂପ ପଦେଅଧେ—

—ବାଦ୍ୟକ—

ଅଜ୍ଞା ଶ୍ରୋତାହୃଦୟ ନିଶ୍ଚଳ ହୋଇ ନ ବସିଲେ ତା'ର ମାଧୁର୍ଯ୍ୟ ଉପଲବ୍ଧି କରିପାରିବେ ନାହିଁ ।

—ଗଙ୍ଗା—

ଏଠି ହିଁକଏ କେବଳ କର୍ଣ୍ଣ ରସାୟନ ସ୍ୱରୂପ ଗୋଟାଏ ଗୀତ —

—ବାଦ୍ୟକ—

ଶ୍ରୀମୁକୁ ଯେପରି ଆଜ୍ଞା କରାଯାଉଛି—ଅଜ୍ଞା, ଅବଧାନ କରିବା ହେଉ । ବିପ୍ରଲବ୍ଧା କଣୋଗିନୀ କୁଞ୍ଜକୁ ନିଶି ଚତୁର୍ଥ ପ୍ରହରରେ ଶ୍ରୀକୃଷ୍ଣ ଅଗମନେ— ଲଳିତା ସଖୀ ତାଙ୍କୁ ଭର୍ତ୍ସନାକରି କହୁଅଛନ୍ତି ।

"କାଳ କାହିଁ ରହିଲ ହେ ଛଇଳ"
ସଙ୍କେତ କରି ଏ ନଅଳୀ କୁଞ୍ଜେ
ସଜ ସାଜି ସଜ ରାଧିକା ପୁଞ୍ଜେ—
ଶଠ ଗୁରୁ କାହିଁ ରହିଲ ଭଣ୍ଡାର
ଭସାଇଲ ନେତ୍ରେ ଅନେ ଗାର ।
ଉଜ ଗଢ଼ରେ ଗଲ ଯାମିନୀ ପାହି
ଗନ୍ଧେ ଧର ଦେଇ ଶହୁଁଛ ସହି
ଗ୍ରେର ହାତେ ଦେବା ପ୍ରଣୟ ଫସଲ
ପରିଣାମ ଭଲ ହେଜାଇ ଦେଲ ।

—ବାଦ୍ୟକ—

ଅଜ୍ଞା, ଏହାପରି ସବୁ । ସ୍ଥାନ କାଳ ପାତ୍ର ନେଇ ଚିତ୍ତାକର୍ଷକ ହୋଇଥାଏ ।

—ପିଯା—

ନିତ୍ୟମଧୁର ଏ କୃଷ୍ଣଲୀଳା । ପ୍ରାଣକୁ କୁଅଡେ ହଜାଇ ଦିଏ ।

Digitized by srujanika@gmail.com

—ଗଙ୍ଗା—

ପିସା, ଖୋଜାଇ ଦେବ !

—ପିସା—

ନଜରୁ ଯୋଉଠି ଯିବି, ଖୋଜଲେ ଅଉ ମିଳିବ ନାହି ।

—ଚନ୍ଦ୍ରା—

ହଉ ତୁମ୍ଭେମାନେ ଅସ ମୋ ସଙ୍ଗରେ । ତମର ଏଠାରେ ରହିବାର ବ୍ୟବସ୍ଥା କରାଇଦେବ ।

ଆଗେ ଗଙ୍ଗା ପିସା ପଛରେ ଚନ୍ଦ୍ରା ଓ ନର୍ତ୍ତକୀ ଗଣ ଗୃହଗମନ

ଶ୍ରୀନନ୍ଦକିଶୋର ଦାସ

---

# ସାପ ଓ ତାହାର ବିଷ

**ଶ୍ରୀକୃଷ୍ଣ ମହାନ୍ତି**

## ୧ ବିଷଧର ସାପ

ପ୍ରାଣିତତ୍ତ୍ୱ ବିତ୍‌ମାନେ ସାପକୁ ଝିଟିପିଟି, ଗୋଧି, କୁମ୍ଭୀର ଓ କଚ୍ଛପ——ଏମାନଙ୍କ ସହିତ ଏକା ଜାତିରେ ପକାନ୍ତି । କିନ୍ତୁ ସାପର ଗୋଟିଏ ବିଶେଷତ୍ୱ ଅଛି । ସାପର ତଳପାଟି ଦୁଇଫାଳରେ ବିଭକ୍ତ । ଏଦୁଇଟି ଫାଳ ରବରପରି ସ୍ଥିତିସ୍ଥାପକ ଖଣ୍ଡେ ଚମଦ୍ୱାରା ଯୋଡ଼ା । କେତେକ ଝିଟିପିଟି ଜାତୀୟ ଜନ୍ତୁ ଅଛନ୍ତି ଯାହାଙ୍କୁ ଦେଖିଲେ ହଠାତ୍ ସାପବୋଲି ଭ୍ରମ ହେବ । କିନ୍ତୁ ପୂର୍ବୋକ୍ତ ବିଶେଷତ୍ୱରୁ ଜନ୍ତୁଟି ଝିଟିପିଟି କି ସାପ ତାହା ଭଲକରି ଚିହ୍ନାଯାଇ ପାରିବ ।

ସାପକୁ ତିନି ଜାତିରେ ଭାଗ କରାଯାଏ ।

୧ ଅଜଗର ଜାତି [Pythonidoe]ଏମାନଙ୍କ ଅକାର ବଡ଼ ଓ ଫଣା ନଥାଏ । ଏମାନେ ବିଷାକ୍ତ ନୁହନ୍ତି ଓ ପ୍ରାୟ ଲୋକାଳୟ ନିକଟରେ ଦେଖାଯାନ୍ତିନାହିଁ ।

୨ କଲୁବ୍ରିଡ଼ ଜାତି(Collubridoe)ଘରଦ୍ୱାରର ଅମ୍ଭେମାନେ ଯେଉଁ ସାପ ଦେଖୁଁ ତାହା ଭିତରୁ ପ୍ରାୟ ଚଉଦପଣ ଏହି ଜାତିରେ ଯାʼନ୍ତି । ଏଜାତିରେ ଏତେ ପ୍ରକାରର ସାପ ଅଛନ୍ତି ଯେ ଏଜାତିକୁ ପୁନରାୟ ତିନି ବିଭାଗରେ ବିଭକ୍ତ କରାଯାଏ । ଯଥା:—


(କ) ଅଗ୍ଲିଫ୍ ଜାତି (aglipha) ଏମାନଙ୍କର ଦାନ୍ତଗୁଡ଼ିକ ଏକଆକାର ବିଶିଷ୍ଟ । ବିଷନଥିବାରୁ ଏମାନେ ଅନିଷ୍ଟକାରକ ନୁହନ୍ତି ବରଂ ମୂଷା ପ୍ରଭୃତି ଫସଲର ଅନିଷ୍ଟକାରୀ ଜନ୍ତୁମାନଙ୍କୁ ଖାଇଯିବାରୁ ଅମ୍ଭମାନଙ୍କର ଅନେକ ଉପକାର କରନ୍ତି ।

(ଖ) ଓପିସ୍ଟୋଗ୍ଲିଫ୍ ଜାତି(opistoglipha)ଏମାନଙ୍କର ବିଷଦାନ୍ତ ଅଛି । ବିଷଦାନ୍ତଗୁଡ଼ିକ ଅପେକ୍ଷାକୃତ ଛୋଟ, ଉପରପାଟିର ସାମନାରେ ନଥାଇ ଭିତର ପାଖକୁଥାଏ । ପ୍ରତ୍ୟେକ ବିଷଦାନ୍ତର ପଛପାଖରେ ମୂଳରୁ ମୁନପର୍ଯ୍ୟନ୍ତ ନାଳଭଳିଆ ଗୋଟିଏ ଲେଖାଏଁ ଦାଗ ଖୋଳା ହେଲପରି ହୋଇଥାଏ । ଏହି ଦାନ୍ତଗୁଡ଼ିକର ମୂଳ ବିଷଥଳିର (poison glands) ମୁହଁରେ ଲାଗିଥାଏ । କାମୁଡ଼ିବା ମାତ୍ରକେ ବିଷଥଳିରୁ ବିଷଝରେ ଓ ଦାନ୍ତ ପଛରେଥିବା ନାଳବାଟେ ଗଡ଼ିଅସି କ୍ଷତସ୍ଥାନରେ ଲାଗିଲାରୁ ରକ୍ତସଙ୍ଗରେ ମିଶିଯାଏ । ବିଷଦାନ୍ତ ଗୁଡ଼ିକ ଅପେକ୍ଷାକୃତ ଛୋଟଥିବାରୁ ଓ ପାଟି ସାମନାରେ ନଥିବାରୁ ଓପିସ୍ଟୋଗ୍ଲିଫ୍ ଜାତୀୟ ସାପ ମନୁଷ୍ୟର ପ୍ରାୟ କିଛି ଅନିଷ୍ଟ କରି ପାରନ୍ତି ନାହିଁ । ଅବଶ୍ୟ ଛୋଟ ଛୋଟ ଜନ୍ତୁଙ୍କୁ କାମୁଡ଼ିଲେ ସେମାନଙ୍କର ଚେତା ବୁଡ଼ିଯାଇପାରେ ।

(ଗ) ପ୍ରୋଟେରୋଗ୍ଲିଫ୍ ଜାତି [Proteroglipha] ଏମାନଙ୍କର ଉପରର ପାଟିର ସାମନା ବା 'ଶ୍ମଶ୍ରୁ' ଦାନ୍ତ ଅପେକ୍ଷାକୃତ ଅନେକ ବଡ ଓ ଉପର ଲିଖିତ ଓପିସ୍ଟୋ-ଗ୍ଲିଫ୍ ଜାତୀୟ ସାପମାନଙ୍କ ବିଷଦାନ୍ତ ପରି "ନାଳ"ଯୁକ୍ତ ଏବଂ ପ୍ରତ୍ୟେକ ଦାନ୍ତର ମୂଳ ବିଷଥଳି ମୁହଁରେ ଲାଗିଥାଏ । ନାଗ, ଚନ୍ଦ୍ର ପ୍ରଭୃତି ଏଜାତିରେ ଯାନ୍ତି । ଏମାନେ ମନୁଷ୍ୟର ପ୍ରଭୂତ ଅନିଷ୍ଟ କରିପାରନ୍ତି । ଦାନ୍ତର ଉପରଦେଇ ବିଷ ଗଡ଼ି ଅସୁଥିବାରୁ ବିଷ କ୍ଷତ ଭିତରକୁ ନଯାଇ କେବଳ ଉପରେ ପଡ଼େ ।

Digitized by srujanika@gmail.com

୩ ଭାଇପରିଡ୍ ଜାତି (Viperidoe) ଏମାନଙ୍କ ପାଟି ଖୁବ୍ ଛୋଟ କିନ୍ତୁ ବିଷଦାନ୍ତ ଦିଓଟି ସାମନାରେ ଥାଏ ଓ ନାଗଜାତୀୟ ସାପମାନଙ୍କ ବିଷଦାନ୍ତ ତୁଳନାରେ ଅନେକ ବଡ଼ । ବିଶେଷ ପ୍ରଭେଦ ଏହି ଯେ ଏମାନଙ୍କର ବିଷଦାନ୍ତର



୧
ସାପର ମୁଣ୍ଡ
କ—ବିଷ କୋଷ ଖ—ବିଷନଳୀ, ଗ—ବିଷଦନ୍ତ

ବାହାରେ 'ନାଳ' ନ ଥାଏ, କିନ୍ତୁ ବିଷଦାନ୍ତଗୁଡ଼ିକର ମୂଳରୁ ଅଗ ପର୍ଯ୍ୟନ୍ତ ଭିତରେ ଗୋଟିଏ ଛିଦ୍ର ଥାଏ ଏହି ଛିଦ୍ରଭିତର ଦେଇ ବିଷ ଆସେ ଓ କ୍ଷତର ଗଭୀରତମ ଭାଗରେ ପ୍ରବେଶକରେ ।

ନିର୍ବିଷ ସାପମାନଙ୍କର ୩ ସାରି ଦାନ୍ତ । ତଳପାଟିରେ ଏକସାରି ଓ ଉପର ପାଟିରେ ଦୁଇପାଟିର କଡ଼େ କଡ଼େ ଏକ୍‌ସାରି; ଓ ତାହା ଭିତରକୁ ଆଉ ଗୋଟିଏ ସାରି—ମୂର୍ଦ୍ଧାଦେହରୁ ବାହାରିଥାଏ । ସାପମାନଙ୍କ ଦାନ୍ତ ଭିତର-ଅଡ଼କୁ ବଙ୍କାଥାଏ—ଶିକାରକୁ ଭଲକରି ଧରିବାପାଇଁ ।



୨
ବିଷଦାନ୍ତ
ଖ—ପରିଡ଼ ଜାତୀୟ ସାପର

ବିଷାକ୍ତ ସାପ ( ପ୍ରୋଟେରୋଗ୍ଲିଫ୍ ଓ ଭାଇପର୍ ) ମାନଙ୍କର ଉପର ପାଟିର ବାହାର ଦାନ୍ତସାରିକ ନ ଥାଏ, ତାହା ବଦଳରେ ସାମନାରେ ଦିଓଟି ମାତ୍ର ବଡ଼ ଓ ବିଷବାହକ ଦାନ୍ତ ଥାଏ । ଦାନ୍ତରୁ ବିଷାକ୍ତ ସାପ ଚିହ୍ନାଯିବ—କିନ୍ତୁ ଦାନ୍ତ ଦେଖି ଚିହ୍ନିବା ସୁବିଧାନୁହେଁ ।

ସାପର ରଙ୍ଗରୁ ତାହାର ଦେହରେ ଥିବା ଦାଗରୁ ମଧ୍ୟ ବିଷଧର କି ନିର୍ବିଷ ଚିହ୍ନାଯାଇପାରିବ ନାହିଁ । କେବଳ 'କ୍ରୈଟ୍' ଜାତୀୟ ସାପମାନଙ୍କ ମଧ୍ୟରୁ କାହାରି କାହାରି ପିଠିରେ ପର୍ଯ୍ୟାୟ କ୍ରମେ କଳା ଓ ହଳଦିଆ ଚିତାପରି ଦାଗଥାଏ ଓ 'ନାଗ'ର ଫଣାରେ 'ଖଡ଼ମ' ଚିହ୍ନ ଥାଏ । (ଦ୍ୱିତୀୟ ଚିତ୍ର)

ସାପର କାତି ପରୀକ୍ଷାକଲେ ସହଜରେ ବିଷଧର କି ନିର୍ବିଷ ତାହା ଚିହ୍ନିହେବ । ପ୍ରଥମରେ ସାପର ପେଟ-ପାଖ ଦେଖିବା ଉଚିତ ।

(୧) ପିଠିପାଖର ଯେଉଁପ୍ରକାର କାତି ପେଟପାଖରେ ଯଦି ସେହିପ୍ରକାର କାତି ( ୩ ଗ ଚିତ୍ର ) ଦେଖାଯାଉଥାଏ ତାହାହେଲେ ଜାଣିବାକୁ ହେବ ଯେ ସେ ସାପର ବିଷନାହିଁ—ତେଣୁ ସେ ସାପ ଅନିଷ୍ଟକାରକ ନୁହେଁ ।

(୨) ଯଦି ପିଠିପାଖର କାତି ବୁଲିଆସି ପେଟର କିଛି ଅଂଶ ମାଡ଼ିଥାଏ କିନ୍ତୁ ପେଟ ମଝିରେ ଲମ୍ବଡ଼ା୨ କାତି ଦେଖାଯାଏ ( ୩ ଖ ଚିହ୍ନିତ ଚିତ୍ର ) ତାହାହେଲେ ମଧ୍ୟ ଜାଣିବାକୁ ହେବ ଯେ ସାପଟିର ବିଷ ନାହିଁ । ଏପରି ସାପ ସବୁଆଡ଼େ ଅନେକ ଦେଖାଯାନ୍ତି । ଏମାନଙ୍କୁ ଭୟ କରିବାର କିଛି କାରଣ ନାହିଁ, ବରଂ ଏମାନେ ଅନେକ ଉପକାର କରନ୍ତି ।

(୩) ଯଦି ପେଟର, ପିଠିର ଛୋଟ୨ କାତି ମୋଟେ ଦେଖା ନ ଯାଏ—କେବଳ ଲମ୍ବ୨ କାତି ପେଟର ଏ ପାଖରୁ ସେ ପାଖ ପର୍ଯ୍ୟନ୍ତ ବିସ୍ତୃତଥାଏ ତା ହା ହେ ଲେ ଜାଣିବାକୁ ହେବ ଯେ ଏପରି ସାପର ବିଷ ଥାଇପାରେ, କିନ୍ତୁ ପେଟର କାତି ଏହିପରି ହୋଇ-



୪
ବାଁରୁ ଡାହାଣକୁ
କ—ଭାଇପରିଡ୍ ଜାତୀୟ ସର୍ପର ମୁଣ୍ଡ
ଖ—ବିଷଧରର ମୁହଁ ପାଖ କାତି

ଥିଲେ ଯେ ବିଷ ନିଶ୍ଚୟ ଥିବ ତାହା ନୁହେଁ—ସାପ ପେଟରେ ଏପରି କାତି ଦେଖିଲେ ବିଷ ଅଛି ବୋଲି ସନ୍ଦେହମାତ୍ର କରାଯାଏ ( ୩ କ ଚିତ୍ର ) । ବିଷଧର କି ନିର୍ବିଷ ତାହା ନିଃସନ୍ଦେହ ରୂପରେ ଜାଣିବାକୁ ହେଲେ ପିଠି, ମୁଣ୍ଡ ଓ ତଳପାଟି ଦେଖିବା ଉଚିତ ।


( ୪ ) ଯଦି ମୁଣ୍ଡଉପର କାତିଗୁଡ଼ିକ ଅତ୍ୟନ୍ତ ଛୋଟହୁଏ ଓ ମୁଣ୍ଡର ଆକାର (୪ କ ) ଚିହ୍ନିତ ଚିତ୍ରପରି ହୋଇଥାଏ ତାହାହେଲେ ଜାଣିବ ଯେ ସାପଟି "ଭାଇପରିଡ" ଜାତୀୟ ( ଅସ୍ମମାନଙ୍କ ଦେଶରେ 'କାଳ-



Digitized by srujanika@gmail.com


'ଅନ୍ତ' 'ବୋଡ଼ା' ଏ ଗୁଡ଼ିକ ଏହି ଜାତିର ସାପ )। "ଭାଇପରିଡ଼" ଜାତୀୟ ସାପର ମୁଣ୍ଡରେ ଆଉ ଗୋଟିଏ ବିଶେଷତ୍ୱ ଏହି ଯେ ଉପରୁ ଅନାଇଲେ ଅଖି ଦଉଟି କଡ଼ରେ ଲାଗିଥିଲାପରି ଦେଖାଯାଏ । ଏ ସାପଗୁଡ଼ିକ ସମସ୍ତେ ବିଷଧର ।

( ୫ ) ଯଦି ମୁଣ୍ଡ ଉପରର କାତିଗୁଡ଼ିକ ପିଠିଅଡ଼ର ଅନ୍ୟାନ୍ୟ କାତି ଅପେକ୍ଷା ( ୨ କ ଚିତ୍ର ) ବଡ଼ ହୋଇଥାଏ ତାହାହେଲେ ଜାଣିବାକୁ ହେବ ଯେ




୨
ବାଁରୁ ଡାହାଣକୁ
କ—ନାଗ ବା ଗହ୍ମର ମୁଣ୍ଡ କାତି
ଖ—ନାଗ ଜାତୀୟ ସାପର ଫଣା

ସାପଟି ନାଗ ବା ଗହ୍ମ କିମ୍ବା 'କ୍ରେଟ' (krait) ଜାତୀୟ। ନାଗ ବା ଗହ୍ମର ବିଶେଷତ୍ୱ ଏହି ଯେ ଉପର ପାଟିର ଠିକ୍ ମଝିରୁ ଆରମ୍ଭ କରି ପାଟି କଡ଼ରେ ଥିବା (ବଡ଼) କାତି ଗୁଡ଼ିକ ଗଣି ଗଲେ ତୃତୀୟକାତିଟି; ପ୍ରଥମ ଓ ଦ୍ୱିତୀୟ କାତି ଅପେକ୍ଷା ଅନେକ ବଡ଼ । ଏହି ତୃତୀୟ କାତିଟି ଯେଉଁ କାତିରେ କାନର କଣାଟି ଥାଏ ସେ କାତିକୁ ଛୁଇଁଥାଏ,



୬
ବିଷଧର ପିଠିଉପରର କାତି

ଏବଂ ଯେଉଁ କାତି ଉପରଦେଇ ଅଖି ବାହାରିଥାଏ ତାକୁ ମଧ୍ୟ ଛୁଇଁଥାଏ ( ୨ କ ଚିହ୍ନିତ ଚିତ୍ର ) । 'କ୍ରେଟ' ର ବିଶେଷତ୍ୱ ଏହି କି ତଳପାଟିର ମଝିରୁ ଆରମ୍ଭକରି ଗଣିଗଲେ ପାଟିର କଡ଼ରେ ଚାରୋଟି ବଡ଼ ୨ କାତି-ଥାଏ— ଏଥିମଧ୍ୟରୁ ଚତୁର୍ଥ କାତିଟି ସମସ୍ତଙ୍କ ଅପେକ୍ଷା ବଡ଼(୪ଖ ଚିତ୍ର)। ଅନ୍ତୁରି ମଧ୍ୟ "କ୍ରେଟ୍"ର ମେରୁଦଣ୍ଡର ଠିକ୍ ଉପରେ ଥିବା କାତିଗୁଡ଼ିକ ପିଠିର ଅନ୍ୟାନ୍ୟ କାତି ଅପେକ୍ଷା ବୃହଦାକାର ( ୬ନମ୍ବର ଚିତ୍ର )



୩
ଉପରୁ ତଳକୁ
କ—ବିଷଧର ସାପର କାତି
ଖ—ନିର୍ବିଷ ସାପର କାତି
ଗ—ନିର୍ବିଷ ସାପର କାତି

ମୋଟାମୋଟି କହିବାକୁ ହେଲେ ଯେଉଁ ସାପର ପେଟ ( ୩ କ ) ଚିହ୍ନିତ ଚିତ୍ରପରି ହୋଇଥିବ ଓ ମୁଣ୍ଡ ( ୪ କ ) ବା ( ୨ କ ଖ ) ଚିତ୍ର ଭଳି ଦେଖା ଯାଉଥିବ— କେବଳ ସେହି ସାପର ବିଷ ଅଛି ବୋଲି ଜାଣିବାକୁହେବ ।

## ୨ ସାପ ବିଷର କ୍ରିୟା

ସାପ ବିଷକୁ ଦୁଇ ପ୍ରକାରରେ ଭାଗ କରାଯାଏ ।

୧ କଲୁବ୍ରିଡ୍ ବା ନାଗ, ଗହ୍ମ, କ୍ରେଟ ଏମାନଙ୍କର ପ୍ରତ୍ୟେକର ବିଷର କ୍ରିୟାରେ କିଛି ଭେଦଥିଲେ ମଧ୍ୟ ସ୍ଥୁଳତଃ ପ୍ରାଣୀ ଶରୀର ଉପରେ ସେମାନଙ୍କର କ୍ରିୟା ପ୍ରାୟ ଏକପ୍ରକାର ।

( ୨ ) ଭାଇପରିଡ୍ ମାନଙ୍କ ବିଷ ପ୍ରାଣୀ ଶରୀର ଉପରେ ଯେଉଁ କ୍ରିୟା କରେ, ତାହା ପ୍ରଥମ ପ୍ରକାର ବିଷର କ୍ରିୟାଠାରୁ ସମ୍ପୂର୍ଣ୍ଣ ବିଭିନ୍ନ ।

( ୧ ) " କଲୁବ୍ରିଡ୍ " ମାନଙ୍କ ବିଷ—କଲୁବ୍ରିଡ୍ ଜାତିମଧ୍ୟରେ କେବଳ " (ବ) ପ୍ରୋଟେରୋଗ୍ଲିଫ୍ " ମାନଙ୍କ ବିଷ ସାଧାରଣତଃ ମନୁଷ୍ୟର ଅନିଷ୍ଟକରେ ।

Digitized by srujanika@gmail.com

ଏ ବିଷ ଶରୀରରେ ପ୍ରବେଶ କରି ମସ୍ତିଷ୍କ ଓ ମେରୁଦଣ୍ଡ ଉପରେ ନିଜର ପ୍ରଭାବ ଦେଖାଏ ଓ ମସ୍ତିଷ୍କ ଥିବାରେ ଶ୍ୱାସ ପ୍ରଶ୍ୱାସ କ୍ରିୟା ନିୟାମକ କେନ୍ଦ୍ରର (Respiratory centres) ପକ୍ଷାଘାତ ବା ଶକ୍ତିହୀନତା, (Paralysis) ଜନ୍ମାଇ ନିଶ୍ୱାସ ବନ୍ଦ (asphyxia) କରାଇ ମୃତ୍ୟୁ ଆଣେ । ନାଗ ବା ଚନ୍ଦ୍ର ପ୍ରୋଟେରୋଗ୍ଲିଫ୍ ମାନଙ୍କ ମଧ୍ୟରେ ଓଡ଼ିଶାରେ ପ୍ରଧାନ । ଏମାନଙ୍କ ବିଷ କ୍ରିୟା ବିଶେଷ ରୂପରେ ଆଲୋଚନା କରାଯାଉ । ନାଗ ଓ ଚନ୍ଦ୍ର କାମୁଡ଼ିଲା ପରେ ବିଷକ୍ରିୟାର ପ୍ରଥମ ଚିହ୍ନ 'ନିଶା' ଖାଇଲା ପରି ଜଣାଯିବ । କ୍ରମଶଃ ଦୁର୍ବଳତା ଅଳ୍ପ ଅଳ୍ପ କରି ଅନୁଭୂତ ହେବାକୁ ଆରମ୍ଭ କରେ ଓ ରୋଗୀ ବସିପଡ଼େ ବା ଶୋଇବାକୁ ଚେଷ୍ଟାକରେ । ମୁଣ୍ଡ ଭାରି ହୋଇ ଓହଳ ପଡ଼ିଲାପରି ଲାଗେ । ଓଠ, ତଳପାଟି ଓ ତଣ୍ଟିର ମାଂସ-ପେଶି ଗୁଡ଼ିକ କ୍ରମେ କ୍ରମେ ଶକ୍ତିହୀନ ହୋଇଯିବାରୁ ମୁହଁ 'ଆଁ' ହୋଇଯାଏ ଓ ପାଟିରୁ କଥା ବାହାରେନାହିଁ— ରୋଗୀ ଠାରିଠୁରି ନିଜର ମନରଭାବ ପ୍ରକାଶ କରିବାକୁ ଚେଷ୍ଟାକରେ । ନିଶ୍ୱାସ ପ୍ରଶ୍ୱାସ କ୍ରମେ କ୍ରମେ କଷ୍ଟକର ହୋଇ ଏକାବେଳେ ବନ୍ଦ ହୋଇଆସେ ଓ କୌଣସି ପଦାର୍ଥ ଗିଳିବା ଅସମ୍ଭବ ହୁଏ । କ୍ରମଶଃ ନିଶ୍ୱାସ ପ୍ରଶ୍ୱାସ ଏକାବେଳେକେ ବନ୍ଦ ହୋଇଯାଏ ଓ ରୋଗୀ ମଲାବେଳେ ତାହାର ମୁହଁ ଠିକ୍ ନିଶ୍ୱାସରୋଧ ହୋଇ ମରିଥିଲା ଭଳି ଫୁଲିଣିଆ ୨ ଓ ନାଳିଅଣିଆ ଦେଖାଯାଉ ଥାଏ । ବର୍ତ୍ତମାନ ବିଶେଷ ଲକ୍ଷ କରିବାର ବିଷୟ ଏହି ଯେ ରୋଗୀର ଅସ୍ତେ ୨ ନିଶ୍ୱାସ ରୋଧ ହୋଇ ଅସୁଥିଲେ ମଧ୍ୟ ହୃତ୍ପିଣ୍ଡ ବା 'ନାଡ଼ୀ'ର କୌଣସି ବିଶେଷତ୍ୱ ବା ବିଶେଷ ଦୁର୍ବଳତା ଦେଖାଯାଏନାହିଁ, ବରଞ୍ଚ ନିଶ୍ୱାସ ବନ୍ଦ ହୋଇଯିବାର କିଛିକ୍ଷଣ ପରପର୍ଯ୍ୟନ୍ତ ନାଡ଼ୀ ଚାଲୁଥିବାର ଦେଖାଯାଇଅଛି—ନିଶ୍ୱାସ ଅଭାବରୁ ରକ୍ତରେ ଥିବା ମଳ ମସ୍ତିଷ୍କକୁ ସମ୍ପୂର୍ଣ୍ଣରୂପରେ ବିଷପୂର୍ଣ୍ଣ ନକରିବା ଯାଏ ନାଡ଼ୀ ଚାଲିବା ବନ୍ଦ ହୁଏନାହିଁ । କ୍ରୈଟ୍ ଜାତୀୟ ସାପର ବିଷ ନାଗବିଷ ଭଳି କ୍ରିୟାକରେ ବିଶେଷ ଏହି ଯେ ସମୟ ସମୟରେ ପାକସ୍ଥଳୀ ଓ ମଳାଶୟରୁ ରକ୍ତସ୍ରାବ ହୁଏ, ଏ ହେତୁରୁ ରୋଗୀ ଅତିଶୟ କଷ୍ଟ ଭୋଗକରେ ।

( ୨ ) "ଭାଇପର୍" ମାନଙ୍କ ବିଷ—ମସ୍ତିଷ୍କ ଓ ସ୍ନାୟୁମଣ୍ଡଳ ଉପରେ ଏ ବିଷର କୌଣସି କ୍ରିୟାନାହିଁ— କେବଳ ରକ୍ତ, ରକ୍ତ ବାହକ ନାଡ଼ୀ ଓ ହୃତ୍ପିଣ୍ଡ ଉପରେ ଏହାର ପ୍ରଭାବ । ଏହି ବିଷର କ୍ରିୟାରେ ରକ୍ତର ଲାଲ ଜୀବାଣୁ ଗୁଡ଼ିକ ମରିଯିବାରୁ ( ସାଧାରଣ କଥାରେ— ରକ୍ତ ପାଣି ଫାଟି ଯିବାରୁ ) ଶରୀରର ଭିନ୍ନ ଭିନ୍ନ ଅଂଶକୁ ଯଥାବିଧି ଅମ୍ଳଜାନ (Oxygen) ଯାଇପାରେ ନାହିଁ ଓ ସେ ହେତୁରୁ ଶରୀରର ଭିନ୍ନ ଭିନ୍ନ ଅଂଶରେ ପଚନ କ୍ରିୟା ( Sloughing ) ଆରମ୍ଭ ହୁଏ । ତେଣୁକରି ରୋଗୀର ଶରୀର ବାୟୁରେ ଭାସୁଥିବା ଭିନ୍ନ ଭିନ୍ନ ଜୀବାଣୁ-ମାନଙ୍କ ଦ୍ୱାରା ଆକ୍ରାନ୍ତହୁଏ ଓ ରକ୍ତ ଦୂଷଣରୁ ରୋଗୀର ମୃତ୍ୟୁହୁଏ । କିମ୍ବା ହୃତ୍ପିଣ୍ଡ ଓ ହୃତ୍ପିଣ୍ଡ ନିୟାମକ ସ୍ନାୟୁ-ଗୁଡ଼ିକ ଶକ୍ତିହୀନ ହୋଇଯିବାରୁ ରକ୍ତ ଚଳାଚଳ ବନ୍ଦ ହୋଇ ମୃତ୍ୟୁ ଘଟେ । ଅଥବା ରକ୍ତବାହକ ନାଡ଼ୀମାନଙ୍କର ଅଭ୍ୟନ୍ତରୀଣ ଆବରଣ (Inner surface of blood vessels) ନଷ୍ଟ ହୋଇଯିବାରୁ ଶରୀରର ଭିନ୍ନ ୨ ଅଂଶରୁ ଅତ୍ୟଧିକ ରକ୍ତସ୍ରାବ ଓ ତହିଁ ହେତୁରୁ ଦୁର୍ବଳତା ପ୍ରଯୁକ୍ତ ମୃତ୍ୟୁହୁଏ । "ଭାଇପର" ଜାତୀୟ ସାପ କାମୁଡ଼ିଲା ମାତ୍ରକେ କାମୁଡ଼ା ସ୍ଥାନରେ ଭୟାନକ ଯନ୍ତ୍ରଣା ହୁଏ, କିନ୍ତୁ ନାଗ ଓ କ୍ରୈଟ୍ କାମୁଡ଼ାରେ ସେପରି କିଛି କଷ୍ଟ ହୁଏନାହିଁ । 'ନାଗ' ଓ 'କ୍ରୈଟ' ବିଷ ୧୨ଘଣ୍ଟାଠାରୁ ୧ଦିନ ମଧ୍ୟରେ ବା ଆହୁରି ଶୀଘ୍ର ଲୋକକୁ ମାରିପକାଏ; ୨୪ ଘଣ୍ଟା ବିତିଗଲେ ତେଣିକି ଅନେକ ରୋଗୀ ଅପେ ୨ ନାଗ କାମୁଡ଼ାରୁ ଭଲ ହୋଇଯାନ୍ତି । କିନ୍ତୁ ଭାଇପର୍ ଜାତୀୟ ସାପ କାମୁଡ଼ିବାର ୭ ଦିନ ବା ତହିଁରୁ ଅଧିକ ସମୟ ପରେ ରକ୍ତଦୂଷଣ ହେତୁରୁ ମୃତ୍ୟୁ ଘଟିପାରେ । ଯେଉଁ ଅଙ୍ଗକୁ ସାପ କାମୁଡ଼ି ଥାଏ ସେହି ଅଙ୍ଗ ବା ଶରୀରର ଅନ୍ୟ କୌଣସି ଅଙ୍ଗ ପଚିଯିବା, ବିବର୍ଣ୍ଣ ହୋଇଯିବା ଓ ଫୁଲିଯିବା—ଏ ଗୁଡ଼ିକ "ଭାଇପର" ଜାତୀୟ ସାପ କାମୁଡ଼ାର ପ୍ରଧାନ ଲକ୍ଷଣ । 'ନାଗ' ବା 'କ୍ରୈଟ' କାମୁଡ଼ାରେ ଏ ସବୁ ଲକ୍ଷଣ ନଥାଏ ।

## ସାପ କାମୁଡ଼ାର ଚିକିତ୍ସା

ସାପ କାମୁଡ଼ିଲେ ଯେ ଚିକିତ୍ସା ଦରକାର ତାହା ନୁହେଁ । ପ୍ରଥମତଃ ସବୁ ସାପଙ୍କର ବିଷ ନାହିଁ । ଦ୍ୱିତୀୟରେ "କଲ୍ବ୍ରିଡ୍" ଜାତୀୟ ବିଷଧର ସାପ ( ଯେଉଁ-

Digitized by srujanika@gmail.com

ମାନଙ୍କର ଦାନ୍ତଭିତରେ ଦେଇ କ୍ଷତର ଗଭୀରତମ ପ୍ରଦେଶରେ ବିଷ ପ୍ରବେଶ କରେ ନାହିଁ—କିନ୍ତୁ ଦାନ୍ତର ଉପରେ୨ ଗଡ଼ି ଆସି କ୍ଷତର ଉପରେ ଲାଗିଯାଏ ) କାମୁଡ଼ିଲେ ମଧ୍ୟ ଅନେକ ସମୟରେ କ୍ଷତ ଉପରେ ମୋଟେ ବିଷ ପଡ଼େ ନାହିଁ ।

ଭୃତସ୍ଥରେ ବିଷ କ୍ଷତ ମଧ୍ୟକୁ ଯାଇଥିଲେ ମଧ୍ୟ ଅନେକ ସମୟରେ ଏତେ କମ ପରିମାଣରେ ଯାଇଥାଏ ଯେ ତହିଁରୁ ମୃତ୍ୟୁହେବା ଅସମ୍ଭବ । ଶେଷରେ ଏକଥା ନିଶ୍ଚିତ ଯେ ଅନେକଙ୍କୁ ନିର୍ବିଷ ସାପ ବା ସର୍ପାକାର ଝିଟିପିଟି ଜାତୀୟ ଜୀବ କାମୁଡ଼ିଲେ ମଧ୍ୟ କେବଳ ଭୟରେ ସେମାନଙ୍କର ମୃତ୍ୟୁ ହୁଏ । ଉଦାହରଣ—ସାଧାରଣତଃ ଯାହାକୁ ଧୂଳି ନାଗ କୁହନ୍ତି ସେ ବିଚିରୀ ମୋଟେ "ସାପଇ" ନୁହେଁ—କିନ୍ତୁ ଧୂଳିନାଗ କାମୁଡ଼ାରେ ମୃତ୍ୟୁହେବା ଅନେକ ସମୟରେ ଶୁଣାଯାଏ-ଯଦିଓ ଲେଖକ "ଧୂଳିନାଗ" ଦେଖିଛନ୍ତି କିନ୍ତୁ ଧୂଳିନାଗ କାମୁଡ଼ିବା ଦେଖିନାହାନ୍ତି ।

ସାପ କାମୁଡ଼ିବା ମାତ୍ରକେ କାମୁଡ଼ା ଘା'ର କିଛି ଉପରକୁ "ତାଗା" ଖୁବ୍ କସିକରି ବାନ୍ଧିବା ଉଚିତ । ତହୁଁ ସାପକୁ ମାରି ପାରିଲେ ( ମୁଣ୍ଡ ନ ଛେଚି ) ସେ ବିଷାକ୍ତ କି ନିର୍ବିଷ ତାହା ପରୀକ୍ଷା କରି ଦେଖିଲେ ଅତିଉତ୍ତମ । ତାହା କରି ନପାରିଲେ କ୍ଷତ ସ୍ଥାନକୁ ପ୍ରାୟ ୧ ଅଙ୍ଗୁଳି ଗଭୀରତାରେ ଚିରି କ୍ଷତରେ ପୋଟାସ୍ ପରମାଙ୍ଗାନେଟ୍ ଘଷିବ ବା କ୍ଷତକୁ ହାଇଡ୍ରୋଜେନ ପେରକ୍ ସାଇଡ୍ ଦେଇ ଧୋଇବ । ନଜାଣିଲା ଲୋକ ଏତିକି ମାତ୍ର କରି ଡାକ୍ତର ଡାକିବ ବା ରୋଗୀକୁ ଡାକ୍ତରଖାନା ପଠାଇବ ।

ବର୍ଷକମଧ୍ୟରେ ପ୍ରାୟ ୨୦୦୦ ଲୋକ ବ୍ରିଟିଶ ଭାରତରେ ସାପକାମୁଡ଼ାରେ ମରନ୍ତି । ଦୁଃଖର ବିଷୟ ଆଜପର୍ଯ୍ୟନ୍ତ ସାପବିଷର ପ୍ରତିକାରକ କୌଣସି ସନ୍ତୋଷ-ଜନକ ଔଷଧ ଡାକ୍ତରମାନେ ବାହାର କରି ପାରି-ନାହାନ୍ତି । ପି: ମୁଖର୍ଜି ନାମକ ଜଣେ ବଙ୍ଗୀୟ ଏକ ଔଷଧ ଉଦ୍ଭାବନ କରି କହନ୍ତି ଯେ—ରୋଗୀର ଯଦି ନିଃଶ୍ୱାସ ବହୁଥାଏ ତାହାହେଲେ ତାଙ୍କ ଔଷଧରେ ଯେକୌଣସି ସାପବିଷରୁ ଉଦ୍ଧାର ମିଳିବ । ଲେଖକ ଉକ୍ତ ଔଷଧ ରଖିଥିଲେହେଁ ଦୁଃଖର ( ବା ସୁଖର ) ବିଷୟ ତାହା ବ୍ୟବହାର କରିବାର ସୁଯୋଗ ଆଜ ପର୍ଯ୍ୟନ୍ତ ପାଇନାହାନ୍ତି ।

ଦେଶୀୟ ଅନେକ ପ୍ରକାରର 'ଗଦ' ଇତ୍ୟାଦି ଅଛି—ଯାହାର କି ଆଶ୍ଚର୍ଯ୍ୟ୨ ଗୁଣ ଶୁଣାଯାଏ କିନ୍ତୁ ଉପର-ଲିଖିତ କାରଣ ମାନଙ୍କରୁ-ପ୍ରକୃତରେ ବିଷ ଶରୀରରେ ପ୍ରବେଶ କରିଅଛି କି ନାହିଁ ତାହା ସାଧାରଣ ଲୋକର ଜାଣିବା ଅସମ୍ଭବ ଥିବାରୁ ବୈଜ୍ଞାନିକ ପରୀକ୍ଷାଗାରରେ ପରୀକ୍ଷିତ ନ ହେଲେ "ଗଦ" ଇତ୍ୟାଦି ବିଷୟରେ କିଛି ବିଶ୍ୱାସ କରାଯାଏ ନାହିଁ । ଲେଖକର କିନ୍ତୁ ମନେ ହୁଏ ଯେ ଏପରି ଔଷଧ କାହାରି୨ ଙ୍କୁ ଜଣାଥିବା ଅସମ୍ଭବ ନୁହେଁ ।

ମନ୍ତ୍ରଚିକିତ୍ସା ବିଷୟରେ ମଧ୍ୟ ଅନେକ କଥା ଶୁଣା-ଯାଏ-ଏଥି ବିଷୟରେ ମନ୍ତବ୍ୟ ପ୍ରକାଶ ନିଷ୍ପ୍ରୟୋଜନ-କାରଣ ମନ୍ତ୍ରର ଗୁଣ ମନ୍ତ୍ରିତ ବ୍ୟକ୍ତିର ବିଶ୍ୱାସ ଓ ପ୍ରୟୋଗ-କାରୀର ଇଚ୍ଛାଶକ୍ତି ବା ଅନ୍ୟକୌଣସି "ଅଦ୍ଭୁତ ଶକ୍ତି" ଉପରେ ନିର୍ଭର କରେ । ପୂର୍ବକାଳରେ ଏସବୁ ଶକ୍ତି ଭାରତବର୍ଷରେ ଉତ୍କର୍ଷ ଲାଭ କରିଥିଲେ ମଧ୍ୟ ଆଜି କାଲି ଏପ୍ରକାର ଶକ୍ତି ବିଷୟକ ଜ୍ଞାନ ଭାରତରେ ପାଶ୍ଚାତ୍ୟ ଦେଶ ମାନଙ୍କଠାରୁ କମ୍—ଯଦିଓ ପାଶ୍ଚାତ୍ୟ ମାନେ ଅତି ଅଳ୍ପ ଦିନ ହେଲା ଏ ସବୁ ଶକ୍ତିର ପରିଚୟ ପାଇବାକୁ ଆରମ୍ଭ କରି ଅଛନ୍ତି ।

Digitized by srujanika@gmail.com



## ବିନିମୟ

ଜିଜ୍ଞାସା

— ୧୩ —

'ଲଙ୍କା' ଏହି ନାମର ଉତ୍ପତ୍ତି କେଉଁଠୁଁ ? ଏହା ଆର୍ଯ୍ୟ ପ୍ରଦତ୍ତ ନାମ କିମ୍ବା ଅନାର୍ଯ୍ୟ ପ୍ରଦତ୍ତ ନାମ ?

ଶ୍ରୀଭଗବାନ ପତି

— ୧୪ —

ଗତ ୧୯୨୧, ୧୯୨୨, ୧୯୨୩, ୧୯୨୪, ୧୯୨୫ ସାଲ ମାନଙ୍କରେ ସମସ୍ତ ଭାରତରେ କେତେ ସୁନା ରୂପା ଖରଚ ହୋଇଅଛି ଏବଂ ସେ ସମସ୍ତ କେଉଁଠାରୁ କେତେ ପରିମାଣରେ ଆସିଥିଲା ?

କୃଷ୍ଣ

— ୧୫ —

ବ୍ରାହ୍ମଣମାନେ କଣ ରଶତ୍ର ନାହୁଁ ଖାଆନ୍ତି ? ଏସମ୍ବନ୍ଧରେ କୌଣସି ଶାସ୍ତ୍ରୀୟ ବଚନ ମତ ଅଛି କି ? ନା ଏହା ସାମାଜିକ ସଂସ୍କାର ମାତ୍ର ।

ଶ୍ରୀମଧୁସୂଦନ ମିଶ୍ର

— ୧୬ —

ଭାରତରେ ଅଭିନୟ ଶିକ୍ଷା କରିବାଲାଗି କୌଣସି 'ଅନୁଷ୍ଠାନ' ଅଛି କି ? ଯଦି ନଥାଏ ପାଶ୍ଚାତ୍ୟ ଦେଶମାନଙ୍କରେ ଏପ୍ରକାର ସର୍ବୋତ୍କୃଷ୍ଟ ଅନୁଷ୍ଠାନ କେଉଁଠି ଓ ତା'ର ଠିକଣା କ'ଣ ?

ଲୋକନାଥ ରଥ

— ୧୭ —

କୌଣସି ପାତ୍ରରେ ଗୋଟିଏ ପଇସା ନରଖି ନ ଦିଶିଲାଭଳି ସ୍ଥାନରେ ରଖ, ସେଥିରେ ପାଣି ପୂରାଇଦେଲେ ପଇସାଟି ଦେଖାଯାଏ । ପୁଣି ପାଣି କାଢିନେଲେ ତାହା ଦିଶେନାହିଁ । ଏହାର ଅର୍ଥ କ'ଣ ?

ଗୋବିନ୍ଦଚନ୍ଦ୍ର ଚନ୍ଦ୍ର

— ୧୮ —

ତୁଳୁତୁଳିଆ ପୋକଙ୍କ ଆଲୁଅ କେଉଁଠୁ ଆସେ ? ବହୁତରେ ଶୁଣିଛୁଁ—ଆଜିକାଲି ଏକପ୍ରକାର 'ତାପ-ହୀନ ଆଲୋକ' ବାହାରିଲାଣି । ଏହା କ'ଣ ସେହିପରି ନା ଆଉକିଛି ?

ପଣ୍ଡିତ ବିଦ୍ୟାଧର ତର୍କଭୂଷଣ

— ୧୯ —

ଲଫାପା କାଟିବା କଳ କେଉଁଠାରେ ମିଳେ ? ଦୟାକରି କେହି ଜଣାଇବେ କି ?

## ମୀମାଂସା

— ୧୬ —

ମୁଣ୍ଡରୁ ବାଳ ଉପୁଡ଼େ କାହିଁକି ?

ବାୟୁ ଅଭାବରେ ଯେପରି ବୃକ୍ଷଗଛ ବଢିପାରେନାହିଁ, ମନୁଷ୍ୟ ମୁଣ୍ଡବାଳର ସେହିପରି ଉପଯୁକ୍ତ ବାୟୁ ଓ ଆଲୋକ ଅଭାବରୁ ସ୍ୱାଭାବିକ ବୃଦ୍ଧିରେ ବାଧା ଘଟେ । ପ୍ରତି ଲୋମକୂପମୂଳରେ ଯେ ରକ୍ତପ୍ରବାହିକା ଉପଶିରାମାନ ଅଛି, କୌଣସି କାରଣରୁ ତାହା ମୂଳକୁ ଉପଯୁକ୍ତ ପରିମାଣରେ ରକ୍ତ ସଂଗ୍ରହ କରି ନୋହିପାରିଲେ ମଧ୍ୟ ମୁଣ୍ଡବାଳ ଉପୁଡ଼ିଯାଏ ।

ମୁଣ୍ଡରୁ ହଠାତ୍ ବାଳ ଉଠିଗଲେ ପେଟ୍ରୋଲାଇନ୍ କ୍ରିମ (Petroline cream) ବୋଲି ଏକପ୍ରକାର ମଲମ ମୁଣ୍ଡରେ କିଛିଦିନ ବ୍ୟବହାର କଲେ 'ଚନ୍ଦା' ସ୍ଥାନରେ ବାଳ ଉଠେ, ଏହା ବହୁପରୀକ୍ଷିତ ସିଦ୍ଧ । ଏ ଔଷଧ କଲିକତାର ବାଥ୍‌ଗେଟ ଏଣ୍ଡ କୋମ୍ପାନୀ ନଂ ୧ ଓଲ୍ଡ଼କୋର୍ଟ ହାଉସ୍ ଷ୍ଟ୍ରୀଟ କଲିକତାରେ ମିଳେ

ପ୍ରତ୍ୟକ୍ଷଦର୍ଶୀ



Digitized by srujanika@gmail.com

—୧୮—

ବନ୍ଧୁକର 'ବୋର' କାହାକୁ କହନ୍ତି ?

ପ୍ରଥମେ ଯେତେବେଳେ ବନ୍ଧୁକ ତିଆରି ହେଉଥିଲା ନଳକୁ ପିଟି ଗୋଲକର ଯୋଡ଼ା ହେଉଥିଲା । କ୍ରମେ ବନ୍ଧୁକ ଶିଳ୍ପର ଉନ୍ନତି ସଙ୍ଗେ ନିଦା ଲୁହା ମଧ୍ୟରେ ଛିଦ୍ରକରି ଏ ପ୍ରକାର କଣା ତିଆରି ହେଲା । ନିଦା ଲୁହାକୁ 'ବୋର' ବା କଣାକରି ପ୍ରସ୍ତୁତ ହେଲା ବୋଲି ଏହାର ନାମ 'ବୋର' ହୋଇଅଛି ।

ଦଶମିକରେ ଏକ ଇଞ୍ଚର ୧୦୦ ଭାଗର ଅଂଶ ବିଶେଷରେ ବନ୍ଧୁକ 'ବୋର'ର ପରିମାଣ କରାଯାଏ ଏବଂ ଶକ୍ତି ଓ ପ୍ରକାର ଭେଦରେ ବିଭିନ୍ନ ପ୍ରକାର ବନ୍ଧୁକ 'ବୋର'ର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ ।

—୨୨—

ନଡ଼ିଆ ଲୋକ ଉପରେ ପଡ଼େ କି ନା ?

କିମ୍ବଦନ୍ତୀ ଯାହା ଥାଉ, ଏକଥାଟି ଯେ ସତ୍ୟ ନୁହେଁ ଏହା ଅନେକେ ପରୀକ୍ଷା କରିଛନ୍ତି । ଲେଖକ ମଧ୍ୟ ବହୁଥର ଏପ୍ରକାର ଲୋକଉପରେ ନଡ଼ିଆ ପଡ଼ିବାର ସ୍ୱଚକ୍ଷୁରେ ଦେଖିଛନ୍ତି । ଯେଉଁମାନଙ୍କର ଘର ଅଗଣାରେ ନଡ଼ିଆ ଗଛ ଥାଏ ସେମାନେ କେହି ନା କେହି ଚେଷ୍ଟାକଲେ ଏକଥା ପରୀକ୍ଷାକରି ପାରନ୍ତି ।

ଶ୍ରୀ ଅର୍ଜୁନ ଦାସ

# ବଡ଼ସାନ

( ଉପନ୍ୟାସ )

ଶ୍ରୀ ବୈଷ୍ଣବଚରଣ ଦାସ

( ୨ )

ସାରଦାଚରଣ ଦାସ କଟକର ପ୍ରଧାନ ଓଡ଼ିଆ ଓକିଲ । ବୟସ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ । କଟକରେ ତାଙ୍କ ଜନ୍ମ, ମଧ୍ୟ କଟକରେ ତାଙ୍କର ଏତେକାଳ କଟିଛି । ଖାନଦାନ ବୁନିୟାଦ ଜମିଦାର ଘର ତାଙ୍କର—ତା ପରେ ସେ ନିଜ ଦିହକରେ ଓକିଲାତି ପ୍ରସାଦରୁ ଅନେକ ଟଙ୍କା ଉପାର୍ଜନ କରିଛନ୍ତି, କିନ୍ତୁ ଆୟଠୁ ବଳି ତାଙ୍କର ବ୍ୟୟ ସବୁଦିନେ । ଏକେତ କରଣଘର, ତାପରେ ସାରଦାବାବୁ ପିଲାଦିନରୁ ନିବ୍ୟଭାବାପନ୍ନ । ଟଙ୍କା ଜମାଇ ଜଖିରଖିବା ତାଙ୍କର ମୂଳରୁ ପସନ୍ଦ ନୁହେଁ ଏବଂ ପ୍ରକୃତରେ ତାଙ୍କ ଘରେ ଗଚ୍ଛିତ ନଗଦ ଟଙ୍କା ପ୍ରାୟ ନାହିଁ କହିଲେ ଚଳେ—ବ୍ୟାଙ୍କରେ ସାମାନ୍ୟ କିଛି, ଗୃହିଣୀଙ୍କ ହାତରେ କିଛି ଏଇ ଯାହା । ଠିକ ଜାଗାରେ ଠିକ କାମରେ ଖରଚକୁ ଡ଼ରିବା ଲୋକ ସେ ନୁହନ୍ତି । ବରଂ ଧାର କରଜ କରିବେ ସେ ଭଲ କିନ୍ତୁ ହଟିବେ ନାହିଁ କେବେହେଁ । ଅବଶ୍ୟ କେବେ ଟଙ୍କାର ଅଭାବ ତାଙ୍କର ହୁଏନାହିଁ, ତେବେ ସେ ଏଇଭଳିଆ ଲୋକ । ଟଙ୍କା ଅନ୍ୟାୟ ବା ଅବ୍ୟାଜରେ ଉଡ଼ାଇବା ଏହା ମଧ୍ୟ ତାଙ୍କ ଜାତକରେ ଲେଖାନାହିଁ । ତାଙ୍କର ଯାହା ଧାରଣା ତାଙ୍କରି ମତରେ ଯାହା ଭଲ ସେଥିରେ ଖର୍ଚ୍ଚାନ୍ତ ହେଲେ ସେଇଟାକୁ ସେ ଅପବ୍ୟୟ ବୋଲି ଭାବନ୍ତିନାହିଁ । ଅନ୍ୟଥା ଅପବ୍ୟୟର ସେ ଘୋରତର ବିରୋଧୀ । ଓକିଲାତି ଛଡ଼ା ଅନ୍ୟାନ୍ୟ ଅନେକ ବିଷୟରେ ତାଙ୍କର ଚେଷ୍ଟା ଥାଏ । ପ୍ରଥମ ପ୍ରଥମ ଜମିଦାରୀର ଉନ୍ନତିରେ ଅନେକ ଟଙ୍କା ବରବାଦ କରି ସାରିଲାଠାରୁ ତାଙ୍କର ଏବେ ସ୍ଥିର ବିଶ୍ୱାସ ଜନ୍ମିଛି ଯେ ଖାଲି ଜମିଦାରୀରେ କିଛି ଲାଭନାହିଁ । ଜମି ଚାଷ କରିବା ଦରକାର । ସେ ଯୋଗେ ନିଜ ଜମିଦାରୀ କଚେରିପାଖ ଆଗରେ କେନ୍ଦ୍ରାପଡ଼ା ସହର ନିକଟରେ ପ୍ରାୟ ଶହେ ଏକର ଚାଷ ଜମି ଏବେ ନେଇ-ଛନ୍ତି ଓ ଖୋରଦାରେ ମଧ୍ୟ ଶହେ ଏକରର ଚେଷ୍ଟାରେ ଅଛନ୍ତି । ପିଲାଙ୍କୁ ପଢ଼ାଇବା କଥାତ ଛାଡ଼ିଦିଅ । ନିଜ ସ୍ତ୍ରୀ ଶଶୀଦେଈଙ୍କ ବିଦ୍ୟାଲାଭ କଲେଣୁ ଯୌବନ କାଳରେ ଶତଅଭାବ ଅଭିଯୋଗ ସତ୍ତ୍ୱେ ସେ ମାଷ୍ଟରାଣୀ ପରେ ମାଷ୍ଟ-ରାଣୀ ରଖି ଅନେକ ଟଙ୍କା ଖରଚ କରିଥିଲେ—ଅବଶ୍ୟ ଶଶୀଦେଈଙ୍କ ଅମନୋଯୋଗିତା ଓ ଅଯତ୍ନରେ ଯୁକ୍ତି—

Digitized by srujanika@gmail.com

ହୋଇ ଶେଷରେ ସେ ଅଶାତ୍ୟାଗ କରିବାକୁ ପଡ଼ିଥିଲା କିନ୍ତୁ ସେ ନିଜ କର୍ତ୍ତବ୍ୟର ତ୍ରୁଟି କରି ନାହାନ୍ତି, ବରଂ ସାଧ୍ୟାତୀତ ଚେଷ୍ଟା ଓ ଯତ୍ନରେ କମ କରିନାହାନ୍ତି। ଫଳରେ ଶଶୀଦେଈ କେବଳ ଦଶମ ଓ ହରିଣୀ ସ୍ତୁତି ଛଡ଼ା ଅଉ କିଛି ପଢ଼ିପାରନ୍ତିନାହିଁ—ଅନ୍ୟ ଛପା ବହି ହେଲେ ପଢ଼ିବାକୁ ଚେଷ୍ଟା କରନ୍ତି ସତ୍ୟ କିନ୍ତୁ ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଦଶମ ଓ ହରିଣୀସ୍ତୁତି ଛଡ଼ା ଅଉକିଛି ପଢ଼ିବା ତାଙ୍କର ସାଧ୍ୟାତୀତ—ହାତଲେଖାତ ପଢ଼ିପାରନ୍ତି ନାହିଁ ଓ କହିବା ବାହୁଲ୍ୟ ମାତ୍ର ଯେ ନିଜେ ଗୋଟିଏ ଅକ୍ଷର ବି ଲେଖି ଜାଣନ୍ତିନାହିଁ। ଏବେ ଅଳ୍ପଦିନ ହେଲା ସାନ ପୁଅ କାର୍ତ୍ତିକଠାରୁ ବିଲତକୁ ଦସଦ କଣ ଚିଠି ଲେଖିବାର ଗର୍ବ ପୁଣି ଅନୁଭବ କରିଚନ୍ତି। ଶୁଣାଯାଏ ବର୍ଣ୍ଣବୋଧ, ଦଶମସ୍କନ୍ଧ, ହରିଣୀସ୍ତୁତି ଇତ୍ୟାଦି ତାଙ୍କର ସମସ୍ତ ବହିଯାକ ଆଗରେ ରଖି ୪।୫ ପର୍ଦ୍ଦ ବାଲି କାଗଜ ଖରଚକରି ବୁଢ଼ୀ ତିନିଦିନରେ ଚିଠି ଖଣ୍ଡିକ ଲେଖି ସାରିଥିଲେ। ସେ କିପରି ଚିଠି ହୋଇଥିବ—ଅକ୍ଷରଟିମାନ କେଡ଼େ ଓ ଲେଖାଟି କିପରି ଚମତ୍କାର ହୋଇଥିବ ତାହା ପାଠକ ସାଧାରଣ ଅନୁମାନ କରନ୍ତୁ।

ହଁ! ସାରଦା ବାବୁଙ୍କର ତିନିପୁଅ। ପ୍ରଥମ କମଳଲୋଚନ, ବଞ୍ଚିଥିଲେ ଏବେକୁ ତାଙ୍କୁ ୩୦ ବର୍ଷ ହୋଇଥାନ୍ତା, କିନ୍ତୁ ସେ ୨୨ ବର୍ଷରେ ବାହାହୋଇ ୨୪ ବର୍ଷ ବେଳେ ପୁଅଟିଏ ଜନ୍ମହେବା ସଙ୍ଗେ ସଙ୍ଗେ ହଇଜାରେ ଇହଧାମ ଛାଡ଼ି ଚାଲି ଯାଇଛନ୍ତି। ବୃଦ୍ଧ ଦମ୍ପତିଙ୍କର ଅତି ସ୍ନେହ ଓ ଆଦରର ସାମଗ୍ରୀ ନୟନର ମଣିସ୍ୱରୂପା ବଡ଼ ପୁଅଟିର ବିଧବା ବଧୂ କୁଞ୍ଜଲତା ବର୍ତ୍ତମାନ ଶଶୀଦେଈଙ୍କ ଶୂନ୍ୟଗୃହରେ ଓ ହୃଦୟରେ କନ୍ୟା ଓ ବଧୂ ଉଭୟର ସ୍ଥାନ ଅଧିକାର କରି ସଂସାରର କର୍ଣ୍ଣଧାର ହୋଇ ରହିଛନ୍ତି। ତାଙ୍କ ପୁଅଟି ଚିରରୁଗ୍ଣ, ତାଠାରେ କାହାରି ସେତେ ଆଶା ନାହିଁ, କେହି ମଧ୍ୟ ତାକୁ ଅଧିକ ଯତ୍ନ ଆଦର କରନ୍ତିନାହିଁ ଅର୍ଥାତ୍ ଦେଖନ୍ତିନାହିଁ। ତାର ନାମ ଅନାମ। ୪ବର୍ଷ ଯାଏ ତାର ନାମକରଣ ହୋଇ ନ ଥିଲା। ସମସ୍ତଙ୍କର ଧାରଣା ଯେ ଅଗଣା ଅପୋଛାରେ ଯଦି ବଞ୍ଚିଯାଏ ତ ଯିବ ନ ହେଲେ ତାକୁ ଅଉ ଭରସା କ'ଣ? ଏବକୁ ଅନାମ ବୋଲି ସମସ୍ତେ ଡ଼ାକୁଚନ୍ତି। ଗଣେଶ ଓ କାର୍ତ୍ତିକ କମଳଲୋଚନଙ୍କ ଠାରୁ ୪ବର୍ଷ ସାନ—ଏ ଦୁହେଁ ଜୀବିତ ଓ ଅବିବାହିତ ସେହି ବର୍ତ୍ତମାନ ୨୬ ଏ ଦୁହେଁ ଯାଆଁଳା ହେଲେ ଗଣେଶ କାର୍ତ୍ତିକଠାରୁ ବଡ଼, କାରଣ ତା ଠାରୁ ମିନିଟ ପୂର୍ବରୁ ଏଙ୍କର ଜନ୍ମ।

ବଡ଼ପୁଅ କମଳଲୋଚନଙ୍କ ବାହାରେ ସାରଦାବାବୁ ଅନେକ ଟଙ୍କା ଖରଚ କରିଥିଲେ—ଭାରି ଧୂମଧାମ କରିଥିଲେ। ଅନେକଦିନ କାଳ ଅନେକ ଚେଷ୍ଟା କରି ବାଛି ବାଛି ମନମାଫିକ ବହୂଟିଏ ଆଣିଥିଲେ ପାଠଶାଠ ଯୋଗା ପଣିଆ କୌଣସି ଗୁଣରେ କୁଞ୍ଜଲତା ଊଣା ନୁହନ୍ତି—କିନ୍ତୁ, କପାଳଟାତ ପୋଡ଼ା, ଯେତେହେଲେ କ'ଣ ହେଉଚି! ଏଇ ଯେ ଦୁଃଖ ବୁଢ଼ାବୁଢ଼ୀଙ୍କ ପ୍ରାଣରେ ଚିରଦିନ ବସା କରିରହିଛି। ଧୀର ପ୍ରଶାନ୍ତ ନିରାଭରଣ ମୁହଁଟିକୁ ତାର ଦେଖିଲେ ଦୁହିଙ୍କ ପ୍ରାଣରେ ଗୋଟାଏ କୋହ ଜାତ ହୁଏ। ସାରଦାବାବୁ ସହାନୁଭୂତିରେ ବିଗଳିତ ହୋଇ ସମୟ ସମୟରେ ଭାବନ୍ତି ବିଧବା ବିବାହ ପ୍ରଥାଟା ଭଲ କିନ୍ତୁ ନାଗର। ନବ୍ୟଭାବାପନ୍ନ ହେଲେ ସୁଦ୍ଧା ଏତେ ସମାଜଦ୍ରୋହୀ ହେବା ମଧ୍ୟ ତାଙ୍କର ପସନ୍ଦ ନୁହେ—ସେ ଯୋଗେ ତାଙ୍କର ଏକମାତ୍ର ବନ୍ଧୁ ଓ ଚିରସୁହୃତ୍ ରମାନାଥବାବୁଙ୍କ ସଙ୍ଗରେ ତାଙ୍କର ଗୋଟାଏ ଅମେଳ ଅନେକଦିନରୁ ଗଢ଼ିଆସିଥିଲା କାରଣ—ତାଙ୍କମତରେ ରମାନାଥ ବାବୁ ସମାଜଦ୍ରୋହୀ-ବ୍ରାହ୍ମଣ, ତା ଛଡ଼ା ସେ ଗୋଟିଏ ବଙ୍ଗୀୟ ବିଧବା ବ୍ରାହ୍ମମହିଳା ବିବାହ କରିଥିଲେ।

ହଁ! ଏଇ କମଳଲୋଚନଙ୍କ ବାହାରେତ ରମାନାଥ ବାବୁଙ୍କର ଘର ସହିତ ଏ ଓକିଲପରିବାରର ଘନିଷ୍ଠତାର ସୂତ୍ରପାତ ହୋଇଥିଲା। ସାରଦାବାବୁ ଓ ରମାନାଥବାବୁ ଦୁହେଁ ପିଲାଦିନରୁ ସାଙ୍ଗ ଥିଲେ ସୁଦ୍ଧା ରମାନାଥବାବୁ ବ୍ରାହ୍ମମତରେ ବିବାହ କରି କଲିକତାରେ ରହିଲାଦିନୁଁ ଦୁହିଙ୍କର ସେ ଘନିଷ୍ଠତା ଦୂର ହୋଇଯାଇଥିଲା। ତା ପରେ ଚିଠି ପତ୍ରରେ ଦୁହେଁ ସେ ବିଷୟରେ ବାଦବିବାଦ କରି ଗୋଟାଏ ଶ୍ରେଷ୍ଠବଡ଼ ମନାନ୍ତର ମଧ୍ୟ କରି ପକାଇଥିଲେ। ଏବେକୁ ପ୍ରାୟ ୯ ବର୍ଷ ତଳେ ରମାନାଥ ବାବୁ ଯେତେବେଳେ ସପରିବାରରେ ଆସି ସାରଦା ବାବୁଙ୍କ ଘର ନିକଟରେ ତାଙ୍କ କୋଠା ଠାରୁ ଅଧିକ ବଡ଼ କୋଠା ବନାଇ ଚିରଦିନପାଇଁ କଟକରେ ବସବାସ ଆରମ୍ଭ କଲେ

Digitized by srujanika@gmail.com

ସେତେବେଳେ ମଧ୍ୟ ଦୁହିଁଙ୍କର ପୂର୍ବ ଅବାଧ ଅମିଶ୍ର ସୌହାର୍ଦ୍ଦ୍ୟ ଫେରି ପାରି ନ ଥିଲା । ଏହିପରି ପ୍ରାୟ ୩୪ବର୍ଷ ଗତ ହେଲା ପରେ —"ଏ ୩୪ ବର୍ଷ ରମାନାଥବାବୁ ନିଜେ ଅଧିକାଂଶ ସମୟ କଲିକତାରେ କଟାଇ ଥିବାମଧ୍ୟ ତହିଁର ଅନ୍ୟ ଗୋଟିଏ କାରଣ" କମଳଲୋଚନଙ୍କ ବାହାଘର ପଡ଼ିଲା । ପୁଅ ବହୂ ଫେରିଲା ବେଳେ ରମାନାଥବାବୁଙ୍କ ଘରବାଟେ ଅସୁଥିବା ସମୟରେ ରମାନାଥ ବାବୁ ନିଜେ ଆସି କାଠରୁ ପାଲିଙ୍କୀ ସବାରି ସାଙ୍ଗୋଳ ଆଣି ନିଜଘରେ ଅନେକ କାରଖାନା କରିଥିଲେ । ସାରଦାବାବୁ ଏଥିରେ ବାଧାଦବାତ ଦୂରେ ଥାଉ ଅନନ୍ଦରେ ସମ୍ମତି ଦେଇଥିଲେ । ତାହାର ଅନ୍ୟ ଗୋଟିଏ କାରଣ ମଧ୍ୟ ଥିଲା । ଏହି ଚାରିବର୍ଷ ଭିତରେ ଦୁଇ ଘରର ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଯିବାଆସିବା ନ ଥିଲେ ସୁଦ୍ଧା ସେ ନିଜେ ଓ ରମାନାଥବାବୁ ଦୁହେଁ ପଡ଼ୋଶୀ ହିସାବରେ ତଥା ବାଲ୍ୟବନ୍ଧୁତା ଖାତିରରେ ପରସ୍ପର ଯିବାଆସିବା ଓ ଅଦର ଅପ୍ୟାୟନର ବୃଦ୍ଧି କରୁନଥିଲେ । ତେଣୁ ରମାନାଥବାବୁଙ୍କ ଗାର୍ହସ୍ଥ୍ୟ ଜୀବନ ବିଷୟରେ ସାରଦାବାବୁ ନିହାତି ଅନଭିଜ୍ଞ ନଥିଲେ-ସେ ଯୋଗେ ପୂର୍ବ ମନାନ୍ତର ଭୁଲି ବନ୍ଧୁର ଦୁଃଖରେ ଆନ୍ତରିକ ଦୁଃଖ ଅନୁଭବ କରୁଥିଲେ । ଦୁହିଙ୍କ ମଧ୍ୟରେ ପୂର୍ବପରି ଅବାଧ ସଖ୍ୟ ପୁନଃସ୍ଥାପିତ ହେବାପାଇଁ ଏହିପରି ଗୋଟାଏ କିଛି ବିଶେଷ ଘଟନା ଲୋଡ଼ାଥିଲା—ଯହିଁରେ ଦୁଇପରିବାର ମଧ୍ୟରେ ଅଦାନପ୍ରଦାନ ଓ ଯିବାଅସିବା ଚଳି ପାରେ- ତେଣୁକରି କମଳଲୋଚନଙ୍କ ବାହାରେ ରମାନାଥବାବୁ ଯାହା କଲେ ସେଥିରେ ସାରଦାବାବୁ କିଛିମାତ୍ର ବିସ୍ମିତ ନ ହୋଇ ଅତି ଅନନ୍ଦରେ ବନ୍ଧୁର ମର୍ଯ୍ୟାଦା ରକ୍ଷା କଲେ ।

ଏ ଉପଲକ୍ଷରେ ରମାନାଥ ବାବୁଙ୍କ ଘରେ ଅନ୍ୟ ଯେଉଁ ଗୋଟିଏ ବିଷମକାଣ୍ଡ ଘଟିଯାଇଥିଲା ତାହା ବର୍ଣ୍ଣନା କରିବା ପୂର୍ବରୁ ରମାନାଥ ବାବୁଙ୍କର ଅନ୍ତଃପୁର ଟିକିଏ ବିସ୍ତୃତ ପରିଚୟ ନ ଦେଲେ ଚଳିବ ନାହିଁ ।

ରମାନାଥଦାସ ଚୌଧୁରୀ ମଧ୍ୟ ସାରଦାବାବୁଙ୍କ ପରି ଖାନଦାନ ଜମିଦାର ବଂଶୀୟ । ବସ୍ତୁତଃଦୁହେଁ ସେହି ଏକ ଚୌଧୁରୀ ବଂଶର ଦୁଇ ଦୂରବିଚ୍ଛିନ୍ନ ଶାଖାର ବଂଶଧର ଥିବାରୁ କୁଟୁମ୍ବ ହୁଅନ୍ତି । କିନ୍ତୁ ରମାନାଥ ବାବୁ ସେ ବଂଶର ପ୍ରଧାନଶାଖା ହେଲେ ସୁଦ୍ଧା ତାଙ୍କ ଅଂଶ ଅନେକଦିନରୁ ଅନ୍ତଃସାରଶୂନ୍ୟ ହୋଇ ଯାଇଥିଲେ । ରମାନାଥ ବାବୁଙ୍କ ବାପା ମଲାବେଳକୁ ତାଙ୍କ ଜମିଦାରୀ, ତାଙ୍କ ଘରବାଡ଼ୀ ଓ କେବଳ ମାତ୍ର ଦଶ ପନ୍ଦର ଘର ପ୍ରଜାଙ୍କ ଡ଼ିହ ଓ ୧୦ ଏକର ଜମିରେ ସୀମାବଦ୍ଧ ଏବଂ ତଦୁପରି ଦେଣା ପ୍ରାୟ ସମସ୍ତ ବନ୍ଧକୀ ଜମିଦାରୀର ୧୬ ଗୁଣ । ସେତେବେଳକୁ ରମନାଥ ବାବୁଙ୍କର ବୟସ ପ୍ରାୟ ୨୪।୨୫ । ସେହି ବୟସରେ ସେ ନିଜ ଚେଷ୍ଟାରେ ଟିଉସନ ପର୍ଯ୍ୟନ୍ତ କରି ବି. ଏ ପରୀକ୍ଷା ଦେବାପାଇଁ କଲିକତାକୁ ଗଲେ ! କଲିକତାରେ ତାଙ୍କର ଜମିଦାରୀର ପ୍ରଜାମାନେ କୁଲି ବ୍ୟବସାୟ କରି ନିଜର ଅର୍ଜିତ ଧନରେ ବଙ୍ଗାଳୀ ସର୍ଦ୍ଦାର ମାନଙ୍କୁ ପୋଷୁଥିବାର ଦେଖି ତାଙ୍କ ମନରେ ଗୋଟାଏ ବୁଦ୍ଧି ଖେଳିଗଲା ଓ ସେ ତାଙ୍କ ଭାବୀ ଶ୍ୱଶୁରଙ୍କ ସାହାଯ୍ୟରେ ନିଜେ କୁଲି ବ୍ୟବସାୟ ଅରମ୍ଭ କରି ଅଳ୍ପ ଦିନରେ ଅନେକଟଙ୍କା ଉପାର୍ଜନ କରି ପକାଇଲେ ଓ କ୍ରମେ ସେଥିରେ ଉତ୍ତରୋତ୍ତର ଉନ୍ନତି କରି ବି.ଏ ପ୍ରଭୃତି ଶିକ୍ଷାର ସଂକଳ୍ପ ଛାଡ଼ି ବ୍ୟବସାୟ ବୃଦ୍ଧିରେ ମନୋଯୋଗ ଦେଲେ । ଏଣେ ରାଧିକା ପ୍ରସାଦକୁଣ୍ଡୁଙ୍କ ଏକମାତ୍ର କନ୍ୟା ଶ୍ରୀମତୀ ମାଧୁରୀ ଦେବୀଙ୍କ ରୂପରେ ମୁଗ୍ଧ ହୋଇ ବ୍ରାହ୍ମମତରେ ତାଙ୍କୁ ବିବାହ କରି କଲିକତାରେହିଁ ବସୁବାସ ଆରମ୍ଭ କଲେ । ସେତେବେଳେ ବ୍ରାହ୍ମଧର୍ମ ନୂଆହୋଇ ବାହାରିଥାଏ । ରାଧିକାକୁଣ୍ଡୁଙ୍କ ଚଉଦ ପୁରୁଷ ଚାମିଲୀ ଥିଲେ ବୋଲି କେହି କେହି କହନ୍ତି । କିନ୍ତୁ କୁଣ୍ଡୁ ମହାଶୟ ବ୍ରାହ୍ମଧର୍ମରେ ଜାତିଗତ ପାର୍ଥକ୍ୟ ସବୁ ବିସର୍ଜନ ଦେଇଥିଲେ ସୁଦ୍ଧା ମରିବାଯାଏ ତାଙ୍କର ବିଶୁଦ୍ଧ କାୟସ୍ଥ ବଂଶରୁ ଅଭିଜାତ୍ୟ ଗର୍ବଟିକ ଛାଡ଼ି ପାରି ନ ଥିଲେ । ତାଙ୍କର ବ୍ରାହ୍ମଧର୍ମ ଅବଲମ୍ବନ କରିବାର କାରଣ ତାଙ୍କର ଏକମାତ୍ର କନ୍ୟା ସେହି ମାଧୁରୀ । ମାଧୁରୀ ବ ୧୨ବର୍ଷ ବୟସରେ ବିଧବା ହୋଇ ଅସିବା, ବର୍ଷକମଧ୍ୟରେ ତାଙ୍କ ମାତା ଦୁଃଖରେ ବାୟାଣୀ ହୋଇ ଇହଲୀଳା ଛାଡ଼ିଗଲେ । କୁଣ୍ଡୁମହାଶୟ ମଧ୍ୟଅତ୍ୟନ୍ତ ବିଚଳିତ ହୋଇ ଯାଇଥିଲେ ଏବଂ ସ୍ତ୍ରୀଙ୍କର ମୃତ୍ୟୁଶଯ୍ୟାରେ ପ୍ରତିଜ୍ଞା କରି ବସିଲେ ଯେ ମାଧୁରୀର ଏ ଜୀବନବ୍ୟାପୀ ମୃତ୍ୟୁଯନ୍ତ୍ରଣାର କୌଣସି ପ୍ରକାର ପ୍ରତିକାର ଥିଲେ ତାହା ପ୍ରାଣପଣେ ଲୋଡ଼ିବ । ଫଳରେ ଅନ୍ଧୁରି ବ ୨ ବର୍ଷ ନ

Digitized by srujanika@gmail.com

ଯାଉଣୁଁ ବ୍ରାହ୍ମଧର୍ମର ଆଶ୍ରୟରେ ସେ ପ୍ରତିକାର ମିଳିବାର ଆଶା ଦେଖି ଶୀଘ୍ରମତେ ଦୀକ୍ଷିତ ହୋଇ ପଡ଼ିଲେ ଓ ମାଧୁରୀଙ୍କୁ ଉଚ୍ଚ ଶିକ୍ଷାରେ ଶିକ୍ଷିତ କରିବାକୁ ଲାଗିଲେ । ବର୍ଷ ୨ ପରେ ରମାନାଥ ବାବୁଙ୍କ ସହିତ ତାଙ୍କର ଆଳାପ ହେଲା ଓ ଆଉ ବର୍ଷକମଧ୍ୟରେ ମାଧୁରୀ ଓ ରାମନାଥ ବାବୁଙ୍କର ବିବାହ ସିଦ୍ଧ ହେଲା ।

ଆର୍ଥିକ ଅସ୍ୱଚ୍ଛଳତା ନଥିଲେ ସୁଦ୍ଧା କୁଣ୍ଡୁମହାଶୟ ବିଶେଷ ବଡ଼ଲୋକ ନଥିଲେ । କଲିକତାରେ ଖଣ୍ଡିଏ ଘର ଓ ସାହେବ ଅଫିସରେ ଚାକିରି ଓ ପରେ କାରବାରରେ କିଛିଟା ଅଂଶ ଏହିତକ ତାଙ୍କର ସମ୍ବଳ ଥିଲା । ତଥାପି, ମାଧୁରୀ ଦେବୀଙ୍କ ରୂପରେ, ରମାନାଥଙ୍କ ପରି ଉଚ୍ଚାଭିଳାଷୀ ଯୁବକ ମଧ୍ୟ ମୁଗ୍ଧ ହୋଇ ଦେଶ ସଂସାର ଓ ସର୍ବୋପରି ନିଜର ପରମାରାଧ୍ୟା ମାତୃଦେବୀଙ୍କ ଇଚ୍ଛା ବିରୁଦ୍ଧରେ ଏ କାର୍ଯ୍ୟ କରି ବସିଲେ । ମାଧୁରୀଙ୍କ ଗୁଣାବଳୀ କ୍ରମେ ପ୍ରକାଶ ପାଇଲା ବେଳକୁ ଚକାଗୁଡ଼ କହୁଣୀକୁ ଗଡ଼ି ଆସି ସାରିଲାଣି । ବିବାହ ରାତିରେ "କେମନ ଆଛେନ ?" ଠାରୁ ଆରମ୍ଭ କରି ଦିନଦିନ ପରେ ଚାବି ନେଇ ମାଲିକାଣୀ ହେଲା ପର୍ଯ୍ୟନ୍ତ ମାଧୁରୀ ଦେବୀଙ୍କ ଠାରେ ବାବୁ କିଛି ମାଧୁରୀ ପାଇଥିଲେ । ତାପରେ— ଆଉ ନା !

ରମାନାଥ ବାବୁଙ୍କ ମାତା ସାରଦେଈ ଅଜସୁଦ୍ଧା ଜୀବିତା; ବାବୁଙ୍କ ବିବାହ ସମୟରେ ସାରଦେଈ ଅବଶ୍ୟ ଅନେକ ବାଡ଼ୟା ପିଠା କରିଥିଲେ ଓ ପୁଅକୁ ବିବାହ ସଂକଳ୍ପରୁ ବିରତ କରାଇବା ପାଇଁ ଚିଠିଦ୍ୱାରା ଅନେକ ମୁଣ୍ଡ ବାଡ଼େଇଥିଲେ କିନ୍ତୁ ପୁଅ ଯେତେବେଳେ ବାହାହୋଇ ସାରି ତାଙ୍କୁ କଲିକତାକୁ ନେଇ ଯିବାକୁ ଆସିଲେ ସେତେବେଳେ ପୁଅକୁ କୁଣ୍ଢାଇ ଅନେକ କାନ୍ଦାକଟା କଲେ, ମଧ୍ୟ ଗ୍ରାମରେ ସମାଜରେ ଘୋର ନିନ୍ଦା ଅପ୍ରଶଂସାର ଝଡ଼କୁ ପଛରେ ପକାଇ କଲିକତା ଯାଇ ନିଃଶ୍ୱାସ ପକାଇ ବଞ୍ଚିଲେ । ହେଲେ, ସେଠାରେ ବହୂଙ୍କ କାରଖାନା ଦେଖି ବୁଢ଼ୀଙ୍କର ମୃତ୍ୟୁକାମନା ପୁଣି ଜାଗି ଉଠିଥିଲା । କିନ୍ତୁ ବୁଢ଼ାହାଡର ସହନଶୀଳତାକୁ ମୃତ୍ୟୁତ ଛୁଇଁ ପାରିଲାନାହିଁ । ମାଧୁରୀଦେବୀଙ୍କ ଢଙ୍ଗ ଢାଙ୍ଗ ଓ ବ୍ୟବହାର ମଧ୍ୟ ଠେଲାଇ ପାରିଲାନାହିଁ । ଫଳରେ ବୁଢ଼ୀ ନିଜଆସନରେ ପ୍ରତିଷ୍ଠିତ ହୋଇ ମନକଥା ମନରେ ଚାପି ପୁଅର ଗାର୍ହସ୍ଥ୍ୟ ସୁଖପ୍ରତି ସତର୍କ ଦୃଷ୍ଟି ରଖି ମାଧୁରୀଙ୍କର ଗୋଟାଏ ପ୍ରଧାନ ଲଗାମ ଓ ଭୟର କାରଣ ହୋଇ ରହିଲେ । ବାବୁତ ସବୁଦିନେ ତାଙ୍କୁ ଠାକୁରପରି ଜ୍ଞାନ କରନ୍ତି ଓ ମାନନ୍ତି—ଏବେ ଏପରି ବି ହେଲା ଯେ ମାଧୁରୀ ଦେବୀ ମଧ୍ୟ ତାଙ୍କୁ ଯଥେଷ୍ଟ ମାନ ଭକ୍ତି କରିବାକୁ ବାଧ୍ୟ ହେଲେ । ହିନ୍ଦୁପରିବାରର ସ୍ୱାର୍ଥହୀନ ବିଧବା ନାରୀର ମହତ୍ତ୍ୱ ଆଉ କିଏ ବୁଝୁ ନ ବୁଝୁ, ହିନ୍ଦୁବିଧବା—ବ୍ରାହ୍ମ ସଧବା ନାରୀମାନେ ତାହାଠାରେ ମସ୍ତକ ଅବନତ କରିବାକୁ ବାଧ୍ୟ ।

ହଁ, ରମାନାଥ ବାବୁଙ୍କର ଦୁଇଝିଅ—ପ୍ରମୀଳା ଓ ଉର୍ମିଳା । ଦୁହେଁଯାକ କଲିକତାରେ ଜନ୍ମହୋଇ ସେହିଠାରେ ବଢ଼ିଥିଲେ । ପ୍ରମୀଳା ଜନ୍ମହେଲା ଦିନୁଁ ସାରଦେଈ ତାକୁ 'ଝିଅ' କରିଛନ୍ତି—ତାଙ୍କରି କୋଡ଼ରେ ବି ସେ ବଢ଼ିଛି, ନିଜମାତାଙ୍କର ଶତଚେଷ୍ଟାରେ ସୁଦ୍ଧା ସେ ତାଙ୍କର ଅନୁଗତ ହୋଇପାରିନାହିଁ । ସେ ମା'ଙ୍କର ସମ୍ପୂର୍ଣ୍ଣ ଅନୁଗତ ଓ ତାଙ୍କୁ ପ୍ରାଣଠାରୁ ଅଧିକ ଭଲପାଏ । ମାଧୁରୀଦେବୀଙ୍କ ମତରେ ପ୍ରମୀଳାର ମୁଣ୍ଡ ସେଇ ବୁଢ଼ୀ ଖାଇଚନ୍ତି, ସେଥିଯୋଗେ ସେ ନିତାନ୍ତ ଅସନ୍ତୁଷ୍ଟ, ପ୍ରମୀଳାକୁ ଦେଖି ପାରନ୍ତିନାହିଁ । କିନ୍ତୁ ଦ୍ୱିତୀୟ ଝିଅ ଉର୍ମିଳା ଜନ୍ମହେଲା ପୂର୍ବରୁ ବୁଢ଼ୀଙ୍କ ସହିତ ତାଙ୍କର ଚୁକ୍ତି ହୋଇଯାଇଥିଲା ଯେ ସେ ଏ ପିଲାଉପରେ କୌଣସି ଦାବୀ ରଖିବେନାହିଁ; ମାଧୁରୀଦେବୀଙ୍କ ମନ ମାଫିକେ ସେ ବଢ଼ିବ ଓ ଗଢ଼ାହେବ; ମନେ୨ ମାଧୁରୀଦେବୀ ଗୋଟାଏ ଦୁର୍ବାର ଇଚ୍ଛା ପୋଷଣ କରିଥାନ୍ତି ଯେ ଯଦି ଝିଅଟିଏ ହୁଏ ତାହେଲେ ଦେଖାଇ ଦେବେ ବଙ୍ଗାଳୁଣୀ ଓ ଓଡ଼ିଆଣୀଙ୍କ ଭିତରେ କି ପ୍ରଭେଦ । ଆଉ ଯୋଗକୁ ମଧ୍ୟ ଝିଅଟିଏ ହେଲା । ଉର୍ମିଳା ଜନ୍ମ ହେଲାବେଳକୁ ପ୍ରମୀଳାକୁ ପ୍ରାୟ ବର୍ଷ ୪ ।

ଉର୍ମିଳାକୁ ଯେତେବେଳେ ୪।୫ ବର୍ଷ ବୟସ, ସେତେବେଳକୁ ରମାନାଥ ବାବୁ ନିଜ ବ୍ୟବସାୟରେ ସ୍ଥିର ପ୍ରତିଷ୍ଠିତ ହୋଇ ସାରିଲେଣି ଓ ତାଙ୍କ ଆର୍ଥିକ ଅବସ୍ଥା ମଧ୍ୟ ବେଶ ସ୍ୱଚ୍ଛଳ ହୋଇ ଆସିଲାଣି । ବର୍ତ୍ତମାନ ମା ପୁଅ ପରାମର୍ଶକରି କଲିକତା ଛାଡ଼ି କଟକରେ ମୁକାମ କରିବାର ବନ୍ଦୋବସ୍ତ କଲେ । କଲିକତାରେ ବିଶ୍ୱସ୍ତ ଲୋକ ମୁତୟନ କରି କଟକରେ ଆସି ପ୍ରାସାଦତୁଲ୍ୟ କୋଠା ବନାଇ ସେହିଠାରେ ବସବାସ ଆରମ୍ଭକଲେ ।




Digitized by srujanika@gmail.com

କେହି୨ କହନ୍ତି ଯେ ମାଧୁରୀଦେବୀଙ୍କ ସ୍ୱଦେଶ ଓ ସ୍ୱଜନ ବତ୍ସଳତା ହିଁ ଏସ୍ଥାନ ପରିବର୍ତ୍ତନର କାରଣ । କିନ୍ତୁ ଏପରି କଳଙ୍କ ରଟାଇ ଭଦ୍ରସମାଜରେ ନିନ୍ଦାର୍ହ ହେବାର ଅସ୍ମମାନଙ୍କର ଭଲେ ଇଚ୍ଛା ନାହିଁ । ପାଠକ ପାଠିକା ଯେ ବିଚାର କରିବେ—


ମାଧୁରୀଦେବୀ କେବଳ ବାଧ୍ୟହୋଇ କଟକରେ ଆସି ରହିବାକୁ ମଙ୍ଗିଥିଲେ । ଆସିବା ପୂର୍ବରୁ ରମାନାଥବାବୁଙ୍କ ସହିତ କେତେଗୁଡ଼ିଏ ବିଷୟରେ ଚୁକ୍ତି କରିନେଇଥିବାରୁ ଏବଂ ସମୟ୨ରେ କଲିକତା ଯିବାର ସୁବିଧା ହେବ ଜାଣି ସେ କେତେକ ନିଶ୍ଚିନ୍ତ ଭାବରେ କଟକରେ ଘରକରଣା ଆରମ୍ଭ କରିଦେଲେ । କିନ୍ତୁ କଟକ ଆସି ସ୍ୱଜାତୀୟ ବନ୍ଧୁବାନ୍ଧବଙ୍କ ମେଳରେ ରମାନାଥବାବୁଙ୍କର ଓଡ଼ିଆମି କ୍ରମେ ବଢ଼ିବାକୁ ଲାଗିଲା । ସେତ ଅନେକ ଦିନରୁ ବଙ୍ଗଳା ଛାଡ଼ି ଓଡ଼ିଆରେ ତାଙ୍କ ସହିତ ତଥା ପିଲାମାନଙ୍କ ସହିତ କଥାବାର୍ତ୍ତା କରିବାକୁ ଆରମ୍ଭ କରିଥିଲେ—ଭୁଲରେ ଅଉ କାହାରି ସହିତ ଯଦି କେବେ ବଙ୍ଗଳା କହିପକାନ୍ତି ମାଧୁରୀଦେବୀଙ୍କ ସହିତ କିନ୍ତୁ ସେ ଭୁଲରେ ସୁଦ୍ଧା ବଙ୍ଗଳା କହନ୍ତି ନାହିଁ । ଏଟା ଅବଶ୍ୟ ତାଙ୍କର ହଠ ବୋଲି ମାଧୁରୀଦେବୀ ଭାବନ୍ତି । କଟକ ଆସି ବାବୁ ପୁଣି ଉର୍ମିଳାକୁ ଓଡ଼ିଆ ପଢ଼ାଇବାର ବନ୍ଦୋବସ୍ତ କରିଦେଲେ । ଉର୍ମିଳାକୁ ଓଡ଼ିଆ ବର୍ଣ୍ଣମାଳା ଲେଖାଇଲେ—କୁଆଡ଼ୁ ଓଡ଼ିଆଣୀ ବନ୍ଧୁ ପରିବାରଙ୍କୁ ସବୁ ଆଣି ଘରେ ଆଦର ଆପ୍ୟାୟନ କରାଇଲେ । ତା ଉପରେ ପୁଣି ମା ପୁଅ ଦୁହେଁ ମିଶି ଘରେ ପରଦାର ସୃଷ୍ଟି ଓ କ୍ରମେ ତାହାର ଉତ୍ତରୋତ୍ତର ବୃଦ୍ଧିର ଆୟୋଜନ କରିବାକୁ ଲାଗିଲେ । ଏଥିରେ ମାଧୁରୀଦେବୀ ପଦେ୨ ବାଧାପ୍ରାପ୍ତ ହୋଇ ଅଳ୍ପଦିନରେ ମନେ୨ ତାହି୨ ଡାକ ଛାଡ଼ିବାକୁ ବାଧ୍ୟହୋଇ ଉଠିଲେ ଏବଂ କି ଉପାୟରେ ମୁକ୍ତି ପାଇ ପଳାଇବେ ସେହି ସୁଯୋଗ ଖୋଜିବାକୁ ଲାଗିଲେ । କଟକ ଆସିବାର ୩।୪ ବର୍ଷ ଗତ ନହେଉଣୁ ଗୋଟିଏ ସାମାନ୍ୟ ବିଷୟରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଗୋଟିଏ ଘୋର ମନାନ୍ତର ଉପସ୍ଥିତ ହେଲା, ଯାହା ତାଙ୍କର ଚିରବିଚ୍ଛେଦର କାରଣ ହେଲା । କମଳଲୋଚନଙ୍କ ବିଭାଘରରେ ସେ ଘଟଣା ଘଟିଥିଲା; ଯେତେବେଳେ ରମାନାଥବାବୁ ବରକନ୍ୟାଙ୍କୁ ନିଜ ଘରକୁ ନେଇ ଆସିଲେ ମାଧୁରୀ ଦେବୀତ ବାବୁଙ୍କ ଉପରେ ଭାରି ବିଗିଡ଼ିଗଲେ; ବାବୁଙ୍କୁ ଯାହା ମୁହଁରେ ଆସିଲା ତାହା ଗାଳିଦେଲେ ଓ ଘରେ ଦୁଆର ଦେଇ ପଶିଲେ । ଏଣେ ସାରଦେଈ ବରକନ୍ୟାଙ୍କର ଶୀତଳ ଭୁଣ୍ଡୀର ଆୟୋଜନକରି—ବହୂକାହିଁ ବହୂକାହିଁ ବୋଲି ଖୋଜିଲା ବେଳକୁ ବହୂ କାହାନ୍ତି ! ମହା ବିରକ୍ତହୋଇ ବୁଢ଼ୀ ଡ଼କାହକା କଲେ ! ବହୂନ ବାହାରିଲେ ସରିଲା ! ରମାନାଥ ବାବୁ ରାଗରେ କାଣ୍ଡଜ୍ଞାନ ଶୂନ୍ୟହୋଇ ଦୁଆରରେ ଧକ୍କା ଉପରେ ଧକ୍କାମାରି ଚିତ୍କାର କରି ତାଙ୍କୁ ଧମକାଇଲେ—ଆସିବୁତ ଆ ? ନ ହେଲେ ଅଭି ମୋ ଘରୁ ନିକଲ ହୋଇ ଯା ! ମାଧୁରୀଦେବୀଙ୍କର ତ ଏହି ତା ଲୋଡ଼ା ! ସେ ସଙ୍ଗେ୨ ବାହାରିଆସି ଭୀତଚକିତ ଉର୍ମିଳାକୁ ଧକ୍କା ମାରି୨ ଆଗରେ ଅଡ଼ାଇ୨ ଦାଣ୍ଡକୁ ବାହାରିବା ସମୟରେ ବୁଢ଼ୀ ଆସି ତାଙ୍କ ହାତଧରି ଫେରାଇବାର ଚେଷ୍ଟାକଲେ କିନ୍ତୁ ସବୁ ନିଷ୍ଫଳହେଲା । ରମାନାଥ ବାବୁ ଦୂରରୁ ସବୁ ଦେଖୁଥିଲେ, ବୃଦ୍ଧା ଜନନୀଙ୍କର ଏ ଅପମାନ ତାଙ୍କର ଅସହ୍ୟ ହେଲା । ସେ ଚକିତରେ ସେଠାକୁ ଆସି ତାଙ୍କ ହାତଧରି ଫେରାଇ ନେଇଗଲେ । ସାରଦା ବାବୁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ, ମିଳାମିଶା କରିବାର ସମସ୍ତ ପ୍ରୟାସ ତାଙ୍କର ବୃଥା ହୋଇଗଲା । ଏତେଲୋକଙ୍କ ଆଗରେ ଏପରି ଗୋଟାଏ କାଣ୍ଡ ହୋଇଯିବାରୁ ରମାନାଥ ବାବୁ ଲଜ୍ଜା ଓ ଅପମାନରେ ଆଉ ମୁଣ୍ଡଟେକି ପାରିଲେ ନାହିଁ । ତାଙ୍କୁ ଆହୁରି ଅଧିକ ଲଜ୍ଜା ଓ ଦୁଃଖହେଲା—ଯେତେବେଳେ ବୁଢ଼ୀ ନିଜେ ତାଙ୍କୁ ଶାନ୍ତ କରିବାକୁ ପ୍ରୟାସ ପାଇଲେ ! ସେ କ୍ରୋଧରେ କାନ୍ଦି୨ କମ୍ପମାନ ଦେହରେ ବୁଢ଼ୀଙ୍କ ଗୋଡ଼ତଳେ ପଡ଼ି ଦୁଇହାତରେ ତାଙ୍କ ଦୁଇଗୋଡ଼କୁ କୁଣ୍ଢାଇ ଧରି ପ୍ରତିଜ୍ଞା କଲେ ଯେ ସେ ଅଉ ସେ ବଙ୍ଗାଳୁଣୀ ଚଣ୍ଡାଳୁଣୀର ମୁହଁ ଦେଖିବେ ନାହିଁ ! ସେହି ଦିନ ରାତିରେ ମାଧୁରୀଦେବୀ ଉର୍ମିଳାକୁ ସାଙ୍ଗରେ ନେଇ କଲିକତା ରମାନା ହୋଇଗଲେ ! ଅଳ୍ପଦିନ ପରେ ସାରଦେଈ ପୁଅଙ୍କୁ ବୁଝାଇ୨ କୌଣସି ଫଳ ନ ହେବାର ଦେଖି ତାଙ୍କର ଜାବତୀୟ ବ୍ୟବହାରୀୟ ଅବ୍ୟବହାରୀୟ ଜିନିଷମାନ ଓ ଖରଚପାଇଁ ଟ ୫୦୦୯ ଲୋକ ହାତରେ କଲିକତାରେ ପହଞ୍ଚାଇ ଦେଲେ ! ଉର୍ମିଳାକୁ ବାବୁ ଛାଡ଼ିବାକୁ ନାରାଜ ଥିଲେ କିନ୍ତୁ ବୁଢ଼ୀଙ୍କ ଶତ ଅନୁରୋଧରେ ବାବୁ ସେତିକି ଦୟା କରିବାକୁ ବାଧ୍ୟ ହେଲେ, ପରେ ମାସକୁ ମାସ ଉର୍ମିଳା ନାମରେ ବାବୁଙ୍କଠାରୁ ଟ ୨୦୦୯ ହିସାବମତ କଲିକତା ଯିବାକୁ ଲାଗିଲା ।

Digitized by srujanika@gmail.com

# କଲିକତିଆ ଭାଇ




— ବଦେଶରେ —



—ସ୍ୱଦେଶରେ—



Digitized by srujanika@gmail.com

# ଶେଷରକ୍ଷା

( ଗଳ୍ପ )

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ନଟ—ପିଲାଟି ଭଲ, ମହାଜନ ଘର ପୁଅ ହେଲେ କ'ଣ ହେବ ? ଦିମାକ କାହାକୁ କହନ୍ତି ସେ କେବେ ଜାଣି ନ ଥିଲା । ପିଲାଟି ଦିନରୁ ତା'ର ଚଷା ଗୃହି ଘର ପିଲା ବା ଗାଈଆଳ ଟୋକାଙ୍କ ସାଙ୍ଗରେ ବରଂ ମନ ମିଳେ; ହସେ, ଖେଳେ, ସାଙ୍ଗରେ ତାକୁ ପଛକେ ଦଶପଦ କେହି କହିଯାଉ—ନଟ କିନ୍ତୁ ପଦେ ମୁହଁ ଫିଟି ଦେବନାହିଁ କାହାକୁ । ଏହି ଗୁଣରୁ ସମସ୍ତେ କହନ୍ତି—ପିଲାଟି ଭଲ, ଦୋଷ ଭିତରେ ପାଠଟା ତାର ହେଲାନାହିଁ । ବାପା ଅନେକ କଷିଥିଲେ, କିନ୍ତୁ ମା ସରସ୍ୱତୀଙ୍କର ଟିକିଏ ଦୟା ଯେତେବେଳେ କୌଣସିବାଟେ ହେଲେ ନୋହିବାର ହେଲା, ସେତେବେଳେ ସେ କରମ ଠୁକି ରହିଲେ । ଆଉ ସେ ସମ୍ବନ୍ଧରେ କେହି କିଛି କହିଲେ ଏହି ଉତ୍ତର ଚଟାପଟ ଦିଅନ୍ତି କି "ଲକ୍ଷ୍ମୀ ସରସ୍ୱତୀଙ୍କର ବିବାଦ ସିନା ! ଯେଉଁ ଘରେ ଲକ୍ଷ୍ମୀ ଥାଆନ୍ତି ସେଠେଇଁ କ'ଣ ସରସ୍ୱତୀ ଆସିବାକୁ ମଙ୍ଗିବେ, ନା ଯେଉଁଠିକି ସରସ୍ୱତୀ ଆସିବେ ସେଠି ଆଉ ଲକ୍ଷ୍ମୀ ରହିବେ ।"

ଯାହାହେଉ ନଟ ଅମର ଲକ୍ଷ୍ମୀଙ୍କର ଖାଁଟି ବରପୁତ୍ର ହୋଇ ରହିଲେ । ସତକୁ ସତ ନଟ ମା କହନ୍ତି କି ନଟ ଜନମ ହେଲା ଦିନଠଉଁ ସ୍ୱାମୀଙ୍କ ଘର ବଢ଼ନ୍ତି । ନଟର ଖାସ କାମଥିଲା ଗୁଡ଼ି ଉଡ଼େଇବା, ମାଛ ଧରିବା ନଈ ପହଁରିବା ଆଉ ଗଛ ଚଢ଼ିବା । ସାଧାରଣତଃ ଖେପ୍‌ତା ଟୋକାଙ୍କର ଏ କାମ, କିନ୍ତୁ ନଟପରି ଶାନ୍ତ ଶିଷ୍ଟ ଅଳ୍ପଭାଷୀ ପିଲାଟାର ଏପରି ହେବା ବଡ଼ ଆଶ୍ଚର୍ଯ୍ୟ, ଏ ପିଲାଟା–ଠେଇଁ ଏପରି ଦୁଇଟା ଓଲଟା ପ୍ରକୃତି କିମିତି ଏକତ୍ର ସ୍ଥାନ ପାଇଥିଲା କିଜାଣି ! ଦିନେ ତାର କାହାରି ସାଙ୍ଗରେ ଅବନ ନାହିଁ, କି କଳି ନାହିଁ, କାହା ଗଡ଼ିଆ ବା କିଆ–ରିରୁ ମାଛ ଧରିଲା ବା କାହା ଗଛରୁ ପିଦୁଡ଼ି ମାରିଲା ବୋଲି ବି କେହି କେବେ କହି ନାହାନ୍ତି । ନଟର କେହି ଦୁଷମନ ନ ଥିଲେ ସତ, କିନ୍ତୁ ତାର ସିମିତି ସାଙ୍ଗ ବି ତ କେହି ନ ଥିଲେ । ସେ ଏକୁଟିଆ ଏକୁଟିଆ ସବୁ କରିବାକୁ ଭଲପାଏ । କେହି ଯଦି ଆସିଲାତ ଭଲ, ନ ଆସିଲେ ଅହୁରି ଭଲ । ଦାସଘର ଝିଅ ଅସିତା ଏକା ତା ସାଙ୍ଗ ଛାଡ଼େନାହିଁ । ନଟଭାଇ ଯେଉଁଠି ଅସି ଲାଙ୍ଗୁଡ଼ ପରି ତା ପଛେ ପଛେ । ଅଲାଗି ଝିଅଟା ବୋଲି ତା'ମା କେତେ-ଥର ତାକୁ ସେକିଲାଣି, କିନ୍ତୁ ତାଠଉଁ ସେ କ'ଣ ପାଉଛି କେଜାଣି ? ତାହାରି ପଛେ୨ ଗୋଡ଼େଇଥାଏ । ନଟ ଯଦି ତାକୁ ସିମିତି ପସନ୍ଦରୁ ଥାଆନ୍ତା, କି ଲୋଡ଼ୁଥାଆନ୍ତା, ସେ ଅହୁରି କେତେ ଗୋଡ଼େଇ ପୋଡ଼େଇ ହୁଅନ୍ତା କେଜାଣି ? ସେତ ନଟଭାଇ ନଟଭାଇ ବୋଲି ବାଇଆଣୀ, କିନ୍ତୁ ନଟ–ଭାଇ ତ କେବେ ହେଲେ ଥରେ ଅସିଲୋ ବୋଲି ଡାକି–ନାହିଁ । ନଟର ସ୍ୱଭାବଟା ଏଇମିତିକା, ତାର ସେ ଅପଣାମନକୁ ତା କାମ କରି ଯାଉଥାଏ । ଏଇଥିପାଇଁ କେହି କେହି କହନ୍ତି କି ନଟ ଟୋକାଟା ଭଲହେଲେ କ'ଣ ହେବ—ମନମଗଜିଆ ।

ସେ ଯେତେବେଳେ ପହିଲ୍ଲି ଗୁଡ଼ି ଉଡ଼ାଏ ଅସି ଅଟେ ଦୌଡ଼ିଯାଇ ତା ଗୁଡ଼ିଟାକୁ ଟେକିଦିଏ, ସେ ଯେତେବେଳେ ଖଇଣ୍ଟିରୁ ମାଛ ଝାଡ଼ି ପକାଏ ଅସି ଦୌଡ଼ିଯାଇ ଖୁଣ୍ଟି ପକାଏ । ସେ ଯେତେବେଳେ ଘାଟର ଡଙ୍ଗା ଫିଟାଇ ବାହିବାକୁ ଯାଏ, ଅସି ଆରମୁଙ୍ଗରେ ଚଢ଼ି ବସେ । କେହି କାହାରିକୁ କିଛି କହନ୍ତିନାହିଁ । ଖାଲି ଯେଉଁ ଦିନ ନଟ ନଈ ତଡ଼ରେ ଛିଡ଼ା ହୋଇ ଧୂସ୍‌କିନା ପାଣି ଭିତରକୁ ଡେଇଁପଡ଼ି ଭିତରକୁ ପହଁରି ଚାଲିଯାଏ—ସେତିକିବେଳେ ଏକା ଅସି କାଠଟିପରି ତାକୁ ଅନେଇ ଛିଡ଼ା ହୋଇଥାଏ । ଆଉ ଘଡ଼ିକ ପହରକେ ହୁରିକିରେ ହେ ନଟଭାଇ, ଆ ବୁଡ଼ିଯିବୁ ଯେ । ଖରସ୍ରୁଅର ପ୍ରଖର ସ୍ରୋତ ଯେମିତି ନଟକୁ ଟାଣି ନେଉଥାଏ ବାଳିକା ଅସିର କଅଁଳ ପ୍ରାଣ ସେତିକି ବ୍ୟାକୁଳ ହୋଇ ଉଠେ, ଛାତିଟା ଧାଉଁ ୨ କରି ଥରୁଥାଏ ।

ଏହିପରି କେତେଦିନ ଚାଲିଗଲା । ଏଣିକି ଅସି ବଡ଼ ହୋଇଗଲାଣି । ମାଇକିନା ଝିଅ, ଅସୁର ! ତାକୁ ଏଣିକି



Digitized by srujanika@gmail.com

ଦାଣ୍ଡକୁ ଘାଟକୁ ଆସିବାକୁ ଜାବଦା ହେଲାଣି । ସେ ବି ଉରେ ସବୁବେଳେ ନଟଭାଇର ସାଙ୍ଗ ହୋଇ ପାରୁନାହିଁ; କିନ୍ତୁ ତାହା ବୋଲି ଯେତେବେଳେ ସୁବିଧା ପାଏ ଥରେ ନଈକୂଳ ଆଡେ ବୁଲି ଆସିବାକୁ ଛାଡ଼େନାହିଁ । ଅକସ୍ମାତ୍ ନଟଭାଇର ଭେଟ ହୋଇଗଲେ ଅପିର ଆନନ୍ଦର ସୀମା ରହେନାହିଁ । ସେ ସବୁକଥା ପାଶୋରି ଯାଇ ପୁଣି ତାହାରି ସାଙ୍ଗରେ ଗୋଡଉଥାଏ ।

ଚାହୁଁ ଚାହୁଁ ଅପିର ଆସିବାଟା ଆହୁରି କମି ଆସିଲା । ଏଣିକି ସେ ଚାରିଦିନେ ଆଠଦିନେ ଥରେ ଆସିଲେ ଆସେ—ନୋହିଲେ ନାହିଁ ।

ଅଷାଢମାସ, ନୂଆପାଣି ଆସିଛି । ଖରସ୍ରୁଅ ଧଳାଫୁଲ ପକା ଚାଉଅ ଶାଢ଼ୀ ଖଣ୍ଡେ ପିନ୍ଧି ତରବରରେ କୁଆଡ଼େ ଧାଇଁ ଚାଲିଛି । ଭୁମୁଭୁମିଆ ଦୋ'ପହର ବେଳେ ନଟ ଆସି ତାର ଡଙ୍ଗା ଫିଟେଇଲା । ଡଙ୍ଗା ଭିତରୁ କାତ ଉଠେଇ ନେଇ ଚାହିଁଦେଲା ବେଳକୁ ଆର ମଙ୍ଗରେ ଅପି ବସିଲାଣି—ଅପି ! ସେଦିନ କାହିଁକି କେଜାଣି, ନଟ ତାକୁ ଅନେଇଁ ଦେଇ ଥମ୍‌କରି ଛୁଡ଼ାହୋଇ ରହିଲା; କାତଟା ମାରିବାକୁ ଉଠେଇଥିଲା, ତା' ସିମିତି ହାତରେ ରହିଗଲା । ଅପିତ ପୁଣି ସବୁଦିନେ ଡଙ୍ଗାରେ ବସେ; ସେ କାତମାରି ବାହିନଏ; ଆଜ ବାଧା କ'ଣ ? ସେ କିଛି ବୁଝି ପାରିଲାନାହିଁ । ତଥାପି ତାର କ'ଣ ସେ ହେଲା, ସେ କାଠଟା ପରି ଛୁଡାହୋଇ ରହିଲା । ଡଙ୍ଗା ଏଣେ ତଳମୁହାଁ ଭସି ଭସିକା ଚାଲିଲା ।

ସେ କଣ କରିବ ? ଅପି କି ଓହ୍ଲେଇ ଯିବାକୁ କହିଲେ ହୁଅନ୍ତାନାହିଁ ? ନାହିଁ, ଅପିକି ତ ସେ କିଛି ଡାକିବାକୁ ଯାଇନାହିଁ, ଆଉ ସେ ତ କେବେ ଅପିକି କୌଣସି କଥାରେ ମନା କରିନାହିଁ । ଆଜ ମନା କରିବ ବା କାହିଁକି ? ସେ ଅଳ୍ପ ବା ନଥିଲା, ତାର ସେଥିରେ କ'ଣ ? ତାର ଯାହା ଇଚ୍ଛା ସେ କରି ଚାଲିଯିବ, କାହାରିକୁ କିଛି କହିବନାହିଁ ।

ଅଚ୍ଛା, ସେ ଯେତେବେଳେ ଡଙ୍ଗାକୁ ଆସିଲା, ଡଙ୍ଗା ଫିଟାଇଲା, କାତ ଉଠାଇଲା, ତାର ତ ଅବଶ୍ୟ ଇଚ୍ଛାଥିଲା କାତମାରି ଉଜାଣି ଯିବାକୁ; ହଠାତ୍ ସେ ଇଚ୍ଛାଟା, ବଦଳିଯାଇ ଇମିତି 'ଦାରୁଭୂତଃ' ହେବାର ନୂଆ ଇଚ୍ଛାଟା ହେଲା କାହିଁକି ?

ଏତେ କଥା ସେତ କିଛି ଭାବିଲାନାହିଁ । ଭାବିବା ଯେ ତାର ସ୍ୱଭାବନୁହେଁ । ସେ ଜାଣି ପୁଣି ପାରିଲାନାହିଁ ଯେ କି କାରଣରୁ ଡଙ୍ଗା ବାହିବା କାମଟା ବନ୍ଦକରି ନଈ ମଝିଟାରେ ଏ ଉଦାସୀନତା ତାର ଆସିଲା । କିନ୍ତୁ ବାହିଥିଲେ ହୋଇଥାଆନ୍ତା, ନ ବାହିଲାତ କାହିଁ । ଦବୁତ ତାହାରି ମନକୁ । ଏଣେ ଡ଼ଙ୍ଗାଟା ଅସ୍ତେ ଅସ୍ତେ ୫୦ ହାତ ବାଟ ଖସିଗଲାଣି । ଏତକିବେଳେ ଘାଟଉପରୁ ପାଟି ଶୁଭିଲା "ନଟରେ ନଟ, ଡ଼ଙ୍ଗାଲଗା ।" ନଟର ଜୁସ୍ ପଶିଲା । ସେ ଚାହିଁଦେଲା ଯେ ଅପିର ବାପା ମାଗୁଣି ଦାସେ । ଏକା କାତେକେ ଡ଼ଙ୍ଗା ବୁଲି ପଡ଼ିଲା । ମାଗୁଣି ଦାସେ ଇତ ମଧରେ ଦୌଡ଼ ଦୌଡ଼ "ସେହଠି ଭିଡ଼୍ ରେ ସେହଠି ଭିଡ଼୍" ବୋଲି ଡାକ ମାରି ମାରି ସେ ଡ଼ଙ୍ଗା ପାଖରେ ହେଲା ବେଳକୁ ନଟ ଡଙ୍ଗାର ଅଗ ମଙ୍ଗଟା କୂଳକୁ ଭିଡ଼ ଦେଲାଣି ।

"ଅଲକ୍ଷଣୀ ଝିଅ, ମାନ, ମହତ, ଲାଜ, ଧରମ, ସବୁ ପୋଡ଼ି ଖାଇଲୁ ! ଆ, ଆ, ଆଜ ତୋ ଡ଼ଙ୍ଗା ଚଢ଼ା ଛଡ଼େଇ ଦଉଛି—ତୁ ମରୁ କି ମୁଁ ମରେଁ ।" ଅପି ବାପର ଡ଼ରରେ କଳାକାଠ ହୋଇଗଲାଣି ସେ ଥରକରି ଓହ୍ଲେଇଗଲା—ନଟ ଡ଼ଙ୍ଗା ଛାଡ଼ଦେଲା ।

ମାସେଖଣ୍ଡେ ଚାଲିଗଲା; ଅପି ଆଉ ଏହା ଭିତରେ ଏ ଆଡ଼କୁ ଆସିନାହିଁ । ସେ ନ ଆସିଲାବୋଲି ନଟ ବି ବ୍ୟସ୍ତନୁହେଁ । ତେବେ ଏ ବର୍ଷଯାକ ସେହିଦିନଠାରୁ ଆଉ ଡ଼ଙ୍ଗା ଚଢ଼ିବାକୁ ସେ ଯାଇନାହିଁ । ବେଶି ମନ ଲଗେଇଛି ମାଛଧରାରେ । ଦିନେ ବାରି ପଛପଟ ଅମାର—ପିଣ୍ଡାରେ ବସି ନଟ ଅନ୍ତୁଳ କାଠି ଚାଞ୍ଛୁଚି, ପଛଅଡୁ ଅପି ଯାଇ ଡ଼ାକିଲା, "ନଟଭାଇ" ନଟ ପଛକୁ ଅନେଇ-ଦେଲା । ଅପି କହିଲା "ନଟଭାଇ, ନଈରେ ଭାରିପାଣି ଆଇଚ—ଡ଼ଙ୍ଗା ବାହି—ଏତକ କହି ଅପି ରହିଗଲା ! କାରଣ, ନଟ ମୁହଁ ବୁଲେଇ ଯେ ତା'ଆଡକୁ ଚାହିଁଥିଲା, ଏତକ ଶୁଣି ସେ ପୁଣି ମୁହଁଟା ଫେରେଇନେଲା । ଅପି ଦେଖିଲା ନଟ ଧୀରସ୍ଥିର ଭାବରେ ତା'ରକାଠି ଛିଆରିରେ ଲାଗିଛି । ସେହଠୁ ସେ ବୁଲିପଡ଼ି ଫେରି ଚାଲିଗଲା ।

ଅପି କେତେ ଉତ୍ସାହରେ ଆସିଥିଲା । ଏକାବେଳକେ ଗଛରୁ ପଡ଼ିଲାପରି ତାର ସବୁ ଆନନ୍ଦ ଉତ୍ସାହ ଭାଙ୍ଗି ଚୁନ୍-ଚୁନ୍ ହୋଇଗଲା । ସେ ତ କେବେ ଏପରି ଗୋଟାଏ

Digitized by srujanika@gmail.com

ପ୍ରାର୍ଥନା ନଟଠାରେ କରିନାହିଁ । ନଟ ଯାହା କରେ ସେଥିରେ ସାହାଯ୍ୟ କରିବା ତାର କାମ—ସେତିକରେ ସେ ସନ୍ତୁଷ୍ଟ । ତାର ନିଜର ଗୋଟାଏ ମନ ବା ଇଚ୍ଛାବୋଲି ଗୋଟାଏ କିଛି ଯେ ଥିଲା ତାହା ସେ ଆଜଯାକେ ଜାଣେ-ନାହିଁ । ସେ ଦିନେ ଦେଖିନାହିଁ—ନଟଭାଇର ଇଚ୍ଛାରେ କେବେ ବାଧା ପଡ଼ୁଛି । କିନ୍ତୁ ସେ ଦିନ ଯେ—ଡ଼ଙ୍ଗା ଛାଡ଼ିଲାବେଳକୁ ବାପା ଯାଇ ପହଞ୍ଚିଗଲେ— ସେ ଓହ୍ଲାଇ ଆସିଲା—ସେହିଦିନ ସେ ପ୍ରଥମେ ଦେଖିଲା, ନଟ ତାର ମନମୁତାବକ ଡ଼ଙ୍ଗା ଛାଡ଼ିପାରିଲା ତ ନାହିଁ । ସେ ଯେ ଓହ୍ଲାଇ ଆସିଲା, ସେହି ଥିଲାକୁ ସିନା ଏତେକଥା । ସେ ଚଣ୍ଡାଳୁଣୀକୁ ସାଙ୍ଗ କରି ନ ନେଲେ, ନଟଭାଇ ତ ତାର ଡ଼ଙ୍ଗା ଖେଳଥାନ୍ତା ମନଖୁସିରେ । ସେ ଯେତେବେଳେ ନ ଯାଇଛି, ଆଉ କି ନଟଭାଇ ଡ଼ଙ୍ଗା ଖେଳଥିବ ! ତାହାରିଲାଗି ସିନା ଏତକ ଅଡୁଆ । ସେହି ଯେ ଦୁଃଖ, ସେହି ଯେ ଅବ-ଶୋଷ, ସେହି ଦିନଠୁଁ ଖାଲି ଅସି ମନଟାକୁ ବରାବରି ଘାଣ୍ଟି ଚକଟି ଦେଉଥିଲା । ସେଇଥିପାଇଁ ଯାହା ସେ କେବେ କରିନାହିଁ, ଆଜି ବଡ଼ ସାହସ ବାନ୍ଧି କରିବାକୁ ଅସିଥିଲା ଏକା । ସେ ଭାବିଥିଲା ସେଦିନକାର ତାର ଅପରାଧଟା, କିଛିଟା ଏହିପରି ଭାବରେ ମେଣ୍ଟିଯିବ ; କିନ୍ତୁ ଅସି ପାଇଲା କ'ଣ ?

ଅବଜ୍ଞା ପାଇବାଟା ତ ତାର ସହିଯାଇଛି ନଟଭାଇ ପାଖରୁ । ସେଇଥିରେ ତାର ଆନନ୍ଦ । କିନ୍ତୁ ଆଜିକାର ବ୍ୟବହାରଟା କାହିଁକି କେଜାଣି ତାକୁ ଭାରି ବାଧିଲା । ନା, ବାଧିଲାତ ନାହିଁ । ବାଧିଥିଲେ ଯେ ସେ କାନ୍ଦିଥାନ୍ତା, ଭାବି-ଥାଆନ୍ତା । ତାର ଅଭିମାନ ଅସିଲାନାହିଁ, ଦୁଃଖ ହେଲା-ନାହିଁ, କଷ୍ଟ ହେଲାନାହିଁ । ତାର ହୃଦଭିତରୁ କ'ଣ ଗୋଟାଏ ଯେପରି କୁଆଡ଼େ ଉଭେଇଯାଇ ଗୋଟାଏ ଫାଙ୍କ ହୋଇଗଲା—ଧପ୍ କରି ଜଳନ୍ତା ଦୀପଟାଏ ନିଭିଗଲାପରି ଜଣାଗଲା !

ସେହି ଦିନଠୁଁ ନଟଭାଇର କଥା ଆଉ ତା ମନରେ ପଡ଼େନାହିଁ, ନଟଭାଇର ସାଙ୍ଗ ପାଇବାପାଇଁ ସେ ବ୍ୟାକୁଳତା ତା ପ୍ରାଣକୁ ଆଉ ଅଧୀର କରେନାହିଁ । ଅକାଳେ ସକାଳେ କେବେ ନଟର କଥା ତା କାନରେ ପଡ଼ିଲେ, ତାର ମନ ହୁଏନାହିଁ ଯେ ସେ ତାକୁ କେବେ ଘନିଷ୍ଠ ଭାବରେ ଚିହ୍ନିଥିଲା ।

ଅସି ଫେରିଗଲା ଡ଼ାକିଦେଇ । ନଟ ଧୀର ଭାବରେ କାଠି ଗୁଣ୍ଡିଲା ବସି । କିଛିକ୍ଷଣ ପରେ ଥରେ ପଛକୁ ଅନେ-ଇଲା—କେହିନାହିଁ । ପୁଣି କାଠିରେ ମନଦେଲା । ପୁଣି ଥରେ ପଛକୁ ଚାହିଁଲା । କେତେକି କିଏ ଡାକିଲା 'ନଟଭାଇ' ଏହିପରି ଘଡ଼ିକେ ପଲକେ ସେ ଥରକୁଥର ପଛକୁ ଚାହିଁବାକୁ ଲାଗିଲା । ଅଉ କାଠିରେ ମନନାହିଁ । ଛୁରିରେ ଥରେ ହାତ କଟିଗଲାଣି । ସେ ଅଡ଼କୁ ବି ଲକ୍ଷ୍ୟନାହିଁ । ଦ୍ୱିଗୁଣ ବେଗରେ କାଠି ଗୁଣ୍ଡିଲା । କିନ୍ତୁ ଗୋଟିଏ ବି କାଠି ଠିକ ହେଲାନାହିଁ । କିଏ ଅତିମରୁ ହୋଇଗଲା, କିଏ ମୁଷା ଲାଙ୍ଗୁଡ଼ିଆ ହୋଇଗଲା, କଉଁଟା ବା ଅଧଗଡ଼ରୁ କଟି ଦ୍ୱିଖଣ୍ଡ ହୋଇଗଲା, ବିରକ୍ତିରେ କାଠିଗୁଡ଼ାକ ଫୋପାଡ଼ି ଦେଇ ନଟ ଉଠିଲା । ପରକ୍ଷଣରେ ଏକା-ବେଳକେ ଯାଇ ଡ଼ଙ୍ଗା ପାଖରେ । ଡ଼ଙ୍ଗା ଉପରେ ଛିଡ଼ା-ହେଲା । କାତଟା ଉଠେଇଲା । ପୁଣି ସେସିପଡ଼ିଲା ମଙ୍ଗ ଉପରେ । କିଛିକ୍ଷଣ ବସି କୂଳକୁ ଡ଼େଇଁପଡ଼ିଲା । ଛିଡ଼ା-ହେଲା, ବସିଲା । ପୁଣି ଡ଼ଙ୍ଗାରେ ଚଢ଼ିଲା; କାତ ଉଠେ-ଇଲା । ଏହିପରି କରୁଁ କରୁଁ ନଈ ଆରପାରି ଖକର ବଣଅଡୁ ଧୀରେ ଧୀରେ କାଳି ଅନ୍ଧାର ମାଡିଅସିଲା । ନଟର ଆଉ ଡ଼ଙ୍ଗା ଖୋଲା ହେଲାନାହିଁ ।

ନଟ ଏହିକ୍ଷଣି ବ ୨୦।୨୨ବର୍ଷର ଗଭାଭେଣ୍ଡା । ଏହା-ପରେ ଅନେକ ଦିନ ଗଡ଼ି ଗଲାଣି । ଏବେ ଅଉ ସେ ଏଣିକି ମାଛଧରା, ନଈ ପହଁରାରେ ମନ ଦେଉନାହିଁ । ସେ ମନଟା ଯାଇ ପଡ଼ିଛି ବେଉସା ଉପରେ । ମହାଜନ ବୁଢ଼ା ଏବେ ଅଉ କିଛି କରୁନାହାନ୍ତି । ନଟ ମୁଣ୍ଡରେ ସବୁ ଭାର । ସେ ଯାହା କହିଲେ ଯାହା ଯଉଁଠି ହେଲେ ସବୁ କଥାରେ 'ନଟକୁ ପଚର । ବୁଢ଼ାର ପିଙ୍କା ଖର୍ଚ୍ଚ ଏବେ ଦଶଗୁଣ ବଢ଼ିଲାଣି, ଅଫିମ ଗୁଳିପଇସାରୁ ଅସି ଗୁଳିଅଣାରେ ରହିଲାଣି । ଘର, ଦୁଆର, ବେପାର, ବଣିଜ ସବୁ ନଟ ବୁଝେ । ବୁଢ଼ା ପିଣ୍ଡାରେ ବସି ପିଙ୍କା ଟାଣେ ଅଉ ସାଇପଡ଼ିଶାଙ୍କ ସାଙ୍ଗରେ ଖୋସଗପ କରେ । ତହିଁ-ମଧ୍ୟରେ ପ୍ରଧାନ ନଟକଥା । ନଟ କଉଁଠି କ'ଣ କଲା, କଉଁ ବେପାରରେ କେତେ ଲଭ ହେଲା ଇତ୍ୟାଦି । ନଟର ବୁଦ୍ଧି ନଟର ବାଣିଜ୍ୟ ଚାତୁରୀ ବଖାଣୁଁ ବଖାଣୁଁ ବୁଢ଼ା ଦିନସାରା ହୋଇଯାଏ । ବେଳେ ବେଳେ ଠୋ ଠୋ କରି ହସି ଉଠି କହେ ଦେଖିଲଟି, ଅମୁକପୁଅ; ନଟ

Digitized by srujanika@gmail.com

ଯଦି ପାଠ ପଢ଼ିଥାଆନ୍ତା ସେ କ'ଣ ଏମନ୍ତ ଘର ସମ୍ଭାଳି ପାରନ୍ତା ? ମୁଁ ଅଗରୁ କହୁଥିଲି ପରା, ଲକ୍ଷ୍ମୀ, ସରସ୍ୱତୀଙ୍କର ବିବାଦ । କେହି କାହାରି ଶିରୀ ଭଲ ଦେଖିପାରନ୍ତେ ! ନାହିଁ ? କହିଲ ଭଲା ? ଏ କଥା ଶୁଣି ବସିଲା ଲୋକେ 'ହଇ ହଇ' ବୋଲି ମୁଣ୍ଡ ହଲାଉନ୍ତି, ଅଉ ବୁଢ଼ା ନାଅାଁ ବଡ଼ଅଣ୍ଟାକୁ ଫୁଙ୍କିଦେଇ ପୁଣିଥରେ ଚିକାଟା ଲଗାଏ ।

ଏଣେ ଅପି ବାହା ହୋଇଗଲାଣି । ଶାଶୁଘର ତାର ବେଶି ଦୂରନୁହେଁ । ସେଥିପାଇଁ ସେ ବରଷ ଭିତରେ ଅନ୍ତତଃ ୪।୫ଥର ବାପଘରକୁ ଅସେ । ଥରେ ଥରେ ମାସେ ଦୁଇମାସବି ରହିଯାଏ । ଏଥର ଅଶିଣ ମାସ, ସେ ଆସିଛି । ତା କୋଢ଼ରେ ଗୋଟିଏ ଦେଢ଼ବର୍ଷର ପିଲା, ଦଶହରା କୁଆଁର ପୁନେଇ ଗଲେ ସେ ତା ଶାଶୁଘରକୁ ଯିବ । ଏକାଦଶୀ ଦିନ ବର୍ଷା ଆରମ୍ଭହେଲା । ତିନଦିନ ତିନରାତି ଅବିଶ୍ରାନ୍ତ ମୂଷଳଧାରାରେ ବୃଷ୍ଟି । ତା ସାଙ୍ଗେ ସାଙ୍ଗେ ବାଆ ତୁଫାନ । ଗୋରୁଗାଈ ମଣିଷ କଥା ଦୂରେଥାଉ ଚଢ଼େଇ ଚିରଗୁଣି ବି ବାହାରକୁ ବାହାରି ନାହାନ୍ତି । ଚାରିଦିନ ଦିନ ସକାଳୁ ଝିକିଏ ଇଷତ୍ ଦେଖେଇଲା । ବାଟ ଘାଟ ବିଲ ଖାଲ ସବୁ ବୁଡ଼ି ଏକାକାର ହୋଇଛି । ଯୁଅଡ଼କୁ ଅନେଇଲେ ଖାଲି ଜଳମୟ । ଏଣେ ନଈଟା ଦକୂଳ ଖାଇ ଚାଲିଛି । ଏ ଝଡ଼ ବାଦଲରେ କେହି ଘରୁ ବାହାରିବାକୁ ନାହିଁ— କିଏ କାହାକଥା ଜାଣୁଛି ? ସେହିଦିନ ଚହଲ ପଡ଼ିଗଲା କି ନଈରେ ଭାରିଜୋରରେ ପାଣି ଅସୁଛି । ପାଣି ଯଦି ଉଚ୍ଛୁଳି ପଡ଼ିବ ତ ଗାଁ ଭିତରେ ଘରଦ୍ୱାର ରହିବନାହିଁ । ସମସ୍ତେ ସାବଧାନ ହେବାକୁ ଲାଗିଲେ । ସାବଧାନ ବା ହେବାର କ'ଣ ଉପାୟ ଅଛି ! ଚାରିଅଡ଼େ ସମୁଦ୍ର ! କେବଳ ଅତଙ୍କ ମାତ୍ର ସାର । ଅନେକଲୋକ ପ୍ରାଣ ଭୟରେ ମହାଜନ ଘର ପିଣ୍ଡାରେ ରୁଣ୍ଡ ହୋଇ ଅଛନ୍ତି । ଗାଁ ଭିତରେ ଏକା ମହାଜନଘର ଖଣ୍ଡେ ପକ୍କା—ସେତିକ ମାତ୍ର ଭରସା ।

ସଞ୍ଜ ହବାକୁ ଅଉ ଘଡ଼ିଏ ଖଣ୍ଡେ ଅଛି—ପାଣିର ଭୀଷଣ ଗର୍ଜ୍ଜନ ଶୁଭିଲା । ସମସ୍ତେ ତାଟକାହୋଇ ଦୌଡ଼ିଲେ । ଦେଖିଲାବେଳକୁ ଠିକ ଗାଁ ସିଧାରେ ଗୋଟାଏ ମସ୍ତ ଘାଇ ଫିଟିଯାଇଛି-ଅଉ ନଈଟା ସତେକି ବାଟହୁଡ଼ି ରାଗିଲେ ବାଇ ଲାଗିଲାପରି ରାଗରେ ସେହିବାଟେ ପେଲିନେବାକୁ ପ୍ରବଳ ବେଗରେ ଧାଇଁ ଅସୁଛି । ଅଉ କୌଣସି ଉପାୟନାହିଁ । ଗାଁଟାଯାକ ତୁମୁଳ ଅର୍ତ୍ତନାଦରେ ଭାଙ୍ଗିପଡ଼ିଲା । ଏଣେ ନଈବଢ଼ିର ହୋ, ହୋ ଗର୍ଜ୍ଜନ— କିଏ କାହାକଥା ଶୁଣିଛି ! ଦୌଡ଼ି ପଳାଇବାର ଉପାୟ ନାହିଁ ! ଯେ ପାରିଲା ଗଛରେ ଚଢ଼ିଗଲା, କିଏ ଚାଳ ଉପରେ ଉଠିଲା, କିଏ ବା କେଉଁଠି ରହିଲା କିଏ ପଚାରେ ! ମହାଜନ ଘର ଛାତଉପରେ ଛଟେ ମଣିଷ, ସମସ୍ତେ ଚିତ୍କାର କରୁଛନ୍ତି । ଚାହୁଁ ଚାହୁଁ ଗାଁ ମଝିଦେଇ ନଈ ଚାଲିଲା । ଭୀଷଣ ସ୍ରୋତ—ଘରଦ୍ୱାର, ଗଛପତ୍ର କିଛି ତା ଅଗରେ ସମ୍ଭାଳହୋଇ ରହିଲାନାହିଁ । ଆଖି ଅଗୁଟାରେ କେତେ ମଣିଷ, କେତେ ଗୋରୁଗାଈ, କେତେ ଚାଳଛପର ଭାସିଗଲା । ଯେ ନିକଟରେ ଥାଏ ଛାତ ଉପର ଲୋକେ ଦଉଡ଼ି ପକେଇ ଧରିବାକୁ ଚେଷ୍ଟା-- କରନ୍ତି—ଧରାପଡ଼ିଲେ ପଡ଼ିଲା, ନ ପଡ଼ିଲେ ଗଲା । ଛାତ ଉପରୁ କିଏ ଓହ୍ଲେଇବ ? କାହା ଜୀବନକୁ ଭରସା ନାହିଁ ।

ଦେଖୁଁ ଦେଖୁଁ ଗୋଟାଏ ଛପର ଭାସି ଆସିଲା, ତା' ଉପରେ ଗୋଟିଏ ଭୁଆସୁଣୀ । ସେ ଗୋଟାଏ ହାତ ଟେକି ଚିତ୍କାର କରୁଛି, ଆରହାତରେ ଧରିଛି ଗୋଟିଏ ପିଲା । ସମସ୍ତେ ଚହ୍ନିଲେ ଏ ଦାଢ଼ଘର ଝିଅ, ଅପି । 'ଅପି', 'ଅପି' ବୋଲି ଚହଲ ପଡ଼ିଗଲା । କିନ୍ତୁ କିଏ ତାହାର କ'ଣ କରିବ ? ଦଉଡ଼ି ଛାଟିଲେ, କିନ୍ତୁ ସେ ଅନେକ ଦୂରରେ । ଅଉ କୌଣସି ଉପାୟ ନାହିଁ । ତା କର୍ମ୍ମରେ ଯାହା ଅଛି ହେଉ । ଅପି ପାଟିକରି ଡ଼ାକିଲା "ନଟଭାଇ, ପିଲାଟାକୁ ବଞ୍ଚା" । ମୁହୂର୍ତ୍ତମଧ୍ୟରେ ଧୂ-ସ୍ କରି କ'ଣ ଛାତରୁ ପଡ଼ିଲା । 'କିଏ ପଡ଼ିଲା' 'କିଏ ପଡ଼ିଲା' ବୋଲି ପୁଣି ଗୋଳ ଉଠିଲା । କିଛିକ୍ଷଣ ପରେ ସେ ଗୋଳ ରହିଯାଇ ସମସ୍ତେ ଚିତ୍କାର କଲେ 'ନଟ', 'ନଟ' । ମହାଜନ ପୁଅ ନଟ ଡ଼େଇଁପଡ଼ିଲା । ମହାଜନ ବୁଢ଼ା ଏହାଶୁଣି ଧାଇଁ ଅସିଲା । 'ନଟରେ' 'ନଟରେ' ବୋଲି ହୁରିପକାଇ ନିଜେ ଡ଼େଇଁ ପଡ଼ିବାକୁ ବସିଲା । ଅଉ ଲୋକେ ତାଙ୍କୁ ଧରାଧରି କରି ରଖିଲେ । ବୁଢ଼ା କିନ୍ତୁ 'ନଟରେ' 'ନଟରେ' ଡାକିବାକୁ ଛାଡ଼ିଲାନାହିଁ । ମାତ୍ର ସେ ଡ଼ାକ ତାର ନଟକାନକୁ ଯିବା ପୂର୍ବରୁ, ନଟ ବହୁଦୂରକୁ ଚାଲିଯାଇ ଅସନ୍ନ ସନ୍ଧ୍ୟାର ଧୂସର ଛାୟାରେ ଲୁଚିଗଲାଣି ।

ତହିଁ ଆରଦିନ ବଢ଼ି ଛାଡ଼ିଗଲା । ଲୋକେ ସମ୍ଭାଳ-ହୋଇ ଡ଼ଙ୍ଗା ନେଇ ଖୋଜିବାକୁ ବାହାରିଲେ । ପ୍ରାୟ ଦି-ଧା ଦୂରରେ ଦେଖାଗଲା ଯେ ମହାଜନ ଘର ଛଟଣୀ ଦଉଡ଼ିରେ ଗୋଟାଏ ବରଗଛ ଡ଼ାଳରେ ଗୋଟାଏ ଚାଳ ବନ୍ଧାହୋଇଛି ଅଉ ତା ଉପରେ ବସିଛି ଅପିର କୁଅପୁଅଟି-ଅଉ କାହାରିକିଛି ସନ୍ଧାନ ମିଳିଲାନାହିଁ ।

Digitized by srujanika@gmail.com




## ପଲ୍ଲୀସଙ୍ଗୀତ ଓ ତାହାଁର ସଂସ୍କାର

**ଶ୍ରୀ କୃଷ୍ଣପ୍ରସାଦ ବସୁ**

ଆମ୍ଭମାନଙ୍କ ଦେଶରେ ପ୍ରାୟ ଗ୍ରାମ ଗ୍ରାମକେ ଖଣ୍ଡେ ଅଧେ ଭଙ୍ଗା ଫଟା ଯାହା ହେଉପଛେ ଗୋଟିଏ ଦୁଇଟି ଲେଖାଏଁ ସଙ୍ଗୀତ ଦଳ ଅଛି । ଅବଶ୍ୟ ପରିଶ୍ରାନ୍ତ ଗ୍ରାମବାସିମାନଙ୍କର ବିଶ୍ରାମ ସମୟରେ ଏଗୁଡ଼ିକ ବଡ଼ ଶାନ୍ତି ପ୍ରଦାନ କରିଥାନ୍ତି । ବ୍ୟବସାୟୀ ନାଟ୍ୟ—ସମ୍ପ୍ରଦାୟ ମଧ୍ୟ ବିରଳ ନୁହନ୍ତି । ସବୁଠାରେ ଦେଖାଯାଏ ଯେ ଗ୍ରାମବାସିମାନେ ଏହି ସମସ୍ତ ଅନୁଷ୍ଠାନଗୁଡ଼ିକୁ ପ୍ରଶଂସ୍ୟ କରାଇବା କାରଣ ଖୁବ ଶ୍ରଦ୍ଧାଶୀଳ ଥାନ୍ତି, କିନ୍ତୁ କି ହେବ ଉପଯୁକ୍ତ ପ୍ରଣାଳୀବଦ୍ଧ ଶିକ୍ଷାର ଅଭାବରୁ ଯଥା ପରିମିତ ଗାୟକ ବାହାରୁ ନାହାନ୍ତି । କି ପଶ୍ଚିମ, କି ବଙ୍ଗଦେଶ, କି ମାନ୍ଦ୍ରାଜ ଯେଉଁ ଅଞ୍ଚଳକୁ ଲକ୍ଷ୍ୟ କରନ୍ତୁ ଦେଖିବେ ଯେ ଏହି ଜାତୀୟ ସଙ୍ଘଦଳର ଅନୁଷ୍ଠାନମାନଙ୍କରେ ମଧ୍ୟ ପ୍ରଥମେ ସ୍ୱରସାଧନା ଓ ତାଳ ସାଧନାର ପ୍ରାଥମିକ ଶିକ୍ଷାମାନ ଦିଆ ହୋଇଥାଏ—ବାଳକମାନେ ଅତି ପ୍ରାଥମିକ ଅବସ୍ଥାରୁ ପ୍ରଣାଳୀ—ବଦ୍ଧ ଶିକ୍ଷା ଲାଭକରି ଅତି ସହଜରେ କୃତକାର୍ଯ୍ୟ ହୁଅନ୍ତି । ମାତ୍ର ଆମଦେଶର ସେହି ଶ୍ରେଣୀର ସଙ୍ଗୀତ ଦଳଗୁଡ଼ିକୁ ତୁଳନା କଲାବେଳକୁ କେବଳ ହତାଶ ହେବାକୁ ହୁଏ । କ'ଣ ଅଛି ? ନା ସ୍ୱରବୈଚିତ୍ର୍ୟ, ନା ତାଳ, ଅଳାପ, ତାନ, ମାନ, ଗିଟକାରି, ଭାବ, ଭାଷା କ'ଣ ଅଛି ? "ଶଙ୍କର" ବା "ଦୁଆରି" ବ୍ୟତୀତ ଅନ୍ୟ କିଛି ମିଳିବା ବଡ଼ ଦୁର୍ଲ୍ଲଭ । କିନ୍ତୁ ଟିକିଏ ପ୍ରାଚୀନ ଯୁଗକୁ ଦେଖିଲା ବେଳକୁ ଜଣାଯାଉଛି ଯେ "ମାର୍ଗସଙ୍ଗୀତ"ର ମଧ୍ୟ ପ୍ରଚୁର ଆଲୋଚନା ଥିଲା—କାରଣ 'ଓଡ଼ିଶି' ସଙ୍ଗୀତର ବାଦ୍ୟଗୁଡ଼ିକୁ ଲକ୍ଷ୍ୟକଲେ ଜଣା ଯାଏ—ଉକ୍ତ ବାଦ୍ୟ ମଧ୍ୟରେ 'ଧାମାର, ଚୌତାଲ, ବ୍ରହ୍ମତାଳ, ସୁରଫାକ୍' ତାଳର ମଧ୍ୟ କାରବାର ଅଛି—ମାତ୍ର ବହୁକାଳ ଜୀର୍ଣ୍ଣ ଅବସ୍ଥା ହୋଇପଡ଼ିବାରୁ ଓ ଲୋକଙ୍କର ସହସା ଉପହାସ୍ୟ କରିଦେବା ଗୋଟିଏ ଫେସନ ହୋଇ ଯିବାରୁ ଅଉ ସେ ସଙ୍ଗୀତର ପ୍ରଚାର ହେଉନାହିଁ । ପ୍ରାଚୀନ ଛାନ୍ଦଗୁଡ଼ିକ ଅର୍ଥାତ୍ ଯେ ଗୁଡ଼ିକର କାରବାର ହାରମୋନିୟମର ୪।୫ ଅଥବା ୬ପରଦା ମଧ୍ୟରେ, ସେ ଗୁଡ଼ିକ "ଦେଶୀୟ ସଙ୍ଗୀତ" । ପ୍ରତ୍ୟେକ ଦେଶରେ ଏହି ପ୍ରକାର ଜାତୀୟ ସଙ୍ଗୀତ ଥାଏ – ଯେଉଁଠାରେ ବର୍ଣ୍ଣନାବାହୁଲ୍ୟ ଦେଖାଇବାର ପ୍ରୟୋଜନ ହୁଏ ସେ ସ୍ଥଳରେ "ମାର୍ଗସଙ୍ଗୀତ" ଛାଡ଼ି 'ଦେଶୀ ସଙ୍ଗୀତ'ର ଅଧିକ ଆଶ୍ରୟ ନେବାକୁ ହୁଏ । ଯେଉଁସ୍ଥଳରେ ସ୍ୱରବୈଚିତ୍ର୍ୟ ଦେଖାଇବାର ଆବଶ୍ୟକ ହୁଏ ସେ ସ୍ଥଳରେ "ମାର୍ଗସଙ୍ଗୀତ"ର ଆଲୋଚନା ଅଧିକ କରିବା ପ୍ରୟୋଜନ ହୁଏ । ମାର୍ଗସଙ୍ଗୀତଗୁଡ଼ିକ ପ୍ରାୟ ଦେଢ଼ସପ୍ତକ ଅଥବା ତଦୂର୍ଦ୍ଧ୍ୱ ପରଦା ଖୋଳେ, ତହିଁରେ ସ୍ୱରମାନଙ୍କର ଆରୋହଣ ଅବରୋହଣ



Digitized by srujanika@gmail.com

ମଧ୍ୟରେ ନାନାପ୍ରକାର ବୈଚିତ୍ର୍ୟ ଥାଏ—ନିମ୍ନଶ୍ରେଣୀର ଗାୟକମାନେ ମାର୍ଗସଙ୍ଗୀତର ଆଲୋଚନା କରିବାକୁ କଷ୍ଟକର ବୋଧ କରିଥାନ୍ତି—କିନ୍ତୁ ପ୍ରାଚୀନସଙ୍ଗୀତ ମଧ୍ୟରେ ଚରମ ମାର୍ଗସଙ୍ଗୀତର ପ୍ରକୃଷ୍ଟ ନିଦର୍ଶନ—ଉତ୍କଳୀୟ ସଙ୍ଗୀତମଧ୍ୟରେ ମାର୍ଗସଙ୍ଗୀତର ସଂଖ୍ୟା ଊଣା—କିନ୍ତୁ ତଥାପି ମାର୍ଗସଙ୍ଗୀତର ଆଲୋଚନା ମଧ୍ୟ ଶୁଦ୍ଧ ଭାବରେ ଥିଲା । ତେବେ ମଧ୍ୟଯୁଗରେ ଆଲୋଚନା ଏତେ ସଙ୍କୀର୍ଣ୍ଣ ହୋଇଯାଇଛି ଯେ ରାଗିଣୀଗୁଡ଼ିକ କି ପ୍ରକାର ବଣୁଆ ହୋଇଛି—'ଅଶାବରି' ବା 'ତୋଡ଼ି' ବୋଲି ଯେଉଁ ଗୀତର ସ୍ୱର ଦିଆଯାଉଛି—ସେ ସ୍ୱର ପ୍ରକୃତରେ ଅଶାବରି ବା ତୋଡ଼ି ହେଉନାହିଁ । କାମୋଦୀ, ଚନ୍ଦ୍ରାଭୈରବୀ, କୌଶିକ ଇତ୍ୟାଦି ସ୍ୱର ସଙ୍ଗେ କି ହିନ୍ଦୁସ୍ଥାନୀ କି ଦ୍ରାବିଡ଼ୀ କୌଣସି ମତର ସାମଞ୍ଜସ୍ୟ ଘଟୁନାହିଁ । ଭାରତୀୟ ସଙ୍ଗୀତ ଗ୍ରନ୍ଥ—ପାରିଜାତ, ରତ୍ନାକର, ତତ୍ତ୍ୱସାର ଅଥବା ଚନ୍ଦ୍ରିକା ପ୍ରତ୍ୟେକ ଗ୍ରନ୍ଥର ଆଲୋଚନା କରି ଏବଂ ଓସ୍ତାଦ୍‌ମାନଙ୍କ ସଙ୍ଗେ ପରାମର୍ଶ କରି ଦେଖାଗଲା ଯେ ଉପରୋକ୍ତ ରାଗିଣୀମାନ କେହି ଶୁଦ୍ଧଭାବରେ ନାମ ପାଇନାହାନ୍ତି । ହୁଏ ଆମ୍ଭମାନଙ୍କର ଗାଇବାରେ ଭୁଲ ନହୁଏ ପ୍ରାଚୀନମାନଙ୍କର ନାମ କରଣରେ ଭୁଲ । ତେବେ ବହୁ ପ୍ରଚଳିତ ଏବଂ ଏଦେଶର ସର୍ବଜନ ଅନୁମୋଦିତ ସ୍ୱରହିଁ ପ୍ରକାଶ କରା ହୋଇଥିଲା । ଏଣେ ପୁଣି ଦେଖାଯାଉଛି ପ୍ରକୃତ ରାଗର ଠାଟ୍ ଓ ଜାନ ମଧ୍ୟରେ ପକେଇଲା ବେଳକୁ ଗୀତର ଯତିଭଙ୍ଗ ହେଉଛି ଓ ହ୍ରସ୍ୱ ଦୀର୍ଘ ମିଳୁନାହିଁ—ଆଶାକରୁଁ ଏଥିସମ୍ପର୍କରେ ବିଶେଷଜ୍ଞମାନେ ପ୍ରଚୁର ଆଲୋଚନା କରିବେ ।

କିନ୍ତୁ ଯାହାହେଉ ପଛେ ଏ ଦେଶରେ ଶୁଦ୍ଧ ସଙ୍ଗୀତର କାରବାର ଥିଲା ନିଃସନ୍ଦେହ । କାରଣ ଭାରତୀୟ ଅତି ପ୍ରାଚୀନ ବୈଦିକ ଯୁଗର ବହୁ ପ୍ରଚଳିତ ପ୍ରବନ୍ଧମାନ ମଧ୍ୟେ ମଧ୍ୟେ ଗାହାଣ ମାନଙ୍କଠାରୁ ଦେଖାଯାଉଛି । ପ୍ରବନ୍ଧ ଗୀତଗୁଡ଼ିକ ପ୍ରାୟ ଧ୍ରୁପଦାଙ୍ଗି—ପ୍ରତିକଳିରେ ପୃଥକ୍ ତାଳଥାଏ । ଗୀତର ରଚନାଗୁଡ଼ିକରୁ ଠିକ୍ ପ୍ରବନ୍ଧ ବୋଲି ଜଣାଯାଏ ମାତ୍ର ବାହାଣମାନେ ବାଦ୍ୟ ଦେବାକୁ ବେଳେ୨ ଅପାରଗ ହୋଇ ତାହାର ସ୍ୱରକୁ ଧ୍ରୁପଦରୁ ବହୁ ନିମ୍ନସ୍ତରକୁ ଓଠାରି ଆଣି ଅଛନ୍ତି । ପ୍ରାଚୀନ ଛନ୍ଦ ଓ ଯତି ଅଦ୍ୟାପି ଓଡ଼ିଶୀ ବାଦ୍ୟକାରମାନଙ୍କ ମଧ୍ୟରେ ଶୁଦ୍ଧଭାବରେ ବିଦ୍ୟମାନ ଅଛି । ତୋଟକ, ଦ୍ରୁତ, ଭୁଜଙ୍ଗପ୍ରୟାତ, ତନୁମଧ୍ୟାର ଶ୍ଳୋକମାନ ଯଥେଷ୍ଟ ବଜେଇଥାନ୍ତି କିନ୍ତୁ ମଧ୍ୟ ଯୁଗରେ ଏ ପ୍ରକାର କ'ଣ ହେଲା ଯେ ସଙ୍ଗୀତର ଏତେ ଅଧଃପତନ ହୋଇଗଲା । ଅଥବା ପ୍ରଚାର ହେଲାନାହିଁ । ତାହା ଐତିହାସିକ ମାନଙ୍କର ଆଲୋଚ୍ୟ । ବର୍ତ୍ତମାନ ଏ ପ୍ରକାର ଅବସ୍ଥା ହେଲାଣି ଯେ ସାରିଗମପଧନି ଏହାର ଅର୍ଥ ଓ ପରସ୍ପର ସମ୍ପର୍କ ମଧ୍ୟ ବୁଝାଇବାର ଆବଶ୍ୟକ ହେଲାଣି । ପ୍ରଚଳିତ ସାଧାରଣ ନୃତ୍ୟକାରୀ ଦଳମାନଙ୍କର ସଂସ୍କାର ଏକାନ୍ତ ଆବଶ୍ୟକ ହୋଇ ପଡ଼ିଲାଣି ! ସଙ୍ଗୀତ ଦଳଗୁଡ଼ିକ ସଙ୍ଗୀତର ଉତ୍କର୍ଷ ପ୍ରତି ଆଦୌ ଦୃଷ୍ଟି ନ ରଖି କେବଳ କେତେକ ଗୁଡ଼ାଏ ଭଣ୍ଡପଣକୁ ଅଧିକ ଦୃଷ୍ଟି ଦେଉଛନ୍ତି । ଦଳଗୁଡ଼ିକ ମଧ୍ୟ ଗୋଟାଏ ପ୍ରକାର ଭଲ କୈଫିୟତ ରଖିଛନ୍ତି ଯେ ଲୋକେତ ଏହି ସୁଆଙ୍ଗ ଅଧିକ ଖୋଜଲେ । ମାତ୍ର ପ୍ରକୃତ ପକ୍ଷେ ଏ ଶ୍ରେଣୀର ଗାୟକଗୁଡ଼ିକ ଏ ପ୍ରକାର ଢଙ୍ଗରେ ଗୀତ ଗାଇବାକୁ ଆରମ୍ଭ କରନ୍ତି ଯେ ପ୍ରତ୍ୟକ୍ଷେ ଓ ପରୋକ୍ଷେ ଉଭୟତଃ ଲୋକେ ସେ ସ୍ୱର ସହ୍ୟକରି ପାରନ୍ତି ନାହିଁ । କରିବେ ବା କିପରି—ଯାହା ମଧ୍ୟରେ ଭାବ ନାହିଁ, ଭାଷା ନାହିଁ, ସ୍ୱରବୈଚିତ୍ର୍ୟ ନାହିଁ ତାହା କେତେକ୍ଷଣ ଆକର୍ଷଣ କରିବ ? ଅଗତ୍ୟା ଲୋକେ ଖୋଜଲେ ସୁଆଙ୍ଗ । ମାତ୍ର ଭୁଲ୍ଲା ଚଟଣି ବା କେତେ ଖାଇବେ । ସଙ୍ଗୀତଦଳଗୁଡ଼ିକଙ୍କର ବୁଝିବା ଏକାନ୍ତ ଆବଶ୍ୟକ ଯେ ସୁଆଙ୍ଗଠାରୁ ସଙ୍ଗୀତର ମୂଲ୍ୟ ଓ ମର୍ଯ୍ୟାଦା ବହୁ ଉଚ୍ଚରେ । ପ୍ରଣାଳୀବଦ୍ଧ ଶିକ୍ଷା ଓ ଶିକ୍ଷକଙ୍କର ଅଭାବରୁ ଏ ପ୍ରକାର ଦୁରବସ୍ଥା ଘଟୁଅଛି । 'ସ୍ୱର ସାଧନା' ସଙ୍ଗୀତର ପ୍ରଥମ ସୋପାନ । କଣ୍ଠର ସ୍ୱରକୁ ଯଥେଷ୍ଟ ପରିମାଣରେ ମାର୍ଜିତ କରି ସଙ୍ଗୀତର ଉପଯୋଗୀ କଲାଭଳି ଶିକ୍ଷା ଦେବାର କୌଣସି ପୁସ୍ତକ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । କିନ୍ତୁ ପ୍ରାଥମିକ ସଙ୍ଗୀତ ଶିକ୍ଷାର୍ଥୀମାନଙ୍କର ଯଦି କୌଣସି ବିଷୟର ଶିକ୍ଷା ଏକାନ୍ତ ପ୍ରୟୋଜନ ଥାଏ, ତେବେ ତାହା ଏହି ସ୍ୱରସାଧନା । ଆମ୍ଭମାନଙ୍କ ଦେଶରେ ଏ ସମ୍ପର୍କରେ ଉପଦେଶ ଦେଲାଭଳି ଲୋକ ଅତି ବିରଳ ଥିବାରୁ ଅଧିକାଂଶ କ୍ଷେତ୍ରରେ ସଙ୍ଗୀତଶିକ୍ଷାର୍ଥୀ ଛାତ୍ରମାନେ ନାନା ଅସୁବିଧା

Digitized by srujanika@gmail.com

ଭୋଗ କରୁଅଛନ୍ତି—ପ୍ରାୟ ଅଧିକାଂଶ ସାଧାରଣ ଓସ୍ତାଦ୍ ବା ଶିକ୍ଷକମାନଙ୍କୁ ପ୍ରଣାଳୀମାନ ଜଣା ନାହିଁ । ଯେ କେତେ ଜଣ ବିଶିଷ୍ଟ ଗବେଷୀ ଶ୍ରେଣୀର ବ୍ୟକ୍ତିମାନଙ୍କୁ ଜଣା ଅଛି ସେମାନଙ୍କର ଠାରୁ ଶିକ୍ଷା ଲାଭ କରିବାର ସୌଭାଗ୍ୟ ମଧ୍ୟ ସହଜରେ ମିଳେ ନାହିଁ—ମଧ୍ୟ ସେମାନଙ୍କ ମଧ୍ୟରୁ ଅତି ଅଳ୍ପ ନିଜର ଅଭ୍ୟାସଲବ୍ଧ ସାଧନାମାନ ସରଳଭାବରେ ସର୍ବ ସାଧାରଣରେ ପ୍ରକାଶ କରିଦେବାକୁ ଇଚ୍ଛୁକ । ପୁଣି ଏ ପ୍ରକାର କେତେକ ଅଛନ୍ତି - ଯେଉଁମାନେ ଅକାତରେ ବିତରଣ କରିଦେବାକୁ ଇଚ୍ଛୁକ ଥିଲେହେଁ, ଦୁର୍ଭାଗ୍ୟବଶତଃ ଶିକ୍ଷାଦେବାର ସୂକ୍ଷ୍ମ କୌଶଳମାନ ଜାଣନ୍ତି-ନାହିଁ । ପ୍ରାୟ ଦେଖାଯାଏ ଓ ଆମ୍ଭେମାନେ ନିଜେ ଭୁକ୍ତଭୋଗୀ, ଗବେଷୀ ବଡ଼ ବଡ଼ ଓସ୍ତାଦ୍‌ମାନେ ଛାତ୍ରମାନଙ୍କର ବିଦ୍ୟା ବୁଦ୍ଧିକୁ ଲକ୍ଷ୍ୟ ନ ରଖି ଏ ପ୍ରକାର ବଡ଼ ବଡ଼ ଅସମାନଅ ଉପଦେଶ ଦେଇଥାନ୍ତି—ଯଦ୍ଦ୍ୱାରା ଛାତ୍ରମାନେ କିଛି ସ୍ୱାର୍ଥ ପାନ୍ତି ନାହିଁ । ନିରୁତ୍ସାହ ଓ ହତାଶ ହୋଇଯାନ୍ତି । ଶିକ୍ଷାର୍ଥୀଙ୍କୁ ଶିକ୍ଷା ଦେବାଠାରୁ ନିଜର ପାଣ୍ଡିତ୍ୟ ପ୍ରଚାର କରିବାକୁ ଓ ଗୌରବମାନ ଭୀଷଣଭାବରେ ପ୍ରକଟ କରିବାକୁ ଅଧିକ ଲାଳାୟିତ । ବ୍ରହ୍ମା ନାରଦ, ହନୁମନ୍ତ ଭରତ, ତାନସେନ୍, ଏନାଏତ୍ ଖାଁ, ଦୌଲତ୍ ଖାଁ ସମସ୍ତଙ୍କ ସଙ୍ଗେ ଗୃଷ୍ଟ ଅଳାପ ପରିତାୟ ଥିଲାପରି କେତେ ଯେ କ'ଣ ଅଜାଡ଼ି ପକାନ୍ତି ଅମ ଭଳଆ କାଲ କାନକୁ ମୂଳା ଗ୍ରେ ବେଇଲା ପରି ହୁଏ । ଏକଶ୍ରୁତି, ଅର୍ଦ୍ଧଶ୍ରୁତି, ଦଶମିକ ଶ୍ରୁତିର ଭୁଲ ଭଟକା ଧରିବାକୁ ଆରମ୍ଭ କରନ୍ତି—ଏଣେ ଛାତ୍ରଙ୍କୁ ପରିଣାମ କ'ଣ ଜଣାନାହିଁ । ଏହା ମଧ୍ୟ କେତେକ ସ୍ଥଳରେ ପରୀକ୍ଷା କରି ଦେଖା ହୋଇଛି ଯେ ଉପଦେଷ୍ଟା ସ୍ୱୟଂ କଣ୍ଠରେ ବା ଯନ୍ତ୍ରରେ ପାର୍ଥକ୍ୟମାନ ପରିସ୍ଫୁଟ କରି ଦେଖାଇ ପାରନ୍ତିନାହିଁ । ଏ ପ୍ରକାର ଓସ୍ତାଦ୍‌ମାନେ ଭାବନ୍ତି ଯେ ସଙ୍ଗୀତରେ ସେମାନଙ୍କର ସାର୍ବଭୌମ ଅଧିକାର । ସେ ଅଧିକାର ସେମାନେ ନିଜର ପୁଅ ବା ପ୍ରିୟ ଶାଗିର୍ଦ୍ଦ ଥି ବ୍ୟତୀତ ଅନ୍ୟ କାହାରିକୁ ଦେଲାମାଣି ହୁଏ ସରସ୍ୱତୀ କାଳୁଣୀ ହେବେ, ନ ହୁଏ ନାରଦ ଋଷିଙ୍କର ବୀଣା ଖଣ୍ଡିକ ଫାଟିଯିବ । ଉଦାର ହୃଦୟ ଓସ୍ତାଦ୍‌ଙ୍କର ବଡ଼ ଅଭାବ । ଶିକ୍ଷାର୍ଥୀଙ୍କର ଅଭାବ ତେତେ ନାହିଁ—କେତେ ସଙ୍ଗୀତ ଦଳରେ କେତେ ଛୁଆ ଅଛନ୍ତି—କେବଳ ଓସ୍ତାଦ୍ ଅଭାବରୁ କିଛି ହେଉନାହିଁ । ଯେତେଦିନ ଯାଏ ମାର୍ଗସଙ୍ଗୀତର ପ୍ରଚାର ଓ ପ୍ରସାର ନ ହେବ ତେତେଦିନ ଯାଏ ଦେଶର ସଙ୍ଗୀତ ଉନ୍ନତ ହୋଇପାରିବନାହିଁ ବୈଜ୍ଞାନିକ ପ୍ରଣାଳୀରେ ମାର୍ଗସଂଗୀତର ବହୁଳ ଆଲୋଚନା ଏକାନ୍ତ ପ୍ରୟୋଜନୀୟ । ଏ ସ୍ଥଳେ ପ୍ରସଙ୍ଗତଃ ଆଉ ଗୋଟିଏ କଥା ମଧ୍ୟ ପ୍ରକାଶ କରିବାକୁ ହେଉଛି । ଅନେକଙ୍କର ଏ ପ୍ରକାର ଧାରଣା ଅଛି ଯେ ହିନ୍ଦୁସ୍ଥାନୀ ଅଥବା ବଙ୍ଗଳା ସ୍ୱରର ବହୁଳ ଆଲୋଚନା କରିବା ଦ୍ୱାରା ଆମ ଦେଶର ସଙ୍ଗୀତ ପ୍ରତି ଲୋକଙ୍କର ଆସକ୍ତି ତୁଟିଯିବ, କିନ୍ତୁ ପ୍ରକୃତ ପକ୍ଷେ ପ୍ରତ୍ୟେକ ସଙ୍ଗୀତଜ୍ଞ ବ୍ୟକ୍ତି ବୋଧହୁଏ ଏହା ସ୍ୱୀକାର କରିବାକୁ ବାଧ୍ୟ ହେବେ—ଯେ କାବ୍ୟର ଉପାଦାନକୁ ପୃଥକ୍ କରିଦେଲେ ଅମ ଦେଶର ସଙ୍ଗୀତଗୁଡ଼ିକରୁ ସଙ୍ଗୀତର ଉପାଦାନ ଅତି ଅଳ୍ପ ମିଳେ—ଅର୍ଥାତ୍ ମାର୍ଗସଙ୍ଗୀତର ତାନ, ମୂର୍ଚ୍ଛନା, ଅଳାପ, ଗୀଟକାରି ଅତି ଅଳ୍ପ । ଭାରତୀୟ ସଙ୍ଗୀତରେ ସର୍ବ ଶ୍ରେଷ୍ଠ ଉପାଦାନ ହିନ୍ଦରେ—ଦ୍ରାବିଡ଼ ମଧ୍ୟ ତାହା ତୁଳନାରେ ନିମ୍ନ ଶ୍ରେଣୀର । ମୋଗଲ ଓ ପଠାଣ ରାଜାମାନଙ୍କର ଅଭ୍ୟୁତ୍ଥାନ ସମୟରେ ବିଦେଶୀୟ ନାନା ଓସ୍ତାଦ୍‌ଙ୍କର ଦ୍ୱାରା ମାର୍ଜିତ ହୋଇ ସଜୀବ ରହିଛି — ସେ କାରଣ ଅମ୍ଭମାନଙ୍କୁ ସେହି ସଙ୍ଗୀତର ପ୍ରଣାଳୀଦ୍ୱାରା ଅମ ଦେଶର ସଙ୍ଗୀତଗୁଡ଼ିକୁ ସଂସ୍କୃତ କରିବାକୁ ହେବ । ମଧ୍ୟ ତଭିନ୍ନ ଅନ୍ୟ ଅଶ୍ରୟ ନାହିଁ । ତେଣୁ ସଙ୍ଗୀତ ସମ୍ପର୍କେ ଏତେ ସଂସ୍କାର ପୋଷଣ କରିବା ବର୍ତ୍ତମାନ କଦାପି ଶ୍ରେୟସ୍କର ନୁହେଁ । ବରଂ ହିନ୍ଦୁସ୍ଥାନୀ ବଙ୍ଗଳାର ପ୍ରଚୁର ଆଲୋଚନା କରି ଦେଶର, ଦେଶୀୟ ସଙ୍ଗୀତର ସଂସ୍କାର କରିବା ପ୍ରୟୋଜନ । ଦେଶୀୟ ସଙ୍ଗୀତ କୌଣସି ଦେଶରେ ଏବଂ କୌଣସି କାଳେ ମାର୍ଗସଙ୍ଗୀତର ମର୍ଯ୍ୟାଦା ଲାଭ କରିପାରିନାହିଁ । ଦେଶୀୟ ସଙ୍ଗୀତ କାବ୍ୟଯୋଗୁଁ ହୃଦୟଗ୍ରାହୀ ହୋଇପାରେ, ମାତ୍ର ତାହା ପ୍ରକୃତ ପକ୍ଷରେ ଶୁଦ୍ଧ ସଙ୍ଗୀତ ନୁହେଁ । ପୃଥିବୀର ଯାବତୀୟ ବୈଜ୍ଞାନିକ ଏ ସମ୍ପର୍କେ ଏକମତ । ବର୍ତ୍ତମାନ ଆମର ଅଭାବ—ମାର୍ଗ ସଙ୍ଗୀତ—ତହିଁ ଲାଗି ଭଲ ଭଲ ଓସ୍ତାଦ୍ ।

ସଙ୍ଗୀତର ମୂଳବସ୍ତୁ ବ୍ୟକ୍ତ ହୋଇଛି:—

( ସ୍ୱରସାଧନା )—କଣ୍ଠ ମାର୍ଜିତ ନ ହେଲେ କିଛି ଶ୍ରୁତିମଧୁର ହେବନାହିଁ—ସଙ୍ଗୀତର ମଧୁରତା ସଙ୍ଗୀତର

Digitized by srujanika@gmail.com

ଭଙ୍ଗି - ଉତ୍ଥାନ; ପତନ, ମୂର୍ଚ୍ଛନା, ଗମକ, ଅଲାପ, ତାନ ଇତ୍ୟାଦି ସ୍ୱରଗ୍ରାମ ସାଧନା ହେଲେ ସ୍ୱରମାନଙ୍କର ପରସ୍ପର ବ୍ୟବଧାନମାନ ହୃଦୟଙ୍ଗମ ହୋଇଯାଏ—ଉପ-ରୋକ୍ତ ଯାବତୀୟ 'କର୍ତ୍ତବ୍ୟ' ପ୍ରତି କ୍ଷମତା ଜାତ ହୁଏ ।


( ରାଗବିବେକ )—ମନୁଷ୍ୟର ମନୋଭାବ ସଙ୍ଗେ ସ୍ୱରର କି ସମ୍ପର୍କ ଏବଂ କି ପ୍ରକାର ( modulation ) ଭଙ୍ଗି ଅରୋହଣ ଅବରୋହଣ କଲେ ଇପ୍ସିତ ମନୋଭାବ ପରିସ୍ଫୁଟ କରାଇହେବ—ସ୍ୱରର ଉତ୍ଥାନ ପତନର ପ୍ରଣାଳୀ ଏ ସମସ୍ତ ଦ୍ୱିତୀୟ ସ୍ତରର କାର୍ଯ୍ୟ ।

କେଉଁ ରାଗିଣୀର କି ଠାଟ୍ କି ଜାନ୍, ବାଦୀ ସମ୍ବାଦୀବର୍ଜିତ, ସମସ୍ତ ବିଜାତୀୟରୀତି କର୍ତ୍ତବ୍ୟ ସହିତ କିପ୍ରକାରେ ପ୍ରକାଶ କରିବାକୁ ହୁଏ ତାହା ଏଥିର କାର୍ଯ୍ୟ ।

( ତାଳବିବେକ )—ସ୍ୱର ସଙ୍ଗେ ତାଳର ସାମ-ଞ୍ଜସ୍ୟ ରକ୍ଷି କି ପ୍ରକାରେ ଗୀତ ଗାଇବାକୁ ହୁଏ—କେଉଁ ତାଳର ମାତ୍ରା କେତେ—କେଉଁଠାରେ କିପରି (accent) ଠୋସ, ସମ, ଫାଙ୍କ, ଅନାଗତ—ତାଳର ତେହାଇ ରେଲା ଅଡ଼—କୁଅଡ଼—ସଙ୍ଗତ ଏଥର କାର୍ଯ୍ୟ ।

ଅଗାମୀ ସଂଖ୍ୟାରେ ସ୍ୱରସାଧନା ସମ୍ପର୍କେ ଓ ପରେ ଏଥିସମ୍ପର୍କେ ବିଶେଷ ଭାବରେ ଆଲୋଚନା କରାଯିବ—

Digitized by srujanika@gmail.com




## ପୁସ୍ତକ ପରିଚୟ

ଭୁଇଁବନ୍ଧୁ ବା ଉତ୍କଳ ପରିଚୟ—କୋ-ଅପରେଟିଭ୍ ପ୍ରେସ୍‌ରେ ଛପା ୭୨ ପୃଷ୍ଠା । ମୂଲ୍ୟ ଚାରିଅଣା । ପ୍ରଣେତା—ଶ୍ରୀ ଶରତ୍‌ଚନ୍ଦ୍ର ଘୋଷ ।

ପୁସ୍ତିକା ଖଣ୍ଡିକରେ ଓଡ଼ିଶା ବିଷୟରେ କେତେଗୁଡ଼ିଏ ଅବଶ୍ୟ ଜ୍ଞାତବ୍ୟ ବିଷୟ କଥୋପକଥନ ମୂଳରେ ଲିଖିତ । ତବେ ସନ୍ନିବେଶ ଏକାବେଳକେ ହାସ୍ୟୋଦ୍ଦୀପକ—ନ ଦେଇଥିଲେ ବରଂ ପୁସ୍ତିକାର ମର୍ଯ୍ୟାଦା ସୁରକ୍ଷିତ ହୋଇଥାଆନ୍ତା । ଶରତ୍‌ବାବୁ ଜଣେ ପଢ଼ାଶୁଣା ଲୋକ । ତାଙ୍କଠାରୁ ମାର୍ଜିତତର ରୁଚି ଆଶା କରାଯାଏ । ଭବିଷ୍ୟତରେ ପୁସ୍ତିକାର ପୁନର୍ମୁଦ୍ରଣରେ ଶରତ୍‌ବାବୁ ତାଙ୍କର ଭ୍ରମ ସଂଶୋଧନ କରିବେ; ଏହିପରି ଭରସା । 'ଜନନୀ ଜନ୍ମଭୂମି' ବୋଲି ବଜାଇ ଢୋଲର ବିକାଣି ବିଜ୍ଞାପନ ତବେ—ଖଣ୍ଡିଗିରି ବୋଲି ଠଣାଟିଏ, ମେଘାସନ ବୋଲି ଅଗ୍ନେୟଗିରି ଦେଖାଇ ଲୋକଙ୍କୁ ପ୍ରତାରଣା କରିବାର ଦେଖିଲେ ସ୍ୱତଃ ଧୈର୍ଯ୍ୟଚ୍ୟୁତ ହେବାର କଥା । ପୁସ୍ତକର ଆକାରପ୍ରକାର, ଚିତ୍ର-ଚରିତ୍ର ଗୁଣଯାକ ଘୋଡ଼ାଇ ପକାଇଛି ।

ଶିଶୁ ମହାଭାରତ—କୋ-ଅପରେଟିଭ୍ ପ୍ରେସରେ ଛପା ୮୮ ପୃଷ୍ଠା । ମୂଲ୍ୟ ଅଠଅଣା । ପ୍ରଣେତା—ଶ୍ରୀ ଶରତ୍‌ଚନ୍ଦ୍ର ଘୋଷ ।

ପିଲାଙ୍କ ମନରଞ୍ଜନ ଗଳ୍ପଛଳରେ ତାଙ୍କ ମହାଭାରତର ଅପୂର୍ବ କାହାଣୀ କହିବାକୁ ଯାଇ ଶରତ୍‌ବାବୁ ଏକାବେଳେକେ ସଫଳତାରେ ଅଗ୍ରସର କରିଛନ୍ତି । ଶିଶୁ ଉପଯୋଗୀ ସାହିତ୍ୟ ଲେଖିବାର କ୍ଷମତା ସାଧାରଣରେ ଉପୁଜେନାହିଁ; ଶରତ୍‌ବାବୁ ନୀଳକଣ୍ଠ ବାବୁଙ୍କର ଶିଶୁ ରାମାୟଣ ପଢ଼ିଥିବେ—ନ ପଢ଼ିଥିଲେ ପଢ଼ି ଦେଖିବେ ଯେପରି ଆଦର୍ଶ ପ୍ରତ୍ୟକ୍ଷରେ ରହିଲେ ଶରତ୍‌ବାବୁ ଶିଶୁ ମନ-ରଞ୍ଜନ-ପ୍ରୟାସରେ ନିଜର ବ୍ୟର୍ଥତା ସହଜରେ ସମ୍ଭାଳିପାରିବେ ।

ବିମଳା—( ଉପନ୍ୟାସ )—ଓଡ଼ିଶା ପ୍ରିଣ୍ଟିଂ ଓ୍ୱାର୍କସରେ ଛପା ୭୫ ପୃଷ୍ଠା । ମୂଲ୍ୟ ଛଅଅଣା । ପ୍ରଣେତା—ଶ୍ରୀ ଶରତ୍‌ଚନ୍ଦ୍ର ଘୋଷ ।

ଉତ୍କଳରେ ଆଦର୍ଶ ଉପନ୍ୟାସର ଏକାନ୍ତ ବିରଳତା ସନ୍ଦର୍ଶନରେ ଶରତ୍‌ବାବୁ ଉପନ୍ୟାସ ଲେଖିବାରେ ପ୍ରୟାସୀ ହୋଇଅଛନ୍ତି । ତାଙ୍କର ପ୍ରଚ୍ଛନ୍ନ କାମନା 'ବିମଳା' ଖଣ୍ଡିକ ଆଦର୍ଶ ଉପନ୍ୟାସରେ ପରିଗଣିତ ହେଉ ।

ବଙ୍ଗଳାରେ ଉପନ୍ୟାସ ଲେଖାରେ କେତେଦୂର ଉତ୍କର୍ଷ ସାଧିତ ହୋଇଅଛି ତାହା ଶରତ୍‌ବାବୁଙ୍କର ଅଗୋଚର ନ ଥିବ । ଓଡ଼ିଶାର ପଢ଼ାଶୁଣା ଲୋକେ ସାଧାରଣତଃ ବଙ୍ଗଳା ଉପନ୍ୟାସ ପଢ଼ନ୍ତି, ସେ ସବୁ ତାଙ୍କର ରୁଚି ଏବଂ ଆଦର୍ଶ ଯେ ଯଥେଷ୍ଟ ଉନ୍ନତ ଏ କଥା ଅବିଦିତ ନ ଥିବାର କଥା—ସେଥିମଧ୍ୟରେ ଶରତ୍‌ବାବୁ ବିମଳାପରି ଉପନ୍ୟାସ ଲେଖି ଜନସାଧାରଣରେ ତାହା ଆଦୃତହେବାର ଆଶା କରନ୍ତି—କମ୍ ସାହସ ନୁହେ !

ବିମଳାର ଚରିତ୍ରରେ ବିକାଶର ସ୍ପର୍ଶନାହିଁ । ଦେବେନ୍ଦ୍ରର ଚରିତ୍ର ଅତି ପ୍ରଗଲ୍‌ଭ ଏବଂ ଚଞ୍ଚଳ । ଘଟଣା ସମାବେଶରେ ପଟୁତ୍ୱ ଲକ୍ଷିତ ହୁଏନାହିଁ । ଲେଖାରେ ସରସତା ବା ଜୀବନ ନାହିଁ । ଆଦର୍ଶ-ଚିତ୍ରଣ ଅଟେ ଯେଉଁ ପ୍ରୟାସ କରାଯାଇଅଛି ସେ ପ୍ରୟାସ ବିଶେଷ ଅକ୍ଷମପୂର୍ଣତାର ପରିଚାୟକ ।



Digitized by srujanika@gmail.com

ଶରତ୍ ବାବୁ ଉପନ୍ୟାସ ବା ଶିଶୁସାହିତ୍ୟ ଲେଖିବାର ବାସନା ତ୍ୟାଗକରି ଇଂରାଜୀ ବିଦ୍ୟାଳୟମାନଙ୍କର ପାଠ୍ୟପୁସ୍ତକ ଲେଖିବାରେ ହେଲେ ମନ ଦିଅନ୍ତୁ ।

—'ଲେଖନୀ'—

**ବେତାଳ ପଞ୍ଚବିଂଶତି —( ଇଂରାଜୀ )—ବ୍ରହ୍ମପୁର ଷ୍ଟୁଡେଣ୍ଟ୍ସ ଷ୍ଟୋରରୁ ପ୍ରକାଶିତ ୩୧ ପୃଷ୍ଠା । ମୂଲ୍ୟ ଦଶପଇସା । ପ୍ରଣେତା—ଶ୍ରୀ ରାମଚନ୍ଦ୍ର ଅଗ୍ରୁଆ ।**

ବହିଖଣ୍ଡିକର ଛପା ଇତ୍ୟାଦି ବେଶ୍ ରୁଚିସଙ୍ଗତ ଏବଂ ପରିଷ୍କାର ହୋଇଛନ୍ତି । ଗଳ୍ପଗୁଡ଼ିକ ମଧ୍ୟ ସୁନ୍ଦର ଏବଂ କୌତୂହଳୋଦ୍ଦୀପକ ହୋଇଅଛି । ସ୍ଥାନେ ସ୍ଥାନେ ବାକ୍ୟବିନ୍ୟାସ ଏବଂ ଶବ୍ଦ ସଂଯୋଜନାରେ ପ୍ରମାଦ ଲକ୍ଷିତହୁଏ—ସେଥିଯୋଗେ ବାକ୍ୟ ଭିନ୍ନାର୍ଥବୋଧକ ହୋଇପଡ଼ିଛି । ରାମଚନ୍ଦ୍ର ବାବୁ ପାଠ୍ୟ ବସ୍ତୁ ଯଥାସମ୍ଭବ ସରଳ କରିବାକୁ ପ୍ରୟାସ କରିଅଛନ୍ତି, ସତ୍ୟ କିନ୍ତୁ ପ୍ରାଞ୍ଜଳସମ୍ପନ୍ନ କରିପାରିନାହାନ୍ତି । ବାଳକମାନଙ୍କ ପାଇଁ ଖୁବ୍ ପ୍ରାଞ୍ଜଳ, ସରଳ ଅନଳଂକୃତ ଲେଖା ଉପକାରୀ । ରାମଚନ୍ଦ୍ରବାବୁଙ୍କର ଏ ଦିଗରେ ପ୍ରୟାସ ବୋଧହୁଏ ନୂତନ । ଆଶାକରୁଁ ଅଭ୍ୟାସଗୁଣରେ ରାମଚନ୍ଦ୍ର ବାବୁ ଏ ଦିଗରେ ନୈପୁଣ୍ୟ ଅର୍ଜନ କରିବେ ।

**ରଚନାବୋଧ—ଗଞ୍ଜାମ ପୁସ୍ତକଭଣ୍ଡାରଦ୍ୱାରା ପ୍ରକାଶିତ ୬୫ ପୃଷ୍ଠା—ମୂଲ୍ୟ ଛଅଅଣା । ପ୍ରଣେତା—ଶ୍ରୀ ଗୋଦାବରୀଶ ମିଶ୍ର ।**

ପିଲାମାନଙ୍କର ରଚନାଜ୍ଞାନ ଜନ୍ମାଇବା ଉଦ୍ଦେଶ୍ୟରେ ଏ ପୁସ୍ତକଟି ରଚିତ; କେତେଗୁଡ଼ିଏ ଆବଶ୍ୟକୀୟ ବିଷୟରେ ଯଥାସମ୍ଭବ ସମ୍ପୂର୍ଣ୍ଣ ବିବରଣ ସରଳ ଚିତ୍ତାକର୍ଷକ ଭାଷାରେ ଲିପିବଦ୍ଧ ହୋଇ କ୍ଷୁଦ୍ର ପରିସର ମଧ୍ୟରେ ସୁରକ୍ଷିତ ହୋଇଅଛି । ତରୁଣର ମସ୍ତିଷ୍କକୁ ଅଯଥା ପୀଡ଼ନ କରିବାକୁ ପାଠ୍ୟବସ୍ତୁର ଅନାବଶ୍ୟକୀୟ ବାହୁଲ୍ୟ ଏଥିରେ ଲକ୍ଷିତ ହୁଏନାହିଁ । ବିଷୟମାନଙ୍କର ବୈଚିତ୍ର୍ୟ ଓ ଆବଶ୍ୟକତା-ବୋଧେ ସ୍ଥାନନିର୍ଣ୍ଣୟ ଗୋଦାବରୀଶ ବାବୁଙ୍କର ତରୁଣ-ମନ ବିଷୟରେ ସମ୍ପୂର୍ଣ୍ଣ ଅଭିଜ୍ଞତା ଏବଂ ଶିଶୁଶିକ୍ଷା ନିପୁଣତାର ପରିଚାୟକ । ଏ ଜାତୀୟ ପୁସ୍ତକ ଶିଶୁଶ୍ରେଣୀମାନଙ୍କରେ ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହେବା ଏକାନ୍ତ ବାଞ୍ଛନୀୟ ।

**ସଂଯମ-ସାଧନ—ଉତ୍କଳ ସାହିତ୍ୟ ପ୍ରେସରେ ଛପା ୮୯ ପୃଷ୍ଠା । ମୂଲ୍ୟ ଅଠଅଣା । ପ୍ରଣେତା—ଶ୍ରୀ ରାଧାରମଣ ଚକ୍ରବର୍ତ୍ତୀ ।**

ଆଧୁନିକ ଛାତ୍ରସମାଜରେ ଚରିତ୍ର-ଶୈଥିଲ୍ୟ ନିରାକରଣ ଏବଂ ପାଶ୍ଚାତ୍ୟ ଜାତି ଧର୍ମ ଏବଂ ଈଶ୍ୱରଙ୍କଠାରେ ଅନାସ୍ଥା ନିବାରଣ ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷମାନେ ଇସ୍କୁଲ ମାନଙ୍କରେ ଧର୍ମଶିକ୍ଷା ଦେବାର ବିଧାନ କରିଅଛନ୍ତି । ତାହାର ଫଳରେ ଦେଶରେ ନୂତନ ଧରଣର କେତେଖଣ୍ଡି ଧର୍ମ ଓ ନୀତି ସଂକ୍ରାନ୍ତ ପୁସ୍ତକର ସ୍ୱରୂପ ଦୃଷ୍ଟିଗୋଚର ହେଉଛି । ଯେଉଁମାନେ ଏ ଦିଗରେ ପ୍ରୟାସ କରୁଅଛନ୍ତି ସମସ୍ତେ ଗତାନୁଗତିକ ପନ୍ଥା ଅବଲମ୍ବନକରି ଦୃଷ୍ଟାନ୍ତ ଓ ଉଦାହରଣରେ ପୁସ୍ତକର କଳେବର ପୁଷ୍ଟ କରିବାରେ ଲାଗି ପଡ଼ିଛନ୍ତି । ତରୁଣ ବୟସରୁ ପାଶ୍ଚାତ୍ୟ ଶିକ୍ଷା ଏବଂ ସଭ୍ୟତା ଫଳରେ ପିଲାମାନଙ୍କର ମନ କେଉଁଦିଗରେ ଗତି କରୁଅଛି ସେ ଆଡ଼େ କେହି ବିଶେଷ ଲକ୍ଷ ରଖିଲାପରି ଜଣା ପଡ଼ୁନାହିଁ । ସାଧାରଣ ଦୈନନ୍ଦିନ ଘଟଣାବଳୀରୁ ନୀତିଶିକ୍ଷା ଦେବାର ପ୍ରୟାସ କରିବା ଉତ୍କୃଷ୍ଟ ପନ୍ଥା—କାରଣ ପ୍ରତ୍ୟକ୍ଷ ଘଟନା ତରୁଣ ମନରେ ପ୍ରତ୍ୟକ୍ଷ-ଭାବରେ ଗୃହୀତ ହୁଏ ତେଣୁ ତାହାର ପରିଣାମ ସଦ୍ୟ ଏବଂ ସ୍ଥାୟୀ ହୁଏ । ରାଧାରମଣ ବାବୁଙ୍କର ଏ ଦିଗରେ ଚେଷ୍ଟା ଅଳ୍ପାଧିକ ଆଧୁନିକ ହେଲେ ମଧ୍ୟ ହୃଦୟଗ୍ରାହୀ ହୋଇ ପାରିନାହିଁ, ଆହୁରି ଦୃଷ୍ଟାନ୍ତ ଏବଂ ଗଳ୍ପ ବହୁଳ ହୋଇଥିଲେ ଭଲ ହୋଇଥାଆନ୍ତା ।

ରାଧାରମଣ ବାବୁ ଶିକ୍ଷିତ ବ୍ୟକ୍ତି । ଦେଶ ଦେଶାନ୍ତରର ସାହିତ୍ୟ ଅନେକ ଆଲୋଚନା କରିଥିବେ ତାଙ୍କର ଏ ସବୁ ଦିଗରେ ଧାରଣା ପ୍ରାଞ୍ଜଳ ଏବଂ ମାର୍ଜିତ ହୋଇଥିବ । ଯତ୍ନକଲେ ଏହି ଅନାଦୃତ ବିଷୟକୁ ଆହୁରି ପୁଷ୍ଟ ଏବଂ ହୃଦୟଗ୍ରାହୀ କରିପାରିବେ ବୋଲି ବିଶ୍ୱାସ । 'ସଂଯମ—ସାଧନ' ପୁସ୍ତକଟି ଅନେକାଂଶରେ ଆଧୁନିକ ସରସ ଏବଂ ଉପଯୋଗୀ ହୋଇଅଛି ।

**ଭକ୍ତିକଥା—ଦତ୍ତପ୍ରେସରେ ଛପା ୩୬୩ ପୃଷ୍ଠା । ମୂଲ୍ୟ ଦେଢଟଙ୍କା । ପ୍ରଣେତା ବାବାଜୀ ଶ୍ରୀ ପଦ୍ମଚରଣ ଦାସ ।**

ଗୌଡ଼ୀୟ ବୈଷ୍ଣବଧର୍ମର କେତେକ ସାର ସିଦ୍ଧାନ୍ତମାନ ଚୈତନ୍ୟ ମଙ୍ଗଳ, ଚୈତନ୍ୟ ଚରିତାମୃତ, ଚୈତନ୍ୟ ଭାଗବତରୁ ସଂଗୃହୀତ ହୋଇ ଏ ପୁସ୍ତକରେ ସନ୍ନିବେଶିତ ହୋଇ ପରମ ଭକ୍ତ ହସ୍ତରେ ଭକ୍ତିରସର ଏହି ଅପୂର୍ବ ଗ୍ରନ୍ଥଖଣ୍ଡି ଅତି ପ୍ରାଣସ୍ପର୍ଶୀ ହୋଇଅଛି । ଲେଖା ସରଳ, ପ୍ରାଞ୍ଜଳ, ଏବଂ ସୁସଂବଦ୍ଧ ।

ଶ୍ରୀ ଚୈତନ୍ୟଦେବ ତାଙ୍କର ବହୁମୂଲ୍ୟ ଜୀବନର ପଞ୍ଚମାଂଶ ପୁରୁଷୋତ୍ତମ କ୍ଷେତ୍ରରେ ଅତିବାହିତ କରିଥିଲେ ; ସେଠାରେ ତାଙ୍କର ଅବସ୍ଥାନ କାଳରେ ଓଡ଼ିଶାର ମହାରାଜା ପ୍ରତାପରୁଦ୍ର ଦେବ ଓ ରାୟ ରାମାନନ୍ଦ ପ୍ରଭୃତି ପରମପଣ୍ଡିତ ଭକ୍ତମାନେ ତାଙ୍କ ସହିତ ଘନିଷ୍ଠ-

Digitized by srujanika@gmail.com

ଭାବରେ ମିଶିବାର ସୁଯୋଗ ପାଇଥିଲେ । ସେମାନେ ତାଙ୍କର ଦୀକ୍ଷା ଗ୍ରହଣକରି ତାଙ୍କ ସଙ୍ଗରେ ଶାସ୍ତ୍ରାଲୋଚନାଦି କରିବାଦ୍ୱାରା ଗୌଡ଼ୀୟ ଧର୍ମର କେତେକ ସୂକ୍ଷ୍ମ ମୀମାଂସାମାନ ପ୍ରତିପାଦନ କରିଥିଲେ । ସେହି ଅମୂଲ୍ୟ ତଥ୍ୟ ଉପଦେଶ, ଜିଜ୍ଞାସା ମୀମାଂସା ଓ ଉଦାହରଣରେ ଏ ଗ୍ରନ୍ଥର କଳେବର ସୌଷ୍ଠବାନ୍ୱିତ ।

ପାର୍ବତୀବାବୁ ପ୍ରସଙ୍ଗକ୍ରମେ ଅନେକ ଭକ୍ତ ପଣ୍ଡିତ ଏବଂ ମହାତ୍ମାମାନଙ୍କର କଥା ଅବତାରଣା କରିଅଛନ୍ତି । ହରିନାମ, ଗୌଡ଼ୀୟ ଧର୍ମ, ଭକ୍ତି ଓ ପ୍ରେମରସର ସାଧାରଣ ଦୁର୍ବୋଧ ମାହାତ୍ମ୍ୟମାନ ସରଳ ମଧୁର ଭାବରେ ବୁଝାଇ ଦେଇଅଛନ୍ତି । ଘଟନା ବୈଚିତ୍ର୍ୟଯୋଗେ ଏବଂ ଗଳ୍ପଛଳରେ ଲେଖାହୋଇଥିବାରୁ ବିଷୟର ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱ ସାଧାରଣ-ବୋଧ ଏବଂ କୌତୂହଳପୂର୍ଣ୍ଣ ହୋଇଅଛି । ଏ ଦିଗରେ ବାବାଜୀ ପଦ୍ମଚରଣ ଦାସ ବା ପାର୍ବତୀବାବୁଙ୍କର ଅଧ୍ୟବସାୟ ସର୍ବଜନ ପ୍ରଶଂସ୍ୟ ।

ଚନ୍ଦ୍ରାଦେବୀ—ମୁକୁରପ୍ରେସରେ ଛପା ୭୨ ପୃଷ୍ଠା । ମୂଲ୍ୟ ଛଅଅଣା । ପ୍ରଣେତା—ଶ୍ରୀ ଆଦିକନ୍ଦ ପଣ୍ଡା ।

ଚନ୍ଦ୍ରଦେବୀ—ଧର୍ମପରାୟଣ ରାଜା ଶ୍ରୀବତ୍ସଙ୍କର ପତ୍ନୀ । ଶନି ଓ ଲକ୍ଷ୍ମୀଙ୍କର କଳହ ମେଣ୍ଟାଇବାକୁ ଯାଇ ଶନିଙ୍କ କୋପରେ ଶ୍ରୀବତ୍ସ ବିପନ୍ନ ହୋଇଲେ । ନାନା ବିପଦମଧ୍ୟରେ ପତିପରାୟଣା ରାଣୀ ଚନ୍ଦ୍ରା ତାଙ୍କୁ କି ପ୍ରକାର ସାହାଯ୍ୟ କରିଥିଲେ ଏହାହିଁ ଆଲୋଚ୍ୟ କାବ୍ୟର ପାଠ୍ୟବସ୍ତୁ ।

ବିଷୟର ଗୌରବରେ କାବ୍ୟର ଉତ୍କର୍ଷ କଳନା କରି ବସିଲେ ଏହା ସର୍ବଜନ ସମାଦୃତ ହେବା ଉଚିତ । କାବ୍ୟ ହିସାବରେ ଉତ୍କଳ ସାହିତ୍ୟରେ 'ଚନ୍ଦ୍ରାଦେବୀ' ର ସ୍ଥାନ ନିର୍ଣ୍ଣୟ କରିବାକୁ ଗଲେ ବଡ଼ ଗୋଲ୍ମାଲରେ ପଡ଼ିବାକୁ ହୁଏ ।

କବିର ଦେଖାଶିଖା, ବା ଯତ୍ନ ପ୍ରୟାସରେ ସିଦ୍ଧହେବାର [illegible] ନୁହେଁ । ଅନ୍ୟାନ୍ୟ କଳାବିଦ୍ୟାପରି ଏହା ମଧ୍ୟ ଜନ୍ମସିଦ୍ଧ । ଅ[illegible]ନ୍ଦତାରୁ କାବ୍ୟ ଲେଖିବାରେ ନିପୁଣ ନୁହନ୍ତି—ଅନେକ ସ୍ଥଳରେ ଅତି ସାଧାରଣ ଦୋଷ ପରିଲକ୍ଷିତ ହୁଏ । ଶ୍ରୀବତ୍ସଙ୍କର ଅପୂର୍ବ ଗଳ୍ପଟି ସରଳ ଗଦ୍ୟରେ ଲେଖିଥିଲେ ଅଧିକ ଚିତ୍ତାକର୍ଷକ ହୋଇଥାଆନ୍ତା ବୋଲି ବିଶ୍ୱାସ ।

—'ଲେଖନୀ'—

## ଚିତ୍ର ପରିଚୟ

ଫୁଲର ସ୍ୱପ୍ନ—( ତ୍ରିବର୍ଣ୍ଣ )

ଶିଳ୍ପୀ—ଉପେନ୍ଦ୍ରକିଶୋର ଦାସ ।

କମଳିନୀ ବୃନ୍ତଚ୍ୟୁତା; କିନ୍ତୁ ଅଳୀ-ସମାଗମର ସ୍ୱପ୍ନ ତା'ର ଭଙ୍ଗିନାହିଁ । ପୁଷ୍ପର ବିଳାସ-ବିଭ୍ରମ ଭ୍ରମରର ଚିତ୍ତରେ ସକୌତୁକ ବିଷାଦ ଭାବର ଉଦ୍‌ବୋଧନ କରୁଅଛି ।

ଅସ୍ପଷ୍ଟ ରେଖାରେ କୌତୁକ ଓ ବର୍ଣ୍ଣିମାରେ ବିଷାଦ-ଶିଥିଳ ଭାବ ପରିସ୍ଫୁଟ ।

Digitized by srujanika@gmail.com

ଜଳମୂଲ୍ୟରେ କାଞ୍ଚନ ବିକ୍ରୟ !

( ଅଳ୍ପଦିନ ପାଇଁ )

ଅପୂର୍ବ ସୁଯୋଗ ! ଅପୂର୍ବ ସୁଯୋଗ ! !

ସାରଳା ୰ କୃଷ୍ଣସିଂହଙ୍କ କୃତ

# ମହାଭାରତ

| | | | |
|---|---|---|---|
| ଆଦିପର୍ବ | ଟ ୩ ( | ଦ୍ରୋଣପର୍ବ | ଟ ୨ ( |
| ସଭାପର୍ବ | ଟ ୦ ଧ | କର୍ଣ୍ଣପର୍ବ | ଟ ୦ ଧ |
| [ବନପର୍ବ] | ଟ ୧ ୳ | ଶଲ୍ୟାଦି ପର୍ବଚତୁଷ୍ଟୟ | ଟ ୧ ( |
| ବିରାଟପର୍ବ | ଟ ୦ ୳ | ଶାନ୍ତିପର୍ବ | ଟ ୨ ( |
| [ଉଦ୍ଯୋଗ] ପର୍ବ | ଟ ୧ । | ଅନୁଶାସନ ପର୍ବ | ଟ ୧ ( |
| [ଭୀଷ୍ମପର୍ବ] | ଟ ୧ ( | ଅଶ୍ୱମେଧ ଆଦିପଞ୍ଚପର୍ବ | ଟ ଧ |

ସମୁଦାୟ ଟ ୧୭୳

ବହୁଳ ପ୍ରଚାର ପାଇଁ ଆମ୍ଭେମାନେ ଏହି ମହାଗ୍ରନ୍ଥକୁ ଫେବୃୟାରୀ ତା ୨୨ ରିଖ ପର୍ଯ୍ୟନ୍ତ ଟ ୧୭୳ ସ୍ଥଳେ ଟ ୧୦୳ ରେ ଦେଉଥିଲୁ । ଏଣିକି ଆଉ ସେପରି ନ ଦେଇ ଗ୍ରାହକମାନଙ୍କୁ ଆଉ ଏକ ବିଶେଷ ସୁବିଧା ଓ ସୁଯୋଗ ଦେଉଅଛୁଁ । ଯେଉଁମାନେ ଏହି ମହାଭାରତରୁ ୧ ସେଟ୍ ମଗାଇବେ, ସେମାନେ ତାହାସହିତ ନିମ୍ନରେ ଦିଆଯାଉଥିବା ପୁରସ୍କାରମାନଙ୍କ ମଧ୍ୟରୁ ଯେ କୌଣସି ପୁରସ୍କାର ଇଚ୍ଛାକରିବେ ତାହା ପାଇପାରିବେ ।

୧ମ ପୁରସ୍କାର(୧) ପଣ୍ଡିତ ୰ କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ—ସଚିତ୍ର ସପ୍ତକାଣ୍ଡ ରାମାୟଣ ଟ ୨ଧ, ଏଥିରେ ସାତଖଣ୍ଡି ବିରଙ୍ଗ ଓ ଏକରଙ୍ଗ ଚିତ୍ର ଅଛି । ଭାଷା ଅତି ପ୍ରାଞ୍ଜଳ ଓ ମଧୁର । (୨) ଅମରକୋଷ (ସଟୀକ) ଟ ୧( (୩) ଦ୍ୱାତ୍ରିଂଶ ସିଂହାସନ ଟ ୦ ୳

୨ୟ ପୁରସ୍କାର(୧) ଉତ୍କଳ ପ୍ରକୃତି ଟ ୧( (୨) ଦାକ୍ଷିଣାତ୍ୟ ଭ୍ରମଣ ଟ ୧। (୩) ମହାତ୍ମା-ଗାନ୍ଧୀଙ୍କ ଜୀବନୀ ଟ ୦ ୳୮ (୪) ରୂପାରୁଢ଼ୀ (ଉପନ୍ୟାସ) ଟ ୧(

୩ୟ ପୁରସ୍କାର(୧)ସେ ୧ ଟ ଭାଗବତ ଟ୬( (୨) ଖାଣ୍ଟି ଓଡ଼ିଆ ପକେଟ ଅଭିଧାନ ଟ ୧।

୪ର୍ଥ ପୁରସ୍କାରସେ ୧ ଟ ନୃସିଂହପୁରାଣ ଟ ୨(

କେଉଁ ଗ୍ରାହକଙ୍କର କେଉଁ ପୁରସ୍କାର ଲୋଡ଼ା, ସ୍ପଷ୍ଟ ଲେଖିବେ । ଯେଉଁମାନେ ପୁରସ୍କାର ସହ ପୁସ୍ତକ ନେବେ ସେମାନେ ଅଗ୍ରୀମ ଟ ୩( ପଠାଇବେ । ଅଥବା ଯେଉଁମାନେ କେବଳ ମହାଭାରତ ମଗାଇବେ, ପୁରସ୍କାର ନେବାକୁ ଇଚ୍ଛୁକ ହେବେନାହିଁ ସେମାନେ ପ୍ରତି ଟଙ୍କାରେ ଟ ୦ ୯ ଲେଖାଏ କମିଶନ ପାଇବେ । ଇତି ।

ପ୍ରାପ୍ତିସ୍ଥାନ

ପଣ୍ଡିତ ଶ୍ରୀ ଅକୁଳ ମିଶ୍ର କାବ୍ୟତୀର୍ଥ, ମେନେଜର କଟକ ଟ୍ରେଡିଂକୋମ୍ପାନୀ,

ବାଲୁବଜାର ପୋଃ ଅଃ ଚୁଡ଼ଙ୍ଗଚୌକ କଟକ ।

ଅଳ୍ପ ବୟସରେ ନାରୀର ମସ୍ତକର କେଶ ଉଠିଗଲେ
ତାହା କେଡେ ଅସୁନ୍ଦର କଥା, ତାହା
ସେହିମାନେ ଜାଣନ୍ତି

କିନ୍ତୁ



# କ୍ୟାନ୍ଥାରାଇଡିନ୍ ହେଆର ଅୟେଲ

ଲଗାଇଲେ କେଶମୂଳ ସବଳ ହୁଏ, କେଶ ପୁଷ୍ଟ, କୃଷ୍ଣ, ଘନ ଓ ସତେଜ ହୁଏ; ତାହାଛଡା ମୁଣ୍ଡବ୍ୟଥା, ଅଧାକପାଳି, ଅକାଳପକ୍ୱତା ପ୍ରଭୃତି ଯାବତୀୟ କେଶ ଓ ଶିରରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । କେଶବର୍ଦ୍ଧନାର୍ଥ ଉପଯୋଗୀ ଏପରି ସୁଗନ୍ଧ ତୈଳ ଆଉ ନାହିଁ ।

ମୂଲ୍ୟ ଗ୍ରୁଟଆଉନ୍ସ ଶିଶି ଟ ୧ ୲

କେଶପାଇଁ ଯାହାଙ୍କର ଔଷଧ ବ୍ୟବହାରର ପ୍ରୟୋଜନ ନାହିଁ ସେମାନେ

# ସୁରଭିତ ନାରିକେଳ ତୈଳ

ବ୍ୟବହାର କରନ୍ତୁ

ରାଶିତେଲ ଶୀଘ୍ର ବିକୃତହୋଇ ଦୁର୍ଗନ୍ଧ ଜାତ କରଥାଏ । ଜଡାତେଲ ସ୍ୱଭାବତଃ ଘନ—ଏଣୁ ମୁଣ୍ଡରେ ଧୂଳିକାମି ମଣ୍ଡ ଅପରିଷ୍କାର କରେ କିନ୍ତୁ ନଡିଆତେଲ ସର୍ବାପେକ୍ଷା

ଲଘୁ ! ସ୍ନିଗ୍ଧ ! ! ଅବିକାରୀ ! ! !

ଧର୍ମ୍ମୀକ ପରିଶୁଦ୍ଧ ନାରିକେଳ ତୈଳରୁ ଏହି ତେଲ ପ୍ରସ୍ତୁତହୋଇଛି ।

ରୋଜ୍, ଲ୍ୟାଭେଣ୍ଡର, ବେ, କଲୋନ, ପ୍ରତ୍ୟେକ ଶିଶି ଟ ୧ ୲

ବେଙ୍ଗଲ କେମିକ୍ୟାଲ ଏଣ୍ଡ ଫର୍ମାସିଉଟିକ୍ୟାଲ ଓ୍ୟାର୍କସ୍ ଲିମିଟେଡ୍
୧୫ କଲେଜ ସ୍କୋୟାର—କଲିକତା ।


Digitized by srujanika@gmail.com

## —ବିଧାନ—

—ବାରୁଣୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଛପା, ତେଣୁ ବର୍ଷକୁ ଗ୍ରାହକ ନୋହିଲେ ଖୁଚୁରା ସଂଖ୍ୟା ଦିଆ ଯାଏ ... ପାଇଁ ବାରୁଣୀ ପ୍ରତିଋତୁରେ ଖଣ୍ଡେ ଲେଖାଏ ବାହାରିବ। ପ୍ରତି ସଂଖ୍ୟା ସେହି ଋତୁ ଆରମ୍ଭର ପ୍ରଥମ ସଂକ୍ରାନ୍ତିରେ ବାହାରିବା କଥା।

ଗ୍ରାହକ-ସ୍ଥାନୀୟ ଗ୍ରାହକମାନଙ୍କପାଇଁ ବାର୍ଷିକ ମୂଲ୍ୟ ତିନିଟଙ୍କା, ଅନ୍ୟଥା ତିନିଟଙ୍କା ବାରଣା ଓ ଭିଃ ପିଃ ଦେଇ ନେଲେ ସୁବିଟଙ୍କା।

ବାରୁଣୀର ବାର୍ଷିକ ମୂଲ୍ୟ ସର୍ବଥା ନିର୍ଦ୍ଦିଷ୍ଟ ଓ ଅଗ୍ରୀମ। ଛାତ୍ର ବା ପାଠାଗାର ନିମନ୍ତେ ଅଳ୍ପ ମୂଲ୍ୟ ନାହିଁ।

ମଫସଲର ଗ୍ରାହକମାନେ କୌଣସି ସଂଖ୍ୟା ନ ପାଇଲେ ଆଗେ ସ୍ଥାନୀୟ ଡାକଘରେ ସନ୍ଧାନ କରି, ଡାକଘରର ଉତ୍ତର ସହିତ ଆମ୍ଭମାନଙ୍କ ପାଖକୁ ଲେଖିବେ।

ଡାକଘର ଗୋଲମାଲରୁ ଯେଉଁମାନଙ୍କର ବାରୁଣୀ ପାଇବାରେ ବରାବର ଗୋଳମାଲ ଘଟେ ସେମାନଙ୍କର ରେଜେଷ୍ଟ୍ରୀ ଡାକରେ ନେବା ଉଚିତ।

ପତ୍ରିକା ପଠାଯିବାର ଦିନ ୨୦ ଦିନ ମଧ୍ୟରେ ଅପ୍ରାପ୍ତ ସଂଖ୍ୟାପାଇଁ ଅବେଦନ ନ ଆସିଲେ ତତ୍ପରେ ତାହା ଗ୍ରାହ୍ୟ ନୁହେ।

ସମ୍ବାଦ ଓ ଟଙ୍କା ପଇସା ପଠାଇଲାବେଳେ "କର୍ମ-ସଚିବ---ବାରୁଣୀମନ୍ଦିର, ବଙ୍କାବଜାର—କଟକ" ଏହି ଠିକଣାରେ ପଠାଇବେ ଓ ସର୍ବଦା ଗ୍ରାହକ ନମ୍ବର ଦେବାକୁ ଯତ୍ନ କରିବେ, ଅନ୍ୟଥା ପତ୍ରୋତ୍ତର କିମ୍ବା ପ୍ରାପ୍ତି ସ୍ୱୀକାର ପାଇବାରେ ବିଳମ୍ବ ଘଟିପାରେ। ଏକମାସ ପାଇଁ ଠିକଣା ପରିବର୍ତ୍ତନ କରିବା ପ୍ରୟୋଜନ ହେଲେ ସ୍ଥାନୀୟ ଡାକଘରେ କରିବେ। ତଦୂର୍ଦ୍ଧ ସମୟ ପାଇଁ ଆମ୍ଭମାନଙ୍କୁ ଜଣାଇବା ବିଧେୟ।

### ବିଜ୍ଞାପନ—

| | |
|---|---|
| ସାଧାରଣ ଏକ ପୃଷ୍ଠା | ଅଠଟଙ୍କା |
| ଅର୍ଦ୍ଧ " | ପାଞ୍ଚଟଙ୍କା |
| " ଚତୁଠ " | ତିନିଟଙ୍କା |
| ଟାଇଟଲ ସମ୍ମୁଖ ଓ ପାଠ୍ୟ ଶେଷର ସମ୍ମୁଖ ଏକପୃଷ୍ଠା | ଦଶଟଙ୍କା |
| " ଅର୍ଦ୍ଧ " | ଛଅଟଙ୍କା |
| ମଲାଟର ଚତୁର୍ଥପୃଷ୍ଠା ଏକପୃଷ୍ଠା | କୋଡ଼ିଏଟଙ୍କା |
| " " ଅର୍ଦ୍ଧପୃଷ୍ଠା | ବାରଟଙ୍କା |
| ମଲାଟର ୨ୟ ଓ ୩ୟ ପୃଷ୍ଠା ଏକପୃଷ୍ଠା | ବାରଟଙ୍କା |
| " " ଅର୍ଦ୍ଧପୃଷ୍ଠା | ଅଠଟଙ୍କା |

ତିନିଥରପାଇଁ ପ୍ରତ୍ୟେକର ଦୁଇଗୁଣ ଓ ସାରାବର୍ଷପାଇଁ ପ୍ରତ୍ୟେକର ଚାରିଗୁଣ ଦେବାକୁ ପଡ଼େ।

ଅନ୍ୟାନ୍ୟ ବିଶେଷ ପୃଷ୍ଠା ପତ୍ରେ ଜ୍ଞାତବ୍ୟ।

ସାଧାରଣ ପୃଷ୍ଠାରେ ବିଜ୍ଞାପନଦାତାମାନେ କୌଣସି ନିର୍ଦ୍ଦିଷ୍ଟ ପୃଷ୍ଠାରେ ବିଜ୍ଞାପନ ଛପାଇବାକୁ ଦାବି କଲେ ତାହା ଗ୍ରାହ୍ୟ ହେବ ନାହିଁ।

ବିଜ୍ଞାପନ ବନ୍ଦ କରିବାକୁ ଇଚ୍ଛାକଲେ ସେ ସଂଖ୍ୟା ପ୍ରକାଶିତ ହେବାର ଅନ୍ତତଃ ପନ୍ଦରଦିବସ ଆଗରୁ ଜଣାଇବା ପ୍ରୟୋଜନ। ନୂତନ ବିଜ୍ଞାପନ ବା ବିଜ୍ଞାପନ ପରିବର୍ତ୍ତନ ପକ୍ଷେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ।

ଅଶ୍ଳୀଳ ବିଜ୍ଞାପନ ଛପାଯାଏ ନାହିଁ।

ସ୍ଥଳପାଇକା ଅକ୍ଷରରେ ବିଜ୍ଞାପନ ଛପାଯାଏନାହିଁ।

ବିଜ୍ଞାପନ-ଦାତାମାନଙ୍କର ବିଜ୍ଞାପନସ୍ଥ ବ୍ଲକ୍‌ମାନ ଅତି ସାବଧାନରେ ଛପାଯାଏ। ତଥାପି କୌଣସି କାରଣରୁ ତାହା ଭାଙ୍ଗିଗଲେ କିମ୍ବା ବିଜ୍ଞାପନ ଶେଷ ହେବା ସଙ୍ଗେ ସଙ୍ଗେ ତାହା ଫେରସ୍ତ ନ ନେଲେ ଆମ୍ଭେମାନେ ଦାୟୀ ନୋହୁଁ।

ବିଜ୍ଞାପନ ମୂଲ୍ୟ ସର୍ବଦା ଅଗ୍ରୀମ ଦେୟ।

ବିଜ୍ଞାପନରେ ଆମ୍ଭର 'ମୂଲଚୂଲ' ନାହିଁ। ଏହାହିଁ ନିର୍ଦ୍ଦିଷ୍ଟ ନିୟମ।

ଉତ୍ତର ନିମିତ୍ତ ଡାକ ଟିକଟ ନ ପଠାଇଲେ ଉତ୍ତର ପଠାଇବାକୁ ବାଧ୍ୟ ନୋହୁଁ।

କର୍ମ-ସଚିବ
ବାରୁଣୀମନ୍ଦିର, ବାଙ୍କାବଜାର—କଟକ।

Digitized by srujanika@gmail.com

## ସଂପାଦକୀୟ—

ଲେଖକମାନେ ପ୍ରବନ୍ଧାଦି ଓ ତତ୍ସମ୍ପର୍କିତ ପତ୍ରାଦି 'ସମ୍ପାଦକ ବାରୁଣୀ'ଙ୍କ ନାମରେ ପଠାଇବେ ଓ ସର୍ବଦା ପ୍ରେରିତ ପ୍ରବନ୍ଧର ନକଲ ରଖିବେ—କାରଣ, ଅମନୋନୀତ ପ୍ରବନ୍ଧ ପ୍ରାୟ ଫେରାଇଦେବା ସମ୍ଭବ ହୁଏନା ।

ସମଗ୍ର ପାଣ୍ଡୁଲିପି ହସ୍ତଗତ ନ ହେଲେ କ୍ରମଶଃ ପ୍ରକାଶ୍ୟ ପ୍ରବନ୍ଧ ପତ୍ରିକାରେ ସ୍ଥାନ ଦିଆଯାଏନାହିଁ ।

ଲେଖକମାନଙ୍କର ପ୍ରବନ୍ଧ କାହିଁକି ପ୍ରକାଶିତ ନ ହେଲା, ସମ୍ପାଦକ ସେ କୈଫିୟତ ଦେବାକୁ ଅକ୍ଷମ ।

ସଚିତ୍ର ପ୍ରବନ୍ଧାଦି ପ୍ରୟୋଜନୀୟ ଚିତ୍ରାଦି ସହ ପତ୍ରିକା ପ୍ରକାଶର ଅନ୍ତତଃ ଦେଢ଼ମାସ ପୂର୍ବରୁ ହସ୍ତଗତ ହେବାଉଚିତ ।

ବିବର୍ଣ୍ଣ ଚିତ୍ର ଏକବର୍ଣ୍ଣ ଚିତ୍ର ଓ ରେଖା-ଚିତ୍ରାଦି ବିଷୟରେ ମଧ୍ୟ ଏହି ବ୍ୟବସ୍ଥା ।

ସଂପାଦକ—ବାରୁଣୀ ମନ୍ଦିର
ବାଙ୍କାବଜାର - କଟକ ।


# FASHION-HOUSE.

BANKA BAAR CUTTACK.
NO MORE TO CALCUTTA, NO MORE TO EUROPEAN FIRMS
☞ *to beg Fashion.*

We have succeeded in the Art to Challenge the foreign market
*Orders are pouring forth every day.*

Young-men of education are invited to take their training in the art from our *L. Mohanty*-who after passing the art in the College of Calcutta Tailoring took his training in the renowned firms there for years to-gether.

*Trial Orders will Support Own Statement.*


# TO ADVERTIS[E]

## OF

# BARUNEE.

We have engaged agents all through Orissa and Calcutta Town to gather advertisements for Barunee. These who intend advertising in Barunee may consult with them or directly with our office

We strictly discourage the habit of paying for Advertisements to our agents. Every payment regarding advertisements must be made directly to the officer.

**No payment will be recogni[sed] unless it is made to the office [a] receipt obtained for it.**

This rule cancells all previous ones.

Digitized by srujanika@gmail.com

## ବିଦର୍ଭ ଦମୟନ୍ତୀ ହଂସକୁ ଦୂତ କରି ପଠାଇଥିଲେ

ଏକଥା ତ ପୁରାଣରେ ଶୁଣାଯାଏ

କିନ୍ତୁ

କେତେଜଣ ଲୋକ ତାହା ପ୍ରକୃତରେ ବିଶ୍ୱାସ କରନ୍ତି ?

—ସେହିପରି—

ଏକସ୍ଥାନରେ ବସି ଓଡ଼ିଆ, ଇଂରାଜୀ, ବଙ୍ଗଳା ଆଦି ସମସ୍ତ ଭାଷାର ସବୁକାଳ ପୁରୁଣା, ନୂଆ ବହି ଯେ ଏକାଠି ମିଳିପାରେ—



—ଥରେ ଜକେ ଆସି—

# ପ୍ରାଚୀ ଭଣ୍ଡାର—

ପୋଃ ଅଃ ବାଲୁବଜାର ଗୁଡ଼ଖାଇଚୌକ କଟକରେ ପହଞ୍ଚି

# ଆଖିରେ ନ ଦେଖିଲେ

ଆପଣ ବିଶ୍ୱାସ କରିବେ ନାହିଁ ।

ଖାଲି ବହି ନୁହେଁ, ଲେଖାପଢ଼ାର ସମସ୍ତ ସରଞ୍ଜାମ ଓ ଷ୍ଟେସନାରୀ ଦ୍ରବ୍ୟ ମାନ ମଧ୍ୟ ପାଞ୍ଚ ପଚିଶ ରକମର ଏଠୁଁ ଦେଖିପାରିବେ ଓ କିଣିପାରିବେ ।

ମଫସଲର ଅର୍ଡ଼ରମାନ ସୁବିଧରେ ପଠାଇଥାଉଁ ।


Digitized by srujanika@gmail.com

# ସାମାନ୍ୟ ବ୍ଲକ୍‌ଟି ଲାଗି

ଆଉ କଲିକତା ଲେଖି ହଇରାଣ ଓ ଖରଚଗ୍ରସ୍ତ ହେବାକୁ ପଡ଼ିବ ନାହିଁ ।

ଲାଇନ, ହାଫ୍‌ଟୋନ ଓ ଇଲେକ୍‌ଟ୍ରୋର ସମସ୍ତ ପ୍ରକାର ବ୍ଲକ୍ ଆମ୍ଭେମାନେ

# କଲିକତାଠାରୁ ସୁଲଭରେ ହାତପାଖରେ

# ତିଆର କରି ଦେବୁଁ

—ଏଣିକି—

ଛୋଟ ବଡ଼ ଓ ଜରୁରି କାମ ଲାଗି ସୁଦ୍ଧା ଆଠଦିନରୁ ବେଶି ସମୟ
ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

ଯଦି ଥରେ

# ବାରୁଣୀ କଳା-ଭବନ

ବାଙ୍କାବଜାର କଟକ

ରେ

ଆପଣ ବ୍ଲକ୍‌ପାଇଁ ଅର୍ଡର ଦିଅନ୍ତୁ ।

ମୂଲ୍ୟ ତାଲିକା ।

| | | | |
|---|---|---|---|
| ଲାଇନବ୍ଲକ | | ବର୍ଗ ଇଞ୍ଚ | ଟ ।/ |
| ଏଚିନ | ଜିଙ୍କପ୍ଲେଟ | | ଟ ୦ । |
| ହାଫ୍‌ଟୋନ | ଦସ୍ତା ଉପରେ | " | ଟ ୦ ।୵ |
| ଏଚିନ | ତମ୍ବା ଉପରେ | | ।୵ |
| ତିନରଙ୍ଗା | ହାଫ୍‌ଟୋନ | | ଟ ୬ |
| ଏନ୍‌ଗ୍ରେଭିଙ୍ଗ | ଟିଣ ଉପରେ | " | ଟ ୦ ।୵ |

ବିସ୍ତାରିତ ମୂଲ୍ୟ ତାଲିକା ପାଇଁ ଆଜି ପତ୍ର ଲେଖନ୍ତୁ ।

Digitized by srujanika@gmail.com